ଅକ୍ଟୋବର ୨୦୨୦



ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ସନାତନ ଧର୍ମ ହେଉଛି ପୃଥିବୀର ସବୁଠାରୁ ପୁରାତନ ଧର୍ମ । ଏହା ହଜାର ହଜାର ବର୍ଷତଳୁ ଚାଲିଆସୁଛି । ସନାତନ ଧର୍ମରେ ମନ୍ତ୍ର ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ପୁରୁଣା କାଳରୁ ଅନେକ ମନ୍ତ୍ର ସନାତନ ଧର୍ମରେ ରହିଆସିଛି । କିନ୍ତୁ ଏହା ପଛରେ କାରଣ କଣ? ମନ୍ତ୍ରକୁ କାହିଁକି ପ୍ରାଧାନ୍ୟ ଦିଆଯାଏ? ମନ୍ତ୍ରକୁ କିଏ ବାହାର କରିଥିଲେ? ଏକ ମନ୍ତ୍ରକୁ ଠିକ୍ ଉଚ୍ଚାରଣରେ କାହିଁକି ଉଚ୍ଚାରଣ କରିବାକୁ ପଡେ? ବୈଜ୍ଞାନିକମାନଙ୍କ ମତରେ ମନ୍ତ୍ର ହେଉଛି ଏକ ଧ୍ୱନି ଯାହାର ପ୍ରଭାବରେ ମନକୁ ଶାନ୍ତି ମିଳେ । ସନାତନ ଧର୍ମରେ ମନ୍ତ୍ର ଜପ କରିବା ହଜାର ହଜାର ବର୍ଷ ତଳରୁ ଚାଲିଆସୁଛି । ଋକ୍ ବେଦର ଥିବା ଗାୟତ୍ରୀ ମନ୍ତ୍ର ପଢିବା ଦ୍ୱାରା ଏପରି ତରଙ୍ଗ ବାହାରିଥାଏ ଯାହାକି ମନୁଷ୍ୟ ନୁହେଁ, ଗଛଲତା ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ଲାଭ ଦେଇଥାଏ । ଋକ୍ ବେଦରେ ଥିବା ମହା ମୃତ୍ୟୁଞ୍ଜୟ ମନ୍ତ୍ର ଅଛି ଯାହାକୁ ମୃତ୍ୟୁକୁ ଜିତିବାର ମନ୍ତ୍ର ବୋଲି ମଧ୍ୟ କୁହାଯାଏ । ଏପରି ଅନେକ ମନ୍ତ୍ର ବେଦରେ ଅଛି ଯାହାକୁ ଜପ କଲେ ମନୁଷ୍ୟର psychological and physiological ଏବଂ ଶକ୍ତି ବଢିଥାଏ । କିନ୍ତୁ ଏହା କପରି ପ୍ରଭାବ ପକାଇପାରେ । ଏହା ହେଉଛି ମନ୍ତ୍ରରେ ଥିବା ଧ୍ୱନୀ ଯାହା ଏହି ମନ୍ତ୍ରର ଉଚ୍ଚାରଣରୁ ଉତ୍ପନ୍ନ ହୁଏ । ବୈଜ୍ଞାନିକମାନେ କୁହନ୍ତି ମନ୍ତ୍ରରେ ଥିବା ଧ୍ୱନୀରେ ଅନେକ ଶକ୍ତି ଥାଏ । କିଛି ଶବ୍ଦ ଶୁଦ୍ଧ (pure) ଏବଂ କିଛି ଅଶୁଦ୍ଧ (impure) ହୋଇପାରେ । ଆଉ ଏହା ନିର୍ଭର କରିଥାଏ ତାହାର କଂପନ ଉପରେ । ଆଲବ୍ରଟ୍ ଆଇନଷ୍ଟାଇନ୍ ମଧ୍ୟ କହିଥିଲେ – “Everything in life is Vibration” । ଆଜିର ବିଜ୍ଞାନ ମଧ୍ୟ ଶବ୍ଦ ଏବଂ ଆଲୋକକୁ Vibration ବୋଲି ହିଁ ମାନିଥାଏ । ଯେପରିକି ଶବ୍ଦକୁ ଆଲୋକରେ ବଦଳେଇବାକୁ ହେଲେ frequency କୁ ବଢାଇବାକୁ ପଡିଥାଏ । ମହାନ ମୁନିଋଷିମାନେ ଶବ୍ଦକୁ ଆଲୋକରେ ପରିବର୍ତ୍ତିତ କରିବା କାର୍ଯ୍ୟ ନିଜ ଶରୀର ଦ୍ୱାରା ହିଁ କରିଥାନ୍ତି ଏବଂ ତାହା ମନ୍ତ୍ରର ମାଧ୍ୟମ ଦ୍ୱାରା ହିଁ ହୋଇଥାଏ । ମନ୍ତ୍ରକୁ ଆମେ କେବଳ ଧାର୍ମିକ

ଭାବନାରେ ନଦେଖି ବୈଜ୍ଞାନିକ ଭାବନାରେ ଦେଖିବାକୁ ପଡିବ । ମନ୍ତ୍ର ଦ୍ୱାରା ଆମେ ଆମ ଚର୍ତୁପାର୍ଶ୍ୱ ଏବଂ ଆମ ଭିତରର ବାତାବରଣକୁ ବଦଳାଇବାକୁ ସକ୍ଷମ ହୋଇ ପାରିଥାଉ ଯାହାଦ୍ୱାରା ମନୁଷ୍ୟର ମସ୍ତିଷ୍କ ସକ୍ରିୟ ହୋଇଥାଏ । ଲଗାତାର ମନ୍ତ୍ରର ଉଚ୍ଚାରଣ କରିବା ଦ୍ୱାରା ନା କେବଳ ମନୁଷ୍ୟର ଫୋକସ୍ ଭଲ ହୋଇଥାଏ, ଏହାଦ୍ୱାରା ମନୁଷ୍ୟର ମେମୋରୀ ଏବଂ ଧ୍ୟାନ ମଧ୍ୟ ଭଲ ହୋଇଥାଏ । କାରଣ ମନ୍ତ୍ର ମନୁଷ୍ୟର ମସ୍ତିଷ୍କର ସେଲ୍ କୁ ସକ୍ରିୟ କରିଥାଏ । ମନ୍ତ୍ରକୁ ଠିକ୍ ଭାବରେ ଉଚ୍ଚାରଣ କଲେ ମସ୍ତିଷ୍କକୁ ଭଲ ଅମ୍ଳଜାନ ପହଞ୍ଚିଥାଏ ଏବଂ ଉଚ୍ଚ ରକ୍ତଗ୍ରୁପ ମଧ୍ୟ ଭଲ ହୋଇଥାଏ । କିଛି ସୁଦ୍ଧ ମନ୍ତ୍ର ଦ୍ୱାରା ମସ୍ତିଷ୍କର ବାମ ଏବଂ ଡାହାଣ ପାର୍ଶ୍ୱ ଗୋଲାର୍ଦ୍ଧ ଶକ୍ତିଶାଳି ହୋଇଥାଏ । "ଓଁ" କୁ ସୃଜନର ମୂଳ ଧ୍ୱନୀ ବୋଲି କୁହାଯାଏ । ଏହା ମଧ୍ୟ କୁହାଯାଏ ଯେ ହଜାର ହଜାର ବର୍ଷ ତଳେ ଯେତେବେଳେ ମୁନି ଋଷି ମାନେ ଅନେକ ଦିନ ଧରି ଧ୍ୟାନରେ ବସୁଥିଲେ, ସେତେବେଳେ ସେମାନଙ୍କୁ ଏହି "ଓଁ" ଧ୍ୱ ଶୁଣାଯାଇଥିଲା । ଏହାପରେ ଓଁ ସନାତନ ଧର୍ମର ପ୍ରତୀକ ବନିଯାଇଥିଲା । କାରଣ ସନାତନ ଧର୍ମରେ ମନୁଷ୍ୟ ଧ୍ୟାନ ଦ୍ୱାରା ନିଜର ଉତ୍ପତି ଏବଂ ଅନ୍ତ ର ଖୋଜ କରୁଥିଲେ । ବୈଜ୍ଞାନିକ ମାନେ ମାନନ୍ତି ଯେ humming ଦ୍ୱାରା ମନୁଷ୍ୟ ଶରୀରରେ Nitric Oxide ବଢିଥାଏ । ଏହା ମନୁଷ୍ୟର ଇମ୍ୟୁନିଟି ବଢାଇଥାଏ । ମନ୍ତ୍ର ଏବଂ ଏହାର ଉପକାରିତା ସନାତନ ଧର୍ମରେ ପ୍ରାୟତଃ ୧୫୦୦୦ ବର୍ଷ ତଳୁ ଚାଲିଆସିଛି । ଏହା କହିବା ଅତ୍ୟୁକ୍ତି ହେବନାହିଁ ଯେ ପୁରାତନ ଯୁଗରେ ସନାତନ ଧର୍ମ ମାନୁଥିବା ମୁନି ଋଷିମାନେ ସେ ଯୁଗର ବୈଜ୍ଞାନିକ ଥିଲେ ଯେଉଁମାନେ ମନୁଷ୍ୟ ଶରୀରକୁ ଭଲ ବନାଇବାର ମାଧ୍ୟମ ଖୋଜୁଥିଲେ । ଆଉ ମନ୍ତ୍ର ଏହି ବୈଜ୍ଞାନିକମାନଙ୍କର ଏକ ଶକ୍ତିଶାଳୀ ମାଧ୍ୟମ ଥିଲା ।

ଯଦି ଆଜିର ଯୁଗରେ ମଧ୍ୟ ପିଲାଙ୍କୁ ପିଲାଦିନରୁ ମନ୍ତ୍ରର ଉପକାରିତା ଆଉ ମନ୍ତ୍ର ଶିଖାଯାଏ, ତାହା ସେମାନଙ୍କର ମସ୍ତିଷ୍କକୁ ବିକଶିତ କରିବାରେ ଅନେକ ସାହାଯ୍ୟ କରିବ ଏଥିରେ ସନ୍ଦେହ ନାହିଁ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ସ୍ମରଣ | ଡକ୍ଟର ବିଜ୍ଞାନୀ ଦାସ | ୧୨ |
| ମୁଁ କିଏ | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ଧନ୍ୟ ଭଗବାନ | ଡ. ପ୍ରସନ୍ନ କୁମାର ବଳ | ୨୪ |
| ମନ ମୋହିନୀ ନାୟିକା କବିତା | ଆଶୁତୋଷ ମେହେର | ୨୫ |
| କୃଷକ ଓ ଗଣତନ୍ତ୍ର | ମନଜିତ୍ ମୋହନ୍ ଗୁନ୍ଦ(ମୟଙ୍କ) | ୨୬ |
| ଗୁଲିବାକୁ ପଡିବ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୭ |
| ତେଲ ମାଲିସ୍ | ଶାନ୍ତିଲତା ମିଶ୍ର | ୨୮ |
| ମୁଁ ଓ ମୋ ନାୟୀକା | ଅର୍ଜୁନ ମେହେର (ଆଶ୍ରିତ) | ୩୨ |
| କରୋନା ଉବାଚ | ଶଶଧର ମହାପାତ୍ର | ୩୪ |
| ବିଶ୍ୱକର୍ମା | ଦୂର୍ବାଦଳ କରୁଲି | ୩୬ |
| ମହାଯାତ୍ରା | ବିନୟ ମହାପାତ୍ର | ୩୮ |
| ଅପେକ୍ଷାର ମଞ୍ଜି | ସାବିତ୍ରୀ ମହାପାତ୍ର | ୪୬ |
| ଅଭୁଲା ତୁମର | ରାଜକଶୋର ସାଇଁ | ୪୮ |
| ବର୍ଷା | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୫୦ |
| ପଥର ଟିଏ ପରି | ଦୁଷ୍ମନ୍ତ ବେହେରା | ୫୩ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୫୫ |
| ତୋ ପରଶର ଥରୁଟିଏ ଅନୁଭବ ପାଇଁ | ଡ. ନୀଳମାଧବ କର | ୬୩ |
| ଅୟସ୍କାନ୍ତ ! ପଗ୍ରରନା ମୋତେ | ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୬୪ |
| ଚନ୍ଦ୍ରାଣୀ ଚଲିକା | ମୀନାକ୍ଷି ପାଢ଼ୀ | ୬୫ |
| ସବୁଠୁଁ ଅଧମ ସେହି | ହରେରାମ ପଣ୍ଡା | ୬୭ |
| ଅନୁଭବ ର ଆକର୍ଷଣ | ଅମ୍ବିକା ସ୍ୱାଇଁ | ୬୮ |
| ମୋ ପିଲା ଦିନ | ନନ୍ଦିନୀ ରାଉତ | ୭୨ |
| ଶରତ ତୁମ ଆଗମନେ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୭୩ |
| ଶୂନ୍ୟ ଶାମୁକା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୭୪ |
| ଡିମିରି ଫୁଲର ଲୁହ | ଅଧ୍ୟାପକ ଶରତ କୁମାର ଦାସ | ୭୬ |
| ପ୍ରଥମ ବସନ୍ତର ପ୍ରଥମ ଚଠି | ଆରତୀ ସାହୁ (ଆଶା) | ୭୮ |
| ଛାଡ଼ପତ୍ର | ସନାତନ ମହାକୁଡ | ୮୨ |

| | | |
|---|---|---|
| ଅବ୍ୟକ୍ତ କୋହ | ଡଃ ସୁଶ୍ରୀ ସଂଗୀତା ସ୍ୱାଇଁ | ୮୩ |
| ବିଶ୍ୱାସ | ଡଃ ପ୍ରତିମା ଉପାଧ୍ୟାୟ | ୮୪ |
| ଏକା ଏକା | ସସ୍ମିତା ପଟ୍ଟନାୟକ | ୮୬ |
| ଅହଂକାର | ସୁଷମା ପରିଜା | ୮୭ |
| ମନ ମଧୁପ | ଡ. ଅର୍ଜୁନ ଚରଣ ବାରିକ୍ | ୯୦ |
| ରଜ ପରବ | ଶମ୍ଭୁନାଥ ଦାସ | ୯୨ |
| ମୋ ଭ୍ରେଷେଇ ଘରଟା ଏତେ ଛୋଟିଆ କାହିଁକି? | ସାଗରୀକା ମହାନ୍ତି | ୯୩ |
| ବିଷ | ଡ. ଜ୍ଞାନେଶ୍ୱର ମିଶ୍ର | ୯୫ |
| ବୋଝ | ପ୍ରଣତି ପାଣିଗ୍ରାହୀ | ୯୬ |
| ଅସରନ୍ତି ସମୟ | ସଂଘମିତ୍ରା ସାମନ୍ତରାୟ | ୧୦୧ |
| ନଆସ୍ ଫଗୁଣ | ଲିପିକା ମହାପାତ୍ର | ୧୦୨ |
| ଏମିତି ସମୟ କାହିଁକି ଦେଲ | ତୁଷାରକାନ୍ତ ପ୍ରସାଦ | ୧୦୪ |
| ସୂକ୍ତିସୁଧା | ପ୍ରବୋଧ ଚନ୍ଦ୍ର ମୁଦ୍ରା | ୧୦୫ |
| ଲୋକ ଗୀତରେ ପଲ୍ଲୀ ବଧୂର ଜୀବନ | ବାସନ୍ତୀ ଲତା ଜେନା | ୧୦୭ |
| ମା ଓ ମାତୃଭୂମି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୧୫ |
| ବାୟୁ ବୀର ରଫେଲ | ଅନାମ ଚରଣ ସାହୁ | ୧୧୬ |
| ହେ ଗାନ୍ଧୀ ଫେରିଆସ ଥରେ | ଭାରତୀ ସାହୁ | ୧୧୭ |
| ଅଦିନ ମେଘ | ସ୍ୱାଗତ ମିଶ୍ର | ୧୧୯ |
| "ମାଟିର ଜାତି - ମାଟିର ସଂସ୍କୃତି" କୁମ୍ଭାର ସଂପ୍ରଦାୟ ଓ ତା'ର ସୃଜନଶୀଳତା | ଚତୁର୍ଭୁଜ ରଣ | ୧୨୦ |
| ଗୁରୁ ହିଁ ଜଗତେ ଶ୍ରେଷ୍ଠ | ଅଧ୍ୟାପକ ଶରତ କୁମାର ଦାସ | ୧୨୫ |
| ବାରଙ୍ଗନା! | ବିକାଶ କୁମାର ମଲ୍ଲୀକ | ୧୨୬ |
| ସଞ୍ଜ | ସମ୍ୟଜିତ ପାତ୍ର | ୧୨୭ |
| କଙ୍କାଳର ମୁକ୍ତି ଯାତ୍ରା | ଶୈଳାଧି ରାଜତନୟା ଶତପଥୀ | ୧୨୮ |
| ତୁଚ୍ଛ ସେଇ ପ୍ରାଣୀ...ମହତ ତାର ଶିକ୍ଷା!! | ଦେବଯାନୀ ସ୍ୱାଇଁ | ୧୩୦ |
| କଥା ଦେଇଥିଲ | ସଂଯୁକ୍ତା ମହାପାତ୍ର | ୧୩୬ |
| ଆସ ମା | ସତ୍ୟବ୍ରତ ସାହୁ | ୧୩୭ |
| ସଂଶୋଧନ | ମନୋଜ କୁମ୍ଭାର | ୧୩୯ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୧୪୦ |

| | | |
|---|---|---|
| ଯାତ୍ରା | ଶ୍ରୀକ୍ଷେତ୍ର ସୁନ୍ଦର | ୧୪୪ |
| ବିଷ | ଡ. ଜ୍ଞାନେଶ୍ୱର ମିଶ୍ର | ୧୪୫ |
| ଆଦିଦେବ ସିଦ୍ଧିବିନାୟକ | ପୂର୍ଣ୍ଣଚନ୍ଦ୍ର ରଣା | ୧୪୬ |
| ଏକାଏକା | ମୃତ୍ୟୁଞ୍ଜୟ ପଣ୍ଡା | ୧୪୭ |
| ତୁମେ ଓ ମୁଁ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୪୮ |
| ସନ୍ଥଙ୍କ ବାଣୀ ଓ ସନ୍ଥଙ୍କୁ ପୂଜା | ବିଜୟ କୁମାର ଜେନା | ୧୪୯ |
| ଅଧିକାର | ତ୍ରିପତି ପ୍ରଧାନ | ୧୫୨ |
| ଦେବୀ ଆସେ | ସୌମ୍ୟ ରଞ୍ଜନ ପାଲ | ୧୫୩ |
| ଅକାଳେ  ବାବାଜୀ ସକାଳେ ଦେଖା | କାଳକଙ୍କର ଦାସ | ୧୫୪ |
| ମନ୍ଦିରେ ଶ୍ରୀରାମ | ପ୍ରମୋଦ କୁମାର ସାହୁ | ୧୫୫ |
| ପ୍ରିୟା ମୋର | ପ୍ରତାପ ମିଶ୍ର | ୧୫୬ |
| ଗୋଲ୍‌ପ କଢ଼ି | ହାସ୍ୟମୟୀ ରାଜ୍ | ୧୫୮ |
| ପ୍ରେମ ଭକତିର ଅମୃତ ଗାଥା | ପୁଷ୍ପଲତା ବେହେରା | ୧୬୧ |
| ଆଖିର ଗହଣା ଲୁହ | ଦିଲିପ୍ କୁମାର ତ୍ରିପାଠୀ | ୧୬୩ |
| କାହିଁକି କଲେ ଅନୁତାପ | ନରେନ୍ଦ୍ର ପ୍ରସାଦ ବେହେରା | ୧୬୫ |
| ତୁମେ | ଶରତ ଚନ୍ଦ୍ର ଜାଲି | ୧୬୭ |
| କର୍ଫ୍ୟୁ ଭିତରେ | ଅଜିତ ପାଢ଼ି | ୧୬୮ |
| ବିପ୍ଳବର ବହ୍ନି | ଅଶ୍ୱିନୀ କୁମାର | ୧୬୯ |
| ଜାତିଭେଦ ପ୍ରକରଣ | ବେଣୁଧର ସୁରୁଜାଲ | ୧୭୦ |
| ମୋ ଗାଁ | ରାଜେଶ୍ ରଥ | ୧୭୧ |
| କୃତି ଓ ବିସ୍ମୃତିରେ ଲକ୍ଷ୍ନୌର ଦୁଇ ନବାବ | ପ୍ରିୟବ୍ରତ ପାତ୍ର | ୧୭୨ |
| ଲେଖେ ତୋ ଭକ୍ତି ଜଣାଣ | ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର | ୧୭୮ |
| ପଲକର ସ୍ୱପ୍ନ | ସରୋଜ କୁମାର ସାହୁ | ୧୭୯ |
| ଅନଲକ | ଦିନବଂଧୁ ବେଜ | ୧୮୦ |
| ମୋ ତର୍ଜମା | କୁମୁଦିନୀ ବେହେରା | ୧୮୧ |
| କେତେ ସୁନ୍ଦର ଦିଶେ | ନବ କୁମାର ଦାସ | ୧୮୨ |
| ନୂତନ ସୂର୍ଯ୍ୟୋଦୟ | ସୀତାରାମ ଦାଶ | ୧୮୩ |
| ନାରୀ ସଶକ୍ତିକରଣ | ସୌଭାଗ୍ୟ ଗିରି | ୧୮୯ |

| | | |
|---|---|---|
| ଅଶିଣର ଅଭିନନ୍ଦନକା | ଶେଷଦେବ ପଣ୍ଡା | ୧୯୧ |
| ଆସିଛି ମା | ସରୋଜ ଲକ୍ଷ୍ମୀ ମହାନ୍ତି | ୧୯୩ |
| ଭେକ, କ୍ଷିର ଓ ମୋର ସ୍ୱପ୍ନ | ସଂଜୟ ସିଂହ ରାଠୋର/କୁମାର ହସନ | ୧୯୪ |
| ଲେପ୍ଟ-ରାଇଟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୯୬ |
| ଭିଜା ଶ୍ରାବଣ | ରାମ ଚନ୍ଦ୍ର ପ୍ରଧାନ | ୨୦୦ |
| ଜୀବନ ନୋଉକା | ବୈଦ୍ୟନାଥ ପଣ୍ଡା | ୨୦୧ |
| ଧ୍ୱଂସ ଅଭିମୁଖେ ଯାତ୍ରା | ନେପାଳ କୁମାର ବେହେରା | ୨୦୨ |
| ନାରୀ ର ମମତା | ଚତରଞ୍ଜନ ବେହେରା | ୨୦୩ |
| ଗଛ ମୁଁ କହୁଛି | କୃଷ୍ଣେନ୍ଦୁ ହୋତା | ୨୦୪ |
| କ୍ଷୀର ବାଲ୍ | ସିଦ୍ଧେଶ୍ୱର ତ୍ରିପାଠୀ | ୨୦୫ |
| ଧାରାବାହିକ କାବ୍ୟ:- 'ଅପର୍ଣ୍ଣା' | ବିଶ୍ୱଜିତ ଆର୍ଯ୍ୟ | ୨୦୧୦ |
| ନୂଆ ବରଷ ମୁଁ କହେ | ମହେଶ୍ୱର ସାହୁ | ୨୧୧ |
| ଭାରତ ମାତା | ଅମରନାଥ ବାରିକ | ୨୧୨ |
| ହେ ରକ୍ଷକ | ଅଶୋକ କୁମାର ଦାସ | ୨୧୩ |
| ପାଗଳ ର ପ୍ରଳାପ | ଜଗନ୍ନାଥ ରଥ | ୨୧୪ |
| ଆଧୁନକ ସମାଜରେ ଆଧାମ୍ିକତାର ଆବଶ୍ୟକତା | କୀର୍ତ୍ତି ଦେବୀ | ୨୧୫ |
| ତୁମ ରୂପ | ଅଲେଖ ମେହେର | ୨୨୧ |
| କେବଳ କବିତା | ନିରଞ୍ଜନ ସାହୁ | ୨୨୨ |
| ଦୋଷ...?? | ପଙ୍କଜିନ ଭୋଇ | ୨୨୩ |
| ସେ ମଣିଷ ରୂପୀ ଦେବୀଟିଏ | ଶରତ କୁମାର ପ୍ରଧାନ | ୨୨୪ |
| ଅବୁଝା ପ୍ରେମିକା | ଶିଶିର କୁମାର ଦଳାଇ | ୨୨୫ |
| ଲାଲ ଗୋଲାପ | ନିବେଦିତା ମହାପାତ୍ର | ୨୨୬ |
| କଥା ଦେଇଥିଲ | ଶିଶିର କୁମାର ପଣ୍ଡା | ୨୩୧ |
| କିଛି ଆଶା | ରାଜଲକ୍ଷ୍ମୀ ତ୍ରିପାଠୀ | ୨୩୨ |
| ଦେବୀ | ସଂଯୁକ୍ତା ସାହୁ | ୨୩୩ |
| କେମିତି ଭୁଲିବି ତୁମକୁ | ସେବାକାନ୍ତ ନନ୍ଦ | ୨୩୪ |
| ସନ୍ଧାନ ର ବାଟ | ସଂଗ୍ରାମ ମହାରଣା | ୨୩୫ |

| | | |
|---|---|---|
| ପିତୃପକ୍ଷ | ରଞ୍ଜନ କୁମାର ଭୁକ୍ତା | ୨୩୭ |
| ସ୍ୱରଜ ସ୍ୱପ୍ନ | ଉଦୟ କୁମାର ପଣ୍ଡା | ୨୩୯ |
| ଶାଶ୍ୱତ ହେବକ ପ୍ରେମ | ଅଶୋକ କୁମାର ପ୍ରଧାନ | ୨୪୦ |
| ପରମ ସତ୍ୟ | ଲକ୍ଷ୍ମଣ ମହାନ୍ତି | ୨୪୧ |
| ରକ୍ଷା ବନ୍ଧନ | ସନାତନ ଦାସ | ୨୪୨ |
| ଅଚହ୍ନା ମଣିଷ | ରଂଜନ କୁମାର ସାହୁ | ୨୪୩ |
| ହେ' ବର୍ଷା..... | ହେମନ୍ତ ଦାଶ | ୨୪୪ |
| ଆମେ ଅଗଷ୍ଟ ପନ୍ଦର ପାଳୁଛୁ | ପ୍ରଶାନ୍ତ କୁମାର ନାଥ | ୨୪୮ |
| ଆହେ ! ଜଗନ୍ନାଥ | ନଲେଶ କୁମାର ଭୋଇ | ୨୪୯ |
| ତୁମେ ଆସିଲ୍ ପରେ | ଡମ୍ବରୁଧର ବାଗ | ୨୫୦ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୫୧ |
| ମୋ ଗାଁ | ଆଶାଲତା ନନ୍ଦୀ | ୨୫୯ |
| ସାଧବ ବୋହୂ | ବେବୀ ନାଏକ | ୨୬୦ |
| ଆମ ଗାଁ' ସୁନ୍ଦର ଦିଶେ | ନାଟ୍ୟମହର୍ଷି ଭରତ ଧରୁଆ | ୨୬୧ |
| ଫୁଲ ଓ ମାନବ | ଚୁଲେଶ୍ୱର ନାୟକ | ୨୬୨ |
| ଗ୍ରଣ୍ଡିପୁଅ ଅନନ୍ତା' ଗଳ୍ପରେ ସାମାଜିକ ଚନ୍ଦ୍ର | ରଞ୍ଜନ କୁମାର ଖଣ୍ଡା | ୨୬୩ |
| ଦୀପ ଶିଖା | ସତ୍ୟଶ୍ରୀ ଶ୍ରୀଚନ୍ଦନ | ୨୭୨ |
| ମଶାଣି ଛାତିରେ ଜଳୁଛି ଦେହ ମୋର | କରଣ ମନୀଷା ମହାନ୍ତି | ୨୭୩ |
| ଜହ୍ନ ରାତି ଓ ସ୍ମୃତି | ଅଜିତ ମହାପାତ୍ର | ୨୭୪ |
| ବନ୍ଧୁତାର ବାଲିଘର | ଅନଲ୍ ପ୍ରଧାନ | ୨୭୫ |
| ସମାଜ ସଚେତନ | ପ୍ରିୟଦର୍ଶିନୀ ମହାପାତ୍ର | ୨୭୬ |
| ନଜକୁ ନଜେ ମୁଁ ବକେ | ତାରାପ୍ରସାଦ ଜେନା | ୨୭୭ |
| ଶୁଷ୍କାଞ୍ଚଳ ଜମିର ଅବନତି ଓ ମରୁଡି ବିରୁଦ୍ଧରେ ସଂଗ୍ରାମ | ଦେବାଶିଷ ପଧାନ | ୨୭୮ |
| ପ୍ରକୃତିର ପାର୍ବଣ ନୂଆଁଖାଇ | ସାଇପ୍ରସାଦ ସାହୁ | ୨୮୦ |
| ଚନ୍ଦନ | ଭକ୍ତବନ୍ଧୁ ବିଶ୍ୱାଳ | ୨୮୩ |
| ଆଖିର ଆକାଶ | ଡ. ତନ୍ମୟ କବି | ୨୮୪ |
| ରହସ୍ୟମୟ ରାତି | ରାଜୁ କୁମାର ପାତ୍ର | ୨୮୫ |

| | | |
|---|---|---|
| ଏଇ ବୋଧେ ଈଶ୍ୱର | ତପସ୍ୱିନୀ ବେହେରା | ୨୮୭ |
| ମୁଁ ତୋର କଏ | ସୁଧାଂଶୁ ଶେଖର ମଣ୍ଡଳ | ୨୮୮ |
| ପ୍ରକୃତି | ନବକିଶୋର ଦୀପ | ୨୯୦ |
| ମଣିଷ ଜୀବନ | ସଙ୍ଗୀତା ମହାନ୍ତି | ୨୯୧ |
| ଛାୟା ନାମକ ଭୂତାଣୁ | ଅନଙ୍ଗ ମଞ୍ଜରୀ | ୨୯୨ |
| ପରଦେଶୀ ପକ୍ଷୀ ଫେରିଆ | ଆଶିଷ କୁମାର ବଣିଆଁ | ୨୯୩ |
| ବଖରେ ଘର | ସ୍ୱର୍ଣ୍ଣପ୍ରଭା ଖଟୁଆ | ୨୯୪ |
| ଉଦବୋଧନୀ ସଙ୍ଗୀତ | ସୁବାସ ଦାସ | ୨୯୭ |
| ତୁମକୁ | କେଶରୀ ପ୍ରସାଦ ମହାନ୍ତି | ୨୯୮ |
| ଏଇଟା ସମଲପୁର ସହର | ଆଶିଷ ଜ୍ୟୋତିଷ | ୨୯୯ |
| ପବିତ୍ର ମନର କଥା | ମନସା ରାଉତ | ୩୦୧ |
| ଚେତନା ର ଶଙ୍ଖ | ବିଶ୍ୱ ରଞ୍ଜନ ମହାନ୍ତି | ୩୦୩ |
| ଜନ୍ମଭୂମି ର ଦୁଃଖ | ଲଲାଟେନ୍ଦୁ ବାରିକ | ୩୦୪ |
| ଗର୍ଭସ୍ତୁତି | ପଣ୍ଡିତ ମଧୁସୂଦନ ମିଶ୍ର | ୩୦୫ |
| ଆମର ଧର୍ମପ୍ରବଣ ମାନସିକତା | ବାଲ୍ମୀକ ନାୟକ | ୩୦୬ |
| ଦୋଷୀ | କାହ୍ନୁ ଚରଣ ସାହୁ | ୩୧୦ |
| ବିଚିତ୍ର ସମ୍ଭାର | ମନୋରଞ୍ଜନ ସୁରୁଜାଲ | ୩୧୧ |
| ଚଲାପଥେ | ଖଗେଶ୍ୱର ବାଗ | ୩୧୨ |
| କର  ହେ  କଲ୍ୟାଣ | ଗୁପ୍ତେଶ୍ୱର ଗ୍ୱନ୍ଦ୍ | ୩୧୩ |
| ସରକାର ମୁଁ | ଦୁଷ୍ମନ୍ତ ବେହେରା | ୩୧୪ |
| କବିତା | ତପନ କୁମାର ଦାଶ | ୩୧୭ |
| ତୁମେ ଆସିବ ବୋଲି | ଜ୍ୟୋସ୍ନାମୟୀ ପୋଲାଇ | ୩୧୮ |
| "ତୁ" ଯେବେ ମନେପଡୁ | ରେ୍ଜାଲିନ ଗଣନାୟକ | ୩୧୯ |
| କଳଯୁଗ ମଣିଷ | ସନ୍ତୋଷ ପଟ୍ଟନାୟକ | ୩୨୦ |
| ରିଗ୍ରେଜ | ସତ୍ୟ ରଞ୍ଜନ ମିଶ୍ର | ୩୨୧ |
| କର୍ଣ୍ଣ ର ଅଭିମା | ମନୀଷା ପଣ୍ଡା | ୩୨୪ |
| ଗୁରୁଙ୍କ ଆଶିଷ ଭିକ୍ଷା | ଛବି ରାଣୀ ପତି | ୩୨୫ |
| ଧନ୍ୟ ଆମ ସରକାର | ରଞ୍ଜନ କୁମାର ପ୍ରଧାନ | ୩୨୬ |

| | | |
|---|---|---|
| ବାଟ | ସୁବାସ ଚନ୍ଦ୍ର ମୁଦୁଲି | ୩୨୭ |
| ନାରୀ | ଉଦୟ ଭାନୁ ରାଉତ | ୩୨୮ |
| ଜହ୍ନ ରାତି ଓ ସ୍ମୃତି | ଅଜିତ ମହାପାତ୍ର | ୩୨୯ |
| ଭାବ | କୁନ୍ତଳା କୁମାରୀ ଦେଇ | ୩୩୦ |
| ଶ୍ରୀକୃଷ୍ଣ ଚରିତ ଚଉତିଶା | କୈଳାସ ମେହେର | ୩୩୨ |
| ଶ୍ରୀମଦ୍ ଭଗବତ୍ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୩୪ |
| ପ୍ରଭୁଙ୍କୁ ବିନତି | ଲକ୍ଷ୍ମୀ ଆଗ୍ରାର୍ଯ୍ୟ | ୩୩୬ |
| ସ୍ମୃତିର ସ୍ୱର | ଶରତ କୁମାର ନାଏକ | ୩୩୭ |
| ସାଜିଲ ମନ ମୟୁରୀ | ପ୍ରଶାନ୍ତ କୁମାର ପଧାନ | ୩୩୮ |
| ସମ୍ପର୍କ | ଶିଶିର କୁମାର ସାମଲ | ୩୩୯ |
| ମୋହିନୀ କନ୍ୟା ମାଧବୀ | ଦେବବ୍ରତ ଦାଶ(ବାପି) | ୩୪୦ |
| ସହିଦ୍ | ଦେବାର୍ଚ୍ଚନ ମେହେର | ୩୪୨ |
| ହସିବ ଆମରି ଧରା | ଧୀରେନ୍ଦ୍ର ମଲ୍ଲିକ | ୩୪୩ |
| ମୋ ମା ମୋ ଗାଁ | ଦିବ୍ୟରଞ୍ଜନ ପ୍ରଧାନ | ୩୪୪ |
| ଅସ୍ଥିର ସମୟ ଓ ପରିଶ୍ରମ | ଚନ୍ଦ୍ରହାସ୍ୟ ସତନାମି | ୩୪୫ |
| ଯୋଗ୍ୟ ଓ ଅଯୋଗ୍ୟ ଭିତରେ ଯୋଜନା ବାଟବଣା | ଡ଼ି ଶୁଭମ୍ | ୩୪୬ |
| କଏ କହିଲା ମୁଁ ବୁଢ଼ା ହୋଇଛି? | ବିରେନ୍ଦ୍ର ରାଜହଂସ | ୩୫୦ |
| ଦୁର୍ଗା ପୂଜା | ଜିତେନ୍ଦ୍ରୀୟ ସାହୁ | ୩୫୧ |
| ତୁମେ କହିଦିଅ | ମହେଶ୍ୱର ପ୍ରଧାନ | ୩୫୨ |


## ଆଞ୍ଚଳିକ


| | | |
|---|---|---|
| କାହାର୍ ଦୋଷ୍ କହ (କଥାନ) | ସତ୍ୟନାରାୟଣ ମିଶ୍ର | ୩୫୪ |
| ନଝୁମ୍ ରାଏତ୍ | ଡ. ସୁଧାଂଶୁ ମେହେର | ୩୫୬ |
| ହେ ଯବାନ୍! | ମନୋଜ ମହାନନ୍ଦ | ୩୫୭ |
| ବଢ଼ାମା ଝାର୍ ଜଙ୍ଗଲ୍ | ନରେଶ କୁମାର ତ୍ରିପାଠୀ | ୩୫୯ |
| ନାଇଁ ଯାଏଁ ମୁଇଁ ଦାଦନ | ନବୀନ କୁମାର ପଧାନ | ୩୬୦ |

| | | |
|---|---|---|
| ନୂଆଁଖାଇ ଜୁହାର୍ | ଅନାଦି ସେଠ | ୩୭୧ |
| କରମ୍ | ସତ୍ୟନାରାୟଣ ପଧାନ | ୩୭୨ |
| ସିଘାଡିହାର ନୂଆଁ ଖାଇ | ହାରାଧନ ଭଏନା | ୩୭୩ |
| ଧୋକା ଦେଇଗଲୁ ଭୁଲି | ନର୍ମଲ ବନଛୋର | ୩୭୪ |
| ପରକୁତିର୍ 'ପରକୁତି' | ସୁନୀଲ କୁମାର ଅଗସ୍ତି | ୩୭୫ |
| ନୂଆଖାଇ | ଚୈତନ୍ୟ ବାଗ | ୩୭୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୩୭୭ |


## ଶିଶୁ ବିଭାଗ


| | | |
|---|---|---|
| ସପୁରୀର କଥା | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୧ |
| ରମେଶର ଫୋଟୋଗ୍ରାଫି ନଶା | ନୀଳମାଧବ ସାହୁ | ୩୭୫ |
| ଶରତ ଗୀତ | ସତ୍ୟବ୍ରତ ସାହୁ | ୩୭୯ |
| ପିଲ୍ଏ ତୁମେ | ଅଜୟ କୁମାର ବେହେରା | ୩୮୦ |
| ରୁମୁକୁ ଝୁମା ଝାଇଁ | ଅଧ୍ୟାପକ ଅଶୋକ ମହାରଣା | ୩୮୧ |
| ଭୁଲ ଓ ଅନୁତାପ | ବିରେନ୍ଦ୍ର ରାଜହଂସ | ୩୮୩ |
| ଗୁଣ୍ଡୁଚ ମୂଷା | ରୋହିତ ସେଠୀ | ୩୮୫ |
| ଚନ୍ଦ | ରିୟାନ୍ସ ପଣ୍ଡା | ୩୮୬ |
| ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୮୭ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୩୮୮ |

# ସ୍ମରଣ



ଡକ୍ଟର ବିଜ୍ଞାନୀ ଦାସ

ଅନେକ ଦିନ ପରେ ଏ ରବିବାର ଦିନଟି ମନ ଟିକେ ହାଲୁକା ଲାଗୁଥିଲା । କିଛିଦିନର କ୍ରମାଗତ ବର୍ଷା ପରେ ସକାଳର ସୂର୍ଯ୍ୟୋଦୟ ବହୁତ ଲୋଭିଲା, ବହୁତ ଆକର୍ଷଣୀୟ ଦିଶୁଥିଲା । ସକାଳର ଗୃହାପିଆ ସରିବା ପରେ ପଛପଟ ଦରଜା ଖୋଲି ଡେକ୍ ଉପରେ କିଛି ସମୟ ସୂର୍ଯ୍ୟକିରଣର ସ୍ପର୍ଶ ପାଇବାକୁ ଇଚ୍ଛା ହେଲା । ହେଲେ କବାଟ ଖୋଲିବା ମାତ୍ରେ ଥଣ୍ଡା ପବନ ବାଜି ଶାନ୍ତାର ଦେହ ଥରାଇ ଦେଲା । ଏତେ ଶୀତ ! ହଠାତ୍ କଣ ଋତୁ ବଦଳଗଲା ନା କଣ? ସାଙ୍ଗେସାଙ୍ଗେ ଭିତରକୁ ପଶିଆସି କବାଟ ବନ୍ଦ କରି ସିଏ ସନ୍‌ରୁମ୍ ଅର୍ଥାତ୍ ଚଦୁର୍ଦ୍ଦିଗରୁ ସୂର୍ଯ୍ୟ ପ୍ରବେଶ କରିବାପାଇଁ ଉଦ୍ଦିଷ୍ଟ କାଚକାନ୍ଥର ଘର ଭିତରେ ବସିଲା। ଘର ସାରା ସବୁଆଡେ ଶାନ୍ତି । ପାଟିତୁଣ୍ଡ କରିବାକୁ କେହି ନାହିଁ । ପାଞ୍ଚ ମାସ ଧରି ଦୁଇଟି ଝିଅ ପାଖରେ ରହୁଥିଲେ । ଗତକାଲି ସେମାନେ ନ୍ୟୁୟର୍କ ଫେରିଗଲେ । ଯାହାହେଲେ ବି ମଝିଆଁ ଝିଅର କୁକୁର ଲିଓ ଗୃରିଆଡେ ବୁଲୁଥିଲା । ବେଳେବେଳେ ବାହାରେ ହରିଣ ଦେଖି ଭୁକୁଥିଲା । ନହେଲେ ଉପର ତଳ ହେଉଥିଲା ଓ ତା' ବେକରେ ଲାଗିଥିବା ଘଣ୍ଟିର ଶବ୍ଦ ସମସ୍ତଙ୍କୁ ତାର ଉପସ୍ଥିତି ଜଣେଇ ଦେଉଥିଲା । ଏବେ ସେମାନେ ସମସ୍ତେ ଯିବାପରେ ଘର ଶୂନ୍‌ଶାନ୍ । ସଦାନନ୍ଦ ମନ୍ଦିର ଗୃଲି ଯାଇଛନ୍ତି । ସେଠି ସେ ପୁରୁଣା ଘରେ କଣ ପାଣି ଗଳୁଛି । ତାକୁ ଠିକ୍ କରିବେ । ଗତ ଅଢେଇ ମାସ ଧରି ଶନିବାର ରବିବାର ଦିନ ମାନଙ୍କରେ ଶାନ୍ତା ବସି ଏକ ପତ୍ରିକା ପାଇଁ କାମ କରୁଥିଲା । ଏବେ ସେ କାମ ସରିଯାଇଛି। ତେଣୁ ସବୁ କିଛି ଫାଙ୍କାଫାଙ୍କା ଲାଗୁଛି ।

ଅନେକ ଦିନ ହେଲା ଶାନ୍ତା ସାଙ୍ଗସାଥୀ ମାନଙ୍କ ସହିତ ବି କଥା ହୋଇନ । କେବଳ ସେ ହ୍ୱାଟ୍‌ସ୍‌ଆପ୍ ରେ ଯାହା ମେସେଜ୍ ଆସୁଛି । କଥା ନ ହେବାର କାରଣ ହେଲା ଶାନ୍ତା କାହାକୁ ଫୋନ୍ କରିନ କି କେହି ତାକୁ ଫୋନ୍ କରିନାହାନ୍ତି । ସିଏ ଫୋନ୍ ନ କରିପାରିବାର କାରଣ ହେଲା ଯେ, ଯାହା ସହିତ ଫୋନ୍ କଲେ ତ ଅନ୍ତତଃ ଅଧଘଣ୍ଟାଏ ଲାଗିବ । ସେତିକ

ସମୟ ଦେବାକୁ ଶୁଭ ମୁହୂର୍ତ୍ତ ବାଛିବା ହିଁ କଷ୍ଟକର ବ୍ୟାପାର । ଆଉ ପତ୍ରିକା କାମ କରୁଥିବା ବେଳେ ଯଦି ମଝିରେ କଛି ବି କାରଣ ପାଇଁ ମନ ଏପଟ ସେପଟ ହୋଇଗଲା, ତେବେ ଅନେକ ଭୁଲ୍ ରହିଯିବ, ପୁନଶ୍ଚ ମୂଳରୁ ହିଁ ଆରମ୍ଭ କରିବାକୁ ପଡିବ । ସିଏ ଫୋନ୍ ନ କରିଥିବାରୁ ବେଳେବେଳେ ନିଜକୁ ଦୋଷୀ ଭାବେ । ପୁଣି ମନକୁ ଶାନ୍ତ କରିଦିଏ ଏଇଆ ଭାବି କି ଯେ, ତାକୁ ବି ତ କେହି ଫୋନ୍ କରିନାହାନ୍ତି । ସତ କଥା । ତେଣୁ ସିଏ କାହିଁକି ଦୋଷୀ ହେବ ? ତାପରେ ଏ କରୋନା ମହାମାରୀର ଭୟ ପାଇଁ ପ୍ରତ୍ୟକ୍ଷ ଦେଖାସାକ୍ଷାତ, ମିଳାମିଶା ତ ବନ୍ଦ । ଅସଲ କଥା ହେଲା ମୁଖା ପିନ୍ଧି ବେଶି ସମୟ ରହିବା ବଡ ଅସୁବିଧାଜନକ । ଯିଏ ରହୁଛନ୍ତି, ତାଙ୍କୁ ମନେମନେ ଧନ୍ୟବାଦ ଦିଏ ଶାନ୍ତା । ଭଗବାନଙ୍କ ଆଶୀର୍ବାଦରୁ ସିଏ ସିନା ଘରେ ରହି କାମ କରିପାରୁଛି, ହେଲେ ଯେଉଁମାନଙ୍କୁ କର୍ମକ୍ଷେତ୍ରକୁ ଯିବା ନହାତି ଦରକାର, ଯେମିତି ଡାକ୍ତର, ନର୍ସ, ପୋଷ୍ଟ ଅଫିସ୍‌ର କର୍ମଚାରୀ, ଗ୍ରୋସରି ଷ୍ଟୋର୍‌ର କର୍ମଚାରୀ ଇତ୍ୟାଦି, ସେମାନଙ୍କ କଥା ଭାବି ମନରେ କରୁଣା ଜାଗ୍ରତ ହେଲା ।

ତେବେ ଏ ସମୟରେ କଛି ସାଙ୍ଗମାନଙ୍କୁ ଡାକ ଫୋନରେ କଥାବାର୍ତ୍ତା କରିବାକୁ ସ୍ଥିର କଲା ଶାନ୍ତା । ପ୍ରଥମେ ନମ୍ବର ଲଗେଇଲା ଗୀତାର । ଗୀତା ରହେ ଆଟ୍‌ଲାଣ୍ଟାରେ । ସେମାନଙ୍କର ଟାଇମ୍ ଜୋନ୍ ସମାନ । ସେତେବେଳକୁ ସିଏ ବି ଉଠି ସାରିଥିବା କଥା । ଶାନ୍ତାର ଫୋନ୍ ସିଏ ପ୍ରଥମେ ଧରିଲାନି । ପାଞ୍ଚମିନଟ୍ ପରେ ପୁଣି ଥରେ ନମ୍ବର ଲଗେଇବାରୁ ଧରିଲା । କହିଲା, "ବା ରେ ଶାନ୍ତା । ମୁଁ ତ ଭାବିଥିଲି ତୁ ଆମକୁ ଭୁଲିଗଲୁ ବୋଲି । କେମିତି ଏତେଦିନ ପରେ ମନେ ପଡିଗଲା ? ଆଉ, ସମସ୍ତେ କେମିତି ଅଛ ?"

"ଆମେମାନେ ଭଲ ଅଛୁ । ତମେମାନେ କେମିତି ଅଛ କୁହ । ଏମିତି କାମରେ ବ୍ୟସ୍ତ ରହୁଥିଲି ତ ? ସେଥିପାଇଁ । କନ୍ତୁ କାହାକୁ ଭୁଲିନଥିଲି ।" - କୈଫିୟତ୍ ଦେଲା ଶାନ୍ତା ।

ଗୀତା କହିଲା, "ନାଇଁ ରେ, ସେମିତି କହିଦେଲି । ମୁଁ ଖବର ପାଇଥିଲି ତୁ ପତ୍ରିକା କାମରେ ସାହାଯ୍ୟ କରୁଥିଲୁ ବୋଲି। ସେଇଟା ତ ବହୁତ ସମୟ ନେଇଯାଏ । ଗଣେଶ କଣ ପଦ୍ୟ ଲେଖିଛନ୍ତି ବୋଲି କହୁଥିଲେ । ପଠେଇଛନ୍ତି ତ ? ନା, ଭୁଲିଗଲେ ?" - ଗୀତା ପଚାରିଲା।

"ହଁ, ପଠେଇଛନ୍ତି । ତୁ ବଳେ ପଢିବୁନି କି ? ଆଉ ଗୋଟିଏ ସପ୍ତାହ ପରେ ବାହାରିଯିବ ।" - ଶାନ୍ତା ଜଣେଇଲା ।

ଏଇମିତି ପଦେ ଦିପଦ କଥା ହୋଇଛନ୍ତି କ ନାହିଁ, ଗୀତା କହିଲା, "ଶାନ୍ତା, ମୁଁ ଆଉ ଦଶମିନଟ୍ ପରେ ଯୋଗ କ୍ଲାସ୍‌କୁ ଯିବି । ସେଥିପାଇଁ କଂପ୍ୟୁଟର୍ ଖୋଲି ଜୁମ୍ ଲଗେଇବାକୁ ପଡିବ । ମୁଁ ରଖୁଛି ଏବେ । ଆମେ ଉପରବେଳା କଥା ହେବା । ମୁଁ ଡାକବି ।"

ବାପରେ । ଏ କରୋନା ସମୟରେ ସମସ୍ତେ ତ ବ୍ୟସ୍ତ । କେବଳ ଶାନ୍ତା ପତ୍ରିକା କାମରେ ରହି ନିଜକୁ ବ୍ୟସ୍ତ ଭାବୁଥିଲା । ଏବେ ସମସ୍ତେ ତ ନିଜନିଜର କାମ ବାଛି ନେଇଛନ୍ତି ।

ଶାନ୍ତା ଏବେ ସ୍ମରଣ କଲା ନିତା ମାଉସୀଙ୍କୁ । କେମିତି ଅଛନ୍ତି କେଜାଣି ? ତାଙ୍କ ପୁଅ ଝିଅ ଦୁଇଜଣଙ୍କର ପିଲାପିଲି ହେବାର ଥିଲା । କଣ ହେଲା କେଜାଣି ? ନିତା ମାଉସୀ ରୁହନ୍ତି ବୋଷ୍ଟନରେ । ସିଏ ସଦାନନ୍ଦଙ୍କର ଦୂର ସଂପର୍କୀୟ ମାଉସୀ ହେବେ, ମାନେ ତାଙ୍କ ମା' ଙ୍କର ଖୁଡୀଙ୍କ ଭଉଣୀର ଝିଅ । ଆଗେ ଯିବାଆସିବା ଲାଗିଥିଲା । ପିଲାମାନେ ହାଇସ୍କୁଲ୍ ଯିବା ଦିନରୁ ସବୁ ଯିବାଆସିବା ଧୀରେଧୀରେ କମିଗଲା । ତେବେ ସଦାନନ୍ଦ ମାଉସୀ ଓ ସେ ମଉସାଙ୍କ ସହିତ ଅନେକ ସମୟରେ ଫୋନରେ କଥା ହୁଅନ୍ତି । କେବଳ ଶାନ୍ତା ଏଇ ପାଞ୍ଚ, ଛ ମାସ ହେଲା କଥାବାର୍ତ୍ତା କରିପାରିନ ।

ନିତା ମାଉସୀ ଫୋନ୍ ଧରିଲେ । ବହୁତ ଖୁସି ହୋଇଗଲେ । କହିଲେ, "ସଦା ତ କହିଥିବ ତତେ । ଆମର ଦୁଇ ଦୁଇଟି ନାତି ହୋଇଛନ୍ତି ।"

"କଣ ଯାଆଁଳା ? କାହାର ହେଲା ? କେବେ ହେଲା ? ହଁ ସଦା ସେମିତି କଛି କହୁଥିଲେ । ମୁଁ ବୋଧହୁଏ ଠିକ୍ ଭାବେ ଶୁଣିନ ।"

ନିତା ମାଉସୀ କହିଲେ, "ଯାଆଁଳା ନୁହେଁ । ମୋ ଝିଅର ଗୋଟିଏ ପୁଅ ଜନ୍ମ ହେଲା ଜୁନ୍ ୧୫ ତାରିଖରେ । ମୋ ପୁଅର ବି ପୁଅଟିଏ ଜନ୍ମ ହେଲା ଜୁନ୍ ୨୩ ତାରିଖରେ ।"

"ଇଏତ ଡବଲ୍ ଖୁସି ମାଉସୀ । ତମେ କଣ ତାଙ୍କ ପାଖରେ ଅଛ ?"

"ଆଲୋ ନାଇଁଲୋ । ସେମାନେ ସମସ୍ତେ ଆମକୁ ମନାକଲେ ତାଙ୍କ ପାଖକୁ ଯିବାକୁ । ଯାହା ସେ ଫେସ୍‌ଟାଇମ୍ ଭିଡିଓ କଲ୍ ରେ, ଜୁମ୍ ରେ ଦେଖୁଛୁ । ଭଲରେ ଅଛନ୍ତି ସବୁ । ଏ କରୋନା ପରିସ୍ଥିତି କେବେ ଭଲ ହେଲେ, ଯିବୁ ବୋଲି ଭାବିଛୁ । ମନ ତ ସମ୍ଭାଳ ହେଉନ । ହେଲେ ଆମ୍ଭମାନଙ୍କୁ ତ ବୟସ ହେଲାଣି । ତା' ସହିତ ଏ ଡାଇବେଟିସ୍, ବ୍ଲଡ୍‌ପ୍ରେସର୍ ବି ସବୁ ରହିଛି । ପିଲାମାନେ ଆମ ପାଇଁ ଚିନ୍ତିତ ହେଉଛନ୍ତି । ସେମାନେ ତ କୋଉ ଡ୍ରାଇଭିଙ୍ଗ୍

ଦୂରତାରେ ନାହାନ୍ତି ଯେ ସିଧା ଘରୁ ଡ୍ରାଇଭ୍ କରି ପହଞ୍ଚିଯିବ । ଜଣେ ରହୁଛି ଆଟ୍ଲାଣ୍ଟାରେ, ଆଉ ଜଣେ ଚକାଗୋରେ । ହେଲେ ମନଟା ଜମାବୁଝୁନ ।"

ନତା ମାଉସୀଙ୍କୁ ପ୍ରବୋଧନା ଦେବାକୁ ଶାନ୍ତା ପାଖରେ ଭାଷା ନଥିଲା । ନତା ମାଉସୀ ଗପି ଚାଲିଲେ ଆହୁରି ଅନେକ କଥା । ଯେଉଁ କଥାକୁ ଡରି ଶାନ୍ତା ଫୋନ୍ ଲଗେଇବାରୁ ଦୂରେଇ ରହେ, ସେଇଆ ହିଁ ଘଟିଲା । ଫୋନ୍ ରଖିଦେବାକୁ କହିପାରୁନଥିଲା । ନତା ମାଉସୀ ତ ଗପି ଚାଲିଥିଲେ । ଏ ଭିତରେ ଘଣ୍ଟାଟିଏ ବିତି ଯାଇଥିଲା । ନତା ମାଉସୀ ହିଁ ନିଜ ଆଡୁ ଫୋନ୍ ବନ୍ଦ କଲେ । କହିଲେ, "ଇଏ ଡାକଲେଣି । ସୁମା ଫୋନ୍ କରିଛି ବୋଧହୁଏ । ଟିକେ ମଝିରେ ମଝିରେ ଡାକୁଥା । ଭୁଲିଯିବୁନି ଯେମିତି । ତୋ ସହିତ ଆହୁରି ବି ଅନେକ କଥା ହେବାର ଥିଲା । ହଉ ସଦାକୁ କହିଦେବୁ । ମଉସାଙ୍କୁ ଟିକେ ଡାକବ । ଗପୁଡା ଲୋକ । ଏକାଏକା ଘର ଭିତରେ ରହି ବଡ ଚଡିଚଡା ହୋଇଗଲେଣି ସିଏ ।"

ଶାନ୍ତା ଭାବିଲା କହନ୍ତା, "ତମେ କଣ କମ୍ ଗପକ ମାଉସୀ ?" ହେଲେ ସେମିତି କିଛି ନ କହି "ଜୁହାର" କହି ସିଏ ଫୋନ୍ ରଖିଲା । ସେତେବେଳକୁ ୧୧ଟା ବାଜିଗଲାଣି । ଆଜି କାହିଁକି ତିଳ ଅପାଙ୍କ କଥା ବହୁତ ମନେପଡୁଛି । ସିଏ ଅସୁସ୍ଥ ରହୁଥିଲେ । ଏ କରୋନା ପାଇଁ ତାଙ୍କ ମାନସିକ ସ୍ଥିତି ବି ଭଲ ରହୁନଥିଲା । ହେଲେ ଏବେ ଏତେ ସମୟ ହେଲାଣି । ତାଙ୍କ ସହିତ ଫୋନ୍ ଲଗେଇଲେ, ସିଏ ବି ଏବେ ଘଣ୍ଟାଏ ଗପିବେ । ତେଣୁ ବରଂ ଉପରବେଳା ଡାକଲେ ହେବ । ଏମିତି ଭାବି ଶାନ୍ତା ତରତର ହୋଇ ରାଇସ୍ କୁକରରେ ଭାତ ବସେଇଦେଲା । ଏଇ ଉଷୁନା ଚାଉଳ ଏବେ ଖାଉଛନ୍ତି ସେମାନେ । ଏଇଟା କି ଭେରାଇଟି କେଜାଣି ଘଣ୍ଟାଏ ନେଉଛି ଭାତ ହେବାକୁ । ଏ ଚାଉଳ ସହିତ କ୍ୱିନୋ ଚାଉଳ ମିଶେଇ ଏବେ ରନ୍ଧା ହେଉଛି । କିଏ କେତେବେଳେ କଣ କିଛି ସ୍ୱାସ୍ଥ୍ୟ ଉପକାରିତା ବିଷୟରେ କହିଦେଉଛି ଯେ ବାସ୍ ଚାଲୁଛି ଗୋଟିଏ ପରିବର୍ତ୍ତନ । ଯେମିତି କି କରୋନା କଥା ବାହାରିବା ପରେପରେ କିଏ କେତେ ରକମର ଉପଦେଶ ଦେଇଚାଲିଲେ । ସେ ହଳଦୀ ପାଣି କରି ପିଅ । ମରିଚ ମିଶେଇ ଚାହା ପିଅ । ପ୍ରାଣାୟମ କର । କପାଳଭାତି କର । ଏକଥା ଖାଲି ପବନରେ ଭାସିବାରେ ଲାଗିଲା, ହ୍ୱାଟ୍ସ୍ଆପ୍ ରେ ତ ବେଶି । ଫର୍ୱାର୍ଡ ଉପରେ ଫର୍ୱାର୍ଡ । ସମସ୍ତେ ଯେମିତି ଏସବୁ ଫର୍ୱାର୍ଡ କରି ଗୋଟିଏ ପୁଣ୍ୟ କାମ କରୁଛନ୍ତି, ସାଙ୍ଗସାଥୀଙ୍କୁ କରୋନାରୁ ବଞ୍ଚେଇବାରେ ସାହାଯ୍ୟ କରୁଛନ୍ତି, ଏମିତି ଭାବି ଖାଲି ଫର୍ୱାର୍ଡ କରିବାରେ ଲାଗିଲେ । ଅନେକ ଲୋକ କହିଲେ, ଯେହେତୁ ଭାରତୀୟ ମାନେ ସବୁ ଶକ୍ତିଶାଳୀ ଗୁଣର ମସଲା ନିତି

ବ୍ୟବହାର କରନ୍ତି, ତାଙ୍କ ଭିତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମ୍ । ହେଲେ ଏବେ ଦେଖ, ଭାରତରେ କରୋନା ବଢିବଢି ଚାଲିଛି । କୁଆଡେ ଗଲା ସେ ମସଲା ମାନଙ୍କର ଶକ୍ତି?

ଆଉ ସବୁ କଲା ଉପରବେଳା କରିବାକୁ ଭାବି ଶାନ୍ତା ଦୁଇବେଳା ପାଇଁ ଏକାଥରରେ ରାନ୍ଧିଦେବାକୁ ସ୍ଥିରକଲା । ପାଞ୍ଚ ରକମର ତରକାରୀ ଓ ଭଜା କରି ରଖିଦେଲା । ନହେଲେ ସଦାନନ୍ଦ ମନ ଊଣା କରିବେ । ଅଧିକ ରକମର ବ୍ୟଞ୍ଜନ ଖାଇବାରେ ସିଏ ଆନନ୍ଦ ପାଆନ୍ତି। ପ୍ରତିଦିନ ଖାଦ୍ୟ କେତେ ରକମ ଗଣନ୍ତି । ତାଙ୍କୁ ସେମିତି କରିବାର ଦେଖିଲେ ଶାନ୍ତାକୁ ଖୁସି ଲାଗେ । ସେଥିପାଇଁ ସିଏ ବେଳେବେଳେ ଭର୍ତ୍ତା ଟିକେ କରି, ଧଣିଆ ଚଟଣୀ କରି, କାକୁଡି କାଟି ଟମାଟୋ ପକେଇ ସାଲାଡ୍ କରି ବି ପାଖରେ ରଖିଦିଏ । "ଦେଖ, ଆଉ ତିନ ରକମ ହୋଇଗଲା । ତାକୁ ବି ଗଣ ।" ସଦାନନ୍ଦ ହସନ୍ତି । ଆଜି ବି ସେମିତି ଅଳ୍ପଅଳ୍ପ କରି ବାଇଗଣ ଭଜା, ସ୍କ୍ୱାସ୍ ଭଜା, ଶାଗ, କୋବି ତରକାରୀ ଓ ଡାଲି କରିଦେଲା। ସେମାନେ ଶାକାହାରୀ । ସନ୍ତୁଳତ ଖାଦ୍ୟ ଖାଉଛନ୍ତି ଯେମିତି କ ଶରୀର ସୁସ୍ଥ ରହିବ । କୌଣସି କାରଣରୁ ଡାକ୍ତରଖାନା ଯେମିତି ଯିବାକୁ ନପଡେ । ବିଶେଷତଃ ଏ କରୋନା ଆସିବା ଦିନରୁ ଆହୁରି ସାବଧାନ ହୋଇଯାଇଛନ୍ତି ସେମାନେ ।

ସଦାନନ୍ଦ ଫେରିବା ବେଳକୁ ଦିନ ସାଢେ ଗୋଟିଏ ବାଜି ଯାଇଥିଲା ।

"ଏତେ ଡେରି କେମିତି କଲ? ତମେତ ସାଢେ ବାରଟାରେ ଲଞ୍ଚ୍ ଖାଇବା କଥା ।"

ସଦାନନ୍ଦ ଅନ୍ୟମନସ୍କ ଥିଲେ । କହିଲେ, "ଦାମ ଭାଇ ଡାକଥିଲେ । ବହୁତ ଖରାପ କଥା, ତିନି ଅପା ଚାଲିଗଲେ ।"

"ତିନି ଅପା ଚାଲିଗଲେ ? କଣ କହୁଛ ତମେ ?" ଆଶ୍ଚର୍ଯ୍ୟ ହୋଇଗଲା ଶାନ୍ତା । "ଇଏ କେମିତି ସମ୍ଭବ । ମୁଁ ତ ତାଙ୍କୁ ଆଜି ଅପରାହ୍ନରେ ଫୋନ୍ କରିବି ବୋଲି ଭାବିଥିଲି । ହେ ଭଗବାନ । ଏ ତମେ କଣ କଲ?"

ତିନି ଅପା ଭର୍ଜିନଆରେ ରହନ୍ତି । ତିନଘଣ୍ଟାର ବାଟ । ଆଗେ ସେମାନେ ସକ୍ଷମ ଥିବା ବେଳେ ପ୍ରାୟତଃ ସବୁବେଳେ ସବୁ କାର୍ଯ୍ୟକ୍ରମରେ ଦେଖା ହେଉଥିଲା । ଗଣେଷ ପୂଜା, ସରସ୍ୱତୀ ପୂଜା, କୁମାର ପୂର୍ଣ୍ଣମୀ, ରଜ ପିକ୍‌ନକ୍, ସବୁଥିରେ ସିଏ ମହଜୁଦ୍ ଥାଆନ୍ତି ।

ଦୂରତାକୁ ଖାତର ନକରି ଡ୍ରାଇଭ୍ କରି ପଳେଇଆସନ୍ତି । କେବେକେବେ ଯଦି କାର୍ଯ୍ୟକ୍ରମ ଶାନ୍ତାର ଘର ପାଖରେ ହେଉଥାଏ ତ ସେମାନେ ଶାନ୍ତା ଘରେ ରହିଯାଆନ୍ତି । ହେଲେ ତିଳ ଅପାଙ୍କ ଦେହ ଖରାପ ହେବା ଦିନରୁ ସେମାନେ ଆଉ ଏପଟେ ବେଶି ଆସନ୍ତିନ । ବର୍ଷେ, ଦୁଇବର୍ଷରେ କେବେ କେଉଁଠି ବାହାଘରରେ ତାଙ୍କ ସହିତ ଦେଖା ହୋଇଯାଏ ।

ଏଇତ ସୁରଜର ବାହାଘରରେ ଦେଖା ହୋଇଥାଆନ୍ତା । ହେଲେ ଏ କରୋନା ପାଇଁ ସେ ବାହାଘର ସ୍ଥଗିତ ରହିଲା । ତିଳ ଅପା କ କାହାରି ସହିତ ଦେଖା ହୋଇ ପାରିଲାନ ।

ଶାନ୍ତା ପଚାରିଲା, "ତିଳ ଅପାଙ୍କୁ ଆଉ କରୋନା ହୋଇଗଲା କ?"

"ନା, ସେମିତି କଛି ନୁହେଁ । ସିଏ ରାତିରେ ଭଲରେ ଖିଆପିଆ କରି ଶୋଇଥିଲେ । ରବିବାର ବୋଲି ଦାମ ଭାଇ ବି ଡେରିରେ ଉଠିଲେ । ତିଳଅପାଙ୍କୁ ଉଠାଇବାକୁ ଯିବାବେଳକୁ ସିଏ ଆଉ ଜୀବିତ ନଥିଲେ ।"

"ହେ ଭଗବାନ । ସେଇଥିପାଇଁ କ କଣ, ମୋର ତାଙ୍କ କଥା ଏ ଦୁଇଦିନ ହେଲା ଭାରି ମନେ ପଡୁଥିଲା । ଆଜି ଉପରବେଳା ତାଙ୍କୁ ଫୋନ୍ କରିବି ବୋଲି ଭାବିଥିଲି ।"

"ଆଜି ରାତିରେ ତାଙ୍କ ପାଇଁ ଗୋଟିଏ ପ୍ରାର୍ଥନା ସଭା ରଖିବି ବୋଲି ଭାବିଛି । ଏତେ କମ୍ ସମୟରେ କିଏ କେଉଁଠୁ ସବୁ ଯୋଗ ଦେଇ ପାରିବେ କ ନା ଜାଣିନ, ତମେ ଟିକେ ତମ ସାଙ୍ଗସାଥୀଙ୍କୁ ଡାକବାର ଦାୟିତ୍ୱ ନେବ କ? ଆମେ ୮ଟା ବେଳକୁ ଜୁମ୍ ରେ ଏ ପ୍ରାର୍ଥନା ସଭା କରିବା ।" - ସଦାନନ୍ଦ କହିଲେ ।

"ହଁ, ମୁଁ ସେ କାମ କରିପାରିବି । ହ୍ୱାଟ୍ସ୍ଆପ୍ ଗ୍ରୁପରେ ମେସେଜ୍ ବି ପଠେଇ ପାରିବି । ତମେ ଜୁମ ରେ ସମୟ ବୁକ୍ କରି ମତେ ନମ୍ବର ଦିଅ ।"

ହଠାତ୍ ଏମିତି ସବୁ ଘଟିଯିବ ବୋଲି ଶାନ୍ତା କେବେ ଭାବି ନଥିଲା । ଅବଶ୍ୟ ତିଳ ଅପା ଶାରୀରିକ କଷ୍ଟ ପାଉଥିଲେ ଓ ଏମିତି ମରଣ ହୁଏତ ତାଙ୍କର କାମ୍ୟ ଥିଲା । ହେଲେ ଏ କରୋନା ସମୟରେ ମରିବା ବି କାହାର କାମ୍ୟ ହୋଇନପାରେ । କେହି ତ ସାଙ୍ଗସାଥୀ ଯାଇ ପାରିବେନ କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ସହିତ ସମୟ ବିତେଇ ପାରିବେନ ।

ତେବେ ହଠାତ୍ ଶାନ୍ତା ଯେମିତି ତ୍ୱରାନ୍ୱିତ ହୋଇଉଠିଲା । ତିନ ଚାରି ଘଣ୍ଟା ଭିତରେ ସିଏ ପ୍ରାୟ ଚାଳିଶି ଜଣଙ୍କୁ ଫୋନ୍ କରି ପକେଇଲା । କେବଳ ଗୋଟିଏ ଦୁଇମିନଟ୍ ଭିତରେ କଥା । "ତିଳ ଅପା ଚାଲିଗଲେ । ଆଜି ରାତି ୮ଟା ବେଳେ ତାଙ୍କ ପାଇଁ ପ୍ରାର୍ଥନା ସଭା ହେଉଛି ଜୁମ୍ ରେ । ଆମେ ସମସ୍ତଙ୍କୁ ଇମେଲ୍ ରେ ଲିଙ୍କ୍ ପଠାଉଛୁ । ନିଶ୍ଚୟ ଯୋଗଦେବେ।"

ଆଉ କାହା ସହିତ ଗପ ମେଲେଇବାକୁ ସମୟ ନଥିଲା । ସମସ୍ତେ ସେକଥା ବୁଝିଲେ । ଯାହାଙ୍କୁ ଫୋନ୍ ରେ ପାଇଲାନି, ସେ ସମସ୍ତଙ୍କ ପାଇଁ ମେସେଜ୍ ଛାଡିଦେଲା ।

ରାତି ୮ଟା । ପ୍ରାୟଃ ୮୦, ୯୦ ଜଣ ସାଙ୍ଗସାଥୀ ସମସ୍ତେ ଜୁମରେ ଆସିଲେ । ତିଳ ଅପାଙ୍କ ଦୁଇ ପୁଅ, ଯେଉଁମାନେ ଘଣ୍ଟାଏ ଦୂରରେ ସବୁ ରହୁଥିଲେ, ସେମାନେ ତିଳଅପାଙ୍କ ଘରକୁ ଆସିଥିଲେ ଓ ସେଠାରୁ ଦାମ ଭାଇଙ୍କ ସହିତ ଯୋଗଦାନ କଲେ । ମନ୍ଦିରର ପୁଜାରୀ ମଧ୍ୟ ଜୁମ୍ ରେ ଯୋଗ ଦେଇଥିଲେ । ଆଜିକାଲିର ପୁଜାରୀ ମାନେ ସମସ୍ତେ ସୋସିଆଲ୍ ମିଡିଆରେ ଦକ୍ଷ । ଯାହା ବି ଦକ୍ଷ ନ ହୋଇଥାନ୍ତେ, ଏ କରୋନା ମହାମାରୀ ସେମାନଙ୍କୁ ଦକ୍ଷ କରାଇଦେଇଛି । ଏବେ ମନ୍ଦିରର ସମସ୍ତ ପୂଜାପାଠ, ଅର୍ଚ୍ଚନା, ସତ୍ୟନାରାୟଣ ପୂଜା, ସବୁ ସେ ଜୁମ୍ ମାଧ୍ୟମରେ ହେଉଛି, ୟୁଟିଉବ୍ ଓ ଫେସ୍‌ବୁକ୍ ମାଧ୍ୟମରେ ପ୍ରସାରିତ ହେଉଛି। ସେଥିପାଇଁ କିଛି ସମସ୍ୟା ନଥିଲା । ବରଂ ସମସ୍ୟା ଥିଲା କିଛି ବୟୋଜ୍ୟେଷ୍ଠ ଓଡିଆ ମାନଙ୍କୁ ନେଇ । ସେମାନେ ବେଳେବେଳେ ମୁଟ୍ ଅନ୍‌ମୁଟ୍‌ର ପରୀକ୍ଷଣ କରୁକରୁ କଥା ଉପରେ କଥା କହି ଦେଉଥିଲେ । ହେଲେ ବି କିଛି ସମୟ ପରେ ସବୁକିଛି ସୁରୁଖୁରୁରେ ଚାଲିଲା । ପ୍ରଥମେ ପୁଜାରୀ ମହାଶୟ ଶାନ୍ତି ମନ୍ତ୍ର ଆବୃତ୍ତି କଲେ ଓ ତାପରେ ସମସ୍ତେ ନିଜନିଜର ସ୍ମୃତିଚାରଣ କଲେ । ତାଙ୍କ ଦୁଇ ପୁଅ ଖୁବ୍ ଧୈର୍ଯ୍ୟର ସହିତ ସବୁ ଶୁଣୁଥିଲେ । ତିଳ ଅପାଙ୍କର ପିଲାବେଳର ସାଙ୍ଗ କେତେଜଣ ସେଥିରେ ସାମିଲ୍ ଥିଲେ । ସେମାନେ ବି ନିଜ ସ୍ମୃତିଚାରଣ କରି କେତେକେତେ ସୁନ୍ଦର କଥା କହିଲେ, ଯାହାକୁ ଏପର୍ଯ୍ୟନ୍ତ ଶାନ୍ତା ବି ଜାଣିନଥିଲା । ତିଳଅପା କୁଆଡେ ସ୍କୁଲ୍ ରେ ସୁଗାୟିକା ଭାବେ ପ୍ରସିଦ୍ଧ ଥିଲେ ଓ ବହୁତ ସୁନ୍ଦର ଓଡିଶୀ ନାଚୁଥିଲେ । ଅସଲରେ ଶାନ୍ତା ସହିତ ତିଳଅପାଙ୍କର ଦେଖା ହେବାବେଳକୁ ସିଏ ପଚାଶ ଟପିଲେଣି । ତେଣୁ ଏତେକଥା ଶାନ୍ତା ଜାଣିବ କେମିତି?

ତିଳଅପାଙ୍କର ସ୍ମୃତି ସଭା ମାଧ୍ୟମରେ ଏମିତି ଭାବେ ସବୁ ଜଣାଶୁଣା ଲୋକଙ୍କ ସହିତ ବି କଥାବାର୍ତ୍ତା ଓ ଭଲମନ୍ଦ ବୁଝାବୁଝି ହୋଇଗଲା । ପ୍ରାର୍ଥନା ସଭା ତ ଦୁଇଘଣ୍ଟାରେ ସରିଗଲା, ତେବେ ପ୍ରାୟ ତିରିଶିଟି ପରିବାର ତଥାପି ଆହୁରିଅନେକ ସମୟ ଗପଶପରେ ମଜ୍ଜି ରହିଲେ। ଯେତେବେଳେ ରାତି ଗୋଟିଏ ବାଜିଲା, ସେତେବେଳେ ସଦାନନ୍ଦ ସମସ୍ତଙ୍କୁ କହିଲେ, "ଏବେ ରାତି ଗୋଟିଏ ବାଜିଲାଣି । ଆପଣମାନେ ବିଶ୍ରାମ କରନ୍ତୁ । ଆମେମାନେ କାଲି ବି ରାତିରେ ଘଣ୍ଟାଟିଏପାଇଁ ମିଶିବା ।"

ଶାନ୍ତା ଏ ଯେଉଁ ସମସ୍ତଙ୍କୁ ସ୍ମରଣ କରୁଥିଲା ଓ ସମସ୍ତଙ୍କୁ ଫୋନରେ ଡାକ କଥାବାର୍ତ୍ତା ହେବାକୁ ଚାହୁଁଥିଲା, ପରବର୍ତ୍ତୀ ଦଶ, ଏଗାର ଦିନ ମଧ୍ୟରେ ସେସବୁ ଘଟିଗଲା ।

ତିଳଅପାଙ୍କର ଶେଷକୃତ୍ୟ ସେମାନେ କେବଳ ପରିବାର ଭିତରେ ତିନଦିନ ପରେ କରି ଦେଇଥିଲେ । ହେଲେ ପ୍ରାର୍ଥନା ସଭା ଏଗାରଦିନ ଧରି ଚାଲିଲା । ଶେଷଦିନର ପ୍ରାର୍ଥନା ସଭାରେ ପ୍ରାୟ ତିନଶହ ପରିବାର ପୃଥିବୀର ସମସ୍ତ ପ୍ରାନ୍ତରୁ ଯୋଗଦାନ କରିଥିଲେ ।

ମନେ ପକାଉଥିଲା ଶାନ୍ତା । ଏ ଜୀବନ ସତରେ କଣ ? ଆଜି ଅଛି, କାଲି ନାହିଁ । ତିଳ ଅପାଙ୍କ ସହିତ ପ୍ରଥମ ଦେଖା ହୋଇଥିଲା ଏମିତି ଗୋଟିଏ ଗଣେଷ ପୂଜାରେ । ଏଇତ କାଲି ଭଳି ଲାଗୁଛି । ଗୋରା ତକତକ ଦେହ ରଙ୍ଗକୁ ସରୁ, ପତଳା ହୋଇ ସାଢେ ପାଞ୍ଚଫୁଟର ନାରୀ ଜଣେ । ପୂଜାର ସାଜସଜାଠାରୁ ଆରମ୍ଭ କରି ଖାଦ୍ୟ ବଣ୍ଟନରେ ବି ମିଶି ଯାଇଥାଆନ୍ତି । ଶାନ୍ତାକୁ ନୂଆ ଦେଖି ଅତି ସ୍ନେହରେ ପଚାରିଥିଲେ, "ତମେମାନେ କଣ ଏପଟକୁ ନୂଆ ହୋଇ ଆସିଛ ?" ଶାନ୍ତାକୁ ସିଏ କାହିଁକି ବହୁତ ଭଲ ଲାଗିଲେ । ଶାନ୍ତା କହିଲା, "ହଁ, ଏଇ ମାସେ ହେଲା ଆସିଛୁ ।"

ତାପରେ ଅନେକ ସମୟ ଧରି ଗପଶପ କଲେ । ଶାନ୍ତା ଠାରୁ ଫୋନ୍ ନମ୍ବର୍ ନେଲେ । ଗୋଟିଏ ସପ୍ତାହ ପରେ ନିଜ ଘରକୁ ଡାକିଲେ । ସେତେବେଳେ ତିଳ ଅପା ନର୍ଥ ଭର୍ଜିନଆରେ ରହୁଥିଲେ । ଶାନ୍ତା କହିଲା, "ହେଲେ ଏପର୍ଯ୍ୟନ୍ତ ଆମେ ଗାଡି କିଣିନୁ ।'

ତିଳଅପା କହିଲେ, "ସିଏ ଗୋଟିଏ କଥା । ଭାଇନା ଯାଇ ତମମାନଙ୍କୁ ନେଇ ଆସିବେ । ତମେମାନେ ଆମ ଘରେ ରାତିରେ ରହିଯିବ ଓ ଭାଇନା ପୁଣି ଆସନ୍ତା କାଲି ନେଇ ଛାଡିଦେଇ ଆସିବେ ।"

ଶାନ୍ତା ସଦାନନ୍ଦଙ୍କୁ ଗ୍ରହିଁଲା । "ଜଣାନାହିଁ, ଶୁଣାନାହିଁ; କେବଳ ଗୋଟିଏ ଥର ଦେଖା । ସେମାନେ ଏତେ ସ୍ନେହ ଦେଖାଉଛନ୍ତି କାହିଁକି ? ଆମେ କଣ କରିବା ।"

ସଦାନନ୍ଦ କହିଲେ, "ଯିବା । ସେମାନେ ଯଦି ଏତେ ଆଦରରେ ଡାକୁଛନ୍ତି, ଯିବାନି କେମିତି? ତାପରେ ଏ ତ ଆମପାଇଁ ନୂଆ ଜାଗା । ଆମର ବି ସାଙ୍ଗସାଥୀ ଦରକାର । ତେବେ ପରଦେଶରେ ଆପଣା ଦେଶର ଲୋକ ସମସ୍ତେ ନିଜର । ତମେ ସେମିତି କାହିଁକି ଭାବୁଛ ?"

ଶାନ୍ତା କହିଲା, "ହେଲେ ଆମର ଦୁଇଟି ଛୋଟଛୋଟ ପିଲା । ସେମାନଙ୍କୁ ନେଇ ମତେ କାହାଘରେ ରହିଯିବାକୁ ତ ଭଲ ଲାଗେନି । ତାପରେ ତାଙ୍କ ଭଳି ଏତେ କମ୍ ଜଣା ଲୋକଙ୍କ ଘରେ ରହିବାକୁ ଯଦି ପଡେ, ସିଏ ଆହୁରି ଅସୁବିଧା କଥା । ଆମେ ଗ୍ରରିଜଣ, କୋଉଠି କେମିତି ଆଡ୍‌ଜଷ୍ଟ କରିବା ?"

ସଦାନନ୍ଦ ଶାନ୍ତାଙ୍କ ହାତରୁ ଫୋନ୍ ନେଲେ ଓ ତିଳ ଅପାଙ୍କ ସହିତ କଥା ହେଲେ । ଆଉ କଏ ତାଙ୍କ ଘରକୁ ଏପଟରୁ ଯାଉଛନ୍ତି କି ବୋଲି ପଗ୍ଚରିଲେ । ତିଳ ଅପା କହିଲେ, "ନାହିଁ। ବେଶି ଲୋକ ଡାକିଲେ, ତମମାନଙ୍କ ସହ ଭଲରେ କଥାବାର୍ତ୍ତା ହୋଇପାରିବିନି, ସେଥିପାଇଁ କେବଳ ତମକୁ ଓ ଏଇଠି ପାଖର ଦୁଇଟି ପରିବାରକୁ ଡାକୁଛୁ ।"

ସତରେ ତିଳ ଅପାଙ୍କର ସ୍ନେହ ଯେମିତି ଥିଲା, ବ୍ୟକ୍ତିତ୍ୱ ବି ସେମିତି ଥିଲା । ତାଙ୍କ ପୁଅ ଦୁଇଜଣ ବି ଏ ଛୋଟ ପିଲାମାନଙ୍କୁ ଏମିତି ମଜେଇ କରି ସେଦିନ ରଖିଥିଲେ ଯେ, ସେମାନଙ୍କ କାନ୍ଦାକଟା ବନ୍ଦ । ସେ ଦିନଟି ମନେ ପଡିଲେ ତିଳ ଅପାଙ୍କ ପ୍ରତି ଶ୍ରଦ୍ଧା ଓ କୃତଜ୍ଞତାରେ ହୃଦୟ ପୂରି ଯାଏ । ତାଙ୍କରିଠାରୁ ଶାନ୍ତା କେତେ ଗ୍ରେଷେଇ ଶିଖିଛି । ନହେଲେ ତ ଶାନ୍ତା ଯେବେ ଆମେରିକା ଆସିଥିଲା, କେବଳ ଭାତ ଓ କେତେଟା ତରକାରୀ କରିବା ଛଡା କିଛି ବି ଜାଣିନଥିଲା । ଶାନ୍ତା ସେଇ ଯେଉଁ ମହାନତାର ଆତ୍ମା ତାଙ୍କଠାରେ ଦେଖିଥିଲା, ସିଏ ନିଜେ ବି ସେଇ ଭଲଗୁଣରେ ଅନୁପ୍ରାଣିତ ହୋଇଗଲା । ତାପରେ ଯେତେ ନୂଆଲୋକ ସବୁ ଓଡିଶାରୁ ଆସନ୍ତି, ତାକୁ ଜଣାପଡିଲେ, ତିଳଅପାଙ୍କ ପନ୍ଥା ଅନୁସରଣ କରି ସିଏ ଓ ସଦାନନ୍ଦ ସେମାନଙ୍କୁ ଯଥା ପରିମାଣରେ ସ୍ନେହ, ଆଦର ଦେଇ, ଭଲମନ୍ଦରେ ସାହାଯ୍ୟ କରିବାକୁ ପଛାନ୍ତି ନାହିଁ । ତିଳ ଅପା ବେଳେବେଳେ ସେଥିପାଇଁ ଶାନ୍ତାକୁ ପ୍ରଶଂସା କଲେ, ଶାନ୍ତା କହେ, "ଏସବୁ ଆମେ କାହାଠାରୁ ଶିଖିଛୁ କି ଅପା, ତମେ ତ ଆମର

ଗୁରୁ।" ଅପା ହସିଦିଅନ୍ତି, "ହେଲେ ତମ ଦୁଇଜଣଙ୍କ ଭଳ ଶିଷ୍ୟ ମିଳବା ବି ଭାଗ୍ୟର କଥା।"

ସେଇ ତିଳ ଅପା ଆଜି ଆଉ ଏ ସଂସାରରେ ନାହାନ୍ତି । ସେମିତି ସ୍ନେହ ଭରା ଅମୂଲ୍ୟ ବାଣୀ ଆଉ ଶୁଣିବାକୁ ମିଳବନ। ତେବେ ତାଙ୍କର କର୍ମ, ବନ୍ଧୁ ପଣିଆ, ସ୍ନେହ, ଶ୍ରଦ୍ଧା ଯେ ଅମର, ସେକଥା ସବୁ ତାଙ୍କର ସ୍ମୃତିରେ ହେଉଥିବା ପ୍ରାର୍ଥନା ସଭାରେ ଜଣାପଡିଛି । ଦୁଃଖ ଲାଗୁଥିଲା ଯେ, ଏମିତି ଏକ ଉପକାରୀ ବନ୍ଧୁଙ୍କର ଅନ୍ତିମ ସମୟରେ ସେମାନେ କଛି ବି କରିପାରିଲେନ କ ଅନ୍ତିମ କ୍ରିୟାରେ ଭାଗ ନେଇପାରିଲେନ । ତିଳ ଅପା ସମସ୍ତଙ୍କର ସବୁ ଦୁଃଖ ସୁଖ ସମୟରେ ଆସି ପାଖରେ ଠିଆ ହେଉଥିଲେ । ଶାନ୍ତାର ମନେ ପଡୁଥିଲା, ତିଳ ଅପାଙ୍କର ଆବୃତ୍ତି,

ଆତୁରେ ବ୍ୟସନେ ପ୍ରାପ୍ତେ, ଦୁର୍ଭିକ୍ଷେ, ଶତ୍ରୁ ସଙ୍କଟେ
ରାଜଦ୍ୱାରେ ଶ୍ମଶାନେ ଚ ଯତିଷ୍ଠତି ସ ବାନ୍ଧବଃ ॥

ଅସୁସ୍ଥତା, ଦୁର୍ଭାଗ୍ୟ, ଦୁର୍ଭିକ୍ଷ, ଶତ୍ରୁଠାରୁ ବିପଦ, ରାଜଦ୍ୱାର, ଏବଂ ଶ୍ମଶାନରେ ଯେଉଁ ବ୍ୟକ୍ତି ପାଖରେ ଥାଏ, ସେ ହିଁ ପ୍ରକୃତ ବନ୍ଧୁ । ତାଙ୍କ ଭାଷାରେ, "ବିଦେଶ ଭୂମିରେ, ସ୍ୱଦେଶର ଲୋକ ଯେତେ ଅଜଣା ହେଲେବି ଆପଣାର ।

ସେମାନଙ୍କ ଦୁଃଖସୁଖରେ ଯେମିତି ହେଲେବି ଆମେ ଉପସ୍ଥିତ ରହିବାକୁ କର୍ତ୍ତବ୍ୟ ବୋଲି ଭାବିନେଇଛୁ । ଆଉ ଏଇଟା ଆମେ ଶିଖିଛୁ ଆମ ପ୍ରତି ସହୃଦୟତା ଦେଖାଇଥିବା କଛି ବନ୍ଧୁଙ୍କ ଠାରୁ । ଦୟା, ବନ୍ଧୁତା ଓ ସହଭାଗୀତା ଏ ସବୁ ସଂକ୍ରାମକ ଅଟେ ।"

ଶାନ୍ତା ଏମିତି ଏକୁଟିଆ ଚନ୍ତିତ ହୋଇ ବସିଥିବାର ଦେଖି ସଦାନନ୍ଦ ବାବୁ ପାଖକୁ ଆସିଲେ। ପଚାରିଲେ, "କଣ ହେଲା, ଏମିତି ମନଦୁଃଖରେ ବସିଛ କାହିଁକ ?"

ଶାନ୍ତା କହିଲା, "ମୁଁ ତିଳ ଅପାଙ୍କୁ ସ୍ମରଣ କରୁଥିଲି । ତାଙ୍କର ସେ ଆତୁରେ, ବ୍ୟସନେ ଶ୍ଳୋକକୁ ମନେ ପକାଉଥିଲି । ଆଉ ଦୁଃଖ କରୁଥିଲି ଯେ, ଯେଉଁ ଲୋକ ସମସ୍ତଙ୍କ ପାଇଁ ଏତେ କରୁଥିଲେ, ତାଙ୍କର ଅନ୍ତିମ କ୍ରିୟାରେ ଯାଇ ଟିକେ ଉପସ୍ଥିତ ହେବା ବି ସମସ୍ତଙ୍କ ପାଇଁ ବାରଣ ହୋଇଗଲା । ତାଠାରୁ ବଳ ବ୍ୟଥାର କଥା କଣ ବା' ହୋଇପାରେ ? ଏ

କରୋନା ମହାମାରୀ ପାଇଁ ଆଜି ଏ ବନ୍ଧୁତା, ମାନବିକତା ପ୍ରଦର୍ଶନ କରିବାର ମାନସିକତା ବି ବିଲୀନ ହେବାକୁ ବସିଲାଣି ।"

ସଦାନନ୍ଦ ଚେୟାର୍‌ଟିଏ ପାଖକୁ ଟାଣିଆଣି ଶାନ୍ତାଙ୍କ ନିକଟରେ ବସିଲେ । ଶାନ୍ତାଙ୍କର ଦୁଇ ହାତକୁ ନିଜ ହାତରେ ଧରି କହିଲେ, "ତମେ ତିନି ଅପାଙ୍କୁ ଏ ଯେଉଁ ସ୍ମରଣ କଲ ନା, ତାହା ହିଁ ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଏମିତି ସ୍ମରଣ ହିଁ କର । ଇଶ୍ୱରଙ୍କୁ ପ୍ରାର୍ଥନା କର ତାଙ୍କ ଆତ୍ମାର ସଦ୍‌ଗତି ହେଉ । ସିଏ ଆମ ପାଇଁ ଯେଉଁ ଆଦର୍ଶ ଛାଡି ଯାଇଛନ୍ତି, ତାକୁ ଆମେ ଯଦି ଅନୁସରଣ କରିବା, ସେଇଟା ହିଁ ତାଙ୍କ ଶେଷକୃତ୍ୟ ସମୟରେ ପ୍ରତ୍ୟକ୍ଷ ଉପସ୍ଥିତ ରହିବାଠାରୁ ବଳି ଉତ୍ତମ ବନ୍ଧୁତାର ପ୍ରଦର୍ଶନ ହେବ ।

ଏମିତି କହି ସଦାନନ୍ଦ ଦାମ ଭାଇଙ୍କ ପାଖକୁ ଫୋନ୍ ଲଗେଇଲେ ।

-୦-

ରଦରଫୋର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ମୁଁ କିଏ



ଭାସ୍କର ଚନ୍ଦ୍ର ଖଣ୍ଡା

ଚନ୍ଦନର ନଶବ୍ଦ କୋଠରୀ ଭିତରେ
ନର୍ଜନତାର ନଶ୍ୱାସ ପ୍ରଶ୍ୱାସ ଦେଇ
ବାହାରି ଆସେ କେତେବେଳେ
ଏକ ଦୀର୍ଘ ଶ୍ୱାସ
କାନ ପାଖରେ ଫୁସ୍ ଫୁସ୍ ହୋଇ
ପଗ୍ଯରି ଯାଏ
ମୁଁ କିଏ ?
ଆତ୍ମ ନରୀକ୍ଷଣର ସଂଜ୍ଞା କୁ ନରୂପଣ କରେ
ମନେ ହୁଏ କେଉଁ ଏକ ଯୁଦ୍ଧର ଯବନକା ପରେ
ସାଜିଛି କ ପରାସ୍ତ ସୈନକ ? ।୧।

କରିଛି କେତେ ସନ୍ଧି
ଆଉ ବିନା ସାଲିସ୍ ରେ ଆଗେଇଛି କେତେ ।୨।

ଅନେକ ଦଉଡିଲି ଅନେକ ଧାଇଁଲି
ଅବସାଦର କ୍ଳାନ୍ତି କୁ ଅନୁଭବ କଲି
ଜୀବିକା, ଅର୍ଥ ରୋଜଗାର, ବ୍ୟସ୍ତ ବହୁଳତା
ପାଇଲିନ ଖୋଜି ଜୀବନର ସତ୍ୟତା
ଯେତେ ଯେତେ ଅପଚେଷ୍ଟା କଲି
ସତେ ଅବା ଛନ୍ଦି ଛନ୍ଦି ଗଲି
ବୁଢ଼ୀଆଣି ଜାଲର ଅସମାହିତ
ପ୍ରଶ୍ନବାଚୀ ଭିତରେ
ଖୋଜିବାକୁ ସେ ପ୍ରଶ୍ନବାଚୀର ଉତ୍ତର
ମୁଁ କିଏ ? ।୩।

ଧାଇଁ ଧାଇଁ ମରୀଚକା ପଛରେ
ହେଲା ପ୍ରତୀୟମାନ ଗୋଟେ ଲମ୍ବା ଧାଡ଼ି
ରହିଛନ୍ତି କଛି ପଛରେ କଛି ଆଗରେ
ଆଉ ମୁଁ ଅଛି ମଝିରେ
ଆଗ ପଛ ସବୁଠି
ଦେଖିଲି ସେଇ ଲମ୍ବା ଧାଡ଼ିକୁ
ଅଜାଣତେ ଗ୍ଯଲୁ ଗ୍ଯଲୁ ସୁଦୀର୍ଘ ପଥରେ
ସତେ ଅବା ଯାଇଛି ପହଞ୍ଚି
ଏକ ଘୁରି ଛକରେ
ନଷ୍ପତ୍ତିର ବଳୟ ମଧ୍ୟରେ
ଦେଖାଇବାକୁ ହେବ ତତ୍ପରତା ।୪।

କରି ନାହିଁ ସମୟ ତ କେବେ ପ୍ରତୀକ୍ଷା
ଏବେ ଅବା କରିବ କାହିଁକି
ହଁ ନେବାକୁ ହେବ ତାକୁ କଠୋର ନଷ୍ପତ୍ତି
ଅନ୍ୱେଷଣରତ ସଠିକ ମାର୍ଗର
କେଉଁ ଆଡେ ଯିବ ?
କୁଆଡେ ବା ଯିବ ?
ଆସିଥିଲା କଣ ପାଇଁ ?
ଖୋଜୁ ସେଇ ଅସମାହିତ ପ୍ରଶ୍ନବାଚୀର ଉତ୍ତର
ମୁଁ କିଏ ? ।୫।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ଧନ୍ୟ ଭଗବାନ



ଡ. ପ୍ରସନ୍ନ କୁମାର ବଳ

ଧନ୍ୟ ଭଗବାନ, ସବୁ ତୁମ ଦାନ,
ଜୀବନ ଯୌବନ, ମୃତ୍ୟୁ ଓ ଜନମ ।୧।
ମାଆର ସ୍ନେହରେ ଥାଅ ତୁମେ ପର୍, 
ବାପାଙ୍କ ଶାସନେ କଟାକ୍ଷର ଧାର୍ ।୨।
ଭ୍ଇର ସାହାରେ ଲୁଚକରି ଥାଅ,
ଭଉଣୀ ତାଗିଦ୍ ମାର୍ତୃତ୍ୱର ପ୍ରାୟ ୩।
ପଶୁ ବି ପଶୁକୁ ପ୍ରେମ କରିଥାଏ,
କେତେ ଫଳ, ପୁଷ୍ପ ବିକଶିତ ହୁଏ ।୪।
ମାନବ ଜୀବନ ନୁହଁଇ କେବଳ, ନିଜେ ବଞ୍ଚିବାର ପାଇଁ,
ସମସ୍ତଙ୍କ ମଧ୍ୟେ ଲୁଚ ରହି ତୁମେ, ମଙ୍ଗଳ ହିଁ କରିଥାଇ ।୫।
ବାର ମାସରେ ତ ତେଏର ପରବ ପଡଇ ତୁମରି ପାଇଁ,
ବାରମ୍ବାର ତୁମେ ମଣିଷ ଜାତିକୁ ସତେଜ କରିବା ପାଇଁ ।୬।
ତୁମେ ହିଁ ଦେବତା, ତୁମେ ହିଁ ଆଲ୍ଲା, ତୁମେ ତ ଜେସସ୍ କ୍ରାଏଷ୍ଟ,
ଭିନ୍ନ ଭିନ୍ନ ରୂପେ ଦେଖା ହିଁ ଦେଉଛ ନ କରି କାହାକୁ ଦାଏସ୍ ।୩।
କାହିଁ ଗଲ ତୁମେ ଆହେ ଭଗବାନ ଏଇ ହିଁ ସଙ୍କଟ କାଳେ,
ମାନବଜାତିକୁ ନିଶ୍ଚିନ୍ନ କରିବା ତୁମ ଇଙ୍ଗିତରେ ଟଳେ ।୮।
ଚ୍ଇନାରୁ ଜନ୍ମି ଏକ ଭ୍ଇରସ୍ ପୃଥିବୀକୁ କଲ୍ ଗ୍ରାସ,
କୋଟି ଦେବାଦେବୀ ଥାଇ ତୁମେ ବଣ କରୁଅଛ ଅଟ୍ଟହାସ୍ୟ ।୯।
ତୁମେ ହିଁ ସ୍ରଷ୍ଟା, ପାଳନକର୍ତ୍ତା, ତୁମେ ହିଁ ବିଧ୍ୱଂସକାରୀ,
ଏ ମାନବ ଜାତି ତୁମରି ସନ୍ତାନ ରକ୍ଷାକର ନରହରୀ ।୧୦।
ଏତିକି ଗୁହାରୀ, ମାଗୁଣୀ ମୋହର ଦେଖାଦିଅ ତୁମେ ଥରେ,
ଏ ଧର୍ପୃଷ୍ଠକୁ ରକ୍ଷାକର ପ୍ରଭୁ କେତେ ଯେ ମଣିଷ ମରେ ।୧୧।
ଧନ୍ୟ ଭଗବାନ, ଧନ୍ୟ ଭଗବାନ, ଧନ୍ୟ ଭଗବାନ ତୁମେ,
ତୁମର ଆଶିଷ ଭିକ୍ଷାକରି ସବୁ ନିର୍ପଦ ହେବୁ ଆମେ ।୧୨।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ମନ ମୋହିନୀ
# ନାୟିକା କବିତା



ଆଶୁତୋଷ ମେହେର

କବିତା ଲେଖକ ମାନସୀ ନାୟିକା କଳକଳ ନନାଦିନୀ
ରମ୍ଭା ମେନକା କ ସରଗର ପରୀ ଦେଖାନ୍ତି ଶୃଙ୍ଗାର ଠାଣୀ ।
ଲ୍ଳାୟୀତ ରଙ୍ଗେ ରଙ୍ଗାଇ ନଜକୁ ମୋହିନୀ ରୂପରେ ଠିଆ
ହୃଦୟ ର ଭ୍ଷା ମନର କଥାକୁ ଇନ୍ଦ୍ରଧନୁ ପୁଟ ଦିଆ ।।

ମନରେ ଭ୍ବନା ପସର୍ ମେଲ୍ଏ ମୁକୁତା ମାଳ କ ସିଏ
ଶାମୁକା ଗରଭେ ଭ୍ବେ ରଙ୍ଗ ଦିଆ ଚମକେ ଝଟକ ଦିଏ।
ମନର ଅସୀମ ଜ୍ଞାନ ଗାରିମାରେ ଭ୍ବନା ର ରଙ୍ଗ ଚଢେ
ମହମହ ବାସ କବିତା ହୋଇକ ଭୁରୁଭୁରୁ ଗନ୍ଧେ ଫୁଟେ।।

ମନ ଆକାଶରେ ଭ୍ବନା ର ସୁଅ କବିତା ହୋଇକ ଝରେ
ମନ ଅଗଣାରେ ରଙ୍ଗ ଫସଲ ର ଆଶାର କରଣ ଭରେ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ବର

# କୃଷକ ଓ ଗଣତନ୍ତ୍ର

ମନଜିତ୍ ମୋହନ୍ ଗୁନ୍ଦ(ମୟଙ୍କ)

ଶ୍ରାବଣର ଝିପିଝିପି ବର୍ଷାରେ
ଅବିରତ ଭିଜି-ଭିଜି
ନିଜ ପେଟର କ୍ଷୁଧା ପାଇଁ
କର୍ତ୍ତବ୍ୟର ପରାକାଷ୍ଠା ଭିତରେ
ଆଞ୍ଜୁଳେ ସ୍ୱପ୍ନ ବୁଣେ
ଅନ୍ନଦାତା କୃଷକ ।
ଆଖିରୁ ଝରୁଥିବା ଲୋତକ ସ୍ରୋତ
ଆକାଶରୁ ଝରୁଥିବା ବର୍ଷା ବୁନ୍ଦାରେ
ଅଦୃଶ୍ୟମାନ ହୋଇ ଯାଏ
ମନର କୋହକୁ ମାଟିକୁ କହେ
ମାଟିର ମଣିଷ ମାଟି ସହ
ମାଟିରେ ସମାହିତ ହେବା ଯାଏ
ମାଟିର ସୁଗନ୍ଧରେ ଖାଲି
ଈଶ୍ୱରର ସତ୍ତା କୁ ଅନୁଭବ କରୁଥାଏ।

ହର୍ଷର ଲହରୀ ତା ହୃଦୟରେ ଖେଳିବୁଲେ
ସୁବର୍ଣ୍ଣ ଫସଲ ଦୃଶ୍ୟରେ
ଭୁଲିଯାଏ ପୁଞ୍ଜିପତି ବ୍ୟବସ୍ଥାର
ଅମାବାସ୍ୟା ଭରା ଘନ ଅନ୍ଧକାରକୁ
ଶୋଷିତ ଅବହେଳିତ ଆବାହମାନ କାଳରୁ
ଖାଲି ବ୍ୟବହାର ହୁଏ ତାର ନାମ ମାତ୍ର
ନିର୍ବାଚନ ସ୍ରୋତରେ ସେ ଭଲ ସହାରା ଟିଏ ।

ମାଷ୍ଟର ଲାଇନ୍, ବୌଦ୍ଧ

# ଗ୍ଭଲିବାକୁ ପଡିବ



ଡକ୍ଟର ମନୋରଞ୍ଜନ ବିଷୋୟୀ

ସମୟତ ଗୋଡଭ୍ଭଙ୍ଗି
ଛିଡା ହେଲ୍
ମୋ ସଫଳତାର
ରାସ୍ତା ମଝିରେ
ଦେଲ୍ ନାହିଁ
ଯିବାକୁ ଆଗକୁ
ତଥାପି ହାର ନ ମାନ
ଗ୍ଭଲିବାକୁ ପଡିବ
ଆଗକୁ ଆଗକୁ
ନହେଲେ
ଏ ସମୟ ଟାଣିନେବ
ପଛରେ ଛାଡି ଆସିଥିବା
ଅନ୍ଧାରୁଆ
ଗହ୍ଵର ମଧ୍ୟକୁ
ଯେଉଁଠି ପଡିଲେ ଥରେ
ଆଉ ଉଠିବାର
ସମ୍ଭାବନା
ନଥିବ ଆଗକୁ ।

ସ୍ନାତକୋତ୍ତର ଓଡିଆ ବିଭ୍ଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ତେଲ ମାଲିସ୍



ଶାନ୍ତିଲତା ମିଶ୍ର

ସ୍ୱାମୀ "ଗଙ୍ଗାଧର" ଅଟୋରିକ୍ସା ଚଳେଇ ଯେତିକି ଟଙ୍କା ରୋଜଗାର କରିକି ଆଣେ, ସେଥିରେ ତାର ସେ ଛୋଟ ପରିବାର ଟି ସୁଖରେ ଚଳିଯାଏ । କେବେ "ଯମୁନା"ର ମନରେ ଦୁଃଖ ବା ଅବଶୋଷ ନଥାଏ । ତାର ସେ ଚାରି ବଖରା ମାଟି ଚାଳ ଘରେ ବି ନିଜକୁ ରାଣୀ ପରି ଭାବେ । ଗଙ୍ଗାଧରର ସ୍ନେହ ଶ୍ରଦ୍ଧା ତା ପାଇଁ ଯଥେଷ୍ଟ । ତିନି ବର୍ଷର ପୁଅ ଓ ବର୍ଷକର ଝିଅକୁ ନେଇ ତାର ଛୋଟ ସଂସାରରେ ସମୟ କେମିତି ଚାଲିଯାଏ ଜଣା ପଡେନା ।

କିନ୍ତୁ ଆଜି ସମୟ ଅଟକି ଯାଇଛି ତାର । ସ୍ୱାମୀ ଗଙ୍ଗାଧରର ଅଟୋ ଏକ କାର୍ ସହିତ ଧକ୍କା ହୋଇ ଯିବା ପରେ ସେ ବଞ୍ଚି ଯାଇଛି ସତ କିନ୍ତୁ ତାର ଗୋଡ ଯୋଡିକ ଅଚଳ ହୋଇ ଯାଇଛି । ଚାଲବୁଲା କରିବା ସମ୍ଭବ ନୁହେଁ । ହୁଏତ ଭଲ ହୋଇ ଯାଇପାରେ କିନ୍ତୁ ଯେତିକି ଟଙ୍କା ଲାଗିବ ସେମାନେ ଶୁଣି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏତେ ଟଙ୍କା ସେମାନେ କେବେ ଶୁଣି ନଥିଲେ ଦେଖିବା ଦୂରେ ଥାଉ । ତେଣୁ ତା ଗୋଡର ଚିକିତ୍ସା କଥା ନଭାବି ଏବେ ଚାରି ପ୍ରାଣୀ କିପରି ଜୀବନ ବଞ୍ଚେଇବେ ତାଙ୍କର ସେଇ ଚିନ୍ତା ।

ଦୁର୍ଘଟଣା ପରେ ଛଅ ମାସ ଚାଲି ଗଲାଣି । ଯାହା ଯେମିତି ଘରେ ଥିଲା ସେଥିରେ କଷ୍ଟେ ମଷ୍ଟେ ଚଳିଗଲା । ଯମୁନାର ବୁଢ଼ି ବିଧବା ମା ବି କେବେ କେବେ ସାହାଯ୍ୟ ଟିକେ କରିଦିଏ, ସେ ବା କେତେ ଆଉ କରି ପାରିବ । ଯମୁନାକୁ କିଛି କରିବାକୁ ହେବ । କିନ୍ତୁ କଣ କରିବ ! ତାର ଏ ପଚିଶ ବର୍ଷ ବୟସରେ ବାହାରେ ହଜାର ଲୋକଙ୍କ ଲୋଲୁପ ଦୃଷ୍ଟିକୁ ଏଡାଇ ଯାଇ କି କାମ କରି ପାରିବ ସେ ! କାହାଘରେ ଯାଇ ବାସନ ମଜା ଘର ସଫା କାମ କରି ପାରନ୍ତା କିନ୍ତୁ ପିଲା ମାନଙ୍କୁ କାହା ପାଖରେ ଛାଡିବ ! ଏତେ ପ୍ରକାର ପ୍ରତିବନ୍ଧକକୁ କିପରି ଅତିକ୍ରମ କରି ସେ ତାର ଏଇ ପରିବାରର ଭରଣ ପୋଷଣ କରି ପାରିବ, ଦିନ ରାତି ତାକୁ ସେଇ ଚିନ୍ତା ଲାଗିଛି ।

ସେଦିନ ତା ମା' "ରମା ମା' ହାତରେ ଗୋଟେ ତେଲ ବୋତଲ ପଠେଇ ଥିଲା ଗଙ୍ଗାଧରର ଗୋଡରେ ମାଲିସ୍ କରିବା ପାଇଁ । ବିଚାରୀ ମା ଆଜି କାଲି ବେଶୀ କାମକୁ ପାରୁନି କିନ୍ତୁ

ଝିଅ ଲୋକଭରେ ଯେତେବେଳେ ପାରେ ସେତେବେଳେ କଛି ନା କଛି କାହାରି ହାତରେ ପଠେଇ ଦଉଛି । ସେ କନ୍ତୁ ମା ପାଇଁ କଛି ପଠେଇ ପାରେନ । ନଜର ଅଭାବି ପରିବାରରୁ କଛି ବଳଲେ ସିନା । ସେଦିନ କନ୍ତୁ ରମା ମା ର ଥକଲା ମୁହଁ, ହାଲିଆ ଶରୀରକୁ ଦେଖି ପଖାଳ ମୁଠେ ଶାଗ ଟିକେ ଅଧା ପେଟ ହେଉ ପଛେ ଖାଇବାକୁ ଦେଇଥିଲା ଯମୁନା । ଶୋଇବାକୁ ଚଟେଇ ଖଣ୍ଡେ ବିଛେଇ ଦେଇଥିଲା । ଯାଇ ତାର ଗୋଡ ହାତ ଟିକେ ଘଷି ଦେଇ ଥିଲା । ରମା ମା ତାକୁ କେତେ ଆଶୀର୍ବାଦ ଢାଳ ଦେଇ ଗଲା ।

କହିଥିଲା "କେତେ ଆରାମ ଲାଗିଲା ଦେହ ଟା ତୋ ଘଷା ମଜାରେ । ଏବେ ଟିକେ ବଳ ପାଇଲା, ଚାଲି ଚାଲି ଘରକୁ ଫେରି ଯାଇ ପାରିବି । ଗୋଡ ହାତ ଦରଜ ହୋଇ ବଡ ବଥା କରୁଥିଲା । ସବୁଦିନ କଏ ଏମିତି ଟିକେ ଘଷି ଦିଅନ୍ତା କ କେତେ ଭଲ ଲାଗନ୍ତା ଏ ବୁଢି ଦିନରେ ।

ସେଦିନ ରମା ମା ସିନା ଚାଲିଗଲା କନ୍ତୁ ଏକ ବିରାଟ ପ୍ରଶ୍ନବାଚୀ ଯମୁନା ମନରେ ଛାଡିଦେଇ ଗଲା । ମନେ ପଡିଗଲା ଦିନେ ଭିଷଣ ଅଭିମାନରେ ଗଙ୍ଗାଧର କହିଥିଲା "ତୁ ଇଛା କଲେ ଆଉ କାହାକୁ ବାହା ହୋଇ ଯାଇ ଭଲରେ ରହି ପାରିବୁ ଯମୁନା । ମୋର ଆଉ ଭଲ ହେବାର ଆଶା ନାହିଁ । କାହିଁକ ଏଠି ଭୋକ ଉପାଷରେ ପଡି ରହିବୁ । ତୋର ବୟସ ବା କେତେ ଆଗକୁ ତୋର ବିରାଟ ଜୀବନ ପଡିଛି । ମତେ ମୋ ଭାଗ୍ୟ ସହିତ ବଞ୍ଚିବାକୁ ଛାଡି ଦେ ।

ବହୁତ କାନ୍ଦି ଥିଲା ସେଦିନ ଯମୁନା । ତା ଭଲ ପାଇବାର କଣ ଏଇ ପରିଣାମ । ସେ ତାକୁ ଛାଡିଦେଇ ଆଉ କାହାକୁ ସ୍ୱାମୀ ଭାବରେ ଗ୍ରହଣ କରିବା ଅପେକ୍ଷା ବିଷ ଖାଇ ଏ ଜୀବନ ହାରିଦେବା ଭଲ । ଗଙ୍ଗାଧର ଏପରି କଥା କହି ପାରିଲା କପରି । ଯମୁନାର ଏପରି ଉତ୍ତର ଶୁଣି ଗଙ୍ଗା ଆଉ କେବେ ସେପରି କଥା ଉଠେଇନ ସିନା କନ୍ତୁ କପରି ଏ ଘର ଚାଲିବ । ସବୁବେଳେ ତାର ସେଇ ଚନ୍ତା । ପେଟ ତ ଆଗ ।

ସେଦିନ ଯମୁନା ଯାଇ ଗଙ୍ଗାଧରକୁ କହିଥିଲା ଦେଖ ମୋ ମୁଣ୍ଡର ଗୋଟେ ବୁଦ୍ଧି ପସିଛି । ମୁଁ ସିନା ପିଲା ମାନଙ୍କୁ କ ତତେ ଛାଡି ବାହାରକୁ ଯାଇ କାମ କରି ପାରିବିନ କନ୍ତୁ ଏପରି କଛି କାମ କରିବି ଯେ ଲୋକ ଆମ ଘରକୁ ଆସିବେ ଆଉ ଟଙ୍କା ଦେଇ ଯିବେ । ମୁଁ ବୁଢି ମାନଙ୍କର ଗୋଡ ଘଷା ମଜା କାମ କରିବି । "ଲଖିଆ' ତାଙ୍କ ପଡୋଶୀକୁ କହି ତାଙ୍କ ଘର ବାହାରେ ଗୋଟେ ସାଇନବୋର୍ଡ ଲଗେଇଦବା ଏଠି ଗୋଡରେ ତେଲ ମାଲିସ୍ ଘଷା ମଜା ସବୁ କରା ଯାଏ ବୋଲି । ମୁଁ ସେମାନଙ୍କ ଗୋଡ ହାତ ଘଷି ଦେବି ଟଙ୍କାକୁ ଟଙ୍କା ମିଳବ

ପିଲା ମାନଙ୍କ ଦେଖା ଶୁଣା ବି କରି ପାରିବି । ଗଙ୍ଗାଧର ମନରେ ଅନେକ ଖରାପ ଚିନ୍ତା କ୍ଷଣକ ପାଇଁ ପସି ଯାଇଥିଲା କଣ ଏ ଯମୁନା କହୁଛି ! ମୁଣ୍ଡ ତାର ଘୁରି ଯାଇଥିଲା । ପରେ ସ୍ଥିର ଚିତ୍ତରେ ଭାବି କିଛି ସମୟ ପରେ କହିଲା "କିଛି ମନ୍ଦ ନୁହେଁ ଲୋ ତୋ କଥା'।

ଆଜି କାଲି କୋଉ ବୋହୂ ମାନେ ଶାଶୁଙ୍କୁ ଆଉ ଘଷା ମଜା କରୁ ନାହାଁନ୍ତି । ବୁଢୀ ବୟସରେ ଘଷା ମଜା ନିହାତି ଦରକାର । ସେମାନଙ୍କ ଦେହକୁ ଶକ୍ତ ରଖିବାର ଏକ ଭଲ ଉପାୟ । ଗୋଡରେ ତେଲ ମାଲିସ୍ ବି ଅନେକ ପ୍ରକାର ରୋଗରୁ ଦୂରରେ ରଖେ ବୋଲି ସେଦିନ ମନ୍ଦିରକୁ ଯୋଉ ବାବା ଆସିଥିଲେ ସେ କହୁଥିଲେ । ଗଙ୍ଗାଧର ଜଣେ ବାବୁଙ୍କୁ ତା ଅଟୋରେ ବସେଇ ସେଠିକି ନେଇକି ଯାଇଥିଲା ବେଳେ ସେ ବି ଟିକେ ଭାଷଣ ଶୁଣି ଥିଲା । ଏବେ ମନେ ପଡୁଛି । ତେଣୁ ନିଶ୍ଚୟ ବହୁତ ବୁଢା ବୁଢୀମାନେ ଆଗ୍ରହ ଦେଖେଇବେ ଘଷାମୋଡା ଖାଇବାକୁ । ସେ ସିନା ଚାଲିବୁଲି କରି ପାରୁନି କିନ୍ତୁ ଘରେ ବସି ଏ କାମରେ ଯମୁନାକୁ ସାହାଯ୍ୟ କରି ପାରିବ ନିଶ୍ଚୟ ।

ଲଖିଆକୁ କହି ଗୋଟେ ସାଇନବୋର୍ଡ ଲଗେଇଦେଲେ ବାହାରେ ଏଠରେ ଗୋଡ ହାତରେ ତେଲ ମାଲିସ୍ କରା ଯାଏ ବୋଲି । ତାପର ଦିନ ଘର ଆଗରେ ଲମ୍ବା ଲାଇନ୍ । ଯେତକ ଟୋକା ଯୋଉଠି ଥିଲେ ସମସ୍ତେ ଆସି ହାଜର । ସେଥିରେ ବି ଚାରି ଜଣ ମଦୁଆ ଯେଉଁ ମାନଙ୍କୁ ଗଙ୍ଗା ଭଲ କରି ଜାଣେ ବସ୍ତି ମୁଣ୍ଡର ବସି ମଦ ଭାଙ୍ଗ, ସେବନରେ ସମୟ ଅତିବାହିତ କରନ୍ତି । ସେଇମାନେ ସବୁ ଲାଇନ ଲଗେଇ ଠିଆ ହୋଇଚନ୍ତି । ଗଙ୍ଗା ଦେଖି ତା ମୁଣ୍ଡ ଗରମ ହେଇଗଲା, ତେରି ତୋ......ବେଶୀ କିଛି କହି ପାରିଲାନି । ତା ଗୋଡ ଭଲ ଥିଲେ ସେ ଏମାନଙ୍କର ସମସ୍ତଙ୍କ ଗୋଡ ବାଡେଇ ଭାଙ୍ଗି ଦେଇଥାନ୍ତା ।ଯେତେବେଳେ ଦୁର୍ଭାଗ୍ୟ ଆସେ "କାଣି ବିଲେଇ କୁଜି ଅସରପା ଉପରେ ବି ତୋଡ ଦେଖାଏ"। ଲଖିଆକୁ ଡାକି ସାଇନବୋର୍ଡ କାଢି ଆଣି ସମସ୍ତଙ୍କୁ ବିଦା କରିଦେଲା, କାହାରି ପାଟି ଗୋଳକୁ ନଶୁଣି ।

ତାପରେ ସାଇନବୋର୍ଡରେ ଲେଖିଲା ଷାଠିଏ ବର୍ଷରୁ ଉର୍ଦ୍ଧ ଲୋକ ମାନଙ୍କ ଗୋଡରେ ତେଲ ମାଲିସ୍ ଓ ଗୋଡ ଘଷା କରାଯାଏ ଏଠାରେ । ଥରକୁ ଶହେ ଟଙ୍କା । ତାପରେ ଭିଡ କମିଗଲା ଯୋଉ ମାନଙ୍କର ନିହାତି ଦରକାର ସେଇମାନେ ହିଁ ଆସିଲେ । ପୁରୁଷ ମାନେ ଆସିଲେ ଗଙ୍ଗା ମସାଜ କରେ । ମହିଳା ମାନଙ୍କୁ ଯମୁନା । ଗଙ୍ଗା ସିନା ଚାଲିବୁଲି କରି ପାରେନା କିନ୍ତୁ ଗୋଟାଏ ଜାଗାରେ ବସି ଏ କାମ ତ କରି ପାରିବ । ସେମାନଙ୍କ ଖୁସି କହିଲେ ନସରେ । ଏ ଏକ ଧନ୍ଦା ଲୋକ ମାନଙ୍କର ବାରମ୍ବାର ଦରକାର ହୁଏ ।

ଏ କାମରେ ପରିଶ୍ରମ ତ ଅଛି । ସେବା ଭାବ ବି ଅଛି । ଏହାଦ୍ୱାରା ବହୁତ ଲୋକଙ୍କ ମନ ସେମାନେ ଅଚରେ କଣିନେଲେ । ବହୁତ ଲୋକ ତ ତାଙ୍କର ତେଲି ଗରାଖ ପାଲଟି ଗଲେ । ସେତିକ ବି ନୁହେଁ ଟଙ୍କା ଯାହା ଦବାର କଥା ଦିଅନ୍ତି ବେଳେ ବେଳେ ସେମାନଙ୍କ ପାଇଁ କଛି ଭେଟି ଖାଇବା ଜିନଷ ଆକାରରେ ହେଉ ବା ଅନ୍ୟ କଛି ହେଉ ଧରି କରି ଆସନ୍ତି ।

ଆଗକୁ ଦୁର୍ଗାପୂଜା ଆସୁଛି । ଏବେ ଯିଏ ଆସୁଛି ଯମୁନା ପାଇଁ ଶାଢୀ ଓ ଗଙ୍ଗାଧର ପାଇଁ ଧୋତି କ ଚାଦର କ ଗାମୁଛା ଖଣ୍ଡେ ହେଉ ନେଇ କରି ଆସୁଛି । ଏ ବର୍ଷ ପ୍ରଥମ ଥର ତାଙ୍କ ଜୀବନରେ ବଡ ଧୁମ୍ ଧାମ୍ ରେ ଦୁର୍ଗାପୂଜା ପାଳନ କରିବେ ସେମାନେ ଠିକ୍ କରିନେଲେ । ସମସ୍ତଙ୍କୁ ଗୋଟେ ଦିନ ମାଗଣାରେ ତେଲ ମାଲିସ୍ କରିବେ ସେମାନଙ୍କର ସମସ୍ତ ଗରାଖ ମାନଙ୍କୁ । ଏଇ ହେବ ସେମାନଙ୍କର ଦଶହରାର ପ୍ରତି ଉପହାର ସେମାନଙ୍କ ପାଇଁ । ଚାରିଦିନ ଛୁଟି ନେବେ କାମରୁ । ସମସ୍ତଙ୍କୁ ଆଗରୁ କହି ଦେଇଛନ୍ତି । ଖାଲି ଖାଇବେ ନୂଆ ଲୁଗାପଟା ପିନ୍ଧି ପିଲା ମାନଙ୍କ ସହିତ ଖେଳବେ ।

ବାହାରକୁ କୁଆଡେ ବୁଲେଇ ନନେଇ ପାରିବାର ଅକ୍ଷମତାକୁ ଯେତେ ଲୁଚେଇବାକୁ ଚେଷ୍ଟା କଲେ ବି ଗଙ୍ଗାଧରର ଲୁହଧାର ବାରମ୍ବାର ତାର ଦୁର୍ବଳତାକୁ ପଦାରେ ପକେଇ ଦେବାକୁ ଯେପରି ଶପଥ  କରି ନେଇଛି । ଲୁହକୁ ପୋଛିବା ପୂର୍ବରୁ ଯମୁନା ତାହା ଦେଖି ନଦେଖି ଥିବାର ଛଳନା କରି ଭଲ ଭଲ ଖାଇବାରେ ସମସ୍ତଙ୍କୁ ଆପ୍ୟାୟିତ କରିବାକୁ ଚେଷ୍ଟା କରେ। ଏତେ ପ୍ରକାର ମିଠା, ମାଛ, ମାଂସ ବୋଧହୁଏ ଜୀବନରେ ପ୍ରଥମଥର ସେମାନେ ଖାଉଛନ୍ତି। ପରସ୍ପର ପରସ୍ପରର ଦୁଃଖ ଦୁର୍ବଳତାକୁ ଅନୁଭବ କରି ପାରୁଥିଲେ ବି ପ୍ରକାଶ କରୁଥିଲେ ହସ ମାଧ୍ୟମରେ । ମିଠା ଥଟ୍ଟା ମଜ୍ଜା କଥା ମାଧ୍ୟମରେ ।

ଯମୁନାକୁ ତା ବୁଦ୍ଧି ପାଇଁ କୃତଜ୍ଞତା ଜ୍ଞାପନ କଲା ଯେତେବେଳେ ଗଙ୍ଗାଧର, ସେତେବେଳେ ଯମୁନା କହିଥିଲା ସେଦିନ ରମା ମା' ଆସି ନଥିଲେ ତା ମୁଣ୍ଡରେ ଏ ବୁଦ୍ଧି ପସି ନଥାନ୍ତା । ଏବେ ନଜ ପରିଶ୍ରମରେ ନଜେ ସେମାନେ ଚଳବେ । କାହକୁ ହାତ ପତେଇବାକୁ ପଡିବନ କ କାହାର କୁଭାଷା ସହିବାକୁ ପଡିବନ । ବୁଦ୍ଧିଥିଲେ ବାପର ଛୁଆ । ମରିବା ପାଇଁ ଯେପରି ହଜାର ରାସ୍ତା ଅଛି ଏ ସଂସାରରେ ବଞ୍ଚିବା ପାଇଁ ବି ସେମିତି ପାଞ୍ଚ ହଜାର ରାସ୍ତା ପଡିଛି । ଭଗବାନ ସବୁ ପାଇଁ ରାସ୍ତା ରଖିଛନ୍ତି  । ଖାଲି ଖୋଜି ପାରିଲେ ହେଲା ।

ରଚେଷ୍ଟର, ମିନେସୋଟା,

ଯୁକ୍ତରାଷ୍ଟ୍ର ଆମେରିକା

# ମୁଁ ଓ ମୋ ନାୟୀକା



ଅର୍ଜୁନ ମେହେର (ଆଶ୍ରିତ)

ପ୍ରତିଷ୍ଠା ଉତ୍ସବେ ହୋଇ ପ୍ରଣିପାତ
ଦେଖିଲି ଖୋଲି ନୟନ
ଆଗ ପଂକ୍ତିରେ ମୋ ଛିଡ଼ା ହୋଇଅଛି
ହୋଇ ହସ ହସ ମୁହଁ ॥

ସାଥେ କେହି ନାହିଁ ଅଛି ଏକା ହୋଇ
ଗଲ୍ ଦିଅଁ ଦରଶନେ
ମୁରୁକ ମୁରୁକ ହସି ହସି ଯାଏ
ଓଲଟି ଦେଖଇ କ୍ଷଣେ ॥

ସୁବାସ କୁସୁମ କର୍ପୁର କସ୍ତୁରୀ
ଜବା ପୁଷ୍ପ ଧରି ହାତେ
ଧୀର ଧୀରେ ଚାଲି ଯାଏ ସେ ସୁନ୍ଦରୀ
ଦୃଢ଼ ମନା ହୋଇ ଚତ୍ତେ ॥

ବେଢ଼ାର ବାହାରେ ବସିଛି ଆଶାରେ
କରୁଅଛି ନରିକ୍ଷଣ
ଫେରିକ ଆଶୁଛି ମୋ ମନ ପ୍ରିୟସି
ଚାହୁଁଅଛି କ୍ଷଣ କ୍ଷଣ ॥

ସଞ୍ଜ ହୋଇ ରାତି ଆସୁଅଛି ଘୋଟି
ବିଜୁଳ ଚମକେ ନଭେ
ହୃଦୟ ସ୍ପନ୍ଦନ ବଢ଼େ ଘନ ଘନ
ପବନ ବହଇ ବେଗେ ॥

ଯେଉଁ ବାଟେ ଯିବା କରନ୍ତି ପ୍ରୟାସ
ଡର ଡର ହୋଇ ଯାନ୍ତି
ପ୍ରତିଟି ମୂହୁର୍ତ ମୋ ପାଇଁ ଆବେଗ
ଥର ଥର କମ୍ପେ ଛାତି ॥

କାର୍ଯ୍ୟାଳୟ ଲୋକେ ପଚ୍ଚରି ବୁଝନ୍ତି
ଇତସ୍ତତଃ ହେବା ଦେଖି
ନିର୍ଦ୍ଦିଷ୍ଟ କଏ ହୋଇଛି ଆପଣ
ବାରମ୍ବାର ଖୋଜେ ଆଖି ॥

କଏ ଅବା ଆଉ ରହିକ ଯାଇଛି
ଆସିଲେନ ଘରଲୋକେ
ପଚ୍ଚରି ବୁଝୁଛୁ ଅନ୍ୟ କାର୍ଯ୍ୟାଳୟେ
ବିଶ୍ରାମ ନେଲେକ ଥୋକେ ॥

ଧାଇଁ ଯାଇ ଦେଖେଁ ବସିଛି ପ୍ରିୟସି
ବାଟ ଅଛି ମୋର ଚ୍ଚହିଁ
ବହୁ ଦିନ ପରେ ହୋଇଅଛି ଭେଟ
ହାତ ଛଡ଼ା ହେବା କାହିଁ ॥

ବଢ଼େଇଣ ହାତ ତୋଳଲି ତୁରିତ
ଏକ ସଂଗେ ଚ୍ଚଲି ଚ୍ଚଲି
ଅଢ଼େଇ ଅକ୍ଷର ଅଧା ହେଲା ପ୍ରେମ
ବାଟ ଗଲୁଁ ଦୁହେଁ ଭୁଲି ॥

ଗନ୍ତବ୍ୟ ସ୍ଥଳରେ ପହଂଚଲା କ୍ଷଣି
ଅପୂର୍ବ କଥାଏ ହେଲା
ପାଖରେ ନାତୁଣୀ ଶୋଇଥିବା ଦେଖି
ନିଦ ମୋର ଭାଂଗି ଦେଲା ॥

ଗୈ।ଢ଼ପାଲି, ବୁର୍ଲା

# କରୋନା ଉବାଚ

(ଅନ୍ତିମ ଭାଗ)



ଶଶଧର ମହାପାତ୍ର

(୧)

ମୁଁ ରହିଥିଲି ଦୁଃଖ, ଯନ୍ତ୍ରଣାରେ
ମୋ' ଦୁନିଆରେ ଭାଇ
ଚାଇନିଜ୍ ବନ୍ଧୁ କଲେ ନିମନ୍ତ୍ରଣ
ଶୀଘ୍ର ଆସିବାପାଇଁ
ଆସିଗଲି ଧାଇଁଧାଇଁ
ତୁମ ଦୁନିଆ ଦେଖିବାପାଇଁ

(୨)

କେଡେ ସୁନ୍ଦର ତୁମରି ଦୁନିଆ
ଯାହା ଖୋଜ ମିଳେ ଏଠି
ଭୋକର ନିଆଁରେ ପେଟ ଜଳୁଥିଲା
ବାଦୁଡି ପେଟରେ ସେଠି
ମୋର ସମ୍ବଳ ନଥିଲା କିଛି
ଛୋଟିଆ ପେଟରେ ଟିକିଏ ମାଉଁସ
ପ୍ରାଣଗଲା ଖଟିଖଟି

(୩)

ସ୍ୱପ୍ନ ଥିଲା ମୋର ଯିବି ବହୁଦୂର
ଅଜଣା ଗାଇଜ ବୁଲି
ଫଟା କପାଳରେ ହାତ ମାରିମାରି
ଦିନ କାଟୁଥିଲି ଖାଲି
ସୁଯୋଗ ମିଳିଲା ହାତ ପାଆନ୍ତାରେ
ବନ୍ଧୁ ଡାକଥିଲେ ଅତି ଶରଧାରେ
ତେଣୁ ଆସିବାକୁ ମନ କଲି

(୪)

ସୁଖର ଦିନ ଏବେ ଆସିଗଲା
ଖାଇଖାଇ ସରୁ ନାହିଁ
ଜଣ ଜଣକୁ ଖାଇଖାଇ ଯାଏ
ଧୀରେ ଧୀରେ ଡେଇଁଡେଇଁ
ମଣିଷ ଜାତିକୁ ବୁଝିବାକୁ ହେବ
ତା' ରଣ କୌଶଳ ସମୟ ଲାଗିବ
ମୋ' ପ୍ରକୃତି ଜାଣିବା ପାଇଁ

(୫)

ଚାଇନାର ଲୋକ ସବୁ ଖାଉଛନ୍ତି
କେବଳ ମଣିଷ ବିନା
ଅସୁରମାନଙ୍କୁ ଶିକ୍ଷା ଦେବାପାଇଁ
ସ୍ଥିର କଲି ମନେ ସିନା
ଏଡେ ଅତ୍ୟାଚାର କରି ଚାଲିଛନ୍ତି
ପରିବେଶକୁ ସେ' ନଷ୍ଟ କରୁଛନ୍ତି
ବୁଝୁନାହିଁ ସେ' ଚାଇନା

(୬)

ପ୍ରକୃତି ମୋର ଜାଣୁଜାଣୁ ମୁଁ
ଖାଇ ଯାଇଥିବି କେତେ
ମୁଁ ମୋ' ଧର୍ମ ପାଳନ କରୁଛି
ଦୋଷ ଦିଅ କଆଁ ମୋତେ
ଏତେ ଅସହାୟ ଏ' ମଣିଷ ଜାତି
ବଦଳବ ବୋଲି ଦେଶ ଅର୍ଥନୀତି
ଜାଣି ନଥିଲି ମୁଁ ସତେ

(୭)

ପୋକ ମାଛି ଭଳ ମଣିଷ ମରିବେ
ନଥିଲ୍ ମୋର ବିଗ୍ଭର
ମେଡିସିନ୍ ଆଉ ଭ୍ୟସିନେଶନ
କଲନାହିଁ ପ୍ରତିକାର
ଖାଲି ଦୋଷ ଦେଉଅଛ ମୋର
ମୋ' ବିନା ଆଉ କଏ ଆସିଥିଲେ
ସେ' କଥା ବିଗ୍ଭର କର

ହିଡେନ୍ ଭ୍ୟଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ବିଶ୍ୱକର୍ମା



ଦୂର୍ବାଦଳ କଗଲି

ସୃଜନୀ ର କର୍ମକାର
ଗଢିଅଛ, ଅନ୍ତହୀନ
ସୃଷ୍ଟି ର ସମ୍ଭାର
ତମରି ଆକାଶ ତଳେ
ପ୍ରକୃତି ର ନଗ୍ନ ରୂପ
ଧ୍ୱଂସ, ବିଭୀଷିକା
ଭାଙ୍ଗିଦିଏ ଗରିବ ଶିବିର
ହେ ସର୍ବେଶ୍ୱର,
ତୋଳ ଦିଅ
ଭଗ୍ନ ନୀଡ ତାର ।

ଦଧିଚ ଋଷି ଙ୍କ
ଅସ୍ଥି କଙ୍କାଳୁ ସର୍ଜନା
ଦେବେନ୍ଦ୍ର ଙ୍କ ବଜ୍ରାୟୁଧ
ତୋ ପରିକଳ୍ପନା ।
ଶ୍ରୀହରିଙ୍କ ଅଗ୍ନେୟାସ୍ତ୍ର,
ସୁଦର୍ଶନ ଚକ୍ର
ଶାଣିତ କରିଛି ତାକୁ
ତମ ଦିବ୍ୟହସ୍ତ
ସବୁ ତମ ଜ୍ଞାନାର୍ଣ୍ଣବ ତୀରେ
ପ୍ରଖର ଯାନ୍ତ୍ରିକ ଅଭିକଳ୍ପ ।

ସତ୍ୟ ଯୁଗେ ସ୍ୱର୍ଗାଲୋକ
ତ୍ରେତୟାରେ ସ୍ୱର୍ଣ୍ଣିଭ ଶ୍ରୀଲଙ୍କା
ଦ୍ୱାପରର ଇନ୍ଦ୍ରପ୍ରସ୍ଥ
ହସ୍ତିନା, ଦ୍ୱାରିକା
କଳରେ ଚତୁର୍ଧାମୂର୍ତ୍ତି,
ଶ୍ରୀ କ୍ଷେତ୍ର ମଣ୍ଡପ ।
ଚନ୍ଦ୍ରଭାଗା କୂଳେ ଶୋଭେ
ପୂଣ୍ୟ ଅର୍କ କ୍ଷେତ୍ର ।
ହେ ରୂପକାର,
ତମ ହାତେ
ତମ ରୂପରେଖ ।

ଇନ୍ଦ୍ରପ୍ରସ୍ଥ ର ସ୍ଥାପତ୍ୟ
କଳ୍ପନା ଅତୀତ
ଚମତ୍କୃତ କାରୁକାର୍ଯ୍ୟେ
ଅସ୍ଥିର, ବିବ୍ରତ
ମସୃଣ ଚଟାଣ ପୃଷ୍ଠେ
ଜଳାଶୟ ଦୃଶ୍ୟ
ପାଦ ରଖି ଅସନ୍ତୁଳ,
ବିଭ୍ରାନ୍ତ ସେ
କୁରୁଶ୍ରେଷ୍ଠ,
ହସ୍ତିନା ନରେଶ
ସବୁ ତମ
ସୃଜନୀ ବିଶେଷ ।

ଦ୍ରୌପଦୀ ମୁଖ ନିଃସୃତ
ବିଦୃପ ଇଙ୍ଗିତ
କୋପାଗ୍ନିର ଯଜ୍ଞ କୁଣ୍ଡେ
ଢାଳି ଦେଲା ଘୃତ
ଜନ୍ମ ନେଲା
ମହା-ବିବାଦର ସୂତ୍ରପାତ ।
ବାସ୍ତୁକାର ତମେ
ଧର୍ମ ସଂସ୍ଥାପନା ପାଇଁ
ଅଧର୍ମର ଧ୍ୱଂସ ଲୀଳା
ଚକ୍ରବ୍ୟୁହ ରଚନାରେ
ଶୋକାକୁଳ
ହେଲା ପରିବେଶ ।
ମୂକସାକ୍ଷୀ
ଶାନ୍ତ କୁରୁକ୍ଷେତ୍ର ।

ଆଜି ଶିଖାଇଛି ସେଇ
ପ୍ରାଚୀନ ପୁରାଣ
ସମାଜର ପ୍ରତି କୋଣେ
ପ୍ରତିଧ୍ୱନିତ ହୁଏ
ଅବହେଳିତ,
ବାସହୀନର
ସନ୍ତପ୍ତମୟ
ହୃଦୟ ସ୍ପନ୍ଦନ
ଖସି ଯାଏ ପାଦ ତଳୁ ମାଟି
ସୂଚଗ୍ର୍ୟ ମେଦିନି ପାଇଁ
ପଥ ପ୍ରାନ୍ତରରେ କିବା
ରେଳ ଷ୍ଟେସନରେ
ଶୁଭେ ଖାଲି ନିରାଶ୍ରୟର
ଆର୍ତ୍ତ ନିବେଦନ ।

ସମୟ ସାପେକ୍ଷ ନୁହଁ
ପ୍ରେତାତ୍ମାର ରଙ୍ଗ ମାଖି
ଲୁଚକାଳି ଖେଳେ ସାମ୍ୟବାଦ
ଭ୍ରଷ୍ଟାଗ୍ରର ଶିଖରରେ ଚଢି
ରକ୍ଷକ, ଭକ୍ଷକ ସାଜି
ବୁଝିବାରେ ଅସମର୍ଥ
ବାସହରା ବାୟା ଚଢେଇ ର
ସଂଘର୍ଷମୟ
କାହାଣୀ ର ମର୍ମ ଶୁଭେ ଖାଲି
ନିରାଶ୍ରୟର ଆର୍ତ୍ତ ନିବେଦନ ।

ହେ ବିଶ୍ୱ ନିର୍ମାତା
ଦେଇଯାଅ ତମ
ପ୍ରାଚୁର୍ଯ୍ୟର ଗନ୍ତାଘରୁ
ଧୂଳିକଣାର ବିସ୍ତୀର୍ଣ୍ଣ ସ୍ତୁପଖଣ୍ଡ
ତୋଳିଦିଅ ଅସହାୟ,
ନିରାଶ୍ରୟ ପାଇଁ
ଆଶ୍ରୟ ସ୍ଥଳୀର
ସୁରମ୍ୟ ନଗରୀ ।
ଶିଖାଇଦିଅ ଏ ପିଢିକୁ
ମାନବିକତାର ମହାମନ୍ତ୍ର ,
ଆମ୍ ନିର୍ଭରଶୀଳତାର
ନିଖୁଣ କୌଶଳ ।
ଲେଖିଦିଅ ତାଙ୍କ
ହାତ ପାପୁଲିରେ
ସ୍ଥାପତ୍ୟ କଳାର ଏକ
ସଂକ୍ଷିପ୍ତ ଅନୁଶୀଳନ ।

ଅବସର ପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ
ଭାରତୀୟ ଜୀବନ ବୀମା ନିଗମ
ଝରଣା ନିବାସ, ବାବୁଆ ବଗିଚା,ଝାରସୁଗୁଡା

# ମହାଯାତ୍ରା



ବିନୟ ମହାପାତ୍ର

ରମାନାଥ ବାବୁ ଏମିତି ଚାଲୁଚାଲୁ ଥରେ ପଛକୁ ଫେରି ଚାହିଁଲେ, ପଛର ଦୃଶ୍ୟ କିଛି ସ୍ପଷ୍ଟ ଦିଶୁନି । ପଛରେ ସବୁ କିଛି ଧୂଆଁ ଧୂଆଁ କୁହୁଡି ଭିତରେ ନଜର ସତ୍ତା ଲୁଚାଇ ଦେଇଛନ୍ତି । ଯେମିତି ମାଘମାସର ଘନ କୁହୁଡିର ଚାଦରରେ ଢଙ୍କା ଏକ ଅଳସ ସକାଳ । ସବୁକିଛି ନିଜ ଯାଗାରେ ଠିକ୍ ଠିକ୍ ଅଛନ୍ତି କିନ୍ତୁ ଲାଗୁଛି ସତେ ଯେପରି ସେଠାରେ କିଛିନାହିଁ । ସଂସାରଟା ଏମିତି ଏକ ପ୍ରହେଳିକା, ସବୁ ଥାଇ କିଛି ନଥାଏ, କିଛି ନଥାଇ ବି ସବୁକିଛି ଥାଏ । ଦିନର ପ୍ରଥମ ସୂର୍ଯ୍ୟ ଉଇଁଗଲା ପରେ ବି କଅଁଳିଆ ସୂର୍ଯ୍ୟ ନୂଆ ବୋହୂଟିର ମଥାରେ ନାଲି ସିନ୍ଦୁର ବିନ୍ଦୁଟିଏ ପରି ଦିଶୁଥାଏ, ଖରା ଜମାରୁ ଦିଶେନା, ଉଷ୍ମତା ଟିକିଏ ବି ନଥାଏ । ଏମିତି ଏକ ସକାଳୁ ସେ ତାଙ୍କର ଚାଲିବା ଆରମ୍ଭ କରିଛନ୍ତି ଯେ, ଏଯାଏ ସରିବାର ନାଆଁ ନେଉନାହିଁ । ସମୟର କେତେ ଆଗକୁ ଚାଲି ଆସିଲେଣି ସିଏ !

ଦିପହର ଯାଇ ସଞ୍ଜ ହେବାକୁ ହେଲାଣି, ଏବେ ଆଉ ସୂର୍ଯ୍ୟର ତୀବ୍ର କିରଣ ଦେହକୁ ଜାଳଦେଉନି । ବୈଶାଖର ଦେହଜଳା ଖରା, ଶ୍ରାବଣର ମୂଷଳଧାରା ବର୍ଷା ହେଉ କି ମାଘମାସର ବାଘପରି ଶୀତ, ସେଥିରେ କିଛି ଫରକ ପଡୁନି ତାଙ୍କୁ, ସେସବୁ ଆଉ କଷ୍ଟ ଦେଉନି, ବରଂ ସବୁ ତାଙ୍କର ଦେହସୁହା ହୋଇ ସାରିଲାଣି । ଅପରାହ୍ନର ସୂର୍ଯ୍ୟ ବି ଥକିଗଲାଣି ତାଙ୍କ ସାଥିର ଚାଲିଚାଲି । ପଥ ସତେ ଯେମିତି ଲମ୍ବା ହୋଇ ଯାଇଛି, ସରିବାର ନାଆଁ ନେଉନି । କିନ୍ତୁ ଏ ପଥ ସରିବ କେମିତି ? କୁଆଡେ ଯାଉଛନ୍ତି ସିଏ ? କିଛି ଗନ୍ତବ୍ୟ ତ ଧାର୍ଯ୍ୟ କରିନାହାନ୍ତି ! କେଉଁଠି ପହଞ୍ଚିବାକୁ ଥିଲା ତାଙ୍କୁ ? ସବୁ କିଛି ଅନିର୍ଦ୍ଦିଷ୍ଟ, କିଛିବି ଧାର୍ଯ୍ୟ ନାହିଁ, ସେ ଖାଲି ଏମିତି ଦିଶାହୀନ ହୋଇ ଚାଲିଛନ୍ତି । ରାସ୍ତା ଭୁଲିଗଲେ ଅବା ବାଟବଣା ହୋଇଗଲେ ବୋଲି କହି ହେବନି, କେମିତି କହିବେ ବାଟବଣା ହୋଇଗଲେ ବୋଲି ? ଆଗରୁ କିଛି ଦିଶା ନିର୍ଦ୍ଦିଷ୍ଟ ହୋଇ ନଥିଲା । ତେଣୁ ସେ ଯେଉଁ ପଥରେ ଚାଲୁଛନ୍ତି ସେଇଟା ହିଁ ଠିକ୍ ବୋଲି ମାନି ନେବାକୁ ହେବ ।

ନଦୀକୁ ଜଣାଥାଏ ତାକୁ ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ଅଛି, ଟିକ ଚଡେଇଟି ବି ଜାଣିଥାଏ, ସଂଧ୍ୟାହେଲେ ତାକୁ ତାର ଟିକ ନୀଡଟିକୁ ବାହୁଡିବାକୁ ହେବ, ହେଲେ ରମାକାନ୍ତ ବାବୁ ? କେହିତ ତାଙ୍କୁ କହିନ କେଉଁଠାକୁ ଯିବାକୁ ଅଛି, ସେ ନଜେବି କାହାକୁ କେବେ ପଚ୍ଚରି ନାହାନ୍ତି । ଯିବାର କଛି ଉଦ୍ଦେଶ୍ୟ ନାହିଁ, କଛି ଲକ୍ଷ ନାହିଁ, କଛି ଗନ୍ତବ୍ୟ ମଧ୍ୟ ସ୍ଥିର ନାହିଁ । ସକାଳୁ ସକାଳୁ ଏମିତି ବାହାରି ପଡିଥିଲେ ଏଇ ଯାତ୍ରାରେ ।

ସୂର୍ଯ୍ୟ ଯେତେବେଳେ ଉଇଁଲା, ସିଏ କାଉ ହାତରେ ଖବର ପଠେଇଥିଲା । କହିଲା ଚ୍ଚଲ ମୋ ସାଥିରେ । ରମାନାଥ ପଚ୍ଚରିଲେ କୁଆଡେ ଯିବା ? ସୂର୍ଯ୍ୟ କହିଲା ମୁଁ କଣ ଜାଣିଛି ? ଏମିତି ଚ୍ଚଲିବା, ଯେ ପର୍ଯ୍ୟନ୍ତ ରସ୍ତା ଦିଶୁଥିବ । ତା'ପରେ ତୁ ଫେରିବୁ, କାଲି ସକାଳେ ମୁଁ ବି ଫେରିବି, କାଲି ପୁଣି ଦେଖା ହେବ । ରମାନାଥ ପଚ୍ଚରିଲେ କାଲି ପୁଣି କେଉଁଠି ଭେଟିବା? ସୂର୍ଯ୍ୟ କହିଲା ମୋ ପାଇଁ ସେଇ ଗୋଟିଏ ରସ୍ତା, ନର୍ଦ୍ଦିଷ୍ଟ ହୋଇଛି, ମୁଁ କେବଳ ସେଇ ରସ୍ତାରେ ଯିବି ଏବଂ ଆସିବି, କନ୍ତୁ ସଂସାରର ଏଇ ଭିଡଭାଡ ଜନପଥରେ ତୁ କେଉଁ ରସ୍ତାରେ ଯିବୁ ସେକଥା କାହାକୁ ଜଣା ? ତୋ ରସ୍ତା କଥା ତୋତେ ମଧ୍ୟ ଜଣା ନାହିଁ । ସେ ଯାହା ହେଉନା କାହିଁକି, ଯିଏ ଯେଉଁ ରସ୍ତାର ଯାଉନା କାହିଁକି ସବୁ ନଦୀ ସେଇ ସମୁଦ୍ରରେ ହିଁ ମିଶିବେ, ତୋ ସହିତ କାଲି ବି ଦେଖାହେବ, ଆମେ କାଲି ପୁଣି ଥରେ ଭେଟିବା, ନଶ୍ଚୟ ଭେଟିବା !

କଛି ଗନ୍ତବ୍ୟ ନଥିଲା, ତଥାପି ବହୁତ ଦୂର ଯିବାକୁ ଥିଲା, ରସ୍ତା ବହୁତ ବାକଥିଲା ଚ୍ଚଲିବାକୁ। ରସ୍ତା ବି ଗୋଟିଏ ନଥିଲା, ଅନେକ ରସ୍ତା, ବାଛିବା କଷ୍ଟ । ରମାନାଥ ସୂର୍ଯ୍ୟକୁ ପଚ୍ଚରିଲେ, କେଉଁ ରସ୍ତାଟି ଠିକ୍ ରସ୍ତା ? ସୂର୍ଯ୍ୟ କହିଲା ମୋର ତ ସେଇ ଗୋଟିଏ ରସ୍ତା, ତୋ ରସ୍ତା କଥା କନ୍ତୁ ମୋତେ ଜଣାନାହିଁ । ନଜକୁ ପଚ୍ଚରେ ! ମୋ ପାଖରେ କଛି ବିକଳ୍ପ ନାହିଁ ବୋଲି ମୁଁ ପ୍ରତିଦିନ ସେଇ ପୂର୍ବରେ ଉଏଁ ଆଉ ପଶ୍ଚିମରେ ଅସ୍ତ ହୋଇଯାଏ । ମୋ ପାଇଁ ସେଇ ଗୋଟିଏ ରସ୍ତା ନର୍ଦ୍ଦିଷ୍ଟ । ତୋ ପାଖରେ କନ୍ତୁ ହଜାର ବିକଳ୍ପ ଅଛି । ସୁବିଧାରେ ପହଞ୍ଚିବା ପାଇଁ, ନରପଦରେ ପହଞ୍ଚିବା ପାଇଁ ଅନେକ ରସ୍ତା । ଆଉ କେତେ ରସ୍ତା ସିଧା ସିଧା, ସଟକଟ୍, ଜଲଦି ପହଞ୍ଚି ଯିବ, କନ୍ତୁ ବହୁତ ରିସ୍କି । ନେଇ ଆଣି ଥୋଇ ପାରିଲେ ହେଲା । କଛି ରସ୍ତା ବହୁତ କଠିନ, ବିପଦରେ ଭରପୁର, ସେଥିରେ ସୁଖ ମିଳବକ ନାହିଁ ଜଣାନାହିଁ, କନ୍ତୁ ସନ୍ତୋଷ ନଶ୍ଚୟ ମିଳବ, ନାମ ଯଶ ବି ମିଳପାରେ । ହେଲେ କଷ୍ଟ ଅଛି ସେ ରସ୍ତାରେ ।

ସୂର୍ଯ୍ୟ ଟିକଏ ବିରାମ ନେଇ ପୁଣି କହିଲା, ସେଥିପାଇଁ ଭଗବାନ ମଣିଷକୁ ମନ, ବିବେକ, ବୁଦ୍ଧି, ଜ୍ଞାନ ସବୁ ଦେଇଛନ୍ତି, ନିଜ ରାସ୍ତା ନିଜେ ଠିକ୍ କରିବାକୁ । ମୋତେ କାହିଁକି ପଚାରୁଛୁ? ନିଜେ ସ୍ଥିରକର ନିଜ ରାସ୍ତା ! ତୋର ମନକୁ ପଚାର, କହନ୍ତି ପରା, 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ', କିନ୍ତୁ ସାବଧାନ, ଏଇଠି ଆଉ କାହାକୁ ରାସ୍ତା ପଚାରିବୁନି । କାହାର କିଛି ଭରସା ନାହିଁ, ସହଜରେ ସମସ୍ତଙ୍କୁ ବିଶ୍ୱାସ ବି କରିହୁଏନି । ଏମିତି ଅନେକ ଅଛନ୍ତି, ଛଳେ ବଳେ କୌଶଳେ ତୋର ଦୁର୍ବଳତାର ସୁଯୋଗ ନେଇ ତୋର ଭରସା ଜିତିବେ ଶେଷରେ ତୋର ଅଣ୍ଟି ଆଉ ତଣ୍ଟି ଉଭୟ କାଟିନେବେ । କେତେ ତ ତାମସା ଦେଖିବାକୁ ଓଲଟା ସିଧା ରାସ୍ତା ଦେଖେଇ ଦେବେ । ଆଉ ଏମିତିବି ଅନେକ ଅଛନ୍ତି ସେମାନେ ତୋତେ ସିଧା ସଳଖ ଖାଲରେ ପକେଇ ଦେଇ ଉପରେ ଠିଆହୋଇ ରହିବେ, ତାଳିବଜାଇ ତାମସା ଦେଖିବେ । ଠିକ୍ ରାସ୍ତା ବତେଇଦେଲା ଭଳି ବହୁତ କମ ଲୋକ ମିଳିବେ ଏଇ ଦୁନିଆରେ । ତେଣୁ ନିଜର ମନ, ବିବେକ ଅନୁଶାରେ ନିଜ ରାସ୍ତା ନିଜେ ବାଛିବା ସବୁଠାରୁ ନିରାପଦ ।

ପଥ ଜଣା ନଥିଲା, ସମୟର ବନ୍ଧନ ନଥିଲା, ସମୟର ବନ୍ଧନ ନଥିଲା କହିଲେ ବୋଧହୁଏ ଠିକ୍ ହେବନି, ପ୍ରକୃତରେ ସମୟର ବନ୍ଧନ ତ ଥିଲା, କିନ୍ତୁ ତାର ସୀମା ଜଣାନଥିଲା । ସମୟ ଜଣା ନାହିଁ, କେବଳ ଚାଲିବାକୁ ବହୁତ ରାସ୍ତା ବାକି ଥିଲା । ରାସ୍ତା ଯେଉଁଆଡେ ନେଇଗଲା ପାଦ ଠିକ୍ ଠିକ୍ ତାକୁ ଅନୁଶରଣ କରୁଥିଲା । ହଜି ଯିବାର ଡର, ଥକି ଯିବାର ଭୟ ଥିଲା । କିନ୍ତୁ ଏବେ ଆଉ ଡର ଲାଗୁନଥିଲା ରମାନାଥଙ୍କୁ । ଜୀବନରେ ଏଇ ଚାଲିବା ଭିତରେ ଅନେକ କିଛି ଦେଖିଛନ୍ତି । ଉଠାଣି ଗଡାଣି ଖାଲ ଢିପ ସବୁ ଦେଖିଛନ୍ତି ।

ଆଗରୁ ଟିକଏ ଡର ଡର ଲାଗୁଥିଲା, ଉଠାଣି ଦେଖିଲେ ମୁଣ୍ଡ ବୁଲେଇ ଦେଉଥିଲା, ଭାବୁଥିଲେ ଚଢିପାରିବିତ ? କେତେଥର ଚେଷ୍ଟାକରି ହାରିଛନ୍ତି, କେତେଥର ଜିତିଛନ୍ତି ବି । କେବେ ଡରକୁ ଡରେଇ ଦେଇଛନ୍ତି, କେବେ ନିଜେ ଡରିଯାଇ ରାସ୍ତା ବଦଳେଇ ନେଇଛନ୍ତି, ହେଲେ ଚାଲିବା ବନ୍ଦ କରିନାହାନ୍ତି । ଥକିଗଲେ ଦି'ଘଡି ଗଛମୂଳରେ ବସିପଡନ୍ତି, ପଛକୁ ଦେଖନ୍ତି ରାସ୍ତାରେ ନିଜ ଅନୁଭୂତିର ରୋମନ୍ଥନ କରନ୍ତି, ନିଜର ପରାଜୟରୁ କଣ ଶିଖିଲେ ତାର ତର୍ଜମା କରନ୍ତି । କେତେ ଚାଲିଲେ ସେକଥା ଭୂଲି ଆଗକୁ ଦେଖନ୍ତି । ଭାବନ୍ତି ଆଗକୁ ଯାଉଥିବା ପଥ ବିଷୟରେ କିଛି ଜଣାନାହିଁ । ତା ବିଷୟରେ ଭାବିଲେ ଲାଭ କଣ ହେବ ? ସିଏତ ଅନିଶ୍ଚିତ, ବର୍ଷା ଆସିବ ବୋଲି ଏବେ ଠାରୁ କଣ ଛତା ଖୋଲି ରଖିବେ ? କିଏ

ଜାଣିଛି ଯେତେ ବେଳେ ବର୍ଷା, ଝଡ ତୁଫାନର ରୂପ ନେଇ ଚାଲି ଆସିବ, ସେତେ ବେଳେ ଏଇ ଛତା କେତେ କାମକୁ ଆସିବ ! ବାଆକୁ ବତା ପରି ଛତା ବି ଉଡିଯିବ । ଏଇ ଛତା ସେତେବେଳେ ତାଙ୍କର ରକ୍ଷା କରିପାରିବ କ ନାହିଁ କିଏ ଜାଣେ ?

ଭବିଷ୍ୟତ କଥା ଭାବି ଏବେ ଆଉ ଡର ଲାଗେନା । ମନ ବ୍ୟଗ୍ର ହୋଇଯାଏନା । ଯେତେ ସବୁ ରାସ୍ତା ସବୁ ଏକାପରି ଲାଗେ, କେବଳ ସାଧାରଣ ରାସ୍ତାଟିଏ ପରି ଲାଗେ । ରାସ୍ତା ତ ଉଠାଣି ଗଡାଣି, ଉବଡ ଖାବଡ ହେବଇ ହେବ । ଏଇଟା ଡ୍ରଇଁରୁମର ଟାଇଲ ବିଛା ଚଟାଣ ନୁହେଁ ଯେ ଚାଲିବାକୁ ମଖମଲି ଗାଲିଚା ମିଳବ । ଏଇଟା ରାସ୍ତା, ଯେପରି ମିଳବ, ସେଇଟା ଭଲ, ତା ଉପରେ ଯିବାକୁହିଁ ପଡିବ ।

ପ୍ରଥମ ଦିନରୁ ଏମିତି ଚାଲିବା ଆରମ୍ଭ ହୋଇଯାଇଛି, କେବେ ମାଆ ବାପା କୋଳରେ ଥାଇ, ଆଉ କେବେ ନିଜର ସନ୍ତାନକୁ କୋଳରେ ନେଇ ଚାଲିଛନ୍ତି, ରାସ୍ତା ଏବେବି ଚାଲିଛି । ବେଳେ ବେଳେ ରମାନାଥଙ୍କୁ ଲାଗେ ସେ ଯେପରି ଗୋଟିଏ ସ୍ଥାନରେ ସ୍ଥାଣୁ ପାଲଟି ଯାଇଛନ୍ତି। ବାସ୍ ନିଜକୁ ଜାବୁଡି ଧରି ଗୋଟିଏ ଜାଗାରେ ଠିଆ ହୋଇଛନ୍ତି ଏବଂ ପାଦ ତଳର ରାସ୍ତା ନଦୀଟିଏ ପରି ବୋହି ଚାଲିଛି । ସେ ସୂର୍ଯ୍ୟ ପରି ସ୍ଥିର ଆଉ ପୃଥବୀ ତାଙ୍କର ପରିକ୍ରମା କରିଚାଲିଛି । ବେଳେବେଳେ ମନେହୁଏ ସିଏ ତ ସମୟର ରେଲଗାଡିରେ ଝରକା ପାଖ ସିଟ୍ ରେ ବସିଛନ୍ତି । ପାହାଡ ପର୍ବତ, ଗଛ, ବିଜୁଳଖୁଣ୍ଟ, ନଦୀ ନାଳ, ପୋଲ ସହର ଆଉ ଷ୍ଟେସନ ସବୁ କଛି ପଛକୁ ଦୌଡି ଯାଉଛନ୍ତି । କଛି ବୁଝିହୁଏନା, କିଏ ଚାଲିଛି, କିଏ ସ୍ଥିର ! ହେଲେ ଏଇ ଚାଲିବା ସେମିତି ନିରନ୍ତର ଜାରିରହିଛି ।

କେବେ ସରିବ ଏ ଯାତ୍ରା ? ଆକାଶକୁ ଚାହିଁଲେ, ସୂର୍ଯ୍ୟକୁ ଦେଖିଲେ, ସୂର୍ଯ୍ୟବି କ୍ଲାନ୍ତ ଦିଶୁଥିଲା । ରମାନାଥ କହିଲେ, ବାସ ବହୁତ ହୋଇଗଲା । ଏବେ ଏ ଚାଲିବା ବନ୍ଦ ହେଉ। ସୂର୍ଯ୍ୟ ଟିକଏ ନିରେଖି ଦେଖିଲା ରମାନାଥଙ୍କୁ । ଟିକଏ ହସିଦେଇ ପୁଣି କହିଲା, ଆରେ, ଏତିକି ରାସ୍ତା ଚାଲିବାରେ ଥକିଗଲୁ । ତୁ ଦେଖୁନୁନା ମୋତେ ? କେଉଁ ଅନାଦି କାଳରୁ ମୁଁ ଚାଲୁଛି ପୁଣି ଅନନ୍ତ କାଳଯାଏ ଏମିତି ଚାଲୁଥିବି । ପୃଥିବୀ ଗୋଲ ବୋଲି ମୁଁ ଯେତେ ବେଳେ ପୃଥିବୀର ଆରପଟକୁ ଚାଲିଯାଏ ଏବଂ ତୁ ମୋତେ ଦେଖି ନପାରୁ, ସେତେବେଳେ ତୁ ଭାବୁ ମୁଁ ଶୋଇଗଲି ବୋଲେ, ହେଲେ ତେବେ ବି ମୁଁ ଚାଲୁଥାଏ, ଏମିତି ନିରନ୍ତର

ଅବିଶ୍ରାନ୍ତ । ହଠାତ୍ ସୂର୍ଯ୍ୟ, କଥା ବନ୍ଦକରି ରମାନାଥଙ୍କୁ ସନ୍ଦେହଭରା ଦୃଷ୍ଟିରେ ଦେଖି ପଚାରିଦେଲା, ଆରେ, ତୁମେ ସିଏନା', ଯିଏ ସକାଳପହରୁ ମୋ ସାଥିରେ ଚାଲୁଛି ?

ରମାନାଥ ଆଶ୍ଚର୍ଯ୍ୟ ହୋଇ ସୂର୍ଯ୍ୟକୁ ଚାହିଁ ପଚାରିଲେ, ମୋତେ କଣ ତୁମେ ମୋତେ ଚହ୍ନି ପାରୁନ ? ହଁ, ମୁଁ ସେଇ, ଯିଏ ସକାଳୁ ଚାଲିଛି ତୁମ ସାଥିରେ, କନ୍ତୁ ତୁମର କଣ ହେଲା ? ହଠାତ୍ ଏମିତି ଦୋ ଦୋ ଚହ୍ନା ହେଲାପରି ସନ୍ଦେହର ଏ ପ୍ରଶ୍ନ କାହିଁକ ? ମୁଁ କଣ ବଦଳ ଯାଇଛି ? ସୂର୍ଯ୍ୟ ହସିଲା, ଅଳ୍ପ ନୁହେଁ ବହୁତ ହସିଲା । କହିଲା ମୋତେ କଣ ପଚାରୁଛ ? ମୋ ପାଖରେ ତ ଆଇନା ନାହିଁ, ନହେଲେ ଦେଖେଇ ଦିଅନ୍ତି । ହୁଏତ ତୁମେ ନଜକୁ ଦେଖି ତୁମ ନଜକୁ ଚହ୍ନି ପାରିବନ କ ନାହିଁ ମୋତେ ସନ୍ଦେହ ଲାଗୁଛି । ଗୋଟାଏ କାମ କର, ସେଇ ଗଛ ମୂଳକୁ ଦେଖ, ରାସ୍ତା କଡରେ ତୁମକୁ କଛି ଦିଶୁଛି ?

ରମାନାଥ କହିଲେ, ହଁ, ସେଇଠି ଭଣ୍ଡାରୀଟିଏ ଠିଆହୋଇଛି । ଗଛର ଗଣ୍ଡିରେ କଣ୍ଟାଟିଏ ପିଟି ବଡ ଆଇନାଟାଏ ଟାଙ୍ଗିଛି ଆଉ ଆଇନା ସାମ୍ନାରେ ଚଉକଟିଏ ପଡିଛି । ସେ ଅପେକ୍ଷା କରିଛି, କାଳେ କଏ ନୂଆ ଗରାଖ ଆସିବ, ଦାଢି କ ବାଳ କଟେଇବ ।

ସୂର୍ଯ୍ୟ ଟିକଏ ହସିଦେଇ କହିଲା, ସେଇଠିକ ଯାଅ, ସେ ଆଇନାରେ ଥରେ ନଜକୁ ଦେଖିନଅ । ରମାନାଥ କହିଲେ, ତୁମେ ଏଇଠି ମୋର ଅପେକ୍ଷା କରିବନା' ? ଚାଲି ଯିବନ ତ ? ସୂର୍ଯ୍ୟ କହିଲା, ନାହିଁ ନାହିଁ ମୁଁ କୁଆଡେ ଯିବିନ, ଏଇଠି ତୁମର ଅପେକ୍ଷା କରିଛି । ଯାଅ, ଶିଘ୍ର ନଜ ମୁହଁ ଦେଖି ଆସ, ଡେରି କରନ । ସେ ତାର ଦୋକାନ ବନ୍ଦ କରିଦେଲେ ଆଉ ଥରେ ତୁମ ପାଇଁ ଖୋଲିବନ ।

ରମାନାଥ ଗଲେ ସେଇ ଗଛ ମୂଳକୁ, ତାଙ୍କୁ ଦେଖୁଦେଖୁ ଭଣ୍ଡାରୀ ପିଲାଟି ବି ଖୁସି ହୋଇଗଲା । ଭାବିଲା ନୂଆ ଗରାଖଟିଏ ଆସିଗଲା । ସେ ତାର କଇଁଚ, ଖୁର ଟିକେ ସଜାଡିନେଇ ପଚାରିଲା ମଉସା, ବାଳ କାଟିବ ନା ଦାଢୀ ?

ରମାନାଥ ଆଶ୍ଚର୍ଯ୍ୟ ହୋଇ ତାର ମୁହଁକୁ ଚାହିଁଲେ, ଭାବିଲେ ଇଏ ମୋତେ ମଉସା ଡାକୁଛି ? ସାର ନ'ଡାକ ମଉସା ? କମ୍ ସାହାସ ତ ନୁହେଁ ଟୋକାର, ତା ଆଇନାରେ ମୁହଁ ଦେଖିବି ବୋଲି କଣ ଚାଲି ଆସିଲି ଯେ ମୋତେ ବାଳ ଦାଢୀ କାଟିବା କଥା ପଚାରିଲାଣି । ଆଜି ଯାଏ ସେ ଯେବେବି ବାଳଦାଢୀ କାଟିଛନ୍ତି ସବୁବେଳେ ବଡବଡ ଏୟାରକଣ୍ଡିସନଡ ହେୟର

ଷ୍ଟାଇଲର, ହେୟର ଡ୍ରେସର ପାଖରେ କାଟିଛନ୍ତି । ଯାହାର ଫିଜ୍ ଥରକେ ପାଞ୍ଚ ହଜାରରୁ କମ୍ ନୁହେଁ । ନିଜ ଅସନ୍ତୋଷକୁ ମନରେ ଲୁଗ୍ଣଇରଖି କହିଲେ, ନାହିଁ, ନାହିଁ, ମୁହଁରେ କଣ କିଛି ଲାଗିଗଲା ତ ସେଇଟା ଦେଖିବାକୁ ଆସିଛି ।

ପିଲାଟି ଟିକଏ କଡକୁ ଘୁଞ୍ଚିଯାଇ କହଲା, ହଉ ଦେଖ । ରମାନାଥ ଦର୍ପଣ ଆଗରେ ଠିଆ ହୋଇଗଲେ, ମୁହଁ ଉଠାଇ ଦର୍ପଣକୁ ଦେଖିଲେ, ହଠାତ ସାମ୍ନାରେ ଭୂତ ଦେଖିଲା ପରି ଚମକପଡିଲେ, ଦୁଇପାଦ ପଛକୁ ଘୁଞ୍ଚିଯାଇ ପଗ୍ଣରିଲେ, ଆରେ, ଇଏ କିଏ ?? କାହାକୁ ଦେଖୁଛନ୍ତି ସିଏ ? ପୁଣି ଥରେ ସାହସ କରି ଦର୍ପଣ ଆଡକୁ ମୁହଁ ଉଠାଇ ଅନେଇଲେ, ଆଇନାରେ କାହାକୁ ଦେଖୁଛନ୍ତି ରମାନାଥ ? ନିଜର ସନ୍ଦେହ ଦୂରକରିବା ପାଇଁ ଗାଲରେ ହାତ ମାରିଲେ, ନାକରେ ହାତ ମାରିଲେ, ଦାନ୍ତ ଦେଖାଇ ହସିଲେ, ଶେଷରେ ଜିଭ ଦେଖେଇ ଖତେଇ ହେଲେ । ପୁଣି ନିଜକୁ ପଗ୍ଣରିଲେ ମୁଁ ସିଏ ? ଯିଏ ଏଇ ଆଇନାରେ ଦେଖା ଯାଉଛି ? ସତରେ କଣ ମୁଁ ସିଏ ? ବିଶ୍ୱାସ ହୁଏନା, ମୁଁ ସିଏ, ଯିଏ ଏ ଆଇନାରେ ଦିଶୁଛି ??

ରମାନାଥ ମୁହଁ ବୁଲାଇ ଭଣ୍ଡାରୀ ପିଲାଟି ଆଡକୁ ଥରେ ଦେଖିଲେ । ସିଏବି ଗ୍ଣହିଁଛି ତାଙ୍କୁ, ତା ଆଖିରେ ସତେ ଯେପରି ସନ୍ଦେହ ଆଉ କୌତୁହଳର ଫେଣ୍ଟାଫେଣ୍ଟି ଏକ ଭାବ ଭରି ରହିଛି । ସେ ଆଁଟା କରି ଅନାଇଛି ରମାନାଥଙ୍କୁ, ଯେମିତି ତା ସାମ୍ନାରେ ଗୋଟାଏ ବଦ୍ଧ ପାଗଳ ଠିଆ ହୋଇଛି । ରମାନାଥ ପିଲାଟିକୁ ପୁଣି ଦେଖିଲେ, ବିରକ୍ତଭରା ସ୍ୱରରେ କହିଲେ, ହେଃ, କଣ ଦେଖୁଚୁ ? ପିଲାଟି ଘାବରେଇ ଯାଇ କହିଲା, କିଛି ନାହିଁ ମଉସା, କିଛି ନାହିଁ ।

ତାପରେ କଥା ବଦଳେଇବାକୁ ପଗ୍ଣରିବସିଲା, ମଉସା ବାଳ କାଟିବ ନା ଦାଢୀ ? ବାଳ କାଟିଲେ କୋଡିଏ ଟଙ୍କା, ଦାଢୀ କାଟିଲେ ଦଶଟଙ୍କା, ଦାଢୀ, ବାଳ ଉଭୟ କାଟିଲେ ପଚଶ ଟଙ୍କା । ରମାନାଥଙ୍କର ଭୃକୁଞ୍ଚିତ ହୋଇଗଲା । ପିଲାଟି ଟିକଏ ଡରିଯାଇ କହିଲା, ଆଜ୍ଞା ଗଲା ରବିବାର ଦିନଠାରୁ ରେଟ ବଢିଯାଇଛି । ହଉ ହଉ ବସ, ବାଳ ଦାଢୀ ଉଭୟ କାଟିଦେବି, କୋଡିଏ ଟଙ୍କା ଦେବ । ଖାସ୍ ଆପଣଙ୍କ ପାଇଁ ପୁରୁଣା ରେଟ ଲଗେଇ ଦେବି, କାହାକୁ କହିବେନି ଏକଥା ।

ରମାନାଥ ତାର କଥା ନଶୁଣିଲା ପରି ମୁହଁ ବୁଲେଇ ପୁଣି ଦର୍ପଣକୁ ଦେଖିଲେ, ନିଜକୁ ନିଜେ ଚିହ୍ନି ପାରୁ ନାହାଁନ୍ତି । ଭାବିଲେ ମିଛଟାରେ ସୂର୍ଯ୍ୟକୁ ଏତେକଥା କହିଗଲେ । କୁଆଡେ ଗଲା ତାଙ୍କର ସେହି ସୌମ୍ୟ ସୁଦର୍ଶନ ମୁହଁଟା ? ଡଉଲ ଡାଉଲ ଅଣ୍ଡାକୃତି ମୁଖ, କୁଞ୍ଚକୁଞ୍ଚିଆ ଘନ କଳା କେଶ, ନାକ ତଳର ସେଇ ପତଳା ନିଶ, ଡେଲି ସେଭିଂ ଚକ୍କଣ ଗାଲ ? ସାମ୍ନା ଦର୍ପଣରେ ଏଇ ଯେଉଁ ଲୋଳିତ ଚର୍ମ, ଧଳାକଳା ମିଶା କର୍କଶ ଦାଢି, ଅଧା ଚନ୍ଦା ମୁଣ୍ଡ, କପାଳରେ ଏ କୁଞ୍ଚିତ ରେଖା, କିଏ ଏଇ ବୃଦ୍ଧ ? ମୁଁ ?? ମୁଁ ନିଜେ ??? ମିଷ୍ଟର ରମାନାଥ ??? ରମାନାଥ ଏମ୍ପାୟାରର ମାଲିକ, ବିଶ୍ୱର ହାତଗଣତି ଧନବାନ ମାନଙ୍କ ଭିତରେ ଜଣେ ??

ରମାନାଥ ହଠାତ୍ ପଛକୁ ବୁଲି ପଡି, ଏକ ମୁହାଁ ହୋଇ ଧାଇଁଲେ ସୂର୍ଯ୍ୟ ପାଖକୁ, କହିଲେ, ଏବେ ବୁଝିଗଲି, ତୁମେ କାହିଁକି ମୋତେ ସନ୍ଦେହଭରା ଦୃଷ୍ଟିରେ ଦେଖୁଥିଲ । କିନ୍ତୁ ଏସବୁ ହେଲା କେତେବେଳେ ?? ସୂର୍ଯ୍ୟ ଟିକିଏ ସମବେଦନାର ହସ ହସି କହିଲା, ସକାଳ ଆଉ ସଞ୍ଜ ଭିତରେ କେତେ ପାର୍ଥକ୍ୟ ସେକଥା କିଏ ବୁଝିପାରୁନି ? ସକାଳ ସଞ୍ଜ ଭିତରେ କେତେ ଯେ ସମୟ ବିତିଯାଏ, ମଣିଷ ସତେ ଯେପରି ଭ୍ରମରେ ପଡିଥାଏ । ଆଖିରେ କଳା ଚଷମା ଲଗାଇନିଏ ଆଉ ଜୁଟିଯାଏ ଧାଆଁ ଦଉଡରେ । ସେଇ ଭ୍ରମରେ କିଛିବି ଦିଶେନା ତାକୁ, କେବଳ ଗୋଟିଏ ନିଶା, ଶୀର୍ଷରେ ପହଞ୍ଚିବାର ନିଶା, ଅନ୍ୟ ଅପେକ୍ଷା ଶ୍ରେଷ୍ଠ ହେବାର ନିଶା, କିନ୍ତୁ କେବେ ନିଜ ଆତ୍ମାର ଶ୍ରେଷ୍ଠତା କଥା ଭାବେନି । ସମୟ ଗଳି ଯାଉଛି, ସେକଥା ଭାବେନା ।

ମଣିଷ, ସମୟକୁ ହାତ ମୁଠାରେ ବାନ୍ଧି ରଖିବାକୁ ବୃଥା ଚେଷ୍ଟାକରେ । ଯାହା ଯେତେ ମିଳିଲା ସବୁ ଏକାଠି କରିବା ନିଶାରେ ପାଗଳ ହୋଇଯାଏ । ନିଜେ ଦେଖି ପାରେନା, ଆଙ୍ଗୁଳି ସନ୍ଧିରୁ ଝୁରୁ ଝୁରୁ ହୋଇ ଗୋରିବାଲି ସବୁ ଖସି ଯାଉଛି । ମୁଠାକୁ ଯେତେ ଯୋରରେ ବନ୍ଦ କରିବାକୁ ଚେଷ୍ଟାକରେ, ସେତେ ଯୋରରେ ବାଲି ଝରିଯାଏ । ଶେଷରେ ଯେବେ ହାତ ମୁଠାଖୋଲି ଦେଖେ, ସେତବେଳେ ଦୃଷ୍ଟିକୁ ଆସେ ଦୁଇଟି ହାତ ଶୂନ୍ୟ, କିଛିନାହିଁ ହାତ ମୁଠାରେ !

ଯେତେବେଳେ ଆସିଥିଲା, ସେତେ ବେଳେ ହାତ ଯେମିତି ଖାଲି ଥିଲା, ଜୀବନର ଶେଷ ଦିନରେ ଠିକ୍ ସେମିତି ଦୁଇ ହାତ ଶୂନ୍ୟ ରହିଯିବ । ରମାନାଥ ସୂର୍ଯ୍ୟର ମୁହଁକୁ ବଲ ବଲ

କରି ଗୃହିଁ ରହିଥାଆନ୍ତି । ସୂର୍ଯ୍ୟଆଡୁ ମୁହଁ ଫେରାଇ ନଜର ଦୁଇ ହାତକୁ ଉଠାଇ ଦେଖିଲେ, ମୁଠା ଖୋଲିଦେଲେ । ଏ କଣ ଦେଖୁଛନ୍ତି ସିଏ ? ହାତ ତ ଶୂନ୍ୟ, ସତରେ କଛି ନାହିଁ ତାଙ୍କ ହାତରେ, ଯମିତି କେବେ କଛିବି ନଥିଲା ତାଙ୍କ ହାତରେ, କୁଆଡେ ଗଲା ସବୁ?

ରମାନାଥ ପୁଣି ଥରେ ସୂର୍ଯ୍ୟକୁ ଦେଖିଲେ । ସୂର୍ଯ୍ୟ ଟିକଏ ହସିଲା, କହିଲା, ଦେଖ ବେଳ ସରି ଆସିଲାଣି । ଏବେ ତ ଯିବାକୁ ହେବ । ମୋତେ ଦେଖ, ମୁଁ ଆସିଲାବେଳେ ଯେମିତି ଦିଶୁଥିଲି ଏବେବି ସେମିତି ଦିଶୁଛିନା' ? ସକାଳେ ଯେମତି ଲାଲ ଟୁକ୍ ଟୁକ୍ ମୁହଁ ଦେଖାଇ ହସୁଥିଲି, ଏବେବି ସେମିତି ହସୁଛି ନା' ! କନ୍ତୁ ତୋର କଣ ହେଲା ? ତୋର ସକାଳର ରୂପ ଏବେ ସିନା ନାହିଁ, କନ୍ତୁ ତୋ ମୁଁହର ସେ ହସ କୁଆଡେ ଗଲା ? ତୁ ଜଣେ ଆଶାବାନ ଉଦଯୋଗୀ ପୁରୁଷ ଥିଲୁ ତୁ, ସବୁବେଳେ ସବୁ କଛି ଜିତି ଯିବାର ଲକ୍ଷ ନେଇ ଧାଉଁଥିଲୁ । କନ୍ତୁ ହଠାତ୍ ତୋ ମୁଁହରେ ଏ ନରାଶର ଭାବ କେଉଁଠୁ ଆସିଲା ? କେତେ କ୍ଳାନ୍ତ ଦେଖା ଯାଉଛୁ ତୁ ? ସକାଳେ ଯେମିତି କାନ୍ଦି କାନ୍ଦି ଆସିଥିଲୁ, ଏବେବି କଣ ସେମିତି କାନ୍ଦି କାନ୍ଦି ଫେରିଯିବୁ । ଏବେ ତ ଟିକଏ ହସି ଦେ, ଯେମିତି ମୁଁ ହସୁଛି ! ଯିବା ଆସିବା ତ ଲାଗି ରହିବ ।

କାଲି ମୁଁ ବି ଆସିବି, ତୁ ବି ଆସିବୁ । ଦୁଃଖ କାହିଁକ ? ଖାଲିହାତ ଦେଖି ଦୁଃଖ ଲାଗୁଛି?? ଆରେ ଏଥିରେ ଦୁଃଖ କାହିଁକ ? ସିଏତ ସବୁ ସ୍ୱପ୍ନଥିଲା । ମାୟା ଥିଲା, ଦୃଷ୍ଟିଭ୍ରମ ଥିଲା । ଯାହା ଦେଖିଲୁ ତାହା ମାୟାଥିଲା, ଯାହା କରିଲୁ, ଦେଲୁ ନେଲୁ ପାଇଲୁ ସବୁ ମାୟା ଥିଲା । ନା ତୁ କାହାର ଥିଲୁ ନା କେହି ତୋର ନଜର ଥିଲା । ଜୀବନଟାତ ଗୋଟାଏ ଜର୍ଣ୍ଣି ଥିଲା । ଗାଡିରେ ବସିଲୁ, କେତେ ଯାତ୍ରୀ ଆସିଲେ ଗଲେ, କଏ ପାଖରେ ବସିଲା, କଏ ଭାଇ ଡାକଲା କଏ ବନ୍ଧୁ, କଏ ସମ୍ପର୍କ ବଢେଇ ଦେଲା । କନ୍ତୁ ଶେଷରେ ସମସ୍ତେ ନଜ ନଜର ଯାତ୍ରା ସମାପ୍ତ ପରେ ନଜ ନଜ ଷ୍ଟେସନରେ ଓହ୍ଲେଇ ଗଲେ, ଆଉ ଯିଏ ବାକ ରହିଗଲେ ସେମାନେ ବି ଦିନେ ଯିବେ । ଏବେ ଏଇଠି ଓହ୍ଲେଇ ପଡ, ତୋର ଯାତ୍ରା ଏଇଠି ଶେଷ । ମୁଁ ଯିବି, ତୁ ବି ଓହ୍ଲେଇ ପଡ ଏଇ ଷ୍ଟେସନରେ ।

ଓହ୍ଲାଇଲା ବେଳେ ଥରେ ତୋର ସହଯାତ୍ରୀମାନଙ୍କୁ ଦେଖିନେ । ଦେଖି, କେତେଜଣ ହାତ ହଲେଇ ଟା ଟା ବାୟ ବାୟ କରୁଛନ୍ତି । କେତେ ଜଣ ମନ ଦୁଃଖରେ କାନ୍ଦୁଛନ୍ତି, କଏ ଦୁଃଖରେ ବିଭୋର ହୋଇ ଯାଉଛି, କଏ ବାହୁନ ବାହୁନ କାନ୍ଦୁଛି । ତୁ ଓହ୍ଲେଇଗଲା ପରେ

କେତେଜଣ ଖୁସିବି ହେବେ, ପାର୍ଟି ମନେଇବେ, ଆଉ କେତେ ଜଣ ହାତ ଦେଖେଇ ଖତେଇ ହେବେ । ଏମିତିବି କିଛି ଲୋକ ଥିବେ ଯେଉଁମାନଙ୍କୁ କିଛି ଫରକ ବି ପଡିବନି । ତୁ ଥିଲୁ କି ଗଲୁ ସେଥିରେ ତାଙ୍କର କିଛି ଯାଏ ଆସେନା । କିନ୍ତୁ ତୋର ଜାଣିବାକୁ ଇଚ୍ଛା ହେଉନି, ତୋର ଏଇ ଯାତ୍ରା ଏକ ସଫଳ ଯାତ୍ରା ଥିଲା କି ନାହିଁ ? ରମାନାଥ ଜିଜ୍ଞାସୁ ଦୃଷ୍ଟିରେ ଗ୍ୱହିଁ ରହିଲେ ସୂର୍ଯ୍ୟର ମୁହଁକୁ । ସୂର୍ଯ୍ୟ କହିଲା ତୁ ଓହ୍ଲେଇ ଗଲାପରେ ଲୋକେ ହିସାବ କରିବେ। କେତେ ଅର୍ଜନ କଲୁ ତାର ହିସାବ ନୁହେଁ, କେତେ ଖର୍ଚ୍ଚ କଲୁ ତାର ବି ନୁହେଁ, କେତେ ସଞ୍ଚିଲୁ ସେ କଥାରେ କାହାର କିଛି ଯାଏ ଆସେନା, ତୋ ସଞ୍ଚୟରୁ ଯାହା ମିଳିବ ସେସବୁ ତୋର ପତ୍ନୀ ପୁତ୍ର କନ୍ୟାଙ୍କୁ ମିଳିବ, ବରଂ ଦୁନିଆକୁ କେତେ ଦେଇକି ଗଲୁ, ତାହାର ହିସାବ କରିବ ଦୁନିଆ ।

କାହାକୁ ହସେଇବାକୁ, କାହାକୁ ଖୁସି କରିବାକୁ କାହାର ଦୁଃଖ ଦୂର କରିବାକୁ କଣ ଦେଇକି ଆସିଲୁ ତାର ହିସାବ କରିବେ । ଯେତେ ଅଧିକ ଯାତ୍ରୀ ବିନା ସ୍ୱାର୍ଥରେ ତୋର ଅନୁପସ୍ଥିତିକୁ ଅନୁଭବ କରିବେ ତୋର ଯାତ୍ରା ସେତେ ସଫଳ ବୋଲି ଜାଣିବୁ । ଗ୍ୱଲ, ଏବେ ଯିବା, ସମସ୍ତଙ୍କୁ ଗୁଡବାୟ କହିଦେ । ଏତିକି କହି ସୂର୍ଯ୍ୟ ବୁଡିଗଲା ଆଉ ରମାନାଥ ସେଇଠି ଥକାମାରି ବସି ପଡିଲେ ।

××××

ହସପିଟାଲ ବେଡରେ ରମାନାଥଙ୍କ ନିର୍ଜୀବ ଶରୀରଟା ସେମିତି ପଡି ରହିଥାଏ, ସାଇଡରେ ରଖାହୋଇଥିବା ଲାଇଫ ସେଭିଙ୍ଗ ଉପକରଣ ଗୁଡିକ ସେମିତି ଶୁନସାନ । ମୁଣ୍ଡପାଖରେ ସ୍ତ୍ରୀ ସୁନନ୍ଦା ବସି ଲୁହ ଗଡାଉଛନ୍ତି, ପୁଅ ବିକ୍ରମ ବ୍ୟଗ୍ରତାର ସହିତ ଏପଟ ସେପଟ ହେଉଛି । ହସପିଟାଲରୁ ଡାକ୍ତରଙ୍କ ଠାରୁ ରମାନାଥଙ୍କ ଡେଥ ସାର୍ଟିଫେକଟ୍ ପାଇଁ ଅପେକ୍ଷା କରିଛି । ସେଇ ଗୋଟିଏ ଡକୁମେଣ୍ଟ ବହୁତ ଜରୁରି ଆଉ ମୂଲ୍ୟବାନ । ସେଇ ଗୋଟାଏ ଡକୁମେଣ୍ଟ ବିକ୍ରମ ପାଇଁ 'ରମାନାଥ ଏମ୍ପାୟାର'ର ଏକମାତ୍ର ଉତ୍ତରାଧିକାରୀ, ସବୁ ମାଲିକାନା ସତ୍ତ୍ୱର ଗ୍ୱବିକାଠୀ ।

******

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ଅପେକ୍ଷାର ମଞ୍ଜି



ସାବିତ୍ରୀ ମହାପାତ୍ର

ଅଯୋଧ୍ୟା ନଗରୀ ଆଜି ହୁଏ ରୋମାଞ୍ଚିତ,
ଆଲୋକ ମାଳାରେ ହୋଇଛି ସେ ସୁସଜ୍ଜିତ,
ପୁଣି ସରଯୁ ନଦୀ ର ଜଳ ହୋଇଯାଏ ଉତ୍ଫୁଲ୍ଲିତ ,
ଶହ ଶହ ବର୍ଷ ର ଅପେକ୍ଷା ଆଉ ଶତାବ୍ଦୀ ଶତାବ୍ଦୀର ଅନ୍ତ ପରେ
ରାମ ଜନ୍ମଭୂମି ହୋଇଯାଇଛି ମୁକ୍ତ ।
ଶୁଭଶୁଭ ମୁହୂର୍ତ୍ତରେ ହୋଇ ଯାଇଛି ଶିଳାନ୍ୟାସ ଆଉ ଭୂମିପୂଜା.......
ସାଧୁସନ୍ଥ ମାନଙ୍କର ବେଦମନ୍ତ ଉଚ୍ଚାରଣରେ
ଆଉ ବିଭିନ୍ନ ଦେବାଦେବୀ ଙ୍କ ଆବାହନରେ
ଚତୁର୍ଦିଗ ହୋଇଯାଏ ପ୍ରକମ୍ପିତ ........
ଏ କଣ ରାମରାଜ୍ୟ ର ବ୍ରାହ୍ମମୁହୂର୍ତ୍ତ?
ସେମାନେ ଯେ ଆସି ଅପେକ୍ଷା ର ମଞ୍ଜି ପୋତି ଦେଇଗଲେ !
ସତେ କଣ ଅପସରିଯିବ ସମସ୍ତ ଦୁଃଖ ଦୁର୍ଦ୍ଦଶା
ଏ ପୃଥିବୀ ପୃଷ୍ଠରୁ ?
ଲୋଭ, ମାୟା, କ୍ରୋଧର କଣ ବିନାଶ ଘଟିବ ?
କରୋନା କବଳରୁ ଆମେ କଣ ହୋଇଯିବା ସବୁଦିନ ପାଇଁ ମୁକ୍ତ?
ସେହି ଅପେକ୍ଷା ଦିନର କେବେ ଯେ ସମାପ୍ତି ଘଟିବ,
ତାହା ଆମ ମନର ପ୍ରଶ୍ନ !

ଓର୍କିଡ୍ ରୟାଲ ଆପାର୍ଟମେଣ୍ଟ,
ନଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର

# ଅଭୁଲା ତୁମର



ରାଜକିଶୋର ସାଇଁ

ଜାତି ପିତା ହେ,
ଘେନ ଆମ ପ୍ରଣାମ
ଶିଖାଇଲ ସତ୍ୟ ଅହିଂସା ମନ୍ତ୍ରର
ବିଶ୍ୱବାସୀ କରୁଛନ୍ତି ସଲାମ
ଜାତି ପିତା ହେ..... ।୦।

ସତ୍ୟ ହିଁ ଈଶ୍ୱର ଶ୍ରମ ଉପାସନା, ଏ ବାଣୀ ବାଣ୍ଟିଲ ଦୁନିଆ ସାରା
ଆଜି ବି ସବୁଠି ଆଦର ପାଉଛି, ତୁମରି ଦର୍ଶନ ବିଚାର ଧାରା
ତୁମ ଦେଶପ୍ରେମ ମଣିଷ ପଣିଆ
ଛୁଇଁଯାଏ ସଭିଙ୍କର ମରମ ।୧।

ଆଖି ବଦଳରେ ଆଖି ନେବା ନୀତି, ଅନ୍ଧ କରିଦେବ ସଭିଙ୍କୁ ଦିନେ
ହିଂସା ଦୂର ଲାଗି ଶାନ୍ତି ବୁଝାମଣା, ଏ ମନ୍ତ୍ର ଫୁଙ୍କିଲ ସବୁରି କାନେ ।
ଆଜି ତୁମ ପାଇଁ ଆମ ଜନ୍ମଭୂଇଁ
ସାଉଣ୍ଟୁଛି କାହିଁ କେତେ ସୁନାମ ।୨।

ଆମ ବସୁଧା ଆମ ପରିବାର କେହି ନୁହେଁ ଏଠି ଛୁଆଁ ଅଛୁଆଁ
ଏ ବାରତା ଦେଇ ଗୁହିଁଥିଲ ତୁମେ ବାନ୍ଧିବାକୁ ଏକ ସୂତ୍ରେ ଦୁନଆଁ
ସମାଜରୁ ଦୂର ପାଇଁ ଭେଦଭାବ
କରିଥିଲ ଅବିରତ ସଂଗ୍ରାମ ।୩।

ସାଧୁ ଲାଗି ସାଜେ ସୁରକ୍ଷା କବଚ ମିଛର ଜାଲକୁ ଛେଦଇ ସତ
ବିଦେଶୀ ଶାସନ ଦେଶୁ ହଟାଇଲ ସତ୍ୟ ଅହିଂସାକୁ କରି ବରତ ।
ସଭିଙ୍କୁ ଦୀକ୍ଷିତ ପାଇଁ ଏ ଧର୍ମରେ
କରିଥିଲ ଅଭିନବ ଉଦ୍ୟମ ।୪।

ସ୍ୱପ୍ନର ଭାରତ ଗଢିବାକୁ ଯାଇ ଅକାଳରେ ତୁମେ ଦେଲ ଜୀବନ
ଆନ ଲାଗି ତୁମେ ଜୀଇଁ ଏ ଜଗତେ ଜିଣିଲ ସବୁରି ହୃଦୟ ମନ
ରଖିଗଲ ଭବେ ଅକ୍ଷୟ କୀରତି
ଅଭୁଲା ତୁମର ମାନବ ପ୍ରେମ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ବର୍ଷା



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଆଗୋ ବର୍ଷା ରାଣୀ, ତୁମେ ଯେବେ ଝରିଗଲ
ଝର ଝର, ମୋ ମନର ଉତ୍ତପ୍ତ ଅଗଣାରେ
କାହିଁ କେତେ କାଳୁ ସନ୍ତାପି ହଉଥିବା ପ୍ରାଣ
ମୋର ଭରିଗଲା ମୁଠା ମୁଠା ଶୀତଳତାରେ
ମୋରି ଭଳ ସେମାନେ ବି ଓହଳ ବିକଳ
ହେଉଥିଲେ ନିଦାଘ ର ପ୍ରଚଣ୍ଡ ଅତ୍ୟାଚାରରେ,
ତଣ୍ଟି ଶୁଖିଯାଉଥିଲା ମୋ ବଗିଚାର ଫୁଲ ମାନଙ୍କର,
ଝଡି ଯାଉଥିଲେ ଅକାଳରେ ସଜ ଫୁଟା କଢ଼ି ମାନେ,
ଧୋବାୟା ଗୀତ ଶୁଣି ଶୋଇଥିବା ବାଇ ଚଢେଇ
ଛୁଆଟା ବାର ବାର ନିଦ ଭାଙ୍ଗି ଉଠି ବସୁଥିଲା,
ଲୋଡା ତାର ତୁମରି ଅମୃତ ସ୍ପର୍ଶ,
ହନ୍ତ ସନ୍ତ ହଉ ଥିଲେ  ମାଛ ମାନେ
ଶୁଖିଲା ବାଲିରେ ତୁମରି ପ୍ରତୀକ୍ଷାରେ।।

କାଳେ  କାଳେ ତୁମ ଆଗମନର ଏମିତି ବିଳମ୍ବ
ଡାକ ଆଣେ କେତେଯେ ଯାତନା କେତେ ଯେ ବିନାଶ
ଧୂଳ ମାଟିରେ ଗଢା ସରଳ ଜୀବନ ମାନଙ୍କର
ପ୍ରତିଟି ଗଳ କନ୍ଦିରେ, ତା ହିସାବ ତୁମେ କ ରଖିଛ
ଆଗୋ ହାସ୍ୟମୟୀ ଲାସ୍ୟମୟୀ ନୀଳ ନୟନା
ସରଗ ପରୀ, ତୁମେ ଆସିଲ ମହା ଆଡ଼ମ୍ବରରେ
ଆଲୁଅର ରୋଷଣୀ ଲାଗିଲା,

ଶବ୍ଦର ବିଚକ୍ଷଣା  ସୃଷ୍ଟି କରୁଥିଲେ ବଜ୍ର ମାନେ,
ତୁମେ ଢାଳି ଦେଲ ଅସରା ଅସରା,
ଚନ୍ଦନ ଲେପଟିଏ ଲିପି  ହୋଇଗଲା ପ୍ରକୃତି
ରାଣୀର ସର୍ବାଙ୍ଗ ଶରୀରରେ,
ସବୁଜ ଚାଦର ଟିଏ ଢାଙ୍କି ଦେଲ,
ମାଟିରେ ଲଟାରେ ଗଛରେ,ଛାତରେ,
ସବୁଜ ରଙ୍ଗର ସୁଷମା ଭରିଗଲା ମୋ ମନର ଗହନ ବନରେ ॥

ତୁମର କୁହୁକ ସ୍ପର୍ଶରେ କଛି କ୍ଷଣ ମୁଁ ହଜିଗଲି
ସାଇଁ ସାଇଁ ପବନର ତାଳେ  ତାଳେ, ମୁଁ ବହିଗଲି
ପଛକୁ ପଛକୁ, କାହାର ସେ ଆହ୍ଲାଦିତ ଡାକ,
ତୁମେ ଆଜି ଅଛ, ସେଦିନବି ଭୀଷଣ ବର୍ଷୁଥିଲ,
ଗାଁ ଦାଣ୍ଡର ପ୍ରଖର ଜଳସ୍ରୋତରେ ମୁଁ ନୌବିହାର
କରୁଥିଲି କାଗଜ ଡଙ୍ଗାରେ ମୋ ସାଥୀ ମାନଙ୍କ ସାଥିରେ,
କାଦୁଅ ଲେସି ହୋଇ ଯାଉଥିଲା ମୋ ପିନ୍ଧା ଫ୍ରକରେ
ବର୍ଷା ପାଣି ଛାଟରେ ଓଦା ସର ସର ମୁଁ ଧାଉଁଥିଲି,
ଛତା କେବେ ଥିଲା ତ ନ ଥିଲା, କଏ ପଚାରେ ତାକୁ
କାଳେ ଡେରି ହୋଇଯିବ ସ୍କୁଲ୍ ଘଣ୍ଟା ବାଜିଯିବ,
ଜିଇବାରେ ମଧୁରତା ଥିଲା, ପାଠ ପଢ଼ିବାର
ଅଜବ୍ ନିଶା ଟା ଘାରିଥିଲା, ମୋ ଆଶାର ଆକାଶ
ଭିଜୁଥିଲା ତୁମର ଶୀତଳ ସ୍ପର୍ଶରେ, ଯେମିତି ଆଶାର
ବର୍ଷା ବର୍ଷୁ ଥିଲା, ସତେ କେତେ ଅନୁରାଗ ଭରିଥିଲ
ତୁମେ ମୋ ଜୀବନ  ନଦୀ ତୀରେ।।

ଆଜି ବୟସ ର ଅପରାହ୍ନ, ମହାମାରୀର ଭୀଷଣ ଗର୍ଜନ,
ନିରାଶ ଅନ୍ଧାରରେ ଥକ ଯାଉଛି ପାଦମୋର,
ଅବିଶ୍ୱାସି ସମୟର ଦଗାଦିଆ ଇସ୍ତାହାର,

ଅହଂକାରୀ ମଣିଷର ଉଗ୍ର ସ୍ୱାର୍ଥପରତା ରେ
ଚୂରି ହୋଇଯାଉଛି ସମଗ୍ର ମାନବ ସଭ୍ୟତା,
ପ୍ରତିକ୍ଷଣ ବିତୁଛି ହା ହତାଶା ରେ,
ତୁମେ ଆଜି ବରଷୁଛ ଶତ
ସାଥୀ ରେ ଅଣିଛ କ ପ୍ରେମର ପରଶ
ଅଣିଛକ ପ୍ରୀତି ଫୁଲ ଆଞ୍ଜୁ ଳା ଆଞ୍ଜୁଳା
ବିଂଚଦବ ବିଶ୍ୱାସର ବଡ଼ଦାଣ୍ଡରେ
ପୁଣି ମନ ଶ୍ରୀମନ୍ଦିରେ ପୂଜା ପାଉଥିବା ଦିଅଁଙ୍କର
ପାଦତଳେ, କାଳେ ବୁଝିବେ, ବୁଝିବେ
ମୁଠା ମୁଠା ଅହଙ୍କାର ରେ ଗଢି ଉଠି ଥିବା ଇମାରତ୍
ଛାତିରେ ଠିଆ ହେଇନ ଏ ସମାଜ,
ସମାଜ ତ ହୃଦୟର ମହାର୍ଘ ମିଳନ ଅବିଶ୍ୱାସ ଅନ୍ଧାର
ଛଳନା ପ୍ରବଞ୍ଚନା ପାଇଁ ତ ଗ୍ଢଲିଛି ମହା ସଂଗ୍ରାମ
ଧୀରେ ଧୀରେ ଲିଭୁଛି ମଣିଷର ପଦ ଚହ୍ନ । ॥

ତୁମେ ଧୋଇ ନେଇଯାଅ
ଏକବାର ପୋଛିଦିଅ ସବୁ ଅବିଶ୍ୱାସ ଅନ୍ଧାରର
ଝଲ୍ ମଲ୍ ମହଲକୁ, ତୁମ ଅସର୍ ଅସର୍ ବାରି ଧାର୍‌ରେ,
ସଦ୍ୟ ସ୍ନାତା ନବ ବଧୂଟିଏ ପରି
ହସି ଉଠୁ ମହମହ ବାସି ଉଠୁ ଏ ପ୍ରାଚୀନ ସଭ୍ୟତା,
ଆଶାୟୀ ସକାଳରେ ହଉ ସେ ସିମନ୍ତିନୀ
ତା ରୁଣୁ ଝୁଣୁ ପାଦ ଶବ୍ଦ ଗୁଞ୍ଜରିତ ହେଉ ମାଟିରେ
ପୁଣି ଆକାଶରେ ଶୂନ୍ୟରେ ଶୂନ୍ୟତାରେ ।।

ଶିକ୍ଷକ, ମ୍ୟୁନସିପାଲ ହାଇସ୍କୁଲ, କେନ୍ଦ୍ରପଡା

# ପଥର ଟିଏ ପର୍


ଦୁଷ୍ମନ୍ତ ବେହେର୍

ମୁଁ ପଥର ଟିଏ
ମୋର ଜୀବନ ନାହିଁ
ମୋରି ଦେହ ରେ
ଖୋଦିତ ଚନ୍ଦ
ଜୀବନ ରେ ଉଲ୍ଲାସ ଦେଇଥାଏ
ମୁଁ ପଥର ଟିଏ ପର୍
ମୋରି ଦେହ ରେ
ଖୋଦିତ କାରୁ ଚନ୍ଦ
ମୋତେ ଏତେ
କଷ୍ଟ ଦେଇଥାଏ
ତଥାପି ମୁଁ ଅପେକ୍ଷା
କରିଥାଏ ତୁମକୁ
କେତେବେଳେ ତୁମେ
ଆସିକ କହିବ ଓହ
ତୁମରି ସ୍ପର୍ଶ ରେ ମୁଁ
ଜୀବନ୍ତ ହୋଇ ଉଠିବି
ମୋରି ଦେହ ରେ ଗର୍ତ୍ତ କରି
ଖୁଦିଲେ ଯେତିକ କଷ୍ଟ ହୁଏ
ତୁମେ ଯେବେ ଆସିକ
ହାତ ରଖିକ କୁହ
କ ସୁନ୍ଦର ହୋଇଛି
ମୋ ଦେହ ରେ ଖୋଳା
ହୋଇଥିବା କଷ୍ଟ
ମୋରି ପିଡା ଦୂର ହୋଇଯାଏ

ମୁଁ ପଥର ଟିଏ ପର୍
ମୁଁ ସିନା ପଥର ଟିଏ
ମୋର ଜୀବନ୍ତ ନାହିଁ
ତୁମେ କ୍ଷତ ବିକ୍ଷତ କର
ତଥାପି ମୁଁ ସହିଯାଏ
ମୋରି ଯନ୍ତ୍ରଣା ମୋତେ
ଲାଗେ ତୁମକୁ ନୁହେଁ
କାହିଁକ ନା ତୁମେ ଚନ୍ଦ ବିଚନ୍ଦ
କରିବା ରେ ବ୍ୟସ୍ତ ରୁହ
ମୁଁ ପଥର ଟିଏ ପର୍
ମୁଁ ବର୍ଷ ବର୍ଷ ଧରି ନର୍ଜୀବ
ହୋଇ କ ପଡିଥାଏ
ତୁମେ ଆସିଲେ ମୋ ଦେହ
ରେ ଜୀବନ ଭରିଦିଅ
ତୁମ ହାତ ର ସ୍ପର୍ଶ ରେ
ମୋ ଦେହ ର
ରଙ୍ଗ ଢଙ୍ଗ
ବଦଳ ଯାଏ
ମୁଁ ପଥର ଟିଏ ମୋ ନଜର
ଦେହ କୁ ମୁଁ ଚହ୍ନି ପାରେ ନା

ମୁଁ ପଥର ଟିଏ ପଥ୍ର
ତୁମେ ମଣିଷ ମାନେ ଆସିକ
ଦେଖିକ ଗ୍ଲିଯାଅ
ମୋ ଜୀବନ ର ଦୁଃଖ
ବୁଝିପାରନ
କାହିଁକ ନା ମୁଁ ପଥର ଟିଏ
ତୁମେ ମଣିଷ ମାନେ ଭ୍ବ
ସେ ତ ପଥର ଟିଏ
ତାର ତ ଜୀବନ ନାହିଁ
ସେ ବା କଣ କରିପାରିବ
ମୁଁ ପଥର ଟିଏ ବନ୍ଧୁ ମୁଁ ବା
କଣ କରିପାରିବି
ତୁମର
ମୁଁ ପଥର ଟିଏ ପଥ୍ର
ମୁଁ ପଥର ଟିଏ ପଥ୍ର

ଗ୍ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ



# ଅସାଧାରଣ ସୁନ୍ଦରବନ



ଅଶୋକ ବିଶ୍ୱାଳ

## ଜଙ୍ଗଲର ମୋହ

ପାଓଲି ସୁନ୍ଦରବନରେ ଏକ ରିସର୍ଚ୍ଚର ବା ଗବେଷିକା ହେବା ହେତୁ ଅନେକ ଭିତରକୁ ରିସର୍ଚ୍ଚ କାମରେ ଯାଇ ପାରୁଥିଲେ । ଏଥର ଯାତ୍ରାରେ ଦେବଶ୍ରୀ ଆଉ ଅନ୍ୟମାନେ ଆସି ନଥିଲେ । କେବଳ ସପନବାବୁ ସାଥିରେ ଥିଲେ । ସେମାନେ ଜୀବଜନ୍ତୁ ଆଉ ଲୋକଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରିବେ ବୋଲି ଭାବିଥିଲେ । ଜଙ୍ଗଲର ଅଧ୍ୟୟନ କରିବେ ଆଉ ଅନେକ ଫଟୋ ଉଠାଇବେ । ପାଓଲି କିଛି କାମ କରିବାକୁ ହେଲେ ମୋଟେ ଥକନ୍ତିନି। ତାଙ୍କ ଭିତରକୁ କେଉଁଆଡୁ ଅଫୁରନ୍ତ ଶକ୍ତି ଆସିଯାଏ । ମୁହଁ ବେଶ ଉଜ୍ଜ୍ୱଳ ହୋଇଉଠେ ।

ସେଦିନ ପାଓଲି ବହୁତ ସୁନ୍ଦର ଲାଗୁଥିଲେ । ସୁନ୍ଦର ତୋଫା ଗୋରା ଦେହରେ ଜଙ୍ଗଲପିନ୍ଧା ପୋଷାକ ଭଲ ମାନୁଥିଲା । ଆଖିରେ ଖରାରୁ ରକ୍ଷା ପାଇବା ପାଇଁ ଏକ କଳାଚଷମା ଆଉ ମୁଣ୍ଡରେ ଆଗକୁ ଗୋଲ ହୋଇଯାଇଥିବା ଟୋପିଥିଲା । ସେ ନିଜ ହିସାବରେ ଜଙ୍ଗଲକୁ ଆବିଷ୍କାର କରିବା ପାଇଁ ମନସ୍ଥ କରିଥିଲେ । ସୁନ୍ଦରବନ ଭିତରକୁ ଯାତ୍ରା କରିବା ପାଣି ମାର୍ଗରେ ଖାଲି ସମ୍ଭବ । ସବୁଆଡେ ଟାପୁ । ମାଟି ରାସ୍ତା ନାହିଁ । ଯିବାକୁ ହେଲେ ବୋଟରେ ଅନେକ ଯାତ୍ରା କରିବାକୁ ପଡିବ । ସେ ସଂମ୍ପୂର୍ଣ ପ୍ରସ୍ତୁତ ଥିଲେ ।

ତାଙ୍କର ବୋଟ ଏକ ଜେଟିରେ ଲାଗିଥିଲା । କୂଳରୁ ଏକ ବାଉଁଶ ତିଆରି ଜେଟି ପାଣି ଭିତରକୁ ଲମ୍ବି ଯାଇଥିଲା । ଏମିତି କିଛି ଛୋଟ ଜେଟି ହୋଟେଲ କରୁଥିବା ବା ଡଙ୍ଗା ବ୍ୟବସାୟ କରୁଥିବା ବ୍ୟକ୍ତିମାନେ କେଉଁଠି କେଉଁଠି କରିଛନ୍ତି । ଏଗୁଡିକ ମୁଖ୍ୟ ଜେଟିର ପାଖରେ ପ୍ରାୟ ହୋଇଥାଏ । ନିଜର ଯାତ୍ରୀଙ୍କୁ ଟିକଏ ଥ୍ରୀଲ, ଜଙ୍ଗଲର ଅନୁଭୂତି ଦେବାପାଇଁ ସାମାନ୍ୟ ଏକାନ୍ତରେ କରାଯାଏ । ସୁନ୍ଦରବନରେ ଜେଟି ଗୁଡାକ ସାଧାରଣତଃ ସିମେଣ୍ଟରେ ହୁଏ । କିନ୍ତୁ ଭିତରେ ଏମିତିଆ ବାଉଁଶର ଜେଟି କିଛି ଅଛି । ଏ ଜେଟିଗୁଡିକ

ଅଳ୍ପ ସମୟରେ ତିଆରି ହୋଇଯାଏ । ଜେଟିରୁ ଏକ ବଡ଼ ତକ୍ତା ବୋଟ ଉପରକୁ ଲମ୍ବି ଯାଇଥିଲା । ତକ୍ତା ଉପରେ କାଠଖଣ୍ଡମାନ ଯୋଡା ଯାଇ ପାହାଚଭଳି କରାଯାଇଥିଲା । ଜଣେ ସେଥିରେ ଚଢ଼ିକରି ବୋଟକୁ ଚାଲି ଯାଇ ପାରିବ । ଏମିତିଆ ତକ୍ତାମାନ ବୋଟରୁ ମାଟିକୁ ଓହ୍ଲାଇବାପାଇଁ ମଧ୍ୟ ବ୍ୟବହାର କରାଯାଏ । ନୂଆ ଲୋକଙ୍କ ପାଇଁ ବାଉଁଶର ଏକ ବାଡି ବୋଟ ସହ ବାନ୍ଧି ଦିଆଯାଇଥିଲା । ଏହାକୁ ରେଲିଙ୍ଗ ଭଳି ବ୍ୟବହାର କରାଯାଏ । ପାଓଲି କିଛି ସମୟ ସେ ବାଉଁଶର ରେଲିଙ୍ଗ ଉପରେ ଭରାଦେଇ ଠିଆହେଲେ । ତାଙ୍କୁ ଦେଖିଲେ ଯିଏ କେହି ଭାବନ୍ତା ସେ ରେଲିଙ୍ଗର ଶକ୍ତି ପରୀକ୍ଷା କରୁଛନ୍ତି । ପ୍ରକୃତରେ ସେ ନଦୀବାଙ୍କରେ ଜୋରରେ ଯାଉଥିବା ଏକ ଡଙ୍ଗାକୁ ଅନାଉଥିଲେ । ଡଙ୍ଗାରେ କିଛି ମହିଳା ଥିଲେ । ସେମାନେ ପୂରା ବଳ ଖଟାଇ ଜୋରରେ ଆହୁଲା ମାରୁଥିଲେ । ସୁନ୍ଦରବନ ଅଞ୍ଚଳରେ ସ୍ତ୍ରୀଲୋକମାନେ ବହୁତ ସାହାସୀ । ସପନବାବୁ ସହଜରେ ତକ୍ତା ଉପରଦେଇ ପାର ହୋଇଗଲେ । ପରେ ପାଓଲିଙ୍କୁ ମଧ୍ୟ କିଛି ଅସୁବିଧା ହେଲାନି । ତାଙ୍କ ଭଳି ସାହାସୀ ମହିଳା ସବୁ କଷ୍ଟ ସହିବା ପାଇଁ ପ୍ରସ୍ତୁତ ଥାଆନ୍ତି ।

ପାଖର ଗଛଭରା ଅଞ୍ଚଳରେ କିଛି କିଛି ଦୂର ପର୍ଯ୍ୟନ୍ତ ଯାଇହେବା ଲୋକଙ୍କର ଯିବାଆସିବା ଯାଗାର ଜଙ୍ଗଲ । ବାଘ ଅଞ୍ଚଳ ଏଇଟା ନୁହଁ । ବାହାର ଲୋକମାନେ ସୁନ୍ଦରବନର ଜଙ୍ଗଲ ଆଉ ମାଟି କାଦୁଅ ବିଷୟରେ ଜାଣି ପାରିବେ । ପାଣି ଶୁଖିଯାଇଥିବା ହେତୁ ଗଛଗୁଡିକର ମୋଟା ଚେରମାନ ସ୍ପଷ୍ଟ ଦିଶୁଥିଲା । ପାଓଲି ଭାବୁଥିଲେ ଏ ଚେରଗୁଡିକ କେତେ ଭିନ୍ନ । ଏଥିରେ ମୁଖ୍ୟ ମୂଳ ବା କାହିଁ ଉପରେ । ବଡ଼ ଗଛ ଆଉ ସେଥିରୁ ବାହାରି ଆସିଛି ହାତେ ମୋଟର ଅନେକ ଅନେକ ଚେର । ସବୁ ଚେରଗୁଡିକ ଗଛକୁ ତଳୁ ଟେକ ଧରିଛି । ଯେତେ ପାଣି ଆସିଲେ ଚେରର ଫାଙ୍କଦେଇ ଚାଲିଯିବ । କିନ୍ତୁ ଏମିତିଆ ଚେରଭର୍ତ୍ତି ଜଙ୍ଗଲରେ ମଣିଷ ପକ୍ଷରେ ସହଜରେ ଚାଲିକରି ଯିବା ସମ୍ଭବ ନୁହଁ । ସବୁଆଡେ ବାଟକୁ କିଏ ଘେରି ଦେଉଥିବ ।

ପାଓଲି ବହୁତ ଭିତରକୁ ଯିବା ଆଗରୁ ପାଣି କାଦୁଅର ଅନୁଭୂତି ନେବାକୁ ଚାହୁଁଥିଲେ । ସେ ଏମିତି କାଦୁଅକୁ ଛୁଇଁବାକୁ ଚାହୁଁଥିଲେ । ପତଳା କାଦୁଅ । ଗୋଡସାରା ନେସି ହୋଇଯିବ। ତଥାପି ପାଓଲି ତଳକୁ ଡେଇଁ ପଡିଲେ । ତାଙ୍କ ଗୋଡ କାଦୁଅ ଭିତରେ ଗଳଗଲା । ସୁନ୍ଦରବନର କାଦୁଅଟା ଅତି ନରମ । ଖୋଜେ ଚାଲିବା କଷ୍ଟ । କିନ୍ତୁ ସେ ସାହାସ ହରେଇଲେନି । ତାଙ୍କର ବହୁତ ଇଚ୍ଛାଥିଲା କାଦୁଅରୁ ଟିକେ ଗଛ ଚଢନ୍ତେ ଆଉ ଚେର

ଉପରେ ଗ୍ଭଲନ୍ତେ । ସେ ସପନବାବୁଙ୍କୁ ଅନାଇଲେ । ସପନବାବୁ ମଧ ତଳକୁ ଡେଇଁ ପଡିଲେ । ଦୁଇଜଣଯାକ ଗଛରେ ଚଢିବାକୁ ଇଚ୍ଛା କରୁଥିଲେ । ଡାଳଗୁଡାରେ କାଦୁଅ ଲ୍ଗିଥିଲ୍ । ବଡ଼ ଜୁଆର ରେଖା ପର୍ଯ୍ୟନ୍ତ ଗଛରେ କାଦୁଅ ଲ୍ଗିଯାଏ । ତେଣୁ ଚେର ଆଉ ଡାଳ ଟିକେ ଖସଡା ଥିଲ୍ । ସାବଧାନର ସହ ଚଢିବାକୁ ପଡିବ । ଉପରକୁ ଆସିଗଲେ ଅବଶ୍ୟ ଆଉ କଛି ଅସୁବିଧା ନାହିଁ । ସେଠି ଏକ ପ୍ଲାଟଫର୍ମ ଭଳ ଅପେକ୍ଷାକୃତ ସମତଳ ଅଞ୍ଚଳ, ସେଇଟା ଗଛରେ ଅବଶ୍ୟ । କନ୍ତୁ ତଳୁ ଚଢିବାଟା କଷ୍ଟ, ଖସଡା । ପାଓଲି ଏକ ଛୋଟ ଝିଅ ଭଳ ତଳକୁ ଡେଇଁ ପଡୁଥିଲେ ପୁଣି ଉଠିଯାଉଥିଲେ । ଶେଷରେ ସେ ଚେରକୁ ଧରି ଅନାୟସରେ ଉପରକୁ ଚଢିଗଲେ । ପରେ ସପନବାବୁ ମଧ ଗଛକୁ ଚଢିଗଲେ । ପାଓଲିଙ୍କ ବାଲ୍‌ନସ ବା ସନ୍ତୁଳନ ଏତେ ଭଲ ଥିଲ୍ ଯେ ସେ ଉପରେ ଆଉ ଗଛର ଡାଳକୁ ଧରୁନଥିଲେ । ତାଙ୍କ ଶରୀରଟା ଯେମତି ନାଚବା କୁଦିବା ପାଇଁ ତିଆରି ହୋଇଥିଲ୍ । ସେ ଅତି ସହଜରେ ଏ ଡାଳରୁ ସେ ଡାଳକୁ, ଏ ମୂଳରୁ ସେ ମୂଳକୁ ଡେଇଁ ଯାଉଥିଲେ । ସପନବାବୁ ତାହା କରିପାରୁ ନଥିଲେ । ଏସବୁ ଗଛରେ ଡେଇଁକ ଗ୍ଭଲିବା ସହଜ ନୁହେଁ । ଚେରରେ ଗୋଡ ଖସିଗଲେ ତଳକୁ ଗୋଡଟା ଗ୍ଭଲିଯିବ ଆଉ ଅଯଥା ଆଘାତ ମିଳବ । ସପନବାବୁ ସାବଧାନ ଥିଲେ । କନ୍ତୁ ପାଓଲିଙ୍କୁ କଛି ଲ୍ଗୁନଥିଲ୍ । ନରମ ନମନୀୟ ଶରୀର । ତାଙ୍କୁ ଡେଇଁବାକୁ ମଜା ଲ୍ଗୁଥିଲ୍ । ସେ ଏକ ଉପରକୁ ବଢିଥିବା ମୋଟା ଗଣ୍ଡିରେ ଆଉଜି ବସିଗଲେ । ସେଇଠୁ ତଳର ମାଟି ପରିଷ୍କାର ଲ୍ଗୁଥିଲ୍ । ମାଟିରୁ ଅନେକ ଅନେକ ଚେର ବାହାରି ଆସିଛି । ତଳପଟୁ ଚେରଗୁଡା ଟିକେ ଓଦାଳଆ ଲ୍ଗୁଥିଲ୍ କନ୍ତୁ ଉପରପଟୁ ଚେରଗୁଡାଧ ଳା ପଡିଆସିଥିଲ୍ । ସେଇଠି କାଦୁଅ ତ ଜମି ଯାଇଛି । ଆଉ ତଳେ ଏକଦମ ସିଲଟ୍ ଭଳ କାଦୁଅ, ଖୁବ୍ ନରମ ଆଉ ପତଳା । ଏମିତିଆ ଜମିରେ ଶ୍ୱାସମୂଳ ଯୋଗୁ ଏଠିକାର ବୃକ୍ଷମାନେ ନିଃଶ୍ୱାସ ନେଇପାରନ୍ତି ।

ନଦୀର ଅନ୍ୟପଟେ କଛି ମାଙ୍କଡ ଦେଖାଯାଉଥିଲେ । ଏ ସବୁ ମାଙ୍କଡଙ୍କ ଦେହରେ ସୁନ୍ଦର ନରମ ସୁନେଲି ଧଳା ବାଳ । ସେଗୁଡିକ ଗଛରେ ଏପଟ ସେପଟ ଡେଉଁଥିଲେ । ମଝିରେ ମଝିରେ କଛି ମାଙ୍କଡ ତଳକୁ ଓହ୍ଲାଇ ଆସି ଚେରମୂଳ ଖୋଜିବାରେ ଲ୍ଗି ଯାଉଥିଲେ । ଗଛରେ ଅନେକ ପକ୍ଷୀ ଥିଲେ । କଙ୍କଡାମାନେ କାଦୁଅରେ ଜୋରରେ ଗ୍ଭଲି ପୁଣି ଲୁଚ ଯାଉଥିଲେ । ଏପଟେ ପାଓଲି ଆଉ ସପନବାବୁଙ୍କୁ ଖୋଲ୍‌ରେ ବନ୍ୟ ଜୀବଙ୍କୁ ଦେଖିବାକୁ ଭଲ ଲ୍ଗୁଥିଲ୍ । ଏମତି ସେମାନେ ଚୁପଗ୍ଭପ ରହି ଅନେକ ସମୟ ଧରି ସେମାନଙ୍କୁ ଦେଖିଲେ । ଜଙ୍ଗଲ ଭିତରେ ବନ୍ୟଜନ୍ତୁଙ୍କୁ ଦେଖିବା ଅଲଗା ଅନୁଭୂତି ଥିଲ୍ । ପାଓଲିଙ୍କ

ଉତ୍ସାହ ବଢିଯାଉଥିଲା । କିଛି ନୂଆ ପକ୍ଷୀ ବା ପଶୁ ଦେଖିଲେ ବା ଜଙ୍ଗଲର କିଛି ଭିନ୍ନତା ଦେଖିଲେ ନିଜର କ୍ୟାମେରା ଉଠାଇ ତା'ର ଫଟୋ ତୋଳିବାରେ ଲାଗିଯାଉଥିଲେ । ଅନେକ ଅନେକ ରଙ୍ଗର ମାଛରଙ୍କା ପକ୍ଷୀ ଥିଲେ ଏଇ ସୁନ୍ଦରବନରେ ।

ପ୍ରାୟ ଅଧଘଣ୍ଟା ପରେ ପାଓଲି ବଡ଼ ବୋଟକୁ ଫେରିଆସି ନିଜ ଗୋଡକୁ ଧୋଇନେଲେ । ସେ ବହୁତ ଖୁସି ଥିଲେ । ଆଗକୁ ଲମ୍ବା ଯାତ୍ରା ଆରମ୍ଭ ହେବ । ସେମାନେ ସୁନ୍ଦରବନର ପତଳା ଧାରମାନ ବୁଲିବେ । ଏ ଜଙ୍ଗଲକୁ ଦେଖିବାକୁ ହେଲେ ଛୋଟ ବୋଟ ଉପଯୋଗୀ । ବଡ଼ ବୋଟକୂଳ ପାଖକୁ ଯାଇପାରିବ ନାହିଁ । କୂଳଟା ଯେତେ ପାଖରୁ ଦେଖିହେବ ସେତେ ଭଲ । ସେମାନଙ୍କ ଛୋଟ ବୋଟର ଉପରେ ଦୁଇ ଧାଡିରେ ଛଅଟା ଚେୟାର ପଡିଥିଲା । ଉପରେ ପାଲଟଣା ଯାଇଥିଲା । ଖରାରୁ ରକ୍ଷା ମିଳିବ । ତଳେ ଇଞ୍ଜିନ ଘର । ତା'ଛଡା ଅତିଥି ଆଉ ବୋଟ କର୍ମଚାରୀଙ୍କ ବିଶ୍ରାମ ପାଇଁ ଦୁଇଟା ଖଟ ପଡିଛି । ପଛଆଡକୁ ସ୍ନାନାଗାର ଆଉ ପାଇଖାନା ଥିଲା । ତା'ଉପରେ ଦୁଇଟା ଡ୍ରମରେ ପାଣି ରଖାଯାଇଥିଲା । ବୋଟରେ ଦୁଇ ଚାରି ଜଣଙ୍କପାଇଁ ସବୁ ସାଜ ସରଞ୍ଜାମ ଅଛି । ଏକ ରଡ ଦ୍ୱାରା ଜୋରରେ ଇଞ୍ଜିନର ହୁଇଲକୁ ଜୋରରେ ବୁଲାଇ ଦିଆଗଲା ଆଉ ଇଞ୍ଜିନ ଗର୍ଜନ କରିଉଠିଲା । ବୋଟ ଆଗକୁ ଚାଲିଲା ।

ସପନବାବୁ ଆଉ ପାଓଲି ଆଗରେ ପଡିଥିବା ଦୁଇଟି ଚେୟାରରେ ବସି ପଡିଲେ । ସପନବାବୁ ପାଓଲିଙ୍କୁ ଅନାଇଲେ । କି ସୁନ୍ଦର ଦିଶୁଛନ୍ତି ପାଓଲି । ସହରରେ, ପାର୍ଟିରେ, ବୁଲିଲାବେଳେ ବହୁତ ପାଖରୁ ସେ ପାଓଲିଙ୍କୁ ଦେଖିଛନ୍ତି ଅନେକବାର । କିନ୍ତୁ ଢେଉଢେଉକା ସବୁଜଗଛର ପଛରେ, ତଳେ ମାଟିଆ ଗୋଳିଆ ପାଣି ଆଉ ସେହି ପ୍ରଚ୍ଛଦପଟରେ ପାଓଲିଙ୍କ ତୋଫା ଗୋରା ଚେହେରା କି ସୁନ୍ଦର ଦିଶୁଥିଲା । ଖଣ୍ଡାଭଳି ନାକ ଉପରେ ମୋଟା ଫ୍ରେମଦିଆ କଳାଚଷମା ତାଙ୍କୁ ବେଶ ମାନୁଥିଲା । ସେ ନାକରେ ଏକ ସୁନାଫୁଲ ଲଗାଇଛନ୍ତି । ଭାଙ୍ଗ ପଡିନଥିବା ମୁହଁରେ କେଇବିନ୍ଦୁ ଝାଳ ହୀରା ଭଳି ଚମକୁଥିଲା । ପତଳା ଓଠ ଆଗଦାନ୍ତରେ ଚାପିହୋଇ ରହିଥିଲା । ପାଓଲିଙ୍କର ଗଢଣ ଏମିତି ବହୁତ ସୁନ୍ଦର । କିନ୍ତୁ ଏ ଜଙ୍ଗଲ ପରିବେଶରେ ପାଓଲି ଏକ ଉର୍ବଶୀଭଳି ଲାଗୁଥିଲେ । ପବନରେ ତାଙ୍କର ଲମ୍ବାବାଳ ଫରଫର ହୋଇ ଉଡୁଥିଲା । ସେ ବାରବାର ବାଳକୁ ସଜାଡୁଥିଲେ । କିନ୍ତୁ ତାଙ୍କର ମୁଣ୍ଡ ଜଙ୍ଗଲ ଆଡକୁ ବୁଲି ରହିଥିଲା । ସବୁ ପରିବେଶରେ ପାଓଲି ଭିନ୍ନ ଲାଗନ୍ତି । ଦିଶନ୍ତି ରୂପସୀ, ଉର୍ବଶୀ ।

ସପନବାବୁଙ୍କୁ ଲାଗେ ପାଓଲି ସବୁ ଯାଗାରେ ଯେମିତି ତାର୍‌ଭଳ ଚମକୁଥାନ୍ତି, ଦିନକୁ ଦିନ ଅଧିକ ସୁନ୍ଦରୀ ହୋଇଯାଆନ୍ତି । ଏମିତି ସୁନ୍ଦରୀ ମହିଳା ଗ୍ଲାମର ଦୁନିଆରେ ରହିବା କଥା। କିନ୍ତୁ ପାଓଲିଙ୍କୁ ସେ ଦୁନିଆ ଭଲ ଲାଗେନା । ସେ ଦୁନିଆରେ ସବୁ ଗତାନୁଗତିକ । ଏକ ସମାନ ଭଳି ଦେଖାଯାଉଥିବା ଛୋଟ ଷ୍ଟେଜ, କ୍ୟାମେରାର କେତୋଟି କ୍ଲିକ୍ ଆଉ ଫ୍ଲାସ ଭିତରେ ଜୀବନ ଆରମ୍ଭ ହୋଇ ଶେଷ ହୋଇଯାଏ । ସବୁବେଳେ ସକାଳଟା ଘରି ଘରି ଲାଗେ । ଆଖି ମୁଦି ହୋଇଯାଉଥାଏ । ପୃଥିବୀରେ ସକାଳ ଯେ କେତେ ସୁନ୍ଦର । ଲାଲ ସୂର୍ଯ୍ୟକୁ ଗ୍ଲାମର ଦୁନିଆରେ କେବେ ଦେଖିହୁଏନା । ପ୍ରକୃତିର ପକ୍ଷୀର କାକଳୀ ବଦଳରେ ସବୁବେଳେ ବାଜୁଥାଏ ମେସିନର କିଛି ସଙ୍ଗୀତ । କାନକୁ ମଧୁର ଲାଗେ କିନ୍ତୁ ଜୀବନ ଦିଏନା । ନିଜକୁ ନୂଆ କିଛି କରିବାକୁ ମିଳେନା । ସେ ସବୁବେଳେ ନୂଆ କିଛି ଦେଖିବାକୁ ଚାହାନ୍ତି । ସେ ଝଲସୁଥିବା ଦୁନିଆରୁ ସବୁଜ ଦୁନିଆକୁ ଆସିଯାଇଥିଲେ । ଏମିତିଆ ତରୁଣୀ ପାଖରେ ଥିବାରୁ ସପନବାବୁ ଖୁସି ହୋଇଯାଉଥିଲେ । ପାଓଲି ସୁନ୍ଦରବନର ସବୁକଥା ଯେମିତି ବୁଝିପାରନ୍ତି ।

କୂଳରେ ଆଉ ସେମିତି କିଛି ଦେଖିବାକୁ ମିଳିଲାନାହିଁ । ଏତେ ଜଲଦି କିଛି ମିଳିବନି । ଏଆଡେ ଲୋକଙ୍କର ଯାତାୟତ ବହୁତ ବେଶୀ । ବଡ଼ ଜୀବଜନ୍ତୁ ଲୋକଙ୍କ ପାଖରୁ ଦୂରରେ ରୁହନ୍ତି । ଜଣେ ମହିଳା ଆଉଜଣେ ପୁରୁଷ ଏକ ପତଳା ଡଙ୍ଗାରେ ବସି ଜାଲକୁ ଓହ୍ଲାଉଥିଲେ । ଏଠି ମହିଳାମାନେ କିଛି ନା କିଛି କାମରେ ପୁରୁଷଙ୍କୁ ସାହାଯ୍ୟ କରୁଛନ୍ତି । ପାଣିରେ କେଉଟମାନେ ମୁଖ୍ୟ ଧାର୍ ଆଉ ଅନ୍ୟ ଧାର୍ ମାନଙ୍କରେ ଥିଲେ । କାଠର ଛୋଟ ଛୋଟ ଡଙ୍ଗା ସବୁଆଡେ ଭାସୁଥିଲା । ଏହି ଡଙ୍ଗାଗୁଡିକ ମଝିରେ ଚଉଡା, ଅଗକୁ ଗୋଜିଆ ହୋଇଯାଇଥିଲା । ଏହି ଡଙ୍ଗାସବୁ କମ ପାଣିରେ ଚାଲିଯାଇପାରେ । ପାଣି କମ ହୋଇଗଲେ ଏମିତିଆ ଡଙ୍ଗା ତଳ ସମତଳ ହେତୁ କାଦୁଅ ଉପରେ ବସିଯିବ । ତେଣୁ କିଛି କ୍ଷତି ହେବନି । ସବୁ ଡଙ୍ଗାର ମଝିରେ ଛୋଟ ଘର ଆକାରର ଗୋଲାକୃତି ସ୍ଥାନ କରାଯାଇଥିଲା । ସେଠି ଲୋକମାନେ ବିଶ୍ରାମ ନିଅନ୍ତି ବା ଖାଆନ୍ତି ।

ସେମାନଙ୍କର ବୋଟ ଜଲଦି ଲୋକମାନଙ୍କ ଥିବା ନଦୀରୁ ଆଗକୁ ଏକାନ୍ତ ଦୁନିଆକୁ ଚାଲି ଯାଉଥିଲା ।

ଏ ଭିତରେ ବୋଟ ଉପରେ ଦୁଇଟା ଟେବୁଲ ସଜାଇ ଦିଆଗଲା । ପାଓଲି ନଜର ଚେୟାରକୁ ଟେବୁଲ ଆଡକୁ ବୁଲାଇଦେଲେ । ଯିଏ କେହି ଭାବନ୍ତା ପାଓଲିଙ୍କୁ ବହୁତ ଭୋକ ଲାଗୁଛି । ଏମିତି ବି ନାଚୁଥିବା ପାଣିରେ ଭୋକ କୁଆଡୁ ଗ୍ଭଲିଆସେ ।

"ଯାହା କୁହନ୍ତୁ ସପନବାବୁ, ସୁନ୍ଦରବନର ପାଣିରେ ଯାତ୍ରା କରିବାକୁ ବଡ଼ ମଜାଲାଗେ ।"- ପାଓଲି ଏକ ଛୋଟଝିଅ ଭଳ କହୁଥିଲେ । ପାଓଲିଙ୍କ ଗୋଡ ଏକ ଦୋଳଭଳ ଟିକେଟିକେ ଝୁଲୁଥିଲା । ମାଛର ସୁଗନ୍ଧ ତାଙ୍କୁ କେମିତି ଏକ ଚପଳମତି ଝିଅ କରିଦେଇଥିଲା । ଖାଇବାକୁ ଟିକଏ ଡେରିହେବ । କିଛି ମନମତାଣିଆ କଥାବର୍ତ୍ତା କରାଯାଇପାରେ ।

ସପନବାବୁ ପାଓଲିଙ୍କ ଆଡକୁ ଅନାଇଲେ । ସେ ମଧ୍ୟ ଏକ କଳାଚଷମା ପିନ୍ଧିଥିଲେ । ପାଓଲିଙ୍କ ମୁହଁର ରଙ୍ଗ ତାଙ୍କ ମୁହଁକୁ ଓହ୍ଲାଇ ଆସିଥିଲା । ସେମାନେ ଭାବୁକ ହୋଇଯାଉଥିଲେ । ପାଖରେ କଥାକଥାରେ ଖୁଣ୍ଟିବାକୁ ଦେବଶ୍ରୀ ନାହାନ୍ତି । ସବୁକଥାରେ ଅଲଗା ହିସାବରେ ଭାବିବାକୁ ଅରିନ୍ଦମ ମଧ୍ୟ ନାହାନ୍ତି । ନିଜ ହିସାବର ଦୁନିଆ । କବିତାର ଧାର ମୁହଁକୁ ଆସିଗଲା ।

"ଡଙ୍ଗାଭାସି ଯାଉଥିବ, ଆଉ?"- ପାଓଲି ଏତିକ କହି ଫକ୍‌କନା ହସିଦେଲେ ।

"ନାଚୁଥିବ ପାଣି । ସୂର୍ଯ୍ୟ ଥିବ ପ୍ରତିଟି ଢେଉରେ ।"- ସପନବାବୁ ପଦ ପୂରା କରୁଥିଲେ ।

"ଜୁଆର ନଥିବ ନଦୀରେ, ଭଟ୍ଟା ତ ନଥିବ, ଆଉ?"- ପାଓଲି ଏକ ଛୋଟ ଝିଅ ଭଳ କହୁଥିଲେ ।

"ଖରା ତ ନଥିବ, ସୁଲୁସୁଲିଆ ପବନ ବୋହି ଆସୁଥିବ ।"– ସପନବାବୁ ପାଓଲିଙ୍କ କଥାକୁ ପୁଣି ପୂରା କରୁଥିଲେ ।

"ବର୍ଷାତ ନଥିବ, ବତାସ ନଥିବ ଆଉ ।"- ପାଓଲି କହିଲେ

"କୂଳ ତ ନଥିବ । ପାଣି ଥିବ ସବୁଆଡେ, ଆଖି ପାଉ ଯେ ନଥିବ ।"– ସପନବାବୁ କହିଲେ

"ନଥିବେ କେହି ଯେ ପାଖରେ, ଆଉ ।"-

"ଭାସି ଯାଉଥିବା ଆମେ । କେହି ଆମ କଥା ଶୁଣୁ ତ ନଥିବେ ।"-

"ନଦୀରେ କାହିଁ ନଉକା ଦେଖା ଯାଉତ ନଥିବ, ଆଉ ।"-

"ନୀଳ ଆକାଶରେ ଆମ ଛବି ପଡିଥିବ ।"–

"ଆକାଶରେ ଉଡୁଥିବ ପକ୍ଷୀ, ଦେଖୁଥିବା ଆମେ, ଆଉ ।"–

"ମନ ଡେଣା ମେଲାଇ ଉଡି ଯାଉଥିବ । ଦୂର କଛି ତ ନଥିବ ।"-

"ବୋହି ଆସୁଥିବ ସୁଲୁସୁଲିଆ ବାଆ, ଆଉ ।"-

"ପାଓଲି ବସିଥିବେ ଯେ ଆଗରେ । ଉଡୁଥିବ ବାଳ ପବନରେ । ସଜାଡୁଥିବେ ଯେ ନଜକୁ।"- ସପନବାବୁ କହିଲେ

ପାଓଲିଙ୍କ ମୁହଁ ଲାଲ ହୋଇଗଲା । ତାଙ୍କ ହାତ ମନକୁ ମନ ନଜର ବାଳ ଉପରେ ବୁଲିଗଲା । ମେଞ୍ଚାଏ ଲମ୍ବା ବାଳ ଆଖି ଆଗକୁ ଝୁଲି ଆସିଥିଲା । ସେ ନଜ ଅଜାଣତରେ ବାଳକୁ ଠିକ କରିନେଲେ । ତାଙ୍କ ମନରେ ଖୁସି । ସେ ରୂପସୀ ରମ୍ଭା ଭଳ ଚମକୁ ଥିଲେ।

"ଏକ ଡଙ୍ଗା ଦେଖାଯିବ ତ ଦୂରରେ, ଆଉ ।"-

"ପହଞ୍ଚିବାକୁ ଅନେକ ତ ଡେରି । ଦେଖିବାନ ସେ ଡଙ୍ଗାକୁ ତ ଆମେ ।"-

"ବାହି ଆଣିବ କଏ ନଉକାକୁ ଆମର ପର୍ଯ୍ୟନ୍ତ, ଆଉ ।"-

ସପନବାବୁଙ୍କ ଆଖି ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ଲମ୍ବିଗଲା । ପାଣି ଧିରେ ନାଚୁଥିଲା । ଏକ ବିନ୍ଦୁ ଦିଗ୍‌ବଳୟରେ ।

"ପାଖକୁ ଆସିଯିବେ ତ ସେମାନେ । ଦେଖୁଥିବେ ତ ଆମକୁ । ଆଉ ।"-

"ହାତ ହଲାଇବା ଆମେ । ହସୁଥିବେ ଯେ ସେମାନେ ।"- ସପନବାବୁ କହିଲେ ।

"ଆପଣଙ୍କୁ ଏକଦମ ତଟକା ମାଛ ଖୁଆଇବୁ । ଟିକଏ ଅପେକ୍ଷା କରନ୍ତୁ ।"– ବୋଟର ରୋଷାଇଆ ଆସି କହିଲା ।

"କଛି ମାଛ ଖିଆଯାଉ । ସକାଳର ଚଙ୍ଗୁଡି ଏପର୍ଯ୍ୟନ୍ତ ଖିଆଯାଇନାହିଁ ।"- ପାଓଲି କହିଲେ ।

ନଦୀଧାରରେ ପାମ୍(ଗୋଲପତା) ଗଛଗୁଡିକ ବଡବଡ ଥିଲା । କଛି ତ ବହୁତ ତଳକୁ ଆସିଯାଇଥିଲା, ଠିକ୍ ପାଣିର ଉପରେ । ପାଓଲିଙ୍କ କ୍ୟାମେରା ସବୁଆଡକୁ ବୁଲିଯାଉଥିଲା । ଏସବୁ ଅଞ୍ଚଳରେ କେହି ମାଛ ଧରିବାକୁ ଆସୁନଥିଲେ । ଛୋଟ ଛୋଟ ମ୍ୟାନଗ୍ରୋଭ ବା ଲୁଣା ଜଙ୍ଗଲର ଗଛଗୁଡିକ ତଳକୁ ଆସିଯାଇଥିଲା । ଆଗରେ ପାଣି ବଢିଗଲା । ଅନେକ

ପକ୍ଷୀ ସେଇଠି, ଏଠି ପାଣି ଏତେ କାଦୁଆ ନଥିଲା । ଏ ଭିତରେ ଛୋଟ ନାଳଟା ଏକ ବଡ଼ ନଦୀରେ ମିଶିଯାଇଥିଲା । ପକ୍ଷୀଗୁଡିକ ଉପରେ ଉଡୁଥିଲେ ଆଉ ମଝିରେ ମଝିରେ ତଳକୁ ଆସି ପାଣି ଉପରୁ ମାଛ ଶିକାର କରୁଥିଲେ । ଧୀରେଧୀରେ ଢେଉ ବଢିଯାଉଥିଲା । କୂଳରେ ଅନେକ ପକ୍ଷୀ । ଲମ୍ବା ଗୋଡ ଥିବା ବଗ ଜାତୀୟ ଆଉ ଛୋଟ ଛୋଟ ଗୋଡ ଥିବା ଡାହୁକ ଆଉ କୁମ୍ଭାଟୁଆ ଭଳି ପକ୍ଷୀମାନେ । ମଝିରେ ମଝିରେ ଅନେକ ବଗ ଉଡିଯାଉଥିଲେ । ସୁନ୍ଦରବନ ଉପରୁ ସବୁଜ ହେଇଆସୁଥିଲା । ଆକାଶରେ ହାଲୁକା କଳା ମେଘ ଆଉ ସେ ଭିତରେ ଉଡିଯାଉଛନ୍ତି ଅନେକ ଅନେକ ବଗ ।

ସପନବାବୁ ଏକ କବିତା ମନେମନେ ରଚନା କଲେ:

ପଥିକ ମୁଁ ଯେ ଏକ
ରାସ୍ତା ମୋର ଏ ସବୁଜ ପାଣି
ରଙ୍ଗ ହରାଇ ବସେନା
ବାଙ୍କ ବୁଲିଯାଇ ଥାଏ
ମୋର ଆଖିର ଆଗରେ
ଦୁନଆ ନୂଆ ଖୋଲିଯାଏ ।।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ତୋ ପରଶର ଥରୁଟିଏ ଅନୁଭବ ପାଇଁ



ଡ. ନୀଳମାଧବ କର

ତୋ ଅନ୍ତରଙ୍ଗ ସ୍ପର୍ଶ
ହେଉପଛେ କ୍ଷଣମାତ୍ର
ସେଇ ସିନ୍ଧୁ
ସେଇ ଆଶା
- ଗ୍ଧତକର ଆଖି
...
ଗଭୀର ସେ ପ୍ରଶାନ୍ତିରେ
ତୋ ଠାରୁ ଲମ୍ବିଥାଉ
ତୋ ଅପାର୍ଥିବ ଉପସ୍ଥିତି
ଜାବୋଡି ରଖିଥାଉ ସତ୍ତାକୁ ଚରକାଳ
...
ପାର୍ଥିବ ଏ ମାୟାର କୁହେଳୀରୁ
ଅନେକ ଊର୍ଦ୍ଧ୍ୱରେ ତୁ
ବଞ୍ଚିଥିବୁ, ବଞ୍ଚାଇ ରଖିଥିବୁ
ବିଶ୍ୱାସଟେ - ଦୃଶ୍ୟ ବା ଅଦୃଶ୍ୟ
ସତ୍ୟ ବା ଅସତ୍ୟ
ପ୍ରତ୍ୟକ୍ଷ - ପରୋକ୍ଷ

...

ଏ ଲୀଳା ତୋର ଗ୍ଲୁଥାଉ
ତୋ ପରଶର
ଥରୁଟିଏ ଅନୁଭବ ପାଇଁ
ଏ ଅପେକ୍ଷା ଗ୍ଲୁଥାଉ
ସରିଯିବା ଯାଏ ଦିନସବୁ

***

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

# ଅୟସ୍କାନ୍ତ ! ପଚାରନା ମୋତେ ..



ପ୍ରାଧ୍ୟାପିକା ଜ୍ୟୋସ୍ନା ରାୟ

ଅୟସ୍କାନ୍ତ!
ପଚାରନା ପଚାରନା ଆଉ
ନିର୍ଲିପ୍ତ ଏ ହସର ରହସ୍ୟ
ତମର ସେ ସନ୍ଦିଗ୍ଧ ଆଖିରେ...

ତମେ କଣ ପଚାରିଛ ରଜତଜହ୍ନକୁ
ପଚାରିଛ ଶ୍ୟାମଳଧରାକୁ ଅବା
ଶରତର ଶୁଭ୍ର ଆକାଶକୁ କେବେ
ସେମାନଙ୍କ ହସର ଠିକଣା...

ତମେ କଣ ପଚାରିଛ ମେଘମହ୍ଲାରକୁ
ପ୍ରଜାପତି କଅଁଳଡେଣାକୁ
ଅଦିନଆ ଗହମୀ ନଦକୁ,
କେରିକେରି କାଶତଣ୍ଡୀ ଅଶିଣ କ୍ଷେତକୁ
ପାହାନ୍ତି ସ୍ୱପ୍ନକୁ ଅବା ବର୍ଷାର ସେ ଛମ୍ ଛମ୍
ପାଦ ଦୁଇଟାକୁ ଝୁମିଝୁମି -
କାହିଁକି ସେ ହସେ ...

ତମେ କଣ ପଚାରିପାରିଛ କେବେ
ନିଦ୍ରିତ ସେ କଅଁଳ ଶିଶୁକୁ
ଅହେତୁକ ଅନାବିଳ
ତାର ସେଇ ହସର ଠିକଣା
କାହିଁକି ପଚାର ମୋତେ
ପାରିବ କି ଦେଇ ତୁମେ
ନିର୍ଭେଜାଲ୍ ହସର ପାଉଣା ???

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଚନ୍ଦ୍ରାଣୀ ଚଲିକା



ମୀନାକ୍ଷି ପାଢ଼ୀ

ଉତ୍କଳ ମାଟିର ଗର୍ବ,ଗଉରବ
ତୁ ଆଗୋ ରୂପସୀ ଚଲିକା,
ବୁକୁ ପରେ ତୋର ଅଧୀର୍, ଆତୁର୍
ସୁନୀଳ ତରଙ୍ଗ ମାଳିକା।

କେରି କେରି ସୁନା କିରଣ ସୁରୂଜ
ଯେବେ ବିଞ୍ଚି ଦିଏ ବୁକୁରେ,
ରୂପା ପରି ଢେଉ ଚକ୍ ଚକ୍ କରେ
ହୁଅଇ ଭରମ ମନରେ ।

କେତେ ଦ୍ୱୀପ ପ୍ରାକୃତିକ ପରବତ
ଶରୀରେ ରଖିଛୁ ଧରି,
ମା'କାଳିଜାଈ ପ୍ରତ୍ୟକ୍ଷ ଦେବତୀ
ଉପମା ନାହିଁ ତାଙ୍କରି ।

ତୋ ନୀଳ ବୀଚରେ ଭରି ଆବେଗରେ
ନାବ ନାଚ ନାଚ ଗ୍ଲେ,
ଦୂରରୁ ଦୂରକୁ ଯାଉଥାଏ ଭାସି
ମନେ ହୁଏ ଚନ୍ଦ୍ର ତୁଲ୍ୟେ ।

ସାଗର ସମାନ ଜଳେ ଧରିଅଛୁ
କେତେ ପ୍ରାଣୀର ଜୀବନ,

ଲକ୍ଷ ବିହଙ୍ଗମ କରୁଥାନ୍ତି କେଳ
ତୋ ଶରୀରେ ନତ୍ୟ ଦିନ ।

ଶୀତ ସକାଳରେ ସୁଦୂର ଦେଶରୁ
ବିଦେଶିନୀ ପକ୍ଷୀ ଆସି,
ତୋ ବକ୍ଷରେ ଶୀତଛୁଟି କଟାଉଛି
ସ୍ୱାଗତ କରୁ ତୁ ହସି ।

ସୂର୍ଯ୍ୟୋଦୟେ ଉଭ୍ ବିଚତ୍ର ବର୍ଣାଳୀ
ଅରୁଣିମା ଅସ୍ତମିତେ,
ତାକୁ ପ୍ରକାଶିବା କାହା ସାଧ୍ୟ ଅଛି
ଭାଷା ପାଏନାହିଁ ସତେ !

ତୋର ଦରଶନେ ଆଶାୟୀ ନୟନ
ବ୍ୟଥିତ ହୃଦୟ ଭାବ,
ନମିଷକେ ଦୁଃଖ ହୋଇଯାଏ ଦୂର
ମନେ ଭରି ଅନୁରାଗ ।

କୋଟି ମନଜିଣା ରୂପକାନ୍ତି ତୋର
ତୁଳନା କ ତାର ଅଛି ?
କେତେ ଯେ ଭାବୁକ ଲେଖିଦେଇ ଗଲେ
ଇତିହାସ ତା'ର ସାକ୍ଷୀ ।

ସ୍ନିଗ୍ଧ ଉର୍ମିମାଳା ଘନ ଶରୀର୍ ତୁ
ଆକ୍ଷି ପାଏନାହିଁ ରାହା,
ଶୀତଳ ସମୀର୍ ହୃଦ ରତ୍ନହାର୍
କେମିତି ଭୁଲିବି ଆହା !

ଶିକ୍ଷୟିତ୍ରୀ, ଚକଟି ପେଣ୍ଠ, ଗଞ୍ଜାମ

# ସବୁଠୁଁ ଅଧମ ସେହି



ହରେକ୍ରୃଷ୍ଣ ପଣ୍ଡା

ଦୁନିଆଁ ଭିତରେ 'ମାଆ' ଠାରୁ ବଳି
ମଧୁର ଡାକ କି ଅଛି ?
ହତଭାଗ୍ୟ ସେହି ଦୁନିଆଁରେ ଯିଏ
ମାଆ ସ୍ନେହ ନ ପାଇଛି ॥
କେଉଁ ନାରୀ ତାର କୋଳେ ଧରିବାକୁ
ସନ୍ତାନଟିଏ ନ ଗୁହେଁ,
ସନ୍ତାନର ସୁଖ ଦେଖିବାପାଇଁକି
ନିଜ ସୁଖ ବଳୀ ଦିଏ ॥
ଲକ୍ଷେ ଶିବ ପୂଜି ମାଆଟିଏ ଦିନେ
ଯେଉଁ ପୁଅ ପାଇଥାଏ,
ସେହି ପୁଅ ଦିନେ କେମିତି ନିଜର
ରକତକୁ ଭୁଲିଯାଏ ?
ଦୁନିଆଁ ଦାଣ୍ଡରେ ଗ୍ଭଲିବା ପାଇଁକି
ବଳ ଦେଲା ଯେଉଁ ମାଆ,
ଅଖୋଜା ଅଲୋଡ଼ା କେମିତି ସେ ହୁଏ
ନ ମିଳେ କେଉଁଠି ଗ୍ଭହା ॥

ଆପଣା ସୁଖରେ ବୁଡ଼ି ନିଜପିଲା
ହୋଇଯାଏ ପରଦେଶୀ,
ରକତ ଭୁଲଇ ନିଜ ରକତକୁ
କାହାକୁ କରିବ ଦୋଷୀ ?
କେଶୁଣିବ ଦୁଃଖ , କାହାକୁ କହିବ
କିଏ ବା କରିବ ଆହା ?
ବଡ଼ଦାଣ୍ଡେ ସେହି ଦୁଃଖିନୀ ମାଆକୁ
ଜଗନ୍ନାଥେ ! ତୁମେ ସାହା !
ଧିକ କହିବା ସେ ପୁଅ ଜନମକୁ
ସବୁଠୁଁ ଅଧମ ସେହି,
ମାଆ ଯଦି ତାର ଲୁହ ଗଡ଼େଇଲା
ତା ଜୀବନେ ସୁଖ ନାହିଁ ॥

କୁଆଁସ, ମେର୍ଦା କାଟିଆ ଛକ, ଯାଜପୁର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ଅନୁଭବ ର ଆକର୍ଷଣ



ଅମ୍ବିକା ସ୍ୱାଇଁ

ରାସ୍ତା ରେ ଚାଲୁ ଚାଲୁ ହଠାତ୍ ଅଟକ ଗଲି, ପଛପଟୁ ଆସୁଥିବା ଅଟୋ କୁ ଦେଖି ଚନ୍ଦ୍ର ଶେଖର ପୁର ଡି ଏଭି ସ୍କୁଲ ଛକରେ..!! ଅଟୋ ବାଲା କୁ ପଚାରିଲି, ମାଷ୍ଟର କ୍ୟାଣ୍ଟିନ ଯିବ କି ଭାଇ? କହିଲା ନା ମା" ମୁଁ ଆଚାର୍ଯ୍ୟ ବିହାର ଯାଏ ଯିବି । ହଉ ଠିକ୍ ଅଛି ଚାଲ୍ । ସେହି ଠାରୁ ମୋତେ ଆରାମ ରେ "ମୋ ବସ୍" କମ୍ବା ଅଟୋ ମିଳିଯିବ । ଅଟୋ ଆଗେଇ ଚାଲିଲା, ଅଳ୍ପ କିଛି ବାଟ ଯିବା ପରେ ଦୁଇ ଜଣ ଲୋକ ହାତ ଦେଖାଇ ଅଟୋ କୁ ଅଟକାଇ ଦେଲେ, ପଚାରିଲେ ବାଣୀ ବିହାର ଯିବ କି? ୨୧ ୨୨ ବର୍ଷର ପୁଅ ଟି ଓ ୧୮ ୨୯ ବର୍ଷ ର ଝିଅଟି ଏକ ଛିଣ୍ଡା କୋତରା ଶାଢି ଟି ଦେହରେ ଗୁଡ଼ାଇ ହୋଇଛି । ବିନା ବ୍ଲାଉଜ ରେ, ପୁଅ ଟି ମଧ୍ୟ ମଇଳା ସାର୍ଟ ଖଣ୍ଡେ ତାଳପକା ପ୍ୟାଣ୍ଟ ଖଣ୍ଡେ ପିନ୍ଧିଛି। ଝିଅ ଟି କୋଳରେ ଥାଏ ଏକ କୁନି ଛୁଆ । ଅଟୋ ବାଲା କଣ୍ ଭାବିଲା କେଜାଣି ମୋତେ ଟିକେ ବୁଲିକି ଚାହିଁଲା , ବୋଧହୁଏ ମୋର ଅନୁମତି ଲୋଡୁ ଥିଲା । ମୁଁ ତା"ଚାହାଣୀ ରୁ ବୁଝି ଗଲି, ଡେରି ନ କରି ଅଟୋ ର ଡାହାଣ କୁ ଟିକେ ଘୁଞ୍ଚି ଯାଇ କହିଲି ଆସ ଆସ ବସ ଯିବା, ଡେରି ହେଉଛି । ସେମାନେ ବସିଲେ, ଅଟୋ ଚାଲିଲା । ମୁଁ ନୀରବରେ ସେ ଛୁଆ ଟିକୁ ନିରୀକ୍ଷଣ କରୁଥାଏ । ଭାରି ଗୁଲୁଗୁଲିଆ ଛୁଆଟି ଗୋରା ତକ୍ ତକ୍ ଦେଖିବାକୁ, ଖୁବ୍ ସୁନ୍ଦର । ଅନୁଭବ କଲି ତା" କଅଁଳ କୁନି ଆଖିରେ ମୋତେ ଚାହିଁ ଯେମିତି କେତେ କଥା କହୁଛି । ସମ୍ଭାଳି ପାରିଲିନି, ପାଖରେ ବସି ଥିବା ସେ ଝିଅ ଟିକୁ ପଚାରିଲି, ଆଚ୍ଛା ଏ ଛୁଆଟି କାହାର !! ପୁଅ ନା ଝିଅ? କହିଲା ମାଆ ଇ ଏ ବା ମୋ ପୁଅ ।

ମୁଁ ଆଶ୍ଚର୍ଯ୍ୟ ହେଲି, ବିଶ୍ୱାସ କରି ପାରିଲିନି ଆରେ ଏ ତ ରାଜା ଛୁଆ ପରି ଦିଶୁଛି....!!! ଖୁବ୍ ସୁନ୍ଦର୍ ପୋଷାକ ହଳେ ପିନ୍ଧିଛି, ଖୁବ୍ ମାନୁଛି କଣ୍ଢେଇ ଟି ପରି । ମନ ମାନିଲାନି ତାକୁ ପଚାରିଲି - ଇୟେ ତୋ ଛୁଆ ? ତୁ ବାହା ହୋଇଛୁ ? ହଁ ମା" ଏ ପରା ତା"ବାପା । ତା ପାଖରେ ବସିଥିବା ପୁଅ ଟିକୁ ଦେଖାଇ କହିଲା । ତାକୁ ଏ କଥା ପଚାରିବାର କାରଣ

ଥିଲା- ବାହା ହେବା ର କୌଣସୀ ଲକ୍ଷଣ ବା ବିବାହ ବୟସ ର ଛାପ ବାରି ହେଉ ନଥିଲା।

ମୁଁ ତା" ପାଖରେ ଦେଖି ପାରୁ ନଥିଲି, ବିବାହ ର କଛି ଲକ୍ଷଣ.... ମଥାରେ ତାର ନା ଥିଲା ବିନ୍ଦି, ନା ସିନ୍ଥିରେ ସିନ୍ଦୂର, ନା ଥିଲା ହାତରେ ଶଙ୍ଖା । ଆରେ ଝିଅ ତୋ ନାଁ କଣ? ମାଆ ମୋ ନାଁ ଝିଲି। ଆଚ୍ଛା ଝିଲି ତୁ ବାହା ହେଇଛୁ ତେବେ !! ହେଲେ ସିନ୍ଦୂର, ଚୁଡି କାହିଁ ପିନ୍ଧୁନୁ ? କହିଲା କଣ କହିବି "ମା" ସତ କହିବି ? ହଁ କହ, କହୁନୁ !! ନା" ନା..ମୁଁ..କହିଲେ କାଳେ ଆପଣ ଖରାପ ଭାବିବେ, ଆରେ ନା କହ କଛି ଖରାପ ଭାବିବିନି । କହିଲା ନା" ମ" ମାଆ ଆମେ ସତରେ ବାହା ହୋଇନୁ, ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲୁ, ଆମ ଭୁଲ୍ ବଶତଃ ଛୁଆଟି ପେଟ ରେ ରହିଗଲା ଯେ ଆମେ କଛି ଉପାୟ ନ ପାଇ ଘର ଛାଡ଼ି ଚାଲି ଆସିଲୁ ଭୁବନେଶ୍ୱର । ଛୁଆଟି ଏଇଠି ଜନ୍ମ ହେଲା । ଏକଥା ଶୁଣି ମୁଁ ଟିକେ ବିରକ୍ତି ପ୍ରକାଶ କରି କହିଲି, ଆରେ ତୁମେ ଏମିତି କାହିଁ କଲ ଏମିତି କରିବା ଠିକ୍ କଥା ନୁହେଁ,ଏ ମିତି କଣ ସବୁ କରନ୍ତି? ବାପା ମା" ଙ୍କୁ ନ ଜଣାଇ !!! ଆଚ୍ଛା ତୁମ ଗାଁ କୁଆଡେ ? କହିଲା ଆମ ଗାଁ ମୟୂରଭଞ୍ଜ ଜିଲ୍ଲାରେ ଏକ ଆଦିବାସୀ ଅଂଚଳ ।ତୁମ ବାପା ମା"ତୁମକୁ ଖୋଜୁ ନାହାଁନ୍ତି? ହଁ ଖୋଜୁଥିବେ, ହେଲେ ଆମେ କଣ କରିବୁ ଯେ, ମା"..ଆମକୁ ତ ଡର ଲାଗୁଚ ଗାଁ କୁ ଯିବାକୁ । ଗାଁ ଲୋକେ ଛି, ଛାକର କରିବେ ମୁଣ୍ଡ ତଳକୁ ହୋଇଯିବ, ଗାଁ ରେ ମୁହଁ ଦେଖାଇ ପାରିବୁନ । ଭାବୁଛି ଏଇ ଭୁବନେଶ୍ୱର ରେ ରହି, ଘରବାଡି କାମ ଧନ୍ଦା କରି ପେଟ ପୋଷିବୁ । ଛୁଆଟିକୁ ଯତ୍ନ ରେ ବଢାଇ ପାଠ ପଢ଼ାଇ ମଣିଷ କରିବୁ । ମୁଁ କହିଲି ହଁ ରେ ଝିଅ ସେ କଥା ଠିକ୍ ଯେ, ହେଲେ ନିଜ ବାପା ମାଆଙ୍କୁ ଘରଲୋକଙ୍କୁ ନ ଜଣାଇ, ଏମିତି ରହିବା ଟା କଣ ସୁନ୍ଦର !!! ତୁମେ ଯେମିତି ଏବେ ଠୁ ତୁମ ଛୁଆ ପାଇଁ ଚନ୍ତା କଲଣି, ତୁମ ବାପା ମା ବି ତୁମ ପ୍ରତି ସେମିତି ଆଶା ରଖିଥିବେ, ତୁମର ବି ସେମାନଙ୍କ ପ୍ରତି କଛି କର୍ତ୍ତବ୍ୟ ଅଛି ।

ଶୁଣ ଝିଅ ତୁ ଗୋଟେ କାମ କର। ଏ ବର୍ଷ ରଜ କୁ ତୋ" ବର ସହ ଛୁଆଟି କୁ ଧରି ଗାଁ କୁ ଯାଅ । ତୁମର ବାପା, ମା ଏହି ଗୁଲୁ ଗୁଲିଆ ସୁନ୍ଦରିଆ ନାତୀ ଟାକୁ ଦେଖିଲା ପରେ ସବୁ ରାଗ ରୋଷ ଅଭିମାନ ଦୂରେଇ ଯିବ। ମନ ତାଙ୍କର ପରିବର୍ତ୍ତନ ହେବ, ତୁମକୁ ନିଶ୍ଚୟ କ୍ଷମା କରି ଦେବେ । ତୁ ମୋ ମୋବାଇଲ ନମ୍ବର ରଖ, ତୋ ବାପା ମାଆ ଯଦି ତୋତେ କଛି କୁହନ୍ତି, ତେବେ ମୋତେ ଫୋନ କରି ଜଣାଇବୁ,ମୁଁ ସେମାନଙ୍କ ସହ କଥା

ହୋଇ ବୁଝାଇ ଦେବି । ତୁ ବ୍ୟସ୍ତ ହ"ନା । ଏମିତି କଥାବାର୍ତ୍ତା ଭିତରେ ଆଗ୍ଚର୍ଯ୍ୟ ବିହାର ଛକ ହୋଇ ଗଲା । ଅଟୋ ରୁ ଓହ୍ଲାଇ ଅଟୋ ବାଲା କୁ ମୋ ଭଡା ସହ ସେମାନଙ୍କ ଭଡା ମଧ ଦେଇ ଦେଲି, ଅଟୋ ବଲା ପଇସା ନେଇ ତା"ବାଟରେ ଗ୍ଲିଗଲା । ସେ ଝିଅ ହାତକୁ ବେଶି ନୁହେଁ ମାତ୍ର ୫୦ ଟି ଟଙ୍କା ବାହାର କରି ଦେଲି ଓ କହିଲି ନେ ଏ ଟଙ୍କାରେ ଆଜି ଦୋକାନ ରୁ ଚୁଡି, ସିନ୍ଦୂର ବିନ୍ଦି କଣି ଆଣିବୁ । ହାତରେ ଚୁଡି ମଥାରେ ସିନ୍ଦୂର ଲଗାଇ ଖୁବ୍ ମାନବୁ । କଥାରେ ପଗ୍ ଅଛି ସଧବା ସ୍ତ୍ରୀ ମାନେ ଚୁଡି, ସିନ୍ଦୂର ପିନ୍ଧିଲେ ସ୍ୱାମୀ ଙ୍କର ଆୟୁଷ ବଢେ, ମଙ୍ଗଳ ହୁଏ । ଝିଅଟି ଉଲ୍ଲସିତ ମନରେ ହସି ହସି କହି ପକାଇଲା, ସତରେ "ମା" ଆପଣ କେତେ ଭଲ । ଆମେ ତ ଅଟୋ ରେ ଆପଣଙ୍କ ପାଖରେ ବସିଲା ବେଳେ ସଙ୍କୋଚ କରୁଥିଲୁ, ଆମକୁ ଡର ଲାଗଥିଲା । ଆପଣ ଆମକୁ କାଳେ କଛି ଖରାପ ଭାବିବେ...। କନ୍ତୁ ମା" ଆପଣ ତ ମଣିଷ ନୁହେଁ ସତରେ ଦେବୀ ଟିଏ...ଆପଣଙ୍କ ଭଳ ଏତେ ଭଲ ଲୋକ ଦୁନଆରେ ଅଛନ୍ତି ମାଆ !!!! ଏହା କହିବା ବାହୁଲ୍ୟ ହୋଇ ପାରେ .....!!!! ମାତ୍ର ଏହା ତା"ର ଅନୁଭବ ର ଭାଷା ।

ମୁଁ କହିଲି ନା" ରେ ଝିଅ ମୁଁ ତୁମ ଭଳ ସାମାନ୍ୟ ସାଧାରଣ ମଣିଷ ଟିଏ...କେବଳ ଦରଦୀ ମନଟିଏ କାହିଁ କେଜାଣି ସମସ୍ତଙ୍କୁ ଆପଣାର ପରି ଭାବେ....ସମସ୍ତଙ୍କ ଭିତରେ ଈଶ୍ୱର ଙ୍କ ସତ୍ତା କୁ ଅନୁଭବ କରେ.....ସମସ୍ତଙ୍କୁ ଖୁବ୍ ଭଲ ପାଏ ଶ୍ରଦ୍ଧା କରେ, ସମ୍ମାନ କରେ !! ଏ ଦୁନଆରୁ କଏ କ ବା କଣ ନେଇ ଯିବ ରେ ଝିଅ ? ଏ କଥା ଶୁଣି ଧଡକନା କହି ପକାଇଲା ହଁ ମା ଏଇତ ମଣିଷ ପଣିଆ । ମୁଁ କହିଲି ହଉ ଥାଉ ଏତେ ଆଉ ପ୍ରଶଂସା କରନ, ଏଥର ଯିବା । ଝିଅଟିର ଯୁବତୀସୁଲଭ ମୁହଁରେ ଯେମିତି ଆନନ୍ଦର ଝଲକ ଚମକ ଉଠିଲା ।ସେ ମୋ ଆଡ଼କୁ ହାତ ବଢାଇ ମୋ ହାତକୁ ମୁଠେଇ ଧରି ମୋତେ ହ୍ୟାଣ୍ଡସେକ କରି କହି ପକାଇଲା ଥାଙ୍କ ୟୁ ମା"ଥାଙ୍କ ୟୁ !!!! ମୁଁ ଆଷ୍ଟର୍ଯ୍ୟ ହେଲି ତା"ର ଏ ଆତ୍ମୀୟତା ପଣରେ...ବିଭୋର ହୋଇ ଗଲି । ସମ୍ଭାଳ ପାରିଲିନ ତାକୁ ମଧ ଖୁସିରେ କୁଣ୍ଢାଇ ପକାଇଲି । ତା" ବର କୋଳରେ ଥିବା କୁନ ଛୁଆଟିକୁ ଖୁବ୍ ଶ୍ରଦ୍ଧାରେ ଗେହ୍ଲା କରି ଦେଲି । କଛି ଲୋକ ପାଖରେ ଓ ଦୂରରେ ଥାଇ ଭାବପୂର୍ଣ୍ଣ ଗୃହାଣୀରେ ଏ ଦୃଶ୍ୟ କୁ ଉପଭୋଗ କରୁଥା"ନ୍ତି ବୋଲି ପରେ ଲକ୍ଷ୍ୟ କଲି । ତା"ପରେ ସ୍ୱାମୀ,ସ୍ତ୍ରୀ ଦୁହେଁ ମୋର ପାଦ ଛୁଇଁ ମୋତେ ପ୍ରଣାମ କରିବାକୁ ବି ଭୁଲି ନଥିଲେ । ଆପଣା ଛାଏଁ ମୋ ପାଟିରୁ ବାହାରି ଆସିଥିଲା ଭଗବାନ ତୁମକୁ ଆଶିର୍ବାଦ କରନ୍ତୁ ତୁମର ମଙ୍ଗଳ କରନ୍ତୁ ଖୁବ୍ ଖୁସିରେ ରୁହ ।

ତା" ସ୍ୱାମୀକୁ କେବଳ ପଦୁ ଟିଏ କହିଥିଲି, ଆରେ ପୁଅ ତୁମ ଦୁଇଜଣଙ୍କ ଭିତରେ କେବେ କଳ ଝଗଡ଼ା କରିବନ । ତୁମ ସ୍ତ୍ରୀ ତୁମ ସହିତ ଯେଉଁ ବିଶ୍ୱାସରେ ଗ୍ଭଲି ଆସିଛି, ତା"ବିଶ୍ୱାସ କୁ ହରେଇବନ, ତାକୁ ଖୁସିରେ ରଖିବ । ସେ କହିଲା ହଁ ମା ନଶ୍ଚିତ .....!!!! ମୁଁ ବି ତାକୁ ଖୁବ୍ ଭଲପାଏ ସେଥିପାଇଁ ତ ଏମିତି ନଷ୍ପତ୍ତି ନେଇ ଘରୁ ଗ୍ଭଲି ଆସିଛୁ ।

ତା"କଥା ପଦୁଟିରେ ବାରି ହୋଇ ପଡୁ ଥିଲା ତା" ଭିତରେ ତା"ସ୍ତ୍ରୀ ପ୍ରତି ଥିବା କେତେ ଅନାବିଳ ପ୍ରେମ ଆଉ ଭଲ ପାଇବା....!! ମନେ ମନେ ମୁଁ ଭ୍ବୁଥାଏ ସତରେ ୟାକୁ ହିଁ କୁହନ୍ତି ସ୍ୱର୍ଗୀୟ ପ୍ରେମ । ଅନେକ ସମୟରେ ଦେଖା ଯାଏ, ଏମିତି ପୁଅ ଝିଅ ମାନେ କମ୍ ବୟସରେ ଭୁଲ୍ କରି ବସନ୍ତି । କଛି ଦିନ ପରେ ତାଙ୍କ ଭିତରେ ଥିବା ଭଲ ପାଇବା ପ୍ରେମ ସମ୍ପର୍କ କୁ ମାରି ଦିଅନ୍ତି, ଯାହା କ ନଜ ପାଇଁ, ପରିବାର ତଥା ସମାଜ ପାଇଁ ବହୁତ କ୍ଷତି କାରକ ହୋଇ ଥାଏ । କନ୍ତୁ ତାଙ୍କ ପରସ୍ପର ଭିତରେ ଥିବା ଭଲ ପାଇବା ଅନାବିଳ ପ୍ରେମ ସମ୍ପର୍କ ଏତେ ସୁଦୃଢ଼ ବୋଲି ଅନୁଭବ କଲି । ଆଜିକାଲି ଶିକ୍ଷିତ ଧନୀ ସମାଜରେ ବି ଏହାର ଅନେକ ବ୍ୟତିକ୍ରମ ଦେଖାଯାଏ । ଯାହାବି ହେଉ ମୋର ଏତିକ ହୃଦୟଙ୍ଗମ ହେଲା ସେମାନେ ଦରିଦ୍ର ହୋଇ ପାରନ୍ତି, ଅପାଠୁଆ ହୋଇ ପାରନ୍ତି କନ୍ତୁ ଅଶିକ୍ଷିତ ନୁହଁନ୍ତି......

ହଁ ଶେଷ ରେ ପରସ୍ପର କୁ ବାଏ..ବାଏ କରି ଦୃଶ୍ୟ ପଟ୍ଟ ରୁ ଅଦୃଶ୍ୟ ହୋଇ ଗଲୁ .....ମୋ ମନ ହୃଦୟ କୁ ତା"ଙ୍କ ବ୍ୟବହାର କଥାବାର୍ତ୍ତା ଚହଲାଇ ଦେଲା । ଝିଅଟିର ଲାଳତ୍ୟ ଭରା ଆଦିବାସୀ ଭ୍ଷାରେ ଫୁଟି ଦିଶୁଥିଲା ସେହି ଅଙ୍କା ବଙ୍କା ପଦିଏ ଇଂରେଜୀ ଶବ୍ଦରେ କେତେ ସ୍ନେହ ମମତା । ସତରେ ମାପି ହେବନ ତା"ର ଗଭୀରତା ।

ହଁ ଏବେ ବି ତା"ର ସେ କଥା ପଦେ ମୋ ହୃଦୟ ଭିତରେ ସ୍ପନ୍ଦିତ ହେଉଛି । କର୍ଣ୍ଣ ରେ ଗୁଞ୍ଜରଣ ସୃଷ୍ଟି କରୁଛି । ଏ ଅବିଶ୍ୱାସ ର ଶିକ୍ଷିତ ଦୁନଆ ରେ ସାନ, ବଡ଼ ଧନୀ ଦରିଦ୍ର ର ଊର୍ଦ୍ଧରେ ଏ ମାନବୀୟ ଗୁଣ, ମଣିଷ ପଣିଆ ସବୁଠୁ ଶ୍ରେଷ୍ଠ ବୋଲି ମୁଁ ମୁହୂର୍ତ୍ତକ ଅନୁଭବ ର ଆକର୍ଷଣ ରେ ବାନ୍ଧି ହୋଇ ଗଲି....!!!

ଶ୍ୟାମପୁର, ଭୁବନେଶ୍ୱର

# ମୋ ପିଲା ଦିନ



ନନ୍ଦିନୀ ରାଉତ

ବାଲ୍ୟକାଳ ସ୍ମୃତି ତୁହାଇ ତୁହାଇ
ପଡୁ ଅଛି ମୋର ମନେ,
ଭୁଲି ଯିବା ପାଇଁ ଯେତେ ବି ଚାହିଁଲେ
ଭାସି ଆସେ ସେ ପବନେ।।

ଜେଜେଙ୍କ କାନ୍ଧରେ ସବାର ହୋଇଣ
କେତେ ଖୁସି ପାଉ ଥିଲି,
ଆକାଶର ଚାନ୍ଦ ଜେଜେ ମାଁ ର କୋଳେ,
ସତେ ଧରି ନେଉଥିଲି।।

ବାପାଙ୍କ ଫେରିବା ବାଟକୁ ଚାହିଁ
ଚାତକ ପରାଏ ରହେ,
ବିଦ୍ୟାଳୟ ଯିବା ନାଁ ଶୁଣି ଦେଲେ
ଭୟ ରେ ଛାତି ଥରାଏ।।

ଗୁରୁ ରାମଚନ୍ଦ୍ର ସ୍ୱର୍ଗ ବାସି ଏବେ
ପଡେ ତାଙ୍କ କଥା ମନେ,
ଛାଟ୍ ଦେଇ ଯିଏ ଗଢି ଥିଲେ ମୋତେ
ସିଏ ତ ସରଗ ସ୍ଥାନେ।।

ଗାଁ ପୋଖରୀ ରୁ କଇଁ ଫୁଲ ତୋଳା
ଖୁଦୁରକୁଣୀ ର ଓଷା,
ଜୀବନଟା ସେତେବେଳେ ଲାଗୁଥିଲା
ବାଇ ଚଢ଼େଇ ର ବସା।

ସଞ୍ଜୁ ରଞ୍ଜୁ ମୋର ପ୍ରିୟ ସହଚରି
ରହିଗଲ କେତେ ଦୂରେ,
ବଅଁର କୋଳକୁ ଖାଇବା ଲୋଭରେ
ଧାଉଁଥିଲେ କେତେ ଦୂରେ ।।

ବାଳକ ବାଳକା ମାନଙ୍କ ମଧ୍ୟରେ
କଳ ଝଗଡ଼ାଟି ଥାଏ,
କେତେବେଳେ ରାଗେ ଧ୍ରୁବ କୋଦଣ୍ଡର
ନନ୍ଦିନୀ ମୁଣ୍ଡ ଫଟାଏ ।।

କାହିଁ ଗଲା ମୋର ସେହି ଚପଳତା
କାହିଁ ଗଲା ମୋର ଶିରୀ,
ସେଦିନକୁ ଏବେ ଖୋଜି ହେଉଅଛି
ହୃଦୟ ଦିଏ ବିଦାରି ।।

ବାଲିପଟ୍ଟା, ଅନୁଗୁଳ

# ଶରତ ତୁମ ଆଗମନେ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଧରଣୀ ହସେ ମନେମନେ
ଶୁଭ୍ର କାଶତଣ୍ଡୀ ଦୋହଲି ଦୋହଲି
ରୂପା ଜହ୍ନ ପରି ହସେ ଖିଲିଖିଲି
ଆସିଛି ପାର୍ବଣ ତୁମ ଆଗମନେ
ଆନନ୍ଦ ହୁଅଇ ଧର୍ ଏହି ଆଶ୍ୱିନେ
ଚଳଚଞ୍ଚଳ ହୋଇଉଠେ ଏ ଧରିତ୍ରୀ ପର୍
ଦୂର କରିବେ ମା' ସବୁରି ଦୁଃଖର ଭର୍
ଶରତ ତୁମ ଆଗମନେ
କୁଆଁରୀଙ୍କ ମନ ଉଡେ ଗଗନେ
ଆସିବ ପୁନେଇଁ (କୁମାରପୂର୍ଣ୍ଣିମୀ) ପୁଣି ଆଶ୍ୱିନେ
କୁଆଁରୀ ପୂଜିବେ ଚନ୍ଦ୍ରଙ୍କୁ ଆନନ୍ଦମନେ ॥

ମଠସାହି, ତୁଳସିପୁର

# ଶୂନ୍ୟ ଶାମୁକା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ମୁଁ ଯେବେ ପଡିଲି ଡେଇଁ,
ରକ୍ତରେ ଜୁଡୁବୁଡୁ ହୋଇ
ବସୁନ୍ଧରା କୋଳକୁ
ଗର୍ଭ ଯନ୍ତ୍ରଣାକୁ ଖାତର ନକରି
ବାରମ୍ବାର ଗୃହୁଁଥିଲା ମୋ ଜନନୀ,
ତାର ସଦ୍ୟଜାତ ଶିଶୁର ମୁହଁକୁ ।
ମୃତ୍ୟୁ ସଙ୍ଗେ ଯୁଝୁଥିବା ମା ମୋର
ନିମିଷକେ ହେଲା ସଂଜ୍ଞାହୀନା;
ମୁଁ କନ୍ତ କାନ୍ଦୁଥିଲି
କୁଆଁ କୁଆଁ ରଡିଛାଡି,
ସହି ନପାରି ତା ପ୍ରସବ ବେଦନା ।
ମୁହୂର୍ତ୍ତକ ପରେ
ମୁମୂର୍ଷୁ ଜନନୀ ଓଠରୁ
ଚେନାଏ ହସ ଝରି ପଡିଥିଲା;
ମୋତେ ଜନ୍ମଦେଇ
ମାତୃତ୍ୱ ତା ହୋଇଛି ସାର୍ଥକ;
ସୁବର୍ଣ୍ଣ ସ୍ତନରୁ ତାର ସୁଧା ଝରୁଥିଲା ।
ଦୀର୍ଘ ପ୍ରତୀକ୍ଷା ପରେ
ପାଲଟି ଯାଇଛି ସିଏ, ମୁକ୍ତାଭରା ଶାମୁକାଟିଏ,
ସେଥିପାଇଁ ଅନେକ ଗର୍ବ ତାର
ସେହି ମୁକ୍ତା ଆଣିଦେବ
ତା ଜୀବନେ ସାର୍ଥକତା,
ସୁଖଶାନ୍ତି, ଐଶ୍ବର୍ଯ୍ୟର ଅଜସ୍ର ସମ୍ଭାର ।
ସମୟର ଚକ ଘୂରିଗଲା
ମୁଁ ବୁଝିଲି; ମୁଁ ପିତୃତ୍ୱ ଲଭିଛି;
ଜନନୀକୁ ଜନ୍ମ ନଦେଇବି,
ମୁଁ ତାର ଜନକ ସାଜିଛି ।
ତାର ସବୁ ସ୍ନେହ, ସବୁ ଯତ୍ନ,
ପଣତକାନରେ ବାନ୍ଧି,
ଅଜାଡି ସେ ଦେଲା
ମୋ ଶରୀର ପ୍ରତିଟି କୋଷରେ;
ଦୁଗ୍ଧପୋଷ୍ୟ ଶିଶୁଟିକୁ ତାର ଗଢିଦେଲା
ଗୋଟାଏ କନ୍ଦର୍ପ-ଦିନ କେଇଟାରେ ।
ଆଶା ପକ୍ଷୀ ରଚଥିଲା ନୀଡ,
ମମତା-ବୃକ୍ଷର କେଉଁ ଏକ ନବୃତ-ଶାଖାରେ
ତା ବିଚ୍ଛେଦ-ଅସହ୍ୟ ଯନ୍ତ୍ରଣା
ପାରୁ ମୁଁନଥିଲି ସହି;
ଖୋଜୁଥିଲି କେତେ ତାକୁ ପରାଣ ଆତୁରେ ।

ତା ପାଇଁ ମୁଁ କାମିନୀ, କାଞ୍ଚନର
ସୌଭାଗ୍ୟ ଲଭିଛି;
ସମାଜରେ ଲଭିଛି ପ୍ରତିଷ୍ଠା;
ଆଜି କନ୍ତୁ ଲୁହଢାଳେ ନୀରବରେ ମୋ ଜନନୀ
ଅଖ୍ୟାତ ପଲ୍ଲୀର ସେହି ଶୂନ୍ୟ-କୋଠରୀରେ;
ଶୂନ୍ୟତା ଭିତରେ ତାର ହଜିଗଲ୍ ନିଷ୍ଠା ।
ମୁକ୍ତାଭରା ଶାମୁକାଟି-ଶୂନ୍ୟ ଆଜି,
ଖାଲି ଖୋଳପା ପଡିଛି;
ମମତା-ବୃକ୍ଷରେ ସେହି ନଭୃତ ଶାଖାରେ
ନୀଡ ରଚଥିବା ପକ୍ଷୀ କେଉଁ କାଳୁଁ ଉଡି ତ ଗଲାଣି
ନୀଡ ଦରଜାରେ ଏକ କୋଲପ ଝୁଲୁଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରାଉରକେଲା, ଓଡିଶା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଡିମିରି ଫୁଲର ଲୁହ



ଅଧ୍ୟାପକ ଶରତ କୁମାର ଦାସ

ସ୍ତବ୍ଧ ଆଜି ମାଟିରୁ ଆକାଶ
ଜରାଜୀର୍ଣ୍ଣ ଫଗୁଣର ଫୁଲବନ
ଟପ ଟପ ଅଶ୍ରୁର ବିନ୍ଦୁରେ
ଭିଜୁଛି ଧୂ ଧୂ ତାତି
ଆଉ ଡହଡହ ଫୁଟୁଥିବା ମଧ୍ୟାହ୍ନର ସୂର୍ଯ୍ୟ ।

ଚତୁର୍ଦ୍ଦିଗ ମହାମାରୀର ବିଭତ୍ସ ତାଣ୍ଡବ
ଲୁହ ଲହୁ ସ୍ୱେଦ ବିନ୍ଦୁ ସବୁ ଏକକାର
ପାଷାଣ ଛାତିରେ ଭୂକମ୍ପନ
ଅକୁଳ ଆର୍ତ୍ତନାଦ ସମୁଦ୍ର ଗର୍ଭରେ
ପୁଣି ଫୁଙ୍ଗୁଳା ପାହାଡର ଲଣ୍ଡା ମଥାନରେ ।

ଦାଦନର ପଂଜରା ହାଡରେ
ଖୁନ୍ଦିହୋଇ ଚକ୍ରାର କରୁଛି
ଭେକର ଭୂତାଣୁ
ରକ୍ତଭିଜା ଖୋଲା ପାଦର ଚହ୍ନରେ
ବିଳାପ କରୁଛି ବଣ ପାହାଡ ଘେରା
କଣ୍ଟକତ ଯୋଜନ ଯୋଜନ ବନ୍ଧୁର ପଥ ।
ବନବାସରେ ପ୍ରବାସୀ
ଆଁ କରି ଗୃହିଁଛି ଆକାଶକୁ

ପୁଣି କେତେବେଳେ ଶୁଖିଲା ମାଟିକୁ
ଚୂଲିର ଧୂଆଁରେ କୁହୁଳ ଯାଉଛି ତା' ଛାତି
ଡହଳ ବିକଳ ହେଉଛି ନିଃଶ୍ୱାସ ।

ପନ୍ର କୁଡିଆର ରିକ୍ତ ଚଟାଣରେ
ଆଙ୍କୁଛି ସେ ଭାଗ୍ୟ ଓ ଭବିଷ୍ୟର ମାନଚନ୍ର
ବଣ ଜଙ୍ଗଲର ଫୁଙ୍ଗୁଳା ଛାତିରେ
ଏକା ଏକା ବସି ସକାଳରୁ ସଂଜ ।

ଦରେ୍ଟି ଶିଶୁର କଅଁଳ ଡାକରେ
ଉଠୁନ ମମତା ମୟୀ ମା' ତା'ର
ବକ୍ଷରୁ ଝରୁନ ଅମୃତ
ସନ୍ତାନର ଶୁଖିଲା ଓଠରେ ,
ଚରକାଳ ପାଇଁ ଶୋଇପଡିଛି ସେ
ଖୋଲା ଆକାଶ ତଳେ
ଡହଡହ ଫୁଟୁଥିବା
କଂକ୍ରିଟ୍ ର ଶୂନ୍ୟ ଚଟାଣ ଉପରେ ।
ଓଃ ....କ ବୁକୁଥରା ଦୃଶ୍ୟ
ନେପଥ୍ୟରେ କୋଳାହଳ

ଆ ..ହା.....ଚୁ...ଚୁ ରେ ପୁରୁ ନାହିଁ ପେଟ
ବେସାହାର୍ ନିଷ୍ପାପ ଶିଶୁର ।

ସମାଧିସ୍ଥ ହେଉଛି ସ୍ୱପ୍ନ ଆଉ ସମ୍ଭାବନା
ବିଳାପ କରେ ବେଳାଭୂଇଁ ନିର୍ବେଳାରେ
ଆତ୍ମହତ୍ୟା କରନ୍ତି ଇଚ୍ଛାମାନେ
ନିର୍ଜନ ଦ୍ୱୀପରେ ଏକା ଏକା
ଲୁହ ଝାରୁଛି ଡିମିରି ଗଛର ଫୁଲ
ପାଣିଚଆ ଜହ୍ନ ଆଲୁଅରେ ।

ସାତସିଆଁ ମଳଆ ଗାମୁଛାରେ
ବାନ୍ଧି ହୋଇ ଚକ୍କର କରନ୍ତି
ଦୁଃଖ, ଶୋକ,ରୋଗ,ଶାରୀରିକ ଗ୍ଲାନି ଯେତେ
ମୃତ୍ୟୁର ଛାଇ ଅଳସ ଭଙ୍ଗେ
ନିଛାଟିଆ ଖରାବେଳେ
ପତ୍ରଝଡା ବୁଢା ବରଗଛ ତଳେ ।

ସାମୁଦ୍ରିକ ଝଡରେ ଭାଙ୍ଗିଯାଏ ନିଃଶ୍ୱାସ
ବିଶ୍ୱାସର ପିଂଜରା ହାଡ
ଚୂରମାର୍ ହୋଇଯାଏ ଅଦୃଶ୍ୟ ଶତ୍ରୁର
ଶବ୍ଦହୀନ ଆକ୍ରମଣରେ ।
ଆକାଶର ଜହ୍ନ, ତାରା, ଗ୍ରହ ଓ ନକ୍ଷତ୍ର
ଆତ୍ମ ଗୋପନ କରନ୍ତି
କଳା କଳା ବାଦଲ କୋଳରେ ।

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର

# ପ୍ରଥମ ବସନ୍ତର ପ୍ରଥମ ଚଠି



ଆରତୀ ସାହୁ (ଆଶା)

ଆମ ଗାଁ ନଈକୂଳ ଶିବମନ୍ଦିର ବେଢ଼ାରେ ପରିକ୍ରମା କରୁକରୁ ହଠାତ ଦେଖା ହୋଇଗଲେ ଆଶିଷ ଭାଇ । ଅନେକ ବର୍ଷ ପରେ ଏ ସାକ୍ଷାତ । ଆମେ ଯେ ଯାହାର କର୍ମକ୍ଷେତ୍ରରେ ବ୍ୟସ୍ତ । ଏକ ସଙ୍ଗରେ ଗାଁକୁ ଗଲେ ସିନା ଭେଟ ହେବ । ଆଶିଷ ଭାଇ । ଅଣୁମାତ୍ର ପରିବର୍ତ୍ତନ ମୁଁ ଠଉରେଇ ପାରିଲି ନାହିଁ ତାଙ୍କଠାରେ । ଘନକଳା କୁଞ୍ଚିତ କେଶରାଶି । ବେକବ୍ରଶ କରାଯାଇ ବାମ ଆଡ଼କୁ ପାନଆକୁ ପଛଆଡୁଆ ଚପେଇ ଯତ୍ନର ସହିତ କରା ହୋଇଥିବା ଦୁଇଟା ଢେଉ । କେଶରେ ଅବଶ୍ୟ ଡାଇ ବୋଳା ହୋଇଥିବ । ଆଉ ? ମୁଁ ଯେତେବେଳେ ଡାଇ ବୋଳିଲିଣି ?

ନଜର ଶରୀର ସଜ୍ଜା ଓ ଶରୀର ଚର୍ଚ୍ଚା ଉଭୟ ପ୍ରତି ବେଶ୍ ଯତ୍ନବାନ ଥିଲେ ସିଏ । କସରତ, ଯୋଗାସନ କରି ଭଲ ସ୍ୱାସ୍ଥ୍ୟର ସ୍ୱାମୀ ଥିଲେ । କଡା ଇସ୍ତ୍ରି କରା ପେଣ୍ଟ ଠିଆ ହେଇଥିବ ଆଗକୁ । ସାର୍ଟରେ ନଥିବ ଗୋଟିଏ ବି ହେଲେ କ୍ରିଜ । ସେ ନଜର ରୁମାଲକୁ ମଧ୍ୟ ଇସ୍ତ୍ରି କରି ଏମିତି ଭାଙ୍ଗିଥିବେ ଯେ ମୁହଁ ପୋଛିଲେ ତାର ଭାଙ୍ଗ ଟିକେ ଇଆଡେ ସିଆଡେ ହେବନାହିଁ । ପାର୍କ ଏଭେନ୍ୟୁର ପର୍ଫ୍ୟୁମ ନାକରେ ବାଜିଲେ ଜଣାପଡ଼ି ଯାଏ ଯେ ଆମ ବୈଠକରେ ଆଶିଷ ଭାଇ ବସିଛନ୍ତି ।

ଆଶିଷ ଭାଇ ଥିଲେ ମୋଠାରୁ ଚାରିବର୍ଷ ବଡ଼ ମୋ ଭାଇଙ୍କର ଅନ୍ତରଙ୍ଗ ବନ୍ଧୁ । ଆଶିଷ ଭାଇ କନ୍ତୁ ମୋଠାରୁ ଦୁଇବର୍ଷ ବଡ଼ ଓ ଭାଇଠାରୁ ଦୁଇବର୍ଷ ସାନ ଥିଲେ । ଗାଁ ମାନଙ୍କରେ ବନ୍ଧୁତା କରିବାରେ ବୟସର କଛି ଗୋଟାଏ ତାରତମ୍ୟ ଥାଏ କ ? କଏ ଖେଳସାଥି, କଏ ପାଠସାଥି, କଏ ନଈକୁ ଗାଧେଇଯିବା ଯିବା ସାଥି ଏମିତି କ ସ୍କୁଲ ଯିବା ସାଥି ଓ ବାଲୁଙ୍ଗାମୀ କରିବା ସାଥି ବି ଥାଆନ୍ତି । ଆଶିଷ ଭାଇ ଥିଲେ ମୋ ଭାଇଙ୍କର ସଙ୍ଗୀତ ସାଥି। ଆମଘରେ ଭଲ ଗୀତ ଆସର ଜମେ । ଭାଇ ଭଲ ଗାଆନ୍ତି, ଆଶିଷ ଭାଇ ବି ଭଲ ଗାଆନ୍ତି ଆଉ ମୁଁ ବି ଭଲ ଗାଏ । ଏମିତି ବି ଆମ ଗାଁ ଟା କଳାକାର ଗାଁ, ଆଉ ଆମ ପରିବାର

ମଧ୍ୟ "ସାଉଣ୍ଡ ଅଫ ମ୍ୟୁଜିକ" ର ମ୍ୟୁଜିକାଲ ଓ୍ୱନଟ୍ରାପ ଫେମିଲି ପରି । ଦିନେ ଦିନେ ତାଙ୍କ ସଙ୍ଗୀତ ଆସରରେ ମୁଁ ବି ଯୋଗ ଦିଏ । ମୁଁ ଗୀତ ଗାଇ ସାରିଲେ ମୋର ମୁଣ୍ଡ ଆଉଁସି ଦିଅନ୍ତି ମୋ ଭାଇ ଆଉ ଆଶିଷ ଭାଇ ।

ମୋର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଛଅ ସାତ ମାସ ଥାଏ । ମୁଁ ଟେଷ୍ଟ ପେପର, ଗେସପେପର ଇତ୍ୟାଦି ଯୋଗାଡ଼ରେ ଲାଗି ପଡ଼ିଥାଏ । ଗୋଟିଏ କେବଳ ଡାଇମଣ୍ଡ ଟେଷ୍ଟ ପେପର କଣିଥାଏ । ସେତେବେଳେ ପ୍ରାୟ ସମସ୍ତେ ସବୁ କାମ ପାଇଁ ଏଠୁ ସେଠୁ ଆସବାବପତ୍ର ଯୋଗାଡୁ ଥିଲେ । ଗଣେଶ, ସରସ୍ୱତୀ ପୂଜାରେ ପିନ୍ଧିବା ପାଇଁ ଶାଢ଼ୀ ହେଉ, ପାଠ ବହି ଅବା ଗପବହି ହେଉ, କସ୍ମେଟିକ, ଗହଣାପତ୍ର ହେଉ, ଆଟାଚ ବାକ୍ସ ହେଉ ସବୁ ଆଠୁ ତାଠୁ ଯୋଗାଡ଼ କରି କାମ ଚଳ ଯାଉଥିଲା । ମୁଁ ତ ହେଲେ ଗୋଟେ କଣିଥିଲି, ଗ୍ରନ୍ଥକୀଟ କ ନା ।

ଦିନେ ଆଶିଷ ଭାଇ ଆସି ଶର୍ମା ଗେସପେପର ସବୁ ଆଣି ଦେଲେ ମୋତେ । ସବୁ ବିଷୟର ଚଟି ଚଟି ପୃଥକ ପୃଥକ ବହି । ମୁଁ ଭାରି ଖୁସି । ମୋ ପାଖରେ ସମସ୍ତଙ୍କ ଅପେକ୍ଷା ଢେର ଅଧିକ ବହି ଅଛି । ମୋଠାରୁ ଏମିତି ବି ବହୁତ ଉଚ୍ଚ ଆଶା ରଖିଥାନ୍ତି ଶିକ୍ଷକମାନେ । ତେଣୁ ସେମାନେ ମଧ୍ୟ କିଛି ବହି ଯୋଗେଇଥାନ୍ତି ।

ବହି ଦେଇ ଆଶିଷ ଭାଇ ପ୍ରଥମ ଥର ପାଇଁ ଆମ ଘରେ ବସିଲେ ନାହିଁ । ସାଇକଲରେ ଯେମିତି ଝଡ଼ଭଳି ଆସିଥିଲେ ସେମିତି ବାତ୍ୟା ଭଳି ଗ୍ଲେଲିଗଲେ । ଭାଇ ପଛରୁ ଡାକୁଥାଏ । ହଁ କଣ କାମ ଥିବ ।

ମୁଁ ଘର ଭିତରକୁ ପଶିଯାଇ ବହିତକ ମୋ ପଢ଼ା ଟେବୁଲରେ ଥୋଇ ସେମିତି ଠିଆ ଠିଆ ସବା ଉପରେଥିବା ଟେଷ୍ଟ ପେପରର ପୃଷ୍ଠା ଓଲଟେଇଦେଲି । ଓଃ ହୋ ହୋ ହୋ !!!! ମୋର ତ ସର୍ବାଙ୍ଗରୁ ଝାଳ ନିଗିଡ଼ି ଗଲା । ହାତ ପାଦ ବରଫ ପରି ଥଣ୍ଡା ହେଇଗଲା । ମୁଣ୍ଡ ବୁଲେଇଦେଲା । ମୋତେ ବହି ପୃଷ୍ଠା ଉପରେ ତ୍ରୈଲୋକ ଦର୍ଶନ ହେଇଗଲା । ତୀବ୍ର କଅଁଆ ଅତରରେ ମୋ ନାକ ରୁନ୍ଧି ହେଇଗଲା ।

ତା ଭିତରେ ସୁନ୍ଦର ଗୋଲାପି ହାତତିଆରି କାର୍ଡ ଟିଏ ଥୁଆ ହୋଇଥିଲା । ସୁନ୍ଦର ଲତାର ଚିତ୍ରରେ ବର୍ଡର କରାଯାଇ ସେଥିରେ ଶାଗୁଆ ରଙ୍ଗର ପେନରେ ଲେଖା ହୋଇଥିଲା ତିନୋଟି ବାକ୍ୟ ।

ମୁଁ ତୁମକୁ ଭଲପାଏ

I love you

मैं तुमसे प्यार करता हूँ ।

ସର୍ବଥା ନୂଆ ଅନୁଭବ ଥିଲା ମୋ ପାଇଁ । ପ୍ରେମ ବ୍ୟାପାରରେ ଏକଦମ୍ ଅନଭିଜ୍ଞ । ପ୍ରେମ, ଫ୍ରେମ, ଦେଖାଦେଖି, ତାକାଝାଁକ ଏସବୁରୁ ମୁଁ କୋଶେ ଦୂରରେ । ମୋର ପାଠ ଭଲ ତ ମୁଁ ଭଲ ।

, ମୋ ଛାତିତଳେ ବି ତ ନହୁଲି ହୃଦୟଟିଏ ଟିକ୍ ଟିକ୍, ଟିକ୍ ଟିକ୍ କରୁଥିଲା ନା ନାଇଁ ? ମୁଁ ଦୁନିଆ ବାହାରର ଏଲିଏନ୍ ତ ନଥିଲି ? ଚଉଦବର୍ଷର କିଶୋରୀ ନାମରେ ଆସିଛି ପ୍ରଥମ ଚିଠି, ଉହୁଁ, ପ୍ରେମପତ୍ର । ମୋ ହୃଦୟ ସିଆଡେ ଉଥଲ ପୁଥଲ ହୋଇ ଧଡ଼କ ଗ୍ଲଲିଥିଲା, ମନ ବାସ୍ନାୟିତ ହେଉଥିଲା ଲକ୍ଷେ ଫଗୁଣର ସୁରଭୀରେ ।

ଆଉ ମୋର ଭାବନା ବିତର୍କ କରୁଥିଲା,

- ଇଏ କଣ, ଦେବଦାସର କାହାଣୀ ? ପାରେ ଯିବ ତାର ଦେବଦା ଘରକୁ ଅନ୍ଧାର ରାତିକୁ ଫାଙ୍କି ଦେଇ ।

- ଇଏ କଣ ମୁଗଲେ ଆଜମର କାହାଣୀ ? ସଲିମ୍ ହେବ ଚେତନରେ ପାଗଳ ତାର ଅନାରକଲିର ଜୀବନ୍ତ ସମାଧିରେ ।

- ଇଏ କଣ ଲୈଲା ମଜନୁର କାହାଣୀ ? ମଜନୁ ପିଠିରେ ବେତ୍ରାଘାତ ହେବ ଆଉ ନୋଳା ଫାଟିବ ଲୈଲାର ।

- ଇଏ କଣ, ଅମର- ବିଳାସ, କେଦାର- ଗୌରୀ, ନୀଳ- ଜମୁନାର କାହାଣୀ ?

ଏତେ କଥା ଭାବିଲା ପରେ ସଚେତକ ବିବେକ ହସ୍ତକ୍ଷେପ କଲା । କଲା ଉଚତ ଅନୁଚତ କଳହର ସମାଧାନ ।

ଭାଇ ଯଦି ଜାଣିବେ ? ମୋର ତ କଛି ହେବନାହିଁ କିନ୍ତୁ ଆଶିଷ ଭାଇ ଜୀବନରେ ଦୁର୍ଦ୍ଦାନ୍ତ ଝଡ଼ଟିଏ ବୋହିଯିବ ନିଶ୍ଚୟ । ଅତ୍ୟନ୍ତ ରକ୍ଷଣଶୀଳ ମୋର ବାପା ଓ ଭାଇମାନେ ଉତ୍ୟକ୍ତ ହୋଇ ଉଠିବେ । ଏତେ ସୁନ୍ଦର ପାରିବାରିକ ସମ୍ପର୍କରେ ଚିରଦିନ ପାଇଁ ନୋଳ ଲାଗିଯିବ ।

ଗୀତ ଆସର ଫିକା ପଡ଼ିଯିବ । ଆଉ ମୋର ଜଣେ ଶୁଭାକାଂକ୍ଷୀ ଭାଇର ହାତ ମୋ ମୁଣ୍ଡକୁ କେବେହେଲେ ଆଉଁସିବ ନାହିଁ ।

ନା,

ତା ପରଦିନ ଆଶିଷ ଭାଇ ଆସିଥିଲେ, କେମିତି ଏକ ଅପରିଚତ ଦୃଷ୍ଟିରେ ଚାହୁଁଥିଲେ ମୋତେ । ମୁଁ ସହଜ ଭାବରେ ତାଙ୍କ ହାତରେ ତାଙ୍କର ବହିସବୁ ଲେଉଟେଇ ଦେଲି ଏହା କହି ଯେ ମୋ ପାଖରେ ଅଲରେଡି ଏ ବହି ସବୁ ଅଛି । ପହିଲି ବସନ୍ତର ସେ ପହିଲି ଚଠିଟା ତା ଭିତରେ ହସୁଥିଲା ନା ବାସୁଥିଲା ନା କାନ୍ଦୁଥିଲା ନା ମୋ ପିଠି ଥାପୁଡାଉଥିଲା କେଜାଣି ?

ତାପରେ ?

ତାପରେ ଆଉ କଛି ନାହିଁ ।

ଆମ ବୈଠକରେ ସଙ୍ଗୀତ ଆସର ଜମିଲା ପ୍ରତ୍ୟହ । କେବେକେବେ ମୁଁ ବି ଗୀତ ଗାଉଥିଲି।

ହମନେ ଦେଖି ହୈ ଇନ ଆଁଖୋଁ କୀ ମହକତି ଖୁଶବୁ
ହାଥ ସେ ଛୁ କେ ଇସେ ରିସ୍ତୋଁ କା ଇଲଜାମ ନ ଦୋ ।

ଦଶମ ପାସକରି ମୁଁ ଚାଲିଗଲି ବଡ଼ଭାଇଙ୍କ ପାଖରେ ରହି ପଢ଼ିବା ପାଇଁ । ସମସ୍ତେ ପଛକୁ ରହିଗଲେ । ସମୟ ଚାଲିଗଲା ଆଗକୁ ଆଗକୁ ଆଉ ପଛକୁ ନ ଚାହିଁବାର ପ୍ରତିଶ୍ରୁତି ନେଇ।

ଆଜି ତାଙ୍କୁ ଦେଖି ଅତୀତ ମନେ ପଡ଼ିଲା । ତାଙ୍କ ପାଖରେ ଠିଆ ହୋଇଥିଲା ତାଙ୍କ ଭାଇଙ୍କର ଏକମାତ୍ର ପୁତ୍ର । ତାଙ୍କ ଭାଇ ଅକାଳରେ ଅସାଧ ରୋଗରେ ପଡ଼ି ପ୍ରାଣ ହରାଇଥିଲେ, ତାଙ୍କର ଅଳ୍ପ ବୟସୀ ତନ୍ୱୀ ପତ୍ନୀ ଓ ପାଞ୍ଚମାସର ଶିଶୁ ପୁତ୍ରକୁ ଛାଡ଼ି । ଆଶିଷ ଭାଇ ତାଙ୍କୁ ଗ୍ରହଣ କରିଥିଲେ ନଜର ପତ୍ନୀ ଓ ପୁତ୍ର ରୂପେ । କେତେ ମହାନ୍ ସେ ସତରେ ?

କେମିତି ଅଛୁ ଭଉଣୀ ?

କହି ମୋ ମୁଣ୍ଡ ଆଉଁସି ଦେଲେ ଯେମିତି ଅତୀତରେ ଆଉଁସୁଥିଲେ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

# ଛାଡ଼ପତ୍ର



ସନାତନ ମହାକୁଡ

ଯେତେବେଳେ
ସମ୍ପର୍କର ସୂତାଖିଅ ଛିଣ୍ଡିଯାଏ
ଯେତେବେଳେ
ମନ ମନ୍ଦିରେ ଫାଟ ଦେଖାଦିଏ
ଠିକ୍ ସେତେବେଳେ
ବଜ୍ରଭଳ ଉଦ୍ଭ ହୁଏ
ଛାଡ଼ପତ୍ର ନକ୍ସା ଆଦି ଅଦ୍ଭୁତ କମାକାର
ଦଲିଲ ବାକ୍ୟାଳାପ। ।

ମାଧ୍ୟମ ପାଲଟେ
ସଭ୍ଭସମିତି ଆଇନ୍ ଅଦାଲତ
କରିଦିଏ ରଙ୍ଗହୀନ
ଯେତେସବୁ ଶାନ୍ତି ପ୍ରେମ ଆଶା ଓ ପ୍ରତ୍ୟାଶା ।

ଦାବି କରେ
ଏକ ଅସହାୟତାର
ଭରଣପୋଷଣ ଥଇଥାନ
ଖାଦ୍ୟ ସ୍ୱାସ୍ଥ୍ୟ ପୋଷାକର
ଜୀଇଁବାକୁ ଅବଶିଷ୍ଟ ଆୟୁଷ
ସ୍ୱାଧୀନ ଆନନ୍ଦ ଆଉ ସ୍ୱାଭିମାନର ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଅବ୍ୟକ୍ତ କୋହ

ଡଃ ସୁଶ୍ରୀ ସଂଗୀତା ସ୍ୱାଇଁ

କଏ ଜାଣିଛି
ମୁଁହ ରେ ରଙ୍ଗ ବୋଳ, କଣ୍ଢେଇ ଟି ପରି
ବାରମ୍ବାର ପ୍ରଦର୍ଶିତ ହେବା ବେଳେ
ଉଦଗତ କୋହ ସବୁ, ଲୁହ ହୋଇ ବୋହି ଯାଏ ॥
ସକାଳେ ଭିଜା ତକିଆ, ଫୁଲ୍ ଫୁଲ୍ ଆଖି ପତା
ଘର ଲୋକଙ୍କ ଆଗେ ଧର୍ ପଡିଯାଏ ॥
ସାକ୍ଷାତକାର ପର୍ବ ସରିବା ପର୍ଯ୍ୟନ୍ତ
ନରୀହ ଆଖିରେ କାହାର ଆଶା ବାନ୍ଧି ରହିଥାଏ
ଠାକୁର ଘରେ ମାନସିକ ଦୀପ, ପୋଡା ସଳତା
ଅକୃତକାର୍ଯ୍ୟ ହେବାର ଉଦଘୋଷଣା କରେ ॥
ଶିକ୍ଷାର ଗହଣା, ଦୀକ୍ଷା ର ପୋଷାକ
ସେମାନଙ୍କୁ କେବେ ବି ଦିଶେନା
ଆଖିରେ ଆଖିରେ ଖାଲି ଯୌତୁକର ପରଳ ॥
ତଥାପି ସ୍ୱାଭିମାନ କୁ ବଳ ଦେଇ
ବସିବାକୁ ବାଧ ହୁଏ, ପ୍ରଦର୍ଶନୀ ବଜାରରେ
ଚମତ୍କାରିତା ଆଶାରେ, କେହି ହୃଦୟବାନ ପ୍ରତୀକ୍ଷାରେ...

ଅରଡ ବଜାର, ବାଲେଶ୍ୱର

# ବିଶ୍ୱାସ

ଡଃ ପ୍ରତିମା ଉପାଧ୍ୟାୟ

ମଣିଷ କଣ ସତରେ ବିଶ୍ୱାସୀ ?
ଏ ପ୍ରଶ୍ନ ଯେବେ ମୁଁ ନିଜକୁ ପଚାରେ
ସେତେବେଳେ ସନ୍ଦିହାନ ହୋଇଉଠେ,
କାହିଁ କେଉଁ ଦିନରୁ ମଣିଷ ପଣିଆର
ଚିହ୍ନ ହଜି ଗଲାଣି ।
ମାନବିକତାର ମୂଲ୍ୟବୋଧ ଏବେ
ସବୁ ନିରର୍ଥକ ।
କେବଳ ବହି ଭିତରେ ଶବ୍ଦ ହୋଇ ରହିଗଲା
ଦୟା, ମାୟା, କ୍ଷମା, ମୈତ୍ରୀ
ଭଳି କଛି ଗୁଣ ।
ତଥାପି ତଥାକଥିତ ବିଶ୍ୱାସକୁ ନେଇ
ଆମେ ବଞ୍ଚି ଥାଉ,
ସମ୍ପର୍କରେ ବିଶ୍ୱାସକୁ ଖୋଜୁ
ବାପ, ପୁଅର ଆତ୍ମୀୟତାରେ
ସ୍ୱାମୀ, ସ୍ତ୍ରୀ ମଧୁର  ପ୍ରେମରେ,
ଭାଇ, ଭଉଣୀର ସମ୍ପର୍କ ଭିତରେ,
ପୁଣି ବନ୍ଧୁ ବନ୍ଧୁ, ଭିତରେ,
ପ୍ରେମିକ ପ୍ରେମିକାଙ୍କ ପ୍ରଣୟରେ ।
ତେବେ ଏ ଶବ୍ଦର ଗରୁତ୍ୱ ଏବେ
କେଉଁଠି, କଏ ଦେବ ଉତ୍ତର ??
ଏଣ୍ଟୁଅ ନିଜର ରଙ୍ଗ ବଦଳାଇ ପାରେ
ଏ କଥା କେବେ ଅତୀତରେ ଶୁଣିଥିଲି ।
ତେବେ ସବୁଠାରୁ ବିଚିତ୍ର ଏ ମଣିଷ,
ଘଣ୍ଟାକୁ ଘଣ୍ଟା ପ୍ରତ୍ୟେକ ମୁହୁର୍ତ୍ତରେ,
ରଙ୍ଗ ବଦଳାଏ ତାର ନିଜ ଇଛା ଅନୁସାରେ ।
କେତେବେଳେ ସହକର୍ମୀ,

କେତେବେଳେ ବାନ୍ଧବୀ,
କେତେବେଳେ ପ୍ରେମିକା
ପୁଣି କେତେବେଳେ ଆଉ କ'ଣ
ଯାହା ଗୃହେଁ, ତା ପାଲଟି ଯାଏ ।
ଅନ୍ୟ କେହି ତା ପରି ହୋଇପାରି ନାହିଁ
ଏପରି କ ଏଣ୍ଡୁଅ ବି ନୁହେଁ...... ।
ମଣିଷ ଶ୍ରେଷ୍ଠ ଜୀବ ଏ ସଂସାରେ
କେବଳ ବୁଦ୍ଧିରେ ନୁହେଁ,
ତାର କାର୍ଯ୍ୟକଳାପରେ,
ଭଲ ହେଉ କ ମନ୍ଦ ହେଉ
ସବୁଥିରୁ ଶିଖିବାକୁ ଚେଷ୍ଟା କରେ ।
ନଜ ବୁଦ୍ଧି ବଳରେ ସମଗ୍ର ବିଶ୍ୱକୁ
ଜୟ କରିପାରେ,
ପୁଣି ମିନଟିକେ ନଜକୁ ହେଉ ଅବା ଅନ୍ୟକୁ
ଧ୍ୱଂସ କରିଦେଇ ପାରେ ।
ବିଶ୍ୱାସର ସରହଦ ଡେଇଁ ଅବିଶ୍ୱାସର ମଞ୍ଜିବୁଣେ
ନଜ ସ୍ୱାର୍ଥ ପାଇଁ ସେ ବିବେକକୁ ବଳଦିଏ
ଆତ୍ମବଡିମାରେ ଜଲ୍ଲାଦ ପାଲଟି ଯାଏ ।
ଯିଏ କେବଳ ନଜ ବ୍ୟତୀତ
ଆଉ କାହା କଥା ଭିବିବାକୁ ସମୟ ନ ଥାଏ
ଅନ୍ୟକୁ ସେ ହୀନ ଭିବୁଥାଏ ।
ନଜ ପ୍ରେମ ଜାଲରେ ଫଶେଇ,
ସର୍ବସ୍ୱ ଲୁଟିନେଇ ମୃତ୍ୟୁ ମୁଖକୁ ଠେଲି ଦିଏ
ସେ ଆଉ କେହି ନୁହେଁ ଅବିଶ୍ୱାସୀ ମଣିଷଟିଏ ।
ଅନ୍ୟପାଇଁ ଗାତ ଖୋଳୁ ଖୋଳୁ
ଶେଷେ ନଜ ଖୋଳା ଗାତରେ ନଜେ ପଡ଼ିଯାଏ ।

***×***

# ଏକା ଏକା



ସସ୍ମିତା ପଟ୍ଟନାୟକ

ଶ୍ରାବଣର ନୀର ଶୀତର କାକର
ଗ୍ରୀଷ୍ମର ଉଷ୍ଣତା ବର୍ଷାର ପ୍ରଖରତା
କି ଅମାବାସ୍ୟାର ଘନ ଅନ୍ଧକାର
କୋହଳ କରିପାରି ନ ଥିଲା ତୋର ପ୍ରେମର ଜୁଆର !!

କୋଇଲିର ମଧୁର ସ୍ୱରଠୁ ମିଠା
ଲାଗୁଥିଲା ମୋତେ ତୋର, ମୋ ନା ଧରି ଡାକବାର
ଉଚ୍ଚ ପ୍ରାସାଦରେ ରହିବାଠୁ ଭଲ ଲାଗୁଥିଲା
ତୋ କାନ୍ଧରେ ମୋ ମନର ବୋଝ ରଖିବାର ।।

ହାତରେ ହାତ ଧରି ବାଟ ସରି ଯିବାର
ଭୋକ ଶୋଷ ଭୁଲି ସପନରେ ବୁଡି ରହିବାର
ଆଖିର ନିଦ୍ରା ସହ ଅପଟ ରହିବାର
ସବୁକିଛି ଲାଗୁଥିଲା କେତେ ଆପଣାର ।।

ହେଲେ ......

ନିଜ ଆଖିର ଲୁହରେ ଓଦା ମୁଁ ଆଜି,
ନିଜ ପ୍ରେମ ଗ୍ଇଜରେ ବାଟ ବଣା,
ବସନ୍ତର ଉଲ୍ଲାସ ବି ଯେମିତି ଅସ୍ତ ଣ ଆଜି,
ଆଉ ଖୋଜି ବୁଲୁଚ ତୁମକୁ ମୁଁ ଏକା ଏକା !!

ଭୁବନେଶ୍ୱର

# ଅହଂକାର



ସୁଷମା ପରିଜା

ଆମେ ସମସ୍ତେ ଜାଣିଛନ୍ତି ଯେ ଜନ୍ମ ରୁ ମହାମୂର୍ଖ ଥିବା  କାଳଦାସ ନଜ ସ୍ତ୍ରୀ ଙ୍କ ଦ୍ଵାରା ଅପମାନତ ହୋଇ ବାଗ୍ ଦେବୀ  ସରସ୍ଵତୀ ଙ୍କର ଶରଣାପନ୍ନ ହୋଇଥିଲେ ଏବଂ ତାଙ୍କୁ ଆରାଧନା କରି  ତାଙ୍କରି ଆଶୀର୍ବାଦ ଲାଭକରି ପରବର୍ତ୍ତୀ  ସମୟରେ  ଜଣେ ବଡ ପଣ୍ଡିତ ରେ ପରିବର୍ତ୍ତିତ ହୋଇ  ନଜର ଜ୍ଞାନ ଗାରିମା ରେ ସଂସାର ରେ ଅତୁଳନୀୟ ହୋଇଥିଲେ। ସଂସ୍କୃତରେ  ରଚତ ତାଙ୍କର ରଘୁବଂଶମ୍, ମେଘଦୂତମ୍, ଋତୁସଂହାରମ୍ ଭଳ  ଅନେକ ଗୁଡିଏ ମହାକାବ୍ୟ ତାଙ୍କୁ ଆଜି ମଧ  ଅମର କରି ରଖିଛି। ସେଇ ମହାପଣ୍ଡିତ କନ୍ତୁ ନଜର ଗୋଟିଏ ଛୋଟ ଭୁଲ୍ ପାଇଁ ମା' ସରସ୍ଵତୀଙ୍କ ଠାରୁ ଅଭିଶାପ ପାଇଥିଲେ ଯେ ସେ ସବୁ ସ୍ଥାନରେ ବିଦ୍ୟା ବୁଦ୍ଧି ରେ ଜିଣିବେ  ମାତ୍ର ବିଦ୍ୟା ନଗରୀ ରେ ନୁହେଁ । ଭାରତର ସବୁ ରାଜ୍ୟ ରେ ନଜର ଜ୍ଞାନର ପରୀକ୍ଷା ଦେଇ ସେ ଯେତେବେଳେ ଜଣେ ଦିଗ୍ ବିଜୟୀ ପଣ୍ଡିତ ଭାବରେ ଖ୍ୟାତିଲାଭ କଲେ ତାଙ୍କ ମନରେ ଅହଂକାର ଆସିଲା। ଥରେ ସେ ବିଦ୍ୟାନଗରୀ ରେ ନଜର ଜ୍ଞାନର ପରୀକ୍ଷା କରିବାକୁ ଇଚ୍ଛା କରି ସେଠାକୁ ଯାତ୍ରା କଲେ। ବିଦ୍ୟାନଗରୀ ଖୁବ୍ ସୁନ୍ଦର ସ୍ଥାନଟିଏ ଥିଲା । ନଗରୀ ରେ ପ୍ରବେଶ କରି ଘୁରିଆଡେ ବୁଲାବୁଲି ତା'ର ଶୋଭା ଦର୍ଶନ କରି ସେ ମନ୍ତ୍ରମୁଗ୍ଧ ହୋଇ ଭୋକ ଶୋଷ ଭୁଲିଗଲେ। ସଞ୍ଜ ଲାଗି ଆସୁଛି, ଏଇ ସମୟରେ ସେ  ଖୁବ୍ ତୃଷାତୁର ହୋଇ ପାଣି ଟୋପେ ପିଇବା ପାଇଁ ଘୁରି ଆଡକୁ ଦୃଷ୍ଟି ପକାଇଲା ବେଳକୁ  ତାଙ୍କ ଦୃଷ୍ଟି  ପଥାରୂଢ ହେଲା ବଡ ବାମ୍ଫି ଟିଏ। ସେଠାରେ ଦଉଡି ପକାଇ  ମାଠିଆରେ ପାଣି କାଢୁଥିଲେ ଜଣେ ଅବଗୁଣ୍ଠନବତୀ ମହିଳା।

କାଳଦାସ ତାଙ୍କ ପାଖରେ ପହଞ୍ଚି ପିଇବା ପାଇଁ ପାଣି ମାଗିଲେ। ମହିଳା ଜଣକ ଜଣେ ଅପରିଚତ ବ୍ୟକ୍ତିଙ୍କୁ ଦେଖି ହଡବଡେଇ ଗଲେ। କାଳଦାସଙ୍କ ଅନୁରୋଧ  ରକ୍ଷାକରି  ସେ ପାଣି ପିଇବାକୁ ଦେବାକୁ ସେ ରାଜି ହେଲେ, କନ୍ତୁ ତା' ପୂର୍ବରୁ  ନମ୍ରତାର ସହ ପଚାରିଲେ ପ୍ରଶ୍ନ ଟିଏ ।

-ମହାଶୟ ! ତୁମେ ତ ଏଠିକାର ଲୋକ ଭଳ ଜଣା ପଡୁନାହଁ । "କଏ ତୁମେ ? ତୁମର ପରିଚୟ କ'ଣ "

କାଳଦାସ ତ ମହାପଣ୍ଡିତ, ନଜର ପଣ୍ଡିତପଣିଆ ଦେଖାଇ ସେ ଉତ୍ତର ଦେଲେ - " ମୁଁ ଜଣେ ପରିବ୍ରାଜକ"

ମହିଳା ଜଣକ ତତ୍ କ୍ଷଣାତ୍ କହିଲେ - ପରିବ୍ରାଜକ? କୋଉ ପରିବ୍ରାଜକ? ଏଇ ପୃଥିବୀରେ ତ ମାତ୍ର ଦୁଇଜଣ ପରିବ୍ରାଜକ ଅଛନ୍ତି, ସେମାନେ ହେଲେ ସୂର୍ଯ୍ୟ ଆଉ ଚନ୍ଦ୍ର, ଯିଏ ଉଦୟରୁ ଅସ୍ତ ହେବା ଯାଏଁ ଅହରହ ପୃଥିବୀ ଗ୍ଭରିପଟେ ପରିକ୍ରମା କରୁଥାନ୍ତି । ହେଲେ ତୁମେ କଏ ?

କାଳଦାସ ପୁଣି କହିଲେ- ମୁଁ ଜଣେ ଅତିଥି ।

ମହିଳା ଜଣକ ତୁରନ୍ତ ପ୍ରଶ୍ନ କଲେ- ଅତିଥି? କୋଉ ଅତିଥି? ଏଇ ପୃଥିବୀରେ ତ ମାତ୍ର ଦୁଇଜଣ ଅତିଥି ଅଛନ୍ତି, ସେମାନେ ହେଲେ ଧନ ଏବଂ ଯୌବନ, ଯିଏ ଖୁବ୍ କ୍ଷଣସ୍ଥାୟୀ ହୋଇଥିବା ହେତୁ ଅତିଥି ବୋଲି ବିବେଚତ ହୁଅନ୍ତି । ହେଲେ ତୁମେ କଏ?

ନଜ ଅସହିଷ୍ଣୁତା କୁ ଗ୍ଭପିରଖି ଏଥର କାଳଦାସ କହିଲେ – ମୁଁ ଜଣେ ସହନଶୀଳ ବ୍ୟକ୍ତି ।

ଏହା ଶୁଣି ମହିଳା ଜଣକ କହିଲେ – ଏଇ ବ୍ରହ୍ମାଣ୍ଡ ରେ ମାତ୍ର ଦୁଇଜଣଙ୍କୁ ସହନଶୀଳ ବୋଲି କୁହନ୍ତି, ସେମାନେ ହେଲେ" ଭୂମି ଏବଂ ବୃକ୍ଷ" ଯିଏ ଯେତେ ହାଣି, କାଟି, ପଥର ମାରି, କର୍ଷଣକରି ଯାହା ଇଚ୍ଛା ତାହା ଅତ୍ୟାଗ୍ଭର କରୁ ପଛେ ସେମାନଙ୍କୁ କୌଣସି ପତିବାଦ ନକରି, ସେମାନଙ୍କ ଉପରେ କୌଣସି ଆକ୍ରୋଶ ନରଖି ସେମାନେ ନଜର ଶସ୍ୟ, ଫୁଲ, ଫଳ ଦେଇ ନଜ ଗୁଣରେ ଜୀବଜଗତ କୁ ପାଳନପୋଷଣ କରନ୍ତି । ହେଲେ ତୁମେ କଏ?

ଏବେ ଆଉ ଟିକଏ ସତର୍କ ହୋଇ କାଳଦାସ କହିଲେ – ମୁଁ ଜଣେ ହଟ୍ଟବାଦୀ, ତୁମ ପାଖରୁ ପାଣି ନପିଇ ଫେରିବି ନାହିଁ ।

ଏବେ ମହିଳା ଜଣକ ହସିଲେ ଆଉ କହିଲେ – ଏଇ ବ୍ରହ୍ମାଣ୍ଡ ରେ ମାତ୍ର ଦୁଇଜଣ ହଟ୍ଟବାଦୀ ଅଛନ୍ତି,ସେମାନେ ହେଲେ "ନଖ ଏବଂ କେଶ" । ସେମାନେ ବଢନ୍ତି, ଆମେ କାଟି

ଗୁଲୁଥାଉ, କିନ୍ତୁ ଯେତେଥର କାଟିଲେ ମଧ୍ୟ ସେମାନେ ଅମାନିଆ ହୋଇ ହଟ କରି ପୁଣି ବଢୁଥାନ୍ତି ।

ଏତେବେଳ ଯାଏଁ ଧୈର୍ଯ୍ୟ ଧରି ବସିଥିବା କାଳିଦାସ ଙ୍କର ଏଥର ଧୈର୍ଯ୍ୟଚ୍ୟୁତି ଘଟିଲା । ସେ ଚତ୍କାର କରି ଉଠିଲେ – ମୁଁ ଜଣେ ମହାମୂର୍ଖ ।

ମହିଳା ଜଣକ ଏଥରକ ମୁହଁ ଖୋଲି ହସିଲେ ଆଉ କହିଲେ- ଏଇ ପୃଥିବୀରେ ମାତ୍ର ଦୁଇଜଣ ମହାମୂର୍ଖ ଅଛନ୍ତି, ଜାଣିଲେ କି ମହାଶୟ !

ପ୍ରଥମ ଜଣକ ହେଲେ ରାଜା, ଯିଏ ନିଜର କୌଣସି ଜ୍ଞାନ ଗାରିମା ନଥାଇ ରାଜ୍ୟ ଶାସନ କରି ନିଜକୁ ବଡ ବୋଲି ଭାବନ୍ତି ଏବଂ ଦ୍ଵିତୀୟ ଜଣକ ହେଲେ ମହାମନ୍ତ୍ରୀ, ଯିଏ ସବୁ ବୁଦ୍ଧିବିଦ୍ୟା ଥାଇ ମଧ୍ୟ ସେଇ ମୂର୍ଖ ରାଜାଙ୍କୁ ପାଗଳ ଭଳି ସମର୍ଥନ କରି ପ୍ରଶଂସା ଓଜାଡୁ ଥାଆନ୍ତି ।

ମହିଳାଙ୍କ ଠାରୁ ଏମିତି ଚମତ୍କାର ଉତ୍ତର ସବୁ ଶୁଣି କାଳିଦାସଙ୍କର ଗର୍ବ ଭାଙ୍ଗିଗଲା ଏବଂ ସେ ନିଜକୁ ତୁଚ୍ଛ ମନେକରି ଲମ୍ବ ହୋଇ ସେହି ମହିଳାଙ୍କର ପାଦତଳେ ପଡି ପ୍ରଣିପାତ ଜଣାଇଲେ । କିଛି ସମୟ ପରେ ଧୀରେ ଧୀରେ ଆଖି ଖୋଲି ସେ ଦେଖିଲା ବେଳକୁ ତାଙ୍କ ସମ୍ମୁଖରେ ଉଭା ହୋଇଛନ୍ତି ସ୍ଵୟଂ ମା' ସରସ୍ଵତୀ । ସେଇଠି ବାଗ୍ ଦେବୀଙ୍କର ଚରଣ ସ୍ପର୍ଶ କରି କାଳିଦାସ ବାରମ୍ବାର କ୍ଷମା ପ୍ରାର୍ଥନା କଲେ ଏବଂ ଜୀବନରେ କେବେ ବି ଅହଂଭାବ ରଖିବେ ନାହିଁ ବୋଲି ପ୍ରତିଜ୍ଞା କଲେ।

ଶାରଳା ଭବନ, ପୋଡାପୋଖରୀ,
ନୂଆବଜାର, କଟକ

# ମନ ମଧୂପ



ଡ. ଅର୍ଜୁନ ଚରଣ ବାରିକ୍


ମଧୂପ ସମାନ ହୁଅ ଆରେ ମନ ନାମ ମଧୁକର ପାନ ।
ଗୁଣୁଗୁଣୁ ହୋଇ ଫୁଲୁ ଫୁଲେ ଯାଇ ଶ୍ରୀହରି କର ଭଜନ ।୧।
ଛାଡିଣ ଅଳସ ମନ ଅଳୀ ପଶ ହରି ରସ ଉଦ୍ୟାନରେ ।
ଫୁଟିଛି କୁସୁମ ବିତରେ ସୁବାସ ନାମ ରସ ବାଟିକାରେ ।୨।
ଅମୃତ ସମାନ ନାମ ନାରାୟଣ ରସ ପାନ କର ନିତି ।
ନାମ ସୁଧାରସ ପିଇଲେ ପୀୟୂସ ମିଳବ ମୁକତି ଗତି ।୩।
ପୂର୍ଣ୍ଣ ବ୍ରହ୍ମରାମ ହରେ କୃଷ୍ଣ ନାମ ବିକଚ କମଳ ସମ ।
ଛାଡି ଗ୍ରାମ୍ୟ ଗିତି ଧ୍ୟାନ କର ନିତି ଅମୀୟ ସେ ନାମ ବ୍ରହ୍ମ ।୪।
ନାମ ରସ ପିଇ ଭାବେମତ୍ତ ହୋଇ କର ସଦା ଗୁଞ୍ଜରଣ ।
ହରି ନାମ ରସ ଶମନ ବିନାଶକାରୀ କର ସୁମରଣ ।୫।
ସେକଳା କମଳ ହରି ଆଦିମୂଳ ଅଟେ ସଂସାରର ମୂଳ ।
ନୀଳ ଶଇଳରେ ରତନ ବେଦୀରେ ବସିଅଛ ନନ୍ଦବାଳ ।୬।
ଭାଇ ବଳରାମ ଭଉଣୀ ସୁଭଦ୍ରା ସଙ୍ଗେ ଘେନ ଦେବ୍ରେଜ ।
ସୁଦର୍ଶନ ସଙ୍ଗେ ଶୋଭା ପାଉଛନ୍ତି ଫେଡନ୍ତି ଦୁଃଖ ଧରଜ ।୭।
ଦୟଣା ମାଳଥା ତୁରସୀ ରସିଆ ଶିଖି ଚୂଳଆ କାଳଆ ।
ଯମୁନା କୂଳଆ ସେ ଜାମୁଳଆ କଳପ ନଟ ମୂଳଆ ।୮।
ରସରେ ମାନସ କଳା ତାମରସ ମଧୂପ ଛନ୍ଦା ଚରଣେ ।
ତ୍ରିଭଙ୍ଗୀ ଠାଣିରେ ଉଭା ହୋଇଛନ୍ତି ନରେଖ ଏଭବ ବନେ ।୯।
କଳା ଅପଘନ ସୁନ୍ଦର ବରନ ନୀଳାଦ୍ରୀ ବିହାରୀ ହରି ।
ରୂପେ କୋଟି କାମ ନହେବ ସମାନ ବିଜୟ ଶ୍ରୀ ନୀଳଗିରି ।୧୦।
ଘନକାଳଆ ନୀଳମୂଳଆ ଜଗୁଜୀବନ ବିଶ୍ୱ ବିହାରୀ ।
ଭକତ ଭେଳଆ କଦମ୍ବ ମାଳଆ ନୀଳମଣୀ ଦଇତାରୀ ।୧୧।

ଯାଅରେ ମାନସ ଅଳୀ ତାର ପାଶ ଚୁମ୍ବ ସେ ପଦାରବିନ୍ଦ ।
ଯହୁଁ ମକରନ୍ଦ ସବୁ ଅଛି ନତ୍ୟ ପିବ ହୋଇଣ ଆନନ୍ଦ ।୨ ।
କଳା ବାମନ ସେ ନୀଳାଦ୍ରୀ କେଶରୀ କଳା କୃଷ୍ଣ କଳାହୀର୍ ।
ଦରଶନ ଯାର ଦୂରିତ ନାଶନ ମୁକତି ଦାୟକ ପର୍ ।୧୩ ।
ଚଉବର୍ଗ ଦାନୀ ଯା ଅଙ୍ଗଶାୟିନୀ ଅଟନ୍ତି ଦେବୀ କମଳା ।
କାଳଯମ ଦର୍ପ ହରଣ କରଇ ସେ ପଦ୍ମାପତି ନନ୍ଦବଳା ।୧୪ ।
ସେ ନୀଳାଦ୍ରୀ ହୀର୍ ମୁକତି ପସର୍ ନାମ ଯାର ଜଗଦୀଶ
ଜଗବନ୍ଦନ ସେ ଶ୍ରୀ ମଧୁସୂଦନ ପୁଣ୍ଡରୀ କାକ୍ଷ ସୁରେଶ ।୧୫ ।
ଜୟ ରମାକାନ୍ତ କାଳଆ ସାଆନ୍ତ ଜୟ ନୀଳଗିରି ନାଥ ।
ଦୀନ ଅରଜୁନ ଶ୍ରୀ ଚରଣେ ଦାସ ଶରଣ ରଖ ଅନନ୍ତ ।୧୫ ।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ରଜ ପରବ



ଶମ୍ଭୁନାଥ ଦାସ

ରଜ-ପରବରେ ଆମ୍ବ-ପଣସ
ଖିଲିପାନ ମୁଖେ ଫୁଟାଇ ହସ
ପିଲାଏ ଖେଳନ୍ତି ଦୋଳ,
ଗାଆଁ ଝିଅମାନେ ପୀରତି ରଚନ୍ତି
ଭାଇ-ସାଇ ଘର ବୁଲି ।

ନୂଆ ଜାମା-ପଟା ଭରଇ ସରସ
ପୋଡପିଠା ସ୍ୱାଦ ମନେ ହରଷ
ଆମ ଘରେ ଉଠା-ଚୂଲି
ବାପା ଆଣିଛନ୍ତି କଲିକତାରୁ ତ
ମିଠେଇ ଖଜୁରି କୋଳ ।

ବସୁମତୀ ସ୍ନାନ ଭରି ସନ୍ତୋଷ
ବସୁଧା ହସିବେ ହୋଇ ହରଷ
ଜଳାଇବା ଏବେ ଚୂଲି
ଫୁଲ-ଫଳ ଗଛ ଲଗାଇବା ଆସ
ବଗିଚ୍ଛରେ ଗାତ ଖୋଳ !

ମୁଖ୍ୟ ସଂପାଦକ:"ଅଭିଯାନ"
୧୭୫-ଏ/୧, ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ
କୋଲକତା

# ମୋ ରୋଷେଇ ଘରଟା ଏତେ ଛୋଟିଆ କାହିଁକ?



ସାଗରୀକା ମହାନ୍ତି

ସକାଳୁ ଆଖି ଖୋଲି ହାତ ଯୋଡି ଠାକୁରଙ୍କୁ ଗୁହାରି ବେଳେ ମନଟା ଆଗ ଦଉଡିଯାଏ ରୋଷେଇ ଘରକୁ !

ହେଲେ ସବୁବେଳେ ଭାବେ, ଅଧାରୁ ଅଧିକ ଜୀବନର ଉଦ୍ଦେଶ୍ୟର ପୃଷ୍ଠଭୂମି ଏ ରୋଷେଇ ଘରଟା ଏତେ ଛୋଟିଆ କାହିଁକ !

କାହା ପାଇଁ କଣ ରୋଷେଇ କରିବି ଆଉ କୋଉଟା କେତେ ବେଳେ କରିବି !
ଆଗ ପରିବା କାଟିବି ନା ଆଗ ଗୁହା ବସେଇବି !
ନଜେ ଆଗ ଟିକେ ଅଳସ ଭାଙ୍ଗିବି ନା ଗ୍ୟାସ ଲାଇଟର ପାଖକୁ ହାତ ବଢେଇବି !
ଏତେ ଅଡୁଆ ତୁଟାଇବାର କ୍ଷମତା ରଖୁଥିବା ରୁମଟା ସତରେ ଏତେ ଛୋଟିଆ କାହିଁକ ?

ହାତ ବୁଲେଇ ଦେଲେ କପ ପ୍ଲେଟ ସବୁ ଠନଠାନ ହେଇ ଗପସପ ଆରମ୍ଭ କରି ଦିଅନ୍ତି !
ଆରମ୍ଭ ହୁଏ ତାଓ୍ୱା କଢେଇର ବେଖିଆଲୀ କଥାବାର୍ତ୍ତା !
ଆଉ ମୋ ପରି ତାଙ୍କୁ ବି ଲାଗେ, ଏ ରୋଷେଇ ଘର ଟା ଏତେ ଛୋଟିଆ କାହିଁକ !

ମସଲାଟା କଂଗ୍ସ ରହିଯିବ କାଳେ !
କ୍ଷୀର ଉତୁରି ଚୁଲିରେ ପଡ଼ିଯିବ କାଳେ !
ଫ୍ରୀଜରେ ବାସି ତରକାରୀ ରହିଯିବ କାଳେ !
ସବୁ କାମ ଡେରି ହେଇଯିବ କାଳେ?
ଆହୁରି କେତେ କେତେ ଅନାବଶ୍ୟକ ସମ୍ଭାବନାରେ ସବୁବେଳେ ମୋ ମନକୁ ବନ୍ଦୀ କରି ରଖିଥିବା ଏ ରୋଷେଇ ଘର ଟା ଏତେ ଛୋଟିଆ କାହିଁକ?

ପ୍ରେସର କୁକର ସିଟି ଗଣିବା ଭିତରେ କବିତା ଲେଖା କାଗଜ ଗୁଡା ତେଲ ଚଟିକା ଲାଗି ବୁଢ଼ୀ ଅସୁରୁଣୀ ପରି ଆଖି କାଢି ଚାହାନ୍ତି !

ରାତିରେ ସଜବାଜ ହେଇଥିବା ସ୍ୱପ୍ନମାନେ ୱାସ ବେସିନର ପାଣି ଧାର ସହ ସବୁଦିନ ବୋହିଯାନ୍ତି !

ତଥାପି ମୁଁ ଭାବେ, ସମ୍ପୂର୍ଣ ଘର ଭିତରେ ଏ ରୋଷେଇ ଘରଟା ଏତେ ଛୋଟିଆ କାହିଁକି!

ଏଇଟା ଆମ ସମସ୍ତଙ୍କର ସଂକୁଚିତ ଚିନ୍ତାଧାରାର ପ୍ରତୀକ ନା ପୁରୁଷ ପ୍ରଧାନ ସମାଜର ଦୁର୍ବଳ ମାନସିକତାର ଚିହ୍ନ ?

ନଭି ମୁମ୍ବାଇ, ମହାରାଷ୍ଟ୍ର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବିଷ



ଡ. ଜ୍ଞାନେଶ୍ୱର ମିଶ୍ର

ଟୋପାଏ ବିଷରେ
ହେଉ ସିଏ କୂଆ, ପୋଖରୀ, ସମୁଦ୍ର ଅବା ଗଙ୍ଗାଜଳ
ସବୁ ପାଲଟନ୍ତି ବିଷ,
ସେ ଟୋପାଏ ବିଷକୁ ସବୁ ମିଶି ଜଳ କରିବାକୁ
ନଥାଏ ସାହସ ।
ବସ୍ତା ବସ୍ତା ଆଳୁ ଭିତରେ ଗୋଟିଏ ପଗ୍ଲ ଆଳୁରେ
ସବୁ ଆଳୁ ପଚଯାଏ ବିନା ଆପତ୍ତିରେ
ପରିବାର ଅବା ସମାଜରେ ଥିଲେ କେହି
ଖଳଦଳ ବା ମଣିଷ
ସମାଜ ଓ ପରିବାର ବିଷମୟ ହୁଏ
ବଦଳାଇ ପାରେନାହିଁ
ତାଙ୍କର ଗୁଣ ବା ଅଭ୍ୟାସ
ଯେତିକି ତାକତ ଆମର
ଏ ବିଷ, ଖଳଠାରୁ ଦ୍ରୁରେ ରହିବା
ତେବେ ନିର୍‌ପଦ ଭ୍‌ବେ
ବଳକା ଆୟୂଷ ଜୀଇଁବା ।

୪୯/୫/ଏଚ୍-୫୫, କାର୍ଲ ମାର୍କ୍ସ ସରଣୀ, କୋଲକତା

# ବୋଝ



ପ୍ରଣତି ପାଣିଗ୍ରାହୀ

ବୟସର ସାୟାହ୍ନ ରେ ଉପନୀତ ସୁନୟନା ଆଜି ସତରେ ବୋଝ ପାଲଟି ଯାଇଛି। ସାରା ଜୀବନ  ସଂସାର ର ବୋଝକୁ ମୁଣ୍ଡେଇ, ସଭିଙ୍କ ବୋଝ କୁ ହାଲୁକା କରିବାପାଇ ସେ ଆଜି କେମିତି ବୋଝ ପାଲଟିଗଲା, ଜାଣିପାରିଲା ନାହିଁ। ପିଲାଟି ଦିନରୁ ଏହି 'ବୋଝ' ଶବ୍ଦ ଟି ଶୁଣି ସେ ପୁରା ବଧିର ହୋଇପଡ଼ିଥିଲା। ବାପା ମାଆଙ୍କର ଚାରି ନମ୍ବର ଝିଅ ହୋଇ ଯେବେ ଜନ୍ମ ହେଲା, ସେତେବେଳେ କୁଆଡେ ସାଇପଡିଶା, ବନ୍ଧୁ ବାନ୍ଧବ ସମସ୍ତେ କହିଥିଲେ, "ଜୟନ୍ତ ଓ ନଳୀମା ର ବୋଝ ପୁଣି ବଢ଼ିଗଲା । ବିଚରା ପୁଅଟିଏ ହେବ, ବୁଢ଼ା ବୟସରେ ବାପର କାନ୍ଧ ରେ କାନ୍ଧ ମିଳାଇ ଠିଆ ହେବ ବୋଲି କେତେ ଆଶା ବାନ୍ଧିଥିଲେ ହେଲେ ଉପରବାଲା ବୋଝ ଉପରେ ନଳତା ବିଡା ଭଳ ପୁଣି ଏକ ଝିଅଟିଏ କାହିଁକ ଦେଲେ କେଜାଣି?" ଏ ତ ଗଲା ସମସ୍ତଙ୍କ କଥା, ସୁନୟନାର ଜେଜେ ଆଉ ଜେଜେମା ବି କହିଥିଲେ, "ତାକୁ କୋଉ ଅପନ୍ତରା ନାଳରେ କ ନଈରେ ଭସେଇ ଦେଲୁନ, ଅପରଛନ, ପୁଅ ବାଂଝ, ଖାଲି ଝିଅ ଗୁଡ଼ିଏ ଜନମ କରି ମୋ ପୁଅ ର ଭାର ବଢ଼ାଉଛି । ଅଲକ୍ଷଣି ଟାଏ।"

ସୁନୟନା ଠାରୁ ମୁଁ ଚାରି କ ପାଞ୍ଚ ବର୍ଷର ବଡ଼ ହେବି । ଏକା ଗାଁରେ ଆମ ଜନ୍ମ । ପିଲାବେଳୁ ମୁଁ ତାକୁ ଚହ୍ନିଛି। ଆମ ଘର ସାମ୍ନା ରେ ତାଙ୍କ ଘର । ଭାରି ମେଳାପି ଝିଅ ଟେ। ସେ ମୋତେ 'ଶ୍ରୀ ଅପା' ଡାକେ ଆଉ ମୁଁ ତାକୁ 'ସୁନ' । ଦୁଇ ପୁଅ, ଚାରି ଝିଅ, ବାପା ମା ଓ ସ୍ତ୍ରୀ ଙ୍କୁ ନେଇ ଜୟନ୍ତ ମଉସାଙ୍କ ଦଶ ପ୍ରାଣୀ କୁଟୁମ୍ବ । ସେ ଇଲେକ୍ଟ୍ରି ବିଭାଗରେ କରଣୀ ଚାକରି କରନ୍ତି। ଏତେ ବଡ ପରିବାର ଚଳେଇବାରେ ଅସୁବିଧା ହୁଏ ବୋଲି  ନଳୀମା ମାଉସୀ ମଧ୍ୟ କଛି ରୋଜଗାର କରନ୍ତି, ଏଇ ଯେମିତି ସିଲେଇ, ଗୁନ୍ଦୁଆ ବୁଣା ଇତ୍ୟାଦି । ଜୟନ୍ତ ମଉସାଙ୍କ ବଡ଼ ଭାଇ ସହରରେ ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ । ବାପା ମା ଙ୍କୁ କେବେ ସହରକୁ ନଅନ୍ତିନ । ମଉସାଙ୍କ ମା ଟିକେ ମୁଖରା । ନଳୀମା ମାଉସୀ ବି କଛି କମ ନୁହନ୍ତି । ତେଣୁ ଘରେ ପ୍ରାୟ ଯୁଦ୍ଧ ଚାଲିଥାଏ ଶାଶୁ ବୋହୂ ଙ୍କର । ଦିନ ସାରା

ପରିବାର ବୋଝ ଉଠେଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରି ଘରକୁ ଫେରି ଶାନ୍ତିରେ ନିଃଶ୍ୱାସ ନେବା ବେଳକୁ ଏଇ ନାଟକ ଦେଖି ଅତିଷ୍ଠ ହୋଇ ପଡନ୍ତି, ବାପାଙ୍କ ଆଗରେ ଘର କଥା ସବୁ କହନ୍ତି । ଆମ ଘରେ ବାପା, ମା ଓ ମୁଁ । ଭାଇ ହଷ୍ଟେଲରେ ରହି ପଢେ । ଜେଜେ, ଜେଜେମା ଙ୍କ ସ୍ନେହ ମୁଁ ଜାଣିନ । ଛୋଟ ବେଳରୁ ହରେଇଛି ସେମାନଙ୍କୁ । ବେଳେ ବେଳେ ସୁନ କୁ କହେ ତୋର କେଡେ ଭାଗ୍ୟ । ତୁ ଜେଜେ ଜେଜେମା ଙ୍କ ସ୍ନେହ ପାଉଛୁ । ସୁନ କହେ, "ହଁ ଅପା ସ୍ନେହ, ଆଦର ତ ଦେଖୁଛ" । ସତରେ ତାକୁ କେହିବି ଟିକେ ଆଦର କରନ୍ତିନ । ସୁନ କିନ୍ତୁ ତା ବାପାଙ୍କ ଦୁଃଖ ବୁଝିପାରେ ଆଉମୋତେ କହେ, "ଅପା, ଖାଲି କଣ ପୁଅ ହିଁ ବାପା ର ବୋଝ ହାଲୁକା କରିବ, ଝିଅ କଣ ପାରିବନି ?" ଜୟନ୍ତ ମଉସା ଙ୍କ ସବୁ ପିଲାଙ୍କଠୁ ସୁନ ପୁରା ଅଲଗା । ଭଲ ପଢାପଢି କରେ, ମାଙ୍କୁ ଘର କାମରେ ସାହାଯ୍ୟ କରେ, ଜେଜେ ଜେଜେମାଙ୍କ ବୋଲ ହାକ କରେ, ସବୁ କାମ ରେ ଆଗୁଆ । ଏତେ କାମ କରେ ସିନା କେହି ତାକୁ ଆହା ପଦେ କୁହନ୍ତି ନାହିଁ। ମୁଁ ପଗ୍ଚରିଲେ କହେ, "ଅପା, ପରିବାର ସମ୍ଭାଳିବାକୁ ମୋ ବାପା ବୋଉ କେତେ ପରିଶ୍ରମ କରୁଛନ୍ତି ତେଣୁ ମୁଁ ତାଙ୍କ ବୋଝ ଟିକେ ହାଲୁକା କରିବାକୁ ଚେଷ୍ଟା କରୁଛି " ।

ବୋଝ ର ଅର୍ଥ ବୁଝିନଥିବା ଏଇ ଛୋଟ ଝିଅଟି ବାପା ଆଉ ମା ଙ୍କ ସହ କାନ୍ଧ ମିଳାଇ ଠିଆ ହେବ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସମୟର ଗତି ପଥରେ ସବୁ କିଛି ବଦଳି ଯାଏ । ଭଗବାନ ଙ୍କ ଦୟାରୁ ସୁନ କୁ ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ମିଳେ । ସେତେବେଳକୁ ମୋର ଦଶମ ଶ୍ରେଣୀ । ସୁନ ସେଦିନ ଘରୁ ବିଦାୟ ନେଇ ସ୍କୁଲ ଗଲାବେଳକୁ ଆମ ଘରକୁ ଆସିଥିଲା । ଦିହେଁ ଦିହିଁଙ୍କି ଜାବୁଡ଼ି ଧରି କାନ୍ଦିଲୁ । ଗଲାବେଳେ କହି ଗଲା, "ଅପା, ମୋ ବୋଝ ଆଉ ମୋ ବାପା ଙ୍କୁ ବୋହିବାକୁ ପଡ଼ିବନି ।" ତା ବାପାଙ୍କୁ ତାର ଏଇ କଥା ପଦକ କଣ ଲାଗିଲା କେଜାଣି, "ପାଗେଳି, ଝିଅ କଣ କେବେ ବାପା ର ବୋଝ ହୁଏ କି ରେ ? ସେ ପରା ଲକ୍ଷ୍ମୀ ।" କହି କୋଳକୁ ଟାଣିନେଲେ । ତା ପରେ ଏକ ବିରାଟ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ମୋର ଆଉ ସୁନ ର ବନ୍ଧୁତା ରେ ।

ଦୀର୍ଘ କୋଡ଼ିଏ ବର୍ଷ ପରେ ଏମିତି ଏକ ନିଦାଘ ଅପରାହ୍ନ ରେ ବସି ପିଲାଦିନର ସ୍ମୃତି ସବୁ ବଖାଣି ହେଉଥାଏ ଭାଉଜଙ୍କ ଆଗରେ । ବାହାଘର ପରେ କେବେ କେମିତି ଗାଁକୁ ଆସୁଥିଲି ହେଲେ ଏବେ ଆଉ ଜମା ଆସିପାରୁନି । ଫୁରୁସତ୍ ମିଳୁନି ପରିବାର ବୋଝ ତୁଲାଇବା ବେଳେ । ଏ ବର୍ଷ ଠାକୁରାଣୀ ଯାତ୍ରା ହେବ କହି ଭାଇ ଭାଉଜ ଆଉ ରଖେଇ ଦେଲେନି ।

ପିଲ୍ମାନେ ବି କେବେଠୁ ଅଜା ଗାଁକୁ ଆସିଲେ ଖୁସି ହୁଅନ୍ତି । ଏମିତି ଆମ ନଣନ୍ଦ ଭାଉଜଙ୍କ କଥାବାର୍ତ୍ତା ଭିତରେ ଏକ ଧଳା ରଙ୍ଗର କାର ଆସି ଆମ ଘର ସାମ୍ନା ରେ ରହିଲା । ବାଲକୋନୀ ରେ ବସି ପିଲ୍ମାନେ କ୍ୟାରମ୍ ଖେଳୁଥିଲେ ।ମୋ ପୁଅ ପାଟି କଲା, "ଆଇ ତମ ଘରକୁ କୁଣିଆ ଆସିଲେ !" ଭାଉଜ ସ୍କ୍ରିନ୍ ଖୋଲି ବାହାରକୁ ଗ୍ଦହିଁବା ବେଳକୁ ବାହାର ଗ୍ରିଲ ଖୋଲି ଭିତରକୁ ପଶି ଆସୁଛନ୍ତି ଜଣେ ମହିଳା । ଗ୍ଦକଚକ୍ୟରୁ ଅତି ସମ୍ଭ୍ରାନ୍ତ ନହେଲେ ବି ଶିକ୍ଷିତ ଆଉ ଭଦ୍ର ଜଣା ପଡୁଥିଲା । ମୋତେ ଦେଖିବା ମାତ୍ରେ, "ଆରେ, ଶ୍ରୀ ଅପା ....କହି ମୁଣ୍ଡିଆ ମାରିଲା ।" ଭାଉଜ କହିଲେ, "ଚହ୍ନି ପାରୁନ କି ଶ୍ରିମୟୀ, ଇଏ ପରା ଆମ ଜୟନ୍ତ ମଉସା ଙ୍କ ସାନ ଝିଅ ସୁନୟନା ।" ଏତେ ବଡ଼ ହେଇଯାଇଥିବାରୁ ହଠାତ୍ ସୁନ କୁ ଚହ୍ନି ପାରିଲିନ । ଭାଉଜଙ୍କ ଠାରୁ ସୁନ ର ପରିବାର ବିଷୟରେ କିଛି ଶୁଣିଥିଲି । ତିନି ଝିଅଙ୍କ ବାହାଘର ପାଇଁ ଜୟନ୍ତ ମଉସା କୁଆଡେ ସବୁ ଜମି ବିକ୍ରି କରି ସାରିଥିଲେ । ବାକି ଯୋଉ ଘର ଖଣ୍ଡିକ ଥିଲା ତାକୁ ସୁନ ର ଦୁଇ ଭାଇ ବିକି ସାରିଲେଣି । ତଥାପି ସୁନ ସହିତ କେତେ କଥା ହେଉ ହେଉ ମାଉସୀ ଙ୍କ କଥା ପଚରିଦେଲି । ସେ କହିଲା, "କଣ କହିବି ଅପା, ମୋ ବାପା ବୋଉ ସବୁ ଦିନେ ଦୁଃଖୀ । ଭାଉଜ ମାନଙ୍କ କଥା ତ କୁହନ । ତାଙ୍କ କଥାରେ ପଡି ଭାଇ ମାନେ ତ ଗାଁ ର ଘର ଖଣ୍ଡକ ବିକି ଦେଲେ ଆଉ ବାପା ବୋଉ ଙ୍କୁ ପାଳି କରି ବର୍ଷେ  ଖଣ୍ଡେ ରଖିଥିବେ କି କଣ ଯୋଉ ଦହଗଞ୍ଜ କଲେ ସେ କଥା ଆଉ କୁହନ । ଅପା, ଭଗବାନ ଙ୍କ ଦୟାରୁ +୨ ଯାଏଁ ନବୋଦୟ ବିଦ୍ୟାଳୟରେ ପଢ଼ିଲି । ଆଉ କେମିତି ଭଗବାନଙ୍କ କୃପା ଦେଖ ସେଠାକାର ଜଣେ ସାର୍ +୨ ପରେ ମୋତେ ତାଙ୍କ ଘରେ ନେଇ ରଖିଲେ । ତାଙ୍କ ଛୁଆ ପିଲା ନଥିବାରୁ ସେ ମୋତେ ପୋଷ୍ୟ କନ୍ୟା ଭାବେ ଗ୍ରହଣ କଲେ । ମୋର ସବୁ ପଢା ଖର୍ଚ୍ଚ ବହନ କଲେ । ମୁଁ ବି ସମସ୍ତଙ୍କ ମାନ ରଖିବାକୁ ଅକ୍ଲାନ୍ତ ପରିଶ୍ରମ କରି ଆଜି ଡାକ୍ତର ଟିଏ ହୋଇଛି ଅପା। ସବୁ ମୋ ବାପା ବୋଉଙ୍କର ଆଶୀର୍ବାଦ ଆଉ ସେଇ ସାର୍ ଯାହାଙ୍କୁ ମୁଁ ବାବା ଡାକେ ତାଙ୍କରି ପ୍ରେରଣା ଆଉ ବଦାନ୍ୟତା ଯୋଗୁଁ । ତମେ ସବୁବେଳେ କୁହ, "ତୁ ବଡ଼ ହେଲେ ନିଶ୍ଚୟ ତୋ ବାପା ବୋଉଙ୍କ ବୋଝ ହାଲୁକା କରିବୁ।" ତମେ ଶୁଣି ଖୁସି ହେବ ବାପା ବୋଉଙ୍କୁ  ଏବେ ମୁ ମୋ ପାଖରେ ରଖିଛି । କଣ ଆଉ କରନ୍ତି, ଭାଇ ମାନେ ବୋଝ ସମ୍ଭାଳି ପାରିବୁନି କହି ଘରୁ ବାହାର କରିଦେଲେ । ମୁଁ କିନ୍ତୁ ଠାକୁରଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯେ ଯାହା ହେଉ ସେ ମୋର ଆଶା ଟିକକ ପୂରଣ କରିଦେଲେ । ବାପା ମା ଯେ ବୋଝ ନୁହେଁ ଆଉ ଆଜୀବନ ମୋର ବୋଝ ଉଠେଇ ଥିବା ବାପା ମା ଙ୍କ ଋଣ ଶୁଝିବାର କିଞ୍ଚିତ ସୁଯୋଗ ଦେଲେ। ଏସବୁ କହିବା ଭିତରେ ତା

ସ୍ୱାମୀ ଡାକଲେ ଆଉ ସିଏ ଗ୍ଭଲିଗଲା । ମୁଁ ତାର ଯିବା ବାଟକୁ ଅନେଇଥାଏ । ଭାଗ୍ୟ ଆଉ ଭଗବାନ ମଣିଷକୁ କେଉଁ ମୋଡରେ ଆଣି ଠିଆ କରନ୍ତି । ସଭିଙ୍କ ପାଇଁ ବୋଝ ପାଲଟି ଥିବା ସୁନ ଆଜି ହସି ହସି ସଭିଙ୍କ ବୋଝ ଉଠାଉଛି । ଆହୁରି ଭାଉଜ କହୁଥିଲେ ତା ସ୍ୱାମୀ କୁଆଡେ ଭାରି ଭଲ । ସେ ବି ଡାକ୍ତର । ସୁନ ଭାଇ ମାନଙ୍କୁ ବି ସାହାଯ୍ୟ କରେ । ମୋର ସେଇ ଅଲିଅଳ ସୁନ ଆଜି ପାଲଟି ଯାଇଛି ଡାକ୍ତରାଣୀ ସୁନୟନା ମିଶ୍ର । ତାକୁ ଦେଖି ସତରେ ସେଦିନ ଖୁସିରେ ଦୁଇ ଧାର ଲୁହ ଆସିଯାଇଥିଲା ।

ବାସ୍ ତା ପରେ ତା ସହ ମୋର ଆଉ ଦେଖା ନାହିଁ । ବ୍ୟସ୍ତ ବହୁଳ ଜୀବନରେ କୁଆଡେ ଆଉ ସମୟ ମିଳେନାହିଁ ସାଂଗ ମାନଙ୍କ ସହ ଗପିବାକୁ । ହେଲେ ଦୀର୍ଘ ଗ୍ଭଳିଶ ବର୍ଷ ର ବ୍ୟବଧାନ ପରେ, ଜୀବନଟା ଏମିତି ମୋଡ଼ ବଦଳାଇ ଦେଇ ପୁଣି ସୁନ ସହ ସାକ୍ଷାତ କରାଇବ ମୁଁ ଭାବି ନଥିଲି । ପରିଣତ ବୟସରେ ବାପା ମା କୁଆଡେ ପିଲାଙ୍କ ପାଇଁ ବୋଝ। ମୋ ସ୍ୱାମୀ ଙ୍କ ମୃତ୍ୟୁ ବେଳକୁ ମୋର ଦୁଇ ପୁଅଙ୍କ ବାହାଘର ସରିଥାଏ । ସବୁ କାମ ସାରି ସେ ଆର ପାରିକୁ ଗ୍ଭଲିଗଲେ । ହେଲେ ମୁଁ ଯେ ମୋର ଏଇ ଅତି ପ୍ରିୟ ପିଲାଙ୍କ ପାଖରେ ବୋଝ ହେବି ଏହା କଦାପି ଭାବିନଥିଲି । ମୋତେ ନିଜ ପାଖରେ ରଖିବା କଥାକୁ ନେଇ ଦି ପୁଅଙ୍କ ଭିତରେ ଦିନେ କଳି ହେଲା । ମୁଁ ସବୁ ଶୁଣି ଚୁପ୍ ରହିଲି । ସ୍ୱାମୀ, ବାପା, ମା ଙ୍କ କଥା ବହୁତ୍ ମନେ ପଡ଼ିଲା । ମୁଁ ଆଉ ମୋ ପିଲାଙ୍କ ଉପରେ ବୋଝ ନହେବା ପାଇଁ ଦିନେ କାହାକୁ କିଛି ନକହି ଘର ଛାଡ଼ି ଗ୍ଭଲିଆସିଲି । ଯୋଗକୁ ଜଣେ ସୁହୃଦୟ ବ୍ୟକ୍ତି ମୋତେ ଏଇ ବୃଦ୍ଧାଶ୍ରମ ର ଠିକଣା ଦେଲେ । ସ୍ୱାମୀଙ୍କର ପେନସନ ଟଙ୍କା କୁ ଆଶ୍ରାକରି ଆଶ୍ରମ ରେ ଆସି ପହଞ୍ଚିଲି । ରୁମ୍ ଖାଲି ନଥିବାରୁ ଜଣେ ସମ ବୟସ୍କା ମହିଳା ସହ ମୋତେ କିଛି ଦିନ ଚଳବାକୁ କହିଲେ । ମୁଁ ହଁ ଭରିଲି ।

ଯୋଉ ଘର, ପରିବାରକୁ ମୁଁ ଲହୁ ଲୁହ, ସ୍ନେହ ପ୍ରେମ ଦେଇ ଗଢ଼ିଥିଲି ସେଇଠି ତ ଜାଗା ଟିକେ ମିଳିଲାନ ଆଉ ଏଇଠି ମନା କରିବି କାହିଁକି । ସେତେ ପର୍ଯ୍ୟନ୍ତ ଘର କଥା ମନେ ପକେଇ ଆଖିରୁ ଲୁହ ନିଗାଡି ଗ୍ଭଲିଥାଏ । ଲୁହ ପୋଛି ବ୍ୟାଗ୍ ନେଇ ରୁମ୍ ରେ ପଶି ଯାହା ଦେଖିଲି ହଠାତ୍ ମୁ କିଛି ବୁଝି ପାରିଲିନ । "ସୁନ କି ରେ" କହିବା ଆଗରୁ ସେ "ଶ୍ରୀ ଅପା" କହି କୁଣ୍ଢାଇ ପକାଇଲା । ଜୀବନର ବୃତ୍ତାକାର ପଥଟା ଯୋଉଠି ଆରମ୍ଭ ହୋଇଥିଲା ସେଇଠି ପୁଣି ପହଞ୍ଚାଇ ଦେଲା । କି ଆଶ୍ଚର୍ଯ୍ୟ !! ଶେଷ ଅବସ୍ଥାରେ ବି ପୁଣି ଏକାଠି ସୁନ ଆଉ ମୁଁ । ମୁଁ ସ୍ୱପ୍ନରେ ବି ଭାବି ନଥିଲି। ନିଜ ବାପା ମା, ପାଳିତା ବାପା ମା, ଶାଶୁ ଶଶୁର ପରିବାର ସମସ୍ତଙ୍କ ଯତ୍ନ ନେଇଥିବା, ସଭିଙ୍କ ବୋଝକୁ ସାଦରେ ମୁଣ୍ଡାଇ ଥିବା ସୁନୟନାକୁ

ବି ତା ପିଲାମାନେ ବୋଝ ଭାବି ବୃଦ୍ଧା ଶ୍ରମ ରେ ଛାଡ଼ି ଗଲେ । ଆହୁରି ଗଲାବେଳେ କହିକରି ଗଲେ, "ମାମା, ସମୟ ଅଭାବରୁ ଆମେ ତୋର ଦେଖାଶୁଣା ଠିକ୍ ଭାବେ କରି ପାରୁନୁ । ତେଣୁ ତୁ ଏଠି ଖୁସିରେ ରହ ।" କଛି ପ୍ରତିବାଦ ନକରି ସୁନୟନା ବର୍ଷେ ହେଲାଣି ଏଇଠି ଆସି ରହିଛି । ଆଜୀବନ ସେବାକୁ ଜୀବନର ବ୍ରତ ମଣି ଥିବା, ଅନ୍ୟର ଦୁଃଖ ଲାଘବ କରିବାପାଇଁ ଚେଷ୍ଟା କରୁଥିବା ଆଉ କାହାର ବୋଝ ନହେବା ପାଇଁ ଗୁହିଁଥିବା ମଣିଷ ଟି ଆଜି ବୋଝ ପାଲଟି ଯାଇଛି । ବୟସର ଅପରାହ୍ନ ରେ ଉପନୀତ ସୁନୟନା ଆଜି କ୍ଳାନ୍ତ ଆଉ ଅବସର୍ଣ୍ଣ । ଆଉ ବୋଝ ଉଠେଇବା ସାହସ ନାହିଁ ହେଲେ ବି ସେ ପୁଣି ବୋଝ ପାଲଟି ଯାଇଥିବା ଅବଶୋଷ କୁ ମେଣ୍ଟେଇ ପାରୁନ । ହାୟ ରେ ମଣିଷ ଜାତି, ଧନ୍ୟ ତୋର ମଣିଷ ପଣିଆ, ଧନ୍ୟ ତୋର ମାନବିକତା ।

ବ୍ରହ୍ମପୁର, ଗଞ୍ଜାମ

ବେଦାନ୍ତୀର ଆଗାମୀ ସଂଖ୍ୟା  ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଅସରନ୍ତି ସମୟ



ସଂଘମିତ୍ରା ସାମନ୍ତରାୟ

ଦିନକର ସମୟ ଚବିଶ ଘଣ୍ଟା
କେତେ ବା ସମୟ
ଏବେ ନିଅଣ୍ଟ ପଡିଯାଏ ପ୍ରାୟ !
ମନେ ଅଛି,
ପିଲାଦିନେ ସରୁ ନଥିବା ସମୟ
ଧୂଳି ଖେଳରେ ଲୋଟୁଥିବା ମୁହୂର୍ତ୍ତ ସବୁ
କେତେ ଯେ  ଆପଣାର ନ'ଥିଲେ !
ସମୟ ଫେରୁ କି ନ ଫେରୁ
ଅଟକି ଯାଉ ବା ଆଗକୁ ଯାଉ
ମନ କହେ ଚାଲ ତ !
ଆମେ ପୁଣି ନିର୍ବୋଧ ଛୁଆ ପାଲଟିଯିବା
ଦଉଡ଼ି ଡିଆଁ,  ପୁଚ, ଖୋ ଖୋ
ଆଉ ବୋହୁଚୋରୀ ଖେଳରେ ହଜେଇ ଦେଇ ଆସିବା
ବର୍ତ୍ତମାନର ଯେତେ ବ୍ୟସ୍ତତା ଯେତେ ବିଷର୍ଣ୍ଣତା ।

ଏବେ ଅବା କ'ଣ ଅଛି ଯେ ଏମିତି
ଯାହାକୁ ନେଇ ମଣିଷ ସମୟର ହିସାବ୍ ରଖିବ
ଯନ୍ତ୍ରବତ୍ ଜୀବନରେ ମୂକ ବଧୀର ପରି
କେବଳ କିଛି ଭାବର ଆଦାନ ପ୍ରଦାନ
ନା କଥା ନା ବାର୍ତ୍ତା ନା କାନକୁ ଶୁଭୁଛି କିଛି
ନା ଓଠ କହୁଛି କିଛି !
ସମୟକ୍ରମେ ସବୁ ଯେମିତି ସ୍ଥବିର ପାଲଟି ସାରିଛି !
ଏଇ ତ ଏବେ ଏବେ କଥାକୁହା ମଣିଷ
ତମେ ବି କେମିତି ଚୁପ୍ ଆଉ ଗମ୍ଭୀର ଦିଶୁଛ

ବାସ୍ ଗୋଟେ ଶୂନ୍ୟତା ଗୋଟେ ବିଜନତା
ଯେମିତି ଚହଲି ଯାଉଛି ଆମ ଚାରିକଡ଼େ
ଅଥଚ ଫରକ୍ ପଡୁନି ଆମ ଭିତରୁ କାହାକୁ !

ହଁ, ତମେ ଜାଣିନ ବୋଧେ
ଆଜି କାଲି କବିତା ଲେଖାହୁଏ
ହେଲେ  କବିତାରେ ଶୀର୍ଷକ ନ' ଥାଏ
ଭାବନା ରେ ବି କୋଉ ଖାଲିପଣ ଥାଏ ଯେ,
ନା' ଟେ କିମ୍ବା ଶବ୍ଦ ଗୋଟେ ଯୋଡ଼େ ଯୋଗାଡ଼ିବା ବି
ଖୁବ୍ କାଠିକର ଲାଗେ !
ଚହ୍ଲା ରାସ୍ତାରେ ଚାଲୁ ଚାଲୁ
କୋଉଠି ଗୋଟେ ଅଜଣା ମୋଡ଼ରେ
ମଣିଷ ହଜି ସାରିଥାଏ ଯେତେବେଳେ
ପାଦ କୋଉଠି ଅଟକିଥାଏ କେଜାଣି
ସମୟ ଅଟକେନି କି ସରେନି କୋଉଠି
କିନ୍ତୁ ସେତିକି ବେଳେ ହିଁ
ଏ ମାଟିତଳ ଆକାଶରେ ଲକ୍ଷେ ତାରା
ଫୁଟି ସାରିଥାଏ !

# ନଆର୍ ଫଗୁଣ



ଲିପିକା ମହାପାତ୍ର

ଫଗୁଆ ସ୍ୱର୍ଗକୁ ରଙ୍ଗେଇଛି
ନଜରଙ୍ଗେ ଫଗୁ
ଫଗୁଣ ମନରେ ଚୁପିଚୁପି
ବଦଳୁଛି ଖବର ଗୁପ୍ତଗୁ
ଫଇମା ପ୍ରେମରେ ଆଉଜେଇଦିଏ
ତା ବିଶାଳ ଛାତିରେ
ଫଜର ଆଖିରେ ଫଗୁରଙ୍ଗ
ବିଚ୍ଛୁରିତ ବୃହଖିନୁ
ସଲଜ୍ଜେ ଦେଖୁଛି ଧର୍‌କୁ।।

ହେ ପ୍ରିୟଙ୍କର ପ୍ରାର୍ଥ୍ୟ
ଏ ପ୍ରିୟତମା ଅପେକ୍ଷାର ପ୍ରାସରେ
ଉତ୍ତାପର ଅହରହ ଉଷ୍ଣତାରେ
ପ୍ରକମ୍ପିତା ଫଣିନୀ
ପୁଷ୍କରିଣୀରେ ପ୍ଲବମାନ
ଶୀତଳତା ଆକାଂକ୍ଷାରେ
ସତେକ ଉଚ୍ଛୁଳଯିବ ଫୁଲ୍ଲଣିଆ ଧୂନୀ
ସତେକ ଲଙ୍ଘିଯିବ ଦ୍ରାଘିମା କାମିନୀ ତନୁ।।।।।

ଫଗୁରଙ୍ଗେ ପ୍ରଦୋଷକାଳ ଶୋଭନୟ
ସେ ଫଗୁରେ ଅବଗାହୀ ଫୁଙ୍ଗୁଳା ମନ
ଫୁଲସଞ୍ଜ ପୁଷ୍ପ ସୌରଭରେ ସୁବାସିତ ଆହା
ମୁଁ ଅନୁଢା ପ୍ରେୟସୀ ଫୁଲଶଯ୍ୟା ସଜେଉଛି
ସର୍ବରୀ ଓଲହେଇବ ଫୁଲ୍ଲ କୋଳେ
ଫେଇବ ତା ଫଗୁପୂର୍ଣ୍ଣ ପାଉଁସିଆ ଉତ୍ତରୀୟ
ଫେଡ଼ିଦେବ ବିୟୋଗ ଫେରନ୍ତା ବିରହଣ
ଫଗୁଣର ଫେନଳ ଆସ୍ତରଣେ
ଭରିଦେବ ଆଶ୍ଳେଷ ।।

ଫେନାଶନ ଢାଳଦେବେ
ପିୟୁଷର ଫଲଗୁ ଧାର
ସେ ଫଲଗୁ ଫଗୁ ଭରିଦେବ ପ୍ରୀତି
ଫଲେ୍‍ନ୍ମୁଖୀ ହେବି ମୁଁହିଧରିତ୍ରୀ
ଫଳନ୍ତି ମାତୃପଣେ ଫଳେଇବି ଯୋଦ୍ଧା
ସାହାସୀ ଅଗଣିତ ପୁଣ୍ୟାତ୍ମା
ବିରପ୍ରସବିନୀ ଲଭି ହେବି
ମୁଁହି ଫଳ ପାକାନ୍ତା
ଯୁଗେଯୁଗେ ଫଗୁଣର ଫଗୁ
ବିଞ୍ଚୁଥିବ ମୋ କାୟପରେ
ଧରାଶାୟୀ ଲୋଟୁଥିବି ଫଳଭୋଗୀ ହୋଇ
ଫଗୁଶଯ୍ୟା ପରେ ଫଗୁଣର ରଙ୍ଗ ହୋଇ।।।।।।

# ଏମିତି ସମୟ କାହିଁକ ଦେଲ



ତୁଷାରକାନ୍ତ ପ୍ରସାଦ

ଅଦୃଶ୍ୟ ଶତ୍ରୁ କୁ ଡରି ଲୁଚବାକୁ,
କହିବ କ କାହିଁ ଯୋଜନା କଲ।
କେଉଁ ଅପରାଧ ଦଣ୍ଡ ରୁପେ ପ୍ରଭୁ,
ଏମିତି ସମୟ କାହିଁକ ଦେଲ।।

ଜୀବନ ରୁ ଆଜି ଜୀବିକା କୁ ଫେଡି,
ଏ କେଉଁ ଗଣିତ ପଢାଇ ଦେଲ।
କରୁଣା ବଦଳେ କରୋନା ମିଶାଇ,
ଏମିତି ସମୟ କାହିଁକ ଦେଲ।।

ସମସ୍ୟାର ସବୁ ସାମଗ୍ରୀ କୁ ନେଇ,
ଏ ଯେଉଁ ବ୍ୟଞ୍ଜନ ପ୍ରସ୍ତୁତ କଲ।
ସ୍ବାଦ କୁ ଚଖାଇ କନ୍ଦେଇବା ପାଇଁ,
ଏମିତି ସମୟ କାହିଁକ ଦେଲ।।

ନିଆଁ ରେ ଜଳଲେ, ନିଶ୍ବାସେ ମରିଲେ,
ଭୂମିକମ୍ପ କରି କେତେ ଗ୍ରସିଲ।
କାଳର ସମସ୍ତ ରୂପ ଦେଖିବାକୁ,
ଏମିତି ସମୟ କାହିଁକ ଦେଲ।।

ବାକି ଥିଲ୍ ଯାହା ଜଳର ତାଣ୍ଡବ,
ଇଚ୍ଛା ମଧ୍ୟ ତା'ର ପୂରଣ କଲ।
ଅନାହାରେ ସତେ ମରଣ ବସିଛି,
ଏମିତି ସମୟ କାହିଁକ ଦେଲ।।

ଉଜାଡିବା ପାଇଁ ସଜାଡ କାହିଁକ,
ନିଜ ହାତେ ଯଦି ସୃଷ୍ଟି ରଚଲ ।
ଆଖିରେ ଲୁହର ଜୁଆର ପାଇଁକ,
ଏମିତି ସମୟ କାହିଁକ ଦେଲ।।

କେଉଁ ଅପରାଧ କରିଛି ମଣିଷ,
ଦୟାବନ୍ତ ହୋଇ ଦୟା ଭୁଲିଲ।
ଦାରୁଣ ଦୁଃଖ ଯେ ଅତିଥି ସାଜିଛି,
ଏମିତି ସମୟ କାହିଁକ ଦେଲ।।

ବରୀ, ଯାଜପୁର

# ସୂକ୍ତିସୁଧା



ପ୍ରବୋଧ ଚନ୍ଦ୍ର ମୁଦ୍ରା

କ ସୁନ୍ଦର ସତେ ଅତି ମନୋହର, ଏହି ଯେ ବିଶ୍ୱବ୍ରହ୍ମାଣ୍ଡ ।
ବିଧାତାଙ୍କ ସୃଷ୍ଟି ଅତୀବ ବିଚନ୍ଦ୍ର, ଲ୍ଗଇ ପରମାନନ୍ଦ ।୧ ।
ବିଶାଳ ପୃଥ୍ୱୀ ଯେ ବିଭ୍ଣ୍ଡର ସମ, ଗଗନ ଅଟେ ପିଧାନ ।
ଦହନ ଶକ୍ତିର ଆଧାର ଯେ ସୂର୍ଯ୍ୟ, ଦିବାଗ୍ନି ଯେ ଇନ୍ଧନ ।୨ ।
ମାସ-ଋତୁ ଦୁହେଁ ଚଟୁ ସମ କାର୍ଯ୍ୟ, କରନ୍ତି ପରିଘଟନ ।
କାଳ ଯେ ପାଚକ ରୂପରେ ପ୍ରାଣୀଙ୍କୁ, ସଦା କରଇ ରନ୍ଧନ ।୩ ।
ଅନିତ୍ୟ ଅଟଇ ଏହି ସଂସାରଟା, ଏହା ଅଟେ ସତ୍ୟ ବାର୍ତ୍ତା ।
ଆପଣାକୁ ନର ଚରଞ୍ଜିବୀ କହେ, ଏ ବଡ ଆଶ୍ଚର୍ଯ୍ୟ କଥା ।୪ ।
ସମୟ ସ୍ରୋତରେ ସମସ୍ତ ପ୍ରାଣୀ ଯେ, ଯାଆନ୍ତି ଯମ ସଦନ ।
ତଥାପି ମନୁଷ୍ୟ ଅମର ହେବାକୁ, ବଳାଇଥାଏ ଯେ ମନ ।୫ ।
ସଂସାରେ ସେ ନର ଅଟେ ମହାସୁଖୀ, ଶାକ-ତଣ୍ଡୂଳ ଯେ ଖାଏ ।
ଅପ୍ରବାସୀ ହୋଇ ଆପଣା କୁଟୀରେ, ଋଣୀ ଯେ ହୋଇ ନଥାଏ ।୬ ।
ବେଦ-ଧର୍ମଶାସ୍ତ୍ର-ପୁର୍ାଣ ବାକ୍ୟ ଯେ, ମୁନି-ଋଷିଙ୍କ ବଚନ ।
ବିବାଦୀୟ ଅଟେ ସମସ୍ତେ ପ୍ରମାଣ, ପ୍ରଶସ୍ତ ଯେ ମହାଜନ ।୭ ।
ମହାଜନ ଯେଉଁ ନୀତି-ଆଦର୍ଶରେ, ହୁଅଇ ଅନୁପ୍ରାଣିତ ।
ସେହି ସନ୍ମାର୍ଗଟି ସଦା ଧେୟ ହେଉ, ଯାହା ହୋଇଛି ଦର୍ଶିତ ।୮ ।
କାଳର କବଳେ ସର୍ବେ କବଳତ, ଏହା ଅଟେ ଧ୍ରୁବସତ୍ୟ ।
କେଉଁ ଶକ୍ତିଶାଳୀ ତାକୁ ରୋକିବାକୁ, ନୁହେଁ କଦାପି ସମର୍ଥ ।୯ ।
ସମୟ ରଜ୍ଜୁରେ ଆବଦ୍ଧ ଯେ ପ୍ରାଣୀ, ଭୋଗୁଥାନ୍ତି ସୁଖ-ଦୁଃଖ ।
କୃତକର୍ମ ଫଳ ଅବଶ୍ୟ ଭୋକ୍ତବ୍ୟ, ନ ହୋଇ କଦା ବିମୁଖ ।୧୦ ।

ଶ୍ରେଷ୍ଠ ଜନ୍ମ ଅଟେ ମାନବ ଜୀବନ, ମର୍ତ୍ତ୍ୟରେ ତାହା ଦୁର୍ଲଭ ।
ଜ୍ଞାନାର୍ଜନ କରି ହୁଅଇ ସେ ଶ୍ରେଷ୍ଠ, ବିଦ୍ୟା ପୁଣି ସୁଦୁର୍ଲଭ ।୧୧ ।
ଉଚ୍ଚ କୁଳେ ଜନ୍ମ ଅଟେ ଦୈବାୟତ, ପୌରୁଷତ୍ୱ ମଦାଧୀନ ।
ଏପରି ଭାବନା କରିଣ ମନୁଷ୍ୟ, ଅର୍ଜିଥାଏ ଯଶ-ମାନ ।୧୨ ।
ବ୍ୟକ୍ତିର ପୁରୁଷ ପଣିଆଟି ଅଟେ, ଦୟା-ସ୍ନେହ-ଉପକାର ।
ସତ୍ୟ-ଧରମ ପଥେ ଚଳେ ଯେଉଁ ନର, ସିଏ ମାନବରେ ସାର ।୧୩ ।
ଜଗତେ କେବଳ କର୍ମ ହିଁ ଇଶ୍ୱର, ଏହା ଯେ ଶାସ୍ତ୍ର ପ୍ରମାଣ ।
କର୍ମ ବିନା ନର ହୁଏ ହତଶିରୀ, ନ ଲଭେ ଖ୍ୟାତି-ସମ୍ମାନ ।୧୪ ।
ଅକୃତ୍ୟ କର୍ମଟି ସଦା ପରିହାର୍ଯ୍ୟ, ଯଦି ଗ୍ଳଲିଯାଏ ପ୍ରାଣ ।
କର୍ତ୍ତବ୍ୟକୁ କେବେ ତ୍ୟାଗ ନ କରିବା, ତାହା ଧର୍ମ ସନାତନୟ ।୧୫ ।
ମହାତ୍ମାମାନଙ୍କ ଏକତ୍ୱ ଭାବନା, କର୍ମ-ମନ ଓ ବଚନ ।
ସ୍ୱକୀୟ ଧର୍ମରେ ରହିଣ ଅଟଳ, କରନ୍ତି ସତ୍କର୍ମମାନ ।୧୬ ।
ମନରେ ଚନ୍ତିତ କାର୍ଯ୍ୟକ୍କୁ କଦାପି, ବଚନେ ପ୍ରକାଶ ନ କର ।
ଅନ୍ୟ ଦ୍ୱାର୍ ସେହି ଲକ୍ଷିତ କାର୍ଯ୍ୟର, ନ ହୁଏ କେବେ ସଫଳ ।୧୭ ।
ଧୈର୍ଯ୍ୟ-ବୁଦ୍ଧି ପୁଣି ଉତ୍ସାହ-ସାହସ, ଶକ୍ତି ଆଉ ପରାକ୍ରମ ।
ଯେଉଁଠାରେ ଷଡଗୁଣ ରହିଥାଏ, ଦେବ ହୁଅନ୍ତି ପ୍ରସନ୍ନ ।୧୮ ।
ଯେଉଁଠାରେ ନାରୀମାନଙ୍କୁ ସର୍ବଦା, କରାଯାଏ ସୁସମ୍ମାନ ।
ସକଳ ଦେବତା ସର୍ବେଦ ସେଠାରେ, କରିଥାନ୍ତି ଯେ ଭ୍ରମଣ ।୧୯ ।
ଅହିଂସା ଯେ ଅଟେ ପରମଧରମ, ଅହିଂସା ଯେ ଶ୍ରେଷ୍ଠ ତପ ।
ପରମ ସତ୍ୟଟି ଅଟଇ ଅହିଂସା, ଧର୍ମର ସେ ପରିମାପ ।୨୦ ।

ସାଙ୍କୁଡା, ଗଞ୍ଜାମ, ଓଡିଶା

# ଲୋକ ଗୀତରେ ପଲ୍ଲୀ ବଧୂର ଜୀବନ



ବାସନ୍ତୀ ଲତା ଜେନା

ସୃଷ୍ଟି କର୍ତ୍ତାଙ୍କ ଅପୂର୍ବ ସରଂଚନାରେ ପଲ୍ଲୀ ବଧୂର ଜୀବନ ଅତ୍ୟନ୍ତ ମନୋରମ ଓ ସରଳ । ତାର ହୃଦୟ କୋମଳତାର ପରିପୂର୍ଣ୍ଣ । ଖୁବ କମରେ ସେ ସନ୍ତୁଷ୍ଟ ହୋଇ ଥାଏ । ସ୍ନେହ, ପ୍ରେମରେ ସେ ସମସ୍ତଙ୍କୁ ଆପଣାର କରି ନଏ । ଘରର ଗୁରି କାନ୍ଥ ମଧ୍ୟରେ ଶଙ୍ଖା ସିଂଦୂରର ତାର ଦିନ ସରି ଯାଏ । ଓଡ଼ିଆ ଘର ଚଳଣିରେ ସଂସ୍କୃତି ପରମ୍ପରାକୁ ଖୁବ ମାନ୍ୟତା ଦିଆ ଯାଏ । ବାର ମାସରେ ତେର ପର୍ବ ପାଳନ କରା ଯାଏ । ସେ ସବୁକୁ ଓଡ଼ିଆଣୀ ପଲ୍ଲୀ ବଧୂ ପାଳନ କରେ । ଲୋକ ଗୀତ କେଉଁ ଆଦିମ କାଳରୁ ମନର ଭାବନାକୁ ପରି ପ୍ରକାଶ କରାଏ । ଲୋକ ଗୀତ ହେଉଛି ମୌଖିକ । ଭାବ ପ୍ରବଣତାର ମାଧ୍ୟମ । ଭାରି ଶ୍ରୁତି ମଧୁର । ଯେତେ ଶୁଣୁ ଥିଲେ ଆହୁରି ଶୁଣିବାକୁ ଇଛା ହୁଏ । ଲୋକ ଗୀତକୁ ଦୁଇ ଭାଗରେ ବିଭକ୍ତ କରା ଯାଇ ଥାଏ । ଗୋଟିଏ ପଟରେ ନାରୀ ଅନ୍ୟ ପଟରେ ପୁରୁଷ । ନାରୀ ମାନେ ଲୋରି, କାନ୍ଦଣା ଗୀତ, ରଜ ଦୋଳି ଗୀତ ଗାଆନ୍ତି । ପୁରୁଷ ମାନେ ନାଉରିଆ, କୃଷି ଗୀତ ରଜ ଗୀତ ଋତୁ ଅନୁଯାଇ ଗୀତ ଗାଆନ୍ତି । ଓଡ଼ିଆ ମାନେ ଲୋକ ଗୀତ ମାଧ୍ୟମରେ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖି ଥାନ୍ତି ।

ଝିଅ ଯେତେ ବେଳେ ତା ବାପ ଘରେ ଥାଏ, ତାର ସାଙ୍ଗ ସାଥି ମାନଙ୍କ ସହିତ ପୁଚ ଖେଳୁ । ଖେଳାଳି ବେଳେ ଗୀତ ଗାଉଥିଲା ।

***ପୁଚ ଲୋ ପୁଚ***

ଯା ଯା ତୁ ଲୁଚ
ଗହୀର ବିଲରେ ମଇଁଷି
ଧାନ କେରି କେରି ଖାଉଚ
ଅଡେଇ ଦେଏରେ ବେହେରା ଭାଇ

ବହୂ ବାପ ଘର ଯାଉଚ ।

*ଠିଆ ପୁଚ ନାରଙ୍ଗ
ଗୋଡ଼ ଦିଟା ସାରଙ୍ଗ
ସାରଙ୍ଗ ବାଡ଼ିକୁ ଯାଇଥିଲି
ସାରଙ୍ଗ ଶୁଖୁଆ ଆଣିଥିଲି ।

***ଚକା ଚକା ଭଉଁରୀ***
ମାମୁଁ ଘର ଚଉଁରି ।

ଝିଅ ଯେତେ ବେଳେ ବଡ଼ ହୁଏ, ବାହା ହୋଇ ଶାଶୁ ଘରକୁ ଯାଏ । ଶାଶୁ ଘରର କଡା ନୟମ ଶୁଣି ତାର ମନ ଭୟ, ଦରଦରେ ଭରି ଯାଇ ଥାଏ । ସେ କାନ୍ଦଣା ମାଧମରେ ତାର ଦୁଃଖକୁ ପ୍ରକାଶ କରେ ।ବାପା, ମା, ଭାଇ, ଭାଉଜ, ସାଙ୍ଗ ସାଥି ସମସ୍ତଙ୍କୁ ଧରି ବାହୁନ କାନ୍ଦି ଥାଏ ।ବାପ ଘରକୁ ସ୍ୱର୍ଗ ପୁର ଓ ଶାଶୁ ଘରକୁ ନର୍କ ପୁର, ଯମ ପୁର ବୋଲି କହି କାନ୍ଦି ଥାଏ ।

***ସାଙ୍ଗକୁ ଧରି କାନ୍ଦିବା* :-**
*ନଡ଼ିଆର ଫୁଲ ପେନ୍ଥାକୁ ପେନ୍ଥା ଲୋ
ମୋ ସୁନା ଫୁଲ
କାଲି ଠାରୁ ମୁଖ ତୋର ସପନ ଲୋ
ମୋ ସୁନା ଫୁଲ
କାହାକୁ କହିବି ମନର କଥା ଲୋ
ମୋ ସୁନା ଫୁଲ
ଶାଶୁ ଘର ବେଡି ମୋ ପାଦେ ଛନ୍ଦା ଲୋ,
ମୋ ସୁନା ଫୁଲ
ସବୁ ସାଙ୍ଗ ସାଥି ଏକାଠି ହେବ ଲୋ
ମୋ ସୁନା ଫୁଲ
ତୁମ ପାଖେ ମୁହିଁ ଆଉ ନ ଥିବି ଲୋ

ମୋ ସୁନା ଫୁଲ
ଭୁଲି ଯିବ ନାହିଁ ଋଣ ରହିଲା ଲୋ
ମୋ ସୁନା ଫୁଲ
କପରି ଛାଡିକ ରହିବି ମୁହିଁ ଲୋ
ମୋ ସୁନା ଫୁଲ
ଶାଶୁ ଘର ନୁହେଁ ଅସୁର ପୁର ଲୋ
ମୋ ସୁନା ଫୁଲ ।

*ବାପାଙ୍କୁ ଧରି*

ତୁମର ଥିଲି ମୁଁ ଗେହ୍ଲା ଦୁହିତା ହେ ବାପା
ଝିଅ ବୋଲି ମୋତେ କରିଲ ପର ହେ ବାପା
ମନର ତୁମର ଛନ୍ଦ ତ ଥିଲା ହେ ବାପା
ଜନ୍ମ ବେଳେ ମୋତେ ମାରି ନ ଦେଲ ହେ ବାପା
କେମିତି ବଞ୍ଚିବି ସଭିଙ୍କୁ ଛାଡ଼ି ହେ ବାପା ।

ପଲ୍ଲୀ ବଧୂ ସକାଳରୁ ଉଠିବା ଠାରୁ ରାତ୍ରି ଶୋଇବା ପର୍ଯ୍ୟନ୍ତ ସେ କାମରେ ଲାଗି ଥାଏ । ସକାଳୁ ଉଠି ବାସୀ ପାଇଟି ସାରି ସ୍ନାନ ଶୌଚ ସାରି ତୁଳସୀରେ ପାଣି ଦିଏ । ଧୂପ ଦୀପ ଦେଇ ପୂଜା କରେ । ତାପରେ ଠାକୁର ପୁଜା କରେ । ଘର ଲୋକଙ୍କ ପାଇଁ ଗୃ ଜଳଖିଆର ବ୍ୟବସ୍ଥା କରେ । ତା ପିଲାଙ୍କୁ ଖାଇବାକୁ ଦେଇ ସ୍କୁଲକୁ ପଠାଏ ।ତା ପରେ ମଧ୍ୟାହ୍ନ ଭୋଜନ ପାଇଁ ରୋଷାଇ କରେ ।

*ଗୀତ*

ଦିନରେ ରାନ୍ଧିଲି ମାଛ ତରକାରୀ
କରିଲି ବାଇଗଣ ଭଜା
ସଜନୀ ଗୋ କରିଲି ବାଇଗଣ ଭଜା
ରାତିରେ ରାନ୍ଧିବି ବଡି ଶୁଖୁଆକୁ
ଖାଇବା ଲାଗିବ ମଜ୍ଜା
ସଜନୀ ଗୋ ଖାଇବା ଲାଗିବ ମଜ୍ଜା ।

ଓଡ଼ିଆଣୀ ବୋହୂ ଏକ ସାଙ୍ଗରେ ଏକାଧିକ କାମ କରିଥାଏ । ଅତିଥି ଆସିଲେ ପ୍ରଣାମ କରେ। ଗୋଡ଼ ଧୋଇବାକୁ ପାଣି ଦିଏ । ଜଳ ପାନର ବ୍ୟବସ୍ଥା କରେ । ବୁଢା ବୁଢ଼ୀ ହୋଇଥିଲେ ତାଙ୍କ ପାଦରେ ତେଲ ମାଲିଶ କରି ଦିଏ । ନଜ ଶାଶୁ ଶଶୁରଙ୍କ ସେବା କରେ । ନଣନ୍ଦ ଦେବରଙ୍କ କଥା ଶୁଣେ । ମନ ଜାଣି କାମ କରି ଦିଏ ।

***ଗୀତ***

*ସ୍ୱାମୀ ଶଶୁରଙ୍କୁ ଯତନେ ବାଢ଼ିବି
ବାଢ଼ିବି ନଣନ୍ଦ ପାଇଁ
ପୁଅ ଝିଅଙ୍କୁ ଖୁଆଇଣ ଦେବି
ଶୋଆଇବି ଖଟେ ନେଇ ।

*ସମସ୍ତଙ୍କ ସେବା କରି ଦିନ ଗଲା*
ମୋ ପାଇଁ ସମୟ ନାହିଁ
ଖଟି ଖଟି ମୁହିଁ ବିଛଣାକୁ ଗଲେ
ସ୍ୱାମୀ ଗାଳ ଖାଉ ଥାଇ ।
ସଙ୍ଗାତ ଗୋ ସ୍ୱାମୀ ଗାଳ ଖାଉ ଥାଇ ।

ଏହା ମଧ୍ୟରେ ଓଡ଼ିଆଣୀ ବହୂ ଓଷା ବ୍ରତ କରି ଥାଏ । ପୁନେଇ ପର୍ବରେ ଘରେ ପିଠା ପଣା କରେ । ସାହି ପଡିଶା ବାଣ୍ଟେ । ଶୁଭ ଦିନ ମାନଙ୍କରେ ଚଉଁରାରେ, ଘର ଅଗଣାରେ ଝୋଟି ଦିଏ, ମାର୍ଗଶୀର ମାସରେ ମାଣ ବସାଏ । ଲକ୍ଷ୍ମୀ ପୂଜା କରେ ।

***ଗୀତ***

*ମାର୍ଗ ଶିର ମାସେ ମାଣ ବସା ହେବ ଘର ଦୁଆର ଲିପୁଛି
ଲକ୍ଷ୍ମୀ ଠାକୁରାଣୀ ବିଜେ କରିବେ ଲୋ
ଝୋଟି ଚତା ଦେଉ ଅଛି ।

ଓଡ଼ିଆଣୀ ବହୁ ପରମ୍ପରା ଅନୁଯାଇ ବିଭିନ୍ନ ପୁନେଇ ପର୍ବ ପାଳନ କରେ । ମକର, ଦୋଳ, ଚଇତି ପୁନେଇ, ରକ୍ଷୀ, ଗହ୍ମା, ରଜ, ଜନ୍ମାଷ୍ଟମୀ, ଗଣେଶ ପୂଜା, ସରସ୍ୱତୀ ପୂଜା, ଇତ୍ୟାଦି ଇତ୍ୟାଦି ପାଳନ କରିଥାଏ । ସବୁ ଠାରୁ ରଜ ଦୋଳ ଗୀତ ସୁନ୍ଦର ଓ ଚତାକର୍ଷକ ହୋଇ ଥାଏ । କାମ ଦାମ ସାରି ଯେତେ ବେଳେ ସେ ଦୋଳରେ ବସି ଦୋଳ ଖେଳେ ସେତେ ବେଳେ ସେ ଗୀତ ବୋଲି ଥାଏ ।

***ରଜ ଦୋଳ ଗୀତ***

**1.**ରଜ ଦୋଳ ହେଲା ସଜ
ସାରା ଓଡ଼ିଶାରେ ରଜ ମଉଜ ଲୋ
ଘରେ ଘରେ ସଜ ବାଜ
ସଙ୍ଗାତ ଲୋ
ଘରେ ଘରେ ସଜ ବାଜ ।

**2.**ବନସ୍ତେ ଡାକଲା ଗଜ
ବରଷକେ ଥରେ ଆସିଛି ରଜ ଲୋ
ଘେନ ନୂଆ ସଜ ବାଜ
ସଜନୀ ଗୋ ଘେନ ନୂଆ ସଜ ବାଜ ।

**3.**ପାଚଲା ବାଇଙ୍ଗ କୋଳ
ବେକରେ ନାଇଛୁ ଗଜରା ମାଳ ଲୋ
ଝୁଲାଅ ରଜର ଦୋଳ
ବଉଳ ଲୋ ଝୁଲାଅ ରଜର ଦୋଳ ।

**4.**ପାନ ଗୁଆ ଚୂନ ଥୋଇ
ବିଦେଶେ ରହିଲେ ମୋ କାନ୍ତ ଯାଇ ଲୋ, ରଜରେ ଫେରିଲେ ନାହିଁ
ବଉଳ ଲୋ
ମନ ଝୁରେ ତାଙ୍କ ପାଇଁ ।

**5.** ପାଚଲ୍ ନଡ଼ିଆ କତା
ପାଦରେ ନାଇଛୁ ସରୁ ଅଳତା ଲୋ,
ମୁଣ୍ଡରେ ଗୋଲାପୀ ଫିତା, ସଙ୍ଗାତ ଗୋ,
ହୋଇଛୁ ଜଗତ ଜିତା ।

ଏହି ପରି ଓଡ଼ିଶାର ଜାତୀୟ ଗଣ ପର୍ବ ରଜ ଖୁବ ଆନନ୍ଦ ଉଲ୍ଲାସରେ କଟି ଯାଇ ଥାଏ । ରଜ ତିନ ଦିନ କାଟିବା ପରେ ଚତୁର୍ଥ ଦିନରେ ବସୁମତୀ ସ୍ନାନ କରି ଭୂମି ପୂଜନ କରା ଯାଏ । ତା ପରେ ଓଡ଼ିଆଣୀ ପଲ୍ଲୀ ବଧୂ ତାର ନିତିଦିନିଆ କାମରେ ଲାଗି ପଡେ । ଓଡ଼ିଆଣୀ ଲୋକ ଗୀତରେ ପୋଷାକ, ଅଳଙ୍କାରର ସ୍ଥାନ ପାଇଥାଏ ।

*ଗୀତ*
ବୁଢ଼ୀ ସଜ ହୁଏ ଟୋକଙ୍କ ପରି ଲୋ
ସାହି ଟୋକା ଚଢ଼ାଅନ୍ତି
ବାଡ଼ି ଖଣ୍ଡେ ଧରି ବୁଢ଼ୀ ଗୋଡ଼ଉଛି
ଟୋକା ହସି ଗଡୁଛନ୍ତି ।

ଓଡ଼ିଆଣୀ ବହୂ ତାର ସ୍ୱାମୀକୁ ହୃଦୟ ଦେଇ ଭଲ ପାଇଥାଏ । ମନ ଜାଣି ସେବା କରେ । ସମସ୍ତଙ୍କୁ ଖୁସି ଦେବାକୁ ସେ ସର୍ବଦା ତତ୍ପର ଥାଏ । ପଲ୍ଲୀ ବଧୂ ପ୍ରକୃତିର ଋଣୀ । ସେ ତାର ଛୁଆକୁ ଶୁଆଇଲା ବେଳେ ଗୀତ ଗାଇ ଥାଏ ।

*ଗୀତ*
ଧୋଅରେ ବାଇଆ ଧୋ
ଯେଉଁ କିଆରୀରେ ଗହଳ ମାଣ୍ଡିଆ ସେଇ କିଆରୀରେ ଶୋଉ ।
*
ନିଦ ମାଉସୀ ତୁ ଗୁଲିଆ ଧାଇଁ
ମୋ କୁନାକୁ ଟିକେ ପକାରେ ଶୋଇ ।

ବେଳେ ବେଳେ ଦେଖା ଯାଏ ଗରୀବ ଘରର ଝିଅ ଅର୍ଥ ଅଭାବରୁ ତାର ପିତା ବିବାହିତ ପୁରୁଷ ବୁଢା ବର ସାଥିରେ ବିବାହ କରି ଦେଇ ଥାଏ । କେତେକ କ୍ଷେତ୍ରରେ ଦେଖା ଯାଏ ଜମିଦାର ମାନେ ଗରିବଙ୍କୁ ଦେଇଥିବା କଳନ୍ତର ଟଙ୍କା ସୁଝି ନ ପାରିଲେ ତାର ଝିଅକୁ ବିବାହ କରିବାକୁ ମନ କରିଥାଏ । ଗରୀବ ବାପା ତାର ନିରୁପାୟ ହୋଇ ବିବାହ ଦେଇ ଥାଏ । ଝିଅଟିର ଇଛା ନ ଥାଏ । ବାଧ୍ୟ ବାଧକତାରେ ବିବାହ କରେ । ତା ମନର କ୍ଷୁବ୍ଧ, ରାଗ, ଘୃଣା ସବୁକୁ ସେ ତାର କାନ୍ଦଣା ମାଧ୍ୟମରେ ବୁକୁ ଫଟାଇ କାନ୍ଦି କାନ୍ଦି କହି ଥାଏ ।

*ବୋଉକୁ ଧରି କାନ୍ଦିବା*

ଝିଅ ଜନ୍ମ ମୋତେ କାହିଁକି ଦେଲୁ ଲୋ ବଉ,
ଏନ୍ତୁଡ଼ି ଶାଳରୁ ମାରି ନ ଦେଲୁ ଲୋ ବଉ,
ବୁଢା ବର ସାଥେ ବିବାହ ଦେଲୁ ଲୋ ବଉ,
କେମିତି ରହିବି ସେ କଂସ ପୁରେ ଲୋ ବଉ,
ଶାଗୁଣା ପରି ମୋତେ ଝିଣି ଖାଇବେ ଲୋ ବଉ,
କାହା କଥା ମୁହିଁ କେତେ ସହିବି ଲୋ ବଉ,

ଲୋକ ଗୀତରେ ନାରୀ ନିଜ ମନରୁ ଗୀତ ସୃଷ୍ଟି କରି ଥାଏ । ତା ଗୀତରେ କେତେବେଳେ ଦୁଃଖ, ଯନ୍ତ୍ରଣା, କଷ୍ଟ ଫୁଟି ଉଠି ଥାଏ ତ କେତେ ବେଳେ ବିଶ୍ୱାସ, ଖୁସି, ଆନନ୍ଦର ସୁଅ ଛୁଟି ଥାଏ । ନାରୀ ନିଜେ ସର୍ବଂସହା ମମତା ମୟୀ ଜନନୀ, ସ୍ନେହ ପ୍ରଦାୟିନୀ, ସୃଜନ କାରିଣୀ ।

ପଲ୍ଲୀ ବଧୂ ଉଠରେ କଥା କଥାରେ ଲୋକ ଗୀତ, ଢଗ ଢମାଳି ଫୁଟି ଉଠି ଥାଏ ।

*ଗୀତ*

ପରକୁ ନିଜର କେତେ କରିବି ଲୋ
ତଥାପି ସରୁନି ଦିନ
କଥା କଥାକରେ ବାପ ଘର ଖୁଣ୍ଟା
କାନ୍ଦୁ ଅଛି ମୋର ପ୍ରାଣ ।

ଓଡିଆଣି ଚରିତ୍ର ଲୋକ ଗୀତରେ ବାସ୍ତବ ପ୍ରତିଛବି ପରିସ୍ଫୁଟିତ ହୋଇ ଥାଏ । ଲୋକ ଗୀତ ମନକୁ ଖୁସି ଦିଏ । ପ୍ରତ୍ୟେକ ଅନୁଭୂତିକୁ ଗୀତ ମାଧ୍ୟମରେ ପରି ପ୍ରକାଶ କରି ଥାଏ । ଲୋକ ଗୀତ ଜଣଙ୍କ ଠାରୁ ଅନ୍ୟ ଜଣେ ଶିଖି ଗାନ କରନ୍ତି ତ କଏ ନିଜେ ନିଜେ ଗୀତ ସୃଷ୍ଟି କରିଥାନ୍ତି ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମା ଓ ମାତୃଭୂମି



ପ୍ରକାଶ ଚନ୍ଦ୍ର ପଣ୍ଡା

ଦୁଇ ଧାର ରକ୍ତ
ବୋହି ଯାଉ ଏହି
ଶରୀର ରୁ ତୋ ପାଇଁ,
ତୋ କୋଳେ ବଢିଛି
କେତେ ମୁଁ ଖେଳଛି
ଧନ୍ୟ ମୁଁ ଜନମ ନେଇ ।

ତୋ ବକ୍ଷ ଅମୃତ
ପାଣି ପବନରେ
ଏ ଶରୀର ମୋର ଗଢା
ଏ ଜୀବନେ ଆଉ
ଅଧିକ ମୋ ପାଇଁ
ଆଉ କଛି ନାହିଁ ଲୋଡା ।

ମାଆ ମାତୃଭୂମି
ଜାଗା ହୃଦୟରେ
ନେଇ ପାରିବେନ କେହି
ଜନ୍ମଦାତ୍ରୀ ଜନେ
ପାଳୁଅଛି ଆନ
ସତେ କ ଅମୂଲ୍ୟ ଦୁଇ ।

ଆଜି ତୋର ସେବା
ମୋ ପାଇଁ ଅବା
ଜୀବନେ କ ବଡ ଆଉ
ଶେଷ ଶ୍ୱାସ ଜପୁଥାଏ
ତୋର ନାମ ସଦା ରହୁ ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ବାୟୁ ବୀର ରାଫେଲ



ଅନାମ ଚରଣ ସାହୁ

ଜଳ, ସ୍ଥଳ, ବାୟୁ ସେନା ଲାଗି ବହୁ
ଦେଶ ଅରଜିଛି ଯଶ
ବିଶ୍ୱେ ଅଦ୍ୱିତୀୟ ଆମେ ଭାରତୀୟ
ଶତ୍ରୁ କରିପାରୁ ବଶ।
ବିଜୟୀ ବିକ୍ରମ ଗଗନେ ତୁରଙ୍ଗ
ରାଫେଲ ଅଜୟ ଶକ୍ତି
ଅମ୍ବାଲା ବିମାନ ଘାଟି ସ୍ୱାଭିମାନ
ଲେଖୁଛି ବିଜୟ କୀର୍ତ୍ତି।
ପ୍ରଖର ବେଗରେ ନଭେ ଗତିକରେ
ଶବଦଠୁ ମହାବଳୀ
ଶତ୍ରୁ ଶିବିରରେ ଆତଙ୍କ ଖେଳାଏ
ଅଟେ ବିଶ୍ୱେ ଶକ୍ତିଶାଳୀ।
ଅଭିନନ୍ଦନଙ୍କ ସମ ବଳବାନ
ବୀର ଭରା ବାୟୁସେନା
ଡରନ୍ତି, ଥରନ୍ତି ଆଣିଥାନ୍ତି କ୍ରାନ୍ତି
ହୃଦୟ ଜିଣନ୍ତି ସିନା।

ବାୟୁ ବୀର ଆମ ସାହସୀ ରାଫେଲ
ଦମନ କରିବେ ଅରି
ଭାରତ ସେନାଙ୍କ ଶକ୍ତି ବଢାଇବ
କିଏ ହେବ ତାହା ସରି।
ଚୀନ, ପାକସ୍ଥାନ ହୁଅ ସାବଧାନ
ସଂଯତରେ ଥାଅ ରହି
ନୋହିଲେ ରାଫେଲ ପ୍ରାଣ ବିନାଶିବ
ରକ୍ଷା ନକରିବେ କେହି।

ବିଭୂତିପୁର, କାକଟପୁର, ପୁରୀ

# ହେ ଗାନ୍ଧୀ ଫେରିଆସ ଥରେ



ଭାରତୀ ସାହୁ

ହେ ଗାନ୍ଧୀ ଫେରିଆସ ଥରେ,
ଦେଖିଯାଅ ତୁମ ସ୍ୱପ୍ନର ଭାରତ
ମନଟା ହୋଇବ ଖୁସି ଦେଖିଦେଲା ପରେ,

ପରାଧୀନ ଭାରତକୁ ସ୍ୱାଧୀନତାର
ସ୍ୱାଦ ଚଖେଇ ଠିକ କରିଛ କି ଭୁଲ
ନିଶ୍ଚୟ ଜାଣି ପାରିବ, ଥରେ ବୁଲି
ଦେଖିଲା ପରେ ।

ନିଜ ଜୀବନକୁ ବାଜି ଲଗେଇ,
ନିଜର ପରିବାରକୁ ଭୁଲି, ନିଜର ସୁଖ ସ୍ୱପ୍ନକୁ
ପଛରେ ପକାଇ, ଅନେକ ଥର ବନ୍ଦୀ ଜୀବନ କାଟି,
ଯେଉଁ ଭାରତକୁ ସୁନାର ଭାରତ ତିଏ କରି
ଗଢି ତୋଳିବାର ସ୍ୱପ୍ନ ଦେଖିଥିଲ,
ଇଏ କଣ ସେଇ ସୁନାର ଭାରତ ବର୍ଷ !
ଜାଣି ପାରିବ ଦେଖିଲେ ଆଖିରେ ।

ହଜି ଯାଇଛି" ଅହିଂସା" ଶବ୍ଦ,
ପ୍ରେମ ନାହିଁ ଖାଲି ଘୃଣା, ପ୍ରତାରଣା,
ଛଳନାରେ ଭରିଛି ଏଇ ବେଇମାନ
ମଣିଷଙ୍କ ମନରେ ।

ଆସ ଆସ ଗାନ୍ଧିଜୀ,
ଦେଖିବ ଆସ, କେତେ ନିଷ୍ଠୁର
ଏ ମଣିଷ ଜାତି, ସ୍ୱାର୍ଥ ପାଇଁ କିଛିବି
କରି ପାରୁଛି ଆଜିର ମଣିଷ,
ଭାଇ ଭୁଶୁଛି ଛୁରୀ ନିଜ ଭାଇ ଦେହରେ ।

ସ୍ୱାର୍ଥ ପାଇଁ ପୁଅ ଭୁଲିଯାଉଛି ପିତା ମାତାଙ୍କୁ,
ସ୍ୱାର୍ଥ ପାଇଁ ଭୁଲିଯାଉଛି
ଝିଅ ତାର ପରିବାରକୁ, ସ୍ୱାର୍ଥ ପାଇଁ ସ୍ତ୍ରୀ
ତାର ସିନ୍ଦୂରକୁ ଭୁଲି ଯାଇ
ବନ୍ଧା ପଡୁଛି ଆଉ ପାଖରେ ।

ସ୍ୱାର୍ଥ ପାଇଁ ବନ୍ଧୁ ଭୁସୁଛି ଛୁରୀ
ବନ୍ଧୁ ପେଟରେ, ସ୍ୱାର୍ଥ ପାଇଁ
କେତେ ମଣିଷଙ୍କ ରକ୍ତରେ ହୋରି
ଖେଳୁଛି ମଣିଷ, ଦେଖିଯାଅ ଗାନ୍ଧିଜୀ,
ଏଠି ମଣିଷ କିଛିବି କରିପାରେ ।

ଏ ସମାଜର କିଛି ଅସହାୟ
ମଣିଷଙ୍କ ମୁହଁରେ ଯିଏ ଟିକେ ହସ ଫୁଟାଉ ଥିଲା,

ଭୋକଲା ପେଟରେ ଦୁଇ ମୁଠା ଦାନା ଦେଇ
ଯିଏ ଟିକେ ଖୁସି ବାଣ୍ଟୁଥିଲା,
ତାକୁ ବି  ସ୍ୱାର୍ଥପର ମଣିଷ ବାଟରୁ ହଟେଇ ଦଉଛି,
ଦେଖିଯାଅ ତମ ସ୍ୱପ୍ନ ଆଜି କେତେ ଦୂରେ ।

ହେ ଗାନ୍ଧୀ ଆଉ ଥରେ ଫେରି ଆସ,
ଅହିଂସାର ମନ୍ତ୍ର ସବୁରି
କାନରେ କହିଦିଅ, ଶିଖେଇ ଦିଅ
ସ୍ନେହ, ପ୍ରେମ, ଭଲ ପାଇବା ।
ସ୍ୱାଧୀନତା ନାଆଁରେ,
ସ୍ୱେଚ୍ଛାଚାରିତାକୁ ଆପଣେଇ ନେଇଥିବା
ଏ ମଣିଷଙ୍କୁ ବୁଝେଇ ଦିଅ,
ଶୃଙ୍ଖଳାହୀନ, ଲଜ୍ଜ୍ୟାହୀନ ହେଲେ,
ଏ ସମାଜ ନିଶ୍ଚୟ ଆଗେଇ ଯିବ
ଧ୍ୱଂସ ପଥରେ, ଧ୍ୱଂସ ପଥରେ,
ହେ ଗାନ୍ଧୀ ଫେରି ଆସ ଆଉ ଥରେ
ଫେରି ଆସ ଆଉ ଥରେ ।

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ଅଦିନ ମେଘ



ସ୍ୱାଗତ ମିଶ୍ର

ମୋ ଜୀବନେ ଆସିଥିଲା ଦିନେ
ଏମିତି ଏକ ଅଦିନ ମେଘ
ସେଦିନ ନଥିଲା ସତ ଆକାଶେ
କଳାହାଣ୍ଡି ଭସା ବଉଦ
ମୋ ହୃଦର ସ୍ପନ୍ଦନ ଶୁଭୁଥିଲା ମତେ
ଯେମିତି ଘଡ଼ଘଡ଼ିର ଶବଦ ।
ନିଦାଘର ଝାଞ୍ଜି ମାଡ଼ରେ
ଶୁଷ୍କ ଥିଲା ତନୁ ଆଉ ମନ
ଆଦ୍ୟ ଆଷାଢ଼ର ପହିଲି ସ୍ପର୍ଶରେ
ବିଜୁଳି ଚମକ ଖେଳଥିଲା ମୋ ଶରୀରେ
ପୁଲକିତ ହୋଇଥିଲା ପ୍ରାଣ ।
ମେଘ ଆଣିଥିଲା ଗ୍ଳେର୍‌ ବହଇ
ଇନ୍ଦ୍ରଧନୁର ଅଷ୍ଟମ ରଂଗ
ସେ ରଂଗ ମୋ ପାଇଁ କଳଙ୍କ ସାଜିଲା
ଯେତେ ଛଡ଼େଇଲେ ଛାଡୁନାହିଁ କେବେ
ମୋ ମନରୁ ସେ ଅଲିଭା ଦାଗ ।

ମେଘ ଗୁଲିଗଲା ତାହାର ବାଟରେ
ହେଲା ମୋର ମୋହ ଭଂଗ
ଦେଖିଲି ଯେବେ ମୁଁ
ତା' କୁଆପଥର ମାଡ଼ରେ
କ୍ଷତାକ୍ତ ହୋଇଥିଲା ମୋ ଅଙ୍ଗପ୍ରତ୍ୟଙ୍ଗ ।
ଅଦିନ ମେଘଟା ଆସିଥିଲା
ଖବର ନଦେଇ ମତେ
ଛାଡ଼ିଗୁଲିଗଲା ମିଠା ସ୍ମୃତି ଦେଇ କେତେ
ଧନ୍ୟ ମୋର ଜୀବନ
ସଭିଙ୍କୁ ସେ ଫାଙ୍କିଦେଲା ହେଲେ
ମୁଁ ଜାଣିଥିଲି ଅଦିନ ମେଘ
ମୋ ପାଇଁ ଥିଲା ଅଭିଶପ୍ତ ପ୍ରେମ ।

ପଦ୍ମାଦେଇପୁର, ନୟାଗଡ

# "ମାଟିର ଜାତି - ମାଟିର ସଂସ୍କୃତି" କୁମ୍ଭାର ସଂପ୍ରଦାୟ ଓ ତା'ର ସୃଜନଶୀଳତା



ଚତୁର୍ଭୁଜ ରଣା

ମାଟିକୁ ହାତର ଯାଦୁଗରୀ ସ୍ପର୍ଶ ଦେଇ ତାକୁ ମୃଣ୍ମୟ କୃତି କରିପାରେ କେବଳ କୁମ୍ଭାର ସଂପ୍ରଦାୟ । ସେଥିପାଇଁ ବୋଧେ ଏହି କୁମ୍ଭକୁ ଆକାର ଦେଇଥିବାରୁ ତାର ନାମ କୁମ୍ଭାର । ମାଟି ପାତ୍ର ଠାରୁ ଆରମ୍ଭ କରି ଅନେକ ସୌଖିନ ସାମଗ୍ରୀ ସୃଷ୍ଟି କରିବାରେ ସେ ସିଦ୍ଧହସ୍ତ ଓ କୁଶଳୀ କାରିଗର । ଓଡିଶାର କୁମ୍ଭକାର ସଂପ୍ରଦାୟ ମାନଙ୍କର ସୃଜନଶୀଳତାର ପରାକାଷ୍ଠା ପ୍ରଦର୍ଶନ ହୁଏ ତାଙ୍କର ଏହି ମାଟି କାମ ମାଧ୍ୟମରେ ଯେଉଁଠି ସେମାନେ ସୃଷ୍ଟି କରନ୍ତି ଅନେକ ସୁନ୍ଦର ମାଟି ପଦାର୍ଥ ।

ବୈଜ୍ଞାନିକ ପରି ସେମାନେ ବାଛନ୍ତି ମାଟିକୁ । ମାଟି ସହ ଉପଯୁକ୍ତ ପରିମାଣର ବାଲି ମିଶାଇ ଚକଟି ସୃଷ୍ଟି କରନ୍ତି ମାଟି ପିଣ୍ଡୁଳା । ଏହି ମାଟି ପିଣ୍ଡୁଳାକୁ କୁମ୍ଭାର ଚକ ମାଧ୍ୟମରେ ଏକ ବିଶେଷ ପଦ୍ଧତି ମାଧ୍ୟମରେ ବୁଲାଇ ସୃଷ୍ଟି କରନ୍ତି ମାଟିର ମୃଣ୍ମୟ ମାଟିପାତ୍ର ।

ଏହି କୁମ୍ଭାର ଚକର ଉଦ୍ଭାବନ ତାକୁ ଜଣେ ବିଶିଷ୍ଟ ସୃଜନଶୀଳ ଉଦ୍ଭାବକ ଭାବରେ ପରିଚୟ ଦିଏ । କାରଣ ଏହି ଚକ ବିନା ଯନ୍ତ୍ରରେ ବିନା ମୂଲ୍ୟରେ କେବଳ ହାତ ଦ୍ୱାରା ଏକ କାଠ ଖଣ୍ଡର ମୁନିଆ ସ୍ଥାନରେ ରଖି ଘୁର୍ଣ୍ଣନ କରନ୍ତି । ଯାହା ଏକ ଭାରସାମ୍ୟ ସହ ଘୂରିଥାଏ । ଯାହାକୁ ଯେ କେହି ମଧ୍ୟ ନ ଦେଖିବା ପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ ।

ଏହାସହ କଞ୍ଚାମାଟିରୁ କଞ୍ଚା ମାଟି ପାତ୍ର ତିଆରି କରିବାପରେ ତାକୁ ପୋଡିବା ସମୟରେ ଯେଉଁ କୁଶଳତା ଓ ବିଦ୍ଧିମତାର ପ୍ରୟୋଗ କରି ଅଗ୍ନିସଂଯୋଗ ହୁଏ ଓ ଯେପରି ଭାବରେ ସେଠାରଏ ମାଟିପାତ୍ରକୁ ସାଇତି ରଖାଯାଏ ସେପଦ୍ଧତି ଦେଖିଲେ ଯେ କେହି ମଧ୍ୟ ଆଶ୍ଚର୍ଯ୍ୟ ନ ହୋଇ ରହିପାରିବ ନାହିଁ ।

ବିବାହ ଓ ପର୍ବପର୍ବାଣି ପାଇଁ ବିଭିନ୍ନ ମାଟିର ଛୋଟ ଦୀପ, ମାଟିପାତ୍ର ତଥା ଅନ୍ୟାନ୍ୟ କୃତି ଗୁଡିକରେ ବାରିହୋଇ ପଡେ କୁମ୍ଭକାର ସଂପ୍ରଦାୟର ସୃଜନଶୀଳତା । ବିବାହ ବେଦୀ ପାଇଁ

"ରଖାବତୀ" (ଦୀପ) ବିଭିନ୍ନ ଧରଣର କଳା କୃତି ଥିବା ମାଟିପାତ୍ର ତିଆରି କରି ସେଥିରେ ବିଭିନ୍ନ ରଙ୍ଗଦେଇ ତାକୁ ବରପାତ୍ର ଘରକୁ ଦିଆଯାଇଥାଏ ।

ଏହା ସହ ଗ୍ରାମ ଦେବୀଙ୍କ ପୂଜା ସମୟରେ ତଥା ଓଡିଆ ଜାତିର ଦେବତା ଶ୍ରୀ ଜଗନ୍ନାଥଙ୍କ ପ୍ରସାଦ ନିମନ୍ତେ ମଧ୍ୟ ମାଟିପାତ୍ର ଓ ପୂଜା ପାଇଁ ସ୍ୱତନ୍ତ୍ର ଧରଣର ପ୍ରଦୀପ ପାତ୍ର ପ୍ରସ୍ତୁତ କରି ପଠାଇଥାଏ ଏହି କୁମ୍ଭକାର ସଂପ୍ରଦାୟ ।

ଆଜିକାଲି ନିତ୍ୟ ବ୍ୟବହାର୍ଯ୍ୟ ଅନେକ ବାସନକୁସନ କୁମ୍ଭକାର ମାଟିରେ ତିଆରି କରି ବିଭିନ୍ନ ରଙ୍ଗଦେଇ ତାକୁ ବଜାରରେ ବିକ୍ରି କରିଥାଏ । ଏହା ସହ ବିଭିନ୍ନ ଘରସଜ୍ଜା ସାମଗ୍ରୀ ତଥା ସୌଖିନ ଦ୍ରବ୍ୟ ଗୁଡିକ ତିଆରିକରି ବିଭିନ୍ନ ଲୋକ ମହୋତ୍ସବର ପଲ୍ଲୀଶ୍ରୀ ମେଳାରେ ପ୍ରଦର୍ଶନ କରିଥାଏ, ଯାହା କୁମ୍ଭକାରର ସୃଜନଶୀଳତାର ଜ୍ୱଳନ୍ତ ନିଦର୍ଶନ । ବର୍ତ୍ତମାନ ସମୟରେ ବିଭିନ୍ନ ମୂର୍ତ୍ତି, ଘରର ସୌଖିନ ସାମଗ୍ରୀ, ଖପର ତଥା ପ୍ରକୃତିକୁ ସୁଚିତ କରୁଥିବା ସୌଖିନ ସାମଗ୍ରୀ ସୃଷ୍ଟି ନିଜର ସୃଜନଶୀଳତାର ପରିଚୟ ଦିଏ ।



ମାଟି ପାତ୍ର ଗଢ଼ା ପ୍ରକ୍ରିୟା -୧ ମାଟି ପାତ୍ର ଗଢ଼ା ପ୍ରକ୍ରିୟା -୨



ମାଟି ପାତ୍ର ଗଢ଼ା ପ୍ରକ୍ରିୟା -୩



କୁମ୍ଭାର ମାଟି ଗାଳ



ମାଟି ପେଣ୍ଡୁଲା ପ୍ରସ୍ତୁତି -୧ ମାଟି ପେଣ୍ଡୁଲା ପ୍ରସ୍ତୁତି -୨

## ବୈଜ୍ଞାନକ ମନୋବୃତ୍ତି ଓ କୁମ୍ଭକାର –

ଭୌଗୋଳକ ଦୃଷ୍ଟିରୁ ଭୂଖଣ୍ଡର ମୃତ୍ତିକା ସ୍ତର ଭିନ୍ନ ଭିନ୍ନ । କେଉଁଠି ବାଲିମିଶା ତ କେଉଁଠି ଦୋରସା ଓ କେଉଁଠି ମଟାଳ ବା ଚକଟା । କୁମ୍ଭକାର ଟି ପ୍ରଥମ ପର୍ଯ୍ୟାୟରେ ହାଣ୍ଡି ନର୍ମାଣ ପାଇଁ କେଉଁ ମାଟି ସାହାଯ୍ୟରେ ସମସ୍ତ ପ୍ରକାର ଭାଣ୍ଡ ଓ ପାତ୍ର ତିଆରି ହୋଇପାରିବ ସେଥିପାଇଁ ମାଟି ଗୁଡିକୁ ସଂଗ୍ରହ କରି ପରୀକ୍ଷା ନରୀକ୍ଷା କରିବା ସମୟରେ ନଶ୍ଚିତ ବିଫଳ ହୋଇଥିବ । କାରଣ ଆଜକୁ ହଜାର ହଜାର ବର୍ଷ ପୂର୍ବେ ମାଟି ହାଣ୍ଡିର ସୃଷ୍ଟି। ସେତେବେଳେ କେଉଁ ଭୂତତ୍ତ୍ୱବିତ ଥିଲେ ଯିଏ  କୁମ୍ଭାର ଯାଇ ତାକୁ ପଚ୍ଚରି ବୁଝିବ ଯେ କେଉଁ ପ୍ରକାର ମାଟିରେ ଭାଣ୍ଡ ସବୁ ଗଢା ହୋଇପାରିବ ବୋଲି ।

ପୁଣି ସେହି ହାଣ୍ଡି ଗୁଡିକ ଏପରି ହେବ ଯାହାଦ୍ୱାର୍ ସେଥିରେ ପାଣି ରହିବ, ପାଣି କଢାହେବ, ପାଣି ସିଦ୍ଧ ହେବ ଓ ସେଥିରେ ନାନାଦି ଖାଦ୍ୟର ରନ୍ଧା କାର୍ଯ୍ୟ କର୍‌ଯିବ । ଏହାସହ ମୃତ୍ତିକାରେ ନର୍ମିତ୍ତ ହାଣ୍ଡି ଗୁଡିକୁ ପୋଡିବା ପାଇଁ ସେ ନଶ୍ଚିତ କଛିକାଳ ପରୀକ୍ଷା ନରୀକ୍ଷା କରିଥିବ । ଏହା ସହ ମୃତ୍ତିକାକୁ କପରି ଭାବରେ ଚକଟା ଯାଇ ମୃତ୍ତିକାରେ କେଉଁ ପଦାର୍ଥ ମିଶ୍ରଣ ହେଲେ ମୃତ୍ତିକା ଶକ୍ତ ବା ଟାଣ ହୋଇପାରିବ । ସେ ନଶ୍ଚିତ ଭାବିଥିବ – ବାଲି, ପାଉଁଶ, ଚଷୁ ଆଦି ପଦାର୍ଥ କେତେ ପର୍ମାଣରେ କେଉଁ ପାତ୍ରରେ ଦରକାର ଏହା ନଶ୍ଚିତ ଗବେଷଣାମୂଳକ ହୋଇଥିବ ।

ସେହିପରି ମାଟି ନର୍ମିତ ଭାଣ୍ଡ ବା ପାତ୍ର ଗୁଡିକ କେତେ ପରିମାଣରେ ଶୁଖିଥିବା ଆବଶ୍ୟକ ଏବଂ ପୋଡା ହେବା ପୂର୍ବରୁ କେତେ ଉତ୍ତାପ ଦ୍ୱାର୍ ପୋଡା ଗଲେ ଭାଣ୍ଡ ଗୁଡିକର କୌଣସି କ୍ଷତି ନହୋଇ ଭଲ ରହିବ, ଏହା ବର୍ତ୍ତମାନ ଯୁଗରେ ଭୂତତ୍ତ୍ୱବିତ ମାନେ ମଧ କହିବା ସମ୍ଭବ ନୁହେଁ । ମାତ୍ର ଆମ୍ଭମାନଙ୍କୁ ଭାବିବା ଉଚତ ଯେ ଏସବୁ କର୍ମ-କୌଶଳ ହଜାର ହଜାର ବର୍ଷ ପୂର୍ବରୁ କୁମ୍ଭକାରମାନଙ୍କ ଦ୍ୱାର୍ ହୋଇଆସୁଛି । ଏହି କର୍ମ କରୁଥିବା ଲୋକ ନଶ୍ଚିତ ଜଣେ ଉର୍ବର ମସ୍ତିଷ୍କ ସମ୍ପନ୍ନ ବ୍ୟକ୍ତି ଏବଂ ପଦାର୍ଥ ନର୍ମାଣର ଉଦ୍ଭାବନ କର୍ତ୍ତା ନ ହୋଇଥିବ କାହିଁକ?

ପୁଣି କୁମ୍ଭକାର ମାନଙ୍କ ଦ୍ୱାର୍ ମଣିଷ ଖାଦ୍ୟ ଗ୍ରହଣରେ ସଂସ୍କାର ପାଇଛି କାର ପାତ୍ରରେ ପାକବିଧି ଓ ପାତ୍ର ପ୍ରଦାନ କୁମ୍ଭକାର ମାନଙ୍କ ଦ୍ୱାର୍ ହୋଇଛି ଯାହାର ଜ୍ୱଳନ୍ତ ନଦର୍ଶନ । ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମରେ କେଉଁ କେତେ ବର୍ଷ ପୂର୍ବରୁ ମାଟିହାଣ୍ଡି ପ୍ରଚଳନ ହୋଇ ମହାପ୍ରସାଦ ଗୁଡିକ କୁଡୁଆ ମାଧ୍ୟମରେ ପ୍ରଦାନ କର୍‌ଯାଉଛି ।

ଏହାସହ କୁମ୍ଭକାର ହିଁ ପ୍ରଥମ ଶିଳ୍ପର ଉଦଘାଟକ ଭାବରେ ପୃଥିବୀରେ ଜନସାଧାରଣଙ୍କ ପାଇଁ ହାଣ୍ଡି, ମାଠିଆ, ସରା, ଗଡୁ, କଢେଇ, ଧୂପଦାନ, ସୁରେଇ, କୁଡଆ, ଟାଇଲ, ଖପର, ଇଟା, ମାଟି ଘୋଡା, ତୁଳସୀ ଚଉରା, ମାଟି ସଙ୍ଖା, ସିନ୍ଦୁର ଫରୁଆ ତଥା ଅନେକ ସୌଖିନ ସାମଗ୍ରୀ ତିଆରି କରି ଆସୁଛି ।

ଏହିସବୁ ପଦାର୍ଥ ତିଆରି କରିବାକୁ ହେଲେ ବର୍ତ୍ତମାନ ଯୁଗରେ ଯନ୍ତ୍ର ଚାଳିତ ମେସିନ ନହେଲେ କୌଣସି ପ୍ରକାରେ ହୋଇ ପାରିବନାହିଁ, କିନ୍ତୁ ସେତେବେଳେ କୁମ୍ଭକାର ଜଣକ ନିଜ ଗବେଷଣା ଦ୍ୱାରା ଏକ ହାତ ତିଆରି ଚକ ନିର୍ମାଣ କରିଥିଲା । ଯାହା ନିଜ ପାଖରେ ରହିଥିବା ପଦାର୍ଥ ଗୁଡିକୁ ନେଇ ପୁଣି ତାହା ମଧ୍ଯ ସ୍ୱଳ୍ପ ମୁଦ୍ରା ଯୁକ୍ତ, ପରିବେଶ ପ୍ରଦୂଷଣ ବିହୀନ । କେବଳ କାଠ ସାହାଯ୍ୟରେ ଗୋଟିଏ ଚକ ନିର୍ମାଣ କରି ସେ ଚକ ପୁଣି ଗୋଟିଏ ସ୍ଥାନରେ ରହିବ, ଗଡିବ ନାହିଁ ଏବଂ ଘଣ୍ଟାକୁ ୨୦ ରୁ ୪୦ କ.ମି. ବେଗରେ ବୁଲିବ, ତା ମଧ୍ଯରେ ଏକ ସ୍ଥାନରେ ମାଟି ପିଣ୍ଡଟି ରହିବ, ଏହାର ପୁଣି ବ୍ରେକ ନାହିଁ । ଏହାର ଗତି କିପରି ହ୍ରାସ ପାଇବ ଓ ଘୂରିବାବେଳେ ବୁଲିଲା ବେଳେ ସେ ମାଟି ଚକ ଠାରୁ ଅଲଗା ନହୋଇ ଭାଣ୍ଡ ନିର୍ମାଣ ହୋଇପାରିବ, ଏଥିରେ କିଛି ଛାଞ୍ଚ କି ଫର୍ମା ନାହିଁ । ସେ ଚକ ବୁଲିବାକୁ ବ୍ୟାଟେରୀ ବା ତେଲ ଆବଶ୍ୟ ନୁହେଁ । ନିଜର ହାତ ବୁଲାଇବ ଏବଂ ହାଣ୍ଡି ନିର୍ମାଣରେ ହାତର ଭାରସାମ୍ୟ ଦ୍ୱାରା ହାଣ୍ଡି ନିର୍ମାଣ ହେବ ।

ବର୍ତ୍ତମାନ ଯୁଗରେ ବିଜ୍ଞାନର ଏତେ ଅଗ୍ରଗତି ହେବା ସ୍ଥଳେ ମଧ୍ଯ କୌଣସି ବୈଜ୍ଞାନିକ ନାହାନ୍ତି ଯିଏ ମାଟି ଖୋଦନରୁ ଚକଟି କିମ୍ବା ଅନ୍ୟ କୌଣସି ସାହାଯ୍ୟରେ ତାକୁ ପୋଡି ହାଣ୍ଡିଟି ନିଖୁଣ ଭାବେ ତିଆରି କରି ଦେଖାଇ ଦେବ । ଏହା କେବଳ ଅଭ୍ୟାସଗତ କୁମ୍ଭକାର ପକ୍ଷରେ ସମ୍ଭବ । ଏହାହିଁ ତାର କ୍ଷମତା ଓ ସୃଜନଶୀଳତା । ଏଣୁ ଏହି ଘୂରିବାବେଳେ ବିଶିଷ୍ଟ ଚକଟିର ନିର୍ମାଣ କର୍ତ୍ତା କୁମ୍ଭକାର ତାକୁ ପ୍ରଥମଉଦ୍ଭାବକ ବା ବୈଜ୍ଞାନିକ କୁହାଯିବା ଅବାଞ୍ଛିତ ନୁହେଁ ।





ପୋଡା ମାଟି ପାତ୍ର



ମାଟି ପାତ୍ର ପୋଡା ପ୍ରକ୍ରିୟା



ବଜାରରେ କୁମ୍ଭାର

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ କୁମ୍ଭକାର ସଂପ୍ରଦାରର ସୃସନଶୀଳତା ପୁଣି ଏହି ଚକକୁ ଅନୁକରଣକରି ପରବର୍ତ୍ତୀ ପୀଢିର ବଳଦ ଗାଡି, ରଥ, ମୋଟର ଗାଡି ଇତ୍ୟାଦିର ସୃଷ୍ଟି ହୋଇଛି । ଏଣୁ ଏହି କୁମ୍ଭକାର ର ଚକ ହିଁ ମଣିଷ ଜାତିର ପ୍ରଗତୀର ରଥ, ଏଥିରେ କୌଣସି ଦ୍ୱିମତ ନାହିଁ ।

ଗବେଷକ ଉତ୍କଳ ବିଶ୍ୱବିଦ୍ୟାଳୟ

# ଗୁରୁ ହିଁ ଜଗତେ ଶ୍ରେଷ୍ଠ



ଅଧ୍ୟାପକ ଶରତ କୁମାର ଦାସ

ଗୁରୁ ମାତା ଗୁରୁ ପିତା ଗୁରୁ ଧର୍ମ
ଗୁରୁ ହିଁ ସରବ ଦେବ,
ଗୁରୁ ହିଁ କେବଳ ଜଗତରେ ଶ୍ରେଷ୍ଠ
ଗୁରୁ ସମ କିଏ ହେବ !

ଗୁରୁ ହିଁ ଅଟନ୍ତି ବ୍ରହ୍ମା, ବିଷ୍ଣୁ ପୁଣି
ମହେଶ୍ୱରଙ୍କର ରୂପ,
ସରଳ ହୃଦରେ ପୂଜିବା ଆସରେ
ଦେଇ ଭକତିର ଧୂପ ।

ଗୁରୁ ହିଁ ମୁକତି ଗୁରୁ ହିଁ ଶକତି
ଗୁରୁ ବିନା ନାହିଁ ଗତି,
ଗୁରୁଙ୍କ ଆଶିଷ ସରଗର ଗନ୍ଧ
ବହଳ ଅନ୍ଧାରେ ବତି ।

ସମରପି ଦେବା ହସି ହସି ଆମେ
ଶରଧାର ଯେତେ ଫୁଲ,
ଜୀବନ ଆମର ହେବ କୁସୁମିତ
କିଏ ହେବ ତା'ର ତୁଲ !

ଗୁରୁ ତ ଅଟନ୍ତି ଆଲୋକର ଦୀପ
ଅଜ୍ଞାନ ଅନ୍ଧାର ହଟେ,
ଜ୍ଞାନର ସୂରୁଜ ଉଏଁ ଆକାଶରେ
ଚଉଦିଗ ବାଟ ଫିଟେ ।

ମିଛ ଦୁନିଆରେ ସତ ସେ ଈଶ୍ୱର
ଗୁରୁ ନାମେ ସଦା ଜଣା,
ପୂଜା ଉପଚାରେ କରନାହିଁ ହେଳା
କରନାହିଁ ମନ ଊଣା ।

ଏକଲବ୍ୟ ହେଲେ ବୀର ଧନୁର୍ଦ୍ଧର
ଅନେକରେ ମଧ୍ୟେ ଏକ,
ଗୁରୁ ଦ୍ରୋଣାଚାର୍ଯ୍ୟ କଲେ ଆଶୀର୍ବାଦ
ରଖିଲେ ସେ ତାଙ୍କ ଟେକ ।

ଶିଷ୍ୟ ଉପମନ୍ୟୁ ଗୁରୁଙ୍କ ଆଶିଷେ
ଫେରି ପାଇଲେ ସେ ଆଖି,
ବିଷଫଳ ଖାଇ ଅନ୍ଧ ହୋଇଥିଲେ
ଧରମ ତ ଥିଲା ସାକ୍ଷୀ ।

ଗୁରୁ-ଶିଷ୍ୟଙ୍କର ପରମ୍ପରା ଏହି
ମହାନ ଏ ମାଟି ପରେ,
ଗୁରୁଙ୍କ ଆଶିଷେ ଅମୃତର ଧାର
ମରତରେ ସିନା ଝରେ ।

ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର

# ବାରଙ୍ଗନା!



ବିକାଶ କୁମାର ମଲ୍ଲୀକ

ମୋ ବେଶ, କମର, ନାଇ ଦେଖେଇ
ଗର୍‌ଖ କଣିବା, ଜଳ ଜଳ ଯନ୍ତ୍ରଣାକୁ ସହିଯିବା
ମୋତେ ବହି ନେଉଥିବା ଲୋକଟା
ନିଜ ମୁହଁରେ ରୁମାଲ ବାନ୍ଧି
ନିଜ ମୁହଁ ଲୁଚାଏ, ଦିନରେ ସମ୍ମାନ ବଂଚାଏ
ଅନ୍ଧାରରେ ମୋ ସହ ମଉଜ କରେ
ଭିତରେ ମୋତେ ଦୂର ଦୂର କରୁଥିବା
ସେହି ମଣିଷ ମୋ ଗୋଡ ତଳେ ଡହଳ ବିକଳ ହୁଏ
ମୋତେ ଫରକ ପଡ଼େନି,
ମୁ ଗୋଟେ ପରିଚତ ବାରଙ୍ଗନା!

ମୋ ଗର୍‌ଖ କେତେବେଳେ
କୁମରଗିରି ତ କେତେବଳେ ସାମନ୍ତ ବିଜଗୁପ୍ତ,
ମୋ ପାଇଁ ସଭିଏଁ ସମାନ, ସବୁ ପରୁଷଙ୍କ ପରି,
ପିପାଶାରେ ଭର୍‌, ବହୁରୂପିଆ
ନିଜ ବାସନା ପାଖରେ ବନ୍ଧା,
ପର୍‌ସ୍ତ କୁମରଗିରି, ଶରଣାର୍ଥୀ ବିଜଗୁପ୍ତ!
କେତେ ଅଜାତଶତ୍ରୁଙ୍କୁ ମୋ ଦେହ ବାଟକୁ ଆଣିଛି,
କେତେ ଜୀବନ ବଞ୍ଚାଇ ଥିବା,
ମୃତ ମଣିଷ ଟେ ମୁଁ,
କେତେବେଳେ ଅନାରକଲି ତ କେବେ ଆମ୍ରପାଲି,
କେତେ ରାଜ୍ୟ ବଞ୍ଚାଇ ଥିବା ଦୋଷୀ ବାରଙ୍ଗନା ମୁଁ!

ମୋ ଶବ ରେ ଜୀବନ ପାଇଛି ଏ ସମାଜ,
କେତେ ବାଟ ବଣା, ଆତ୍ମା ହତ୍ୟା କୁ
ରୋକିଛି ମୋ ସ୍ପର୍ଶ,
ଗ୍ବରି କାନ୍ଥ ରେ ମୋ ଦେହ,
କେବେଠୁ ଆତ୍ମା ତ୍ୟାଗି ସାରିଛି,
ସମାଜ କୁ ଦେହ ଟା ଦରକାର ବୋଲି,
ସେବାରେ ଲଗାଇ ଦେଇଛି,
ମନ ରୁ ଦେହ କେବେଠୁ ଦୂରେଇଯାଇଛି,
ପାପ ପୁଣ୍ୟ ର ଜଂଜାଳ କୁ,
କେବେଠୁ ପାଶୋରି ଯାଇଛି ନିର୍ଜୀବ ପରି
ମୋତେ ଫରକ ପଡ଼େନି,
ମୁ ଗୋଟେ ପରିଚତ ବାରଙ୍ଗନା!

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ

# ସଞ୍ଜ

ସମ୍ୟଜିତ ପାତ୍ର

ସଞ୍ଜ ଆସେ ନଇଁ ଦିଗବଳୟର ଆଢୁଆଳ ନେଇ,
ଦେହେ ମନେ ଚରମ ତୃପ୍ତି ଓ ସ୍ୱପ୍ନ ର ଇନ୍ଦ୍ରଜାଲ ବୁଣି ଦେଇ ।

ସଞ୍ଜ ଆସେ ନଇଁ ଖଗମାନଙ୍କର କାକଳରେ ମୁଖରିତ ହୋଇ,
ସମୀରରେ ଭାସି ଭବନକୁ ଫେରି ଆସିବାର ଖୁସିରେ ମନ ହୁଏ ଧଇଁସଇଁ।

ସଞ୍ଜ ଆସେ ନଇଁ ଭାଦ୍ରବ ମାସେ କାଶତଣ୍ଡୀଫୁଲ ଫୁଟିବାର ସମ୍ଭାର ସଜାଇ,
ସଞ୍ଜ ଆସେ ନଇଁ ସଙ୍ଗୀତର ମୂର୍ଚ୍ଛନା ଗାଇ।

ସଞ୍ଜ ଆସେ ନଇଁ କୁଳ ବଧୂର ହାତେ ଧୂପ,ଦୀପର ସମର୍ପଣରେ,
ବୃନ୍ଦାବତୀ ପାଖେ ସୌଭାଗ୍ୟବତୀ ହେବାର କାମନାରେ ।

ସଞ୍ଜ ଆସେ ନଇଁ ପୋଖରୀରେ ଇନ୍ଦୁର ଶୀତଳ କରଣ ନେଇ,
ସରୋବରରେ କଇଁଫୁଲକୁ ଫୁଟିବାର ସୁଯୋଗ ଦେଇ।

ଗ୍ରାମ/ପୋଷ୍ଟ-ଗଡିଆ
ଜିଲ୍ଲା-ମୟୂରଭଞ୍ଜ

# କଙ୍କାଳର ମୁକ୍ତି ଯାତ୍ରା

ଶୈଳାଧି ରାଜତନୟା ଶତପଥୀ

ଧୂଳି ଧୂସରିତ ଅତୀତ ର ମଲାଟଖୋଲି
ସ୍ୱାଧୀନତା ର ସ୍ମୃତିରେ
ନଡି ପଖାଳ ହୋଇ
ସାଉଣ୍ଟୁ ଥାଏ,
ବିଦେଶୀ ଅତର ଦିଆ
ପରାଧୀନତା ର ବାସ୍ନା,,,
ଚପଳ ସ୍ୱାଧୀନତା ଲେଖୁଥାଏ
ସମ୍ପର୍କ ର ନଆରା ଅନ୍ତାକ୍ଷରୀ,,
ପାପ ପୁଣ୍ୟ ର ପରିଧି ଡେଇଁ
କୁଆଁରୀ ପ୍ରେମ ର ଶିଳାନ୍ୟାସ କରି ।

ସ୍ୱାଧୀନତା ର ଉଦ୍ଧତ ପର୍ବରେ
ନରେଲା ଆକାଶରକପାଳରେ
ଆ ଙ୍କୁଥାଏ ସ୍ୱପ୍ନିଳ ବିନ୍ୟାସ,
କନ୍ତୁ, ପରାଧୀନତାର ବଳଷ୍ଠ ଚୁମ୍ବନ;
ଖୋଲି ଦିଏ କଟିର
ସଂଯମୀ ମେଖଳା,
ଅନାବୃତ୍ତ କରି ଅନାୟାସେ
ବୃନ୍ତର ପାଖୁଡା ପାଖୁଡା
ସ୍ତବ୍ଧ କରିଦେଇ
ଆୟୁଷ ର ସରହଦ,,,, ।

କ୍ରୁଦ୍ଧ କ୍ରୁଦ୍ଧ ବିକୃତ ସ୍ୱାଧୀନତା
ପୂର୍ଣ୍ଣ କରୁଥାଏ
ହୀନ ବୀର୍ଯ୍ୟ ର ଉତ୍ତେଜନା
ପରାଧୀନତା ର ଅମଡ଼ା ଶବ ଉପରେ
ସ୍ୱାଧୀନତା ର ପରସ୍ତ ପରସ୍ତ
ଓଢଣା ଟେକ ଦେଖୁଥାଏ
ସଂସ୍କାର ପରମ୍ପରା ର ଅନ୍ତରନାଦ,,
ଆଘ୍ରାଣରେ ଅନୁଭବ କରୁଥାଏ
ସ୍ୱାଧୀନତା ର ବିବଶ ସ୍ୱାଦ ।

ଆଜି ସ୍ୱାଧୀନତା ର ପିଚ୍ଛିଳ ରାସ୍ତାରେ
କାମୁକ ଇଚ୍ଛା ମାନଙ୍କର
ସ୍ୱଚ୍ଛନ୍ଦ ବିଚରଣ,,
ସାରୁପତ୍ରରେ ଟଳମଳ ହୁଏ
ମୁକ୍ତିର କେତେ ବଳ ଦାନ,
ବର୍ଷ ପୂର୍ତ୍ତି ର ଜୟ ଯାତ୍ରା,,
ଇତିହାସରେ ଉନ୍ନତିର ସୂଚୀପତ୍ର,,
କଙ୍କାଳର ବିଶୃଙ୍ଖଳତ ଜୀବନ ।

ଈଶ୍ୱର ଙ୍କୁ ସ୍ଥାଣୁ କରି
ଅଣ ଈଶ୍ୱରଙ୍କ ଚଂଚକତା ରେ
ପ୍ରଲୁବ୍ଧ ସ୍ୱାଧୀନତାର ବଧିର ପଣ,,
ଖୋଜୁଥିଲା ପରାଧୀନତା ରୁ ମୁକ୍ତି

ଚୈତ୍ୟ ସତ୍ତା ର
ପ୍ରକାଶ୍ତେ ଶୁଭୁଥିଲା
ପରାଜିତ ସ୍ୱେଚ୍ଛାଗ୍ଭରିତା ରେ
ଆହତ ସ୍ୱାଧୀନତାର
ତ୍ରାହିମାମ ର ଗୁଞ୍ଜରଣ
ମୁକ୍ତି ର କ୍ଷୀଣ  ନିକ୍ୱଣ......

ଏବେ ଗୋ ଧୂଳି ଲଗ୍ନରେ
ଅନ୍ଧାର ର ଆହ୍ଲାଦରେ
ଇତସ୍ତତଃ ସ୍ୱାଧୀନତା ର
ସ୍ବପ୍ନ  ଡି  ସାଉଁଟି ବାର ବେଳ
ବିହଙ୍ଗ ର ମୁକ୍ତ ଉଡାଣ ରେ
ବିଜୟ ର ନାଲି ଟୀକା ପିନ୍ଧି
ଜୈତ୍ର ଧ୍ୱଜା ଉଡ଼ାଇବାର ବେଳ,
ପୁନଃ ସ୍ୱାଧୀନତା କୁ ଉଜ୍ଜୀବିତ କରି
ସ୍ୱାଧୀନ ହେବାର ଲାଲ ଆମନ୍ତ୍ରଣ...

ପ୍ରଧାନ ଶିକ୍ଷକ (ଓ ଇ ଏ ସ 2),
ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,
ୟୁନିଟ 8, ଭୁବନେଶ୍ୱର

# ତୁଚ୍ଛ ସେଇ ପ୍ରାଣୀ...ମହତ ତାର ଶିକ୍ଷା!!



ଦେବଯାନୀ ସ୍ୱାଇଁ

ସେଦିନ ଗୁଡିୟା କଲେଜ୍ ରୁ କଣ ଗୋଟେ ବଡ ପ୍ଲାଷ୍ଟିକ ବ୍ୟାଗ୍ ରେ ନେଇକ ଆସିଥିଲା । ଆଉ ଘରେ ପଶୁପଶୁ ଚଲେଇକ କହିଲା, ମାମା...! ପାପା...! ଜଲ୍ଦି ଆସ ଦେଖିବ ଆଜି କଣ ଆଣିଛି, କହି ତର ତର ହେଇ ନିଜ ରୁମ୍ ଭିତରକୁ ପଶିଗଲା । ଗୁଡିୟାର ପାଟି ଶୁଣି ସୁଜାତା ରୋଷେଇ ଘରୁ ବାହାରି ଆସିଲେ ।

କେବେ କେବେ ସୁଜାତାଙ୍କ ଲାଗି ଗୁଡିୟା ମୁଂଗ ପକୋଡା ନହେଲେ ବଟାଟା ବଡା ଆଣିଥିଲେ ସେଇ ଡ୍ରଇଁ ରୁମ୍ ରେ ବ୍ୟାଗ୍ ରୁ କାଢି ଡାଇନିଂ ଟେବୁଲ ଉପରେ ରଖିଦିଏ | ହେଲେ ଆଜି କଣ ନିଜ ରୁମ୍ ରେ ପଶି ଜିନିଷ ଦେଖେଇବାକୁ ଡାକୁଛି!! ସୁଜାତା ଗୁଡିୟାର ପଛେ ପଛେ ତା ରୁମ୍ କୁ ପଶିଲେ । କଲେଜ୍ ବ୍ୟାଗ୍ କୁ ଖଟ ଉପରେ ଫୋପାଡି ଦେଇ ହାତରେ ଥିବା ପ୍ଲାଷ୍ଟିକ୍ ବ୍ୟାଗ୍ କୁ ନିଜ ପଢା ଟେବୁଲ୍ ଉପରେ ରଖିଲା ଗୁଡିୟା । ବ୍ୟାଗ୍ ଭିତରୁ ଧୀରେ କ ନୀଳ ରଙ୍ଗର ଗୋଟେ ଟ୍ରେ ବାହାର କରି ଟେବୁଲ୍ ଉପରେ ରଖିଲା । ସୁଜାତା ଦେଖିଲେ ଟ୍ରେ ଭିତରେ ଫିକା ସବୁଜ ରଙ୍ଗର ଅଣ୍ଡାକୃତ କାଠ ଗଣ୍ଡି ପରି କଣ ଗୋଟେ ଥୁଆ ହେଇଛି । ଗୁଡିୟା ଦୌଡି ଯାଇ ଗୋଟେ ବଡ ମଗ୍ ପାଣି ଆଣି ସେ ଟ୍ରେ ରେ ଢାଳିଲା । ସେ କାଠ ଗଣ୍ଡିରୁ ଏବେ ଦୁଇ ହାତ, ଦୁଇ ଗୋଡ ସହିତ ସରୁ ମୁହଁଟିଏ ବାହାରିଲା । ସେଇ ମୁହଂ ପାଖକୁ ନିଜ ମୁହଁ ନେଇ ଗୁଡିୟା କହିଲା,

"ହାଲୋ ସ୍କୁବି!! ମାମାକୁ ହାଲୋ ବୋଲୋ"

ସରୁ ମୁହଁରୁ ଦୁଇଟି କୁନି ଆଖି ଝପକଲା ସତେ ଯେମିତି ସେ ସୁଜାତାଙ୍କୁ ଅଭିବାଦନ ଜଣେଇଲା । ପଛରେ ଠିଆ ହେଇ ସବୁ ଦେଖୁଥିଲେ ସୌମେନ୍ଦ୍ର । ତାଙ୍କ ମୁହଁରେ ଖୁସି ଫୁଟି ଉଠୁଥିଲା । ଆରେ ଏ ତ ସିଂଗାପୁରିୟାନ୍ କଇଁଛ, କୋଉଠୁ ଆଣିଲୁ ଗୁଡିୟା !! କଇଁଛ ପିଠିରେ ହାତ ବୁଲେଇ ବୁଲେଇ ଗୁଡିୟା କହିଲା, ପାପା ମୋର ଗୋଟେ ସାଙ୍ଗ ଏହାକୁ

ପାଳଥିଲା । ସେମାନେ ସବୁ ବିଦେଶ ଯିବେ ରହିବାକୁ । ସେଥିଲାଗି ଯିବା ପୂର୍ବରୁ ମତେ ଦେଇଗଲା ।

ସୁଜାତା ଚୁପ୍ ଚୁପ ଠିଆ ହୋଇ ବାପା, ଝିଅଙ୍କ ଖୁସି ଦେଖୁଥିଲେ । ତାଙ୍କୁ ଏ ସବୁ ଜୀବଜନ୍ତୁ ବିଲକୁଲ୍ ଭଲ ଲାଗେନ । ପିଲାବେଳେ ତାଙ୍କ ସାନ ଭଉଣୀ ବହୁତ ଜୀବଜନ୍ତୁ ଆଣି ଘରେ ରଖେ । ସୁଜାତା କିନ୍ତୁ ସେ ସବୁର ପାଖ ମାଡନ୍ତିନ ।

ଥରେ ଗୋଟିଏ କୁକୁର ଆଣି ରଖିଥିଲା । ବୋଉର ତୁଳସୀ ଚଉରାରେ ସବୁବେଳେ ସୁ ସୁ କଲା । ରାଗିକି ବୋଉ ଦିନେ ବାଡେଇ ବାହାର କରିଦେଲା । ପୁଣି ଗୋଟେ ବିଲେଇ ପୋଷିଲା ଆଉ ସେଇ ବିଲେଇ ଦିନେ ସାନଭଉଣୀକୁ ହିଁ ରାମ୍ପୁଡି ଦେଲା । ଟିଟାନସ୍ ଇଂଜେକ୍ସନ୍ ଖାଇଲା ପରେ ବିଲେଇ ପାଳିବା ସଉକ ଗଲା । କିନ୍ତୁ ନୂଆ ସଉକରେ ନେଉଳ ଘରକୁ ଆସିଲା । ସେ ନେଉଳ ଖାଲି ପଞ୍ଜୁରି ଭିତରେ ପଶି ତାର ଖାଇବା ଖାଉଥିଲା ଆଉ ଶୋଉଥିଲା, ବାକି ସମୟ ପୁରା ଘର ସାରା ବୁଲୁଥିଲା । ଦିନେ ସୁଜାତା ଖରାବେଳେ ଟିଭି ଦେଖୁଦେଖୁ ସୋଫା ଉପରେ ଗଡି ପଡିଥିଲେ । ତାଙ୍କ ବେଣୀ ସୋଫା କଡରେ ଝୁଲି ପଡିଥିଲା । ସେ ନେଉଳ ଆସି ତାଙ୍କର ସେଇ ଝୁଲୁଥିବା ବେଣୀରେ ଝୁଲା ଖେଳିଲା । ନିଦ ଭାଙ୍ଗିଗଲା ସୁଜାତାଙ୍କର । ରାଗିକି ଯାଇ ସାନକୁ ଦି ବିଧା ଥୋଇଲେ । ସେ ଭି ଛାଡିବା ପିଲା ନୁହେଁ । ଗୁଳିଲା ଦି ଭଉଣୀଙ୍କ ବାଡିଆପିଟା । ବୋଉ ଆସି ଝଗଡା ସୁଝେଇଲା ଆଉ ସେଇ ଦିନଠୁ ନେଉଳ ବିଚରା ପୁରାଦିନ ପଂଜୁରୀ ରେ ରହିଲା ।

ନେଉଳ ସାଙ୍ଗରେ ଶୁଆ, ଠେକୁଆ, ମୟୂର, ଧଳା ମୂଷା, ଧଳା ପାରା ଏମିତି କେତେ ପ୍ରକାର ପଶୁପକ୍ଷୀ ତାଙ୍କ ସାନ ଭଉଣୀ ଆଣି ରଖେ । ସେଥିରୁ କେତେ ରହୁଥିଲେ କେତେ କୁଆଡେ ପଳେଇ ଯାଉଥିଲେ, କେତେଟା ପାରାକୁ କଟାସ ଖାଇ ଦେଉଥିଲା । ହେଲେ ଏତେ ସବୁ ଘଟଣା ପ୍ରତି ସୁଜାତା କେବେ ଧ୍ୟାନ ଦିଅନ୍ତିନ ।

ଆଉ ଆଜି ତାଙ୍କ ଝିଅ ବି ସେମିତି ଜଣେ ପଶୁ ପକ୍ଷୀ ପ୍ରେମୀ ହେଇ କୋଉଠୁ ଗୋଟେ କଇଁଛ ନେଇକି ଆସିଛି । ମନେ ମନେ ଖୁବ୍ ରାଗୁଥିଲେ ସେ । ହେଲେ ମନ ରାଗ ମନରେ ମାରି ଗ୍ରେଷେଇ ଘରକୁ ପଳେଇଲେ । ମନକୁ ସାନ୍ତ୍ୱନା ଦେଲେ, ହଉ ଛାଡ, କେବେଠୁ ଗୁଡିୟା ତାଙ୍କ ପଛରେ ପଡିଥିଲା ତାକୁ ଗୋଟେ ପେଟ୍ ଦରକାର । ତାର ସବୁ ସାଙ୍ଗମାନଙ୍କ ପାଖରେ କୁକୁର ଅଛି ଆଉ ସେ ଭି ଗୋଟେ କୁକୁର ଆଣି ପାଳିବ । ଯାହା ହେଉ କୁକୁର ଛୁଆ ଆଣିନ । ଏଇଟା ଛୋଟିଆ ଜୀବଟିଏ ତ! ଯାକୁ ହିଁ ପେଟ୍ ବନେଇ ପାଳୁଥାଉ ।

ରାତିରେ ଖାଇବା ବେଳେ ଗୁଡିୟା ସେ ଟ୍ରେ ରେ ଛୋଟ ଛୋଟ ଶାଗୁଆ ରଙ୍ଗର ଦାନା କେଇଟା ପକେଇ ଦେଲା । କଇଁଛ ଛୁଆଟି ତା ଖୋଳ ଭିତରୁ ମୁହଁ ବାହାର କରି ଟକ୍ ଟକ୍ ସେ ଦାନା ଗୁଡିକ ଖାଇଦେଇ ପୁଣି ମୁହଁକୁ ଖୋଳ ଭିତରେ ପୁରେଇ ଦେଲା । ଖାଇ ସାରିବା ପରେ ଗୁଡିୟା ତାକୁ ଟ୍ରେ ର ପାଣି ଭିତରୁ କାଢି ଗୋଟେ ଛୋଟ ତଉଲିଆରେ ଧୀରେ ଗୁଡେଇ ଧରିଲା ଆଉ ନିଜ ବେଡ୍ ର ଗୋଟିଏ କଣରେ ରଖି ଶୋଇଲା ଯେମିତି ଛୋଟ ପିଲାକୁ ସୁରକ୍ଷାର ସହିତ ଶୁଆଇ ଦେଇ ମା ତାର ଶିଶୁ ପାଖେ ଶୋଇପଡେ ।

ଦିନସାରା ସେ ତାର ପାଣି ଟ୍ରେରେ ଥାଏ ଆଉ ରାତିରେ ତଉଲିଆ ଭିତରେ ଗୁଡେଇ ହେଇ ଗୁଡିୟା ପାଖରେ ଶୁଏ । ଘରେ ଏବେ ଗୋଟେ ନୂଆ ଅତିଥି "ସ୍କୁବି" ର ଚର୍ଚ୍ଚା ଚାଲିଥିଲା । ଗୁଡିୟା ର ସାଙ୍ଗ ମାନେ ସବୁ ସ୍କୁବି କୁ ଦେଖିବାକୁ ଆସୁଥିଲେ । ସ୍କୁବି କୁ ହାତ ପାପୁଲିରେ ରଖି, କାନ୍ଧ ଉପରେ ରଖି ବିଭିନ୍ନ ପୋଜ୍ ରେ ଫଟୋ ଉଠା ହେଉଥିଲା । ଫଟୋ ସବୁ ଫେସ୍ ବୁକ୍, ଇନଷ୍ଟାଗ୍ରାମ୍ ରେ ଅପଲୋଡ୍ ହେଉଥିଲା । ଗୁଡିୟା ଏବେ ଜଣେ ଫଟୋଗ୍ରାଫର ବ ଯାଇଥିଲା । ସ୍କୁବି ର ସବୁ ଠାଣି ମାଣିକୁ ଫଟୋରେ କଏଦ୍ କରୁଥିଲା ।

ସୋସାଇଟିର ଛୁଆମାନେ ବେଳେବେଳେ ସ୍କୁବି ସହିତ ଖେଳିବାକୁ ଆସନ୍ତି । ଖେଳିଲା ବେଳେ ତା ଟ୍ରେ ସଫା କରି ସେଥିରେ ତାର ଖାଇବା ଦାନା ପକେଇ ଦିଅନ୍ତି । ତା ଲାଗି ଫ୍ରିଜ୍ ରେ ସବୁବେଳେ ଫୁଲକୋବି, ପାଳଙ୍ଗ ଶାଗ ରହିଥାଏ । ଚକେନ୍ ଆସିଲେ ତା ଲାଗି ଗୋଟେ ଛୋଟ ଖଣ୍ଡ ଅଲଗା ସିଝାହୁଏ । ସୋରିଷ ଦାନା ପରି ଖାଇବା ଖାଏ ସେ, ହେଲେ ତା ଖାଇବାକୁ ନେଇ ବହୁତ ଚିନ୍ତା କରେ ଗୁଡିୟା । ସପିଂଗ୍ ରୁ ସବୁଥର ସ୍କୁବି ଲାଗି ଭଳିକଭଳି ନୂଆ ଜିନିଷ ଆସେ । ସେ ଏବେ ଘରର ଜଣେ ସଦସ୍ୟ ଭାବେ ଗଣାଯାଏ । ସୌମେନ୍ଦ୍ର ଭି ଅଫିସ୍ ରୁ ଫେରି ଆଗେ ସ୍କୁବି କୁ ଖୋଜିପକାନ୍ତି ।

ସମୟ ଗଡି ଚାଲିବା ସହିତ ସ୍କୁବି ଭି ବଢି ଚାଲିଥିଲା । ବର୍ଷକ ଭିତରେ ସେ ମୁଠାଟିଏ ରୁ ପୁରା ହାତ ପାପୁଲି ମାପରେ ହେଇଗଲାଣି । ସେ ଆଉ ଏବେ ପୁରାଦିନ ଟ୍ରେ ଭିତରେ ରହୁନଥିଲା । ଟ୍ରେ ରୁ ବାହାରି ଆସି ଘର ସାରା ବୁଲୁଥିଲା । କୋଣ ଜାଗା ଦେଖି ଛପି ଯାଉଥିଲା । କେତେବେଳେ ସୋଫା ତଳେ ପୁଣି କେତେବେଳେ ଫ୍ରିଜ୍ ତଳେ ତ କେତେବେଳେ ଖଟ ସନ୍ଧିରେ ଯାଇ ଛପି ଯାଉଥିଲା । ତାକୁ ଖୋଜି ବାହାର କରିବା ଏବେ ଗୁଡିୟା ର ଗୋଟେ ନୂଆ କାମ ଥିଲା ।

ସେଦିନ ଗୁଡିୟା ତା ରୁମ୍ ଖୁବ୍ ସଜେଇଲା । କାନ୍ଥରେ ହାପି ବର୍ଥ ଡେ ସ୍କୁବି ର ପୋଷ୍ଟର ଲଗାହେଲା । ସନ୍ଧ୍ୟାରେ ଗୁଡିୟାର ସାଙ୍ଗ ମାନେ ସବୁ ଆସିଲେ । କୋକ୍, ପିଜା ପାର୍ଟି ହେଲା । ନାଚ ଗୀତରେ ଘର ଫାଟିଲା । ଗିପ୍ଟରେ ସାଙ୍ଗମାନେ ଗୁଡିୟାକୁ ଆଉ ଗୋଟେ ସିଂଗାପୁରିୟାନ କଇଁଛ ଦେଇକ ଗଲେ ଆଉ ତା ନାଁ ରଖାଗଲା "ସ୍ପିଡି" ।

ବାସ୍!! ଗୁଡିୟାର ଖୁସି କାହିଁରେ କଣ ।

ପୁଣି ତାକୁ ଗୋଟେ ନୂଆ ବେବୀ ଆଉ ସ୍କୁବିକୁ ତାର ଗୋଟେ ନୂଆ ସାଙ୍ଗ ମିଳଗଲା । ସ୍ପିଡି ଟିକେ ଛୋଟ ଥିଲା । ଦି ଜଣ ଯାଗ ସାଙ୍ଗ ହେଇ ଘର ସାରା ବୁଲୁଥିଲେ । ଆଗ ପଛ ବଡ ସାନ ଭାଇ ଭଉଣୀ ପରି ଗୋଟିଏ ସରଳ ରେଖାରେ ଗ୍ଭଲୁଥିଲେ । ବେଳେବେଳେ ଖାଇଲାବେଳେ ଟ୍ରେ ଭିତରେ ଖୁବ୍ ମରାମରି ହୁଅନ୍ତି । ସ୍କୁବି ନିଜକୁ ବଡ ବୋଲି ଜାହିର କରି ସ୍ପିଡିକୁ ମାରେ ଆଉ ସ୍ପିଡି ଯାଇ ସ୍କୁବି ପିଠି ଉପରେ ବସିପଡେ । ସେମାନଙ୍କର ଏମିତି ସବୁ ଲୀଳା ଖେଳା ଦେଖି ଗୁଡିୟା ଆଉ ସୌମେନ୍ଦ୍ର ଖୁବ୍ ଖୁସି ହୁଅନ୍ତି ।

ଯୋତା ସେମାନଙ୍କର ଏକ ପ୍ରିୟ ଜିନଷ ଥିଲା । କିଏ ବି କେବେ ଯଦି ଯୋତା ଷ୍ଟାଣ୍ଡ ଭିତରେ ଯୋତା ନପୁରାଇ ବାହାରେ ରଖିଲେ ସେମାନେ ଯାଇ ତା ଭିତରେ ଲୁଚୁଥିଲେ । ରାତିରେ ଗୁଡିୟା ତାର ଘର ପିନ୍ଧା ଚପଲ ଖଟ ତଳେ ରଖି ଶୋଉଥିଲା ଆଉ ସେମାନେ ତାର ଚପଲ ଉପରେ ଯାଇ ଶୋଉଥିଲେ । ଦିନେ ସେମାନେ ଆସି ସୁଜାତାଙ୍କ ଚପଲ ଉପରେ ଶୋଇଥିଲେ । ସେ ଜାଣି ନାହାଁନ୍ତି, ଚପଲ ପିନ୍ଧିବାକୁ ଯାଇ ସୁଜାତା ସେମାନଙ୍କ ଉପରେ ଗୋଡ ରଖିଦେଲେ । କେମିତି ଗୋଟେ ଅଡୁଆ ଅଡୁଆ ଲାଗିଲା । ଚଡିମିଡି ହେଇ ଚପଲକୁ ଏମିତି ଟାଣି ଆଣିଲେ ଯେ ଦିଟା ଯାକ ସେଇଠି ଓଲଟିକି ପଡିଲେ ଆଉ ଛାଟିପିଟି ହୋଇ ପୁଣି ସିଧା ହେଲେ । ସେମାନେ ତାଙ୍କର ଘର ଭିତରେ ଠୁକୁଠୁକୁ ହେଇ ବୁଲୁଥିବାବେଳେ ବହୁତ ଥର ସୁଜାତା ସେମାନଙ୍କ ଉପରେ ଗୋଡ ପକେଇ ଦିଅନ୍ତି । ହେଲେ ନିଜର ଭୁଲ୍ ସ୍ୱୀକାର କରିବା ବଦଳରେ ସେମାନଙ୍କ ଉପରେ ଚଡି ଉଠନ୍ତି ।

ସେମାନଙ୍କ ସବୁଠୁ ପ୍ରିୟ ଯାଗା ହେଲା ସୋଫା ତଳେ ଲୁଚିବା । ଆଉ ଯିଏ ଆସି ସୋଫାରେ ବସିବ ସେମାନେ ଧୀରେ ଆସି ପାଦ ଉପରେ ଚଢି ବସିଯିବେ । ସେମାନଙ୍କର ଏଇ ଅଭ୍ୟାସଟି ଗୁଡିୟା ହିଁ ଆରମ୍ଭ କରିଥିଲା । ଗୁଡିୟା ସବୁବେଳେ ଟିଭି ଦେଖିଲା ସମୟରେ ତାର ଦୁଇ ପାଦରେ ଦୁଇଜଣକୁ ବସେଇ ଦେଇ ଟିଭି ଦେଖିବ । ଗୁଡିୟା କହିବା ଅନୁସାରଏ ତା ପାଦକୁ ବହୁତ ଆରାମ ମିଳେ ସେମାନେ ଏମିତି ବସିଲେ । ସେମାନେ ଭି ପାଦ ଉପରେ

ଆଜ୍ଞାଧିନ ସନ୍ତାନ ପରି ବସି ରହନ୍ତି ଆଉ ମଝିରେ ମଝିରେ ସେମାନଙ୍କର ଧୀର ଗ୍ଭଲିରେ ପାଦର ଆଙ୍ଗୁଠିରୁ ଉପର ଗୋଇଠି ଯାକେ ଚଳପ୍ରଚଳ କରନ୍ତି ସତେ ଯେମିତି ପାଦର ମସାଜ୍ କରୁଛନ୍ତି । ସୌମେନ୍ଦ୍ର ଭି ସେମାନଙ୍କୁ ତାଙ୍କ ପାଦ ଉପରେ ବସାଇ ଖେଳାନ୍ତି ।

ଦିନେ ଗୁଡିୟା ଦି ଜଣକୁ ଆଣି ସୁଜାତାଙ୍କ ପାଦ ଉପରେ ଥୋଇଦେଲ୍ । ଏତେ ଯୋର୍ ରେ ସୁଜାତା ଗୋଡ ଛାଟି ଦେଲେ ଯେ ଦିଜଣ ଯାକ ଖଣ୍ଡେ ଦୂରରେ ଯାଇ ଛିଟିକ ପଡିଲେ ।

କଣ କରୁଛ ମାମା !! ଗୁଡିୟା ଋଗିକ ଗର୍ଜି ଉଠିଲ୍ ସୁଜାତାଙ୍କ ଉପରେ..."ଏତେ କଠୋର ଏତେ ନିର୍ଦ୍ଦୟୀ ତୁମେ । ଟିକେ ଭି ଦୟାମାୟା ନାହିଁ କ ଟିକେ ଭିଜାଗା ନାହିଁ ତୁମ ହୃଦୟରେ ସେମାନଙ୍କ ଲ୍ଗି"!!

ପ୍ରତ୍ୟୁତ୍ତରରେ ସୁଜାତା ବି ଋଗିକ କହିଲେ.... "ନା ନାହିଁ!! ଏ ଜୀବଜନ୍ତୁ ଗୁଡାକ ଲ୍ଗି ମୋ ହୃଦୟରେ ବିଲକୁଲ୍ ଜାଗାନାହିଁ ।"

ଆଜି ସୁଜାତାଙ୍କୁ କଛି ବି ଭଲ ଲ୍ଉ ନଥିଲ୍ । ମୁଣ୍ଡଟା କେମିତି ଗୋଟେ ଭ୍ରି ଭ୍ରି ଲ୍ଗୁଥିଲ୍ । ମନ ଭିତରେ କେତେ ଦିନରୁ ଋଗ ରହି ରହି ମୁଣ୍ଡକୁ ଓଜନଆ କରୁଛି । ଏମିତି ତୁ ତୁ ମେ ମେ ର ଝଗଡାରୁ ରଗାରଗି ହେଇ ସୌମେନ୍ଦ୍ରଙ୍କ ଉପରେ ଋଗିଛନ୍ତି ସେ, ଆଉ କଥାବାର୍ତ୍ତା କରୁନାହାନ୍ତି ପ୍ରାୟ ଦି ସପ୍ତାହ ହେଲ୍ଣି । ଆଜି ସୌମେନ୍ଦ୍ରଙ୍କ ଜନ୍ମଦିନ ତଥାପି ବି ସୁଜାତା କଛି କହିଲେ ନାହିଁ। ଚୁପଗ୍ଭପ ଜଳଖିଆ ଟେବୁଲ୍ ରେ ରଖି ଗାଧୋଇବାକୁ ପଳେଇଲେ ଆଉ ସୌମେନ୍ଦ୍ର ଭି ଜଳଖିଆ କରି ଅଫିସ୍ ଗ୍ଭଲିଗଲେ ।

ହଁ, ସତରେ ଗୁଡିୟା ସେଦିନ ଠିକ୍ କହୁଥିଲ୍ । ସୁଜାତା ଖୁବ୍ ନିର୍ଦ୍ଦୟୀ । ତାଙ୍କ ହୃଦୟରେ ଜୀବଜନ୍ତୁ କାହିଁକ କାହାଲ୍ଗି ଟିକେ ବି ଯାଗା ନାହିଁ । ସେ ସ୍ୱାର୍ଥପର । ହାତରେ ଗ୍ଭହା କପ୍ ଟି ଧରି ଓଜନଆ ମନ ନେଇ ସୋଫା ଉପରେ ବସିପଡିଲେ ସୁଜାତା । ଏତିକ ବେଳେ ସ୍କୁବି ଆଉ ସ୍ପିଡି ଆସି ତାଙ୍କ ପାଦ ଉପରେ ଚଢି ବସିଲେ । କାହିଁକ କେଜାଣି ସୁଜାତା ଆଜି ବିନା ଆପତ୍ତିରେ ସେମାନଙ୍କୁ ବିନା ବାଧା ଦେଇ ନିଜ ପାଦ ଉପରେ ବସିବାର ଅନୁମତି ଦେଲେ । ପ୍ରଥମ ଥର ପାଇଁ ସୁଜାତା ସେମାନଙ୍କର ସ୍ପର୍ଶ ଅନୁଭବ କଲେ । ଖୁବ୍ ସୁନ୍ଦର ଆଉ ଶୀତଳ ସେ ସ୍ପର୍ଶ । ଉପର ପିଠି ପଟ ସେମାନଙ୍କର ସିନା ରୁକ୍ଷ ଆଉ କଠିନ, ହେଲେ ତଳ ପେଟ ପଟ ଖୁବ୍ ନରମ ଆଉ କୋମଳ ।

ସୁଜାତା ମନେମନେ ଭ୍ବୁଥିଲେ କେତେଥର ସେମାନଙ୍କ ଉପରେ ସେ ଚଢି ଯାଇଛନ୍ତି । ଋଗରେ ଗୋଡ ଛଟି ଆଘାତ କରିଛନ୍ତି । ତଥାପି ସେମାନେ ଆସି ତାଙ୍କ ପାଦ ଉପରେ

ବସୁଛନ୍ତି । ଭୁଲି ଯାଉଛନ୍ତି ସେମାନେ ସେଇ ପାଦକୁ ଯିଏ ସେମାନଙ୍କୁ ବହୁତ ଥର ଆଘାତ ଦେଇଛି । ଭୁଲି ଯାଉଛନ୍ତି ସେଇ ଲୋକକୁ ଯିଏ ସେମାନଙ୍କୁ ଘୃଣା କରେ । କେମିତି ସେମାନେ ଏତେ ସହଜରେ ଏସବୁ ଭୁଲି ଯାଇ ପାରୁଛନ୍ତି !!


ଘରର କୋଉ ଭି କୋଣରେ ସେମାନଙ୍କୁ ଛାଡିଲେ ସେମାନେ ଯଦି ଖୋଜି ଖୋଜି ସେମାନଙ୍କ ଖାଇବା ଟ୍ରେ ପାଖକୁ ଆସି ପାରୁଛନ୍ତି, ତାହେଲେ ସେମାନେ କଣ ବାରି ପାରୁନଥିବେ ଦୁଇଟି ପାଦ ଯିଏ ସେମାନଙ୍କୁ ବହୁତ ଥର କଷ୍ଟ ଦେଇଚ!! ଚହ୍ନି ପାରୁ ନଥିବେ ସେଇ ମଣିଷକୁ ଯିଏ ସେମାନଙ୍କର ଖୁବ୍ ଶତ୍ରୁ !!

ଜନ୍ତୁ କହି ଯାହାଙ୍କୁ ସେ ତୁଚ୍ଛ ମନେକରନ୍ତି ସେମାନେ ତାଙ୍କ ଭଳ ମଣିଷ ଠୁ ଖୁବ୍ ଗୁଣରେ ବଡ । ସାମାନ୍ୟ ଜୀବଟିଏ ହେଇ ଭି ସେମାନେ ସବୁକଛି ଭୁଲିଯାଇ କ୍ଷମା କରିପାରୁଛନ୍ତି ଆଉ ନଜକୁ ମଣିଷ ଶ୍ରେଷ୍ଠ ବୋଲିଥିବା ସୁଜାତା ଆଜି ନଜର ଅତି ପ୍ରିୟ ମଣିଷକୁ କ୍ଷମା କରିପାରୁ ନାହାନ୍ତି । ନଜକୁ ଖୁବ୍ ଲଜ୍ଜିତ ମନେକଲେ ସୁଜାତା ।

ଏକ କରୁଣ ଦୃଷ୍ଟିରେ ସେମାନଙ୍କ ଆଡକୁ ଗ୍ୱହିଁଲେ । ଆଜି ଯାକେ ସେମାନଙ୍କ ଉପରେ କରି ଆସିଥିବା ଅତ୍ୟାଗ୍ୱର ଲାଗି ନଜର କ୍ଷମା ଭିକ୍ଷା କରୁଥିଲେ । ଜୀବଜନ୍ତୁଙ୍କ ପ୍ରତି ତାଙ୍କର ଘୃଣା ଭାବ ବଦଳଗଲା । ଦୟା, ପ୍ରେମ, ସ୍ନେହ ରେ ହୃଦୟ ଭରୁ ଉଠିଲା । ମନଟା ତାଙ୍କର ଖୁବ୍ ହାଲୁକା ହୋଇଗଲା । ଧିରେ କ ସେମାନଙ୍କୁ ହାତରେ ଉଠାଇ ଆଣି ନଜ କୋଳରେ ରଖିଲେ ।

ଡାହଣ ହାତରେ ସେମାନଙ୍କ ପିଠି ଆଉଁସି ଦେଉଦେଉ ସୌମେନ୍ଦ୍ରଙ୍କ ସହିତ କଥା ହେବାକୁ ଟିପୟ ଉପରେ ଥିବା ମୋବାଇଲ୍ ଆଡକୁ ବାଁ ହାତ ବଢାଇଲେ ସୁଜାତା ।

ଫିଲ୍ମ ସିଟି ରୋଡ, ଗୋରେଗାଁଓ, ମୁମ୍ବାଇ



# କଥା ଦେଇଥିଲ



ସଂଯୁକ୍ତା ମହାପାତ୍ର

କଥା ଦେଇଥିଲ
ଆଖିରେ ମୋ କେବେ
ଲୁହ ଟୋପେ ଦେବ ନାହିଁ,
କାନ୍ଦୁଅଛି ଆଜି ଲୁଚ ଲୁଚ ସିନା
ଦେଖିବାକୁ କେହି ନାହିଁ ।।
ମୋ ଆଖିରେ ଲୁହ ଦେଖିବନ ବୋଲି
କେତେ ଦେଉଥିଲ ବୁଝାଇ,
ଆଜି ବୋହିଯାଏ ଶ୍ରାବଣର ଧାର
କାନ୍ଦୁଛି ଲୁହକୁ ଲୁଚାଇ ।
କଥା ଦେଇଥିଲ,
ଆଖିରେ ମୋ କେବେ
ଲୁହ ଟୋପେ ଦେବ ନାହିଁ ।।

କୁମୁଦିନୀ ପ୍ରାୟ ଚାହିଁଛି ଆକାଶେ
ପ୍ରିୟ ତୁମ ପଥ ଚାହିଁ,
ଏକୁଟିଆ ମନ ଖୋଜୁଛି ତୁମକୁ,
ଖୋଜି ଖୋଜି ପାଉ ନାହିଁ ।
କାନ୍ଦୁଅଛି ଆଜି ଲୁଚ ଲୁଚ ସିନା
ଦେଖିବାକୁ କେହି ନାହିଁ ।।

କାହିଁକି କେଜାଣି କଥା ଦେଇ ତୁମେ
କଥା ତ ରଖିଲ ନାହିଁ,
କହି ଯାଇଥିଲ ଆଖିରେ କେବେ ମୋ
ଲୁହ ଟୋପେ ଦେବ ନାହିଁ ।
କଥାଦେଇ ବ୍ୟଥା ଦେଇ ଚାଲିଗଲ
ମୋ କଥା କ ମନେ ନାହିଁ,
ଶ୍ରାବଣର ମେଘ ସାଜି କ ଆସିବ
ଚାତକ ମୋ ଆଖି ରହିଛି ଚାହିଁ ।।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ଆସ ମା



ସତ୍ୟବ୍ରତ ସାହୁ

ଆସ ମା' ଦୁର୍ଗେ
ଦୁର୍ନୀତି ନାଶିନୀ, ଶାନ୍ତି ପ୍ରଦାୟିନୀ, ସନ୍ତାନ ପାଳନୀ ମା'
ତବ ଆରାଧନା ପାଇଁ ଅର୍ଘ୍ୟଥାଳ ଧରିଛି ଧରଣୀ
ତଟିନୀରେ ସ୍ୱଚ୍ଛ ଜଳରାଶି,
ନଦୀ ତଟେ କାଶତଣ୍ଡୀ ଫୁଲର ରେଷଣୀ,
ସରସୀରେ କମଳ ଓ କଇଁ
ବ୍ୟାକୁଳତ ପାଦ ପୂଜା ପାଇଁ ।

ଦେଖ ମା'...
ଏବେବି ମହିଷାମାନେ ଉଦ୍ଗାରୁଛନ୍ତି ବିଷ ଅଗ୍ନି ରାଶି
ବିଷ ଜ୍ୱାଳେ ଜଳୁଛି ମେଦିନୀ
ଦିଅ ଶାନ୍ତି ନାଶକରି ମହିଷାର ସୈନ୍ୟ ଅକ୍ଷୌହିଣୀ ।
ମା'.. ତମେ ଆସୁଛ ବୋଲି ଜାଣି
ପ୍ରତି କଣ୍ଠୁ ଝରୁଅଛି ତୁମ ଶକ୍ତି, ଭକ୍ତିର କାହାଣୀ
ସାଧୁମାନେ ଡାକୁଛନ୍ତି ଆସ ମା'
ଯା ଦେବୀ ସର୍ବ ଭୂତେଷୁ ...
ମାତୃ ରୂପେଣ ସଂସ୍ଥିତା.. ଶକ୍ତି ରୂପେଣ ସଂସ୍ଥିତା..
ଦୁଷ୍ଟ ନାଶ ମା' ଧର୍ମ ପାଳନୀ ।

ମା'...ଅକଞ୍ଚନ ମୁହିଁ
ଦେବା ପାଇଁ କଛି ପାଶେ ନାହିଁ
ସନ୍ତାନ ପାଳନୀ ବୋଲି ପାଦ ତଳେ କରୁଛି ମାଗୁଣି
ତମେ ଆସ.. ତମ ପବିତ୍ର ସ୍ପର୍ଶରେ
ପୁତମୟ କରିଦିଅ ପୃଥ୍ୱୀ
ତବ କରୁଣା ଦୃଷ୍ଟିରେ ଗୁଞ୍ଜିଉଠୁ ଜଗତରେ
ମଧୁମୟ ଗୀତି
ଦୁଃଖ, ଶୋକ, ଭୟର ଅନ୍ଧାରୀ କାଳମା ଗ୍ରତିର
ହୋଇଯାଉ ଇତି
ତମ ପୂଜା ପାଇଁ ପ୍ରତିଘରେ ଜଳଉଠୁ ଭକ୍ତିର ଆଳତୀ ।
ମା'.. ଆଉ କଛି ଲୋଡ଼ା ନାହିଁ ମୋର
ଦିଅ ଆଶୀର୍ବାଦ
ଚରଦିନ ପାଦେ ତବ ଥାଉ ମୋର ମୁଢ଼ ମତି ।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ସଂଶୋଧନ



ମନୋଜ କୁମ୍ଭାର

? କରେ ଭୟ
କ? କରେ ଘୃଣା
କ? ଯାଏ ଭୁଲି
କ? ଜାଣେ ନାହିଁ
କ? ବୁଝେ ନାହିଁ
କ? ଇଚ୍ଛା ନାହିଁ
କ? ବେଳ ନାହିଁ
ମାନବିକତାର ସରଳ ସ୍ୱଷ୍ଟ ଚରିତ୍ର ବଖାଇବାକୁ .......
ଦୁନଆ କୋଳରେ ଦିନ କେତେ,
ରଙ୍ଗମଞ୍ଚ ପୁରେ ମୋଡ କେତେ ?
ନଦାଘ ଗ୍ରୀଷ୍ମରେ ଉଷ୍ଣତା କେତେ,
ଶୀତଳ ତାତିରେ ଶୀତର ଘନତା କେତେ ?
ଠିକ୍ ଅଳପକେ କଠିନତା
କଠୋରତା ଲିଭିଯାଏ,
ଆଖି ପଲକକେ ଖୁବ୍ ସରଳତା ସାଜିଯାଏ ।
ଉତ୍ତର କାଳରେ ପୁଣି ଲେଉଟା ବେଳାକୁ ଜୀବନ ହସେ,
ଅଳପ କାଳ ମଧ୍ୟେ ଜାଡ ଆସି ଥମି ଗ୍ଭଲିଯାଏ ।
ନଦାଘ ଦାରୁଣ ନମିଷକେ କରୁଣ ଶାନ୍ତ ସରଳ ସାଜେ ।
କ? ଥାଏ ଶଙ୍କା
କ? ନ ଥାଏ ଇଚ୍ଛା
ମାନବିକତାର ସରଳ ସ୍ୱଷ୍ଟ ଚରିତ୍ର ପ୍ରତିପାଦନ କରିବାକୁ ..............???

ସାନ ଫାସଡ, ବଲାଙ୍ଗୀର

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଦୁଇ ଶହ ଲୋକଙ୍କୁ ଆଡେଇ ଆଡେଇ ବାହାରକୁ ବାହାରି ଆସିଲା ରାମସିଂର ଝିଅ ସଅଁବାରି । ହାତରେ କଅଁଳା ଛୁଆର ଚକ୍ରାରକୁ ପେଟ ପାଖକୁ ଜାକ ଦେଇଥିଲା । ଭାରତ ସ୍ୱାଧୀନ ପରେ ଲୋକମାନେ ପାଗଳ ହୋଇଗଲେଣି । କଉଠି କଣ ସମସ୍ୟାର ସନ୍ଧାନ ପାଇଲେ ପୋକ ମାଛି ପରି ମାଡି ଆସନ୍ତି । ସମାଧାନ ତ ଦୂର କଥା ହେଲେ ହୋ ହାଲା କରି ଆନ୍ଦୋଳନ ନିଶ୍ଚୟ କରିପକାନ୍ତି । ପଛକୁ ବୁଲିପଡି ଅନେଇଲା ବେଳକୁ ଡାକ୍ତରବାବୁ କହୁଥାନ୍ତି, ଆରେ ତୁମେମାନେ କାହିଁକି ଏଠାରେ ହଟ୍ଟଗୋଳ କରୁଛ? ମୁଁ ତ ଜୀବହତ୍ୟା କରିପାରିବି ନାହିଁ । ସେଥିପାଇଁ ସଅଁବାରିର ପିଲା ସୁସ୍ଥରେ ଜନ୍ମ ହୋଇଗଲା । ଯାହାକୁ ନେଇ ଏତେ ପାଟିତୁଣ୍ଡ ସେ ବେଡ୍ ରେ ତ ନାହିଁ । କୁଆଡେ ଗଲା ଖୋଜ । ଏମିତି ବିଶୃଙ୍ଖଳା କରିଲେ କିଛି ଫାଇଦା ନାହିଁ । ଡରରେ ସଅଁବାରି ମୁଣ୍ଡରେ ଚଦର ଲୁଗାଟା ପକାଇ ଦେଇ ଧସିକି ଆଗକୁ ଚାଲିଗଲା । ଆଉ ପଛକୁ ଫେରି ଦେଖିନାହିଁ ସିଧା ପ୍ଲାଟଫର୍ମରେ ପହଞ୍ଚି ଟ୍ରେନରେ କଲିକତା ପଳାଇ ଆସିଲା ।

ଫିକା ଲାଗୁଛି ଦୁନିଆର ରଙ୍ଗ । ମନ ତଳେ କାମନାର ଦୀପ ଜଳି ପୁଣି ହୁଏ ନିର୍ବାପିତ । ଆଖିରେ ଝରିପଡେ ବୁନ୍ଦାବୁନ୍ଦା ଲୁହ ଭିଜାଇଦିଏ ଦଗ୍ଧ ଅତୀତକୁ । ପାଷାଣୀ ନାୟିକା ହୋଇ ସୃଷ୍ଟିର ନିଖୁଣ ସୃଜନାକୁ ସାଇତି ରଖିବାର ଅଭିଶାପ । ବୟସର ବକୁଳ ବାସ୍ନାରେ ସନ୍ତାନର ହାରକୁ ଛାତିତଳେ ଆଉଜି ବିଧିର ନିୟମକୁ ମାନିବାକୁ ବାଧ୍ୟ ଯେମିତି । ନଈ ପରି ପବନ ପରି ଏକାନ୍ତରେ ନୀରଳସ ମମତାଟିଏ ହୋଇ ଅମଡା ବାଟରେ ଚାଲିଛି । ପାଶ୍ଚାତ୍ୟ ସଭ୍ୟତାର ଖିଅକୁ ଗୋଟାଇ ଦେଖିଛି ଆଧୁନିକତାର ଚେଙ୍କିଥିବା କ୍ଷତଗୁଡାକୁ । ଶାନ୍ତି, ପ୍ରେମ, ମୈତ୍ରୀ ଆଉ ଭ୍ରାତୃତ୍ୱର କଥା । ଏକ କ୍ଷଣଭଙ୍ଗୁର ଜୀବନରେ କଣ ରଙ୍ଗ ଦେଇପାରିବ? ମେଘାଚ୍ଛନ୍ନ ଜୀବନ ଆକାଶରେ ଚନ୍ଦ୍ରମାର ସୁରାଗ ସାନ୍ତ୍ୱନା ବାଢୁଥାଏ । ବିଶ୍ୱାସ ତ ବାରମ୍ବାର ଆଶ୍ୱାସନା । କେତେବେଳେ ଫୁଲପରି ହୃଦୟରେ ଫୁଟିପଡେ ପୁଣି

କଣ୍ଟା ହୋଇ ରକ୍ତାକ୍ତ କରିଦିଏ ଅଭିଶପ୍ତ କରି । କାମନାର ଅନ୍ଧ ହୋଇ ଉପଭୋଗ କରନ୍ତି ତା ପରେ ଅସନା କରି ଖତଗଦାକୁ ଫିଙ୍ଗି ଦିଅନ୍ତି ପରିଚୟହୀନ କରି । ନିୟତିର ଖେଳ ଭାବି ଆଦରି ନିଅନ୍ତି ଅସହାୟ ଦୁର୍ବଳାମାନେ । ଯୋଡ଼ୁ ଯୋଡ଼ୁ ଛିଣ୍ଡିଯାଏ ସ୍ୱପ୍ନର ବନ୍ଧନ ସବୁ । ଉହଳ ବିକଳ ହୋଇଉଠେ ନାରୀତ୍ୱର ଜ୍ୱାଳା । ଗୃହକର୍ତ୍ତୀରୁ ହଠାତ୍ ମାଲିକାଣୀ ହେବାର ବୋନସ ପାଇଲାପରେ ଖୁସି କି ଦୁଃଖୀ ବୁଝିପାରି ନ ଥିଲା ସଅଁବାରି । ନିଭୃଷ୍ଟମ୍ଭୀ ଅଟଳକାର ମାଲିକାଣୀ ହେବାର ଅଭିମାନ ଝାଉଁବଣ ପରି ମନର ଛନଛନ ଆନନ୍ଦକୁ ଭାବନାର ମରୁବାଲିରେ ଏକଲାପଣ ହୋଇ ଛିଣ୍ଡା ମନରେ ମେଘ ମହ୍ଲାର ଭରି ହୋଇଗଲା ଅଜଣାରେ । ଅୟୁତ ସ୍ୱପ୍ନର କାଳ ଗହ୍ୱରରେ ବୁକୁଫଟା ଆର୍ତ୍ତନାଦ, ନିଃସ୍ୱ ଅସହାୟ ହୋଇ ବନ୍ଦୀ ହୋଇଯାଇଛି ଯେମିତି । ଗୃହିକାନ୍ଥର ଅଳନ୍ଦ ଭିତରେ ଚକ୍କର କରେ ପରିଚୟର ବିଳାପ । ଆକୁଳତ ଅନୁକ୍ଷଣରେ ପ୍ରଶ୍ନକରେ, କିଏ ମୁଁ? କଣ ମୋର ଅଧିକାର? ପ୍ରତ୍ୟେକ ମୁହୂର୍ତ୍ତ ପ୍ରତୀକ୍ଷୀତ, କ୍ଷତାକ୍ତ, ବିକ୍ଷିପ୍ତ, ବେଦନାକ୍ତ ସ୍ମୃତି ଭିଜା ଅତୀତକୁ ନେଇ ଚକ୍କର କରିଉଠେ । ଚହ୍ଲା ସଂସାରରେ ଅଚହ୍ଲା ସବୁ ଯେମିତି । ବନ୍ଧନ ପରିଚୟହୀନ ହୋଇଉଠିଛି । ଚହ୍ଲା ଝରକାର ସୂର୍ଯ୍ୟ ଆଜି ବିଦ୍ରୁପ କରୁଛି ମୋ ଯୌବନର ଉଦ୍ଦୀପନାକୁ । ପ୍ରତୀକ୍ଷିତ ଆକାଂକ୍ଷା ସବୁ ଧୋଇ ହୋଇ ଯାଇଛି ଲୁହରେ । ମନ୍ଥନ କରୁଛି ବିରହ ବେଦନାକୁ । ଅନନ୍ତ କ୍ଷୁଧାରେ ଶିକାର ପରେ କଣ ଆଉ ସୃଷ୍ଟି କରିପାରିଥାନ୍ତା ସମାଜ ପାଇଁ?

ରାତି ପ୍ରାୟ ବାରଟା ପାଖାପାଖି ହେବ । ବଡବାବୁ ସେତେବେଳେ ଶୋଇ ଯାଇଥାନ୍ତି । ଅମାବାସ୍ୟାର ରାତି ଅନ୍ଧାର ଘନେଇ ଆସୁଥାଏ । ଦେହସାରା ଏକ ଭୟଙ୍କର ଶିହରଣ ଲହଡି ଭାଙ୍ଗୁଥାଏ ଓଠରେ ଆସି । ହଠାତ୍ ଗାଡି ଶବ୍ଦ ଶୁଣି ସମକ ପଡିଲା ସଅଁବାରି । ସାନବାବୁ ଆସିଗଲେ ବୋଧେ । ବାହାର ଲାଇଟ୍ ଜାଳଦେଇ ଲେଷେଇ ଘରକୁ ଚାଲିଗଲା ସଅଁବାରି । କେତେଥର ଭଉଣୀ କରି ରାକ୍ଷୀ ବାନ୍ଧିଛି ତାଙ୍କ ହାତରେ । ଅନେକ ଥର ଭାଇପରି ସବୁ ଜିନଷ କିଣିଦିଅନ୍ତି । ଶୋଇବା ଆଗରୁ ଖାଇଛୁ କି ନାହିଁ ପଚାରି ଦେଇ ଶୋଇବାକୁ ଚାଲିଯାଆନ୍ତି । ଆଜି କିନ୍ତୁ ତାଙ୍କ ଆଖି ଦୁଇଟାରେ ଯେମିତି କାମନାର ନିଆଁ ଜଳୁଥିଲା । ଭାବିଲି ଖାଇବା ବାଢିଦେଇ ଚାଲିଯିବି ମୋ ରୁମ୍ କୁ ଶୋଇବାକୁ । ରୋଷେଇ ଘରୁ ନିଜ ବାହୁରେ ଟେକି ଆଣିଥିଲେ ସାନବାବୁ ବିଚନ୍ଦ୍ର । ଅନେକ ପ୍ରତିଶ୍ରୁତି ପରେ ରାତି କଟିଯାଇଥିଲା ଯୌବନର ଶିଉଳ ତୁଠରେ । ସକାଳର ସୁନେଲି କିରଣରେ ଦେହକୁ ସଜାଡିଦେଇ ଉଠି ଆସିଲି ସାନବାବୁଙ୍କ ବେଡ୍ ରୁ । ବୟସ ମାତ୍ର ପନ୍ଦର । କଣ ବା ବୁଝିଥାନ୍ତି ପରବର୍ତ୍ତୀ ସମୟ ଯେ ପରିଚୟହୀନ କରି କଅଁଳା ଛୁଆକୁ ଉପହାର ଦେବ ।

କଏ ଜାଣିଥିଲା ଧମକାଇ ମୋ ବାପାକୁ ଗାଁରୁ ଚାଲିଯିବାକୁ କହିବେ। ଏହି କଥା କାହା ଆଗରେ କହିଲେ ଆମକୁ ମାରିଦେବା ଧମକ ମଧ୍ୟ ଦେଲେ। ଭୟରେ ବାପା ଆମକୁ ଧରି ବାରିକପୁର ପଳାଇଆସିଲେ। ଗାଁର କେହି ଜଣେ ବି ପ୍ରତିବାଦ କଲେନ ବରଂ ଧିକ୍କାର କରି କହିଲେ ଅଠର ବର୍ଷ ନ ପୁରୁଣୁ ଝିଅ ପ୍ରେମ ବାଉଳା ହୋଇ ଯାଇଛିରେ ରାମ। ତାକୁ ବିଷ ଦେଇ ଦେ। ଏଭଳଆ ଝିଅ ସମାଜରେ ରହିଲେ ସମାଜର କଳଙ୍କ ସୃଷ୍ଟି କରିବ। ଆମ ଗାଁ ବଦନାମ ହେବ। ମଦ ପିଇଲେ ବି ରାମସିଂ ତା ଝିଅକୁ ଠିକ୍ ଜାଣିଥିଲା। କାହା କଥା ନଶୁଣି ଝିଅକୁ ଧରି ବାରିକପୁର ପଳାଇ ଆସିଥିଲା। ଯେତେବେଳେ ଆଶା ଦିଦିଙ୍କ ସାହାଯ୍ୟରେ ଡାକ୍ତରଖାନାକୁ ଚାଲିଆସିଲା, କେତେ ଲୋକ ଆସିଗଲେ ଡାକ୍ତରକୁ ବଦନାମ କରିବାକୁ, ସଅଁବାରି ଆଉ କଅଁଳା ପିଲାକୁ ନେଇ କାହାଣୀ ସୃଷ୍ଟି କରିବାକୁ। ସଅଁବାରି ଠିକ୍ ଜାଣିଥିଲା ଏହି ସବୁ ସାନବାବୁ ବିଚନ୍ଦ୍ରଙ୍କର କାମ ନଷ୍ଟୟ। ଅନେକ ଥର ଧମକାଇ ଥିଲେ ପିଲାକୁ ନଷ୍ଟ କରିଦେବାକୁ, ହେଲେ ପାରିଲିନ। ଭୋକରେ ହେଉ କ ପାପରେ ହେଉ ଗୋଟେ ମା ପାଇଁ ତା ସନ୍ତାନ ସର୍ବସ୍ୱ। କେମିତି ମାରିଦେଇ ଥାଆନ୍ତି ଯେ? ଯିଏ କଛି ବି ପାପ କରିନାହିଁ। ଡାକ୍ତରବାବୁଙ୍କୁ କେତେ ଗୁହାରି ସଅଁବାରି କରିଥିଲା ତା ପିଲାକୁ ବଞ୍ଚେଇ ରଖିବାକୁ। ଭଲ ଡାକ୍ତର ବୋଲି ସିନା ସେ ଲୁଚେଇ ରଖିଲେ, ନହେଲେ ତ କେତେ ଡାକ୍ତର ପଇସା ପାଇଁ କୁକୁର ପରି ସଅଁବାରି ପଛରେ ପଡିଯାଇ ଥିଲେ ପିଲାକୁ ନଷ୍ଟ କରିଦେଲେ ପାଞ୍ଚହଜାର ଟଙ୍କା ମିଳବ। ଇନ୍ଦିରା ଆବାସ ଘର କରିଦେବୁ। ଏମିତି ଅନେକ କଥା। ଗାଁ ଯାକର ଲୋକ କ୍ଷୁଧାର୍ତ୍ତ ପରି ସଅଁବାରି ପଛରେ ପଡିଯାଇଥିଲେ। ଯାହା ହେଉ ନୂଆ ଅନୁଭବ ଦେଇଛି ଏହି କୁନ ପୁଅଟି। ଜୀବନ ଯାତ୍ରାର ଗହଳ ଭିତରେ ହଜିଯାଇଥିବା ସବୁ ସୁଖ ଓ ସମ୍ପର୍କ ଆଜି ଧନକୁ କୋଳରେ ଧରି ଅତ୍ୟନ୍ତ ଆନନ୍ଦିତ ମକରାନନ୍ଦ ହୋଇଉଠିବ, ଆଦୌ ଭାବି ନଥିଲି। ଯନ୍ତ୍ରଣା ଅପନନ୍ଦାର ଭିତରେ ହଜିଯାଇଥିବା ପ୍ରୀତି ପଣକୁ ଯେମିତି ସମୟ ଗୋଟେଇ ଦେଇଛି। କଏ ଆତ୍ମୀୟ, କଏ ପର ବୁଝିବା ଆଗରୁ ମୋ ହାତ ଧରି ନେବାକୁ ମୋ କୋଳକୁ ଚାଲି ଆସିଛି ଧନ ସଙ୍ଖାଳ। କାଲେ ସଅଁବାରିର ପିଲାକୁ ମାରିଦେବ ଡରରେ ଲୁଚ କଲିକତା ପଳାଇ ଆସିଛି। ଚାରିଆଡେ ଅଚହ୍ନା ଲାଗୁଛି। ସନ୍ଧ୍ୟା ନଇଁ ଆସିଲାଣି। ଟ୍ରେନ ରୁ ଓହ୍ଲାଇ ମେଡିକାଲ ଆଡେ ଚାଲିଲା ସଅଁବାରି। ଅନେକ ସ୍ୱପ୍ନ ତା ଆଖିରୁ ଝରି ଓଠରେ ପିଟି ହେଉଥାଏ। ଗୋଟେ ରିକ୍ସାବାଲା ଆସି ପଚାରିଲା, କାହାଁ ଯାଓଗେ ବେହେନ୍? ହିନ୍ଦୀ ଭାଷାତ, ସଅଁବାରି କେମିତି ବୁଝିବ। କଛି ନକହି ଆଗକୁ ଆଗକୁ ଚାଲିଥାଏ। ବାରବାର ଲୋଭ ତା ଟିକ ପିଲାର ଦାୟିତ୍ୱ ପାଇଁ ହସି ହସି ସବୁ ଦୁଃଖ କଷ୍ଟକୁ

ନଜର କରି ନେଇଥିଲା । ପାଖରେ ମେଡିକାଲ ଦେଖି ତା ଭିତରକୁ ଚାଲିଗଲା । ସେ ତ ହିନ୍ଦୀ ଭାଷା କହିପାରୁନଥାଏ । ସେହିଠାରେ ମାଗିକରି ଜୀବନ ଦୁଇଟାକୁ ସୁରକ୍ଷିତ କରିବାରେ ଲାଗିଲା । ଆସ୍ତେ ଆସ୍ତେ ସେଠାରେ ଭଲ କାମ ମଧ୍ୟ ପାଇଗଲା । ଯାହା ଫଳରେ ବେଶ୍ ସୁସ୍ଥରେ ନିଜ ପୁଅକୁ ପାଠ ପଢେଇବା ସହିତ ଗୋଟେ ଭଲ ମଣିଷ ଗଢିବାରେ ସଫଳ ହୋଇ ସାରିଥିଲା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର, ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ – ୯୯୩୭୩୪୭୩୧୮

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଯାତ୍ରା



ଶ୍ରୀକ୍ଷେତ୍ର ସୁନ୍ଦର

ସୂର୍ଯ୍ୟ କରଣ ଯେତେ ପ୍ରଖର ହେଲେ ବି ଅସ୍ତ ଯିବ
ଜୀବନ ଯେତେ ଲମ୍ବା ହେଲେ ବି ମୃତ୍ୟୁ ନଶ୍ଚିତ
ହିମାଳୟ ଶିଖରରେ ପହଞ୍ଚି ପୁଣି ସେଠୁ ଫେରି ଆସିବାକୁ ହୁଏ
ପୃଥିବୀକୁ ଗୋଟିଏ ବିନ୍ଦୁରୁ ପରିକ୍ରମଣ ଆରମ୍ଭ କରି
ପୁଣି ସେଇ ବିନ୍ଦୁରେ ପହଞ୍ଚିବାକୁ ହୁଏ
ଯଦି ସବୁ ଆରମ୍ଭର ଶେଷରେ
ପୁଣି ସେଇ ଆରମ୍ଭକୁ ଫେରି ଆସିବାକୁ ହିଁ ହୁଏ
ତେବେ ଏମିତି ଏକ ଯାତ୍ରାରେ
ଏତେ ମିଛ, ଏତେ ଛଳନା, ଏତେ ପ୍ରତିଯୋଗିତା ସବୁ କାହା ପାଇଁ **?**

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# ବିଷ



ଡ. ଜ୍ଞାନେଶ୍ୱର ମିଶ୍ର

ଠୋପାଏ ବିଷରେ
ହେଉ ସିଏ କୂଆ, ପୋଖରୀ, ସମୁଦ୍ର ଅବା ଗଙ୍ଗାଜଳ
ସବୁ ପାଲଟନ୍ତି ବିଷ,
ସେ ଠୋପାଏ ବିଷକୁ ସବୁ ମିଶି ଜଳ କରିବାକୁ
ନଥାଏ ସାହସ ।
ବସ୍ତା ବସ୍ତା ଆଳୁ ଭିତରେ ଗୋଟିଏ ପଗ୍ଲ ଆଳୁରେ
ସବୁ ଆଳୁ ପଚଯାଏ ବିନା ଆପତ୍ତିରେ
ପରିବାର ଅବା ସମାଜରେ ଥିଲେ କେହି
ଖଳଦଳ ବା ମଣିଷ
ସମାଜ ଓ ପରିବାର ବିଷମୟ ହୁଏ
ବଦଳାଇ ପାରେନାହିଁ
ତାଙ୍କର ଗୁଣ ବା ଅଭ୍ୟାସ
ଯେତିକି ତାକତ ଆମର
ଏ ବିଷ, ଖଳଠାରୁ ଦୂରେ ରହିବା
ତେବେ ନିର୍ପଦ ରହିବେ
ବଳକା ଆୟୁଷ ଜୀଇଁବା

୪୯/୫/ଏଚ୍-୫୫, କାର୍ଲ ମାର୍କ୍ସ ସରଣୀ, କୋଲକତା

# ଆଦିଦେବ ସିଦ୍ଧିବିନାୟକ



ପୂର୍ଣ୍ଣଚନ୍ଦ୍ର ରଣା

ହେ ଆଦିଦେବ ସିଦ୍ଧିବିନାୟକ
ତୁମେ ଯେ ଜ୍ଞାନର ଭଣ୍ଡାର
ପରାକ୍ରମୀ ଶ୍ରୀ ଗଜାନନ
ତୁମେ ଅନ୍ଧାରରେ ଆଲୋକ ସମାନ
ଅନ୍ଧକାର ଜୀବନରେ
ତୁମେ ଭରିଦିଅ
ଆଲୋକର ତେଜ ରଶ୍ମୀ
ବୃଦ୍ଧି କର ଜ୍ଞାନ ଭଣ୍ଡାରକୁ
ମସ୍ତିଷ୍କରେ ଭରିଦିଅ
ଉଜ୍ଜ୍ୱଳ ପ୍ରଦୀପ
ଜଳୁଥାଉ ସେ ସାରା ଜୀବନ,
ହେ ଆଦିଦେବ
ତୁମେ ପାଉଥାଅ ପୂଜା
ସୁଗନ୍ଧିତ ପୁଷ୍ପ ସାଥେ ପଞ୍ଚାମୃତ
ତୁମେ ହସ୍ତେ ଧରି ଆସ
ସିଦ୍ଧିର ଭଣ୍ଡାର
ତୁମ ଚରଣ ସ୍ପର୍ଶରେ
ମିଳଥାଏ ସିଦ୍ଧି
ଜ୍ଞାନ ସାଗରେ ତମେ ଧରିଥାଅ ନାଆ
ଆଗକୁ ବଢାଅ ପ୍ରଭୁ
ସେ ଜ୍ଞାନ ନଉକାକୁ
ତୁମେ ସାଜିବ ନାଉରୀ
ସେ ଜ୍ଞାନରୂପି ନଉକାରେ
ଆଉ ପାରି କର
ଏ ପାରିରୁ ଆର ପାରିକୁ ।

ହାଟସିଂହାପୁର, ଯାଜପୁର

# ଏକାଏକା

ମୃତ୍ୟୁଞ୍ଜୟ ପଣ୍ଡା

ବେଳେ ବେଳେ ଜୀବନରେ
ଏକାଏକା ବଂଚବାକୁ ହୁଏ
ଭିଡ ଭିତରେ ଥାଇ ମଧ୍ୟ
ସବୁ ମୁହଁ ଅଚହ୍ନା ଲାଗେ
ଯେବେ ହୃଦୟର ଯନ୍ତ୍ରଣା
ଆପଣାର ଲୋକ ପାଖେ
ହେଇଯାଏ ଅଜଣା
ଯେବେ ଗ୍ଭଲିବାକୁ ହୁଏ ବାଟ
ନିଜ ଛାଇ ସହ ରାସ୍ତାରେ
ଯେବେ ତାଜମହଲ୍
ପାଲଟି ଯାଏ ଧ୍ୱଂସ ସ୍ତୁପରେ
ଯେବେ ଜହ୍ନର ଶୀତଳ ଜ୍ୟୋସ୍ନା
କଷ୍ଟ ଦିଏ ଦେହକୁ
ଯେବେ ପ୍ରଜାପତିର ଚୁମା
କ୍ଷତାକ୍ତ କରେ ମନକୁ
ଯେବେ ବର୍ଷା ଦିଏ ଗ୍ରୀଷ୍ମର ଜ୍ୱାଳା
ଯେବେ ଗୋଲାପର କୋମଳତା
କଣ୍ଟା ହୋଇ ଫୋଡି ହୁଏ ହାତରେ
ଯେବେ ସ୍ୱପ୍ନ ବି ବାଟବଣା ହୁଏ

ଅଚହ୍ନା ଲୋକମାନଙ୍କ ଭିତରେ
ଯେବେ ପଛକୁ ଗ୍ଭହିଁଲେ
ନିସଙ୍ଗତା ହିଁ କେବଳ
ହାତ ଠାରି ଡାକେ
ଜୀବନର ଏଇ ଶୂନ୍ୟତା ଭିତରେ
ମରି ମରି ବଞ୍ଚିବାକୁ ହୁଏ
ମୃତ୍ୟୁର ଅନନ୍ତ ଅପେକ୍ଷାରେ

ପି.ଜି. (ଦ୍ୱିତୀୟ ବର୍ଷ),
ସାମନ୍ତ ଚନ୍ଦ୍ରଶେଖର କଲେଜ, ପୁରୀ

# ତୁମେ ଓ ମୁଁ

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ତୁମେ ସ୍ୱପ୍ନ ସାଗରର ଅପର ପାର୍ଶ୍ୱର
ଲଳନା ଲାବଣ୍ୟବତୀ
ମୁଁ ଚନ୍ଦ୍ରକର ଟିଏ ସାଗର ବେଳାରେ
ଆଙ୍କୁଥାଏ କଳାକୃତି ।।
ତୁମେ ହିମ ଆଚ୍ଛାଦିତ ପାହାଡ଼ ଶୀର୍ଷର
ରୂପ ଗ୍ୱଇଜର ପରୀ
ମୁଁ କଣ୍ଟାଯୁକ୍ତ ଗୁଳ୍ମ ମରୁ ମୃତ୍ତିକାର
ନୀରବ ଦେଖେଣାହାରି ।।
ତୁମେ କବି ଲେଖନୀର ସାଧା କାଗଜରେ
ଅଙ୍କିତ ନାୟିକାଟିଏ
ମୁଁ ଅବୁଝା ଶବ୍ଦର ସମାହାର ଯାହା
ବାରମ୍ବାର କଟାଯାଏ ।।
ତୁମେ ଦିବସ ଆରମ୍ଭ ସୁନେଲି କୀରଣ
ପ୍ରିୟ ଅଟ ସଭିଙ୍କର
ମୁଁ ଅଭିଶପ୍ତ ରାତି ମେଘୁଆ ଆକାଶୁ
ଖୋଜୁଥାଏ ଆପଣାର ।।
ତୁମେ ଗବାକ୍ଷ କଡ଼ର ହେନା ଗଛ ବାସ୍ନା
ବିମୋହିତ କର ମନ
ମୁଁ ବାସ ହୀନ ଏକ ପଳାଶ ଫୁଲ ଟେ
ଠିକଣା ମୋ ତାଳ ବଣ ।।

ଚକାପଦା

# ସନ୍ଥଙ୍କ ବାଣୀ ଓ ସନ୍ଥଙ୍କୁ ପୂଜା



ବିଜୟ କୁମାର ଜେନା

ସହରର ଅନତି ଦୂରରେ ରହୁଥିଲେ ଜଣେ ସନ୍ଥ ଫକୀର। ସେ ଛୋଟ ଥିଲା ବେଳେ ତାଙ୍କ ପିତା, ଯିଏକ ଜଣେ ସୁଫି ସନ୍ୟାସୀ ଥିଲେ ତାଙ୍କ ସହିତ ଏହି ସ୍ଥାନକୁ ଆସିଥିଲେ ଏହି ସନ୍ଥ ମହାଶୟ। ସୁଫି ସନ୍ୟାସୀଙ୍କ ଦେହାନ୍ତ ପରେ, ସନ୍ଥ ଜଣକ ସେଠାରେ ନିଜର ଗୋଟିଏ ଛୋଟ କୁଡ଼ିଆରେ ରହିଲେ। କୁଡ଼ିଆ ଚାରିପାଖରେ ଛୋଟ ବଗିଚା ଟିଏ। ସର୍ବମୋଟ ତାଙ୍କ ରହିବା ସ୍ଥାନକୁ ଏକ ଆଶ୍ରମ କୁହାଯାଇ ପାରେ। ସେ ସନ୍ଥ ଥିଲେ ସତ୍ୟ, ଅହିଂସା ଏବଂ ସଦାଚାର ର ମୂର୍ତ୍ତିମନ୍ତ ଅବତାର।

କିନ୍ତୁ, ସେ କେବେ ବି ତାଙ୍କୁ ଅନୁସରଣ କରିବାକୁ କି, ତାଙ୍କୁ ସମ୍ମାନ ଜଣାଇ ପୂଜା ପ୍ରାର୍ଥନା କରିବାକୁ, କାହାକୁ ପ୍ରବାର୍ତ୍ତାଉ ନଥିଲେ। ଚାନ୍ଦା ଦାନ ଦକ୍ଷିଣା ଇତ୍ୟାଦି ଠାରୁ ସେ ଥିଲେ ଦୂରରେ। ଯଦି କେବେ କେଉଁ ଦୀନ ଦୁଃଖିଙ୍କୁ ସାହାଯ୍ୟ ପାଇଁ କିଛି ଆବଶ୍ୟକ ପଡୁଥାଏ, ସେତେବେଳେ ସେ ନିକଟସ୍ଥ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ସେହି ଦୀନ ଦୁଃଖୀଙ୍କୁ ସାହାଯ୍ୟ କରୁଥିଲେ। ସମସ୍ତଙ୍କୁ ଶ୍ରଦ୍ଧା କରିବା ଓ ସମସ୍ତ କାର୍ଯ୍ୟ ଠିକ ସମୟରେ ସମ୍ପାଦନ ହେବପାଇଁ ଧୈର୍ଯ୍ୟର ସହ ଅପେକ୍ଷା ପାଇଁ, ସେ ତାଙ୍କ ପାଖକୁ ଆସୁଥିବା ଲୋକଙ୍କୁ ବୁଝାଉ ଥିଲେ। ତାଙ୍କର ଥିଲେ ଜଣେ ମାତ୍ର ଶିଷ୍ୟ।

କିଛି ଦିନପରେ ନିକଟସ୍ଥ ଗୋଟିଏ ସହରରେ ବାହାରିଲା ଏମିତି ଜଣେ ଯୁବକ, ଯିଏକ ସେହି ସନ୍ଥଙ୍କ ବାଣୀ ଓ ପ୍ରଦର୍ଶିତ ମାର୍ଗ ବିଷୟରେ ଶିକ୍ଷା ଦେବା ପାଇଁ ଏକ ଅନୁଷ୍ଠାନ ପ୍ରତିଷ୍ଠା କଲା। ସନ୍ଥଙ୍କ ବାଣୀ ଓ ମୂଲ୍ୟବୋଧ ସବୁର ଶିକ୍ଷା ଦେବାର ବ୍ୟବସ୍ଥା ସେଠାରେ କରାଗଲା। ସ୍ଥାନୀୟ ଲୋକମାନେ ଯୁବକଙ୍କୁ ସାଧୁବାଦ ଜଣାଇଲେ। ସହରରେ ମୂଳ ସନ୍ଥଙ୍କ ଭକ୍ତ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲା।

ଦିନେ କୌଣସି କାମରେ ସନ୍ଥ ମହାଶୟ ସେହି ସହରକୁ ଆସିଥିଲେ। ସେ, ସେଠାରେ ତାଙ୍କ ନାଁ ରେ ଗଢ଼ା ଅନୁଷ୍ଠାନ ଓ ଏସବୁ କାରବାର ଦେଖି ଖୁବ୍ ଅସନ୍ତୁଷ୍ଟ ହେଲେ। ଏବଂ ଏସବୁ ଅନୁଷ୍ଠାନ'ର ଆୟୋଜନ କରିଥିବା ଯୁବକକୁ କହିଲେ -"ତୁମେ ଏସବୁ କଣ କଲ ? ଏହା ଆଦୌ ଭଲ କଥା ନୁହେଁ।"

ଯୁବକ ବିସ୍ମିତ ହୋଇ କହିଲା -"ଗୁରୁ ଦେବ, ମୁଁ ଆପଣଙ୍କ ଜୀବନଦର୍ଶନ'ରେ ଅନୁପ୍ରାଣିତ ହୋଇ, ତା'ର ପ୍ରଚ୍ଚାର ପ୍ରସାର ପାଇଁ କିଞ୍ଚିତ ଉଦ୍ୟମ କରିଛି.. ହେଲେ, ଆପଣ ଖୁସି ନୁହଁନ୍ତି!!"

ଏହା ଶୁଣି ସନ୍ଥ କହିଲେ, -"ଖୁସି ତ ନୁହେଁ। ଏବଂ କାହିଁକି ଖୁସି ନୁହେଁ ଏକଥା ଜଣେଇବାକୁ ଏବେ ତୁମକୁ ଗୋଟିଏ କଥା ଦେଖେଇବି; ଦେଖ !!"

ଏତିକି କହି ସେ ତାଙ୍କ ସାଙ୍ଗରେ ଆସିଥିବା ଏକମାତ୍ର ଶିଷ୍ୟକୁ ଆସ୍ତେ କରି ତା କାନ ପାଖରେ କିଛି କହିଲେ। ସନ୍ଥଙ୍କ ଇଙ୍ଗିତରେ ଶିଷ୍ୟ ଜଣକ ରାସ୍ତାର ମଝିଆ ମଝି ଏକ ଛକ ସ୍ଥାନରେ ଛିଡ଼ା ହୋଇ, ସନ୍ଥଙ୍କ ନାଆଁ ଧରି ସନ୍ଥଙ୍କୁ ନିନ୍ଦା କରିବାରେ ଲାଗିଲା।

ଅଳ୍ପ ସମୟ ମଧ୍ୟରେ ସେଠାରେ କିଛି ଲୋକ ଜମା ହୋଇଗଲେ। ଶିଷ୍ୟଟି ମୁହଁରେ ସନ୍ଥଙ୍କ ନିନ୍ଦା ଶୁଣି ତାଙ୍କ ଆଦର୍ଶ'ର ଅନୁଗାମୀ ସେହି ଲୋକମାନେ ଅତ୍ୟନ୍ତ ଉତ୍ୟକ୍ତ ହୋଇ ମାଡ଼ି ଆସିଲେ, ଏବଂ ଶିଷ୍ୟକୁ ଆକ୍ରମଣ କରିବାକୁ ଉଦ୍ୟତ ହେଲେ।

ଠିକ୍ ଏତିକି ବେଳେ ସନ୍ଥ ନିଜେ, ଆଗକୁ ବାହାରି ଆସି ସେ ଉତ୍ୟକ୍ତ ଲୋକମାନଙ୍କୁ ଅଟକାଇଲେ। ତା'ପରେ ସେଠାରେ ଅନୁଷ୍ଠାନ ପ୍ରତିଷ୍ଠା କରିଥିବା ସେହି ଯୁବକକୁ କହିଲେ - "ଏବେ ଦେଖୁଛ ତ କି ଅବସ୍ଥା..!! ବୁଝିପାରୁଛ ତ, ମୁଁ ନିଜେ କାହିଁକି ଅନୁଷ୍ଠାନ ଟିଏ ପ୍ରତିଷ୍ଠା କରି ମୋ ଆଦର୍ଶର ଶିକ୍ଷା କାହାକୁ ଦେଉ ନ ଥିଲି !! ତୁମେ ଓ ତୁମର ଏହି ଅନୁଷ୍ଠାନ ଯୋଗୁଁ ମୋ ଆଦର୍ଶର ଗୁଣଗାନ କରୁଥିବା ଲୋକମାନେ ମୋ ଆଗରେ ହିଁ ମୋ ଆଦର୍ଶକୁ ହତ୍ୟା କଲେ। ସେମାନେ ହିଂସା କରିବାକୁ ଆଗେଇ ଆସିଲେ।'"

ପୁଣି କହିଲେ ସନ୍ଥ -"ମୋ ଜୀବନ କାଳରେ ମୋ ଆଦର୍ଶକୁ ଅନୁସରଣ କର। ମୋ ପରେ ବି ଅନୁସରଣ କଲେ ଭଲ। କିନ୍ତୁ ସେସବୁ ଏ ପୃଥିବୀର ଚିରନ୍ତନ ଗୁଳି ଆସିଥିବା ସତ୍ୟ ଦୟା ଓ ଅହିଂସା ଭାବନା। ଯାହା ସବୁ ବିଭିନ୍ନ ସମୟରେ ବିଭିନ୍ନ ଧର୍ମର ଅବତାର ଗ୍ରହଣ କରିଥିବା ମହାପୁରୁଷ ମାନେ, ଜ୍ଞାନୀ ବିଦୁଷୀ ନାରୀ ଓ ପୁରୁଷ ମାନେ ବିଭିନ୍ନ ଭାଷାରେ କହି ଆସିଛନ୍ତି। ଏ ସବୁ ସଦଗୁଣ, ସତବାଣୀ; ମୋର ବା ଆଉ କାହାର କାହାର ବ୍ୟକ୍ତିଗତ ସମ୍ପତ୍ତି କିମ୍ବା କେଉଁ ଅନୁଷ୍ଠାନର ଅବଦାନ ନୁହେଁ।

ଯେତେବେଳେ ଗୋଟିଏ ଅନୁଷ୍ଠାନ ପକ୍ଷରୁ ଏସବୁ ପ୍ରଚାର ପ୍ରସାର କରାଯିବ, ସେତେବେଳେ ସେହି ଅନୁଷ୍ଠାନକୁ ସମର୍ଥନ କରୁଥିବା ଗୋଟିଏ ଅନୁଚର ବର୍ଗ ସୃଷ୍ଟି ହେବେ। ସେମାନେ ନିଜ ଶ୍ରଦ୍ଧା, ବିଶ୍ୱାସ, ଓ ଆସ୍ଥା ସବୁକୁ ନେଇ ଗୋଟିଏ ଦଳ ବା ଗୋଷ୍ଠୀ ଗଠନ କରିବେ। ବିଭିନ୍ନ ସମୟରେ ସେମାନଙ୍କର ଏହି ଅନୁଷ୍ଠାନ'ର ସୁରକ୍ଷା, ପ୍ରଚାର ଓ ବୃଦ୍ଧି ବଳ ପ୍ରୟୋଗ କରିବେ। ଏବଂ ସେସବୁର ପରିଣାମ ତୁମେ ତୁମ ଆଖିରେ ଦେଖିଲ।

ଯେଉଁ ଦୁଇଟି ମାତ୍ର ବାଣୀ 'ଶ୍ରଦ୍ଧା କରିବା ଓ ଧର୍ଯ୍ୟ ଧରିବା' କୁ ମୁଁ ଗୁରୁତ୍ୱ ଦେଇ ଆସିଛି, ସେହି ଦୁଇଟା ହିଁ ମୋ ସମ୍ମୁଖରେ ମୋ ଅନୁଚର ବୋଲି ଦାବି କରୁଥିବା ଲୋକେ ସର୍ବ ପ୍ରଥମେ ହତ୍ୟା କଲେ। ତାହେଲେ କେଉଁ କାରଣରୁ ତୁମର ଏହି ଅନୁଷ୍ଠାନ ଦେଖି ମୁଁ ଖୁସି ହେବି !!"

ଆଜି ଏମିତି ବିଭିନ୍ନ ସମୟରେ ବିଭିନ୍ନ ଧର୍ମର ବିଭିନ୍ନ ଦଳ, ନିଜର - କର୍ତ୍ତୃତ୍ୱ ଓ ଆର୍ଥିକ ରାଜନୈତିକ ଶକ୍ତି ଆଧାରରେ ବିଭିନ୍ନ ଅନୁଷ୍ଠାନ ମଠ ମନ୍ଦିର ଗୁରୁଦ୍ୱାର ମସଜିଦ ଗିର୍ଜା ଆଶ୍ରମ ବାଟିକା ଇତ୍ୟାଦି ନିର୍ମାଣ କରି ନିଜ ଦଳର ଅହଙ୍କାର ପ୍ରଦର୍ଶନ କରୁଛନ୍ତି ସିନା, ଶ୍ରଦ୍ଧା କରିବା ଓ ଧୈର୍ଯ୍ୟ ଧରିବା ପରି ଦୁଇଟି ମାତ୍ର ସନ୍ଥ ବାଣୀ ନିଜ ଜୀବନରେ ପାଳନ କରିବାକୁ ଅଯୋଗ୍ୟ।

ଦାମନଯୋଡି

# ଅଧିକାର



ତ୍ରିପତି ପ୍ରଧାନ

କେହୁଁ ଅଧିକାର ରଖିଛି ମୋ ପାଖେ
ଆସିଯିବି ତୁମ ଆହ୍ୱାନରେ
ସ୍ନେହବଳା କେଇପଦ କଥା
ଦୁଇ ଟୋପା ଲୁହର ବିନ୍ଦୁରେ
ବନ୍ଧା ଆଜି କର୍ତ୍ତବ୍ୟ ରଜୁରେ
ପଦ ମର୍ଯ୍ୟାଦାର ସମୟ ଚକ୍ରରେ
ତଥାପି
ପଞ୍ଚପୁତ୍ର ରହିବେ ମହୀରେ ....
କେହୁଁ ଅଧିକାର ରଖିଛି ମୋ ପାଖେ
ସୁଖ ସମ୍ପଦ ଖେଳେ
ବୋଲ ହେବାନେଇ
ପଠାଇଦେଇ ବିସ୍ୱଜନ ବନେ
ସୁବର୍ଣ୍ଣ ହରିଣୀର ଲୋଭେ
ଯୁଦ୍ଧେ ରାକ୍ଷସର ବିନା ବିନାଶରେ...
କେହୁଁ ଅଧିକାର ରଖିଛି ମୋପାଖେ
ପୁତ୍ର ସ୍ନେହେ ବନ୍ଧାଦେଇ
ମାତୃତ୍ୱ ମମତା
ଆଜି କାହିଁ ଯିବି ଗୋପପୁରୁ
ଦ୍ୱାରିକର ରାଜ ପ୍ରାସାଦକୁ....

କେହୁଁ ଅଧିକାର ରଖିଛି ମୋ ପାଖେ
ପୁତ୍ରସେବା ପାଇବି ଜୀବନେ
ସତ୍ୟ ରକ୍ଷା, ପଦବୀର ମୋହେ
ତଡିଦେଇ ବନପ୍ରଦେଶକୁ...
କେହୁଁ ଅଧିକାର ରଖିଛି ମୋପାଖେ.

ସଂସ୍କୃ ତଶିକ୍ଷକ, ଚକଟି

# ଦେବୀ ଆସେ



ସୌମ୍ୟ ରଞ୍ଜନ ପାଲ

ସବୁଜିମାର ସେ କାକର ବିଲରେ
ଜଳନ୍ତା ଚୁଲିର ନଆଁର ଝୁଲରେ
ଝଡ଼ିଯାଇଥିବା ଶିଉଳ ଫୁଲରେ
ଦେବୀ ଆସେ.......ଦେବୀ ଆସେ ॥

ପାପୁଲିର ଗାଢ଼ ମେହେନ୍ଦୀ ରଙ୍ଗରେ
ସମାଜର ସେଇ ଦାରିଦ୍ର୍ୟ ବ୍ୟଙ୍ଗରେ
ବିଦେଶ ଫେରନ୍ତା ଭାଇର ସାଙ୍ଗରେ
ଦେବୀ ଆସେ.......ଦେବୀ ଆସେ ॥

ଆଲୁଅରେ ସଜା ଅନ୍ଧାରି ମୁଲକେ
ମୁଦିଯାଉଥିବା ଆଖିର ପଲକେ
ଭିଡ଼ ଗହଳରେ ଆପଣା ଝଲକେ
ଦେବୀ ଆସେ.......ଦେବୀ ଆସେ ॥

ମାଆ ହାତରନ୍ଧା ବିଲ୍‌ତି ଖଟାରେ
ଢ଼ିଲ୍ ହେଇଥିବା ଶଗଡ଼ ପଟାରେ
ପ୍ରିୟଜନ ମେଳେ ସେ ମଣ୍ଡା ପିଠାରେ
ଦେବୀ ଆସେ.......ଦେବୀ ଆସେ ॥

ମନ ହାରିଥିବା ମାଉଁସ କଷାରେ
ଆଡ୍ଡା ଜମିଥିବା ସାଙ୍ଗର ବସାରେ
ମଣ୍ଡପର ଝୁଣା ଶୁଙ୍ଘିବା ନଶାରେ
ଦେବୀ ଆସେ.......ଦେବୀ ଆସେ ॥

ଅଧା ସରିଥିବା ଅମୂଲ ଡ଼ବାରେ
ମାଟି ଦଶଭୁଜା ପୂଜା ପାଇବାରେ
ବାପା ହାତ ଜାକ ମେଢ଼ ଦେଖିବାରେ
ଦେବୀ ଆସେ.......ଦେବୀ ଆସେ ॥

ଟଙ୍କା ଛଣଛଣ ଭିକାରୀ ଥାଳରେ
ନୂଆ ପଲିଥିନ କୁଟାର ଗୁଳରେ
ବାସ୍ନା ବାଢୁଥିବା ଶ୍ରମିକ ଝାଳରେ
ଦେବୀ ଆସେ.......ଦେବୀ ଆସେ ॥

ଶରତର ସେଇ ପହିଲି ଦେଖାରେ
ବଦଳୁଥିବା ସେ ପାପୁଲି ରେଖାରେ
କାଗଜରେ ନୂଆ କବିତା ଲେଖାରେ
ଦେବୀ ଆସେ.......ଦେବୀ ଆସେ ॥

ବଡ଼ଶୋଳ, ମୟୂରଭଞ୍ଜ

# ଅକାଳେ ବାବାଜୀ ସକାଳେ ଦେଖା



କାଳକଙ୍କର ଦାସ

ବାବୁ ଆସିଲେଣି ପକାଅ ଅଖା
ଗାମୁଛା ହଲେଇ କରହୋ ପଙ୍ଖା
ଆସିଛ ଓ ବସ ପକାଇ ଚକା
କେତେକାଳୁ ଜନେ ପାଆନ୍ତି ଧୋକା
ଗହୀର ମଥା
ଅକାଳେ ବାବାଜୀ ସକାଳେ ଦେଖା।

କହିଲେ ଆସିଛି ମାଗୁଛି ଭିକ୍ଷା
ଭୋଟ୍ ଦେଇ କର ମହତ ରକ୍ଷା
ଦେବି କରିଦେବି କରହୋ ନେତା
ଦେବି ମୁଁ କମ୍ବଳ ଚଷମା ଜୋତା
ଛୁଏଁ ପଇତା
ଅକାଳେ ବାବାଜୀ ସକାଳେ ଦେଖା।

କେତେକାଳୁ ଏଠି ଅନେକେ ବୋକା
ଭେଜି ଭଜନ ଓ କପାଳେ ଟୀକା
ଦେଖଣା ଶିଖଣା ମାଗଣା ମଠ
ଖାଉଥା ପଣସ ବୋଲହୋ ଅଠ
ବସନ ଖଟା
ଅକାଳେ ବାବାଜୀ ସକାଳେ ଦେଖା।

ବେଳକାଳ ବୁଝି ବାଟ ଖୋଜୁଥା
ଶାଳକୁ ଘରଣୀ ବୋଲି ମାନୁଥା
ଅନ୍ଧାରରେ ଆଟୁ ଖୋଲି ଦେଉଥା
ହାଡ଼କଣ୍ଟା ନାଲି ପାଣି ଠେଲୁଥା
କର ଘଇତା
ଅକାଳେ ବାବାଜୀ ସକାଳେ ଦେଖା।

ଭୋଟ୍ ଖଣ୍ଡେ ପାଇଁ ହେଉ ବ୍ୟବସ୍ଥା
ପାଦ ଧର୍‌ଧରି ବିଧା ଗୋଇଁଠା
ଭେକଭୀକ ଥିଲେ ଧରମ ଅପା
ଷଣ୍ଢଙ୍କୁ କହନ୍ତି ସଭିଏଁ ବାପା
ଟଙ୍କା ବାଣ୍ଟୁଥା
ଅକାଳେ ବାବାଜୀ ସକାଳେ ଦେଖା।

ଗଣତନ୍ତ୍ର ଆଜି ସକାଳେ ବିକା
ଅକାଳେ ବାବାଜୀ ସାଜନ୍ତି ନେତା
ମିଛମାଛ ପାଞ୍ଚ ଆକାଶ ଛତା
ଦେଶ ଧନ ଖାଇ କଲେ ଖୋଳପା
ଲବଙ୍ଗଲତା
ଅକାଳେ ବାବାଜୀ ସକାଳେ ଦେଖା।

ସୌଭାଗିନୀ, ରଟିଲ, ରେଞ୍ଜ, ପୁରୀ

# ମନ୍ଦିରେ ଶ୍ରୀରାମ

ପ୍ରମୋଦ କୁମାର ସାହୁ

ଶ୍ରୀରାମ ନଗରୀ ଅବଧ ହସଇ
କାନ୍ଦଇ ସରଜୁ ଧାର,
ଲୋତକ ନୁହେଁ ଏ ବିଷାଦ ବଦନେ
ଅଟେ ମହା ଆନନ୍ଦର।
ପୁରୁଷ ଉତ୍ତମ, ସତ୍ୟ ନ୍ୟାୟବାନ
ଦୟା ଶାନ୍ତି ଅବତାର,
ସେ ପୁଣି ଲଢିଲେ ମୁକତିର ଯୁଦ୍ଧ
ପାଞ୍ଚ ଶହ ବରଷର।
ଯାର ପାଦରଜ ପରଶ ପାଇଣ
ଉଠଇ ବଞ୍ଚି ପାଷାଣ,
ତାର ପରଶରେ ମନ୍ଦିର ଶିଳା କ
ପାଇବ ନାହିଁ ଜୀବନ?
ଜୀବନମୟ ସେ ମନ୍ଦିର ହୋଇବ
କୋଟି ମନ ପ୍ରାଣକେନ୍ଦ୍ର,
ବାୟୁରେ ଯାହାର ଭସିବ ପୁଲକେ
ଭକତିର ମଧୁ ମନ୍ତ୍ର।
ଜୀବନେ ସମ୍ଭବ ନୁହଁଇ ମୋ ପାଇଁ
ହେବା ପୁରୁଷ ଉତ୍ତମ,
କନ୍ତୁ ଭକତ ମୁଁ ପୂଜିବି ପ୍ରଭୁଙ୍କୁ
ଧନ୍ୟ ହେବ ମୋ ଜନମ।

# ପ୍ରିୟା ମୋର



ପ୍ରତାପ ମିଶ୍ର

ତୁମେ ଯଦି କେବେ ଆସିଥାନ୍ତ ଥରେ
ମୋର ମନ କୁଂଜ ବନରେ
ତୁମରି ଟିକଏ ସ୍ପର୍ଶରେ
ସବୁ ପୁଣି ଥରେ ଜିବନ୍ତ ହୋଇ ଉଠିଥାନ୍ତା
ଅଂକୁରିତ ହୋଇଥାନ୍ତା
ନକଂଚନ ପ୍ରେମ କାନନରେ ।

ଲାଲ ଟୁକ ଟୁକ ତୁମରି ସେଇ ପାଦରେ
ଆଉ ପାଉଞ୍ଜି ର ରୁଣୁ ଝୁଣୁ ଶବ୍ଦରେ
ମୋ ମନର ଆଶା ଅସରନ୍ତି
ଶିହରି ଉଠିଥାନ୍ତା
ବସନ୍ତର ଶୀତଳ ପବନରେ
ଜୋଛନାର ବିଛୁରିତ ସୁନ୍ଦର ସ୍ପର୍ଶରେ ।

ପ୍ରସ୍ଫୁଟିତ ହୋଇଥାନ୍ତା ପ୍ରେମର ଉପବନ
ଗୋଲାପ ପରି ମହକ ଉଠିଥାନ୍ତା
ମଳୟ ବାଆରେ
କୋଇଲିର କୁହୁ କୁହୁ ମଧୁର ଧ୍ୱନରେ
ମୋ ମନ ଆକାଶରେ
ଇନ୍ଦ୍ରଧନୁର ସପ୍ତରଙ୍ଗ ଆଙ୍କି ଦେଇଥାନ୍ତା ।

ମୋ ମନ ଆଜିବି ସେମିତି ଅଛି
ସତେ ଅବା ଫର୍ଦେ ସଫେଦ କାଗଜ ଯେମିତି
ତୁମରି ଟିକଏ ମଧୁର ସ୍ପର୍ଶରେ
ସବୁ ପୁଣି ଜିବନ୍ତ ହୋଇଯିବା ପାଇଁ
ଆଜିବି ବସିଛି ତୁମ ପ୍ରତିକ୍ଷାରେ
ଅପଲକ ନୟନରେ ଗ୍ଚହିଁ ।

ଏବେବି କାଂଦୁଛି ତୁମରି ବିରହେ
ମୁହଁ କୁ ଲୁଗ୍ଚଇ ଲୁଗ୍ଚଇ
ଆଜିବି ଖୋଜୁଛି ତୁମକୁ
ତୁମ ପଥ ଗ୍ଚହିଁ ଗ୍ଚହିଁ
ମନକୁ କମିତି ବୁଝାଇବି କୁହ ତ
ନଜେ ଯଦି ବୁଝି ନାହିଁ ।

ସମୟ ସ୍ରୋତରେ ଭ୍ସିଗଲ ତୁମେ
ଗ୍ଚହିଁଲନ ଥରେ ଭ୍ବିଲନ ଦିନେ
ତୁମର ଏ ସଂସାର କଥାଟି
ଆଜି ବି ଝୁରୁଛି ତୁମକୁ ପ୍ରିୟା ହେ ସେମିତି
ତୁମକୁ ଗ୍ଚହିଁ ରହିଥିବି ସବୁଦିନେ ଏମିତି ।

ସିଡିଏ, କଟକ

# ଗୋଲାପ କଢ଼ି



ହାସ୍ୟମୟୀ ରାଜ୍

ବାଲକୋନୀର ସାମ୍ନାରେ ଥିଲା ସେଇ ପ୍ରକାଣ୍ଡ ଗୋଲାପ ଗଛ ଶାଖା ପ୍ରଶାଖା ମେଲି ସେ ଏମିତି ହସୁଥିଲା ବର୍ଷ ତମାମ୍ । ଫୁଲ ଫୁଟିଲେ ଶୋଭା ତାର ଅନେକ ଗୁଣରେ ବଢ଼ି ଯାଉଥିଲା ପ୍ରତିଦିନ ଗୋଧୂଳି ଲଗ୍ନରେ ତା ସହ ଏକ ଚମତ୍କାର ଆତ୍ମିୟତା ଜମି ଯାଉଥିଲା ମୋର। ଖାଲି ମୋର ନୁହେଁ ଅନମେଶଙ୍କର ବି । ବାଲକୋନୀରେ ଦୁଇଜଣ ଚା ପିଇବା ଭିତରେ ଗୋଲାପ ଗଛ ଯେ କେବେ ଆମ ହସରେ ହସ ମିଶେଇ ନାହିଁ ଏମିତି କେବେ ହେଇନ । ଆମର ଆଲୋଚନାର ପରିସର ଭିତରକୁ ସେ କୋଉଠି ନା କୋଉଠି ପଶି ଆସୁଥିଲା । ସେଇ ଗୋଲାପ ଗଛ ପ୍ରତି କେମିତି ଗୋଟାଏ ଭିନ୍ନ ଆକର୍ଷଣ ଥିଲା ମୋର । କେବେ ପତ୍ର ଟିଏ କେହି ଛିଡେଇ ନେଲେ ବି ଲାଗୁଥିଲା ତା ଦେହରୁ ଖଣ୍ଡେ ମାଂସ କଏ ଯେମିତି ନେଇଯାଉଛି, ଆଜିକୁ ପନ୍ଦର ବର୍ଷ ତଳେ ବାପା ସେଇ ଡାଳ ଆଣି ଆମ ଘରକୁ ଆସିଥିଲେ ଖାଲି ସେଇଟି ନୁହେଁ ଅନେକ ଚନ୍ଦନ ଗଛ ବି ସବୁ ଗୁଡିକୁ ସେ ନିଜେ ପୋତି ଦେଇ ଯାଇଥିଲେ। ଗଛରେ ଖୁବ୍ ସଉକୁ ଥିଲା ତାଙ୍କର । ସେଥିପାଇଁ ଆମ ଘର ଚାରିପଟେ ସେ ଅନେକ ଗଛ ଲଗେଇ ଥିଲେ। ସବୁଦିନ ସେଇ ଗଛ ମାନଙ୍କ ସହ ଟିକେ ଗପସପ ନହେଲେ ତାଙ୍କ କଥା ନବୁଝିଲେ ତାଙ୍କୁ ଭଲ ଲାଗୁ ନଥିଲା। ମୁଁ ବି କେବେ କେବେ ତାଙ୍କ ସହ ମିଶୁଥିଲି ଫୁଟୁଥିବା ଅନେକ ଗୋଲାପ ଗଛ ଭିତରୁ ସେଇ ଧଳା ଗୋଲାପ ପାଖରେ ସେ ସବୁବେଳେ ଅଟକ ଯାଉଥିଲେ । ତାକୁ କେବେ ଆଉଁସି ଦେଉଥିଲେ ତ କେବେ ତା ଦେହରୁ ଧୂଳି ଝାଡି ଦେଉଥିଲେ । ମୋ ବିବାହର କିଛି ଦିନ ପରେ ସେ ଯେବେ ପ୍ରଥମ ଥର ପାଇଁ ମୋ ଶାଶୁଘର ଆସିଥିଲେ ଅନେକ ଗଛ ସହ ଏଇ ଗୋଲାପ ଡାଳ ଖଣ୍ଡିକ ଆଣି ନିଜ ହାତରେ ଆମ ଘର ସାମ୍ନାର କୋଣରେ ପୋତି ଦେଇଥିଲେ ଓ ତାଙ୍କ ଜ୍ୱାଇଁ ଅନମେଶଙ୍କୁ କହିଥିଲେ ଏହାକୁ ଯତ୍ନ କରିବ ଦେଖିବ ଏହା ଦିନେ ବହୁ ଶାଖା ପ୍ରଶାଖା ମେଲିବ ତୁମ ଘରର ଶୋଭା ବଢେଇବ।

ଗଲାବେଳେ ମୋ ଆଖିରେ ଲୁହ ଦେଖି ମୋତେ କହି ଯାଇଥିଲେ ଏଇ ଗଛକୁ ମୁଁ ନିଜ ହାତରେ ପୋତି ଦେଲି କାହିଁକି ଜାଣୁ । ଯେତେବେଳେ ତୋର ମୋ କଥା ମନେ ପଡିବ ଏଇ ଗୋଲାପ ଗଛକୁ ଚାହିଁବୁ ଭାବିବୁ ମୁଁ ସେଇଠି ଅଛି । ହସି ହସି ବାପା ଏ କଥା କହି ଚାଲିଗଲେ ସିନା ଅନେକ ସମୟ ଧରି ମୋ ଆଖିରୁ ଲୁହ କିନ୍ତୁ ବନ୍ଦ ହୋଇ ନଥିଲା। ମନେ ମନେ ଭାବୁଥିଲି ବାପା କାହିଁକି ଏକଥା ମୋତେ କହିକି ଗଲେ ।ଅନେକ ଗଛ ତ ଆଣିଥିଲେ ଏଇ ଗୋଲାପ ଗଛଟି ନିଜ ହାତରେ ପୋତିଲେ କାହିଁକି ! ମନେ ପଡିଗଲା ପିଲାଦିନର ଏକ କଥା । ଥରେ ସେଇ ଧଳା ଗୋଲାପର ଗଛରୁ ମୁଁ ଚାରୋଟି କଢ ଛିଡେଇ ଆଣିଥିଲି । କାହିଁକି ନା ଆମେ ଚାରିଜଣ ସାଙ୍ଗ ଖେଳୁ ଖେଳୁ ସେମାନେ ମୋତେ ସେଇ ଗୋଲାପ କଢ ଦେବାପାଇଁ କହିଥିଲେ ଆଉ ଲୋଭ ବି ଦେଖେଇଥିଲେ ସେମାନେ ମୋତେ ଏକ ମାଟି ତିଆରି କଣ୍ଢେଇ ଦେବେ ଯାହାକୁ ମୁଁ ସେମାନଙ୍କୁ ମାଗିଥିଲି। ଏବେ ମନେ ପଡିଲେ ସେ କଥା ମୋତେ ଖୁବ୍ ହସଲାଗେ । କୁନି କୁନି ପିଲାମାନଙ୍କର ମନସ୍ତତ୍ତ୍ୱକୁ ମୁଁ ବିଶ୍ଳେଷଣ କରେ। କେତେ ନୀରିହ କେତେ ଅମାୟିକ ସତରେ ସେଇ କୁନି କୁନି ପିଲାମାନଙ୍କ ମନ। ଆଉ ସେଦିନ ସେଇ କଣ୍ଢେଇ ଲୋଭରେ ମୁଁ ଚାରୋଟି କଢ ଛିଡେଇ ଦେଇଦେଲି, ସେଦିନ ନାନୀ ଆସି ମୋ କାନ ମୋଡିଥିଲା ଆଉ କହିଥିଲା ବାପାଙ୍କ ପାଖରେ କହିଦେବ ବୋଲି । ମୁଁ ଖୁବ୍ ଡରି ଯାଇଥିଲି । କେବେ କେବେ ବାପା ଭାଇକୁ ଚାପଡା ମାରିବାର ମୁଁ ଦେଖିଥିଲି। ଅବଶ୍ୟ ମୋତେ କେବେ ସେ ମାରୁନଥିଲେ କିନ୍ତୁ ନାନୀ ମୋତେ ଖୁବ୍ ଡରେଇ ଦେଇଥିଲା। ସତରେ ମୁଁ ବି ଖୁବ୍ ଡରି ଯାଇଥିଲି । ସେଦିନ ଯିଏ ଯେତେ ଡାକଲେ ମୁଁ ଖାଇ ପାରିଲିନି କାରଣ ଭୟ ଥିଲା ବାପା ଆସି କଣ କହିବେ ।ମା ବି ଖୁବ୍ ରାଗିଥିଲା। ମୁଁ ମୁଁହମାଡି ଶୋଇ ଯାଇଥିଲି।

ବାପା ବଜାରରୁ ଫେରି ଗୋଲାପ ଗଛକୁ ଆଗେ ଚାହିଁବେ, ଏକଥା ମୁଁ ଜାଣିଥିଲି ତଥାପି ଚପଳ ମନ ନେଇ ଏକଥା ମୋ ମୁଣ୍ଡରେ ପଶି ନଥିଲା ଯାହା ନାନୀ ମୋତେ କହି ଭୟଭୀତ କରିଥିଲା। ବାପା ସେଦିନ ଆସି ଗୋଲାପ ଗଛରେ କଢ ଗୁଡିକ କିଏ ଛିଡେଇ ନେଇ ଦେଖି ମା ଉପରେ ଖୁବ୍ ବିରକ୍ତି ହୋଇଥିଲେ । ଆଉ ମୁଁ ଡରରେ ଖାଇନି ଏକଥା ଜାଣିବା ପରେ ମୋ ପାଖକୁ ଆସି ମୋ ମୁଣ୍ଡ ଆଉଁସି ଦେଇ ଆଉ ଏମିତି କେବେ କରିବୁନି ବୋଲି ବୁଝେଇ ଦେଇଥିଲେ । ସେଦିନ ବୁଝିଥିଲି ବାପାଙ୍କ ହୃଦୟ ସନ୍ତାନ ପାଇଁ କେତେ ମହାନ ହେଇପାରେ । ଆଉ ସେଦିନ ଗୋଲାପ ଡାଳ ପୋତିବା ସହ ଏଇ କଥା କହି ବାପା ଚାଲିଯିବା ପରେ ମୋର ସେଦିନର କଥା ମନେ ପଡୁଥିଲା।

ଆଉ ଆଜି ଦୀର୍ଘ ପନ୍ଦର ବର୍ଷ ପରେ ସେଇ ଗୋଲାପ ଗଛ ତାର ପରିପୁର୍ଣ୍ଣ ଅବୟବ ନେଇ ଆମ ଘର ସାମ୍ନାରେ, ଏମିତି କୌଣସି ଦିନ ନଥିଲା ମୁଁ ସେ ଗୋଲାପ ଗଛ ପାଖକୁ ଯାଉ ନଥିଲି ଯେବେ ସାଂସାରିକ ଜଞ୍ଜାଳ ଭିତରେ ଅସହାୟ ବୋଧ କରୁଥିଲି ସେଇ ଗଛକୁ ଗ୍ଧୁଥିଲି ତାର ଛୋଟ ଛୋଟ କଢି ମାନଙ୍କ ଭିତରେ ମୋ ବାପାଙ୍କ ମୁହଁକୁ ଦେଖୁଥିଲି ସବୁ ଦୁଃଖ ଯେମିତି ମୋର ନମିଷକେ ଉଭେଇ ଯାଉଥିଲା । ସେ ଗଛରୁ ମୁଁ କେବେ ବି ଫୁଲ ଛିଡୋଉ ନଥିଲି କେବଳ ମୋ ବିବାହ ବାର୍ଷିକ ରେ ସେ ମୋତେ ସେଇ ଗଛରୁ ଫୁଲଟିଏ ତୋଳ ଦେଉଥିଲେ ଆଉ ଠାକୁରଙ୍କ ପାଖରେ ଭେଗ ଲଗୋଉଥିଲେ। ସେଇ ଫୁଲକୁ ମୋ ମୁଣ୍ଡ ଉପରେ ଥୋଇ ମୋ ବାପାଙ୍କର ଅଦୃଶ୍ୟ ଆଶୀର୍ବାଦର ହାତକୁ ମୁଁ ଅନୁଭବ କରୁଥିଲି।

ଆଜି ବାପା ଆଉ ନାହାଁନ୍ତିହେଲେ ସେଇ ଗୋଲାପ ଗଛର କଢି ଭିତରେ ମୁଁ ବାପାଙ୍କର ଆଖିକୁ ଅନୁଭବ କରେ ସତେ ଯେମିତି ସେ ହସୁଛନ୍ତି କହୁଛନ୍ତି ମୁଁ ପରା ଏଇଠି ଅଛି... ସେଦିନ ତୁ ଛିଡେଇଥିବା ସେଇ ଗୋଲାପ କଢିର କଥା ତୋର କଣ ମନେ ନାହିଁ !! ମୋ ଆଖିରୁ ଝରିଆସେ ଦୁଇଟୋପା ଲୁହ....।

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରେମ ଭକତିର ଅମୃତ ଗାଥା



ପୁଷ୍ପଲତା ବେହେରା

କିଏ ସେ ବ୍ରଜକିଶୋରୀ କିଏ ସେଇ ରାଇ
ଯାହା ପ୍ରେମେ ବନ୍ଧା ଆଜି ଦ୍ୱାରିକାର ସାଇଁ।
ମହାଜ୍ଞାନୀ ଉଦ୍ଧବଙ୍କ ଜିଜ୍ଞାସାକୁ ଜାଣି
ସକାଳ ବୃତ୍ତାନ୍ତ ପ୍ରଭୁ କହିଲେ ବଖାଣି।
ଶୁଣିଣ ଉଦ୍ଧବ ଗୋପବାଳୀଙ୍କର ଗାଥା
ବ୍ରଜପୁର ଯିବାପାଇଁ ମନେ କଲେ ଚିନ୍ତା।
ଭାବିଲେ ଗୋପୀଙ୍କୁ ମୋକ୍ଷ ମାର୍ଗ ଦେଖାଇଣ
ବିରହ ବ୍ୟଥା ସଭିଙ୍କ କରିବେ ହରଣ।
ପ୍ରବେଶ ହୋଇଲେ ଭକ୍ତ ଗୋପର ନଗରୀ
ଗୋପୀ ଗଣ ଉଦ୍ଧବଙ୍କୁ ପକାଇଲେ ଘେରି।
କୃଷ୍ଣ ହସ୍ତ ଲେଖା ଏକ ଚିଟାଉ ଦେଖିଲେ
ଉଦ୍ଧବଙ୍କ ହସ୍ତୁ ସର୍ବେ ଟାଣି ନେଇଗଲେ।
ପତ୍ରଟିକୁ ସର୍ବାବାଳୀ ଟିକି ଟିକି କରି
ଚୁମ୍ବନ୍ତି ଅଧରେ କୃଷ୍ଣ ଗାଥାକୁ ସୁମରି।
ପାଗଳଣୀ ପ୍ରାୟ ହୋଇ ଲୋତକ ଗଡାନ୍ତି
ଲେଖା ମଧ୍ୟେ ପ୍ରିୟତମ ପରଶ ଲଭନ୍ତି।
ଉଦ୍ଧବ ଏମନ୍ତ ଦେଖି ଚକିତ ହୁଅନ୍ତି
କେତେ ମୂର୍ଖ ଗୋପୀ ଭାବି ମୁରୁକି ହସନ୍ତି।
କୁହନ୍ତି ସଧୀରେ ଶୁଣ ଶୁଣ ଗୋପୀଗଣ
ଜ୍ଞାନାମୃତ କର ପାନ ନହୁଅ ଅଜ୍ଞାନ ।
ବିରହ ବ୍ୟଥା ସଭିଙ୍କ ହୋଇବ ଦୂରିତ
ଜ୍ଞାନ ବଳେ ମୋକ୍ଷ ମାର୍ଗ କରିବ ପ୍ରାପତ।

ଉଦ୍ଧବଙ୍କୁ ଚାହିଁ ସର୍ବ ଗୋପୀଏ ବୋଲନ୍ତି
ବିରହରେ କେତେ ସୁଖ ପ୍ରେମୀ ହିଁ ଜାଣନ୍ତି।
ପ୍ରେମ ଯିଏ କରିନାହିଁ ଜ୍ଞାନ ତା ଅଧୁରା
ପ୍ରେମକର ଜ୍ଞାନ ତବ ହୋଇଯିବ ପୂରା।
କୁହ କେବେ କାହ୍ନା ଆମ ଆସିବେ ଗୋପକୁ
ମୋକ୍ଷ ଆମ ଲୋଡାନାହିଁ ଚାହିଁଛୁ କାହ୍ନାକୁ।
ରାଇକିଶୋରୀଙ୍କୁ ଯାଇ ଉଦ୍ଧବ ଭେଟିଲେ
ଦଶା ତାଙ୍କ ଦେଖି ଭକ୍ତ ହତବାକ ହେଲେ।
ନିର୍ବାକ ଦେବୀ ଟିଏ ମୁଖେନାହିଁ ଭାଷା
ତେଜିଛି ସକଳ କର୍ମ କୃଷ୍ଣେ କରି ଆଶା।
ବାଇ ପ୍ରାୟ ହୋଇ ଲତାକୁଞ୍ଜେ ଭ୍ରମୁଥାନ୍ତି
ଯମୁନାକୁ ଚାହିଁ କୃଷ୍ଣ ବାରତା ପୁଚ୍ଛନ୍ତି।
ଶ୍ରୀରାଧାଙ୍କ କଷ୍ଟ ଦେଖି ବୋଲନ୍ତି ଉଦ୍ଧବ
ଜ୍ଞାନଚକ୍ଷୁ ଖୋଲି ଦେବୀ ଦେଖ ଏ ଜଗତ।
ପ୍ରେମ ବିରହରେ ଖାଲି ଭରିଅଛି ଦୁଃଖ
ଭୁଲିଯାଅ ମିଛ ମୋହ ମିଳିଯିବ ସୁଖ।
ହସିଣ କହନ୍ତି ରାଇ ଶୁଣ ହେ ଉଦ୍ଧବ
ବିରହରେ ଭରିଅଛି ଅପାର ଆନନ୍ଦ।
ରାଧାକୃଷ୍ଣ ପ୍ରେମ ନିତ୍ୟ ସତ୍ୟ ଚିରନ୍ତନ
କାହ୍ନା ବିନା ରାଧା ଅଧା କାହ୍ନୁ ମୋର ପ୍ରାଣ।
ପ୍ରେମ ଯହିଁ ଶାଶ୍ୱତ ଆଉ ଦେହାତୀତ
ଆତ୍ମା ଠୁଁ ଆତ୍ମା ଯେ କେତେ ବା ଦୂରତ୍ୱ।

ବିରହ ନମିତ୍ତ ମାତ୍ର ଦୁଇ ଶରୀରର
କୃଷ୍ଣଙ୍କ ସହିତେ ସଦା ବନ୍ଧା ଆତ୍ମା ମୋର।
ମୁହିଁ କେବେ ତାଙ୍କ ଠାରୁ ଯାଇନ ଦୂରେଇ
ଅଛନ୍ତି ମୋ ପାଶେ ସଦା ମୋ କଳା କହ୍ନେଇ।
ପ୍ରେମ ଭକତିର ଦୀପଟିଏ ଜାଳ ଦେଖ
ସବୁଠାରେ ବିରାଜିତ ସେ ପଙ୍କଜମୁଖ।
ଶ୍ରୀରାଧାଙ୍କ ପାର୍ଶ୍ଵେ ଦେଖି ମୋହନ ମୁରାରୀ
ଭାବ ଅଶ୍ରୁ ଉଦ୍ଧବଙ୍କ ନେତ୍ରୁ ପଡେ ଝରି।
ପ୍ରେମ ପରାକାଷ୍ଠା ଦେଖି ହୋଇଲେ ଚକତ
ଭକତିରେ ତନୁ ମନ ହେଲା ପୁଲକତ।
ପ୍ରେମ ଭକତିର ମକରନ୍ଦ କରି ପାନ
ଉଦ୍ଧବ ଯେ ଆପଣାକୁ ମଣୁଥିଲେ ଧନ୍ୟ।
ଜ୍ଞାନ ତାଙ୍କ ପ୍ରେମ ପାଶେ ଲାଗୁଥିଲା ତୁଚ୍ଛ
ଘୋଷୁଥିଲେ ତୁଣ୍ଡେ ରାଧେକୃଷ୍ଣ ରାଧେକୃଷ୍ଣ।
ପ୍ରେମ ଗଙ୍ଗାରେ ଉଦ୍ଧବ କରିଣ ସ୍ନାହାନ
ଧୋଇ ହୋଇଗଲା ତାଙ୍କ ଜ୍ଞାନ ଅଭିମାନ।
ଅହମିକା ତେଜିଦେଇ ଆରେ ମୂଢ ମନ
ରାଧେକୃଷ୍ଣ ରାଧେକୃଷ୍ଣ ଭଜ ଅନୁକ୍ଷଣ।
ଭାବର ଠାକୁର ସିଏ ଭକତିରେ ବନ୍ଧା
ସେ ପଦେ ଅରପି ଦେ ତୋ ସକଳ ଧନ୍ଦା।
ଭବ ସାଗରରେ ସେଇ ଏକା ହିଁ ନାଉରୀ
ସକଳ ସଙ୍କଟୁ ତୋତେ କରିଦେବେ ପାରି।

*****

ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରୀ
ହେ ନାଥ ନାରାୟଣ ବାସୁଦେବ।।

*****

ରାଉରକେଲା, ଓଡିଶା

# ଆଖିର ଗହଣା ଲୁହ



ଦିଲିପ୍ କୁମାର ତ୍ରିପାଠୀ

ଆଖିର ଲୁହକୁ ଗହଣା କହିଲେ
ଭୁଲ ହେବ ନାହିଁ ଜମା ଭୁଲ ହେବ ନାହିଁ
ଛାତିର କୋହକୁ ସମ୍ପତ୍ତି କହିଲେ
ଭୁଲ ହେବ ନାହିଁ ଜମା ଭୁଲ ହେବ ନାହିଁ
କାହାର ସେ ପଦେ କଥା, ବୁଣି ଦିଏ ନିରବତା
କାହା ପାଇଁ ଏତେ ଲୁହ, ପୁଣି ଛୁଟେ ରକ୍ତ ସୁଅ
ଯଦି କୁହେ ଚହ୍ଲା ମୁହଁ...
ଭୁଲ ହେବ ନାହିଁ ଜମା ଭୁଲ ହେବ ନାହିଁ...

ପ୍ରେମିକା ପ୍ରେମକୁ ସ୍ୱପ୍ନ କହିଦେଲେ
ମିଛ ସେ ହବନି ଜମା ମିଛ ସେ ହବନି
ସୁନ୍ଦରୀ ଝିଅର କଥାରେ ଭରସା
କେବେ କରିବନି ଭାଇ କେବେ କରିବନି
କାହାର ସେ ନୀଳ ଆଖି, ପ୍ରତିଥର ଦିଏ ଠକି
କାହା ପାଇଁ ନଦୀ ରୁକ୍ଷେ, ବାଟୋଇ ଟି ମରେ ଶୋଷେ
ଯଦି କୁହେ ଭାଗ୍ୟ ହସେ
ଭୁଲ୍ ହେବ ନାହିଁ ଜମା ଭୁଲ୍ ହେବ ନାହିଁ...

ଯନ୍ତ୍ରଣା ଜୁଇ କୁ ପ୍ରେମିକ କହିଲେ
ଭୁଲ୍ ହେବ ନାହିଁ ଜମା ଭୁଲ୍ ହେବ ନାହିଁ
ମଶାଣି ଫୁଲକୁ ପ୍ରେମିକା କହିଲେ
ଭୁଲ୍ ହେବ ନାହିଁ ଜମା ଭୁଲ୍ ହେବ ନାହିଁ
କଏ ସେଇ ବିଷ କନ୍ୟା, ତୁଚ୍ଛାଟାରେ ଆଣେ ବନ୍ୟା
କଏ ସିଏ ଢାଳେ ବର୍ଷା, ଭାଙ୍ଗି ଦିଏ ସବୁ ଆଶା
ଯଦି କୁହେ ସିଏ 'ବର୍ଷା'
ଭୁଲ୍ ହେବ ନାହିଁ ଜମା ଭୁଲ୍ ହେବ ନାହିଁ...

ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# କାହିଁକି କଲେ ଅନୁତାପ



ନରେନ୍ଦ୍ର ପ୍ରସାଦ ବେହେରା

ଆଜି ନୁହେଁ, କାଲି ନୁହେଁ, ବହୁ ପୁରାତନ କାଳରୁ ଲୋକମାନେ ଗଛପତ୍ରକୁ ପୂଜା କରି ଆସୁଛନ୍ତି । ଆଜି ବି ଘରେ ଘରେ ତୁଳସୀ, ବଟ,ଅଶ୍ୱତ୍ଥ, ଅଁଳା ଓ ଚମ୍ପା ଇତ୍ୟାଦି ବୃକ୍ଷକୁ ଲୋକମାନେ ଦେବୀ ଦେବତା ମନେକରି ପୂଜା କରୁଛନ୍ତି । ଦୈନନ୍ଦିନ ଅଁଳା, ତୁଳସୀ ବୃକ୍ଷକୁ ଦେଖିକରି ଲୋକମାନେ ନିଜ ନିଜର ଗତି ପଥରେ ଯାଆନ୍ତି । କାରଣ ତାଙ୍କର ବିଶ୍ୱାସ ଅଛି ଏହିସବୁ ବୃକ୍ଷକୁ ଦର୍ଶନ କରି ଘରୁ ବାହାରକୁ ଗଲେ ଶୁଭ ଦାୟକ ହୋଇଥାଏ ବୋଲି । ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ଅଛି ଘରର ଡାହାଣ ପଟେ ଚଉରା କରି ତୁଳସୀ ବୃକ୍ଷ ରୋପଣ କଲେ ଘର ତଥା ପରିବାରର ମଙ୍ଗଳ ହୋଇଥାଏ । ଆହୁରି ମଧ୍ୟ ନୂତନ ଘର, ଗଡିଆ ଓ ପୋଖରୀ ପ୍ରତିଷ୍ଠା କରିବା ସମୟରେ ଲୋକମାନେ ତୁଳସୀ ବୃକ୍ଷର ପ୍ରତିଷ୍ଠା କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଆସନ୍ତୁ ଜାଣିବା ଏକ କାହାଣୀ ବିଷୟ । କାହାଣୀଟି ହେଲା-- ଗୋଟିଏ ଗ୍ରାମରେ ରାମଚନ୍ଦ୍ର ବୋଲି ଜଣେ ଲୋକ ବାସ କରୁଥିଲେ । ସେ ଅତ୍ୟ ଧର୍ମପରାୟଣ ଓ ପରୋପକାରୀ ଥିଲେ । ତାଙ୍କ ସହିତ ତାଙ୍କ ସହଧର୍ମିଣୀ ଓ ଦୁଇପୁଅ ରହୁଥିଲେ । ଦୁଇଭାଇ ଖୁବ୍ ଆନନ୍ଦରେ ଖେଳକୁଦରେ ମାତି ସମୟ କଟାଉଥିଲେ । ରାମଚନ୍ଦ୍ର ଗାଁ ଜମିଦାରଙ୍କ ପାଖରେ ଗୋମାସ୍ତା ହିସାବରେ ରହି ଜମିଦାରଙ୍କ ଖାତା କାମ କରୁଥିଲେ । ମାସ ଶେଷରେ ସେଥିରୁ ଯାହା ମିଳୁଥିଲା ତାଙ୍କ ପରିବାରର ଗୁଜରାଣ ମେଣ୍ଟୁ ନଥିଲା । କ୍ରମେ ପୁଅମାନେ ବଡ଼ ହେଲେ । ଘରର ଖର୍ଚ୍ଚ ମଧ୍ୟ ବଢିବାକୁ ଲାଗିଲା । ବାପା ରାମଚନ୍ଦ୍ର ତା'ର କୁଡିଆ ଆଗରେ ଦୁଇଟା ବୃକ୍ଷ ରୋପଣ କରିଥିଲେ । ସେ ଗୁଡ଼ିକ ଥିଲା ନିମ୍ବ ଓ ଅଁଳା । ସେ ପ୍ରତିଦିନ ସ୍ନାନ ସାରିବା ପରେ ଦୁଇ ବୃକ୍ଷ ମୂଳରେ ପାଣି ଢାଳେ । ପ୍ରତିଦିନ ଘରୁ ବାହାରିବା ସମୟରେ ଏଇ ଦୁଇ ବୃକ୍ଷ ମୂଳରେ ଦଣ୍ଡବତ ହୋଇ ନିଜର ଗନ୍ତବ୍ୟ ପଥରେ ଯାଏ । ସମୟ ଅତିକ୍ରମ କରିବା ସାଙ୍ଗେ ସଙ୍ଗେ ପୁଅମାନଙ୍କର ବିବାହ ବୟସ ହେଲା । ରାମଚନ୍ଦ୍ର ମଧ୍ୟ ପୁଅମାନଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ କରିଦେଲେ । ପରିବାର

ବଢ଼ିବା ସଙ୍ଗେ ସଙ୍ଗେ ଘରର ଖର୍ଚ୍ଚ ମଧ୍ୟ ବଢ଼ିଲା । ବାପପୁଅ ମିଶି ଯାହା ବି ରୋଜଗାର କଲେ ସେଥିରେ ପରିବାରର ଗୁଜରାଣ ମେଣ୍ଟାଇବା କଷ୍ଟସାଧ୍ୟ ହୋଇପଡିଲା । ପୁଅମାନେ ମନେ ମନେ ସ୍ଥିର କଲେ ବାପାଙ୍କୁ କିଛି କହିବେ । ଏମିତି ଦିନେ ରାମଚନ୍ଦ୍ର ଘର ଅଗଣାରେ ବସି କ'ଣ ଚିନ୍ତା କରୁଥାନ୍ତି । ଠିକ୍ ଏହି ସମୟରେ ଦୁଇପୁଅ ବାପାଙ୍କ ପାଖରେ ପହଞ୍ଚି କହିଲେ- ବାପା ଆପଣ ଭଗବାନଙ୍କୁ ଡାକନ୍ତୁ, ସେ ଆମ ପ୍ରତି କୃପା କଲେ ଆମ ପରିବାରର କୌଣସି ଅଭାବ ରହିବ ନାହିଁ । ଆମ୍ଭେ ସୁଖ ଶାନ୍ତି ଚଳିବା । ପିଲାଙ୍କ କଥା ଶୁଣି ବାପା ରାମଚନ୍ଦ୍ର ଘରୁ ବାହାରିବା ସମୟରେ ବୃକ୍ଷ ଦେବତାଙ୍କ ଆଗରେ ପୁଅ ମାନଙ୍କର ମଙ୍ଗଳ କାମନା ସହିତ ଅନ୍ୟର ଉନ୍ନତି ବି ମାଗିଲେ । ଏପରି କିଛି ଦିନ ବିତିଯିବା ପରେ ହଠାତ୍ ଦୁଇ ପୁଅକୁ ସରକାରୀ ଚାକରୀ ମିଳିଲା । ସେମାନଙ୍କ ପାଖରେ ବେଶ୍ ଦୁଇ ପଇସା ହେଲା । ସେମାନେ ଭଲରେ ଚଳିଲେ । ନଜର କୁଡିଆ ଘରକୁ ଭାଙ୍ଗି କୋଠାଘର ତିଆରି କଲେ । ହେଲେ ଜାଗା ଅଭାବ ହେତୁ ଘର ଆଗରେ ପୋଟିକ କରିବା ପାଇଁ ବାପାଙ୍କୁ ନ ପଚାରି ରାମଚନ୍ଦ୍ର ପୂଜା କରୁଥିବା ଗଛ ଦୁଇଟିକୁ କାଟି ପକାଇଲେ । ଯେଉଁ ବୃକ୍ଷ ମୂଳରେ ରାମଚନ୍ଦ୍ର ଭଗବାନଙ୍କୁ ଡାକି ଘରର ମଙ୍ଗଳ କାମନା କରୁଥିଲେ, ସେହି ବୃକ୍ଷକୁ ଘରର ପୋଟିକ ନିର୍ମାଣ ପାଇଁ ଦୁଇପୁଅ କାଟି ଦେଇଥିବା ଦେଖି ରାମଚନ୍ଦ୍ର ନୀରବରେ ବସିପଡିଲା। ପୁଅମାନଙ୍କୁ କ'ଣ କହିବ ବୋଲି ତା' ପାଟିରୁ ଭାଷା କିଛି ବାହାରିଲା ନାହିଁ । କାରଣ ତା'ର ଯେଉଁ ଅଭ୍ୟାସ ଥିଲା ବୃକ୍ଷକୁ ଦଣ୍ଡବତ କରି ଘରୁ ବାହାରିବା, ତାହା ଆଉ ହୋଇ ପାରିଲା ନାହିଁ । ତା'ର ବିଶ୍ୱାସ ଉପରେ ଧକ୍କା ଲାଗିଲା । ଧୀରେ ଧୀରେ ରାମଚନ୍ଦ୍ର ବେମାର ପଡିବାକୁ ଲାଗିଲା ଏବଂ ଶେଷରେ ଆରପାରିକୁ ଚାଲିଗଲା । ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ପରେ ଘରର ଯାବତୀୟ ଅଘଟଣ ଘଟିବା ଆରମ୍ଭ ହେଲା । କାରଣ ଗଛକାଟି ନଜର ଦୁର୍ଦ୍ଦିନକୁ ଦୁଇପୁଅ ଡାକି ଆଣିଥିଲେ । ଅବଶ୍ୟ ପରେ ଦୁଇଭାଇ ନିଜର ଭୁଲ୍ ବୁଝିପାରି ବହୁତ ଅନୁତାପ କଲେ, ହେଲେ ବାପା ରାମଚନ୍ଦ୍ର ଓ ତାଙ୍କର ବିଶ୍ୱାସକୁ କେବେବି ଫେରାଇ ଆଣିପାରିଲେ ନାହିଁ ।।

ଆଳନ୍ଦା, ଖଇରା, ବାଲେଶ୍ୱର

# ତୁମେ




ଶରତ ଚନ୍ଦ୍ର ଜାଲି

ତୁମେ ଜୀବନ ଗୀତର ସାରେଗାମା
ତୁମେ ନାରୀ ନାରାୟଣୀ ଅନୁପମା
ତୁମେ ବସନ୍ତ ମାଧୁର୍ଯ୍ୟ ସୁଉପମା
ତୁମେ ଆଦ୍ୟ ସୌନ୍ଦର୍ଯ୍ୟର ପରିସୀମା ।
ତୁମେ ଆଷାଢୁଆ ନବ ମେଘଟିଏ
ତୁମେ ଇନ୍ଦ୍ରଧନୁ ସପ୍ତରଂଗଟିଏ
ତୁମେ ନବପଲ୍ଲବିତ ଡାଙ୍ଗଟିଏ
ତୁମେ ପିଆଲୀ, ଅଳସୀ ସାଙ୍ଗଟିଏ ।
ତୁମେ ସାଗର ବେଳାର ଗ୍ରେଗ୍ରବାଲି
ତୁମେ ସାଧବବୋହୂର ମଖମଲି
ତୁମେ ସକାଳର ସଦ୍ୟଫୁଟା ମଲ୍ଲୀ
ତୁମେ ଫଗୁଣ ପୁନେଇ ରଂଗହୋଲି ।
ତୁମେ ଶରଦ ଆକାଶେ ତୋଫାଜହ୍ନ
ତୁମେ ଛନ୍ଦହୀନ, ପୁଣ୍ୟ, ପ୍ରୀତମନ
ତୁମେ ପ୍ରଣୟ ପୁରାଣ ଛାନ୍ଦଜ୍ଞାନ
ତୁମେ ରଙ୍କସପନର ପ୍ରେମଧନ ।
ତୁମେ ଗୀତା, ଭାଗବତ, ରାମାୟଣ
ତୁମେ ପ୍ରୀତି ବଚନକା ପ୍ରବଚନ

ତୁମେ ରୂପମହଲର ଆକର୍ଷଣ
ତୁମେ ଯାମିନୀ ମିଳନ ପାରାୟଣ ।
ତୁମେ କଜଳ ଶୋଭିତା ନୀଳଆଖି
ତୁମେ ପାହାଡୀ ଝରଣା ହରିମାଖି
ତୁମେ ହିପୁରେ ଉଡନ୍ତା ପ୍ରେମପକ୍ଷୀ
ତୁମେ ଥିଲେ ମୋ ଜୀବନ ହୁଏ ସୁଖି ।

ପଥରା, ଖଲିକୋଟ, ଗଂଜାମ

# କର୍ଫ୍ୟୁ ଭିତରେ



ଅଜିତ ପାଢ଼ି

ତୋ ପାଦ ଅଟକଗଲା କ, ବାବୁ!
ଗ୍ଲଲି ଗ୍ଲଲି ଥକଗଲୁ ବୋଧହୁଏ,
ସବୁଆଡେ ତ କର୍ଫ୍ୟୁ ଡାକର୍
ନଦ ହଜିଗଲା ଆଜି, ବୋଧହୁଏ
ତୋ ହୃଦୟ ପ୍ରେମ ଫସି ଯାଇଛି
ସତେ ତ ଲକଡାଉନ ଭିତରେ ।

ଦେଖି ପାରିଲୁ ନାହିଁ କ ବାବୁ !
ଛିଣ୍ଡା ଚପଲର କଗ୍ମତି
ଦଦର୍ ଗାମୁଛା ମୁଣ୍ଡର ବୋଝ
ପାଦେ ଗ୍ଲଲି ପର୍ ଭରତ ମାପିଛି
ଆମ୍ ଚକ୍ୀର ଭିତରେ କେତେ ମଲେ
ଆହାଃ, କଏ ବୁଝୁଛି ଦାଦନର ଦୁଃଖ
ସତେ, ଲକଡାଉନ ଭିତରେ ।

ଗରିବ ରଥ ଗ୍ଲଲିଛି, କେତେ ଦିନ ବାବୁ !
ଖାଲି ପ୍ରୟାସ, ହୃଦୟ ଜିଣିବା ନମିତ୍ତ
କର୍ଫ୍ୟୁ ଭିତରେମୁଁ ନୁହେଁ ସେ ନୁହେଁ, ସମସ୍ତେ
ଆମେ ତ ପାଦେ ଗ୍ଲଲିଯିବୁ ଛିଣ୍ଡା ଚପଲରେ
ହେଲେ ତୋ ପାଦ ଅଟକ ଯିବକ ବାବୁ !
ପ୍ରେମିକାର ଆର୍ତ୍ତନାଦ ଶୁଭୁନ କ ବାବୁ !
ପ୍ରେମିକା ର ଆର୍ତ୍ତନାଦ ଶୁଭୁନ କ ବାବୁ !
ତୋ ହୃଦୟ ପ୍ରେମ ହଜିଯିବକ ସତେ
ଲକଡାଉନ ଭିତରେ ବାବୁ ! ଲକଡାଉନ
ଭିତରେ..... ।

ଘାସିଗ୍ରମ ମାଝୀ ହାଇସ୍କୁଲ, ନୂଆଗାଁ

# ବିପ୍ଳବର ବହ୍ନି



ଅଶ୍ୱିନୀ କୁମାର

ରାତି ତମାମ ଉଜାଗର ରହି ।
ଶବ୍ଦ ରାଇଜରେ ଘୁରିବୁଲେ
ନିଜ ଭାବନାକୁ
କବିତାର ରୂପ ଦେବାପାଇଁ ।।

ହଠାତ
ନିଝୁମ ରାତିରେ ଶୁଭେ
ଝିଙ୍କାରୀର ଝି ଝି ଶବ୍ଦ ।
ପାହାଡ଼ ଶିଖରରୁ ଭାସି ଆସେ
ବାରୁଦର ଗନ୍ଧ ।
ଆଖିରେ ଆଗରେ ଝଲସେ
ଦେବାଳୟରେ ବଳାତ୍କାର
ହେଇଥିବା କୁନି ଝିଅର ବିକଳ କ୍ରନ୍ଦନ ।
କ୍ଷୁଧାତୁର ଶିଶୁ ଖୋଜି ବୁଲୁଥାଏ
ମୁଠାଏ ଅନ୍ନ ।।
ନିତି ତାଡନା ଲାଂଛନା ସହୁଥିବା
ଦଳିତର ହୃଦୟର କୋହ ।
ଜମି, ଜଙ୍ଗଲ, ଭିଟାମାଟି ହରେଇଥିବା
ଆଦିବାସୀର ଦି ଧାର ଲୁହ ।।

ସେଇଠୁ
ଲେଖନୀ ମୋ ଯାଏ ଅଟକି,
ଆଗକୁ ହୁଏନି ଅଗ୍ରସର ।
ଭାବନାରେ ମୋ ଯବନିକା ପଡେ,
ଭୁଲିଯାଏ ଶବ୍ଦର ସମ୍ଭାର ।।

ହେ ବନ୍ଧୁ
ଦେଇ ପାରିବ କି
ଏମିତି ଏକ ଶବ୍ଦକୋଷ ।
ଯେଉଁଥିରେ ଥିବ
ଶୋଷିତ ଘୃଣିତ ନିର୍ଯାତିତ ନିର୍ବାସିତ
ମଣିଷ ହୃଦୟର ଶବ୍ଦ ସମୂହ ।।
ସେଇ ଶବ୍ଦକୁ ସାଉଁଟି ନେଇ
ମୋ ଲେଖନୀ ମୁନରେ
ଆଙ୍କିଦେବି ଏକ କବିତା,
ଅବିକଳ ଅଗ୍ନିଶିଖା ପରି ।।
ଯାହା ପ୍ରତି ଜନମାନସରେ
ଭରିଦେବ ବିପ୍ଳବର ବହ୍ନି ।।

# ଜାତିଭେଦ ପ୍ରକରଣ



ବେଣୁଧର ସୁରୁଜାଲ

କାହିଁକି ହୋଇଲ୍ ଜାତିଭେଦ ପ୍ରକରଣ
ସନ୍ଦେହ ମୋଚନ କରିବେ ଆହେ ଗୁରୁଜନ ।
ଯଦି ଧର୍ମେ ଚାରିବର୍ଣ୍ଣ ପଂଚମ ତ ନାହିଁ
ତେବେ ହଜାର ହଜାର ଜାତି ଉତ୍ପନ୍ନ କମ୍ପାଇଁ ??

ତହିଁରେ ରହିଛି ପୁଣି ସାନବଡ଼ ଜାତି
ଶାସ୍ତ୍ରେ ନାହିଁ ତେବେ କଆଁ ହୋଇଲ୍ ଉତ୍ପତ୍ତି ।
ମଣିଷ ମଣିଷ ମଧ୍ୟ ଭେଦଭାବ କଆଁ
କିଏ ବା ପୂଜ୍ୟ କାହିଁକି କିଏ ବା ଅଛୁଆଁ ??

ସେବା ଯଦି ଶ୍ରେଷ୍ଠ ଧର୍ମ ଶୁଦ୍ର କଆଁ ନୀଚ ?
କାହିଁକି ଧରମ ନାମେ ଚାଲେ ଖଚମିଛ ??
ଶୁଦ୍ର ହୋଇ ଯେ ସମାଜ ସେବା କରୁଥାଇ
ତା ପେଟକୁ ଦାନା, ଦେହେ କନା ନ ମିଳଇ ।।

ଉଚ୍ଚ-ନୀଚ ଜାତି ବନ୍ଧନେ ସମାଜ
କଆଁ ଛନ୍ଦି ହୋଇଯାଇଛି ?
ମନୁଷ୍ୟକୁ ମନୁଷ୍ୟ କାହିଁକି ବାରଣ
ପ୍ରତାରଣା, ଘୃଣା,ନିର୍ଯାତନା କରି କରୁଛି ?

ପ୍ରକୃତିର କୋଳେ ତା ଜୀବନେ କି କେବେ
ପାଇବ ସେ ମଣିଷର ପରିଚୟ ?
ସମ୍ମାନର ସହ ବଂଚିବ ସମାଜେ
ମାନବତାର ହେବ ଜୟ ।।

ସୋନପୁର, ସୁବର୍ଣ୍ଣପୁର

# ମୋ ଗାଁ

ରାଜେଶ୍ ରଥ

ସକାଳ ହେଲେ ନୀତି ଉଏଁ
ପୂରୁବ ଦିଗେ ରବି
କେତେ ସୁନ୍ଦର ଗାଁ ଟି ମୋର
ଅତିମନୋହର ତାର ଛବି
ପକ୍ଷୀର ସ୍ୱନ କ ମନୋହର
ଆହାଃ ସୁନ୍ଦର୍ ମୂର୍ଚ୍ଛନା
ଶ୍ୟାମଳ ବନ ସବୁଜ କ୍ଷେତ
କେତେ ସୁନ୍ଦର ବିନ୍ୟାସ ବର୍ଣ୍ଣନା
ମମତା ଭର୍ା ସେନେହ ପ୍ରୀତି
ପଡୁଛି ମନେ ଆଜି ।
କୋଇଲି ଗାଏ ଗୀତ ଆମ୍ବବଉଳେ
ସୁରଜ ନଦ ଭାଙ୍ଗେ ପାହାଡ଼ କୋଳେ
ଏଇଠି ଖେତବଡ଼ି ନଚୁଥାଏ ସବୁଜିମା ରଙ୍ଗରେ
ନଈ ପଠା ହସୁଥାଏ କାସତାଣ୍ଡି ସଂଗରେ
ଏଠି ନାଲି ସାଧବ ବୋହୂ ଗ୍ଲେ କୁନକୁନ ପଦରେ
ଛୁଇଁଦେଲେ ଲୁଚଯାଏ ବାଲି ମାଟି ସନ୍ଧିରେ
ଏଠି ଘଣ୍ଟ ଶବ୍ଦ ଭକ୍ତି ଜିଣେ ଗ୍ରମଦେବୀ ପାଖରେ
ସଂଜ ପୁଣି ନାଇଁ ଥାଏ ଭାଗବତ ଟୁଙ୍ଗୀରେ
ଏଠି ମାଟି ବାସ୍ନା ମତୁଲ୍ୟତା ଆତ୍ମୀୟତା ଫାଶରେ
ଏକତା ର ସ୍ୱର ଶୁଭେ ବିଭିନ୍ନତା ମଧ୍ୟରେ
ଏଠି କଇଁ ଫୁଲ ହସି ଫୁଟେ ତାର୍ା ଫୁଟେ ର୍ାତିରେ
ଜହ୍ନ ସହ କଥା ହୁଏ ଫାଙ୍କା ମେଘ ସାଥିରେ ।

ଶିକ୍ଷକ, ଆସ୍କା, ଗଞ୍ଜାମ

# କୃତି ଓ ବିସ୍ମୃତିରେ ଲକ୍ଷ୍ନୌର ଦୁଇ ନବାବ

ପ୍ରିୟବ୍ରତ ପାତ୍ର

ମଧ୍ୟଯୁଗର ଭାରତକୁ ଜଣେ ଯଦି ଦେଖିବାକୁ ଚାହିଁବ, ତେବେ ଲକ୍ଷ୍ନୌର ଗଳିକନ୍ଦି ହେଉଛି ସେଥିପାଇଁ ସର୍ବୋତ୍କୃଷ୍ଟ ଜାଗା । ଭାରତ ଓ ପାରସ୍ୟ ପରି ଦୁଇଟି ମହାସଂସ୍କୃତି ର ସଙ୍ଗମସ୍ଥଳ ହେଉଛି ଲକ୍ଷ୍ନୌ । ଏଠି ହିନ୍ଦୁସ୍ଥାନୀ ସଙ୍ଗୀତ ରହିଛି, ଅବୋଧ ଭାଷାର ଶ୍ରେଷ୍ଠ ପରାକାଷ୍ଠା ରାମାୟଣ ରହିଛି, ଏଠି ପୁଣି ଉର୍ଦ୍ଦୁ ଭାଷାର ସେର-ସାୟରୀ, ମୁଜରା, କବାଲୀ ଆଦି ବି ରହିଛି । ଗତ ଚାରିଶହ ବର୍ଷ ଭିତରେ ଅନେକ ଉତ୍ଥାନ, ପତନ, ଯୁଦ୍ଧ, ଧ୍ୱଂସ, ଗଣହତ୍ୟା, ଦଙ୍ଗା, ମେଳା, ମଉଚ୍ଛବ ଭିତରେ ସବୁକିଛିକୁ ଉଦରସ୍ଥ କରି ଏକ ମହାଭାରତୀୟ ସତ୍ତା ରୂପେ ବଞ୍ଚି ରହିଛି ଏ ସହର – ଏକ କ୍ରମବର୍ଦ୍ଧମାନ ଡାଇନୋସର ପରି । ଜନ ବିସଫୋରଣ, ରାଜନୈତିକ ହଟଚମଟ, ଦଙ୍ଗା, ସର୍ବଧର୍ମ ସମନ୍ୱୟ ଓ ଜାତୀୟ ସଂହତିର ବାର୍ତ୍ତା ନେଇ ଏ ସହର ଚାଲିଛି । ବିଶାଳ ବିଶାଳ ତୋପ ବିଦ୍ଧ ଦୁର୍ଗ, ରାଜପ୍ରାସାଦ, ସ୍ୱର୍ଗକୁ ବିଦ୍ଧ କରୁଥିବା ମିନାର ଓ ଗମ୍ବୁଜମାଳା, ଅତିକାୟ ଇମାମବରା, ତୋରଣ ଦରୱାଜା, ପୋଖରୀ, ବଗିଚା ଆଦି ନିଜ ନିଜର ଅତିକାୟତା ଯୋଗୁଁ ଭ୍ରମ ସୃଷ୍ଟି କରନ୍ତି – ସତେକି ମିଶର ଦେଶର ପିରାମିଡ ସବୁର କମନୀୟ-ରୂପାନ୍ତରିତ ରୂପ ଏଠାକୁ ଘୁଞ୍ଚି ଆସିଛନ୍ତି । ସିପାହୀ ବିଦ୍ରୋହ କାଳୀନ ଯୁଦ୍ଧର ଘନଘଟା ଏକ ତୁମୁଳ ମହାବାତ୍ୟା ପରି ନଅ-ଦଶମାଂଶ କୃତିସବୁକୁ ଧ୍ୱଂସ କରିଦେଇଛି । ତଥାପି ଯାହା ରହି ଯାଇଛି ସେସବୁ କିଛି କମ୍ ନୁହେଁ । ମହାନ ମହାନ କୃତି ସବୁର ଧ୍ୱଂସାବଶେଷ ମଧ୍ୟ ମହାନ – ଏହାର ପ୍ରମାଣ ଏହି ସହରରୁ ମିଳିଥାଏ । ଅଣଓସାରିଆ ରାସ୍ତାର ଦୁଇକଡେ ବଣୁଆ ଲତା ପରି ମାଡି ଚାଲିଥାଏ ବଜାର ଓ ଗଳିକନ୍ଦି ବୁଲିଲାବେଳେ ମୁଲ୍ଲା, ମୌଲବୀ, ବୁର୍ଖାପିନ୍ଧା ମହିଳା, ପୀର ଫକିରଙ୍କୁ ଦେଖିଲେ ଲାଗିବ ପ୍ରାଚୀନ ବାଗଦାଦ୍ ସହରରେ ବୁଲୁଛନ୍ତି ।

ଲକ୍ଷ୍ନୌର ଘଟଣାବହୁଳ ଆଧୁନକ ଇତିହାସ କହିଲେ – ଲକ୍ଷ୍ନୌ ଅବଧ ରାଜ୍ୟର ରାଜଧାନୀ ହେବାଠୁ ସିପାହୀ ବିଦ୍ରୋହ ପର୍ଯ୍ୟନ୍ତ, ଅର୍ଥାତ ୧୭୭୫ ଠାରୁ ୧୮୫୭ ପର୍ଯ୍ୟନ୍ତ ୮୨ ବର୍ଷର ଇତିହାସକୁ ବୁଝାଏ । ଲକ୍ଷ୍ନୌ, କାନପୁର, ଇଲାହାବାଦ, ଲକ୍ଷ୍ନୌର ଘଟଣାବହୁଳ ଆଧୁନକ ଇତିହାସ କହିଲେ – ଲକ୍ଷ୍ନୌ ଅଓ୍ୱଧ ରାଜ୍ୟର ରାଜଧାନୀ ହେବାଠୁ ସିପାହୀ ବିଦ୍ରୋହ ପର୍ଯ୍ୟନ୍ତ, ଅର୍ଥାତ ୧୭୭ ଠାରୁ ୧୮୫୭ ପର୍ଯ୍ୟନ୍ତ ୮୨ ବର୍ଷର ଇତିହାସକୁ ବୁଝାଏ । ଲକ୍ଷ୍ନୌ, କାନପୁର, ଇଲାହାବାଦ, ଅଯୋଧ୍ୟା, ଫୈଜାବାଦ ଆଦି ଅଞ୍ଚଳକୁ ନେଇ ଯେଉଁ ସମୃଦ୍ଧ ରାଜ୍ୟ ଗଢିଉଠିଥିଲା, ତାହାର ନାମ ଥିଲା ଅବୋଧ ରାଜ୍ୟ ଏବଂ ଏଠାକାର ଭାଷାର ନାମ ଥିଲା ଅବୋଧ ଭାଷା । ଅବୋଧ ରାଜ୍ୟରେ ନିଯୁକ୍ତ ସୁବେଦାର ବା ଶାସନମୁଖ୍ୟ ସିଧାସଳଖ ଦିଲ୍ଲୀ ମୋଗଲ ସମ୍ରାଟଙ୍କ ଦ୍ୱାରା ପରିଚାଳିତ ହେଉଥିଲେ । ଫୈଜାବାଦରେ ରାଜଧାନୀ ଓ ଦୁର୍ଗକରି ଦୁଃସାହସୀ ଓ ଉଚ୍ଚାଭିଳାସି ସଦାତ୍-ଅଲ୍ଲୀ ଖାନ୍ ଶାସନ ଆରମ୍ଭ କରିଥିଲେ । ନାଦିର ଶାହଙ୍କ ଦିଲ୍ଲୀ ଆକ୍ରମଣ ବେଳେ, ଦିଲ୍ଲୀ ସୁଲତାନ ମହମ୍ମଦଶାହାଙ୍କୁ ସହାୟତା ପାଇଁ ସୈନ୍ୟବାହିନୀ ଧରି ସଦତଅଲ୍ଲୀ ଯାଇଥିଲେ ଏବଂ ଦିଲ୍ଲୀରେ ମୃତ୍ୟୁ ଲଭିଥିଲେ । ପରବର୍ତ୍ତୀ ଫୈଜାବାଦ ଶାସକମାନେ ହେଲେ ମନସୁର ଅଲ୍ଲୀ ଖାନ୍ ଓ ସୁଜାଉଦୌଲା । ତାପରେ ଆସିଲେ ନବାବ ଅସଫଉଦୌଲା ଯିଏକ ଲକ୍ଷ୍ନୌ କୁ ରାଜଧାନୀ ଘୁଞ୍ଚାଇ ଆଣିଲେ । ଆଧୁନକ ଲକ୍ଷ୍ନୌ ଗଢିଉଠିଲା ଏବଂ ତାଙ୍କ ପରେ ଭାଇ ନବାବ ସଦାତ୍ ଅଲ୍ଲୀ ଖାନ୍ ଦ୍ୱିତୀୟ ଶାସନ କରୁଥିଲେ । ଏହି ଦୁଇ ନବାବ ଭ୍ରାତାଙ୍କ ପରେ ଇଂରେଜମାନେ ଶାସକ ଗାଜିଉଦ୍ଦିନ ହାଇଦରଙ୍କୁ ଦିଲ୍ଲୀ ଶାସନରୁ ମୁକ୍ତ କରି ସ୍ୱାଧୀନ ରାଜା ଭାବେ ଗ୍ରହଣ କଲେ ଏବଂ ନବାବ ପଦବୀ ସବୁଦିନ ପାଇଁ ଲୁପ୍ତ ହେଲା । ତେଣୁ କହିବାକୁ ଗଲେ ଲକ୍ଷ୍ନୌ ରେ ମାତ୍ର ଦୁଇଜଣ ନବାବ ହିଁ ଶାସନ କରିଥିଲେ, ସେମାନେ ହେଲେ ବଡଭାଇ ନବାବ ଅସଫ-ଉଦୌଲା (୧୭୭୫-୧୭୯୭) ଓ ସାନଭାଇ ନବାବ ସଦାତ୍ ଅଲ୍ଲୀ ଖାନ୍ ଦ୍ୱିତୀୟ (୧୭୯୭-୧୮୧୪) । ଏହି ଦୁଇ ଭ୍ରାତାଙ୍କ ଅମଳରେ ଲକ୍ଷ୍ନୌରେ ସ୍ଥାପତ୍ୟ କଳାର ଯେଉଁ ନିଦର୍ଶନ ସୃଷ୍ଟି ହୋଇଥିଲା, ତାହା ବିଶ୍ୱରେ ବିରଳ । ଅସଫ ଉଦୌଲାଙ୍କ କୃତି ସବୁ ହେଲା ଚୌକ ବଜାର ଦୌଲତଖାନା, ରୁମି ଦରଓ୍ୱାଜା, ବିବିଆ ପୋର କୋଠୀ ଓ ବଡ ଇମାମବରା । ଦ୍ୱିତୀୟ ସଦାତ୍ ଅଲ୍ଲୀଙ୍କ କୃତି ସବୁ ହେଲା କସରବାଗ ଓ ଦିଲଖୁସ୍ ଭିତରେ ଥିବା ଅନେକ ବଡବଡ ଉଆସ ।

ଆମକୁ ନେଇ ପର୍ଯ୍ୟଟନ ବିଭାଗର ଗାଡି ପ୍ରଥମେ ପହଞ୍ଚିଲା ସଦତ୍ ଅଲ୍ଲୀ ନିର୍ମିତ ଦିଲଖୁସ୍ ରେ । ଏହି ନୀରବ ଅଥଚ ଦର୍ଶନୀୟ ଜାଗାଟି ଏକଦା ଥିଲା ଘନ ଅରଣ୍ୟସମ ବୃକ୍ଷ ଉଦ୍ୟାନ ଓ ପୁଷ୍ପବାଟିକା । ତା ଭିତରେ ଛଡା ଯାଇଥିଲେ ହରିଣ, ଭାଲୁ, ଠେକୁଆ ଓ ମୟୁର । ରାଜକାର୍ଯ୍ୟରେ ବିରକ୍ତ ରାଜା, କେବେକେବେ ଇଂଲଣ୍ଡରୁ ଉପହାର ମିଳିଥିବା ବନ୍ଧୁକ ଧରି ଏହି କୃତ୍ରିମ ଅରଣ୍ୟରେ ପ୍ରବେଶ କରୁଥିଲେ ଏବଂ ଶିକାର କରୁଥିଲେ । ସିପାହୀ ବିଦ୍ରୋହ ବେଳେ ଏହି ଅରଣ୍ୟପ୍ରାୟ ଜାଗାଟି ସିପାହୀ ମାନଙ୍କ ମୁଖ୍ୟ ଆଡ୍ଡା ହୋଇଥିଲା । ସିପାହୀମାନେ ରାତିରେ ବିଶ୍ରାମ ନେଉଥିଲେ । ରୋଷେଇ ଚୁଲୁଥିଲା, ଅସ୍ତ୍ରଶସ୍ତ୍ରରେ ଧାର ଦିଆ ହେଉଥିଲା, ଜଖମ ଘୋଡା, ଓଟ, ତୋପ, ବନ୍ଧୁକ, ମଣିଷ ସମସ୍ତେ ବିଶ୍ରାମ ନେଉଥିଲେ । ପରେ ପରେ ଦୁର୍ଦ୍ଧର୍ଷ ସେନାଧକ୍ଷ୍ୟ କେଲିନ୍ କ୍ୟାମ୍ପବେଲ୍ ଏହାକୁ ଅକ୍ତିଆର କରିନେଲେ । ରେସିଡେନସି ଥିଲା ଇଂରେଜ ମାନଙ୍କ ମୁଖ୍ୟ ଆତ୍ମଗୋପନର ଶିବିର ଏବଂ ଦୀର୍ଘ ଛ ମାସ ଧରି ଅବରୁଦ୍ଧ ହୋଇ ରହିଥିବା ତଥା ବଞ୍ଚିଥିବା ପିଲା ଓ ମହିଳାମାନଙ୍କୁ ନେଇ କ୍ୟାମ୍ପବେଲ ଏହି ଦିଲଖୁସରେ ରହିଥିଲେ ଏବଂ ଆଲମବାଗ ଦେଇ କାନପୁର ଖସି ଯିବାକୁ ସମର୍ଥ ହୋଇଥିଲେ । ସେପାହୀ ବିଦ୍ରୋହକୁ ଦମନ କରିଥିବା ତଥା ମୁଖ୍ୟ ଖଳନାୟକ ସାଜିଥିବା ଜେନେରାଲ୍ ହାଭଲାକ୍ ଏହି ଦିଲଖୁସ୍ ରେ ଥିବାବେଳେ ଝାଡା ରୋଗରେ ମରିଯାଇଥିଲେ । ଚାରିଶହ ବର୍ଷ ଇଂରେଜ ଶାସନରେ ସବୁଠୁ କଠିନତମ ସମୟ ଥିଲା ଏହି ବିଦ୍ରୋହର ସମୟ । ନିର୍ଦ୍ଦୟୀ ଜେନେରାଲ୍ ହାଭଲକ୍ ବିଦ୍ରୋହ ଦମନ ପରେ ତୋପମାଡରେ ଭାରତର ଅମୂଲ୍ୟ ଭାସ୍କର୍ଯ୍ୟ, କଳାକୃତି ଓ ଇମାରତ ସବୁକୁ ଧ୍ୱଂସ କରିଥିଲେ, ଉନ୍ମାଦ ପ୍ରାୟେ ଶହଶହ ସିପାହୀ ଓ ନାଗରିକଙ୍କୁ ଫାସିରେ ଲଟକାଇ ଥିଲେ, ଗୁଳିମାରି ଗଣହତ୍ୟା କରିଥିଲେ । ସେଭଳି ଲୋକ ହଗିହଗି ଅପରିଣତ ବୟସରେ ଦିଲଖୁସ୍ ରେ ମରିଯାଇଥିଲେ । ଏଭଳି ଏକ ହାସ୍ୟାସ୍ପଦ ଇତିହାସକୁ ବର୍ଣ୍ଣନା କଲାବେଳେ ଗାଇଡ୍ ଜଣଙ୍କର ଆକର୍ଣ୍ଣ ପ୍ରଲମ୍ବିତ ଅଟ୍ଟହାସ୍ୟ ଓ ତାଙ୍କୁ ସମର୍ଥନ ଜଣାଇ ତିରିଶି ଜଣ ପର୍ଯ୍ୟଟକଙ୍କ ହସ – ଏ ଲେଖକ ପାଇଁ ସ୍ମୃତି ହୋଇ ରହିଯାଇଛି । ସେଦିନ ସେହି ହସରେ ମୁଁ ଦେଖିଥିଲି ଦେଢଶ ବର୍ଷତଳର ପରାଜୟ ପ୍ରତିଶୋଧର ଏକ ଶାଣିତ ବ୍ୟଙ୍ଗ ।

ଚୌକ ବଜାରର ଖୁବ୍ ସଂକୀର୍ଣ୍ଣ ପାଦଚଲା ରାସ୍ତାର ବଜାର ଦେଇ ଗଲାବେଳେ – ପ୍ରାଚୀନ ଭାରତ ସ୍ୱତଃ ନଜରକୁ ଆସିଥାଏ । ସାମନା ସାମନି ଥିବା ଧାଡିଧାଡି ଦୋକାନରେ ସଂସାରର ସବୁ ଦରବ ମିଳେ – ସ୍ନେହ ଓ ଅନାବିଳ ପ୍ରେମକୁ ଛାଡି । ଏହି ବଜାରର ଉତ୍ତର

ଦ୍ୱାରଟି ଗୋଲ ଦରଓ୍ୱାଜା ଓ ଦକ୍ଷିଣ ଦ୍ୱାରଟି ଆକବରୀ ଦରଓ୍ୱାଜା । ବଜାରର ଉପର ଘର ଗୁଡିକରେ ନାଚବାଲୀ ମାନେ ରହନ୍ତି, ଢେର ରାତି ଯାଏ ନାଚଗୀତ ଚାଲେ, ମାନବ ସମାଜର ପ୍ରାଚୀନତମ ବ୍ୟବସାୟ ଚାଲେ । ତଳେ ବଜାର ମାନଙ୍କରେ ଯେଉଁ କରୁଣା ସ୍ନେହ ଓ ପ୍ରେମ ମିଳେନା ଏଠି ଭଡାରେ ସାମୟିକ ଭାବେ ମିଳେ – ତାର ଗରାଖବି କିଛି କମ୍ ନାହାନ୍ତି । ଏହି ବଜାରର ନିର୍ମାତା ଚତୁର ନବାବ ଅସଫଉଦ୍ଦୌଲ୍ଲା ବୋଧେ ଜାଣିଥିଲେ ଯେ ବିପଣିମାଳାରେ ସୌଖୀନ ଚଜର ପ୍ରଦର୍ଶନ ଚାଲିଥିଲେ, ନାଚଗାନା ଚାଲିଥିଲେ, ସୁରାସାକୀର ସୁଲଭ ଉପଲବ୍ଧ ଥିଲାଯାଏ ସମାଜର ଧନୀ, ମାନୀ, ଯୁବପିଢି ଓ ଯୋଦ୍ଧାମାନେ ସେଥିରେ ଲୋଟୁଥିବେ । ଅତଏବ୍ ରାଜକାର୍ଯ୍ୟରେ ହସ୍ତକ୍ଷେପ କରିବାକୁ, ବିରୋଧ ବା ବିଦ୍ରୋହ କରିବାକୁ, ଏପରିକି ନିଜନିଜର କ୍ଷୁଧା, ଦାରିଦ୍ର୍ୟ ଓ ଦୁର୍ଭାଗ୍ୟ ବିଷୟରେ ଭାବିବାକୁ ସମୟ ପାଇବେନି । ଠିକ୍ ସେମିତି ଆଜି ଏକ ବିଂଶ ଶତାବ୍ଦୀରେ ମନୋରଞ୍ଜନ ନାମରେ ଭାରତ ସରକାର ଟିଭି, ଇଣ୍ଟରନେଟ୍, ସିନେମା, ଖେଳ ଆଦି ଜରିଆରେ ଯୁବାପିଢୀଙ୍କୁ, ବୁଦ୍ଧିଜୀବୀଙ୍କୁ ଏପରି ନିଶାସକ୍ତ କରି ରଖିଛନ୍ତି ଯେ ଚାରିପାଖର ସମସ୍ୟା, ନିଜର ସ୍ଥିତି ଗତି ତଥା ଆଗାମୀ ଦିନର ଅନ୍ଧକାର ଭବିଷ୍ୟତ ବିଷୟରେ କେହି ଚିନ୍ତା କରିବାକୁ ସମୟ ପାଉନାହାନ୍ତି । ଶାସକମାନଙ୍କ ଏ ଷଡଯନ୍ତ୍ର ବୋଧେ ସର୍ବକାଳୀନ ।

ଲକ୍ଷ୍ନୌ ସହରର ସବୁଠୁ ବଡ ଆକର୍ଷଣ ହେଲା ବଡ ଇମାମବରା, ତତ୍ ସଂଲଗ୍ନ ତିନତାଲାର ଭୁଲଭୁଲେୟା ଓ ଏ ସମସ୍ତକୁ ପ୍ରବେଶ ପଥ ଭାବେ ଠିଆ ହୋଇଥିବା ଷାଠିଏ ଫୁଟ ଉଚ୍ଚର ରୁମି ଦରଓ୍ୱାଜା । ଲକ୍ଷ୍ନୌ ସହରର ପ୍ରତିଷ୍ଠାତା ଅସଫଉଦ୍ଦୌଲାଙ୍କ ସମୟରେ (୧୭୮୪) ପଡିଲା ଭୟଙ୍କର ଦୁର୍ଭିକ୍ଷ । ଲୋକଙ୍କୁ ବିନା ଶ୍ରମରେ ଖାଦ୍ୟ ଯୋଗାଇ ଚାଲିଲେ ଲୋକେ ଅଳସୁଆ ହୋଇଯିବାର ପ୍ରମାଦ ରହିଥିଲା । ତେଣୁ ସେ କାଳର ବିଶିଷ୍ଟ ସ୍ଥପତି କୈଫିଅତ୍ ଉଲ୍ଲାଙ୍କୁ ଡାକାଯାଇ ନବାବ ଏକ ଅଭିନବ ଯୋଜନା କଲେ । ଏକ ବିଶାଳ ଓ ଚମତ୍କାର ପଥର କାରୁକାର୍ଯ୍ୟର ଯୋଜନା ହାତକୁ ନିଆଗଲା । ସହରର ବହୁ ବଡ ବଡ ଧନୀ ଓ ମାନୀ ନିଜ ନିଜର ନାମ ଓ ପରିଚୟ ଗୋପନ ରଖି ଏଥାରେ ରାତିରେ କାମ କଲେ । ଦିନରେ କୁଶଳୀ ଶିଳ୍ପୀ ଓ ବିନ୍ଧାଣି ମାନେ ସେସବୁକୁ ଭାଙ୍ଗି ଯୋଜନା ମୁତାବକ ଭାବେ କାମକୁ ଆଗେଇ ନେଉଥିଲେ । ଏଇ ଭଙ୍ଗାଗଢା କାର୍ଯ୍ୟକ୍ରମ – ଦୁର୍ଭିକ୍ଷ ସରିବା ପର୍ଯ୍ୟନ୍ତ ଲାଗିଥିଲା ଏବଂ ଏହି ଅଦଭୂତ ଯୋଜନାରୁ ରୂପ ନେଇଥିଲା ବିଶ୍ୱର ବୃହତ୍ତମ ସ୍ତମ୍ଭହୀନ

ଗମ୍ବୁଜ ସୌଧ ଇମାମବଗ୍। ଇମାମବଗ୍ର କେନ୍ଦ୍ରୀୟ କୋଠରୀ ହେଉଛି ୧୬୩ ଫୁଟ ଲମ୍ବା, ୫୩ ଫୁଟ ପ୍ରସ୍ଥ ଓ ୪୯.୫ ଫୁଟ ଉଚ୍ଚତା। ୧୬ ଫୁଟ ଓସାରର କାନ୍ଥ ଉପରେ ଲଟକି ରହିଥିବା ଗମ୍ବୁଜାକୃତିର ବିଶାଳ ଛାତର ଭାର ବହନ କରିବା ପାଇଁ ଗୋଟିଏ ମଧ୍ୟ ସ୍ତମ୍ଭ ନାହିଁ ଯାହାକି ଏହି କକ୍ଷର ବିଶେଷତ୍ୱ।

ରୁମି ଦରୱାଜା ଅତିକ୍ରମ କଲେ ଆଖିରେ ପଡେ ଇମାମବଗ୍ ଓ କଡକୁ ଲାଇନକରି ଥିବା ମସଜିଦ୍। ଇମାମବଗ୍ ର ଅର୍ଥ ହେଉଛି – ସହୀଦ ହୋଇଥିବା ଅଲ୍ଲୀଙ୍କ ଦୁଇ ପୁଅ ହସନ୍ ଓ ହୁସେନଙ୍କ ସ୍ମୃତି ପାଇଁ ତିଆରି ହୋଇଥିବା ପ୍ରାର୍ଥନା ଜାଗା। ୬୩୩ ଖ୍ରୀଷ୍ଟାବ୍ଦ ରେ ତୁର୍କୀର କାରବାଲ୍ ପର୍ବତ ଉପରେ ଏହି ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା ଏବଂ ମହରମ୍ ସେଇ ଶହୀଦଙ୍କ ସ୍ମୃତି ପାଇଁ ପାଳନ ହୁଏ। ମୁଖ୍ୟ କକ୍ଷରେ ନବାବ ଅସଫଉଦୌଲାଙ୍କ ସମାଧି ରହିଛି, ମହରମ ବେଳେ ବ୍ୟବହୃତ ତାଜିଆ ସବୁ ରହିଛି। ସକାଳେ ସଂନ୍ଧ୍ୟାରେ ମୌଲବୀ ଜଣେ ଆସି ସଠାରେ କୋରାନ ପାଠ କରିଯାଆନ୍ତି। ମହରମ୍ ଦିନ ସବୁରେ ସାଧାରଣତଃ ମସଜିଦ୍ ସବୁରେ ଯଥେଷ୍ଟ ନାଡମ୍ବରତା ଓ ସରଳତାକୁ ମାନ୍ୟତା ଦିଆଯାଇଥାଏ –କାରଣ ସହୀଦଙ୍କ ସ୍ମୃତିରେ ଅପବ୍ୟୟ ଓ ଜାକଜମକ ଧର୍ମ ବିରୁଦ୍ଧ। କିନ୍ତୁ ଇମାମବଗ୍ ଭିତରେ ଠିକ୍ ଓଲଟା କଥା ଦେଖାଯାଏ। ମହରମ୍ ଦିନ ଏହି ବିଶାଳ ସୁପ୍ତ ସୌଧ ହଠାତ୍ କରି ଜୀବନ ହୋଇ ଉଠେ। ଶହଶହ ମହମବତୀ, ଝାଲର୍, ଝୁମର ଓ ରଙ୍ଗବେରଙ୍ଗୀ ଆଲୋକରେ ସାରା କକ୍ଷ ଫେରିଯାଏ ଅଢେଇଶ ବର୍ଷ ତଳକୁ। ଏପରି ସାଜସଜା ପଛରେ ଯୁକ୍ତି ହେଲା – ତିନି ମୃତ ଇମାମଙ୍କ ସ୍ମୃତିରେ ତିଆରି ଇମାମବଗ୍ ରେ ଦୈନ୍ୟତା ଓ ଦାରିଦ୍ର୍ୟତା ଖାସକରି ମହରମ ଦିନରେ ଶୋଭା ଦିଏନା। ଶେଷଦିନ, ଇମାମବଗ୍ ମଧ୍ୟରେ ମୀନାର ଓ ଗମ୍ବୁଜ ଘେରା ମୁକ୍ତ ପ୍ରାଙ୍ଗଣରେ ଅତୀତ ସ୍ମୃତିକୁ ରୋମନ୍ଥନ କରି ଡ୍ରାମାହୁଏ। ଭୁଲଭୁଲେୟାର ଅସଂଖ୍ୟ ଅନ୍ଧାକାର ଗଳି ଓ ପାହାଚ ଭିତରେ ଥରେ ପଶିଗଲେ ବାହାରକୁ ବାହାରିବା ଏକ ରକମ ଅସମ୍ଭବ। ସଂକୀର୍ଣ୍ଣ ଓ ଘନ ଅନ୍ଧକାର ଗଳିରେ ପର୍ଯ୍ୟଟକମାନେ ରୋମାଞ୍ଚିତ ହୁଅନ୍ତି, ଚତ୍କାର କରନ୍ତି, ଦିଆସିଲି ଲାଗିବା ଶବ୍ଦକୁ ପାଞ୍ଚଶ ଫୁଟ ଦୁରରୁ ଶୁଣନ୍ତି। କାନ୍ଥରେ ଫୁସଫୁସ୍ ହେବା ଶବ୍ଦକୁ ହଜାରେ ଫୁଟ ଦୁରରୁ ଶୁଣି ଚକିତ ହୁଅନ୍ତି, କିନ୍ତୁ ବାହାରକୁ ଆସିବା ପାଇଁ ଗାଇଡ୍ ର ସାହାଯ୍ୟ ଏକାନ୍ତ ଜରୁରୀ।

ଇମାମବଡ଼ାର କଡକୁ ଲାଗି ରହିଛି ଏକ ମସଜିଦ୍ ଏବଂ ପଛକୁ ଲାଇ ତିନ ତାଲା ବିଶିଷ୍ଟ ଗ୍ରୀଷ୍ମନିବାସ, ଦୁଇକଡେ ଦୁଇଟି ନଭଶ୍ଚୁମ୍ବୀ ମିନାର ସତର୍କ ପ୍ରହରୀ ପରି ଠିଆହୋଇଛନ୍ତି। ଭିତରେ ଏକ ବାଙ୍ଗି ଆକୃତିର ବିରାଟ ଗୋଲାକାର କୂପ ନାମ ତାର ବାଉଲି। କାନ୍ଥ ଉପରେ ସ୍ପଷ୍ଟ ଲେଖାଯାଇଛି – ଅଣମୁସଲମାନ ପ୍ରବେଶ ନିଷେଧ। ଠିକ୍ ଯେମିତି ପୁରୀ ଜଗନ୍ନାଥ ମନ୍ଦିର ଆଗରେ ଲେଖାଯାଇଥାଏ – ଅଣହିନ୍ଦୁଙ୍କ ପ୍ରବେଶ ନିଷେଧ। ଲେଖାକୁ ସମ୍ମାନ ଜଣାଇ ଭିତରକୁ ପ୍ରବେଶ କଲି ନାହିଁ, କିନ୍ତୁ ତଳ ପାହାଚରେ ବସିକରି ଚିନ୍ତା କରୁଥିଲି – କେବେ ପୁଣି ମଣିଷ ସହିଷ୍ଣୁ ଓ ଉଦାର ହୋଇ ଲେଖିବ – ଅଣହିନ୍ଦୁ ବା ଅଣ ମୁସଲମାନ ମାନଙ୍କୁ ସାଦର ସ୍ୱାଗତ। ସେ ଏକ ଭିନ୍ନ ଆବେଗ ଓ ଅଭିମାନର ପ୍ରଶ୍ନ....ଅତଏବ ଅଦୂରର ରୁମି ଦରୱାଜା ଆଡେ ମୁହଁ ଫେରେଇଲି।

ଆଁ କରି ରହିଥିବା ତିମିମାଛର ପାଟିରୁ ଜାଆଁଳା ମାଛମାନେ ସାଲୁବାଲୁ ହେଲାପରି – ପର୍ଯ୍ୟଟକମାନେ ରୁମି ଦରୱାଜାରୁ ବାହାରି ଇମାମବଡ଼ା ଦିଗେ ଗ୍ଲୁଲିଥିଲେ। ଖୁବ୍ ବେଶୀରେ ଛଅଫୁଟ ଉଚ୍ଚର ପର୍ଯ୍ୟଟକ ଜଣେ ୬୦ ଫୁଟ ଉଚ୍ଚର ରୁମି ଦରୱାଜା ପାର ହୋଇ ଆସିବ, ବିଶ୍ୱର ବୃହତ୍ତମ ସ୍ତମ୍ଭହୀନ ଗମ୍ବୁଜ କକ୍ଷକୁ ଦେଖି ଚକିତ ହେବ ଏବଂ ଶେଷରେ ଭୁଲଭୁଲେୟାର ଅନ୍ଧକାର ଗଳି ଭିତରେ ପଶି ରାସ୍ତା ନ ପାଇ ହତାଶ ହେବ। ଏହା ପଛରେ ଜୀବନ ଦର୍ଶନ କଣ ହୋଇପାରେ?

ମଣିଷ ନିଜ ଜୀବନକୁ ପ୍ରେବଶ କରେ ଅସାଧାରଣ ଉଚ୍ଚତାର ଆଶା ଓ ସମ୍ଭାବନା ନେଇ, ଯୌବନର କକ୍ଷରେ ବିଶାଳତା ଓ ଚାତୁରୀ ଦେଖି ଚକିତ ହୁଏ, ଉଲ୍ଲସିତ ହୋଇଥାଏ, ପୁଣି ଯୌବନ ଅନ୍ତେ ଯେବେ ଜୀବନର ଅନ୍ଧଗଳିରେ ପ୍ରବେଶ କରେ, ଘୁରି ଘୁରି ହତାଶ ହୁଏ ସିନା ଆଉ ବାଟ ପାଏନା ଫେରିବାକୁ। ସେତେବେଳେ ଆବଶ୍ୟକ ହୁଏ ଜଣେ ପଥ ପ୍ରଦର୍ଶନକାରୀ, ହୋଇପାରେ ସେ କୌଣସି ଦିବ୍ୟଗ୍ରନ୍ଥ, ଦିବ୍ୟଜ୍ଞାନ ବା ଦିବ୍ୟସତ୍ତା।

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଲେଖେ ତୋ ଭକ୍ତି ଜଣାଣ



ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର

ଜୟ ତୁ ଅମ୍ବିକା ମାଆ ଗୋ ଚଣ୍ଡିକା
ତୁହି କଲୁଷ  ନାଲନୀ
ତ୍ରୈଲୋକ୍ୟ ପାଳନୀ ଭୈରବୀ ଶିବାନୀ
ତୁହି ବର ପ୍ରଦାୟିନୀ ।।

ପେଟ ପୋଡ଼ି ଗଲେ ହଂସା ଉଡିଯାଏ
ଡ଼ାକଇ ଆତୁରେ ତତେ
ପଡିଗଲ୍ ପାଟି ଶୁଖିଲ୍ ମୋ ତଣ୍ଟି
ଡାକ ଡାକ ମୁହିଁ ତତେ ।।

ତୁହି ମା ଅପର୍ଣ୍ଣା ମୋର ଆଶ୍ରା ସିନା
ତୋହର ପଣତ କାନ
ଛାଡିଲେ ତୁ ମତେ ଏ ସଂସାର ପଥେ
ହେବି ମୁହିଁ ହିନମାନ ।।

ପଡିଛି ମୁଁ ଦୁଃଖେ କେତେ କଷ୍ଟ ଭୋଗେ
ଡାକୁଛି ତତେ ମାଆ ମାଆ
ପଡିଛି ବିପଦ ରୋଗ ଭୋଗ ଦୁଃଖ
ହୁଅ ମତେ ତୁହି ସାହା ।।

ଏ ଅଧମ ପୁତ୍ର ଡାକକୁ ତୁ ମାଗୋ
ଶୁଣିବୁ ସିଂହ ବାହିନୀ
ମାରିଲେ ମାରିବୁ ଅବା ତୁ ରଖିବୁ
ତୋ ପାଦେ ଶରଣ ଗଲି।।

ତୁହି ଯୋଗ ମାୟା ନ କର ଗୋ ମାୟା
ମୁହିଁ ତୋହରି ସନ୍ତାନ
ଦୋଷଥିଲେ କ୍ଷମା କରିବୁ ଜନନୀ
ଲେଖେ ତୋ ଭକ୍ତି ଜଣାଣ।।

ଟିଟିଲାଗଡ଼, ବଲାଙ୍ଗୀର

# ପଲକର ସ୍ୱପ୍ନ



ସରୋଜ କୁମାର ସାହୁ

ତୁମେ ଆସିବାର ବାହାନାରେ ଆଣିଥିଲ
ମେଞ୍ଚାଏ ଶୀତଳସ୍ପର୍ଶ
ପ୍ରଚଣ୍ଡ ରୌଦ୍ରତାପରେ ବି
ଥୁଣ୍ଟାଗଛରେ କଅଁଳ ଯାଇଥିଲା ସବୁଜପତ୍ର
ବହିଥିଲା ମଳୟର ସୁଅ
ଶୀତଠାରୁ ଢେର୍ ଅଧିକ
ମିଠାମିଠା ଶିହରଣର ବର୍ଷାଟୋପା।
ପଲକର ସ୍ୱପ୍ନ ଆଖିଧାରଦେଇ
ଛୁଇଁଯାଇଥିଲା ହୃଦୟକୁ
ଖୋଜୁଥିଲା ସାତସୁରର ଝଙ୍କାର
ଉଷ୍ଣତା ଭରିଯାଇଥିଲା ଅପେକ୍ଷାରେ
କାହ୍ନୁବି ଆଙ୍କୁଥିଲା ତମର ଗନ୍ଧସଜ୍ଜିତ
କେଶର କମନୀୟ ପ୍ରତିବିମ୍ବ।
ସ୍ୱପ୍ନ ହେଉ କି ବାସ୍ତବ
ସୁସଜ୍ଜିତ ରଙ୍ଗୀନ୍ ଫୁଲର ଶେଜରେ
ଅପେକ୍ଷାରତ ପକ୍ଷୀସାଜି
ସାଉଁଟୁଥିଲି ତାର୍‌ମେଳରେ ଜହ୍ନଟିର
ରୋମାଞ୍ଚକର ଅନୁଭବ
ସେ ନୀଡ ହେଉ କି
ମେଘାଛନ୍ନ ଆକାଶର କ୍ଷୀଣ ଆଲୁଅ।

ଆଠଗଡ, କଟକ

# ଅନଲକ

ଦିନବଂଧୁ ବେଜ

ଚକଅଖ ଗ୍ଧଲିଥିଲେ
ଆପଣା ଗସ୍ତାରେ,
ସୁଦର୍ଶନ ଚକ୍ରପରି
ଲେଉଟା ଅସମ୍ଭବ
ରୁକୁଣା ରଥର ……
ସମାଜ ଦ୍ୱରେଇ ଯାଇ
ରଚୁଥିଲା ନୂଆ ଇତିହାସ ।
କବି ପାଇଥିଲା ବିଷୟ
ଲେଖିବାକୁ ସନେଟ,
ଚନ୍ଦ୍ରକର ଆଙ୍କୁଥିଲା ଚନ୍ଦ୍ର
ମୁଖା ଶୋଭା ପାଉଥିଲା
ଦିପ୍ତ ମୁଖମଣ୍ଡଳରେ ,
ହାତରେ ଥିଲା ସାନଟାଇଜର
ଏହା ଥିଲା ଭଗବାନଙ୍କ ବିଗ୍ରହ ।
ଜାନଯାତ୍ରା ମହୋତ୍ସବ
ପାର୍ଟି ଓ ଅପେରା …
ଲାଗୁଥିଲା ଅଫେରା ନଦୀର
ଫେନଳ ପ୍ରଖର ସ୍ରୋତପରି ।
ଉଜୁଡି ଯାଉଥିବା ଖୁସି
ଜାବୁଡି ଧରିବାକୁ
ଅମାନଆ ଚେଷ୍ଟା
ମେଳେଇ ଯାଇଥିଲା
ପାଣି ଫୋଟକା ପରି ।
ହୁଏତ ଫଳ ଫଳବାକୁ
ଭରି ରହିଥିଲା ବ୍ୟାକୁଳତା
ହାତଠାରି ଡାକୁଥିଲା
ପ୍ରତିରୋଧ ଶକ୍ତି ।
ବଢାଇବାକୁ ଦୈବୀକୃପା
ଆୟୋଜନ ଘୃତଯଜ୍ଞ
ପଶ୍ଚାତପାଦ ହେଉନ
ଦେବାକୁ ନରବଳୀ,
ଏଥିରେ ବଢିଯିବ ଇମ୍ୟୁନଟ
ଇଣ୍ଡିଆ ହେବ ଫିଟ
ପ୍ରକାରାନ୍ତେ………..
ଲକଡ଼ାଉନ ରୁ ଅନଲକ
ମିଟିମିଟି ଅର୍ଥନୀତି ପାଇଁ
ସର୍ବଶେଷ ନଷ୍ଟତି ।

ବାସୁଦେବପୁର, ଭଦ୍ରକ

# ମୋ ତର୍ଜମା

କୁମୁଦିନୀ ବେହେରା

ରୋଗ ଦେଖେ ନାହିଁ ଧନୀ ଗରିବ
ସବୁଠାରେ ତା'ର ଶରଧା ଭାବ ।

ଭୋକ ଖୋଜେନା ସ୍ୱାଦିଷ୍ଟ ଭୋଜନ
ସବୁ ଖାଦ୍ୟେ କରେ ଉଦର ପୂର୍ଣ୍ଣ ।

ଆଖି ବାଛେ ନାହିଁ ଭଲ କ ମନ୍ଦ
ବିବେକ କରେନା କା ସାଥେ ଦ୍ୱନ୍ଦ୍ୱ

ଯମ କଞ୍ଚା ପାଚିଲା ଦେଖେ ନାହିଁ
ଆୟୁଷ ସରିଲେ ବାନ୍ଧି ନଅଇ ।

ମାଆ ପାଖେ ନାହିଁ ଭିନ୍ନତା ଭାବ
ଉଦାରପଣେ ତା' କେ ସରି ହେବ ।

ଦିଅଁ ଭୋଗର ମୂଲ୍ୟ ନ ଦେଖନ୍ତି
ହୃଦୟକୁ ତୁମ ପରଖିଥାନ୍ତି ।

ବୃକ୍ଷ ଦେଖେ ନାହିଁ ଜୀବର ଗୁଣ
ତା ନିକଟରେ ସଭିଏଁ ସମାନ ।

ଦଇବ ଦେଖେ ନା ଧନ ସମ୍ପତ୍ତି
କର୍ମ ନେଇ ଦେଇଥାଏ ସେ ଶାସ୍ତି ।

ଗୁରୁ ଆଗେ ନାହିଁ ବାଛ ବିଚାର
ଶିକ୍ଷା ଦେଇଥାନ୍ତି କରି ନଜର ।

ଜ୍ଞାନ ଆଗେ ନାହିଁ ଜାତି ଅଜାତି
ଜ୍ଞାନୀ ବୁଝିଥାଏ ନୀତି ଅନୀତି ।

ରୂପ ବଢ଼ାଏନା ବ୍ୟକ୍ତିର ମାନ
ଉଦାର ହୃଦୟ ପାଏ ସମ୍ମାନ ।

ବାୟୁ ବୁଝେ ନାହିଁ ପ୍ରିୟା କ ପ୍ରୀତି
ସବୁ ଦିଗକୁ ତା' ହୁଅଇ ଗତି ।

ଜଳ ମାପେନାହିଁ ମଣିଷ କର୍ମ
ଜଗତ କଲ୍ୟାଣ ତା' ଶ୍ରେଷ୍ଠ ଧର୍ମ ।

ସେଥିପାଇଁ କହେ ହେ ବିଜ୍ଞ ନର
ହୁଅ ନାହିଁ ଶତ୍ରୁ ନିଜେ ନିଜର ।

ଆନ ଦୋଷ କର ନାହିଁ ବିଚାର
ନିଜ କରମକୁ ତର୍ଜମା କର ।

ଶିକ୍ଷୟିତ୍ରୀ, ଅନୁଗୋଳ

# କେତେ ସୁନ୍ଦର ଦିଶେ



ନବ କୁମାର ଦାସ

ସୁନ୍ଦର ଦିଶେ ନୀଳ ଆକାଶ
ଉଡ଼ନ୍ତା ଧଳା ବଉଦ
ସୁନ୍ଦର ପୁଣି ବଗ ବଗୁଲି
ଫଡ ଫଡିଆ ଶବଦ

ସୁନ୍ଦର ଦିଶେ କଳା ମେଘକୁ
ଚହଟ ଚପଳା କେଶ
ସୁନ୍ଦର ପୁଣି ମୟୁର ନାଚ
ରଙ୍ଗ ରଙ୍ଗିଆ ବେଶ

ସୁନ୍ଦର ଦିଶେ ନୀଳ ସାଗର
ଛଳ ଛଳ ଢେଉ ମାଳ
ସୁନ୍ଦର ପୁଣି ଜହ୍ନର ଛାଇ
ପ୍ରତିବିମ୍ବ ସେଇ ଜଳ

ସୁନ୍ଦର ଦିଶେ ତରୁ ଲତା ଯେ
ଟିକି ଟିକି ଫୁଲ ଫଳ
ସୁନ୍ଦର ପୁଣି ଘାସ ଗାଲିଚ୍ଚ
ଦୋହଲ୍ ଫୁଲର ମାଳ

ସୁନ୍ଦର ଦିଶେ କ୍ଷେତ ପଡିଆ
ସୋରିଷ ଫୁଲର ଢେଉ
ସୁନ୍ଦର ପୁଣି ସେ ପାଳ ଭୂତ
ହଳଆ ଗୀତରେ ମହୁ

ବାଲିଆପାଳ, ବାଲେଶ୍ୱର

# ନୂତନ ସୂର୍ଯ୍ୟଦୟ



ସୀତାରାମ ଦାଶ

ଢେର୍ ବର୍ଷ ପରେ ମେସେଞ୍ଜରରେ ନତୁର ମେସେଜ ଦେଖି ନଲେଶର ଆଶ୍ଚର୍ଯ୍ୟର ସୀମା ରହିଲ୍ ନାହିଁ। ସେ ଏତେ ସହଜରେ ଏସବୁକୁ ବିଶ୍ୱାସ କରି ପାରୁ ନ ଥିଲା। ସତରେ କଣ ନତୁ ଆଜି ବି ତାକୁ ବିଶ୍ୱାସ କରେ? ଏତେ ପରେ ବି, ସେ କଣ ତା ସହିତ ସମ୍ପର୍କ ରଖିବାକୁ ଚାହୁଁଛି? ଆଜି ବି କଣ ସେ ତାକୁ ଭଲ ପାଉଛି? ମନରେ ତାର ଅନେକ ଅସମାହିତ ପ୍ରଶ୍ନପୁଞ୍ଜ। ସମଗ୍ର ଶରୀରରେ ଖେଳ ଯାଇଥିଲ୍ ଏକ ଅଜଣା ପୁଲକ। ଆନନ୍ଦରେ ଅଧିର ହୋଇ ଯିବା ସହ, ସେ ମନେପକାଉ ଥିଲ୍, ଅତୀତର ସେହି ଅଭୁଲା କାହାଣୀକୁ...

ଯୌବନର ପ୍ରଥମ ପାହାଚରେ ନତୁକୁ ନଜର କରିବାରେ ସେ ସଫଳ ହୋଇଥିଲା। ନଲେଶ ଦେଖିବାକୁ ଶାନ୍ତ, ସରଳ ଓ ସୁଦର୍ଶନ। ମେଧାବୀ ଛାତ୍ର ହୋଇଥିବାରୁ ସମସ୍ତେ ତାକୁ ଖୁବ୍ ଆଦର କରୁଥିଲେ। ପାଖ ପଡୋଶୀ ହୋଇ ଥିବାରୁ ନତୁ ଘରକୁ ତାର ଅବାଧ ପ୍ରବେଶର ଅଧିକାର ଥିଲା। ଲୁଚେଇ ଲୁଚେଇ ସେ ତାକୁ ଅନେକ ପ୍ରେମ ପତ୍ର ଦେଉଥିଲା। କେତେ କେତେ ଭିନ୍ନ ଭିନ୍ନ ନାଁରେ ସମ୍ବୋଧନ କରି ସେ ଚଠି ସବୁ ଲେଖୁଥିଲା। ଚଠିରେ ନତୁ ବଦଳରେ ସେ ଲେଖୁଥିଲ୍, "ଅଳପା, ଅଳ, ଅଲିଅଳ"। ପୁଣି କେବେ କେବେ ଲେଖୁ ଥିଲ୍, "ପ୍ରିୟା, ପ୍ରେୟସୀ, ପ୍ରିୟତମା"। ଆଉ କେବେ ଲେଖୁ ଥିଲ୍, "ଅଞ୍ଜଳ, ସ୍ୱପ୍ନା, ତାନଆ, ଯସ୍ମୀନ"। ଅନେକ ଥର ରକ୍ତରେ ବି ସେ ଅନେକ ଚଠି ଲେଖି ଦେଇଛି।

ଆଜିକାଲି କଶୋରୀ ନତୁର ମନ ପ୍ରାଣରେ କେବଳ ନଲେଶ ହିଁ ନଲେଶ। ନଲେଶ ପାଇଁ ତା ମନରେ ଥିଲ୍ ଅସୁମାରୀ ଆଶା, ହଜାର ହଜାର ସ୍ୱପ୍ନ। ନଲେଶର ଉପସ୍ଥିତି ତାକୁ ଦେଉଥିଲ୍ ଅହେତୁକ ଆନନ୍ଦ। ତାର ସାମାନ୍ୟ ସାନ୍ନିଧ ଶରତର ଜୋସ୍ନାବିଧୌତ ରଜନୀର ଶିତଳତା ଭରି ଦେଉଥିଲ୍ ତାର ମନ ପ୍ରାଣରେ। ପ୍ରିୟତମର ମିଠା ମିଠା କଥାରେ ତାର

ହୃଦୟରେ ହେଉଥିଲା ମଧୁଧାରା ବର୍ଷା। ଜୀବନର ପ୍ରତ୍ୟେକଟି ସକାଳ ତା ପାଇଁ ହେଉଥିଲା, ସୁଖମୟ ମଧୁମୟ ଏବଂ ପ୍ରତ୍ୟେକ ରାତି ରଜନୀଗନ୍ଧାର ସୁଗନ୍ଧରେ ସୁଗନ୍ଧିତ। ଦିନ ସବୁ ଖୁବ୍ ଛୋଟ ଲାଗୁଥିଲା ଉଭୟଙ୍କୁ।

ଏହା ଭିତରେ ବିତି ଗଲାଣି ଅନେକ ଋତୁ। ଆଜିକାଲି ନିଲେଶର ହାବ ଭାବରେ ଅନେକ ପରିବର୍ତ୍ତନ। ପାଗଳ ପ୍ରେମିକ ଆଜି ସାଜିଛି କ୍ରୁର କାମୁକ। ଆଜିକାଲି ତାର ପ୍ରେମରେ ପ୍ରଣୟର ସଙ୍ଗୀତ ବଦଳରେ ଭାସି ଆସୁଛି ଆଦିମ ତୃଷ୍ଣା। ମନ ଜିଣି ସାରିଲା ପରେ ଦେହକୁ ଜିତି ଯିବା ପାଇଁ ବାରମ୍ବାର ପ୍ରୟାସ। ଅନ୍ଧକାରର କଳା ଓଢଣୀ ତଳେ ହଜି ଯିବା ପାଇଁ ନିରନ୍ତର ନିବେଦନ। ମନ କବାଟ ଖୋଲି ସାରିବା ପରେ ଦେହ ଦେଉଳରେ ପୂଜକଟିଏ ସାଜିବାକୁ ସେ ପାଗଳ। ଦିବାରାତ୍ର ଶରୀର ରୂପକ ଆଟଲାଣ୍ଟିକର ନୀଳ ଜଳରାଶି ମଧ୍ୟରେ ନୀଳ ତିମି ସାଜି ଶିକାର କରିବାର ଦୁଃସାହସ। ତାର କାମନା ରୂପକ ବାରିଧାରରେ ପ୍ରେମିକାର ଯୌବନକୁ ଚେରାପୁଞ୍ଜି ଭଳି ଭିଜେଇ ଦେବାକୁ ସେ ଅହରହ ବ୍ୟାକୁଳିତ। କିନ୍ତୁ ଏସବୁ ସେ ଏତେ ସତର୍କତାର ସହ କରେ, ନିତୁ ତାର ପ୍ରକୃତ ଉଦ୍ଦେଶ୍ୟ ଜାଣି ପାରେନି।

ନିଲେଶ  ଅନେକ ଥର ଆବାହନ କରେ, ଆଦମ୍ ଓ ଇଭ୍ ସାଜି ସୁଖ ସାଉଁଟିବାକୁ। କିନ୍ତୁ ନିତୁ ହିମାଳୟ ଭଳି ସ୍ଥିର ଏବଂ ସ୍ଥିତପ୍ରଜ୍ଞ। ଦୈହିକ କ୍ରିୟାରୁ ସେ ଅନେକ ଦୂରରେ। ସେ ପ୍ରଶ୍ନ କରେ, ପ୍ରେମ କଣ କେବଳ ଦେହ ସର୍ବସ୍ୱ? ପ୍ରେମ ସତ୍ୟ ଶିବ ସୁନ୍ଦର। ଆମକୁ ମନର ଚଞ୍ଚଳତାକୁ ଦୂର କରି ସ୍ଥିରତା ଓ ଏକାଗ୍ରତାକୁ ଆପଣାଇବାକୁ ପଡିବ। ପ୍ରେମ ଅଜର ଅମର। ସେ କୁହେ, "ମୁଁ ଇନ୍ଦ୍ରିୟର ବଶବର୍ତ୍ତୀ ହୋଇ ଲଜ୍ଜା ଆଉ କଳଙ୍କକୁ ମୁଣ୍ଡେଇ ପାରିବନି"।

ନିଲେଶର ସବୁ ଚେଷ୍ଟା ବିଫଳ ହୁଏ। ଏବେ ସେ ଇଚ୍ଛା କରେ, ନିତୁ ପାଖରୁ ସବୁ ଦିନ ପାଇଁ ଦୂରେଇ ଯିବାକୁ। ଅପେକ୍ଷା ଥାଏ କେବଳ ଗୋଟେ ସୁଯୋଗ ପାଇଁ। ଉଭୟ ପରିବାର ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ସାମାନ୍ୟ ଉତ୍ତେଜନା ଓ କଳହ ସୃଷ୍ଟି ହୁଏ। ଏହି ସୁଯୋଗକୁ ଅସ୍ତ୍ର କରି ନିଲେଶ ନିତୁ ସହ ସବୁ ସମ୍ପର୍କ କାଟି ଦୂରେଇ ଯାଏ। ଫୋନର ସିମ କାର୍ଡ ବନ୍ଦ କରି ଦିଏ। ଯଦି ବି କେବେ ନିତୁ ତା ସାମ୍ନାକୁ ଆସେ, ସେ ବାଟ କାଟି ଅନ୍ୟ ଦିଗରେ ଚାଲିଯାଏ।

ନଲେଶ ପରିବର୍ତ୍ତନରେ ନତୁ ବହୁତ କଷ୍ଟ ପାଏ। ଅନେକ ଥର ଚେଷ୍ଟା କରେ ଆପୋଷ ବୁଝାମଣା କରି ସମାଧାନର ବାଟ କାଢ଼ିବା ପାଇଁ କିନ୍ତୁ ସ୍ୱାର୍ଥପର ନଲେଶ ସେ ସୁଯୋଗ ଦିଏ ନାହିଁ।

ପ୍ରଥମ ପ୍ରେମର ପହିଲି ଫୁଲଟି ଫୁଟିବା ଆଗରୁ ଅବେଳରେ ଏମିତି ଝରିଯିବ, ନତୁ କେବେ ସ୍ୱପ୍ନରେ ଭାବି ନ ଥିଲା। ସାମାନ୍ୟ କଳହ ଦୁଇ ପ୍ରେମୀ ଯୁଗଳଙ୍କ ଭିତରେ ମେଘନାଦ ପାଚେରୀଟେ ହୋଇ ଠିଆ ହେବ! ଏତେ ସୁନ୍ଦର ସମ୍ପର୍କକୁ ବିଚ୍ଛିନ୍ନ କରି ଖିନଭିନ କରିଦେବ! ପ୍ରେମ ବିନା ନତୁର ଜୀବନ ଏବେ ବିବର୍ଣ୍ଣ ଓ ବିଭୀଷିକାମୟ। ଭାଗ୍ୟ ଆଜି ତା ସହ ଛାଇ ଆଲୁଅ ଲୁଚକାଳି ଖେଳ ଖେଳେ। ସୁଖ ତାର ସାତ ସପନ ଭଳି ହଜିଯାଏ ନୀଳ ଆକାଶର ନୀଳିମା ଭିତରେ। ସବୁ ପରେ ବି ତାର ବିଶ୍ୱାସ, ନଲେଶ ନିଶ୍ଚୟ ଫେରିବେ। ନଲେଶର ଯିବା ଆସିବା ବାଟକୁ ସେ ଚାତକ ଭଳି ଚାହିଁ ରହିଥାଏ, ଦୁଇ ପଦ କଥା ହେବା ପାଇଁ। ତାକୁ ପାଖରୁ ଭେଟିବାର ସୁଯୋଗ କେବେ ପାଏ ନା। ଯଦି ବି କେବେ ସାମ୍ନା ସାମ୍ନି ହୁଏ, ନଲେଶ ବାଟ କାଟି ଚାଲିଯାଏ। ଅନେକ ଥର ନତୁ ନଲେଶକୁ ସୁବିଧା ସୁଯୋଗ ଦେଖି ଦୂରରୁ ହାତ ଠାରି ଡାକେ କିନ୍ତୁ ନଲେଶ ଅନ୍ୟ ଦିଗକୁ ମୁହଁ ବୁଲେଇ ଦିଏ।

ଏବେ ନଲେଶ ଏକ ପ୍ରତିଷ୍ଠିତ କମ୍ପାନୀରେ କର୍ମଚାରୀ। ଅନେକ ଝିଅଙ୍କ ସହ ତାର ଅବୈଧ ସମ୍ପର୍କ। ଚେହେରା ସବୁବେଳେ ବ୍ୟକ୍ତିତ୍ୱର ମାପକାଠି ନୁହେଁ। ସରଳ ସୁନ୍ଦର ଚେହେରା ଭିତରେ ହଳାହଳ ବିଷ ଯେ ଭରି ହୋଇ ରହିଥାଏ, ନଲେଶ ତାର ଉଦାହରଣ।

ଆଜି ନତୁର ମେସେଜ ଦେଖି ସେ ମନେ ମନେ ଭାବୁଥିଲା, "ଏ ନଲେଶର ଅନେକ ରୂପ ଅନେକ ରଙ୍ଗ। କାହା ପାଇଁ ସେ ସ୍ୱପ୍ନ ତ କାହା ପାଇଁ ସେ ମରୀଚିକା। ତମେ କଣ ଏତେ ସହଜରେ ତାକୁ ହାତ ପାହାନ୍ତାରେ ପାଇ ପାରିବ।" ତା ମନରେ ଥିଲା ଖାଲି ଛଳନାର ଅଟ୍ଟହାସ୍ୟ। ସେ ନତୁର **S.M.S** ର ଛୋଟ ଉତ୍ତର ରଖିଲା,

ନଲେଶ-- **sorry** ନତୁ, ସମୟ ଏବଂ ପରିସ୍ଥିତି ଆମକୁ ଆଜି ଅଲଗା କରି ଦେଇଛି। ଯାହା ସବୁ ହେବାର ଥିଲା ହୋଇ ଗଲା କିନ୍ତୁ ଏବେ ଆମେ ଭଲ ବନ୍ଧୁ ହୋଇ ରହି ପାରିବା।

ନନ୍ତୁ-- ପ୍ରେମିକା ଟିଏ କଣ ବନ୍ଧୁ ନୁହେଁ। ମୁଁ ଭାବୁଥିଲି ସାରା ଜୀବନ ତୁମର ସାଥି ହୋଇ ରହିବି। ସାମାନ୍ୟ କଥାରେ ତୁମେ ସବୁ କିଛି ଭୁଲି ଗଲ ଏତେ ସହଜରେ। ଏତେ ବଡ଼ ଛଳନା କପରି କରି ପାରିଲ ମୋ ସହ।

ନଲେଶ-- ସମସ୍ତେ ପରିସ୍ଥିତିର ଦାସ। ମୁଁ ନିରୁପାୟ ଥିଲି, ନନ୍ତୁ। ସବୁ ପରେ ବି, ତମେ ବି କୋଉ ମତେ ବିଶ୍ୱାସ କର କି? ତମର କଣ ମୋ ଉପରେ ଭରଷା ଅଛି ନା ସେଦିନର ଭଲ ପାଇବା?

ନନ୍ତୁ- ତମେ ଏ କଥା କହି ପାରୁଛ। ଟିକିଏ କଥାରେ ମୁହଁ ଫେରାଇ ଦେଇ ଗଲ ଯେ ଗଲ। କେବେ ଥରେ ଭାବିଛ, ତୁମେ ଗଲା ପରେ ମୁଁ କେମିତି ବଞ୍ଚିଛି। ଆଖିରୁ କେତେ ଲୁହ ଝରାଇଛି। କୁହୁଡି କାକରର ମେଘୁଆ ଆକାଶ ତଳେ ତୁମକୁ ଖୋଜି ଖୋଜି କେତେ ଥର ବାଟବଣା ହୋଇଛି। କେତେ ରାତି ଉଜାଗରରେ କାଟିଛି।

ଏବେ କିଛିଦିନ ହେବ ଉଭୟ ଖୁସି ଥିଲେ। ନଲେଶ' ଛଳନା ର ଜାଲ ବିଛେଇ ବିଛେଇ ଚାଲୁଥିବା ବେଳେ ନନ୍ତୁ ସୁନ୍ଦର ସ୍ୱପ୍ନକୁ ସାକାର କରିବାର ନିଶାରେ ମସଗୁଲ ଥିଲା।ଦିନେ ବିଳମ୍ବିତ ରାତିରେ ନଲେଶର ଗୋଟେ ମେସେଜ ନନ୍ତୁର ସବୁ ସ୍ୱପ୍ନ, ସବୁ ଆଶା ଭରଷାକୁ ଭାଙ୍ଗି ଚୁରମାର କରିଦେଲା। ନନ୍ତୁକୁ ସେ ମାଗିଥିଲା କିଛି ଆପତ୍ତିଜନକ ଫଟୋ। ସେ ଦେଖିବାକୁ ଚାହୁଁଥିଲା ଝିନ ବସ୍ତ୍ର ତଳର କମନୀୟ କାୟା। ଆଉ ବାଥରୁମର କିଛି ଜୀବନ୍ତ ମୁହୂର୍ତ୍ତ।

ନନ୍ତୁ କାଳ ବିଳମ୍ବ ନ କରି ଉତ୍ତର ରଖିଲା, ତୁମ ଭଳି ଜଣେ ଅଭଦ୍ର, ନଷ୍ଟ ଚରିତ୍ର ଓ କାମୁକ ମଣିଷକୁ ଚିହ୍ନିବାକୁ ମୋର ଆଉ ବାକି ନାହିଁ। ତୁମ ଭଳି ଜଣେ ବାଜେ ଚରିତ୍ରର ମଣିଷକୁ ଭଲ ପାଇଥିବାରୁ ଆଜି ମତେ ନିଜ ଉପରେ ଘୃଣା ଆସୁଛି। ମଣିଷ ରୂପରେ ତମେ ଜଣେ ରାକ୍ଷସ। ଦେହଭୋଗର ଲାଳସା ତୁମକୁ ଅବିବେକ ଓ ନିର୍ଲ୍ଲଜ କରିଦେଇଛି। ମୁଁ ଭଲ ପାଉଥିବା ନଲେଶ କେବେଠୁ ମରି ଯାଇଛି।

ନତୁ ଆଖିକୁ ଆଜି ନିଦ ନ ଥିଲା। ଯେଉଁ ସ୍ୱପ୍ନକୁ ପାଇବାକୁ ସେ ଅନେକ ରାତି ଉଜାଗରରେ କାଟିଥିଲା ତାହା ଆଜି ମାୟା ମହଲ ଭଳି ମୁହୂର୍ତ୍ତକରେ ମିଳାଇ ଗଲା। ଆଜି ତାର ବହୁତ ମନେ ପଡୁଥିଲା ଅଫିସର ସହକର୍ମୀ ଶୁଭ୍ରାଂଶୁଙ୍କ କଥା। ନୂଆ ନୂଆ ଚାକରୀ କଲା ବେଳେ, ଅଫିସ କାମରେ ସେ କେତେ ସାହାଯ୍ୟ ସହଯୋଗ କରିଛନ୍ତି। କେବେ ବି ମୁହଁକୁ ସିଧାସଳଖ ଚାହିଁ ନାହାଁନ୍ତି। ସବୁବେଳେ ହସ ଖୁସିର ପରିତୃପ୍ତ ଓ ପରିପୂର୍ଣ୍ଣ ମଣିଷଟିଏ। ମାପଚୁପ କଥା। ପୁରା ଅଫିସରେ ସେ ଥିଲେ, ନତୁର ଅତି ଅନ୍ତରଙ୍ଗ ବନ୍ଧୁ। କିନ୍ତୁ ଯେଉଁ ଦିନ ସେ ନତୁକୁ ପ୍ରୋପୋଜ କଲେ, ସେବେ ଠୁ ନତୁ ତାଙ୍କ ଠୁ ଦୁରେଇ ରୁହେ। ଅବଶ୍ୟ ସେଥିପାଇଁ ସେ ଥରେ ଦୁଇ ଥର କ୍ଷମା ମାଗି ନେଇଛନ୍ତି କିନ୍ତୁ ନତୁ ଆଉ ସହଜ ହୋଇ ପାରେନି ତାଙ୍କ ପାଖରେ।

ଡୋର ବେଲ୍ ବାରମ୍ବାର ବାଜିବାରୁ ନିଦ ମଳମଳ ଆଖିରେ ଶୁଭ୍ରାଂଶୁ କବାଟ ଖୋଲି ଦେଖିଲେ, ସାମ୍ନାରେ ନତୁ ଛିଡା ହୋଇଛି। ଏତେ ସକାଳୁ ନତୁକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁମର ସବୁ ଭଲ ତ। ଏତେ ସକାଳୁ ଏଠି? ତାଙ୍କ କଣ୍ଠ ସ୍ୱରରେ ଥିଲା ଅହେତୁକ ଉତ୍କଣ୍ଠା। ଖୁବ୍ ବ୍ୟସ୍ତ ଆଉ ବିବ୍ରତ ସେ।

ନତୁ ଶୁଭ୍ରାଂଶୁର ଆଖିରେ ଆଖି ମିଶାଇ କହିଲା, "ଗୋଟେ କଥା ପଚାରିବାକୁ ଆସିଛି।"

ଶୁଭ୍ରାଂଶୁ -- ହ୍ୱାଟ୍? ଏତେ ସକାଳୁ କୋଡିଏ କିଲୋମିଟର ଗାଡି ଚଳାଇ ଆସିଛ, ଫୋନ କରି ପାରିଥାନ୍ତ।

ନତୁ--ତୁମ ଫୋନ ସ୍ୱିଚ୍ ଅଫ ତ, ତେଣୁ ବାଧ୍ୟ ହୋଇ ଆସିଲି। ଲଭ୍ୟୁ ଶୁଭ୍ରାଂଶୁ । ଉଇଲ ୟୁ ମେରି ମି।

ଶୁଭ୍ରାଂଶୁ -- ଅଫ୍ କୋର୍ସ। ଏହା ତ ମୋ ପାଇଁ ସୌଭାଗ୍ୟ। ତୁମକୁ ପାଇ ପାରିଲେ ମୋ ଜୀବନ ସ୍ୱପ୍ନମୟ, ରଙ୍ଗମୟ ହୋଇ ଉଠିବ। ଜୀବନର ସବୁ ଅବଶୋଷ ମେଣ୍ଟିଯିବ।

ନତୁ-- କିନ୍ତୁ ନିଜ ବିଷୟରେ ମୋର କିଛି କହିବାର ଥିଲା।

କନ୍ତୁ ଶୁଭ୍ରାଂଶୁ ନତୁକୁ କୋଳେଇ ନେଇ କହିଲା, ନଲେଶ କଥା ତ? କଛି ବର୍ଷ ପୂର୍ବେ ଆମେ ଏକାଠି କଛି ଦିନ କାମ କରୁଥିଲୁ। ତାଠୁ ତୁମ ବିଷୟରେ ମୁଁ ସବୁ କଛି ଶୁଣିଛି। ସେଦିନଠୁ ମୁଁ ତୁମକୁ ଭଲ ପାଇ ବସିଛି। ମୁଁ ଜାଣିଥିଲି ସୁନା କେବେ ବି ତାର ଚମକ ହରେଇବନ। ନତୁ ଶୁଭ୍ରାଂଶୁର ହାତକୁ ପାପୁଲିରେ ଧରି ଭାବୁଥିଲା, "ପ୍ରଥମ ପ୍ରେମ ବୋଧେ ସବୁବେଳେ ଭୁଲ ଜାଗାରେ ହୁଏ ଆଉ ତୁମକୁ ଭଲ ଲାଗୁଥିବା ମଣିଷ ଅପେକ୍ଷା ତୁମକୁ ଭଲ ପାଉଥିବା ମଣିଷ ହିଁ ଉପଯୁକ୍ତ ଜୀବନ ସାଥି।"

ପୂର୍ବ ଆକାଶରେ ନବୋଦିତ ଦିନମଣୀଙ୍କ ରକ୍ତିମ କରଣ ଗ୍ବରିଆଡେ ବିଛାଡି ହୋଇ ପଡ଼ିଥିଲା। ଅଦୂର ପୁଷ୍କରିଣୀରେ ଦୁଇଟି ହଂସ ଜଳ କ୍ରୀଡ଼ାରେ ମଗ୍ନ ଥିଲେ। ଅଜଣା ପକ୍ଷୀମାନଙ୍କର କକଳରେ ଗ୍ବରିଆଡ଼ ମୁଖରିତ ହେଉଥାଏ। ନତୁର ଶାନ୍ତ ସ୍ନିଗ୍ଧ ସୁନ୍ଦର ମୁହଁ ଓ ନରୀହ ଗ୍ବହାଣିରେ ଶୁଭ୍ରାଂଶୁ ଦେଖୁଥିଲା, ଭିନ୍ନ ଏକ ପୃଥିବୀର ମନଲୋଭା ଦୃଶ୍ୟ।

ସାନମୂଳାଇ, କଟକ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ। ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନାରୀ ସଶକ୍ତିକରଣ



ସୌଭଗ୍ୟ ଗିରି

ନାରୀର ସଶକ୍ତିକରଣ ପାଇଁକି
ସତେ ଯଦି ଆଜି ସର୍ବେ ଆତୁର।
ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ
କରିବନି ବୋଲି ଶପଥ କର।

କନ୍ୟା ଭ୍ରୁଣ ହତ୍ୟା କରିବନି କେବେ
ସେ ପରି ସାଜିବ କନ୍ୟା ରତନ।
ଡଷ୍ଟବିନ୍ କୁ ଫିଙ୍ଗି ଦେବ ନାହିଁ
ଜନ୍ମପରେ ଦେଖି କନ୍ୟାସନ୍ତାନ।

ପୁଅଝିଅ ଭେଦଭାବ କରନାହିଁ
ଅବା କରନି ପାତରଅନ୍ତର।
ଶିଶୁ କନ୍ୟାଟିଏ ସାମନା ନକରୁ
କେବେ ଲିଙ୍ଗଗତ ବିଷମତାର।

ପୁଅ ସାଥେ ଝିଅ ପାଠପଢି ଯାଉ
ନାରୀଶିକ୍ଷାର ହେଉ ପ୍ରସାର।
ପରଗୋତ୍ରୀ ପରଧନ ପରଘରୀ
କହି ତାକୁ କରନା ହତାଦର।

ବେଟି ବଞ୍ଚାଅ ବେଟି ପଢାଅ
ସରକାରଙ୍କର ଯୋଜନା ଇଏ।
ଉଡାନ୍ ସାଥିରେ ସୁକନ୍ୟା ସମୃଦ୍ଧି
ଯୋଜନା ଟି କରିଛନ୍ତି ତ ସିଏ।

ଅନ୍ଧବିଶ୍ୱାସର ଅର୍ଗଳ ଭିତରୁ
ନିଜକୁ ଯଥାଶୀଘ୍ର ମୁକୁଳାଅ।
ବାଲ୍ୟବିବାହକୁ ବନ୍ଦ କରି ତାକୁ
ମହାବିଦ୍ୟାଳୟେ ପାଠ ପଢାଅ।

ନିଜର ସୁରକ୍ଷା କରିବ ସେ ନିଷ୍ଠେ
ଶିଖାଅ ଆତ୍ମରକ୍ଷାର କୌଶଳ।
ଚାରିକାନ୍ଥ ମଧ୍ୟେ ଆବଦ୍ଧ ନ ରଖି
କର ତାକୁ ଆତ୍ମନିର୍ଭରଶୀଳ।

ବାପା ଦାଦା ଭାଇ ଯେତେକ ପୁରୁଷ
ଦେଖାଅନି ତୁମ ପ୍ରପଞ୍ଚପଣ।
ତୁମରି ତୀକ୍ଷ୍ଣ ପ୍ରଶ୍ନବାଣରେ
ନାରୀକୁ କରନି ଲହୁଲୁହାଣ।

ନାରୀକୁ ନକର ଅବହେଳା ପୁଣି
କରନାହିଁ କେବେ ପକ୍ଷପାତିତା।
କର୍ମକ୍ଷେତ୍ରରେ ବି ପୁରୁଷ ପରିଏ
ନାରୀକୁ ମିଳୁଥାଉ ନିରାପତ୍ତା।

ଲାଞ୍ଛନା ତାଡନା ଧର୍ଷଣ ଶୋଷଣ
ଦୁଷ୍କର୍ମ ଆଉ ଯୌନ ଉତ୍ପୀଡନ।
ଯୌତୁକ ଜୁଇରେ ଜଳି ନ ଯାଉରେ
ନିରୀହା ନାରୀର ସବୁ ସପନ।

ନାରୀ ହରଣରେ ରାମାୟଣ ପୁଣି
ନାରୀ ଅସମ୍ମାନେ ମହାଭାରତ।
ନାରୀର ଉତ୍ଥାନ ପାଇଁକି ସଭିଏଁ
ଲାଗିପଡ ହାତେ ମିଶାଇ ହାତ।

ନାରୀର ଉନ୍ନତି ପାଇଁ ସରକାର
ଗଢିଛନ୍ତି ଆଇନ କାନୁନ।
ସବୁଆଡେ ସଂରକ୍ଷଣ କରିଛନ୍ତି
ଚାକରୀ କ୍ଷେତ୍ର ଅବା ନିର୍ବାଚନ।

ଗ୍ରାମ ମହିଳାଙ୍କ ଉନ୍ନତି ପାଇଁକି
ସ୍ୱୟଂ ସହାୟକ ଦଳଗଠନ।
ଗୌରବ ସମ୍ମାନ ଫେରାଇ ଦେବାକୁ
କାର୍ଯ୍ୟକରେ ମହିଳା କମିଶନ।

ଯେତେ ଅହଂ ଭାବ ମନରେ ରଖିଛ
ସେସବୁକୁ ତମେ ଏବେ ଦୂରାଅ।
ନାରୀ ପ୍ରଗତିରେ ବାଧା ନ ଦେଇକି
ନାରୀ ଉନ୍ନତିରେ ମନ ଲଗାଅ।

ନାରୀଟିଏ ଯେବେ ସମାଜ ଭିତରେ
ଭାବିନବ ନିଜକୁ ସୁରକ୍ଷିତ।
ସେତେବେଳେ ଆପେ ନିଶ୍ଚେ ବଢିଯିବ
ପୁରୁଷଜାତିର ମାନମହତ।

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

# ଅଶିଣର ଅଭିନନ୍ଦନକା



ଶେଷଦେବ ପଣ୍ଡା

ବଢ଼ିଚାଲେ ମହିଷାଙ୍କ ଉପଦ୍ରବ ସିନା
ଥରଥର ହୁଏ ମାଗୋ ଧରା,
ସହ୍ୟ କେହ୍ନେ କରୁଅଛ ଦେବୀ ଶାକମ୍ଭରୀ ଜଗତଜନନୀ ତୁମେ ପରା ।

ଲେଲିହାନ ବହ୍ନିଶିଖା ପ୍ରାୟେ ଘେରି
ଅଛି କାମନାର ଅଜଗରୀ ନିଶା,
କହ ଗୋ ଚନ୍ମୟୀ କେବେ ହେବ
ଏ ଜାତିର ଚେତନାର ଉଷା ।

ଦଶହରା ହୋଇଅଛି ଦିଶାହରା ଅବା
ବିବେକର ବିକଟ ଚକ୍ରାର,
ପଥପ୍ରାନ୍ତେ ରାହାଜାନ ପ୍ରଦର୍ଶନ-
ପନ୍ଥୀ ଧର୍ମନାମେ ଚାଲେ ବ୍ୟଭିଚାର ।

ମନ୍ଦିର ବେଢ଼ାରେ ମଠେପୀଠେ
ପାର୍ବଣର ମଉଚ୍ଛବ ଆଜି,
ସୃଷ୍ଟି ସ୍ଥିତି ପ୍ରଳୟର ଓଁକାରରୂପିଣୀ
ଅବତରୀ ଆସ ମା' ବିରାଜି ।

ରତ୍ନଗର୍ଭା ହେଉ ମାତା ସସାଗର୍ ଧର୍ ସବୁ ଋତୁ ହେଉ ଋତୁର୍ାଜ,
ଅଙ୍କୁରିତ ହେଉ ସଭିଙ୍କର ମାନ-
ସରେ ଚର ଶାନ୍ତି ସ୍ଥାପନର ବୀଜ ।

ଛିନ୍ନହେଉ ଦୁର୍ନୀତିର ଦୁର୍ବାର ଶୃଙ୍ଖଳ ଲୋପ ହେଉ ଶୋଷଣ କଷଣ,
ଅଶିଣର ଅଭିନନ୍ଦନକା ଗାଉଅଛୁ
ଯୋଡହସ୍ତେ ମନୁପୁତ୍ରଗଣ ।

"ସୃଷ୍ଟିନୀଡ", ମୁଦଲସର, ତମିଆଁ, ବଲାଙ୍ଗିର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଆସିଛି ମା



ସରୋଜ ଲକ୍ଷ୍ମୀ ମହାନ୍ତି

କେରି କେରି ସେଇ କାଶତଣ୍ଡୀ ବନେ
ନାଲି ପାଦ ଚହ୍ନ ପଡିଛି,
ସକାଳ ସୂରୁଜ ସତେକ କପାଳେ
ସିନ୍ଦୁର ଟୋପାଟେ ଆଙ୍କିଛି।
ଚୁପିଚୁପି କାନେ ଶରତ କହିଲା
ସିଂହବାହିନୀ ମା ଆସୁଛି,
ପାଦ ପାତେ ତାର ଧରା ବୁକୁପରେ
ପାର୍ବଣ ପାର୍ବଣ ବାସୁଛି ।
ବିଶ୍ୱ ବିମୋହିନୀ ଦୁର୍ଗତି ନାଶିନୀ
ମମତା ମୟୀ ମା କଲ୍ୟାଣୀ,
ସଂହାର କରିବ ସବୁ ରିପୁଙ୍କର
ନାଶିବ ଅଜ୍ଞାନ ତରଣି ।
ସ୍ୱୟଂ ସିଦ୍ଧା ସିଏ ଅପରାଜିତା ମା'
ପରାଜିତ କରେ ଶତ୍ରୁକୁ,
ତୋ ସନ୍ତାନେ ଆଜି ପ୍ରମାଦ ଗଣନ୍ତି
ରକ୍ଷା କର ମା' ଗୋ ସଭିଙ୍କୁ ।

ଦର୍ଶନେ ତୋର ପାପ ନାଶେ ଯାଏ
ବିଜୟିନୀ ତୋର ପ୍ରତୀକ,
ପାଦ ତଳେ ଆଜି ଏତିକ ଜଣାଏ
ରଖ ତୁମ ଯଶ ଗୌରବ ।
ଆଖି ଲୁହ ସବୁ ଶୁଖିତ ଗଲାଣି
ପୋଛି ଦେବ  କାନ ପଣତେ,
ଶକ୍ତି ସ୍ୱରୁପିଣି ଉଦ୍ଭାସିତ ହୁଅ
ଦୁର୍ଗତି ନାଶିନୀ ସ୍ୱରୁପେ ।
ଆଶା ଭରସାକୁ ମୋ ପୂଜା ଥାଳରେ
ତୋ ପାଦେ କରେ ମୁଁ ଅର୍ପଣ,
ପାପ ପୁଣ୍ୟ ଆଉ ବିଗ୍ଭର ନକରି
କର ଜଗତର ରକ୍ଷଣ ।

**271/3, ଏ.ଭି. ରେସିଡେନ୍ସି,**
ପୋ-କଟ୍, ଭୁବନେଶ୍ୱର

# ଭୋକ, କ୍ଷିର ଓ ମୋର ସ୍ତନ

ସଂଜୟ ସିଂହ ଗ୍ଠୋର
କୁମାର ହସନ

ଏଇଟା ମୋର ସେଇ ସ୍ତନ ନା
ଯାହାକୁ ତମେ ସବୁବେଳେ ଲୁଚଲୁଚ ନରେଖି ଗ୍ହୁଁଥିଲ

କ୍ଷେତରେ, ଖଳାରେ
ବାଟରେ, ଘାଟରେ, ହାଟରେ
କାରଖାନାରେ, ଅଫିସରେ ଝାଡୁ କଲାବେଳେ
ମୋର ନଇଁବାର ଅସ୍ଥିର ଅପେକ୍ଷା କରୁଥିଲ ତମେ
ମୋର ଛାତି ସଂଧି ଦେଖି
ମେଂଟାଇବାକୁ ତମର ଜନ୍ମଜନ୍ମାନ୍ତରର ଶୋଷ
ମୋର ବ୍ରେସିୟର ବାହାରକୁ ଉହୁଂକ ଆସୁଥିବା
ଏଇ ମେଂଗ୍ହ ଗୋଲାକାର ନରମା ମାଂସ ପିଂଡୁଲରେ
ମେଂଟାଇବାକୁ ତମର ବାସନାସିକ୍ତ ନୟନର ପ୍ରେମ ?

ହେଲେ ଆଜି ମୋର ସେ ସ୍ତନ ଯେତେବେଳେ
ଭୋକର ଉହଳ ବିକଳରେ
ମରୁଡ଼ିର ଚେଲା ଚେଲା ମାଟି ପରି ଶୁଖି ସାରିଛି
ତ ସେଥିରେ କ୍ଷିର ତିଆରି ହେବା ସହ
ତମର ଦେଖିବା ବି ବଂଦ ହୋଇ ଯାଇଛି ।

ହେଲେ ଆଜି ମୋର ଏବେ ଏବେ ହୋଇଥିବା ଛୁଆ
କ୍ଷିର ବିନା ବିକଳରେ ତୁହାଇ ତୁହାଇ କାଂଦୁଛି
ମୁଂଡ କୋଡ଼ି ଚତ୍କାର କରୁଛି, ବୋବାଳ ପାଡୁଛି

ଗଂଡେ ଭାତ ଲାଗି ମୋର ଖୋଲାମେଲା ଦେହ
ମୋ ରକ୍ତର ଶେଷ ବିଂଦୁ ଯାଏଁ
ଦିନକୁ ଦିନ ଶୁଖି ଗଲିଛି
ମୋ ଶୁଖିଲା ଚୁଚୁକକୁ ମୁହଁରେ ଭିଣି ମୋ ଭୋକଲା ଛୁଆ
ନିଜ ଲୁହରେ ମୋ ସ୍ତନକୁ ଫେଣେଇବାର
ଚେରେଷ୍ଟା କରୁଛି
ସଂବେଦନାହୀନ ବ୍ୟବସ୍ଥାଠାରୁ ମୁଠାଏ
ବଗଡ଼ା ଭାତ ମାଗୁଛି
'ଦେ'ରେ ମୋତେ, ଭାତ ଟିକେ ଦେ'

ହେଲେ ତମ ଆଖିରେ ଦୟାମାୟା ବୋଲି
ଯଦି କଛି ତଥାପି ବାକ ରହିଥାଏ
ଥରେ ନିରେଖି ଗ୍ଚହଁ ମୋ ପିଲାକୁ, ତା' ନିରୀହ ଆଖିକୁ
ତା' ଆଖିର ଉତପ୍ତ ଲୁହକୁ
ତା' ଶୁଖିଲା ଓଠରେ ଚୁଚୁମୁଥିବା ମୋର
କୋତରା ଚୁଚୁକକୁ
ତା' ସରଗ ଭଳ ମାଁର କ୍ଷିରହୀନ ଶୁଖିଲା ସ୍ତନକୁ
ଦାରିଦ୍ର୍ୟର ମହାମାରୀରେ ମାଁର
ଶୁଖି ଯାଇଥିବା ନିଷ୍ପ୍ରାଣ ଦେହକୁ ଦେଖ
ଦେଖି ପାରିବ ତ ଆଉ ଥରେ
ନିରେଖିକ ଦେଖ ।।

# ଲେଫ୍ଟ-ରାଇଟ

ମୂଳ (ହିନ୍ଦୀ)- ଦିନକର ଶର୍ମା
ଅନୁବାଦ – ସୁଧାଂଶୁ ଶେଖର ଦ୍ୱିବେଦୀ


ସୁଧାଂଶୁ ଶେଖର ଦ୍ୱିବେଦୀ

ସଂଧ୍ୟା ହୋଇନଥାଏ । ପରନ୍ତୁ ଋତୁ ଅନୁଯାୟୀ ଦିନରେ ବି ସଂଧ୍ୟାର ଦୃଶ୍ୟ ଦେଖି ହେଉଥାଏ । ବହୁତ ବଡ ଝଡ ବତାସ ସହିତ ବର୍ଷା ବର୍ଷୁଥାଏ । ଜଣେ ବ୍ୟକ୍ତି ସଜ-ବାଜ ହୋଇ ଠିଆ ହୋଇଥାନ୍ତି । ବୋଧେ କୋଉଠିକୁ ଯିବାର ଅଛି । ହେଲେ ଏଭଳ ଝଡ ବର୍ଷାରେ ସେ ଯିବେ କେମିତି? ମୋବାଇଲରେ ବାରମ୍ବାର ପ୍ରୟାସ କରୁଥାନ୍ତି । "ନୋ ନେଟୱାର୍କ କଭରେଜ, ନୋ ନେଟୱାର୍କ କଭରେଜ" ଶୁଣି ଶୁଣି ବିରକ୍ତ ହୋଇଗଲେଣି । ଚନ୍ତା ଓ ବ୍ୟାକୁଳତାରେ ଦ୍ୱାର ନକଟକୁ ଯାଉଥାନ୍ତି ପୁଣି ଚେୟାର ଉପରେ ବସୁଥାନ୍ତି । ପୁଣି କଛି ସମୟ ପରେ ଉଠିପଡି ବାଗ୍ଳ ସଦୃଶ ହେଉଥାନ୍ତି । ନରସତାରୁ ମୁକ୍ତି ପାଇଁ ତାଙ୍କ ନକଟାରେ କୌଣସି ବିକଳ୍ପ ନଥାଏ କ ଉପାୟ ନଥାଏ ।

ମୋବାଇଲକୁ ତଳେ କଗ୍ଡି ନଜେ ନଜେ କହି ହେଉଥାନ୍ତି, "କଣ କରିବି? କାହା ସହିତ କଥା ହୋଇପାରୁନ । ନା ଫୋନ କଲ ହେଉଛି ନା କେହି ଆସୁଛନ୍ତି? ଅସାମାନ୍ୟ ଅବସ୍ଥାରେ ସେ ନଜର ଦୁଇ ହାଟକୁ ଗଭୀର ଭ୍ବେ ଦେଖିଲେ । କଛି ସମୟ ସ୍ଥିର ଭ୍ବେ ଦେଖିସାରି କହିଉଠିଲେ, "ରାଇଟ୍....ଲେଫ୍ଟ! ଲେଫ୍ଟ.....ରାଇଟ୍!"

କ୍ରମଶଃ ତାଙ୍କ କହିବାର ଗତି ରାଇଟ-ଲେଫ୍ଟ, ରାଇଟ ଲେଫ୍ଟ ହୋଇ ତୀବ୍ରରୁ ତୀବ୍ରତର ହେଉଥାଏ । ପୁଣି ସେ ନଜକୁ ପ୍ରଶ ପଗ୍ରୁଥାନ୍ତି "ହ୍ୱିଇଚ ଇଜ୍ ମୋର୍ ଇମ୍ପୋର୍ଟେଣ୍ଟ?, ରାଇଟ ନା ଲେଫ୍ଟ?"

ପୁନଶ୍ଚ ଏକ ମୃଦୁ ହସ ମଧରେ ଆଶାର ଆକାକ୍ଷା ଉଦଭ୍ସିତ ହେଲ୍ ତାଙ୍କ ମୁଖମଣ୍ଡଳରେ । ତାପରେ ସେ ସ୍ଥିର ହୋଇ ଚେୟାର ଉପରେ ବସିପଡିଲେ ଓ ନଜ କଳ୍ପନାର ମାର୍ଗକୁ ଖୋଲିବାକୁ ଲ୍ଗିଲେ ।

ଗୋଟେ ଅଜଣା ସ୍ଥାନ । ଗୋଟେ ଛୋଟ ରୁମ୍ । ସମ୍ପୂର୍ଣ୍ଣ ଅନ୍ଧାର ।ହଠାତ୍ କବାଟ ଖୋଲିଗଲା ଓ ସ୍ୱଳ୍ପ ଆଲୋକ ରୁମ୍ ମଧ୍ୟରୁ ଖସି ଆସିଲା ।

"ଇଏ? କିଏ ସେଠାରେ?" ଏକ ସଂବେଦନଶୀଳ କଣ୍ଠସ୍ୱର ।

ଗୋଟେ ନୁହେଁ, ଦୁଇଟି ଚରିତ୍ର । ରାଇଟ ହେଣ୍ଡ ଏବଂ ଲେଫ୍ଟ ହେଣ୍ଡ, ଦୁହିଁଙ୍କ ମଧ୍ୟରେ ତର୍କ ବିତର୍କ । କିଏ ପ୍ରଥମେ କହିବ ସମାଧାନ ହୋଇପାରୁନଥାଏ । ଶେଷରେ ଲେଫ୍ଟ ହେଣ୍ଡ ଗମ୍ଭୀର ମୁଦ୍ରା ଧାରଣ କଲା । ରାଇଟ ତାକୁ ପରିହାସ କରି ଆରମ୍ଭ କଲା, "ମୋ ଭଳି ତୋର କି ପ୍ରକାର ସାମର୍ଥ୍ୟ ଅଛି? କେବେ ଶୁଣିଛୁ ଏଇଟା ତୋର ଲେଫ୍ଟ ହେଣ୍ଡ?"

"କିଏ କହିଲା ମୋର ସାମର୍ଥ୍ୟ ନାହିଁ? ମୁଁ କଣ କିଛି କରୁନାହିଁ?" ଲେଫ୍ଟ ହେଣ୍ଡ କହିଲା ।

କଥାକାଟି ରାଇଟ ହେଣ୍ଡ ପୁଣି କହିଲା, "ଖାଇବା, ପିଇବା ଠାରୁ ଆରମ୍ଭ କରି କୌଣସି ଜିନିଷକୁ ଧରିବା, ଲେଖିବା ଇତ୍ୟାଦି ତୁ କଣ କରିପାରୁଛୁ? ଅଫିସ, ବ୍ୟାଙ୍କ୍, ଏଗ୍ରିମେଣ୍ଟ ପେପର, ଚେକ୍ ଆଦିରେ ସାଇନ କରିବା ଅଧିକାର ତୋର ଅଛି ? କେବଳ ଏତିକି ନୁହେଁ, କୋର୍ଟ ମ୍ୟାରେଜ, ଡିଭୋର୍ସ କାଗଜରେ ମୋ ବ୍ୟତୀତ ସାଇନ ଆଉ କିଏ କରେ? ସବୁଠାରେ ମୋର ଏତେ ପାୱାର ଯେ ନିଜକୁ ପାୱାରଫୁଲ କେମିତି କହିବିନି? ଇୟେସ୍, ଆଇ ଆମ ଦ ରାଇଟ ହାଣ୍ଡ୍ । ଦ ମୋଷ୍ଟ ଇମ୍ପୋଟେଣ୍ଟ ପାର୍ଟ ଅଫ ଏ ମେନ ।"

ଲେଫ୍ଟ ହେଣ୍ଡ ନିରବ । କଣ କହିବ କିଛି ଭାବିପାରୁ ନଥାଏ । ଅଚାନକ ତାର ମନେ ପଡିଗଲାରୁ କହିଲା, "ତୁ ଭୁଲିଯାଆନା ମିଶ୍ରବାବୁଙ୍କ କଥା । ଆରେ ସେଇ ଯେଉଁ ଚାଟାର୍ଡ ଆକାଉଣ୍ଟାଣ୍ଟ । ସେ କୋଉ ହାତରେ ସାଇନ୍ କରେ? ରାଇଟ୍ ହେଣ୍ଡରେ....? ନା ସେ ମୋତେ ବ୍ୟବହାର କରେ? ହି ଇଜ୍ ଲେଫ୍ଟି ।"

ରାଇଟ ହେଣ୍ଡ ଖୁବ ଜୋର ଚତ୍କାର କରି କହିଲା, "ଆରେ ଲେଫ୍ଟି! ତୁ ନା ସତରେ ଇଲିଟ୍ରେଟ, ତୁ କହ କେହି ରାଇଟ ହେଣ୍ଡଡ କେବେ ଲେଫ୍ଟ ହେଣ୍ଡରେ କାମ କରିଛି? ସେମିତି କେହି ଏକ୍ସେପସନ ପ୍ରେସେପସନ୍ ନାହିଁ ।" ଲେଫ୍ଟ ହେଣ୍ଡକୁ ଷ୍ଟେଟମେଣ୍ଟ ମିଳିଗଲା । ସେ କିଛି କହିବା ପୂର୍ବରୁ ରାଇଟ୍ ହେଣ୍ଡ ପୁଣି କହିଚାଲିଲା, "ତୋ ସାଙ୍ଗରେ ରହିବା ଖୁବବଡ ପ୍ରବେଲମ୍ ହେଉଛି । ଯାହାହେଲେ ବି ମୁଁ ରାଇଟ ହେଣ୍ଡ । ପ୍ରସନ୍ନ ଭାବେ ରହିବାକୁ ହେବ । ମୁସଲିମମାନେ ଗୋଟେ ହାତରେ ସଲାମ କରନ୍ତି । ଇସାଇମାନେ ହାତରେ ହାତ ମିଳାନ୍ତି ।

କନ୍ତୁ ହିନ୍ଦୁମାନେ! ବାବାରେ ବାବା! ମୋତେ ତୋ ସହ ଗୁପିରଖି ହାତ ଯୋଡନ୍ତି। ସେତିକବେଳେ ମୋତେ ବାନ୍ତି ମାଡେ।" ବାନ୍ତି କରିବାର ଉପକ୍ରମ ଦେଖାଇଲା।

ରାଇଟ ହେଣ୍ଡର ଉପକ୍ରମକୁ ଦେଖି ଲେଫ୍ଟ ହେଣ୍ଡ କହିଲା, "ତାହେଲେ ତୁ କହୁଛୁ ମୋର କଛି ଇମ୍ପୋଟେଣ୍ଟ ନାହିଁ। ଦୁଇଦିନ ଏକାକୀ କାମ କରି ଦେଖ, ସବୁ ଜାଣିପାରିବୁ। ହଁ, ଶୁଣ ମୋତେ ରଗେଇବୁ ତ ସବୁ କାମଧନ୍ଦା ଛାଡିଦେବି। ମନେରଖ, ମୋହରିପାଇଁ ଲୋକମାନେ ସକାଳର ଦିନ ଆରମ୍ଭ କରନ୍ତି। ଡାୟରିଆ, ହଇଜା ରୋଗୀମାନଙ୍କୁ ପଚାର ମୋର ଇମ୍ପୋଟେଣ୍ଟ କେତେ? ସେତେବେଳେ ସେମାନେ ରାଇଟ ହେଣ୍ଡକୁ ବେଶୀ ଇଉଜ କରନ୍ତି ନା ମୋତେ? ଏ ପରିସ୍ଥିତିରେ ତୁ କହ କଏ ବେଶୀ ଇମ୍ପୋଟେଣ୍ଟ? ଆମେ ଦୁହେଁ ମାନବ ଶରୀରର ଅଙ୍ଗ। ଜଣେ ଅନ୍ୟ ଜଣକ ବିନା ଅଧୁରା। ନିଜର ମହାନତା ବଖାଣି ସତ୍ୟକୁ ସ୍ୱୀକାର କରିବାକୁ ଭୁଲିଯାଆନା।

ରାଇଟ ହେଣ୍ଡ ଏଭଳ ପରିସ୍ଥିତିରେ ଥାଏ ଯେମିତି ଲେଫ୍ଟହେଣ୍ଡର କଥା ଆଦୌ ଶୁଣିନାହିଁ। ବାରମ୍ବାର ତାକୁ ଉପହାସ କରିକହୁଥାଏ, "ଆରେ ଶୁଣ! ସବୁପ୍ରକାର ମଜା ମୁଁ ଲୁଟିନିଏ ବିବାହବେଳେ ଜଣେ ନାରୀ ମଥାରେ ସିନ୍ଦୁର ଲଗାଏ। ଶ୍ୱଶୁର ଘରେ ଶାଳୀ ହାତର ପରସା ହୋଇ ଥିବା ବିଭିନ୍ନ ପ୍ରକାର ଆଇଟମ ଖାଇ ସ୍ୱାଦର ମୋହରେ ମୋହିତ ହୋଇଯାଏ। ଜାଣୁ ମୁଁ ସଭିଙ୍କଠାରେ କେତେ ଇଉଜଫୁଲ?

ଲେଫ୍ଟହେଣ୍ଡ ନରମ କଣ୍ଠରେ କହିଲା, "ଦେଖ ମୁଁ କେବେ ତୋ କାମ କରି ପାରିବିନି ତ ତେବେ ତୁ କଣ ମୋ କାମ କରିପାରିବୁ?

ରାଇଟ ହେଣ୍ଡ ପୂର୍ବୋକ୍ତ ବ୍ୟକ୍ତିକୁ ଇଶାରା କରି କହିଲା, ଏଇ ଦେଖ ଦେଖ, ଆମେ ଦୁହେଁ ଯାହାର ହାତ, ସେ ତା ପୁଅକୁ ବି ଇଜର ରାଇଟ ହେଣ୍ଡ କହୁଛି।"

"ଦେଖ, ମଣିଷ କେତେ ବି ବିତ୍ତଶାଳୀ ହେଉ ପଛେ, ଲେଫ୍ଟ ହେଣ୍ଡର କାମ କେହି କରିପାରିବେନ। ଦାଉଦ ଇବ୍ରାହିମ୍, ବାରାକ୍ ଓବାମା ଓ ଆହୁରି ଅନେକ ଖ୍ୟାତନାମା ବ୍ୟକ୍ତି ମିଛ କହିପାରିବେନ ଏଇଟା ମୋର ଲେଫ୍ଟ ହେଣ୍ଡ ନୁହେଁ। ସେମାନଙ୍କର ବି କେହି ରାଇଟ ହେଣ୍ଡ ଥିବେ।" ଲେଫ୍ଟ ହେଣ୍ଡ କହି ଚାଲିଥାଏ, "ତୋର ମନେଅଛି ଆମେ ଦୁହେଁ ଯାହାର ହାତ ତାଙ୍କର ଥରେ ଦେହ ଖରାପ ହୋଇଗଲା। ବିଛଣାରୁ ଉଠିପାରୁ ନଥାନ୍ତି। ତାଙ୍କ ସ୍ତ୍ରୀ ଖୋଇ ଦେଉଥାନ୍ତି। ଝିଅ ପାଣି ପିଆଇ ଦେଉଥାଏ। ତାଙ୍କ ପୁଅ କପାଳ ଘସି ଦେଉଥାଏ

ଆଉ ତାକ ଅଫିସରେ ଅଧୁରା ପ୍ରୋଜେକ୍ଟର ଡିସ୍ପୋଜିସନ୍ ମଧ୍ୟ ତାଙ୍କ ଆସିଷ୍ଟାଣ୍ଟ ଲେ ଦେଉଥାଏ । ଏତେପରେ ସେ ଯେତେବେଳେ ୱାସରୁମ୍ ଯାଉଥିଲେ କାହାରିକୁ ସାଥିରେ ନେଉନଥିଲେ । ତାଙ୍କ ସ୍ତ୍ରୀ, ଝିଅ, ପୁଅ କହୁଥାନ୍ତି ଏକା ଯାଅନାହିଁ । ପଡିଯିବ । ୱାସରୁମରେ ତୁ ବି ଥିଲୁ, ମୁଁ ବି ଥିଲି, ତୋ କାମ ତ ସମସ୍ତେ ମିଶି କରିଦେଲେ । ୱାସରୁମରେ ତୋତେ କେବେ ପ୍ରୟୋଜନରେ ଲଗେଇଛନ୍ତି? ତୁ କହ ରାଇଟ ହେଣ୍ଡର କାମ କରିବାପାଇଁ ଏତେ ଜଣ ଆବଶ୍ୟକ ପଡିଲା । ଅଥଚ ଲେଫ୍ଟ ହେଣ୍ଡ ପାଇଁ କେବଳ ମୁଁ ଏକା । ନଜର ବହୁତ ଗୁଣଗାନ କରୁଛୁ । ଜାଣିଥା ଆଜିଯାଏ ମୁଁ ନିଜକାମ ନିଜେ କରିଛି । ଆଗକୁ ମଧ୍ୟ କରିବି ।”

“ନିଶ୍ଚୟ ତୁ ଘୃଣିତ କାର୍ଯ୍ୟ କରିବାପାଇଁ ଯୋଗ୍ୟ ।” ରାଇଟ ହେଣ୍ଡର ଉତ୍ତେଜିତ କଥା ଶୁଣି ଲେଫ୍ଟ ହେଣ୍ଡ ପୁରା ଚୁପ ହୋଇଗଲା ତା ଚୁପ ରହିବାର ପରିଣାମକୁ ରାଇଟ ହେଣ୍ଡ ଆଉ ସହ୍ୟକରି ପାରିଲାନ । ତୁରନ୍ତ କୋମଳ ଶବ୍ଦରେ କହିଲା, “ସତରେ ତୁ ବହୁତ ମହାନ । ନା କାହାରିକୁ ଗୁପୁଡାଟିଏ ମାରିବାପାଇଁ ଉତ୍ତେଜିତ ହେଉ ନା ଲୋକଙ୍କୁ ଆଙ୍ଗୁଳ ଦେଖାଉ?”

ଲେଫ୍ଟହେଣ୍ଡ ଖୁବ ଜୋରରେ ହସିବାକୁ ଚାହୁଁଥାଏ । ପରନ୍ତୁ ସଙ୍ଗେସଙ୍ଗେ ତା ହସ କାନ୍ଦରେ ବଦଳଗଲା । ପୂର୍ବର ସେହି ବ୍ୟକ୍ତି ଲେଫ୍ଟ ହେଣ୍ଡକୁ ଏଭଳ ଦେଖୁଥାଏ ଯେମିତି ସେ କଇଁ କଇଁ କାନ୍ଦୁଛି ।

କ୍ଷଣିକ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ରାଇଟ ହେଣ୍ଡ, ଲେଫ୍ଟ ହେଣ୍ଡ ପାଖକୁ ବଢୁଥାଏ । ଲେଫ୍ଟ ହେଣ୍ଡ ସ୍ଥିର, ନିଶ୍ଚଳ । ରାଇଟ ହେଣ୍ଡ ତାକୁ ସ୍ପର୍ଶ କରୁଥାଏ । ବ୍ୟକ୍ତିଙ୍କ ଆଖିରେ ବି ଲୁହ ଛଳଛଳ ହେଉଥାଏ । ଆବେଗ ପୂର୍ଣ୍ଣ ହୋଇ ଲେଫ୍ଟ ହେଣ୍ଡକୁ ନିରନ୍ତର ଚୁମ୍ବନ ଦେଇ କହୁଥାନ୍ତି, “ଇଉ ଆର ରିଅଲୀ ଗ୍ରେଟ୍ ମାଇଁ ଲେଫ୍ଟ ହେଣ୍ଡ ।” ଠିକ୍ ସେତିକବେଳେ ମୋବାଇଲର ଘଣ୍ଟି ବାଜିଉଠିଲା । ସମ୍ଭବତଃ ନେଟୱାର୍କ ଆସି ସାରିଥାଏ ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଭିଜା ଶ୍ରାବଣ



ରାମ ଚନ୍ଦ୍ର ପ୍ରଧାନ

ଭିଜା ଶ୍ରାବଣରେ  ଭିଜିବାକୁ ଆଜି
ଇଚ୍ଛା ହେଉଅଛି ଭାରି
କେଜାଣି କାହିଁକି  ସେ ଅତୀତ ସ୍ମୃତି
ମନେ ମୋ ହୁଅଇ ଘାରି ।
ତୁମ ପାଗଳାମି  ମନେ ମୋ ପଡୁଛି
ବର୍ଷାରେ ଯେବେ ମୁଁ ଭିଜେ
ପ୍ରଥମ ପ୍ରେମକୁ  ଭୁଲି ପାରୁନାହିଁ
ଏବେ ବି ତୁମକୁ ଖୋଜେ ।
ଗୋଟେ ଛତା ତଳେ  ତୁମ ସାଥେ ମୁହିଁ
ବସିଥିଲି ପାଖାପାଖି
ବର୍ଷାର ଛିଟାରେ  ଥରୁଥିଲା ଦେହ
ଲାଜରେ ତୁମକୁ ଦେଖି ।
ପାଶୋରି ପାରୁନ  ସେଇ ଭିଜା ସ୍ମୃତି
ଶ୍ରାବଣର ବର୍ଷା ଧାରେ
ଏବେ ବି ଅବୁଝା  ସେ ଶ୍ରାବଣ ରାତି
ମୋ ଦେହେ କମ୍ପନ ଭରେ ।
ମତୁଆଲା ମନ  ଆନମନା ହୁଏ
ଶ୍ରାବଣୀ ଗୋ ତୁମ ପାଇଁ
ମନ ରାହୁଁଥାଏ ଆସନ୍ତ କି' ଥରେ
ଭିଜା ପଣତରେ ଛୁଇଁ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ

# ଜୀବନ ନୋଉକା



ବୈଦ୍ୟନାଥ ପଣ୍ଡା

ଜୀବନ ନୋଉକା ଭାସି ଭାସି ଯାଏ
ଦୁଃଖର ଦରିଆ ଦେଇ
କଏସେ ଜାଣିଛି ଲାଗିବ କ ନାଇଁ
ଆର ପାରିରେ ସେ ଯାଇଁ
ଜୀବନ ନୋଉକା........... ॥
ବୟସ ଲହରୀ ପିଟି ହୋଇ ଯାଇ
ନାବକୁ ହଲାଇ ଦିଏ
ଆଶାର ଆହୁଲା ବିଶ୍ୱାସରେ ବାହି
ନାବ ମୋ ଆଗକୁ ଯାଏ
କାଳ ର ଶାଙ୍କୁଚ ଲୁଚ ଲୁଚ ଆସି
ଯାଏ ଲାଞ୍ଜ ପିଟି ଦେଇ
ଜୀବନ ନୋଉକା............ ॥
ଅଥଳ ଜଳରେ ଭାସିଯାଏ ନାବ
ପାଏନାଇଁ ଥଳକୁଳ
ସୀମାହୀନ ଏଇ ଦରିଆ ମଝିରେ
ନାହିଁ କେହି ମୋର ବଳ
କଳା ନାଉରିଆ ହେବୁ କରେ ସାହା
ବାହୁ ବଳ ତୋର ଦେଇ
ତୁ, ଏକା ସମର୍ଥ ଭବ ସାଗରରୁ
ପାରି କରିଦେବା ପାଇଁ ॥
ଜୀବନ ନୋଉକା.............. ॥

ଅବଦଲ ପୁର, ଯାଜପୁର

# ଧ୍ୱଂସ ଅଭିମୁଖେ ଯାତ୍ରା



ନେପାଳ କୁମାର ବେହେରା

ଧ୍ୱଂସ ଅଭିମୁଖେ ମାନବର ଯାତ୍ରା
ହୋଇପାରେ,
ବିଜ୍ଞାନର ବିପୁଳ ବିଜୟର
ଧ୍ୱଜା ଆଜି ଉଡାଉଛି ମାନବ ସେଇ,
ଚନ୍ଦ୍ରପୃଷ୍ଠର ହେଉ ଅବା
ମଙ୍ଗଳ ଗ୍ରହର କଥା
ପ୍ରତ୍ୟେକ କ୍ଷେତ୍ରରେ ସଫଳତାର
ସିଡି ପାହାଚ ପରେ ପାହାଚ
ଅତିକ୍ରମ କରିଚାଲିଛି ମାନବ ।।
କିନ୍ତୁ, ଅପରପଟେ
ନକରାତ୍ମକ ଭାବନାର ସମୁଦ୍ରରେ
ବୁଡି ଉବୁଟୁବୁ ହେଉଥିବା
ମାନବ ଜାତିଟା
କାହିଁକି କେଜାଣି ଅଣନିଃଶ୍ୱାସୀ
ହେଇଯାଉଛି ଦିନରୁ ଦିନକୁ।।
ଇଣ୍ଟର୍ନେଟ୍ ର ବହୁଳ ବ୍ୟବହାରରେ
ବାସ୍ତବିକତା ଉଭାନ୍ ହୋଇଯାଉଛି
ଏଠି ଶିଶୁ ପାଇଁ ମାଆ ପାଖରେ
ସମୟର ଅଭାବ,
ବାପା ମାଆଙ୍କୁ ପୁଅର ଖିଆଲ୍ ନାହିଁ।।
ସବୁ ଜେଜେ ମାଆ ବି ବଦଳ ଗଲେଣି
ଆଉ କ'ଣ ତାଙ୍କର
କାହାଣୀ ପେଡି ଅଛି?
ନା ଅଛି ଗାଆଁ ଗହଳର
ସେଇ ନିଷ୍କପଟ ବାସ୍ନା ।।
ପ୍ରକୃତ ଅଧିନାୟକକୁ ଏଠି
କେହି ବି ଚହ୍ନନ୍ତି ନାହିଁ,
ବାସ୍,
କେବଳ ଲୋକ ଦେଖାଣିଆ
ଆଶ୍ୱାସନା କେଇପଦ ଆଉ ମିଛ ତାରିଫ୍ ।।
ପ୍ରତ୍ୟହ ବଳାତ୍କାର ଆଉ
ହତ୍ୟା, ଆତ୍ମହତ୍ୟା ଇତ୍ୟାଦି ଇତ୍ୟାଦି,,
କେବେ ପୁଣି ପ୍ରକୃତି କୋଳରେ
ଖେଳ ବୁଲୁଥିବା ପଶୁ, ପକ୍ଷୀ ହତ୍ୟା।।
କେବେ ପୁଣି ଗଢାହବ ଗାନ୍ଧୀଜୀଙ୍କ
ସେଇ କଳ୍ପିତ ରାମରାଜ୍ୟ,
ନା ଅଧୁରା ରହି
ଲିନ ହୋଇଯିବ ପୃଥିବୀ ଖୁବ୍ ନିକଟରେ।।

ଜାମୁଖୋଲ, କନ୍ଧମାଳ, ବୌଦ୍ଧ

# ନାରୀ ର ମମତା



ଚତରଞ୍ଜନ ବେହେର୍‌ା

ନାରୀ ର ମମତା ଗୋଲ୍‌ପ ଫୁଲ
ହୃଦୟ ସମୁଦ୍ର ପରି ।
ଗ୍ରୀଷ୍ମ ର ସିଏ ନଘଞ୍ଜ କାନନ
ଶୀତ ରେ ଅଗ୍ନି ପରି ।।

ସ୍ତ୍ରୀ ଓ ଭଉଣୀ ମା ରୂପେ ସିଏ
ଥାଏ ପାଖେ ଆମର ।
ସବୁ ସମୟରେ ଅଂଶୀଦାର ହୁଏ
ଧନ୍ୟ ମହିମା ତାହାର ।।

ଘର ଅଗଣା ହସି ଉଠେ
ତା ର ସ୍ୱର୍ଶ ପାଇ ।
ତା ହୃଦୟରେ ଯେତେ ଧର୍ଯ୍ୟ ଅଛି
ଆଉ କାହା ପାଖରେ ନାହିଁ ।।

ଘର କାମରେ ଦୁଃଖବେଳେ
ସବୁଠି ସିଏ ଆଗରେ ।
ଭ୍‌ରି ଦୁଃଖ ଲ୍‌ଗେ ଖାଇବାବେଳେ
ସମସ୍ତଙ୍କର ପଛରେ ।।

ହସି ହସି ସିଏ ହସ ବାଣ୍ଟୁ ଥାଏ
ନଜ ଲୁହ କୁ ଘୋଡେଇ ।
ତା ଓଠ ହସ ସମସ୍ତେ ଦେଖନ୍ତି
ଦୁଃଖ ବୁଝନ୍ତିନ କେହି ।।

ଶୁଭ ମନାସଇ ପରିବାର ପାଇଁ
ନଜ ପାଇଁ କଛି ନାଇଁ ।
ସବୁବେଳେ କୁହେ ମୋ ପରିବାର
ଖୁସିରେ ରହିଲେ ଖୁସି ହେବି ମୁହିଁ ।।

ପ୍ରେମିକା ରୂପରେ ବାଟକୁ ଆଣେ
କଲେଜ ପଢ଼ା ପୁଅକୁ ।
ନଶା ପାଣି ତାକୁ ଛଡେଇ ଦିଏ
ଧନ୍ୟ ତାର ଭଲ ଗୁଣକୁ ।।

ସୈନକ ସାଜି ଦେଖେଇଦିଏ
ନାରୀ ତାର ବୀର ପଣକୁ ।
ବୁଝିବାକୁ କେହି ଚାଁହୁ ନାହାନ୍ତି
ନାରୀର ସେ ଶକ୍ତିକୁ ।।

ତା ଗୁଣ ର ଲେଖା କେବେ
ସରିବନ ଯଦି କଏ ଲେଖିବେ ।
ତା କୁ ଆମେ କେମିତି
ସମ୍ମାନ ଦେବା ମନରେ ଟିକେ ଭ୍‌ବିବେ ।।

ସମ୍ପାଦକ, ୟାର୍‌
ମାଝିସାହି, ବଘିଆପଡା, ବୌଦ୍ଧ

# ଗଛ ମୁଁ କହୁଛି



କୃଷ୍ଣେନ୍ଦୁ ହୋତା

ଅନାଦି କାଳରୁ ଛିଡା ହୋଇଅଛି
ନା ଖରାବର୍ଷାର ଭୟ,
ଦିଏଁ ଅମ୍ଳଜାନ ଦିଏଁ ଫଳମୂଳ
ଦିଏଁ ସଭିଙ୍କୁ ଆଶ୍ରୟ ।
ଆଖିଆଗେ ମୋର ବଂଶନାଶ ହୁଏ
ମାଗୁଛି ଆଜି ମୁଁ ଭିକ୍ଷା,
ମାନବ ସମାଜ ଶ୍ରେଷ୍ଠଜାତି ତୁମେ
କର ମୋର ବଂଶ ରକ୍ଷା ।
ଆମ କାଠ ନେଇ ତିଆରି ହେଉଛି
ନାନା ରକମର ସାମଗ୍ରୀ,
କାଠ କଏ ପୁଣି ରଖେ ଗୋଦାମରେ
କରିବ ବୋଲି ସେ ବିକ୍ରି ।
କାହିଁକି କେଜାଣି ବୁଝିପାରୁନାହିଁ
ହୋଇଣ ନୃଶଂସ ପରି,
ନିଜ ସ୍ୱାର୍ଥେ ସଦା ଅଟଳ ଏ ଜାତି
ନିଜେହିଁ ପ୍ରଳୟକାରୀ ।

ସ୍ୱାର୍ଥପର ହୋଇ ଅବିବେକ ସାଜି
ଗଛ କାଟୁଛି ମଣିଷ,
ହାଏରେ ବିଧାତା ବୁଝେଇଦେ ତାକୁ
ଡାକେ ନିଜ ସର୍ବନାଶ ।
ସବୁଜ ସୁନ୍ଦର ହେଉ ଏ ଜଗତ
ସୁସ୍ଥ ହେଉ ପରିବେଶ,
ଧରଣୀ ମାଆ ର ପୁତ୍ର କହୁଅଛି
ରହିବନି ଅବଶୋଷ ।

ସରଗଡା, ତୁଷୁରା, ବଲାଙ୍ଗୀର

# କ୍ଷୀର ବାଲା



ସିଦ୍ଧେଶ୍ୱର ତ୍ରିପାଠୀ

ଛୋଟିଆ ପାହାଡ଼ ଟିଏ ପାହାଡ଼ରେ ଜାତି ଜାତିକା ଗଛ । ପାହାଡ଼ ଉପରୁ କାହିଁ କେତେ ଦିନୁ ଝରି ଆସୁଛି ଝରଣା ଟିଏ । ପାହାଡ଼ ତଳେ ଛୋଟିଆ ଗାଁଟିଏ ଯାହାର ନାଁ ହଳଦୀବସନ୍ତ । ସହର ଏଠୁ ବହୁଦୁର ମଟର ଗାଡିର କେଁ କଟର ଶବ୍ଦ କଳ କାରଖାନାର ଆବର୍ଜନା ଏଠି ନଥାଏ । ଯୁଗ ସହିତ ତାଳ ଦେଇ ଗାଁ କୁ ଯୋଡି ହୋଇଛି ପିଚୁରାସ୍ତା ଯାହା ଲମ୍ବିଛି ସହର ଯାଏ । ଗାଁରେ ପ୍ରାୟ ଷାଠିଏ ସତୁରି ଘର ହେବ ଆଉ ଲୋକ ସଂଖ୍ୟା ପାଞ୍ଚଶହ ପାଖାପାଖି । ଗାଁ ରେ ଚାଟଶାଳୀ ଟିଏ ଥିଲା ଏବେ ପ୍ରାଥମିକ ବିଦ୍ୟାଳୟ ଟିଏ ଅଛି । ଗୋଟିଏ ପୋଖରୀ ଆଉ ଦୁଇଟା ମନ୍ଦୀର ଆଉ କିଛି ଚାଷଜମି କେତୋଟି ଛୋଟ ଛୋଟ ଗାଡ଼ିଆ ।

ସେଇ ଗାଁ ରେ ମଳୟର ଘର । ମାଲୟ ଗାଁ ସ୍କୁଲରେ ପାଠପଢ଼ା ସାରି ଏବେ ପାଖ ଗାଁ କୁ ପଢିବାକୁ ଯାଉଛି ସେଠି ସେ ଦଶମ ଯାଏ ପଢିବ । କଲେଜ ପଢିବାକୁ ହେଲେ ତାକୁ ସହରକୁ ଯିବାକୁ ପଡ଼ିବ । ମଳୟର ବାପା ଚାଷ ବାସ କରନ୍ତି ମା ସବୁ ଘରକାମ କରେ ଆଉ ଛୋଟ ଭଉଣୀ ଟା ଏବେ ପାଠପଢା ଆରମ୍ଭ କରୁଛି । ବର୍ଷଯାକର ଚାଷବାସ ରୁ ଯାହା ମିଳେ ସେଥିରୁ ଘର ଚଳେ ଧାନଚାଷ ପରେ ପନ ପରିବା ଦିଟା ଜମିରେ ଲଗାହୁଏ । ଗାଡ଼ିଆ ରୁ ପାଣି ବୁହାଇ ଫସଲ ହୁଏ । ଘର ତରକାରୀ ପତର ଚଳିଲା ପରେ ଆଉକିଛି ବଳିଯାଏ ତାକୁ ବାପା ନେଇ ହାଟରେ ବିକି ଆସନ୍ତି । ପରିବାର ଚଳିଲା ପରେ ବି ପଇସା ସଞ୍ଚୟ ବି ହୁଏ ।

ମଳୟ ବାପା ବୋଉଙ୍କର ଭାରି ଗେହ୍ଲା। ସେ କେମିତି ଭଲ ପାଠ ପଢିବ ଭଲ ଚାକରୀ କରିବ ଆଉ ମଟର ଗାଡି ଚଢି ଗାଁକୁ ଆସିବ ତା ବାପାଙ୍କର ଏଇ ବଡ ଇଚ୍ଛା । ସେଥିପାଇଁ ମଳୟର ଖାଇବା ପିଇବା ଜାମାପଟା ର ଭାରି ଯତ୍ନ ନଅନ୍ତି ବାପା ବୋଉ । ଏବେ ପଡିଶା

ଘର ବୁଢ଼ିଆ ଘରୁ କ୍ଷୀର ଟିକେ ଟିକେ ଆସେ ପୁଅ ପାଇଁ । କଛି ଦିନ ଗଲା ପରେ ବୁଢ଼ିଆ ଆଉ ଭଲ କ୍ଷୀର ଦଉନ ଖାଲି ଢ଼ଙ୍କ ପାଣି । ଯୋଗକୁ ଜଣେ କ୍ଷୀର ବାଲା ଏବେ ସାଇକେଲରେ କ୍ଷୀର ବିକ ଆସୁଛି । ଭଲ କ୍ଷୀର ଦଉଛି ମଳୟ ପାଇଁ ଏବେ ତାରିଠୁ କ୍ଷୀର ରଖାହେଲା ।

ସେ କ୍ଷୀର ବାଲା ସବୁଦିନ ଆସେ କ୍ଷୀର ଦେଇଯାଏ । ମାସକୁ ମାସ ପଇସା ନେଇଯାଏ । କଛିପିଲା ସେ କ୍ଷୀରବାଲାକୁ ଦେଖି ଡରିଯାଆନ୍ତି ସେ କୁଆଡେ ଜଣେ ଜେଲ ଫେରନ୍ତା ଖୁନ ଆସାମୀ । ମଳୟ ବି ଏକଥା ଶୁଣେ ହେଲେ ସେ କ୍ଷୀରବାଲାକୁ ଦେଖି ଡରେନ କ ତାକୁ ପଗ୍ଚରି ପାରେନ ସତରେ ତୁମେ କଣ ଜଣେ ଖୁନ ଆସାମୀ ବୋଲି ।

ଧିରେ ଧିରେ ସମୟ ବିତିଯାଇଥିଲା ମଳୟ ଏବେ ଦଶମ ପାସ କରି କଲେଜ ଯାଉଛି ସହରରେ ରହୁଛି ବେଳେବେଳେ ଗାଁକୁ ଆସିଲେ କ୍ଷୀରବାଲା ସହିତ ତା'ର ଦେଖାହୁଏ । କ୍ଷୀରବାଲା ତାକୁ ଦେଖି ହସିଦିଏ ଆଉ ପଗ୍ଚରେ - ବାବୁ ପଢାପଢି କେମିତି ଗ୍ଚଲିଛି । ବାପାତ ଆଉ କ୍ଷୀର ରଖୁନାହାନ୍ତି ତମେ ଯେତିକ ଦିନ ଗାଁରେ ରହିବ ମୁଁ କ୍ଷୀର ଦେଇଯିବି । ସେଇଆ ହିଁ ହୁଏ ହେଲେ ଏଇ ଦିଗ୍ଚରି ଦିନର ପଇସା ଆଉ ସେ ନଏନ ।

ଦିନେ ମଳୟର ଚଠି ଆସିଥିଲା ଚଠିଟାକୁ ଧରି ତାବାପା ମନଦୁଃଖରେ ବସିଥାନ୍ତି । କ୍ଷୀରବାଲା ଆସି ପହଁଚଲା କଣ ହେଇଛିକ ଏତେ ମନ ଦୁଃଖରେ ବସିଛ ଭାଇ । ଏଇ ମଳୟର ଚଠି ଆସିଛି ତା ପରୀକ୍ଷା ଫିସ ଆଉ ଖର୍ଚ୍ଚବାର୍ଚ୍ଚ ପାଇଁ ସାତ ହଜାର ଟଙ୍କା ଦରକାର ମୋ ପାଖରେ ହଜାରେ ଟଙ୍କା ଅଛି ଆଉ ଛଅ ହଜାର ଟଙ୍କା କୋଉଠୁ ଆଣିବି ହାତ ଉଧାରି ଦଶ ହଜାର ଅଛିଯେ ଆଜିଯାଏ ସୁଝିନ । ଏଇ କଥା କହୁକହୁ କାନ୍ଦି ପକେଇଥିଲେ ମଳୟର ବାପା ।

ତା ଗାମୁଛା କାନରେ ଲୁହ ପୋଛି ଦେଇ କ୍ଷୀରବାଲା କହିଥିଲା ମୋର ଜଣେ ବାବୁ ଚହ୍ନା ଅଛନ୍ତି । ସେ ଭାରି ଭଲ ଲୋକ ତାଙ୍କୁ କହିବି ସେ ନଶ୍ଚୟ ଟଙ୍କା ଦେବେ । ସତକୁ ସତ ପର ଦିନ କ୍ଷୀରବାଲା ସାତହଜାର ଟଙ୍କା ଆଣି ଦେଲା ମଳୟର ବାପା ତାକୁ ନେଇ ସହରକୁ ଗଲେ ମଳୟକୁ ଟଙ୍କା ଦେଇ କ୍ଷୀରବାଲା କଥା କହିଲେ । ମଳୟ ଭାରି ଖୁସି

ହୋଇ କହିଲା ବାପା ତୁମେ ବ୍ୟସ୍ତ ହୁଅନ । ଏଇ ବର୍ଷ ମୁଁ ବି.ଏ ପାସ୍ କରିବି । ଆଉ ଟଙ୍କା ପାଇଁ ବ୍ୟସ୍ତ ହୁଅନ ମୁଁ ଏଠି ଗୁଡାଏ ପିଲାଙ୍କୁ ଟିଉସନ କରୁଛି । କଛି ଟଙ୍କା ମଧ ମୋତେ ଛାତ୍ରବୃତି ଭାବରେ ମିଳୁଛି । ଦୁଇତିନଟା ସରକାରୀ ଗ୍ରକରୀ ପାଇଁ ମୁଁ ଆବେଦନ କରିଛି ପାଠ ପଢ଼ା ସରିଲା ବେଳକୁ ଯଦି ଗ୍ରକରୀ ଟେ ମିଳଯାଏ ଆଉ କଛି ଅସୁବିଧା ହେବନ ବାପା । ବାପା କ୍ଷୀର ବାଲା ମଉସାଙ୍କୁ କହିଥିବ ଏଇ ଛଅମାସ ପରେ ମୁଁ ଘରକୁ ଯିବି । ଗ୍ରକରିଟେ ମିଳଯାଇଥିଲେ ଆମେ ସବୁ ପଇସା ତାଙ୍କର ସୁଝିଦେବା । ଭଉଣୀ ତ ମେଟ୍ରିକ ପାସ୍ କରି ସାରିଛି ତାକୁବି କଲେଜ ପଢେଇବା । ବାପା ଗାଁକୁ ଫେରିଲେ ଗ୍ରଷବାସ ରେ ମନ ଦେଲେ ।

ସମୟ ବଡ଼ ବଳବାନ ସମୟ ସାଥିରେ ସବୁକଛି ବଦଳଯାଏ । ୟା ଭିତରେ ଛଅ ମାସ ବିତିଗଲାଣି ମଳୟ ଚଠି ଦେଇଥିଲା । ସେ ଭଲ ନମ୍ବର ରଖି ବି.ଏ ପାସ୍ କରିଛି । ତାକୁ ତହସିଲ ଅଫିସରେ ଭଲ ସରକାରୀ ଗ୍ରକରୀଟିଏ ମିଳଛି । ଏଇ ଦିମାସର ଦରମା ଆଉ ଟିଉସନ କରି ରଖିଥିବା କଛି ପଇସା ନେଇ ସେ ଗାଁକୁ ଯିବ ବାପାଙ୍କର ସବୁ କରଜ ସୁଝିଦେବ । ୟାଭିତରେ କ୍ଷୀରବାଲା ହଳଦୀବସନ୍ତ ଗାଁକୁ ସବୁଦିନ ଆସେ ମଳୟର ଭଲମନ୍ଦ କଥା ପଗ୍ଭରି ବୁଝେ ।

ମଳୟ ଗାଁକୁ ଆସିଲାସାଙ୍ଗରେ ଆଣିଥିଲା ମିଠା କେତେପ୍ରକାର ବାରମଜା ବାପାପାଇଁ ନୂଆ ଜାମା ବୋଉପାଇଁ ଲୁଗାପଟା ଭଉଣୀ ପାଇଁ ଡ୍ରେସ ଆଉ କ୍ଷୀରବାଲା ପାଇଁ ଭଲ ପାଇଜାମା ଆଉ କଛି ସେଓ ଫଳ । ମଳୟକୁ ଦେଖି ସମସ୍ତେ ଖୁସି ଗାଁରେ ଯାହା କରଜ ବାରଜ ଥିଲା ସବୁ ସୁଝିଦେଲେ । ମଳୟ କହିଲା ବାପା ଏଇ ଗ୍ଭରି ଛମାସ ପରେ ଆମେ ଗ୍ଭଳ ଘରଭାଙ୍ଗି କୋଠା ଘର କରିଦେବା ତମେ ଆଉ ସାଇକେଲରେ ହାଟକୁ ଯିବନ ତୁମ ପାଇଁ ଲୁନା ଗାଡିଟିଏ କଣିଦେବା । ଆଉ ଭଉଣୀକୁ ନେଇ ସହରରେ ପାଠ ପଢେଇବା । ହଁ ବାପା କାଲି କ୍ଷୀର ବାଲା ମଉସା ଆସିଲେ ତାଙ୍କୁ ସାତ ହଜାର ଟଙ୍କା ଦେଇଦେବା ଆଉ ଏଇ ପାଇଜାମା ଆଉ ଫଳ ସେଓ ବି ଦେବା । ମୁଁ ଗ୍ରକରୀ ପାଇଛି ଜାଣିଲା ପରେ ସେ ଭାରି ଖୁସି ହେବେ । ଏମିତିରେ ବି ସେ ଯୋଉ ଟଙ୍କା ଦେଇଥିଲେ ଗୁଡାଏଦିନ ହେଇଗଲାଣି । ହେଲେ ସେ ତ ଆଉ ମାସେ ହେଲା ଆସୁନ ବାପା କହିଲେ । ହଉ ମୁଁ କାଲି ଯିବି ସେ ପରା ଏଇଠୁ ସାତକଲୋମିଟର ଦୁର ମଧୁପୁର ଗାଁରେ ଥିବା ମୁକ୍ତାକାଶ କାରାଗାରରେ ରହୁଛନ୍ତି ।

ମଳୟର ମନଟା ଯମା ଭଲ ଲାଗୁନଥାଏ କେମିତି ସକାଳ ହେବ ସେ କ୍ଷୀରବାଲା କୁ ଯାଇ ଦେଖା କରିବ ।

ସକାଳ ହେଲା ମଳୟ ଶେଯରୁ ଉଠି ମୁହଁଟା ଧୋଇ ଦେଇ ସାଇକେଲଟା ଧରି ବାହାରିଲା । ବାଟରେ ଗଲାବେଳେ ସେ ଭାବୁଥାଏ ପିଲାଦିନୁ ସେ କ୍ଷୀରବାଲା କୁ ଦେଖି ଆସୁଛି ହସହସ ମୁହଁ । ମିଠା କଥା ଭଦ୍ର ବ୍ୟବହାର । ହେଲେ ପିଲାଏ ତାକୁ ଡରନ୍ତି । ଲୋକ ମାନେ କୁହାକୁହି ହୁଅନ୍ତି ସେ କୁଆଡେ ମଣିଷ ମାରି ଜେଲରେ ଥିଲା, ଏବେ ଏଠାକୁ ଆସିଛି । ଏମିତି ଭାବୁଭାବୁ ବାଟ ସରିଗଲା ସେ ମୁକ୍ତାକାଶ କାରାଗାର ପାଖରେ ପହଞ୍ଚିଲା । ସିକ୍ୟୁରୀଟି କୁ ପଚାରିଲା ଏଇ ଯୋଉ ଡେଙ୍ଗାହେଇ ଲୋକ ଜଣେ ସବୁଦିନ କ୍ଷୀର ନେଇ ଯାଆନ୍ତି ମୁଁ ତାଙ୍କୁ ଟିକେ ଦେଖାକରି ଯାଆନ୍ତି । ସିଆଡୁ ବାବୁ ଜଣେ ପାଖକୁ ଆସି କହିଲେ ମଳୟ ଭିତରକୁ ଆସ । ମଳୟ ଆଶ୍ଚର୍ଯ୍ୟ ଆଜ୍ଞା ଆପଣ ମୋତେ ଜାଣନ୍ତି । ହଁ ଆସ ସାଇକେଲ ଭିତରକୁ ଆଣ ଏଇ ବଗିଚା କୁ ଦେଖ ସେଠି ଚଉକରେ ବସି କଥା ହେବା । ଏଇ ଯୋଉ ଗଛ ଗୁଡ଼ା ଦେଖୁଛ ୟାକୁ ସେଇ କ୍ଷୀରବାଲା ଲଗେଇଛି । ଏଇ ବର ଓସ୍ତ ଗଛରେ ସିନ୍ଦୁର ସାଲୁକନା ସେହିଁ ଲାଗେଇଛି । ଚାଲ ଦେଖିବ ତୁମେ ପିଲାଦିନୁ ଯୋଉ କ୍ଷୀର ପିଅ ଏଇ ଗୁହାଳରେ ଥିବା ଗାଇ ମାନଙ୍କଠୁ ଯାଏ । ସେ କ୍ଷୀରବାଲା ଏଇ ଗୁହାଳ ରେ ଥିବା ଗାଇ ମାନଙ୍କର ଯତ୍ନନଏ । ମଳୟ କ୍ଷୀରବାଲା କୁ ଦେଖିବାକୁ ବ୍ୟାକୁଳ ହେଉଥିଲା ।

ସେ ଅଫିସର କହିଲେ ହଁ ବ୍ୟସ୍ତ ହୁଅନ ତୁମେ ଯୋଉ କ୍ଷୀରବାଲାକୁ ଖୋଜୁଛ ତା ନାଁ ତପନ ଜେନା । ତା ଘର କେନ୍ଦ୍ରାପଡ଼ା ରେ ତାର ସ୍ତ୍ରୀ ଆଉ ବାରବର୍ଷର ଝିଅଟିଏ ଥିଲା ସିଏ ରାଜମିସ୍ତ୍ରୀ କାମକରି ଭଲରେ ଚଳୁଥିଲା । ହେଲେ ଦିନେ ଅନ୍ଧାରି ରାତିରେ ପଟ୍ଟନାୟକ ଘରର ପଚଶ ବର୍ଷର ପୁଅ ବାବୁଲା ତା ଝିଅକୁ ଯାତ୍ରାରୁ ଫେରିଲା ସମୟରେ ଘରକୁ ନେବ କହି ସାଇକେଲରେ ବସେଇ ଆଣିଥିଲା । ଆଉ ଜଙ୍ଗଲି ରାସ୍ତାରେ ସେଇ ବାରବର୍ଷର ଝିଅକୁ ବଳାତ୍କାର କରିଥିଲା । ନଜ ଦେହର ଭୋକ ମେଣ୍ଟେଇ ସାରିଲା ପରେ ତାକୁ ତଣ୍ଟି ଚପି ହତ୍ୟା କରିଥିଲା । ଏପଟେ ତପନ ଜେନା ଆଉ ତା ସ୍ତ୍ରୀ ଝିଅକୁ ନପାଇ ବହୁ ଖୋଜାଖୋଜି କଲେ ଲୋକେ କହିଲେ ସେ ପଟ୍ଟନାୟକ ଘର ପୁଅ ବାବୁଲା ତାକୁ ସାଇକେଲ ରେ ବସେଇ ଆଣୁଥିଲା । ସେ ଏବେ ଫେରାର ବହୁ ଖୋଜା ଖୋଜିପରେ ଜଙ୍ଗଲି ରାସ୍ତା କଡରୁ ଝିଅର

ଶବ ମିଳିଲା । ଝିଅ ଦେହରେ ସୂତା ଖିଅ ଟେ ବି ନଥିଲା । ଗାଲ ଓଠ ଆଖିପାଖରେ ସ୍ପଷ୍ଟ ଜଣା ପଡୁଥିଲା କାମୁଡା ଦାଗ । ଝିଅକୁ ଏଭଳି ଅବସ୍ଥାରେ ଦେଖି ଭାଙ୍ଗିପଡିଥିଲା ତପନ ଜେନା । ପୋଲିସ ଆସିଲା ଝିଅର ଶବ ବ୍ୟବଚ୍ଛେଦ ପରେ ତାର ଅନ୍ତ୍ୟେଷ୍ଟି କ୍ରିୟା କରାହେଲା। କିଛିଦିନ ପରେ ବାବୁଲା ଗିରଫ ହେଲା ହେଲେ କିଛିଦିନ ଜେଲ୍ ରେ ରହି ସେ ବେଲ୍ ରେ ଆସିଲା ଗାଁ ରେ ବୁଲିଲା । ନିଜ ଝିଅର ବଳାତ୍କାରି ଆଉ ହତ୍ୟାକାରୀ କୁ ଦେଖିଲା ପରେ ତପନ ଜେନା ମଉକା ଖୋଜୁଥିଲା ଦିନେ ତା ଟାଙ୍ଗିଆ ସ୍ଟ୍ରୋକରେ ବାବୁଲାର ମୁଣ୍ଡ ଗଣ୍ଡି ଅଲଗା । ତା ପରଠୁ ତପନ ଜେନା ଜେଲ୍ ରେ ତା ସ୍ତ୍ରୀ ଟା ପାଗେଳ ହୋଇ କୁଆଡେ ଗଲାଯେ କେହି ଜାଣନ୍ତିନି । ତା ଘର ମାଟିରେ ମିଶିଗଲା ପରିବାର ହେଲା ଛାରଖାର ଅଭିଶପ୍ତ ହୋଇଗଲା ଜୀବନ । ଅଦାଲତ ତାକୁ ଆଜୀବନ କାରାଦଣ୍ଡ ଶୁଣାଇଲେ । ଏଇ କିଛି ବର୍ଷ ହେଲା ସେ ଏଇ ମୁକ୍ତାକାଶ କାରାଗାରରେ ଥିଲା । ଏସବୁ ଶୁଣି ମଳୟ ମୁହଁ ଝାଳରେ ଭରିଯାଇଥିଲା । ହଉ ଏବେ ତାଙ୍କୁ ଟିକେ ଡାକନ୍ତୁ ମୁଁ ତାଙ୍କ ଟଙ୍କା ଆଉ କିଛି ଫଳ ଏଇ ପାଇ ଜାମାତା ଦେଇଥାନ୍ତି ।

ଅଫିସର କହିଲେ ସେ ଏଇ ମାସେତଳେ ଅସୁସ୍ଥ ହୋଇଗଲା ଆଉ ଖିଆପିଆ କଲାନି। ତାକୁ ଡାକ୍ତରଖାନା ନିଆଯାଇ ଥିଲା । ହେଲେ ଏଇ ପନ୍ଦର ଦିନ ତଳେ ସେ ଆରପାରିକୁ ଚାଲିଗଲା। ହିନ୍ଦୁ ରୀତିନୀତିରେ ତାର ଅନ୍ତ୍ୟେଷ୍ଟି କ୍ରିୟା ସରିଛି । ସେ ମରିବା ପୂର୍ବରୁ ତୁମ ବିଷୟରେ ମୋତେ ସବୁ କିଛି କହିଥିଲା । ସେ ଟଙ୍କା ମୁଁ ଦେଇଥିଲି ସେ ଟଙ୍କା ଦେବା ଦରକାର ନାହିଁ । ତୁମ ପାଇଁ ସେଇଟା ତୁମ ପ୍ରିୟ କ୍ଷୀରବାଲା ର ଶେଷ ଉପହାର ଭାବିନେବ। ଅଫିସରଙ୍କୁ ନମସ୍କାର କରି ମଳୟ ଘରକୁ ଫେରୁଥିଲା ସାଇକେଲ ହ୍ୟାଣ୍ଡେଲରେ ଝୁଲୁଥିଲା ବ୍ୟାଗଟିଏ ବ୍ୟାଗରେ ଥିଲା ପାଇଜାମା ସେଓ ଫଳ ଆଉ ସାତ ହଜାର ଟଙ୍କା । ମଳୟର ସାଇକେଲ ଆଗେଇ ଚାଲିଥିଲା ତା ଘର ଆଡ଼କୁ ସାଇକେଲ ର ଗତି ଠାରୁ ତା ଆଖିରୁ ଝରୁଥିବା ଲୁହ ଥିଲା ବେଶ୍ ଆଗରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଧାରାବାହିକ

# କାବ୍ୟ:- 'ଅପର୍ଣ୍ଣା'



ବିଶ୍ୱଜିତ ଆର୍ଯ୍ୟ

ହେ ପ୍ରଭୁ ! ହେ ଶିବ ଶମ୍ଭୁ
ତୁମ୍ଭକୁ ପାଇବା ପାଇଁ-ବ୍ୟାକୁଳ,
ଧରାଧରେନ୍ଦ୍ର ନନ୍ଦିନୀ
ତ୍ୟାଗ କରିଛନ୍ତି ପିତ୍ରାଳୟ।।

ଏ କି କଠୋର ସାଧନା
ଛାର ଏକ ଯୋଗୀ ପାଇଁ,
ସମଗ୍ର ରାଜଭୋଗ ତ୍ୟାଗ କରି
ବୁଲୁଛନ୍ତି ଘୋର ବନସ୍ତ ରେ।।

'ସିଂହଶାର୍ଦ୍ଦୁଳ' ବ୍ୟାପ୍ତ ଏ ଜଙ୍ଗଲ
ପାଦେପାଦେ ଆସନ୍ନ ବିପଦର ଭୟ,
ସାଧାରଣ ମନୁଷ୍ୟଙ୍କ ପାଇଁ
ଅଗମ୍ୟ, ଅସମ୍ଭବ, ଦୁଷ୍ପ୍ରାପ୍ୟ।।

ଶୋଭାର କୁଞ୍ଜଲତିକା, କୋମଳ କମଳ-
ଶେଜେ, ଶାୟିତ ସେ ତନୁ,
ଆଜି ରୁକ୍ଷମୟ କୁଶାଶେଜେ
କରିଛି ଶୟନ।।

ସେ ହିମସୂତା, ଜାହ୍ନବୀ ଅନୁଜା
ଆଦିଶକ୍ତି ପରାଭୂତା,
ସମଗ୍ର ବିଶ୍ୱମାତା ସେ!
କିନ୍ତୁ,
ଆଜି କି ଦୟନୀୟ ଅବସ୍ଥା ତାଙ୍କର।।

ଦେବୀବଳେ ହିମବାନ ଲଭିଲେ
ଦୁହିତା,
ସେ ସୂତାଙ୍କ ପାଇଁ ଆଜି
ଅସହାୟ ପିତା।।

ଅନ୍ତଃପୁରେ ଭାବୁଛନ୍ତି ରାଣୀ ମୈନାବତୀ,
ମୋକନ୍ୟା ର କି ଗତି
ଦେଖୁଛି ଜଗତୀ ।।

(କ୍ରମଶଃ.....)

ମଂଗଳପୁର, ଯାଜପୁର

# ନୂଆ ବରଷ ମୁଁ କହେ



ମହେଶ୍ୱର ସାହୁ

ନୂଆ ବରଷ ମୁଁ, ମୁହିଁ ନିରୀମାଖୀ,
ଆଦରରେ ଆଜି କହେ |
ହେ ଭାଇ ଭଉଣୀ, ଭଦ୍ର ନର ନାରୀ,
ଅଭିନନ୍ଦନ ଜଣାଏ ||

ଆସୁଅଛି ମୁହିଁ, ଆଗକୁ ଆସିବି,
କେତେ ନୂଆ ସ୍ୱପ୍ନ ନେଇ |
କାହାକୁ କନ୍ଦାଏ, କାହାକୁ ହସାଏ,
ନିଜ କର୍ମ ସାଥେ ରହି ||

ଉଣେଇଶ ଗଲା, କୋଡିଏ ଆସିଲା,
ଏମିତି ମୁଁ ବଢୁ ଥିବି |
ଜନ୍ମ ମୃତ୍ୟୁ ସାଥେ, ରହି ମୁଁ ଜଡ଼ିତ,
ଚଲା ପଥେ ଚାଲି ଯିବି ||

ବଞ୍ଚିବା ଆକାଂକ୍ଷା, ସବୁରି ହୃଦୟେ,
ପ୍ରାଣୀଠୁଁ ଉଦ୍ଭିଦ ଯାଏ |
ନିଜେ ବଞ୍ଚି ଯଦି, ବଞ୍ଚାଏ ଅନ୍ୟକୁ,
ଜ୍ଞାନୀ ଗୁଣି ସେ ବୋଲାଏ ||

ଜୀବ ହତ୍ୟା କରି, ସୁଖର ଆଶାରେ,
ମଦ୍ୟପାନ ନାଚ ଗୀତ |
କ୍ଷଣିକ ସୁଖକୁ, ଆଦରିଣ ବନ୍ଧୁ,
ଅଧର୍ମକୁ କର ମିତ ||

ଉଚ୍ଚ ଶବ୍ଦ ଧ୍ୱନି, ବାୟୁ ପ୍ରଦୂଷଣ,
ମଦ୍ୟପାନ ପାଇଁ ରୋଗ |
ନୂଆ ବରଷକୁ, ଧର୍ମ କାର୍ଯ୍ୟ ପାଇଁ,
କରହେ ସର୍ବେ ଉତ୍ସର୍ଗ ||

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ଭାରତ ମାତା



ଅମରନାଥ ବାରିକ

ପୂର୍ଣ୍ଣ୍ୟ ମୟୀ ମୋର ଦେଶଟିଏ
ଭାରତୀୟଙ୍କର ମାଆ ସିଏ
ସବୁ ପାପ ଭାର ସହି ସେ ଆମକୁ
ବଞ୍ଚିବାର ରାହା ଦେଇଥାଏ ।

ତା କୋଳେ ରହିଛି କେତେ ଶାନ୍ତି
ପାଇ ତା ପରସ ଘୁମୁରନ୍ତି
ଆସିଲେ ଧରାକୁ ଖେଳ କୁଦ କରି
ନିଜେ ନିଜ ବାଟେ ଗ୍ଭଲିଯାନ୍ତି ।

ବିଭିନ୍ନ ପ୍ରକାର ଭାଷା ବାସୀ
ରହିଛନ୍ତି ହୋଇ ମିଶାମିଶି
ପରବ ପର୍ବାଣୀ ପାଳଣ କରନ୍ତି
କେତେ ମଉଜରେ ହୋଇ ଖୁସୀ ।

ସବୁଜ ମଣ୍ଡିତ ଶୋଭା କ୍ଷେତ
ଉଡ଼ଇ ମନ୍ଦିରେ ନାଲି ନେତ
ଚତୁର୍ଦ୍ଧା ମୁରତି ଚର୍ତୁଧାମ ଅଛି
ସୂର୍ଯ୍ୟ ଚନ୍ଦ୍ର ହୁଏ ଆତ ଯାତ ।

ଏ ଦେଶେ ଜନମ ଅଟେ ମୋର
ଗରବେ ଫୁଲଇ ଛାତି ମୋର
ଯେଉଁଠି ଦେବତା କଥାବି କୁହନ୍ତି
ନେଇ ରୂପ ପିତା ମାତାଙ୍କର ।

ଯାଜପୁର,ମଙ୍ଗଳପୁର,କୟାଁ

# ହେ ରକ୍ଷକ



ଅଶୋକ କୁମାର ଦାସ

ଦେଖିବାକୁ ଇଛା ତୁମ ରୂପପଟ
ମନ ଯେ ଖୋଜୁଛି ଅପାର
କେଉଁ ଅଭିମାନେ ରହିଛ ଗୁମାନେ
ଆସ ବେଗେ ସମ୍ମୁଖରେ ।୧ ।
ନୟତିର ଗତି ଅସହ୍ୟ ହେଉଛି
ତାଡନା ଜ୍ୱାଳା ଯେ ପ୍ରଖର
ସତେକ ଜୀବନ ଏକ ଅଭିଶାପ
ପ୍ରହାରେ ଯେସନ ଗୋଖର ।୨ ।
ଜୀବନ ନାଟକେ ଅଭିନୟ ମୋର
ତିଳେ ହେଁ ନୁହଁଇ ସମର୍ଥ,
ପାରି କରିଦିଅ ଘୋର ମାୟାଜାଲୁ
ଗମିଯିବି ସ୍ୱର୍ଗ ତୀର୍ଥ ।୩ ।
ସଂସାର ପଥରେ ମୋ ଦେହ ରଥ ଯେ
ଗଡିବା ଲାଗଇ ଜଟିଳ,
ଏତେ ଯେ ପରୀକ୍ଷା ପ୍ରଶ୍ନର ସମୀକ୍ଷା
ଲାଗଇ ଯେସନ ଅନଳ ।୪ ।
ସଂସାର ସାର ଯେ ବନ୍ଧୁର ଲାଗଇ
ସାହାର ଆଶ୍ରୟ ନାହିଁ,
କ ସୁଖ ପାଉଛୁ ବନ୍ଧୁର ପଥରେ
ପଥିକ କରେଇ ଦେଇ ।୫ ।
ବଞ୍ଚିବାର ଆଶା କ୍ଷୀଣ ଯେ ଲାଗଇ
ଲୋଡା ନାହିଁ ସ୍ୱାର୍ଥ ସଂସାର
ପାରିବ ଯଦି ହେ ଶେଷ କରିଦିଅ
ଏ ପାପୀ ଜୀବନ ମୋର ।୬ ।
କତି ଯେ ସଂସାରେ ସୀତାଙ୍କ ହରଣ
ପାଞ୍ଚାଳୀ କ୍ରନ୍ଦନ ରୋଳ,
ଅନ୍ୟାୟ ଅଧର୍ମ କୁକର୍ମ ରଚନ୍ତି
ନାହିଁ ହେ ଧର୍ମର ବଳ ।୭ ।
ସଂସାର ସାର ଯେ ସ୍ୱାର୍ଥ ରେ ଲିପ୍ତ
ଭାବନ୍ତିନ ପର ଆପଣା,
ସ୍ୱାର୍ଥ ହାସଲର ବ୍ରତ ଆପଣାଇ
ଲଭନ୍ତି କୁକର୍ମ ପାଉଣା ।୮ ।
ଗୁହାରି ଧରି ଯେତେ ଡାକଲେ ନ ଶୁଣ
ରହିଯାଅ ନୀର୍ବିକାରେ,
ଶେଷ କରିଦିଅ ଏମିତି ଜୀବନ
ଲୋଡା ନାହିଁ ସଂସାରରେ ।୯ ।
କମ୍ପିଯାଉ ଆଜି ସାରା ବ୍ରହ୍ମାଣ୍ଡ ଯେ
ଛିଡିଯାଉ ସବୁ ଡୋରି,
ଆଉଥରେ ଆସୁ ଧରମ ରକ୍ଷକ
ଏ ଯୁଗରେ ଅବତରି ।୧୦ ।

ଉପେନ୍ଦ୍ର ନଗର, ଭଞ୍ଜଭୂମି,
କୁଲାଡ, ଭଞ୍ଜନଗର

# ପାଗଳ ର ପ୍ରଳାପ



ଜଗନ୍ନାଥ ରଥ

ମୁଁ ଚାକରି କରିବି କି ବେପାର କରିବି
ମୋ କଥା ମୁଁ ବୁଝିବି...
ମୁଁ କାହିଁକି ଡରିବି ଲୋକେ କଣ କହିବେ ।

ମୁଁ କାହାକୁ ଭଲ ପାଇଲି କି ପସନ୍ଦ କଲି
ମୋ ଖୁସିରେ ମୁଁ ବାହା ହେବି...
ମୁଁ କାହିଁକି ଡରିବି ଲୋକେ କଣ କହିବେ ।

ମୁଁ ଛପନଭୋଗ ଖାଇବି କି ଶାଗ ପଖାଳ ଖାଇବି
ମୋ ରୁଚ ରେ ମୁଁ ଖାଇବି...
ମୁଁ କାହିଁକି ଡରିବି ଲୋକେ କଣ କହିବେ ।

ମୋତେ କିଏ ଦୋଉଚ ନା ନୋଉଚ
ମୋ ଘରକଥା ମୁଁ ବୁଝିବି...
ମୁଁ କାହିଁକି ଡରିବି ଲୋକେ କଣ କହିବେ ।

ମୁଁ ଯଦି ଏମିତି ଲୋକଙ୍କ କଥା ଭାବୁଥିବି
ତେବେ ମୋର ସବୁ କାମ ଅଟକି ଯିବ
କାରଣ ଏ ଦୁନିଆର ସବୁଠୁ ବଡ ରୋଗ..
ଲୋକେ କଣ କହିବେ !

ଘୁ.ଉଦୟଗିରି, କନ୍ଧମାଳ

# ଆଧୁନିକ ସମାଜରେ ଆଧ୍ୟାତ୍ମିକତାର ଆବଶ୍ୟକତା



କୀର୍ତ୍ତି ଦେବୀ

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜକୁ ଛାଡି କୌଣସି ମଣିଷ ବଞ୍ଚିବା ସମ୍ଭବ ନୁହେଁ। ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମାଜ ସହିତ ବସବାସ କରି ଆସିଥାଏ । ଏହି ସମାଜର ସଂପର୍କ, ଆତ୍ମଶିକ୍ଷା, ସ୍ୱାସ୍ଥ୍ୟ, କାରିଗରିକୌଶଳ, ବ୍ୟବସାୟ, ସୁରକ୍ଷା, ଅର୍ଥନୈତିକ ସଂଗଠନ ଦ୍ୱାରା ପରିଚାଳିତ ହୁଏ । ବର୍ତ୍ତମାନ ସମୟରେ ଆମେ ସମସ୍ତେ ଆଧୁନିକ ସମାଜରେ ବସବାସ କରୁଛେ । ଏହି ସମାଜର ପ୍ରଥମ ତଥା ପ୍ରଧାନ ସଂଜ୍ଞା ହେଉଛି ପ୍ରତ୍ୟେକ ମଣିଷଙ୍କ ଅଶାନ୍ତ ବା ଅସ୍ଥିର ମନ । ପ୍ରତ୍ୟେକ ବ୍ୟକ୍ତି ମାୟା ଜାଲରେ ଛନ୍ଦି ହୋଇ ପଡିଥିବାର ଜଣାପଡୁଛି । ଆଜିର ପରିବେଶ ଓ ପରିସ୍ଥିତି ଏପରି ହୋଇଛି ଯେ, ଆଧୁନିକ ସମାଜରେ ବସବାସ କରୁଥିବା ବ୍ୟକ୍ତିମାନେ "ମୁଁ" ଓ "ମୋର" ରେ ସୀମିତ । ସେମାନେ ପ୍ରତ୍ୟେକ ବସ୍ତୁବାଦୀ ବିଷୟ ଉପରେ ନିର୍ଭଳଶୀଳ । ଯେଉଁ ବସ୍ତୁବାଦୀ ବିଷୟ (ପ୍ରଭାବ, ଧନ, ସଂପତ୍ତି ଇତ୍ୟାଦି କ୍ଷଣସ୍ଥାୟୀ ଓ କ୍ଷଣ ଭଙ୍ଗୁର ତଥା ଆତ୍ମ ପ୍ରଲୋଭନର ଏକ ଉତ୍ସ, ତାହାକୁ ଆପଣାଇ ନିଜେ ନିଜର ଦୁଃଖର କାରଣ ସାଜୁଛି । ଏହି ସମାଜରେ କେତେକ ବିଶେଷ ଗୁଣ ହେଉଛି ମଣିଷର ଚାଲିଚଳନ ଯନ୍ତ୍ର ସଦୃଶ, ଅନ୍ୟ ଉପରେ ନିର୍ଭରଶୀଳ, ସମୟର ଦାସ, ଆତ୍ମବିଶ୍ୱାସର ଅଭାବ, ସଂକୀର୍ଣ୍ଣମନା, ସଚେତନତାର ଅଭାବ, ଖାମଖିଆଲ ମନୋବୃତ୍ତି, ମାନବିକତା ଶୂନ୍ୟ ଓ ଅବିବେକୀ, ଏହିସବୁ କାରଣ ପାଇଁ ଦୁଃଖର କାରଣ ସାଜୁଛେ । ପ୍ରତ୍ୟେକ ଆତ୍ମକୈନ୍ଦ୍ରିକ ହୋଇ ଆତ୍ମସନ୍ତୋଷ ବା Self-Satisfaction ଠାରୁ ନିଜକୁ ଦୂରେଇ ରଖୁଛେ । ଯଦ୍ୱାରା ଆମର ଉନ୍ନତି ପରିବର୍ତ୍ତେ ଅବନତି ଘଟୁଛି । ଏଥିପାଇଁ ଗୋଟିଏ ସରସ ତଥା ସୁନ୍ଦର ରାସ୍ତା ଅଛି – ତାହା ହେଉଛି କିପରି ଈଶ୍ୱରଙ୍କ କୃପା ପାତ୍ର ହୋଇପାରିବ ।

ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ହେଲେ ଆମକୁ ପ୍ରଥମେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ପଡିବ । ଆଧ୍ୟାତ୍ମିକତାର ଅର୍ଥ ହେଉଛି ଆତ୍ମାକୁ ପରମାତ୍ମାଙ୍କ ସାଙ୍ଗରେ ମିଳନ

କରିବା । ଆତ୍ମା ଅର୍ଥାତ୍ ଜୀବାତ୍ମା (The Human Soul) ପରମାତ୍ମା ଅର୍ଥାତ୍ ବ୍ରହ୍ମ ସମ୍ବନ୍ଧିୟ ବା ଆତ୍ମା (The Universal Soul, God or Spiritual knowledge of God) । ଏହାର ଅର୍ଥ ସାରା ବିଶ୍ୱରେ ସେହି ଗୋଟିଏ ଈଶ୍ୱର ବା ଭଗବାନ ବା ବ୍ରହ୍ମ ଅଛନ୍ତି । ସେହିଁ ସୂର୍ଯ୍ୟ ବା ଚନ୍ଦ୍ର । କୋଟିକୋଟି ତାରାମାନେ ଥିଲେ ମଧ୍ୟ ତାଙ୍କର ଆଲୋକରେ ପୃଥିବୀ ଆଲୋକିତ ହୁଏନାହିଁ । ତାହା କେବଳ ସମ୍ଭବ ହୁଏ ଗୋଟିଏ ସୂର୍ଯ୍ୟ ବା ଚନ୍ଦ୍ର ଙ୍କ ଦ୍ୱାରା । There is one God, One Universe, One Sun, there is no second. So God is one, we are one. When this idea come everyone's mind there is no grief, sorrow, unhappy everywhere. All the members of world lived heavenly life. ସ୍ୱର୍ଗ ଓ ନର୍କ ସବୁ ଏଇ ଧରାପୃଷ୍ଠରେ ଅଛି । କେହି ବି ଏହାକୁ ଉପଲବ୍ଧି କରିପାରୁନାହାନ୍ତି । ପ୍ରତ୍ୟେକ ମଣିଷ ଆଜିର ଯୁଗରେ ସେହି ଏକେଶ୍ୱରବାଦରେ ପରିଚାଳିତ ହେଲେ ନିଷ୍ଠୟ ଆଧ୍ୟାତ୍ମିକତାକୁ ଅନୁକରଣ ଏବଂ ଅନୁଶରଣ କରିପାରିବେ । ପ୍ରକୃତ ଈଶ୍ୱର ବା ବ୍ରହ୍ମଙ୍କୁ ଚିହ୍ନିବାକୁ ହେଲେ ଆମକୁ ଭକ୍ତିଯୋଗ (Communication with God through faith) ଭକ୍ତି ଦେବତାଙ୍କ ପ୍ରତି ଅନୁରକ୍ତି, ଭକ୍ତିପୂର୍ବକ, ଭକ୍ତିଭାବ, ଭକ୍ତିମାର୍ଗ, ଭକ୍ତିମାନ, ଭକ୍ତିରସରେ ପରିଚାଳିତ ହେବାକୁ ପଡିବ ।

ଆଧ୍ୟାତ୍ମିକତାକୁ ପାଇବାକୁ ହେଲେ ପାଞ୍ଚଟି ବସ୍ତୁ ତ୍ୟାଗ କରିବାକୁ ହୁଏ । **(୧)** ପଞ୍ଚପ୍ରାଣ **(୨)** ପଞ୍ଚ ଇନ୍ଦ୍ରିୟ **(୩)**ମନ, **(୪)** ବୁଦ୍ଧି ତଥା **(୫)**ଅହଂକାର । ଏହା ହେଲା ବ୍ରହ୍ମଜ୍ଞାନ । ଆତ୍ମାନୁଭୂତିର ମାର୍ଗ ଖଣ୍ଡାଧାରରେ ଚାଲିବା ସହ ସମାନ । ଏହି ରାସ୍ତା କଣ୍ଟକିତ, ଦୁର୍ଗମ । ଏଥିରେ ଚାଲିବାକୁ ହେଲେ କେବଳ ନିଜର ଆତ୍ମବିଶ୍ୱାସକୁ ସୁଦୃଢ କରି ଏବଂ ପରମାତ୍ମା ବା ଈଶ୍ୱରଙ୍କ ଠାରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିବା ଉଚିତ । ତାହେଲେ ସେଇ କଣ୍ଟକିତ ରାସ୍ତାରେ କମଳ ଫୁଟିବାର ଦୃଶ୍ୟ ଆତ୍ମଗୋଚର ହେବ । ପ୍ରକୃତ ପକ୍ଷେ କହିଲେ ସାଧାରଣ ମଣିଷକୁ ପ୍ରାୟତଃ ତାର ଜୀବନକାଳ ମଧ୍ୟରେ ବ୍ରହ୍ମ ଦର୍ଶନ ହୋଇନଥାଏ । କିନ୍ତୁ ନିମ୍ନ ଲିଖିତ କିଛି ତଥ୍ୟ ଉପରେ ଧ୍ୟାନ ଦେଲେ ଆଧ୍ୟାତ୍ମିକତା ଉପଲବ୍ଧି କରିବାର ମାର୍ଗ ଆପେ ଆପେ ବାହାରି ଆସେ ।

**୧) ମୁମୁକ୍ଷୁତ୍ୱ (ମୁକ୍ତିର ତୀବ୍ର ଉତ୍କଣ୍ଠା) –** ଯିଏ ମନେ କରେ କି ମୁଁ ବନ୍ଧନରେ ଅଛି ଏବଂ ଏହି ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଇଚ୍ଛାକରେ ତଥା ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ଉତ୍ସୁକତା ବା ଦୃଢ ସଂକଳ୍ପର ସହ ପ୍ରଯତ୍ନ କରେ ତଥା ପ୍ରତ୍ୟେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହେ, ସେ ଏହି ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରିବାକୁ ଯୋଗ୍ୟ ।

୨) ବିରକ୍ତି – ଲୋକ-ପରଲୋକର ସମସ୍ତ ପଦାର୍ଥ ପ୍ରତି ଉଦାସୀନଭାବ ଇହ ଜଗତର ବସ୍ତୁ, ଲାଭ, ପ୍ରତିଷ୍ଠା, ଆଦି କର୍ମଜନ୍ୟ ବିଷୟ ପ୍ରତି ଯେ ପର୍ଯ୍ୟନ୍ତ ଉଦାସୀନଭାବ ଉତ୍ପନ୍ନ ନହୋଇଛି, ସେ ପର୍ଯ୍ୟନ୍ତ ଆଧାତ୍ମିକ ଜଗତରେ ପ୍ରବେଶ କରିବାର ଅଧିକାର ନାହିଁ ।

୩) ଅନ୍ତର୍ମୁଖୀ – ଈଶ୍ୱର ଆମ ଇନ୍ଦ୍ରିୟଗୁଡିକର ଭାବନା ଏପରି କରିଛନ୍ତି ଯେ ସର୍ବଦା ବାହ୍ୟ ଜଗତ ପ୍ରତି ଆକୃଷ୍ଟ ହେବା ତାର ଧର୍ମ, ତେଣୁ ଆମେ ସର୍ବଦା ବାହାର ଜଗତର ଧ୍ୟାନ ଦେଇଥାଉ, ଅନ୍ତର୍ଜଗତ ପ୍ରତି ନୁହେଁ । ଯିଏ ଆତ୍ମାଦର୍ଶନ ଏବଂ ଆଧାତ୍ମିକ ଜୀବନ ପ୍ରତି ଆଗ୍ରହୀ ତାଙ୍କୁ ତାଙ୍କର ଦୃଷ୍ଟି ଅନ୍ତର୍ମୁଖୀ କରି ନିଜକୁ ନିଜ ଭିତରେ ଲୀନ କରିବା ଆବଶ୍ୟକ ।

୪) ପାପଶୁଦ୍ଧି – ଯେ ପର୍ଯ୍ୟନ୍ତ ମନୁଷ୍ୟ ଦୁଷ୍କର୍ମ ତ୍ୟାଗ କରିନାହିଁ, ସେ ପର୍ଯ୍ୟନ୍ତ ତାକୁ ପୂର୍ଣ୍ଣ ଶାନ୍ତି ମିଳିବ ନାହିଁ କି ମନ ସ୍ଥିର ରହିବ ନାହିଁ । ବୁଦ୍ଧି ବଳ ଦ୍ୱାରା ସେ କଦାପି ଆତ୍ମୋପଲବ୍ଧି ବା ଜ୍ଞାନ ଲାଭ କରିପାରିବ ନାହିଁ ।

୫) ଉଚିତ୍ ଆଚରଣ – ଯେ ପର୍ଯ୍ୟନ୍ତ ମନୁଷ୍ୟ ସତ୍ୟବାଦୀ, ତ୍ୟାଗୀ ଏବଂ ଅନ୍ତର୍ମୁଖୀ ହୋଇ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ଜୀବନ ଅତିବାହିତ କରିନାହିଁ, ସେ ପର୍ଯ୍ୟନ୍ତ ଆତ୍ମସନ୍ତୋଷ ଏବଂ ବିଭୁ କୃପା ପାଇବା ସମ୍ଭବ ନୁହେଁ ।

୬) ସାର ବସ୍ତୁ ଗ୍ରହଣ କରିବା – ଦୁଇ ପ୍ରକାର ବସ୍ତୁ ଅଛି ନିତ୍ୟ ଏବଂ ଅନିତ୍ୟ । ପ୍ରଥମଟି ଆଧାତ୍ମିକ ବିଷୟ ସହ ସମ୍ବନ୍ଧିତ ଏବଂ ଦ୍ୱିତୀୟଟି ସାଂସାରିକ ବିଷୟ ସହ । ମନୁଷ୍ୟକୁ ଏ ଉଭୟର ସମ୍ମୁଖୀନ ହେବାକୁ ହୁଏ । ବିବେକ ଦ୍ୱାରା ତନ୍ମଧ୍ୟରୁ କୌଣସି ଗୋଟିଏ ବାଛିବାକୁ ହୁଏ । ବିଦ୍ୱାନ ପୁରୁଷମାନେ ଅନିତ୍ୟରୁ ନିତ୍ୟକୁ ଶ୍ରେୟସ୍କର ମନେ କରନ୍ତି; କିନ୍ତୁ ଯିଏ ମୂଢମତି ସିଏ ଆସକ୍ତିରେ ବଶୀଭୂତ ହୋଇ ଅନିତ୍ୟକୁ ହିଁ ଶ୍ରେଷ୍ଠ ମନେକରି ସେହି ପ୍ରକାର ଆଚରଣ କରନ୍ତି ।

୭) ମନ ଓ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ – ଶରୀର ଏକ ରଥ ଓ ଆତ୍ମା ଏହାର ସ୍ୱାମୀ । ବୁଦ୍ଧି ସାରଥି, ମନ ଲଗାମ୍, ଏବଂ ଇନ୍ଦ୍ରିୟ ହେଉଛି ଘୋଡା । ଇନ୍ଦ୍ରିୟ ବିଷୟାଦି ତାର ପଥ । ଯିଏ ବିଗ୍ରହଶୂନ୍ୟ, ଯାହାର ମନ ଚଞ୍ଚଳ ତଥା ଯାହାର ଇନ୍ଦ୍ରିୟ ସାରଥିର ଦୁଷ୍ଟ ଘୋଡା ସମାନ ଅଟେ ସିଏ ତାର ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିବ ନାହିଁ ତଥା ଜନ୍ମ ମୃତ୍ୟୁ ଚକ୍ରରେ

ଘୂରୁଥିବ । ମାତ୍ର ଯିଏ ଉନ୍ନତିକାମୀ, ଯିଏ ମନ ଉପରେ ନିୟନ୍ତ୍ରଣ ରଖିପାରିଛି ତଥା ଯାହାର ଇନ୍ଦ୍ରିୟ ସାରଥିର ଉତ୍ତମ ଘୋଡା ସଦୃଶ ନିୟନ୍ତ୍ରଣରେ ରହିଛି, ସିଏ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବ, ଅର୍ଥାତ୍ ତାହାର ପରମ ପଦ ପ୍ରାପ୍ତି ହେବ ଏବଂ ପୁନର୍ଜନ୍ମ ହେବ ନାହିଁ। ଯେଉଁ ବ୍ୟକ୍ତି ନିଜର ବୁଦ୍ଧି ଦ୍ୱାରା ମନକୁ ବଶ କରିଦିଏ, ସିଏ ଶେଷରେ ତାହାର ଲକ୍ଷ୍ୟପ୍ରାପ୍ତି କରି ସେହି ସର୍ବଶକ୍ତି ମାନ ଭଗବାନ ବିଷ୍ଣୁଙ୍କ ଲୋକରେ ପହଞ୍ଚିଯାଏ ।

ମନର ପବିତ୍ରତା – ଯେ ପର୍ଯ୍ୟନ୍ତ ମନୁଷ୍ୟ ନିଷ୍କାମ କର୍ମ କରେନାହିଁ ସେ ପର୍ଯ୍ୟନ୍ତ ତାହାର ଚିତ୍ତ ଶୁଦ୍ଧି ଏବଂ ଆତ୍ମଦର୍ଶନ ସମ୍ଭବ ନୁହେଁ। ବିଶୁଦ୍ଧ ମନରେ ହିଁ ବିବେକ ଓ ବୈରାଗ୍ୟ ଉତ୍ପନ୍ନ ହୋଇଥାଏ । ଯେଉଁଥିରୁ ଆତ୍ମଦର୍ଶନ ମାର୍ଗରେ ପ୍ରଗତି ହୁଏ । ଅହଂକାର ଶୂନ୍ୟ ନହେଲେ ଆତ୍ମସାକ୍ଷାତକାର ସମ୍ଭବ ନୁହେଁ। ବିଷୟ ବାସନା ଆତ୍ମାନୁଭୂତିର ମାର୍ଗରେ ବାଧକ ଅଟେ । "ମୁଁ ଶରୀର" ଏହି ଧାରଣା ଭ୍ରମ । ଯଦି ଜୀବନର ଉଦ୍ଦେଶ୍ୟ (ଆତ୍ମସାକ୍ଷାତକାର) ପ୍ରାପ୍ତ କରିବାର ଅଭିଳାଷ ଅଛି ତାହେଲେ ଏହି ଧାରଣା ତଥା ଆସକ୍ତିକୁ ତ୍ୟାଗ କରିବାକୁ ହେବ ।

୯) ଗୁରୁଙ୍କ ଆବଶ୍ୟକତା – ଆତ୍ମଜ୍ଞାନ ଏପରି ଗୂଢ ତଥା ରହସ୍ୟମୟ ବିଷୟ ଯେ ସ୍ୱୀୟ ପ୍ରୟାସ କରିବା ଦ୍ୱାରା ଏହା ହାସଲ କରିବା ସମ୍ଭବ ନୁହେଁ। ଏହି କାରଣରୁ ଆତ୍ମାନୁଭୂତି ପ୍ରାପ୍ତି ନିମତ୍ତ ଗୁରୁଙ୍କ ସହାୟତା ନିତାନ୍ତ ଆବଶ୍ୟକ । ଅତ୍ୟନ୍ତ କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ମଧ୍ୟ ଅନ୍ୟମାନେ କଣ ଦେଇପାରିବେ? ଗୁରୁଙ୍କ କୃପା ଦ୍ୱାରା ହିଁ ଏହା ସହଜରେ ପ୍ରାପ୍ତ ହୋଇପାରିବ । ଯିଏ ସ୍ୱୟଂ ଏହି ମାର୍ଗ ଅନୁସରଣ କରି ଅନୁଭବ ହାସଲ କରିସାରିଛନ୍ତି, ସିଏ ତାଙ୍କର ଶିଷ୍ୟଙ୍କୁ ମଧ୍ୟ ସରଳତାପୂର୍ବକ ସ୍ତର ପରେ ସ୍ତର ଦେଇ ଆଧାତ୍ମିକ ଉନ୍ନତି ପଥରେ ନେଇପାରିବେ ।

ଏଠାରେ ନିଜସ୍ୱ ଅନୁଭୂତିରୁ କିଛି କଥା ଲେଖୁଛି । ଯିଏ ପ୍ରକୃତରେ ଈଶ୍ୱର, ସେ କାହାକୁ କିପରି ଭାବରେ ଦର୍ଶନ ଦେଇ ମୁକ୍ତିର୍ର ମାର୍ଗ ଉନମୋଚନ କରିଥାନ୍ତି ତାହା ସେ ହିଁ କେବଳ ଜାଣିଥାନ୍ତି । ଆଜି ଆଧୁନିକ ସଭ୍ୟତାରେ ନିଜକୁ "ବାବା" ଓ "ମାଆ" ସମ୍ବୋଧନ କରି ଲୋକଙ୍କୁ ମିଥ୍ୟା, ଲୋଭ ତଥା ଜଟିଳତା ର ଜୀବନଶୈଳୀ ବା ପ୍ରଣାଳୀ ବତାଇ ବା ଦେଖାଇ ଘୋର ବିପଦ ସମ୍ମୁଖକୁ ଟାଣି ନେଉଛନ୍ତି । ତେଣୁ ମୋର ଆପଣମାନଙ୍କୁ ଗୋଟିଏ କଥା ତଥା ବିନମ୍ର ଅନୁରୋଧ ଧର୍ମ ନାମରେ ଯିଏ ଅଧର୍ମ କରେ ତାହାଠାରୁ ପାପୀ ଏ ସଂସାରରେ

ଆଉ କେହି ନାହିଁ । ଧର୍ମ ନାମରେ ଲୋକଙ୍କୁ ଲୋଭ, ହିଂସା, ଜଟିଳତା, ଅବିବେକୀ, ଅମାନବିକତା ତଥା ଅଯୋଗ୍ୟ କରି ଆଧାତ୍ମିକ ପଥରୁ ଓହରି ଯିବା ପାଇଁ ପ୍ରୟାସ ଦେଖାଉଛନ୍ତି, ତାହା କେତେ ଦୂର ଠିକ୍ ଆପଣମାନେ ଚନ୍ତା କରନ୍ତୁ । ଯିଏ ପ୍ରକୃତରେ ଲୋକଙ୍କର ମଙ୍ଗଳ ଚାହିଁବେ ସେ ଶାନ୍ତ, ସରଳ, ନିରାଡମ୍ବର ତଥା ନମ୍ର ସ୍ୱଭାବର ଅଧିକାରୀ ହୋଇଥିବ । ବାହ୍ୟ ଚାକଚକ୍ୟରୁ ବହୁ ଦୂରରେ ଥିବ, ପ୍ରତ୍ୟେକ କ୍ଷେତ୍ରରେ ଈଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କରୁଥିବ, ଏହା ହିଁ ହେଉଛି ପ୍ରକୃତି ଗୁରୁଙ୍କର ମୁଖ୍ୟ ଅଭିଯାନ । ସେଠାରେ ଗୁରୁଶିଷ୍ୟ ଭେଦଭାବ ନଥାଏ, ସେଠାରେ ଥାଏ ଅନନ୍ତ ପ୍ରେମ – ସେ ପ୍ରେମର ଲୀଳା ଗାନ କରିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି । ଯଥା -କୃଷ୍ଣ-ସୁଦାମା, ଭକ୍ତ ସାଲବେଗ, ବନ୍ଧୁମହାନ୍ତି ଓ ଦାସିଆ ବାଉରୀ – ଜଗନ୍ନାଥ, ଶ୍ରୀ ଆଇ-ଶ୍ୟାମା, ଅବଦୁଲ ବାବା, ଲକ୍ଷ୍ମୀବାଇ, ଭାଗୋଜୀ ସିନ୍ଦେ, ନାନା ସାହେବ, ହେମଡ ପନ୍ଥ ଏହି ମାନଙ୍କ ସଂପର୍କ କେତେ ପବିତ୍ର ତଥା ମହାନ୍ । ସଂସାର ଭିତରେ ଘର କରିବାକୁ ହେଲେ ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ ଓ ବାପା-ମାଆଙ୍କ ସଂପର୍କକୁ ସର୍ବାଗ୍ରେ ପ୍ରାଧାନ୍ୟ ଦିଆଯାଏ । କନ୍ତୁ ଉପରୋକ୍ତ ବ୍ୟକ୍ତିମାନଙ୍କ ସଂପର୍କ ସ୍ୱୟଂ ଈଶ୍ୱରରୂପୀ ଗୁରୁଙ୍କ ସହିତ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ସଂପର୍କରେ ସେତୁ କେତେ ମହାନ ତାହା ଆମେ ଆଜିବି ମନେ ପକାଉଛେ । ଆଜି ସମାଜରେ ବିଭିନ୍ନ ଲୋକ ଗୁରୁପଦବାଚ୍ୟ ବୋଲି ନିଜକୁ ପ୍ରକାଶିତ କରୁଛନ୍ତି । କନ୍ତୁ ସତ୍ୟର ଜୟ ଯୁଗେ ଯୁଗେ ହୋଇଛି । ଅଧର୍ମର ନାଶ ସର୍ବଦା ସୁନିଶ୍ଚିତ । ଏହି ସଂସାରରେ ଗୋଟିଏ ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ ଅଛନ୍ତି । ସେହିମାନେ ସାରା ସଂସାରକୁ ଆଲୋକ ବା ଅନ୍ଧାର ପ୍ରଦାନ କରୁଛନ୍ତି । ଅଗଣିତ ତାରାମାନେ ଯେତେ ପ୍ରୟାସ କଲେ ମଧ୍ୟ ତାହା କସ୍ମିନକାଳେ ହୋଇପାରିବ ନାହିଁ ।

ଆଧୁନିକ ସମାଜରେ ଆଧାତ୍ମିକତାର ଆବଶ୍ୟକତା ଜରୁରୀ । କାରଣ ଏହା ଏକ ସରଳ ଉପାୟ ଯେଉଁଥିରେ ପ୍ରତ୍ୟେକ ମଣିଷଙ୍କର ମନ ଓ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯିବ । ସରଳଭାବେ କହିବାକୁ ଗଲେ – ଯେ ପର୍ଯ୍ୟନ୍ତ ମଣିଷର ଲୋଭ ଏବଂ ଈର୍ଷା ପୂର୍ଣ୍ଣ ମାତ୍ରାରେ ଦୂର ନହୋଇଛି, ସେପର୍ଯ୍ୟନ୍ତ ବ୍ରହ୍ମଙ୍କ ବା ପରମାତ୍ମାଙ୍କ ସତ୍ତା ସ୍ୱରୂପକୁ ଜାଣିପାରିବ ନାହିଁ । ଯାହାର ମନ ଧନ, ସନ୍ତାନ ଓ ଐଶ୍ୱର୍ଯ୍ୟରେ ନିମଗ୍ନ ରହିଛି, ସେ ଏହି ସବୁ ଆସକ୍ତିକୁ ତ୍ୟାଗ କରିବା ବିନା କପରି ବ୍ରହ୍ମଙ୍କୁ ଜାଣିବାକୁ ଆଶା କରିବ? ଆସକ୍ତିର ଭ୍ରମ ଓ ଧନତୃଷ୍ଣାର ଦୁଃଖ ଏକ ଭଉଁରୀ ସଦୃଶ, ଯେଉଁଥିରେ ଅହଂକାର ଏବଂ ଈର୍ଷାରୂପୀ ମଗର ସନ୍ତରଣ କରେ । ଯିଏ ଇଚ୍ଛା ରହିତ ହେବ, ସେ ହିଁ ଭବସାଗର ପାର

ହୋଇପାରିବ । ତୃଷ୍ଣା ଏବଂ ବ୍ରହ୍ମଙ୍କ ପାରସ୍ପାରିକ ସମ୍ବନ୍ଧ ଏହି ପ୍ରକାର ତେଣୁ ତୁଳସୀ ଦାସ କହିଛନ୍ତି:-

"ଯହାଁ ରାମ ତହାଁ କାମ ନହିଁ, ଯାହାଁ କାମ ନହିଁ ରାମ
ତୁଳସୀ କବହୁଁ ହୋତା ନହିଁ, ରବିରଜନୀ ଇକ ଠାମ୍ ।"

ଯେଉଁଠାରେ ଲୋଭ ଅଛି, ସେଠାରେ ବ୍ରହ୍ମଙ୍କ ଚିନ୍ତନ ବା ଧ୍ୟାନର ପ୍ରଶ୍ନ ଉଠୁନାହିଁ । ଯିଏ ଅହଂକାରୀ ତଥା ସର୍ବଦା ବିଷୟ ଚିନ୍ତନରେ (ବସ୍ତୁବାଦୀ) ନିମଗ୍ନ ରହେ, ତା ଉପରେ ଗୁରୁଙ୍କ ଉପଦେଶ ତଥା ଶିକ୍ଷାରେ କୌଣସି ପ୍ରଭାବ ପଡେନାହିଁ । ଏଣୁ ମନର ପବିତ୍ରତା ଏକାନ୍ତ ଆବଶ୍ୟକ କାରଣ ଏହାବିନା ଆଧ୍ୟାତ୍ମିକ ସାଧନାର କୌଣସି ମହତ୍ତ୍ୱ ନାହିଁ । ଈଶ୍ୱରଙ୍କ ଭଣ୍ଡାର ସର୍ବଦା ପରିପୂର୍ଣ୍ଣ ଏବଂ ପ୍ରତ୍ୟେକଙ୍କ ଇଚ୍ଛାନୁସାରେ ଈଶ୍ୱର ସେମାନଙ୍କର କାମନା ପୂରଣ କରିପାରିବେ, କିନ୍ତୁ ସେ ପାତ୍ରଙ୍କର ଯୋଗ୍ୟତା ଉପରେ ଧ୍ୟାନ ରଖନ୍ତି । ସେଥିପାଇଁ ଆମେ ସମସ୍ତେ ନିଜକୁ ଈଶ୍ୱରଙ୍କ ଯୋଗ୍ୟ ପାତ୍ର ହେବାପାଇଁ ଉପରୋକ୍ତ କଥାକୁ ଧ୍ୟାନ ଦେବା ଉଚିତ୍ । ଆସନ୍ତୁ ସମସ୍ତେ ମିଶି ସେହି ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ଆମ ସମସ୍ତଙ୍କୁ ସଦବୁଦ୍ଧି, ସଦଜ୍ଞାନ, ସତ୍ ମାର୍ଗ ତଥା ସଦଗୁରୁଙ୍କ ଦ୍ୱାରା ପରିଚାଳିତ କରନ୍ତୁ । ଥରେ ଯଦି ମନୁଷ୍ୟ ଆଧ୍ୟାତ୍ମିକ ସ୍ତରକୁ ଉପନୀତ ହୋଇଯାଏ, ତାହେଲେ ସେ କେବେ ବି ଆଉ ପଛକୁ ଫେରି ଆସେନାହିଁ । ଆଧ୍ୟାତ୍ମିକ ସ୍ତରରେ ଥାଇ ମଧ୍ୟ ମନୁଷ୍ୟକୁ ଈଶ୍ୱର କଠିନରୁ କଠିନତର ପରୀକ୍ଷା ଦେବାପାଇଁ ଚାହାନ୍ତି । କାରଣ ସେ ତାଙ୍କର ଯୋଗ୍ୟ ପାତ୍ରର ମନ, ମୁନ ଓ ଚଇତନକୁ ନିଜ ଆୟତ୍ତରେ ରଖିବାପାଇଁ ଚାହାନ୍ତି । ସେହି ପରୀକ୍ଷା ସମୟରେ ଆମେ ଭାଙ୍ଗି ନଯାଇ ବରଂ ଦୃଢ ଭାବରେ ତାଙ୍କରି ପାଦ ପଦ୍ମକୁ ସ୍ମରଣ କରି ନିଜକୁ ସମର୍ପଣ କରିବା ଉଚିତ୍ । ଈଶ୍ୱର ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛି ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ତୁମ ରୂପ



ଅଲେଖ ମେହେର

ବିଲୋକ କୁରୁବିନ୍ଦ  ହସିଲୁ ମନ୍ଦ ମନ୍ଦ
ଲଗାଇ ଲପନେ ପ୍ରଲେପ,
ମଣିଣ କୁଶେଶୟ  ଚଣ୍ଡ ହେବ ଅଥୟ
ଭ୍ରମରେ ଭ୍ରମିବେ ମଧୁପ।
ଚକୁର ଘନ,
କୁଞ୍ଜ କୁଞ୍ଜ ଶ୍ୟାମଳ ବନ,
ବ୍ୟାକୋଶ କୁସୁମ ରତନ।

ବସନ୍ତ ଦୂତ ସ୍ୱର  ବସ୍ୱ କୁସୁମା କର
ବିଭୁଷଣ କୁସୁମ କାନ୍ତି,
କୋଜାଗର ବଦନ  ଜିଣେ କୋଟି ମଦନ
ବିଲୋକ ମନେ ଆସେ ଭ୍ରାନ୍ତି।
ତୁମ୍ଭେ କ ପରୀ  !
ଓହ୍ଲାଇଲ ମରତପୁରୀ,
କାମ ବାଣ ନକ୍ଷେପ କରି।

ଦଶନ ଦେଖି ହିର୍  ଲୋଡିଲ୍ କ ଆସର୍
ଲୁଚଲ୍ କ  ପାଷାଣ ଦେହେ,
ସ୍ୱୟଂଭୂ କୁଚଦ୍ୱୟ  କରିବ ର୍ଜ୍ୟ ଜୟ
ରସିକ ମନ ପ୍ରାଣ ମୋହେ।
ଗନ୍ଧବତୀ ରେ,
ଗଜଗମନା ତୋ ସ୍ୱରରେ,
କୋଇଲି  ର୍ଣୀ  ଝୁରି ମରେ।

ବି:ଦ୍ର- କୁରୁବିନ୍ଦ- ଦର୍ପଣ,ଲପନେ-ମୁଖରେ,କୁଶେଶୟ- ପଦ୍ମ,ଚକୁର- କେଶ,ବସନ୍ତଦୂ- କୋଇଲି,ବିଭୁଷଣ ପୁଷ୍ପ- ଛଣପୁଷ୍ପ,ବ୍ୟାକୋଶ କୁସୁମ- ପ୍ରସ୍ଫୁଟିତ ପୁଷ୍ପ,କୋଜାଗର- କୁମାର ପୂର୍ଣ୍ଣିମା।

ସୋହେଲା, ବରଗଡ

# କେବଳ କବିତା

ନରଞ୍ଜନ ସାହୁ

କବିତା ଲେଖିବା ସହଜ ନୁହଁଇ
କବିତା ଲେଖିବା କଷ୍ଟ
ସଭିଏଁ କହନ୍ତି କବିତା ଲେଖିମୋ
ଭବିଷ୍ୟତ ହେଲା ନଷ୍ଟ ।
କବିତା ବିନା ମୁଁ ବଞ୍ଚିପାରେ ନାହିଁ
ଭଲଲାଗେ ନାହିଁ କଛି
କବିତା ଲେଖିଲେ ଆତ୍ମା ତୃପ୍ତ ହୁଏ
ଗ୍ଲାନ ହୋଇଯାଏ ପୋଛି
ଲେଖି ନପାରିଲେ ଅଶାନ୍ତ ହୁଏ ମୁଁ
ଲେଖିଦେଲେ ଶାନ୍ତଶିଷ୍ଟ ।
କାହିଁକି କବିତା ମାୟା ଲଗାଇଲ
କବିଟିଏ ମୋତେ କଲ
ତୁମେ ହସିଦେଲେ ଆନମନା ମୁଁହି
ନ ହସିଲେ କଲବଲ
ତୁମକୁ ଟିକିଏ ଆଦର କରିଲେ
ଲାଗେ କଟିଗଲା ରିଷ୍ଟ ।

ନହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ଦୋଷ...??



ପଙ୍କଜିନ ଖେଇ

ସ୍ୱଭାବେ କଲର୍ ପିତା
ଯଦିଓ ଜିଭକୁ ମିଠା ହିଁ ପସନ୍ଦ
କିନ୍ତୁ..,
ଏ କି ଅଟଇ କଲର୍‌ର ଦୋଷ ?

ଝଡ ଅଟେ ହିଁ ଭୟଙ୍କର
ଯଦିଓ ତାଳ ଗଛ ଉପୁଡି ପଡେ
କିନ୍ତୁ ସାନ ଫୁଲ ଗଛଟି
ଯେମିତିକି ସେମିତି ଛିଡା ହେଇଯାଏ
ଝଡ କମିଗଲା ପରେ ।

ଜୀବନକୁ ସାତ ରଙ୍ଗରେ
ରଙ୍ଗେଇ ଦେଇ
ଜିଇଁବାର ଆଶା ସଭିଙ୍କର,
ରଂଗହୀନ ମଲ୍ଲୀ କିନ୍ତୁ
ନିତି ଫୁଟି ସଞ୍ଜବେଳେ
ବାସ୍ନାରେ ତା'ର ମହାକାଇ ଦିଏ
ଚଉଦିଗକୁ...।

ପଙ୍କ ପ୍ରିୟ ବୋଲି ଘୁଷୁରୀର
ଲଭେ ସଭିଙ୍କ ଅନାଦର,
ଯଦିଓ ସୁନ୍ଦରତା ସଭିଙ୍କୁ ପ୍ରିୟ
କିନ୍ତୁ ସୁନ୍ଦର ସୁକୋମଳ ପଦ୍ମ
ସେହି ପଙ୍କରୁ ହିଁ ଜାତ
ସଜ୍ଜନେ କହିବେ ଏଠି ଦୋଷ କାହାର ??

ଲାଞ୍ଜି, କେଗାଁ, କଳାହାଣ୍ଡି

# ସେ ମଣିଷ ରୂପୀ ଦେବୀଟିଏ

ଶରତ କୁମାର ପ୍ରଧାନ

ମାଗିନ ମୋତେ କେବେ କଛି
ଅନେକ କଛି ପାଇବାର ଆଶା ରଖିନାହିଁ ।
ମନ କଥା ବୁଝି ପାରେ ମୁହଁ ଗୁହିଁ
ଆଖିରେ ଲୁହ ଦେଖିଲେ ତା ହୃଦୟ
ତରଳ ଯାଏ
ଯଦି କେବେ କୁଆଡେ ଯାଇଥାଏ
ନ ଖାଇ ସେ ଅଧଗ୍ତି ଯାଏ
ମୋ ବାଟ ଗୁହିଁ ବସିଥାଏ ।
ତା ଭଲ ପାଇବାକୁ ତୁଳନା କରିବାକୁ
ମୋ ପାଖେ ଶବ୍ଦ ନାହିଁ
ତା ସ୍ନେହ ମମତା ଭଲ ପାଇବାରେ
କେବେ ସ୍ୱାର୍ଥ ନାହିଁ
ସେ ଆଉ କେହି ନୁହେଁ
ମୋତେ ଏ ଦୁନଆ ଦେଖେଇ ଥିବା
ମନଷ ରୂପୀ ଦେବୀଟିଏ
ଦଶ ମାସ ଗର୍ଭରେ ଧରି ମୋତେ ଜନ୍ମ
ଦେଇଥିବା ମୋ "ମା" ସିଏ... ॥

# ଅବୁଝା ପ୍ରେମିକା



ଶିଶିର କୁମାର ଦଳାଇ

ପ୍ରେମ ପ୍ରଦାୟିନୀ  ପ୍ରେମ ଦାନ କରି
ଗ୍ଲିଗଲ କେଉଁ ଦେଶ,
ତୁମ ପ୍ରତୀକ୍ଷାରେ  ବିଚଳତ ହୋଇ
ପ୍ରାଣ ମୋ ହେଲ୍ଣି ଶେଷ ।
ଅନ୍ଧକାର ଗୃହେ  ଆଲ୍ୋକ ଖୋଜୁଛି
ଦିଶୁଛି ତୁମରି ମୁଖ,
ଆଲ୍ୋକ ପଛରେ  ଧାଇଁ ଧାଇଁ ପ୍ରିୟା
ପାଇଲିଣି କେତେ ଦୁଃଖ ।
ଭ୍ବନା ର୍ଜ୍ୟରେ  ଭ୍ବୁକ ସାଜିଛି
ପ୍ରେମର ସ୍ପର୍ଶ ପାଇଁ,
ମାୟାବିନୀ ହୋଇ  ପ୍ରେମର ବୃକ୍ଷରେ
ବସା ବାନ୍ଧିଲ କାହିଁ ।
ଅଭୁଲ୍ ସ୍ମୃତିକୁ  ସଂରକ୍ଷଣ କରି
ରଖିଅଛି ଗୋଟେ ଘରେ,
ଯଦି କେବେ ତୁମେ  ଫେରିଆସ ପ୍ରିୟା
ଦେଖିବ ନିଶ୍ଚୟ ଥରେ ।
ବୁଝିଯାଅ ଥରେ  ଅବୁଝା ପ୍ରେମିକା
ପ୍ରେମକୁ ପାଥେୟ କରି,
ସମୟ ଆସିବ  ପ୍ରେମିକ ନଥିବ
ପ୍ରେମ ଯିବ ତୁମ ମରି ।

ପାଇକସାହି,ବ୍ରହ୍ମଗିରୀ,ପୁରୀ

# ଲାଲ ଗୋଲାପ



ନିବେଦିତା ମହାପାତ୍ର

ସେଦିନ ଶୋଭିତ୍ ର କଲେଜରେ ପ୍ରଥମ ଦିନ। ନିଜ ସହର ଛାଡ଼ି ନୂଆ ଆସିଥିବାରୁ ତା'ର ସେଠି କେହି ପରିଚତ ନଥିଲେ। ନିଜକୁ ଖୁବ୍ ଏକା ଲାଗୁଥିଲେ ବି ତା' ଲକ୍ଷ୍ୟ ପୂରଣର ଇଚ୍ଛା ତାକୁ ପ୍ରେରଣା ଯୋଗାଇଥିଲା ପରିସ୍ଥିତି ସହ ଖାପଖୁଆଇ ଚଳବାକୁ। ପ୍ରଥମ କରି ସେ କଲେଜର ଏତେ ବଡ଼ ଅଡିଟୋରିୟମରେ ଯାଇ ବସିଲା ଯେଉଁଠି ନୂଆ ଆସିଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। କିଛି ସମୟ ଏକାକୀ ବସିବା ପରେ ପାଖରେ ଥିବା ପିଲାଙ୍କ ସହ କଥା ହେଇ ସାଙ୍ଗ ହେବାକୁ ଚେଷ୍ଟା କଲା। ଠିକ୍ ସମୟରେ ଉତ୍ସବ ଆରମ୍ଭ ଓ ଶେଷ ହେଲା। ଏହି ଉତ୍ସବରେ ସେ ଗୋଟିଏ ଭଲ ସାଙ୍ଗ ପାଇଗଲା ତା' ନାଁ ମୋହିତ୍। ସୌଭାଗ୍ୟକୁ ସେମାନେ ହଷ୍ଟେଲରେ ଗୋଟିଏ ରୁମରେ ବି ରହିଲେ।

ଶୋଭିତ୍ +୨ ରେ ଭଲ ନମ୍ବର ରଖି ପାସ୍ କରିଥିବାରୁ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାରେ ବି ଭଲ ସ୍ଥାନ ପାଇଥିବାରୁ ଖୁସି ହୋଇ ତା' ବାପା ତାକୁ ଇଂଜିନିୟରିଂ ପଢେଇବା ପାଇଁ ରାଜି ହେଇଥିଲେ। ଶୋଭିତ୍ ର ବାପା ଜଣେ ସାଧାରଣ ସରକାରୀ କର୍ମଚାରୀ ଥିଲେ। ତା'ର ଇଂଜିନିୟରିଂ ନାମ ଲେଖା ପାଇଁ ଟଙ୍କାର ଅଭାବ ହେବାରୁ ସେ ନିଜ ସାତ ପୁରୁଷରୁ ଥିବା ଗାଁର ଜମି ବିକ୍ରି କରି ଦେଇଥିଲେ। କେବଳ ମାତ୍ର ଏତିକି ଆଶାରେ ଗୋଟିଏ ବୋଲି ପୁଅ କେମିତି ଭଲ ପାଠ ପଢି ମଣିଷ ହେଇଯାଉ। ଶୋଭିତ୍ ବି ବାପାଙ୍କ ସ୍ୱପ୍ନ ପୁରା କରିବାର ଲକ୍ଷ୍ୟ ନେଇ ନିଜ ସହର ଓ ପ୍ରିୟ ପରିଜନଙ୍କୁ ଛାଡ଼ି ଏଠି ହଷ୍ଟେଲରେ ରହି ପାଠ ପଢ଼ିବା ପାଇଁ ଆସିଛି; ହେଲେ କିଏ ଜାଣିଥିଲା ତା'ର ଏ ସ୍ୱପ୍ନ ପୁରା ହେବା ପୂର୍ବରୁ ଅମାବାସ୍ୟାର କାଳମାରେ ହଜିଯିବ ବୋଲି।

ଗୋଟିଏ ସପ୍ତାହ କଲେଜ ହଷ୍ଟେଲରେ ଖୁବ ଆରାମରେ ଆଉ ଶାନ୍ତିରେ ବିତିଗଲା। କିନ୍ତୁ ତା' ପରେ ଯାହା ଘଟିଲା ସେଥିରେ ଶୋଭିତ୍ ର ଜୀବନ ପୁରା ବଦଳି ଗଲା। ସପ୍ତାହକ ପରେ ହଷ୍ଟେଲରେ ସିନିୟର୍ ବ୍ୟାଚ୍ ପିଲାମାନେ ନୂଆ ଆସିଥିବା ପିଲାମାନଙ୍କୁ ସ୍ୱାଗତ କରିବା ପାଇଁ ଏକ ଭୋଜି ଆୟୋଜନ କଲେ। ଏଥିରେ ସମସ୍ତେ ଖୁସିରେ ଅଂଶଗ୍ରହଣ କଲେ। ଏହି ଭୋଜିରେ ସିନିଅର ପିଲାମାନେ ପ୍ରଥମେ ନୂଆ ପିଲାମାନଙ୍କୁ ଗୋଟିଏ ଲେଖାଏଁ ଲାଲ ଗୋଲାପ ଉପହାର ଦେଲେ। ଏମିତି ବି ଆରମ୍ଭରୁ ଲାଲ୍ ଗୋଲାପ ଶୋଭିତ୍ ର ବହୁତ ପସନ୍ଦ। ସେ ସେହି ଗୋଲାପ ପାଇଁ ଖୁସିରେ ଆତ୍ମହରା ହେଇପଡିଲା। ଗୋଲାପର ବାସ୍ନା ଆଘ୍ରାଣ କରିବାକୁ ସେ ଯେତେବେଳେ ଶୁଙ୍ଘିଲା ତାକୁ କେମିତି ଗୋଟେ ଅଲଗା ଅଲଗା ଲାଗିଲା। ସେ ବାରମ୍ବାର ତାକୁ ଶୁଙ୍ଘିଲା। ତା' ପରେ କ'ଣ ହେଲା ଜଣାନାହିଁ।

ସକାଳୁ ସକାଳୁ ମୋହିତର ଡାକରେ ନିଦ ଭାଙ୍ଗିଲା ଶୋଭିତ୍ ର। ସେ ଉଠିବାକୁ ଚେଷ୍ଟା କରିଲା ହେଲେ ତା' ମୁଣ୍ଡ ଖୁବ୍ ଭାରି ଭାରି ଲାଗୁଥିଲା। ବହୁତ କଷ୍ଟରେ ସେ ଉଠି ବସିଲା ଓ ଦେଖିଲା ଘଣ୍ଟାରେ ନଅଟା ବାଜିଲାଣି। ଓଃ ଏତେ ଡେରି ହେଲାଣି, ମୁଁ ଶୋଇଛି। ସେପଟେ ସାର୍ଟ ପିନ୍ଧୁ ପିନ୍ଧୁ ମୋହିତ କହିଲା, "ହଁ ଜଲଦି ଉଠ। କ୍ଲାସ୍ ପାଇଁ ଡେରି ହେଲାଣି।" ଶୋଭିତ୍ କୁ ଟିକେ ଅଡୁଆ ଲାଗିଲା। ତଥାପି ନିତ୍ୟକର୍ମ ସାରି ସେ କଲେଜ ଯିବାକୁ ବାହାରିଲା। ତା' ମନକୁ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ କରୁଥିଲା କାଲି ରାତିରେ କ'ଣ ସବୁ ଘଟିଲା**???**

କଲେଜରୁ କ୍ଲାସ ସାରି ଫେରିବା ପରେ ସେ ମୋହିତକୁ ଡାକି କାଲିର ଘଟଣା ସଂପର୍କରେ ପଚାରିଲା। ମୋହିତ ବି ପୁରା ବେପରୁଆ ଭାବେ କହିଲା, "କ'ଣ ହେବ କିଛି ନାହିଁ। ଭୋଜି ହେଲା, ନାଚ ଗୀତ ଆଉ ମଜା କରି ଆମେ ରୁମକୁ ଆସିଲେ। ସବୁଠୁ ଭଲ କଥା କ'ଣ ଜାଣିଛୁ ତୁ ତ କାଲି ଯେମିତି ନାଚିଲୁ ସମସ୍ତେ ପୁରା ଆଶ୍ଚର୍ଯ୍ୟ ହୋଇଗଲେ।" ଏକଥା ଶୁଣି ନିଜେ ଶୋଭିତ୍ ବି ଆଶ୍ଚର୍ଯ୍ୟ ହୋଇଗଲା। କାରଣ ସେ ନାଚ କ'ଣ ଜାଣିନି। ଆଗରୁ ସେ କେବେ ନାଚିଛି କାହିଁ ତା'ର ତ ମନେ ପଡୁନି। ସେ କିଛି ବୁଝିପାରୁ ନଥିଲା ତା' ସହ କ'ଣ ସବୁ ହେଉଛି।

ଏମିତି ଏକ ଭାରାକ୍ରାନ୍ତ ମନ ନେଇ ସେ ହଷ୍ଟେଲ ଛାତ ଉପରକୁ ଗଲା। ସେଠି ପୂର୍ବରୁ ତାଙ୍କ ଉପର ବ୍ୟାଚ୍ ର କିଛି ଛାତ୍ର ଉପସ୍ଥିତ ଥିଲେ। ସେମାନେ ଶୋଭିତ୍ କୁ ଆସିବା ଦେଖି ଟିକେ ଶଙ୍କି ଗଲେ। ସେମାନଙ୍କ ମଧ୍ୟରୁ ଜଣେ ବଡ଼ ପାଟିରେ ଚିତ୍କାର କରି କହିଲା, "ହେ କାହାକୁ

ପଚାରି ଉପରକୁ ଆସିଲୁ। ତୁ ଜାଣିନୁ ଏଠି ଜୁନଅର ପିଲାମାନେ ଉପରକୁ ଆସିବା ମନା।" ଶୋଭିତ୍ ଟିକେ ଡରିଯାଇ କହିଲା, "କ୍ଷମା...କରିବେ ଭାଇ, ମୁଁ ଜାଣି ନଥିଲି।" ଏତିକ କହି ସେ ଫେରି ଆସୁଥିବା ବେଳେ ଆଉ ଜଣେ ତାକୁ ପଛପଟୁ ଡାକ କହିଲା, "ଆରେ ତୁ ସେଇ ପିଲା ନା ଯିଏ ଭେଜି ଦିନ ବଢ଼ିଆ ନାଚ କଲୁ।" ଏତିକ ଶୁଣୁଶୁଣୁ ଶୋଭିତ୍ ପୁଣି ଆଶ୍ଚର୍ଯ୍ୟ ହୋଇଗଲା। ସତରେ କ'ଣ ମୁଁ ସେଦିନ........। ନା ନା ମୋର ତ କଛି ମନେ ପଡୁନ। ଖୁବ୍ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା ଶୋଭିତ୍। କ'ଣ ସବୁ ହେଉଛି ମୋ' ସହ କଛି ଜାଣି ପାରୁନ।

ଏତିକ ବେଳେ ଆଉ ଜଣେ ଆସି ତା'ର କାନ୍ଧରେ ହାତ ରଖିଲା। ବୁଲି ଚାହିଁଲା ଶୋଭିତ୍, ଆରେ ସତରେ ବହୁତ ଭଲ ନାଚଲୁ। ଏଥର ଶୋଭିତ ସାହାସ ସଞ୍ଚୟ କରି କହିଲା, "ଭାଇ ସେଦିନ ସେ ଫୁଲ ଶୁଙ୍ଘିଲା ପରେ ମୋ'ର କ'ଣ ହେଲା କଛି ମନେ ନାହିଁ।" ଶୋଭିତ୍ ଠାରୁ ଏ କଥା ଶୁଣି ସମସ୍ତଙ୍କ ମୁହଁର ହସ କୁଆଡେ ଉଭେଇଗଲା। ସେମାନେ ପରସ୍ପରକୁ ଖାଲି ଅନେଇଲେ। ସତେ ଯେମିତି ବିରାଟ ବଡ ଗୁମର କଥା ପଚାରି ଦେଇଛି ଶୋଭିତ୍। କଛି ସମୟ ନୀରବ ରହିବା ପରେ ସେମାନଙ୍କ ମଧ୍ୟରୁ ଜଣେ ପଚାରିଲା, "ତତେ ଭଲ ଲାଗିଲା କ?" ତାଙ୍କ ମୁହଁକୁ ଚାହିଁ କହିଲା, "ହଁ ମତେ ତ ଗୋଲାପ ବହୁତ ଭଲ ଲାଗେ। ହେଲେ ତା'ର ସୁଗନ୍ଧ ଅଲଗା ଅନୁଭବ ହେଲା।"

ସେମାନେ ପରସ୍ପରକୁ ପୁଣି ଚାହିଁ କହିଲେ, "ତୁ ଯଦି ଚାହିଁବୁ ତାହେଲେ ଆମେ ସେମିତି ଗୋଲାପ ତତେ ସବୁଦିନେ ଆଣି ଦେଇପାରିବୁ।" ହଁ, ତା ତ ଭଲ କଥା। ମତେ ଆଣିଦିଅ; ହେଲେ ସେଇଟା ଅଲଗା କାହିଁ ଲାଗିଲା କହିଲେନ ତ।" ସେମାନଙ୍କ ମଧ୍ୟରୁ ଜଣେ ହସିହସି କହିଲା ତୁ ବୁଝିପାରିବୁନ ସେଇଟା ପରା ଆମ ସହର ଗୋଲାପ। ଏହାପରେ ସମସ୍ତ ହସିବାକୁ ଲାଗିଲେ। ଶୋଭିତ୍ ସରଳ ପ୍ରକୃତିର ହୋଇଥିବାରୁ ସେ କଛି ନ ବୁଝି ମଧ୍ୟ ହସି ସେଠାରୁ ଚାଲି ଆସିଲା।

ତା ପରଦିନ ଠାରୁ ସେହି ପିଲାମାନଙ୍କ ମଧ୍ୟରୁ ଜଣେ ସବୁଦିନ ଆଣି ଗୋଟିଏ ଲେଖାଏଁ ଲାଲ ଗୋଲାପ ଶୋଭିତ୍ କୁ ଦେଇଯାଏ। ସେ ବହୁତ ସମୟ ଧରି ସେ ଫୁଲକୁ ଶୁଙ୍ଘେ।ଏକ ଅଜବ ଅନୁଭବ ହୁଏ ତାକୁ। ମୋହିତ ଅନେକ ଥର ମନା କରିଛି ସେ ଫୁଲ ନ ଶୁଙ୍ଘିବାକୁ। କାଳେ କଛି କୀଟ ସେଥିରେ ଥିବେ ବୋଲି; ହେଲେ ସେ ଏତେ ଅଭ୍ୟସ୍ତ ହୋଇଯାଇଥିଲା ଯେ ସେ କଛି ବି ଶୁଣୁ ନଥିଲା। ଏହି ପ୍ରକ୍ରିୟା ମାସ ମାସ ଧରି ଚାଲିଲା। କୌଣସି ଦିନ ଫୁଲ

ମିଳବା ଡେରି ହୋଇଗଲେ କ ନ ମିଳଲେ ସେ ପୁର୍ା ପାଗଳ ହେଇଯାଉଥିଲ୍। ସେ ସାଙ୍ଗେ ସାଙ୍ଗେ ଯାଇ ସେହି ପିଲ୍ମାନଙ୍କ ପାଖରେ ପହଞ୍ଚି ଯାଉଥିଲ୍। ଏବେ ତ ସେମାନେ ଫୁଲ ବାବଦକୁ ତା' ଠାରୁ ଟଙ୍କା ଆଦାୟ କରିବା ଆରମ୍ଭ କରି ଦେଇଥିଲେ।

ଏମିତି ଧିରେ ଧିରେ ତା' ପାଠପଢାରେ ମଧ ବ୍ୟାଘାତ ସୃଷ୍ଟି ହେଲ୍। ବିଦ୍ୟାଳୟ ସମୟରୁ ଭଲ ଛାତ୍ର ଥିବା ଶୋଭିତ୍ କୁପଥଗାମୀ ହୋଇ ସାରିଥିଲ୍। ତା'ର ଅଜାଣତରେ ସେହି ପିଲ୍ମାନେ ତାକୁ ଏକ ଧ୍ୱଂସ ପଥର ପଥିକ ସଜାଇ ସାରିଥିଲେ। ଏଥିପାଇଁ ଶୋଭିତ୍ ଅନେକ ଟଙ୍କା ଖର୍ଚ୍ଚ କରିସାରିଥିଲ୍ ଆଉ ନଜ ଲକ୍ଷ୍ୟ ମଧ ସେ ଭୁଲି ସାରିଥିଲ୍।

ଏମିତି କଛି ମାସ ଯିବା ପରେ ଦିନେ ହଠାତ୍ ଆଉ ଲ୍ଲ୍ ଗୋଲ୍ପ ମିଳବନ ବୋଲି ସିଧା ମନା କରିଦେଲେ ସେମାନେ। ଖୁବ୍ ବ୍ୟସ୍ତ ହେଇ ପଡ଼ିଲ୍ ଶୋଭିତ୍। ବହୁତ କାକୁତି ମିନତି କଲ୍; ହେଲେ କେହି ଶୁଣିଲେ ନାହିଁ। ଶେଷରେ ନରାଶ ହେଇ ସେ ନଜ ରୁମକୁ ଆସିଲ୍। ତାକୁ କଛି ଭଲ ଲ୍ଗୁ ନ ଥାଏ। ଛୁଟି ଥିବାରୁ କଲେଜ ନ ଯାଇ ସେ ଶୋଇବାକୁ ଚେଷ୍ଟା କରୁଥିଲ୍; କନ୍ତୁ ସେ ଶୋଇ ପାରିଲ୍ନ। ବେଳକୁ ବେଳ ତା'ର ଦେହ ଖରାପ ହେବାକୁ ଲ୍ଗିଲ୍। ସେ ପୁର୍ା ଅଣନଃଶ୍ୱାସୀ ହେଇ ଯାଉଥିଲ୍। ପାଗଳ ପ୍ରାୟ ସେ ଘର ସାରା ବୁଲି ଭରି କଷ୍ଟ ପାଉଥିଲ୍। ମଝିରେ ମଝିରେ ସେ ଚତ୍କାର କରି କାନ୍ଦି ପକାଉଥିଲ୍।

ଶୋଭିତ୍ ର ଏକ ଅବସ୍ଥା ଦେଖି ମୋହିତ କଛି ବୁଝିପାରୁ ନଥିଲ୍। ସେ ବହୁତ ଚେଷ୍ଟା କରି ବି ତାକୁ ଆୟତ୍ତ କରିପାରିଲ୍ ନାହିଁ। ଶେଷରେ ବାଧ ହେଇ ହଷ୍ଟେଲ ପରିଚ୍ଚଳନା ଦାୟିତ୍ୱରେ ଥିବା ସାର୍ ଙ୍କୁ ଜଣାଇଲ୍। ସେ ତୁରନ୍ତ ଆମ୍ବୁଲାନ୍ସରେ ତାକୁ ଡାକ୍ତରଖାନା ନେଲେ। ଶୋଭିତ୍ ର ଘରକୁ ଖବର ଗଲ୍। ଖବର ପାଇ ତା'ର ବାପା, ମା', ଦାଦା ସମସ୍ତେ ଆସି ଡାକ୍ତରଖାନାରେ ପହଞ୍ଚିଲେ। ସେତେବେଳକୁ ଶୋଭିତ୍ ର ଚକତ୍ସା ଆରମ୍ଭ ହେଇସାରିଥିଲ୍। କନ୍ତୁ ପ୍ରାଥମିକ ପର୍ଯ୍ୟାୟର ରକ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ଯାହା ଜଣାପଡିଲ୍ ସେଥିରେ ସମସ୍ତେ ପୁର୍ା ହତବାକ୍ ହେଇ ପଡ଼ିଲେ। ସତେ ଯେମିତି ଆକାଶଟା ତାଙ୍କ ଉପରେ ଖସି ପଡିଲ୍।

ଶୋଭିତ୍ ର ରକ୍ତ ପରୀକ୍ଷାରୁ ଜଣାପଡିଲ୍ ଯେ, ସେ ଡ୍ରଗ୍ସ ସେବନ କରୁଛି। ଅତ୍ୟଧିକ ଡ୍ରଗ୍ସ ଯୋଗୁଁ ତା'ର କଛି ଆଭ୍ୟନ୍ତରୀଣ ଅଙ୍ଗ ମଧ ଖରାପ ହେବାକୁ ଲ୍ଗିଲ୍ଣି। କେହି ବିଶ୍ୱାସ କରିପାରୁ ନ ଥିଲେ ଶୋଭିତ ଭଳ ଶାନ୍ତ ସରଳ ପିଲ୍ ପୁଣି ଡ୍ରଗ୍ସ ସେବନ କରୁଛି !!

ଘଟଣାର ସତ୍ୟତା ଜାଣିବା ପାଇଁ ଯେତେବେଳେ ହଷ୍ଟେଲର ପରିଚାଳକ ମୋହିତକୁ ଏ ବିଷୟରେ ପଚାରିଲେ ସେ ଶୋଭିତ୍ ସେମିତି କିଛି ନିଶା ସେବନ କରୁଥିବା କଥା ସେ ଜାଣିନି ବୋଲି କହିଲା; ହେଲେ ପ୍ରତ୍ୟେକ ଦିନ ସେ ଗୋଟିଏ ଲାଲ୍ ଗୋଲାପ ବହୁତ ସମୟ ଧରି ଶୁଙ୍ଘିବାର ସେ ଦେଖିଛି ଆଉ ଏ ଗୋଲାପ ସେ ସିନିଅର ଭାଇମାନଙ୍କ ପାଖରୁ ଆଣୁଥିବାର ସେ ସୂଚନା ମଧ୍ୟ ଦେଲା।

ଏବେ ଖୋଜା ଚାଲିଲା ସେଇ ପିଲାମାନଙ୍କୁ ଯିଏ ସେ ଗୋଲାପ ଆଣି ଦେଉଥିଲେ। ସମସ୍ତଙ୍କୁ ଠାରୁ ତଥ୍ୟ ସଂଗ୍ରହ ପରେ ଧରା ପଡିଲେ ସେଇ ଚାରି ଜଣ ପିଲା ଯେଉଁମାନେ ଶୋଭିତ୍ କୁ ସେଇ ଗୋଲାପ ଆଣି ଦେଉଥିଲେ ଏବଂ ବାରମ୍ବାର ପଚାରିବା ପରେ ସତ ମାନିଥିଲେ ଯେ ସେଇ ଲାଲ ଗୋଲାପରେ ଡ୍ରଗ୍ସ ଭରି ସେମାନେ ଶୋଭିତ୍ କୁ ଦେଉଥିଲେ। ଏହାପରେ କଲେଜ କର୍ତ୍ତୃପକ୍ଷଙ୍କ ସହାୟତାରେ ସେ ପିଲାମାନଙ୍କୁ ପୋଲିସ ହେପାଜତରେ ଦିଆଗଲା ଓ ସମସ୍ତ ଘଟଣାର ତଦନ୍ତ ଆରମ୍ଭ ହେଲା।

ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ସ୍ଥାନରେ ଏଭଳି ଘଟଣା ନିନ୍ଦନୀୟ ଅଟେ। ଏମିତି ଅନ୍ୟର ବିଶ୍ୱାସରେ ବିଷ ଦେଇ ଠକୁଥିବା ଛାତ୍ରମାନଙ୍କ ଠାରୁ ସମସ୍ତେ ଦୁରେଇ ରହିବା ଉଚିତ୍। ଶୋଭିତ୍ ଆଜି ହସ୍ପିଟାଲରେ। ମାତ୍ରାଧିକ ଡ୍ରଗ୍ସ କାରଣରୁ ତା'ର ଗୋଟିଏ କିଡନୀ ଓ କିଛି ଶିରା ପ୍ରଶିରା ବି ପୁରା ନଷ୍ଟ ହେଇଯାଇଛି। ଏବେ ସେ ଜୀବନ ମରଣର ଦୋ ଛକରେ ଠିଆ ହୋଇଛି। ବାପା ମା'ଙ୍କ ସ୍ୱପ୍ନ ସାକାର କରିବା ପାଇଁ ସହର ଆସିଥିବା ଶୋଭିତ୍ ର ସବୁ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି।

ଶୋଭିତ୍ ଭଳି ଅନେକ ସରଳ ବିଶ୍ୱାସୀ ପିଲାମାନେ ଆଜି ବି ଏମିତି ଡ୍ରଗ୍ସ ମାଫିଆଙ୍କ କବଳରେ ପଡ଼ି ନିଜ ଜୀବନ ଓ ଭବିଷ୍ୟତକୁ ଅନ୍ଧକାର ଭିତରେ ଠେଲି ଦେଉଛନ୍ତି। ତେଣୁ ନିଜେ ସତର୍କ ହେଇ ଅନ୍ଧଭାବେ ଅନ୍ୟକୁ ବିଶ୍ୱାସ କରିବା ଅପେକ୍ଷା କିଛି କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବା ବୁଦ୍ଧିମାନର କାମ।

ମୁକୁନ୍ଦ ମିଶ୍ର ନଗର, ପୁରୀ

# କଥା ଦେଇଥିଲ



ଶିଶିର କୁମାର ପଣ୍ଡା

▪▪▪▪▪▪

କଥା ଦେଇଥିଲ ତୁମେଗୋ ଆସିକ
ମଉଳା ଫୁଲରେ ଭରିବ ବାସ
ଶ୍ରାବଣ ଫେରିଲ୍ ତୁମେ ଆସିଲନ
କେଉଁଠି ରଚଲ ଏକାନ୍ତ ବାସ ?
ଝୁରୀ ଝୁରୀ ଆଜି ତୁମକୁ ପ୍ରେୟସୀ
ସଜାଉଛି ବସି ବିରହ ଗୀତି
ସମୟ୍ ଅବଶ୍ୟ କହିବ ତୁମକୁ
ପ୍ରେମରେ ନହାରି ଯାଇଛି ଜିତି ।
ପାଗଳ ସାଜିଛି ତୁମରି ପାଇଁ ମୁଁ
ତଥାପି ନାହିଁ ମୋ ମନରେ ର୍‌ଗ
ଗୃହିଁନ କେବେ ମୁଁ ପିନ୍ଧେଇ ଦେବାକୁ
ତୁମରି ମଥାରେ କଳଙ୍କ ଦାଗ ।

କୁଆଁସ, ମେରଦା କାଟିଆ , ଯାଜପୁର

# କଚ୍ଛି ଆଶା

ରାଜଲକ୍ଷ୍ମୀ ତ୍ରିପାଠୀ

ଶ୍ରାବଣ ଝରେଇଛି ଅନେକ ଲୁହ
ସମାଜ ଛାତିରେ ଅସରନ୍ତି କୋହ
ଯାଉ ଏବେ ଗ୍ରୀଷ୍ମର ତୃଷ୍ଣା
ହେଉ ଏକ ବସନ୍ତର ବାସ୍ନା ।
ଆସୁ ଯେତେ ଝଡଝଞ୍ଜା
ମହାବାତ୍ୟା ମହାମାରୀ
ଅବା ଆସୁ ଅସୁମାରୀ ବାଧା
ହାରିବାନ ଆମେ ରଖିଥିବା
ଆଶା ଆଉ ଏକ ସୁନେଲୀ ସକାଳ ।
ନଶ୍ୱାସକୁ ତ ନାହିଁ ବିଶ୍ୱାସ
ସେ ବିଶ୍ୱାସେ କ ଅବା ଭରଷା
ଲାଗିଯାଏ ନଆଁ ଦିଶେନ ବି ଧୂଆଁ
ଯଦି ତୁଟିଯାଏ ଜୀବନର ଆଶା ।
ତେବେ ଆକାଶର ଶୂନ୍ୟତାକୁ ନମାପି
ସାଗର ଗଭୀରତାକୁ ନ ଦେଖି
ଆସ ଯିବା ଗ୍ଭଲି ସ୍ନେହ ମମତାରେ
ପ୍ରତିଟି ସ୍ପନ୍ଦନ ହେଉ ତ୍ୟାଗ ଓ ବିଶ୍ୱାସର ।

# ଦେବୀ

ସଂଯୁକ୍ତା ସାହୁ

ମୁଁ ଦେବୀ
ମୁଁ ଜ୍ୟୋତି
ମୁଁ ଆଲୋକ
ମୁଁ ବିନ୍ଦୁ
ମୁଁ ସିନ୍ଧୁ
ମୁଁ ନତ୍ୟ
ମୁଁ ଅନତ୍ୟ
ମୁଁ ସତ୍ୟ
ମୁଁ ଅନନ୍ତ
ମୁଁ ବ୍ରହ୍ମ
ମୁଁ ସ୍ରଷ୍ଟାରେ
ମୁଁ ଦ୍ରଷ୍ଟାରେ
ମୁଁ ପ୍ରେମମୟୀ
ମୁଁ ଜ୍ୱାଳାମୁଖୀ
ମୁଁ ଦଶପ୍ରହାରିଣୀ
ମୁଁ ମହିଷାମର୍ଦ୍ଦିନୀ
ମୁଁ କାତ୍ୟାୟିନୀ
ମୁଁ ପ୍ରେମସ୍ୱରୂପିଣୀ
ମୁଁ ନାରାୟଣୀ



ମାଟିଘର(ଉପସଭାପତି)
ରାହାମା, ଜଗତସିଂହପୁର

# କେମିତି ଭୁଲିବି ତୁମକୁ



ସେବାକାନ୍ତ ନନ୍ଦ

କେମିତି ଭୁଲିବି ତୁମକୁ
ଦେଖା ହେଲା ଯେବେ ତୁମ ସାଥିରେ
ବାର ବର୍ଷ ବାର ମାସ ବାର ତାରିଖରେ
କଥା ହେଲା ଯେବେ ରାତିରେ
ନଜର କରିନେଲି ତୁମକୁ ସେଦିନ
ତୁମ ନାଁ ଲେଖି ମୋ ଛାତିରେ
କେମିତି ଭୁଲିବି ହେ ପ୍ରିୟେ ତୁମକୁ
କଥା କହି କଣିନେଲ ମୋ ଅଧା ହୃଦୟକୁ
ଭୁଲି ମୁଁ ପାରୁନ ତୁମରି କଥା
ରାତି ପଛେ ଯାଏ ସରି
ରାତି ବାରଟାରେ ଫୋନ କରେ ତୁମକୁ
ମିସ୍ କଲ ଥରେ ଦେଲେ ମାରି
ମିସଡ୍ କଲ୍, ରିସିଭଡ୍ କଲ୍, ଡାଏଲଡ୍ କଲ୍,
ସବୁଥିରେ ଖାଲି ସୁଧା
ମନରେ ଚାହୁଁଛି ତୁମକୁ ପାଇବାକୁ
ହୃଦୟେ ମୋ କେବେ ନଦେବ ବାଧା
ଦେଖିବାକୁ ଚାହେଁ ତୁମରି ବଦନ
ଦେଖି କେବେ ପାରେନା
କଥା କହୁ କହୁ ସାଥି ହୋଇଗଲ
ସାଥେ କେବେ ହେବ କହନା ।
ତୁମ ଗୋଲାପି ଓଠର ମୁରୁକ ହସ
କେମିତି ମୁଁ ଭୁଲିବି
ତୁମେ ଯଦି ସାଥି ଫୋନ ନକର ରାତି
ତୁମ ବିନା କହ କେମିତି ବଞ୍ଚିବି ।

ବନ୍ଧପାଲି, ବଲାଙ୍ଗିର

# ସନ୍ଧାନ ର ବାଟ



ସଂଗ୍ରାମ ମହାରଣା

ସତରେ କଣ ଜୀବନ ଟା କେବଳ
ଖାଲି ନିଜ କୁ ପ୍ରଶ୍ନ କରିବା ପାଇଁ,
ଆଉ ଅପେକ୍ଷା କରିବା ପାଇଁ,
ହେଇ ପାରେ
ସେ ବି ତୁମ କୁ ଆଉ କେଉଁଠି ଅପେକ୍ଷା କରିଥିବ,
ହେଇ ପାରେ ତୁମ ପ୍ରଶ୍ନ ର ଉତ୍ତର ତା ହାତ ମୁଠାରେ ଥିବ,
ତୁମ କୁ ଆଗକୁ ଯିବା କୁ ହେବ,
ତାଙ୍କୁ ବି ତୁମ ଦେଇ ଯାଉଥିବା ବାଟ ଆଡକୁ
ମନ ବଳେଇବାକୁ ହେବ,
ହେଇ ପାରେ ସେ ରାସ୍ତା ର ଖୁବ୍ ନିକଟରେ ଦୁହେଁ ଦୁହିଁଙ୍କୁ ପାଇବ,
ବାକି ରହିଲ୍ ସେ ଅମାବାସ୍ଯା ଆଉ ପୂର୍ଣ୍ଣିମା
ଆଉ ସେ ଅନ୍ଧାର ରାତି ଆଉ ଜ୍ୟୋଛ୍ନା,
ହଉ ସେ କଇଁ ଆଉ ଚାନ୍ଦ
କି ହଉ ସେ ବାସି ତୋରାଣି ଆଉ ଅଇଁଠା ରୁଟି ର ଅଭିମାନୀ ଛନ୍ଦ,
ଏ ସବୁ ତୁମ କୁ ଅପେକ୍ଷା କରି ନଥିଲେ
ତୁମେ ତାଙ୍କ ଆଡକୁ ଆଉ ସେ ତୁମ ଆଡକୁ ଆସିଥିଲେ,
ଯୋଡି ହବା ପାଇଁ
ବର୍ଣ୍ଣାଳୀ ରେ ଏକାକାର ହବା ପାଇଁ,
ଠିକ୍ ଯେମିତି ତୁମ ଭାଷା ରେ
ସ୍ରୋତ ନଦୀର

ପାଣି ଶୋଷ ର,
ଠିକ୍ ସେମିତି
ନିଜକୁ ଥକା ମେଣ୍ଟେଇବା ପାଇଁ ଆଶ୍ରା ଏକ କାନ୍ଧ ର,
ଛାଡି କି ରହି ପାରିବ ବିଶ୍ରାମ ବିନା
ଏଠି ପା କେବଳ ସ୍ୱପ୍ନ ଦୁନିଆ
ତା ଭିତରେ ନିଜ କୁ କନ୍ଦେଇବା ସମ୍ପୂର୍ଣ୍ଣ ମନା,
ଗ୍ବଲ ଉଠ ଆଉ ଠିଆ ହୁଅ
ସେଇ ପର୍ବତ ର ଉଚ୍ଚ ଶୀଖରକୁ ଦେଖ
ହେଇପାରେ ସେଠି କି ଯାଇ ପହଞ୍ଚିବା ପୂର୍ବ ରୁ
ପବନ ବି ତୁମ ଆଡ କୁ ଆସି ପାରେ
ସାଥିରେ ତୁମ ସବୁ ଉତ୍ତର ବି ଆଣି ପାରେ ...

ଇନ୍ଦୁପୁର ,କେନ୍ଦ୍ରାପଡ଼ା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପିତୃପକ୍ଷ



ରଞ୍ଜନ କୁମାର ଭୁକ୍ତା

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱ ବ୍ରହ୍ମାଣ୍ଡ ସହ ଜଡ଼ିତ।ପୁରୁଷାନୁକ୍ରମେ ବିଶ୍ୱ ସଂସ୍କୃତି ଓ ପରମ୍ପରା କାହିଁ କେଉଁ ଆଦିମ କାଳରୁ ଚାଲି ଆସୁଛି । ଅନେକ ପର୍ବପର୍ବାଣୀ ପାଳନ କରିବା ହିଁ ଆମ ସଂସ୍କୃତି ର ମୁଖ୍ୟ ନମୁନା ।ଏମିତି ଅନେକ ପର୍ବ ପର୍ବାଣୀ ମଧ୍ୟରୁ "ମହାଳୟା ଶ୍ରାଦ୍ଧ" ଅନ୍ୟତମ ଚେତନା ଧର୍ମୀ ଓ ଜଣାଶୁଣା ପର୍ବ। ଏହି ପର୍ବ ଭାଦ୍ରବ ମାସର କୃଷ୍ଣପକ୍ଷ ପ୍ରତିପଦ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ବ୍ୟାପୀ ପାଳିତ ହୁଏ। ଏହି ପର୍ବର ମୁଖ୍ୟ କାର୍ଯ୍ୟ ପିତୃପୁରୁଷଙ୍କୁ "ପିଣ୍ଡଦାନ" । ପ୍ରତିପଦା ଠାରୁ ଆରମ୍ଭ ହୋଇ ଅମାବାସ୍ୟା ଦିନ ପିଣ୍ଡଦାନ ସୂର୍ଯ୍ୟ କନ୍ୟା ରାଶିରେ ଅବସ୍ଥାନ କରୁଥିବା ବେଳେ କରିବାର ବିଧି ବିଧାନ ରହିଛି । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା ଓ ଦାନ ଉତ୍ସର୍ଗ କରାଯାଉଥିବାରୁ ଏହାକୁ 'ପିତୃପର୍ବ' ମଧ୍ୟ କୁହାଯାଏ । ଏହି ପିତୃଶ୍ରାଦ୍ଧ ଭାଦ୍ରବ ମାସର କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ମଧ୍ୟରେ ଯେଉଁ ଦିନ ହେଲେ ଗୋଟିଏ ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଏ।

ପିତୃଶ୍ରାଦ୍ଧ ପରମ୍ପରା ଅନୁସାରେ ଏହି ଦିବସରେ କର୍ତ୍ତା ସ୍ୱଗୃହକୁ ଦେବଗଣ, ଋଷିଗଣ, ପିତୃପୁରଷଗଣଙ୍କୁ ଯଜ୍ଞ ମାଧ୍ୟମରେ ଆବାହନ କରି ଆମନ୍ତ୍ରଣ କରିଥାଏ। ଏହି ଗଣତ୍ରୟଙ୍କ ମହାମିଳନ କର୍ତ୍ତାଙ୍କ ଆଳୟ ବା ଗୃହରେ ଉକ୍ତ ତିଥିରେ ହେଉଥିବାରୁ ଏହି ଜଣାଶୁଣା ପର୍ବ ନାମ - "ମହାଳୟା ଶ୍ରାଦ୍ଧ" କୁହାଯାଏ । ପିତୃପୁରୁଷଙ୍କୁ ତର୍ପଣ ସମୟରେ ସପ୍ତପୁରୁଷଙ୍କୁ ଆମନ୍ତ୍ରଣ କରିବାର ବିଧି ଥିଲେ ମଧ୍ୟ କର୍ତ୍ତାଙ୍କ ଠାରୁ ଉପର ତିନ ପୁରୁଷଙ୍କୁ ପିଣ୍ଡଦାନ କରାଯାଏ ।ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ,ପିତାମହଙ୍କୁ ବସୁ ରୂପେ, ପ୍ରପିତାମହଙ୍କୁ ଆଦିତ୍ୟ ରୂପେ ପୂଜା କରାଯାଏ ।

ଏହି 'ମହାଳୟା ଶ୍ରାଦ୍ଧ'କୁ ନେଇ ଏକ ସୁନ୍ଦର ପୌରାଣିକ କମ୍ବଦନ୍ତୀ ଅଛି।ତାହା ହେଲା - ସୂର୍ଯ୍ୟବଂଶୀ ରାଜା କୁନ୍ତୀ ପୁତ୍ର 'କର୍ଣ୍ଣ' ନିଜର ଦାତା ପାଣିଆ ଯୋଗୁଁ ଧରାପୃଷ୍ଠରେ ମହାଦାନୀ କର୍ଣ୍ଣ ରୂପେ ବିବେଚିତ ହୋଇଥିଲେ । ପ୍ରାଣତ୍ୟାଗ ପରେ କର୍ଣ୍ଣଙ୍କୁ ମୃତ୍ୟୁର ଦେବତା ମହାରାଜା ଯମ ଯମାଳୟରେ ନାନା ପ୍ରକାର ରତ୍ନ ଭଣ୍ଡାର ପୁରସ୍କାର ଦେଲେ, କିନ୍ତୁ ଅନ୍ନ ଦେଲେ ନାହିଁ । ଏହାର କାରଣ ଜାଣିବାକୁ କର୍ଣ୍ଣ ଇଛା ପ୍ରକାଶ କରିଥିଲେ ଓ ଜାଣିବାକୁ ପାଇଲେ ଯେ ସେ ମହାଦାନୀ ହେଲେ ବି ଜୀବନକାଳ ମଧ୍ୟରେ କେବେ କାହାକୁ ପ୍ରତ୍ୟକ୍ଷ ଅନ୍ନଦାନ କରି ନଥିଲେ । ଏହା କର୍ଣ୍ଣଙ୍କ ମନରେ ଘୋର ଆଘାତ ସୃଷ୍ଟି କଲା । ସେ ଯମରାଜାଙ୍କୁ ଅନୁମତି ଭିକ୍ଷା କରି ମର୍ତ୍ତ୍ୟକୁ ଅନ୍ନଦାନ କରିବାକୁ ଆସିବାକୁ ପ୍ରସ୍ତାବ ଦେଲେ ଓ ଯମଙ୍କ ଅନୁମୋଦନ କ୍ରମେ ମର୍ତ୍ତ୍ୟରେ ପନ୍ଦର ଦିନ ଅବସ୍ଥାନ କରି ଦୁଃଖୀଜନ ଓ ବ୍ରାହ୍ମଣ ମାନଙ୍କୁ ଅନ୍ନଦାନ କରି ପୁନଶ୍ଚ ଯମଭୁବନକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏତାଦୃଶ କାର୍ଯ୍ୟ ଦେଖି ଯମ କର୍ଣ୍ଣ ରାଜନକୁ ଅନ୍ନରୁ ବଞ୍ଚିତ ନକରି ଅନ୍ନ ପ୍ରଦାନ କଲେ। ମର୍ତ୍ତ୍ୟ ନାମକ ବୈକୁଣ୍ଠରେ କର୍ଣ୍ଣ କଟାଇଥିବା ସେହି ପନ୍ଦର ଦିନ ବା ଏକପକ୍ଷକୁ "ପିତୃପକ୍ଷ" କୁହାଗଲା ।

ଶ୍ରାଦ୍ଧ ଯାହା ଶ୍ରଦ୍ଧାରେ ଅର୍ପଣ କରାଯାଏ। ଉକ୍ତ ଦିବସରେ ପୁରପଲ୍ଲୀରେ ହୋମ ମାଧ୍ୟମରେ ପିତୃପୁରୁଷଙ୍କୁ ଡକାଯାଇଥାଏ । ଗୁଉଳ ଓ ହଳଦୀ ମିଶ୍ରିତ କରି ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଆଯାଏ । ବିଭିନ୍ନ ଜାଗାରେ ପିଠାପଣା, ଜାଉ, କ୍ଷୀରି ଆଦି ଅନେକ ସ୍ୱାଦିଷ୍ଟ ଭୋଜନ ହୋମ କାର୍ଯ୍ୟ ସରିଲା ପରେ ସପରିବାର ସହ ଏକତ୍ର ସେବନ କରାଯାଏ । ଏହି ପର୍ବରେ ନିଜର ଭଣଜାକୁ ନିମନ୍ତ୍ରଣ କରି ତାହାରି ଦ୍ୱାରା ହୋମ କରିଥାନ୍ତି କର୍ତ୍ତା, ତେଣୁ ଏହାକୁ 'ମଉଳା ପର୍ବ' ମଧ୍ୟ କୁହାଯାଏ। ହିନ୍ଦୁ ଧାର୍ମିକ ବିଗ୍ଭରରେ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧ ମଧ୍ୟରେ ମହାଳୟା ଶ୍ରାଦ୍ଧ ଏକ ଶ୍ରେଷ୍ଠ ନିଦର୍ଶନ। କର୍ତ୍ତା ନିଜର ସକ୍ଷମତା ଅନୁସାରେ ହୋମ କାର୍ଯ୍ୟ ପରିଶେଷରେ ବ୍ରାହ୍ମଣ ଭୋଜନୀ ଓ ଦାନ ଦକ୍ଷିଣା କରିବାର ସୁଯୋଗ ପାଇଥାନ୍ତି । ଏପରି କରିବା ଦ୍ୱାରା ପରିବାରର ଓ ଆଗାମୀ ବଂଶଧର ମାନଙ୍କର ଉତ୍ତରୋତ୍ତର ମଙ୍ଗଳ ବିଧାନ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଦଣ୍ଡବାଦ ବିଗ୍ଭରପତି,
ଦଣ୍ଡ ମହାସଂଘ, ଅନୁଗୋଳ

# ସ୍ୱରାଜ ସ୍ୱପ୍ନ



ଉଦୟ କୁମାର ପଣ୍ଡା

ଅନ୍ୟାୟ ଦେଖୁଛି ଏକୁଡ଼ି ଶାଳରୁ
କେତେ ପୁଣି ଅତ୍ୟାଚ୍ଚର।
ଗୋଟି ଗୋଟି ସବୁ ହିସାବ ରଖୁଛି
ଲିଭିନାହିଁ ବହ୍ନି ପ୍ରତିଶୋଧର।

ସିଂହ ପରାକ୍ରମ ରୁଧିର ବିନ୍ଦୁରେ
ହୃଦୟେ ଅସୀମ ତାତି।
ଅନ୍ୟାୟ ବିରୋଧେ ବାହାରିଛି ଏକା
ଲଢ଼ିବାକୁ ଦିବା ରାତ୍ରୀ।

କ୍ଷୁର୍ଣ୍ଣ ହୋଇବ ପାପି ପାପଶକ୍ତି
ଅକ୍ଷୁର୍ଣ୍ଣ ରହିବ ପୁଣ୍ୟ।
ଲଂଘିଯିବି ହାତେ ତରବାରୀ ଧରି
ଗଲେ ଯିବ ଏ ଜୀବନ।

ଅନାଥକୁ ପୁଣି ନାଥ ମିଳଯିବେ
ଅନାହାର କୁ ଆହାର।
ନଜେ ଜଳ ଦିନେ ଆଲୁଅ ଆଣିବି
ହଟିଯିବ ଅନ୍ଧକାର।

ଅନ୍ଧାର ହଟିବ ଆଲୁଅ ଆସିବ
ଜଳବ ପାପର ଜୁଇ।
ସ୍ୱାର୍ଥ ଯିବ ଜଳ ନିଃସ୍ୱାର୍ଥ ଅଗ୍ନିରେ
ଆନନ୍ଦ ଆସିବ ଫେରି।

ବୁଦାଖୁଣ୍ଟା, ବଡପୋଖାରୀ,
ଔପଦା, ବାଲେଶ୍ୱର

# ଶାଶ୍ୱତ ହେବକି ପ୍ରେମ



ଅଶୋକ କୁମାର ପ୍ରଧାନ

ତୁମ ପାଇଁ ସାଥି ତୋଳିଛି ଆଜି ମୁଁ ସଜ ଗୋଲାପର କଢି
ତୁମ ପାଇଁ ସେ ଯେ ସହିଥିଲା କେତେ ଖରାବର୍ଷା ଶୀତ ଝଡି
ହାରିନଥିଲା ସେ ଦମ୍ଭ ତାହାର ଧୈର୍ଯ୍ୟ ପଣିଆ କେବେ
ତୁମରି ପାଇଁ କି ମୋ ହାତରେ ତାକୁ ଛିଣ୍ଡାଇଲି ତୁମ ଭାବେ ।

ତା ନବ ଯୌବନ ଆମୋଦିତ କଲା ମୋର ତନମନ ପ୍ରାଣ
ତା ମୁଗ୍ଧ ବାସନା ନିମିଷକେ ମୋର  ଶାନ୍ତ ମନ କଲା କ୍ଷୁର୍ଣ୍ଣ
ପ୍ରଲୁବ୍ଧ ପତଙ୍ଗ ପରି ମୁଁ ଧାଇଲି ତାହାର ସୌନ୍ଦର୍ଯ୍ୟ ଦେଖି
ଭାବିଲି ଏହାକୁ ତୋଳିନେଇ ଦେବି ପ୍ରିୟା ହାତେ ପ୍ରେମ ସାକ୍ଷୀ ।

ନୀରିହ ଫୁଲ ସେ ନିଶ୍ଚଳ ମନରେ ମୌନବ୍ରତେ ଥିଲା ମଗ୍ନ
ମୋ ରୁକ୍ଷ ହସ୍ତର ସ୍ପର୍ଶ ମାତ୍ରକେ ସବୁ ସ୍ୱପ୍ନ କଲା ଭଗ୍ନ
କରୁଣା କରି ସେ ମୋହରି ଉପରେ  କଲା ନାହିଁ ଜମା ମନା
ଚଞ୍ଚଳେ ତାହାକୁ ତୋଳିଲି ଡାଳରୁ ଦେଲି ମୃତ୍ୟୁ ସମ୍ଭାବନା ।

ନୀରିହ ମନ ତା ଆଜି ମୋତେ କହେ ଏହି ଉପହାର କିଆଁ
ଶାଶ୍ୱତ ହେବକି ପ୍ରେମର ସନ୍ତକ ଜଳୁଥିଲେ ହୃଦେ ନିଆଁ ।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ଗ୍ରେହିଗାଁ, ଗଞ୍ଜାମ

# ପରମ ସତ୍ୟ



ଲକ୍ଷ୍ମଣ ମହାନ୍ତି

ଶୁଣିଥିଲି ଦିନେ ଜେଜେ ମା ଗପରେ
ସଂସାରର କଛିକଥା
ସୁଖଦୁଃଖ ଆଦି ସାଙ୍ଗ ହୋଇଥାନ୍ତି
ଛାଡ଼ନ୍ତିନ ଆମ ପିଛା ॥
ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ଆସନ୍ତି କୁଣିଆଁ ହୋଇ
ହସ, ଖୁସି ଲୁହ, ଯନ୍ତ୍ରଣା ସହିତ
ଆଖି ଲୁହ ଝରୁଥାଇ ॥
କେବେକେବେ ଝରେ ଖୁସିର ଗଙ୍ଗା
କେବେ କୋହ-ଯମୁନା
କେତେବେଳେ କ'ଣ ଘଟିଯିବ ଏଠି
କଛି କହି ହୁଏନା ॥
କେତେବେଳେ ଓଠ ପୁଲକତ ହୁଏ
କେତେବେଳେ ହୁଏ ସ୍ତବ୍ଧ
କେବେ ଶୁଭେ ଏଠି ନବ ଜନ୍ମବାଦ୍ୟ
କେବେ ଶୁଭେ ମୃତ୍ୟୁ ଶବ୍ଦ ॥
ସବୁ ମାୟା ଖେଳ ତୁଚ୍ଛ ଏ ସଂସାର
ତୁଚ୍ଛ ଏ ଧନ ସଂପଦ
ଜଗତେ କେବଳ ସତ୍ୟ ସେ ଇଶ୍ୱର
ଇଶ୍ୱର ହିଁ ସର୍ବଶ୍ରେଷ୍ଠ ॥

ସୌରୀପାଲି, ଖଟଖଟିଆ, ବୌଦ୍ଧ

# ରକ୍ଷା ବନ୍ଧନ



ସନାତନ ଦାସ

ରାକ୍ଷୀ ରେ ରାକ୍ଷୀ ତୁ ରହିଲୁ ସାକ୍ଷୀ,
ମୋ ସୁନା ଭଉଣୀ ଝୁରି ନରୀମାଖି।।

ସ୍ନେହ ଶ୍ରଦ୍ଧା ପ୍ରେମରେ ଭରା ତା ଆଖି,
ଦୁଃଖକୁ ଭୁଲି ହସ ଯାଉ ସେ ଶିଖି!!

ଧନ ବଡ଼ ନୁହେଁ ମନ ବଡ଼ ଏଠି
ଏଇଯେ ପବିତ୍ର ସମ୍ପର୍କ
ଧରା ରେ ବିଦିତ ସର୍ବ ପ୍ରଶଂସିତ
ସତେକ ସ୍ନେହର କୋଣାର୍କ ।।

ବିପଦ ଆପଦୁ ରକ୍ଷା କରେ ଭାଇ
ଭଉଣୀ ରକ୍ଷକ ହୋଇ,
ତାର ପାଦତଳେ ସ୍ନେହ ପରଶରେ
ସବୁ ସୁଖ ଦିଏ ଥୋଇ..।।

ମିଛ ରେ ମିଛ ରେ ରାଗ ଅଭିମାନ
ଅଟେ ଭଉଣୀର ଅଧିକାର,
କେତେ ଯତନରେ ଭାଇଟି ଏଠି
ମାନ ଭାଙ୍ଗେ ସୁନା ଭଉଣୀର..।।

ରାକ୍ଷୀର ଡୋର ବିଶ୍ୱାସର ଡୋର
ବନ୍ଧନ ପୁଣି ସେ ମମତାର,
ସୂତା ଖିଅ ଟିଏ ହେଲେ ବି ରାକ୍ଷୀ
ତା ମୂଲ୍ୟର ନାହିଁ ପଟାନ୍ତର..।।

ରକ୍ଷାବନ୍ଧନ ର ପବିତ୍ର ଦିବସେ ପ୍ରଭୁ
ଏତିକି ପ୍ରାର୍ଥନା ମୋର,
ତୁମ ଆଶିଷ ରେ ସୁଖ ଦେଇ ତାକୁ
ମୋ ଆୟୁଷେ ଦୀର୍ଘାୟୁ କର..।।

ସଅଁରା, ଜଗତସିହପୁର

# ଅଚହ୍ନା ମଣିଷ



ରଂଜନ କୁମାର ସାହୁ

ସବୁଦିନ ପରି ଆଜିବି ମୁଁ ବାହାରି ପଡ଼ିଲି ମୋ କର୍ମ କ୍ଷେତ୍ରକୁ । ଯେମିତି ମୁ ସବୁଦିନେ ଟିକେ ଡେରିରେ ଉଠେ, ମୁଁ ଭାବେ ମୋ ଠାରୁ ବୋଧ ହୁଏ ଅଳସୁଆ ଆଉ କେହି ନାହାନ୍ତି। ବ୍ରସ୍ ଆଉ ଟିକେ ପେଷ୍ଟ ଲଗାଇ ଟଏଲେଟରେ ପସିଯାଏ । ଆଉ ତାପରେ ଏକର ସେକର ହୋଇ ଗାଧୋଇ ପଡେ ଠାକୁର ଟିକେ ପୁଜି ଦିଏ । ବେସିକଛି ନୁହେଁ, ପାଣି ଛିଂଚ ଧୂପ ଟିକେ ବୁଲେଇ ଦେଇ ଝଟକନା ଓଦା ଲୁଗା ବଦଳ ପକାଏ ତା ପରେ ଯଦି ଟିଫିନ କଣ କରିଲି ତ କରିଲି ନହେଲେ ବାହାରୁ ବରା ଦୁଇଟା ଆଉ ପୁରି ଦୁଇଟା ତା ସହ ଘୁଗୁନି ପୁଡିଆ ଧରି ପଳେଇ ଯାଏ । ଆଉ ଅଫିସରେ ଶାନ୍ତିରେ ବସି ବସି ଖାଏ। କିନ୍ତୁ ସବୁଦିନ ପରି ମୁଁ ଠିକ୍ ସମୟ ରେ ବାହାରି ଥିଲି କିନ୍ତୁ ସେଦିନ ଘରେ ସୁଜି ଉପମା କରିଥିଲି ଆଉ ବକ୍ସଟି ବ୍ୟାଗ ରେ ରଖିଲି । ତରତର ହୋଇ ଟିଫିନ୍ ବକ୍ସଟି ଛାଡ଼ି ଦେଇ ପଳେଇ ଆସିଲି ଆଉ ଠିକ୍ ଅଧା ବାଟରେ ମୋର ଟିଫିନ୍ ବକ୍ସ କଥାଟା ମନେ ପଡିଗଲା । ଆଉ ସେହି ଅଧା ବାଟରୁ ଲେଉଟି ଘର ଆଡକୁ ଆସିଲି। ଆଉ ମୋ ଗାଡିଟି ଗେଟ ପାଖରେ ଷ୍ଟାଣ୍ଡ କରିଦେଇ ଓହ୍ଲାଇ ପଡ଼ି ଗେଟ୍ ଖୋଲିଲା ବେଳକୁ କିଛି ଦୁର୍ଗନ୍ଧ ମୋତେ ଜଣାଗଲା ଆଉ ମୁଁ ଟିକେ ବୁଲିକି ପାଚେରୀ ଆଡକୁ ଦେଖିଲି । ପାଚେରୀ କଡ଼ରେ ଅଳିଆ ଆବର୍ଜନା ଭରା ଗୋଟେ ବଡ଼ ଡଷ୍ଟବିନ ରହିଥିଲା । ଭାବିଲି କଣ ଗୋଟେ ମାରିକି କିଏ କଣ ପକାଇ ଦେଇଛି ବୋଧେ ! ମୋର ସେତେବେଳକୁ ଅଫିସ୍ ବି ଡେରି ହୋଇଗଲାଣି କଣ ବି କରିବି ଯଦି କିଛି ନକରୁଛି ତାହେଲେ ବେଶି ଗନ୍ଧ ହେବ । ତାପରେ ମୁଁ ସେହି ଡ଼ଷ୍ଟବିନ୍ ପାଖକୁ ଗଲି । ଆଉ ଏତେ ଗନ୍ଧ ହେଉଥିଲା ଯେ ମୁଁ ଜଲଦି ପକେଟ ରୁ ରୁମାଲଟିକୁ ବାହାର କରିଦେଇ ନାକରେ ଭିଡି ଧରିଲି ଆଉ ଡ଼ଷ୍ଟବିନ୍ ଭିତରକୁ ଗ୍ଚହିଁଲି । ତା ଭିତରଟା ପୁରା ସଫା ଦେଖାଯାଉ ଥିଲା କିନ୍ତୁ ଗନ୍ଧଟି ତା ସାଇଟରୁ ଆସୁଥିଲା । ମୁଁ ବୁଲିକି ତା କଡ଼କୁ ଗଲି ଆଉ ଦେଖିଲି ଛିଣ୍ଡାକପଡା, କମ୍ବଳ, ଗୁଦର ଗୁଡାକ ପଡ଼ିଛି ଆଉ ତା ପାଖରେ ପଲିଥିନଟିଏ ଥୁଆ ହୋଇଛି । ସେ ପଲିଥିନ ରେ ଭାତ, ତରକାରୀ ଆଉ କିଛି ଛିଣ୍ଡାରୁଟି ଦେଖା ଯାଉଥିଲା କିଛି ପଲିଥିନରେ ତ ଆଉ କିଛି ପାଖରେ ପଡ଼ିଛି ପାଣି ବୋତଲଟି ବି ପାଖରେ

ଗଡ଼ି ପଡ଼ିଥାଏ । ଭାବିଲି କୁକୁର ବୋଧେ ଏଠିକୁ ଆସି ଛିଣ୍ଡାଇ ଛିଣ୍ଡାଇ ଖାଉଥିଲା । କିନ୍ତୁ ଗନ୍ଧଟି କେଉଁଠୁ ଆସୁଛି ଭାବିଲି ପଚାରି ସଢା ଭାତ ପରିତ ଗନ୍ଧ ଜଣା ପଡୁନ ତ ଏକଣ, କେଉଁଠୁ ଆସୁଛି ।

ମୁଁ ଫେରି ଆସିଲି ଠିକ୍ ଏହି ସମୟ ରେ ବୋତଲର ମଡ଼ମଡ଼ ଶବ୍ଦ ଶୁଭିଲା ମୁଁ ପୁଣି ସେହି ଡଷ୍ଟବିନକଡ଼କୁ ଗ୍ଚହିଁଲି ଦେଖିଲି ବୋତଲଟା କପଡାର ଭିତର କୁ ଟାଣି ହୋଇ ଯାଉଛି । ହଟାତ ଗୋଟେ ହାତର ଗ୍ଚରି ଆଙ୍ଗୁଟି ବାହାରକୁ ଦେଖା ଯାଉଛି କିଛି ଅଦ୍ଭୁତ ପ୍ରକାର ଥିଲା! ଆଙ୍ଗୁଟିରେ ନଖଟି ବଡ଼ ହୋଇ କେନାକେନା ହୋଇ ଫାଟି ଯାଇଥାଏ ଆଉ ଆଙ୍ଗୁଟିର ଚମଡା ଗୁଡାକ ଫାଟି ପୁଜ ମାଂସ ଦେଖା ଯାଉଥିଲା । ଠିକ୍ ସେହି ସମୟରେ ମାଛି ଗୁଡାକ ଭଣଭଣ ହୋଇ ଉଠିଲେ । ମୁଁ ହଠାତ ଡରି ଗଲି। ଆଉ ଦୁଇ ପାଦ ପଛକୁ ଫେରି ଗଲି। ତା ପରେ ଧିରେ ଧିରେ ସେହି ପାଖକୁ ଗଲି ଆଉ କଏ କଏ ବୋଲି କହିଲି ତା ଭିତରୁ କିଛିବି ଶୁଭିଲା ନାହିଁ । ଆଉ ଧିରେ ଧିରେ ସେ ବୋତଲ ଟି କପଡାର ଭିତରକୁ ଗଳଗଲା । ମୁଁ ସେଠାରୁ ଯିବାକୁ ଗ୍ଚହିଁଲେ ବି ଯାଇପାରୁ ନଥିଲି ।ସେତେ ବେଳକୁ ସମୟ ଦଶଟା ତିରିଶ ବାଜି ସାରିଲାଣି । ଏମିତିବି ଡେରି ହୋଇଗଲାଣି ।କଣ କରିବି କିଛି ଭାବି ପାରୁନଥିଲି । ଏମିତି କଣ କାହାକୁ ଛାଡ଼ିଦେଇ ଯାନ୍ତି ମୁଁ ଧିରେ ଧିରେ ପାଖକୁ ଗଲି ଆଉ ସେ କପଡା ଟି ହାତରେ ଟେକିବାକୁ ଲାଗିଲି ହଟାତ ତା ଭିତରୁ କିଛି ଶୁଭିଲା **please don't touch me** ଦୟାକରି ମୋତେ ତୁମେ ଛୁଅନ । ମୁଁ ପଗ୍ଚରିଲି କାହିଁକ ? ତୁମେ କଏ ? ଆଉ ଏଠି କାହିଁ ଏମିତି ରହିଛ ?

ସେ ଭିତରୁ ଉତ୍ତର ଆସିଲା । କିଛି କୋହ ଭରା ହସ ହା... ହା.... ହା... ଯେଉଁଥିରେ ଥିଲା ଅନେକ ଅକୁହା କଥା ଆଉ କୋହ ଭରା ଚତ୍କାର । ମୁଁ ସେମିତି ସେ ପାଖରେ ଠିଆ ହୋଇ ଥାଏ । କିଛି ସମୟ ନିରବତା ର ପରେ ଧିରେ ଧିରେ ସେ କପଡାର ଅଳ୍ପଆଳରୁ ବାହାରିବାକୁ ଲାଗିଲେ ସେ ଅଚହ୍ନା ଚେହେରା ଯାହା ଦେଖିବାକୁ ବହୁତ ଅଦ୍ଭୁତ ଆଉ ଘୃଣ୍ୟ। ଯେମିତି ଲାଗିଲା ଅସହାୟ ଆଉ ମର୍ମୁଷ ଅବସ୍ଥାରେ କେହି ୟାଙ୍କୁ ଛାଡ଼ି ଦେଇଛନ୍ତି ଆଉ ପଥହରା ହୋଇ ଏମିତି ବୁଲୁଛନ୍ତି । ସେ ଖଣ୍ଡିଆ, ଦଦରା, ଛିଣ୍ଡା କପଡା ଗୁଡାକ ଆଉ କଅଣ ଗୁଡ଼ାଏ ଜିନିଷ ପତ୍ର ଗୋଟିଏ ବାଡ଼ି ପାଣି ବୋତଲ ଆଉ କିଛି ଖାଇବା ପଲିଥିନ ତା ସଙ୍ଗରେ ଗୋଟିଏ ଓଡ଼ିଆ ବର୍ଣ୍ଣବୋଧ ବହି, ଯାହା ସେ ଖୁବ୍ ଯତ୍ନରେ ଜାବୁଡି ଧରିଥିଲେ । ତା ପରେ ସେ ଗ୍ଚଲିବାକୁ ଲାଗିଲେ । ତାଙ୍କ ଦେହରେ ଅନେକ ଜାଗାରେ କ୍ଷତ ହୋଇଥିଲା ।

ମୁଁ ଦେଖି ତାଙ୍କୁ ଡାକ୍ତରଖାନା ଯିବାକୁ କହିଲି । ସେ ତ ରାଜି ହେଲେ ନାହିଁ । ଆଉ ମୋ ଘର ବାରଣ୍ଡା କୁ ଡାକଲି ବହୁତ କହିଲା ପରେ ସେ ମୋ କଥାରେ ଆସିଲେ । ମୁଁ ମୋ ଘରକୁ ଗଲି ଆଉ କଛି ଲୁଗା, ଗାମୁଛା, ସାବୁନ ତେଲ, ଗୋଟେ ବାଲ୍ଟି ପାଣି ଆଉ ମଗ୍ ସାଙ୍ଗରେ ଆଣି ଦେଲି । କହିଲି ଗାଧୋଇ ଯାକୁ ପିନ୍ଧିଦିଅ । ସେ ମୋତେ କଛି ସମୟ ପର୍ଯ୍ୟନ୍ତ ଗ୍ଚହିଁ ରହି ମୁରୁକ ମୁରୁକ ହସିଲେ ମୁଁ କଛି ଜାଣି ପାରିଲି ନାହିଁ । ଆଉ ତାପରେ ସେ କାମ ସାରିଲା ପରେ ମୁଁ ମୋ ଘରକୁ ଡାକନେଲି ଆଉ ମୋ ଚେୟାର ଉପରେ ବସେଇଲି । ଡ଼େଟଲ ରେ ସେ କ୍ଷତକୁ ସଫା କରି ମେଡିସିନ ଲଗାଇ ଦେଲି ତାପରେ ମୁଁ କରିଥିବା ଟିଫିନ୍ ଆଉ ପାଣି ଗୋଟେ ଗ୍ଲାସ୍ ଟିଏ ଦେଲି ସେ ସେମିତି ମୁରୁକ ମୁରୁକ ହସୁଥିଲେ । ସେ ସଙ୍ଗେ ସଙ୍ଗେ ଖାଇଦେଲେ। ଯେମିତି ଅନେକ ସମୟ ଭୋକରେ ଥିଲେ। ଆଉ ତା ପରେ ସେମିତି ପୂର୍ବପରି ମୁରୁକ ମୁରୁକ ହସିବାକୁ ଲାଗିଲେ । ମୁଁ ତଥାପି ବୁଝିପାରୁ ନଥିଲି ସେ ହସର ରହସ୍ୟ । ମୁଁ ଆଉ ସମ୍ଭାଳ ପାରିଲିନ କଛି ସମୟ ପରେ ପଗ୍ଚରିଲି ଆପଣ କଣ ପାଇଁ ମୋତେ ଦେଖି ହସୁଛନ୍ତି । ସଙ୍ଗେ ସଙ୍ଗେ ସେ ବ୍ୟକ୍ତି ଟି ଉତ୍ତର ଦେଲେ, "ତୁ ସେହି ପିଲା ଯିଏ ସ୍କୁଲ ର ଟଗର ଗଛରୁ ଖସିପଡ଼ି ଖଣ୍ଡିଆ ହୋଇ ମୋ ଠାରୁ ମାଡ଼ ଖାଇଥିଲୁ ଆଉ ମୁଁ ତୋତେ ମେଡିସିନ ଲଗାଇ ଘରକୁ ଛାଡିଥିଲି।" ମୁଁ ହଠାତ ସ୍ତବ୍ଧ ହୋଇ ରହିଗଲି । ଏଇତ ଜୀବନ.....

(କଳା ଶିକ୍ଷକ)
ଓଡିଶା ଆଦର୍ଶ ବିଦ୍ୟାଳୟ
କଲ୍ୟାଣସିଂହପୁର,ରାୟଗଡ଼ା

# ହେ' ବର୍ଷା.....



ହେମନ୍ତ ଦାଶ

ଶୀତଳ ଆଶ୍ଳେଷଭରା
ଦି ଅସରା
ବର୍ଷି ଦେଇ
ପ୍ରେମାଶିକ୍ତ କରିବାକୁ
ନାହିଁ କଣ ତବ ସାମର୍ଥ୍ୟ?

କାହିଁକି ଆଗଭଳି
ବର୍ଷାରେ ଭିଜେଇ
ଛାତିର ତାତିକୁ
ପ୍ରଶମିତ କରି ପାରୁନ?

ହେ' ବର୍ଷା
ତୁମ ଉପରେ
ଭରସା ତୁଟି ଗଲେ
ମଉସୁମୀ ପ୍ରତି
ଆକର୍ଶିତ ହେବା
ସ୍ୱାଭିବିକ।

ଅନୁଭବ ହୁଏ
ତୃଷାର୍ତ୍ତ ଯୁବକଟି
ତୃଷ୍ଣା ମେଣ୍ଟାଇବାକୁ
ଜଳ ଟିକଏ ନ ପାଇଲେ
ହୋଇ ଯାଏ ପାଗଳ ପ୍ରାୟ
ହୋଇଯାଏ ପ୍ରଗଲ୍ଭ।
ହେ' ବର୍ଷା....
ସରି ଯାଇନ
ତବ ଋତୁର
ପ୍ରକୋପ।
ପୁଣିଥରେ ବର୍ଷିଦିଅ
ପ୍ରେମଭରା ଦି ଅସରା
ମେଣ୍ଟିଯାଉ ତୃଷାର୍ତ୍ତର ତୃଷ୍ଣା।
ଚକୋର ଚକୋରୀ
ପୁଣିଥରେ ଭାସିଯାନ୍ତୁ
ପ୍ରେମର ଅଳତ ସାଗରେ।
ପ୍ରଶମିତ ହେଉ ଛାତିର ତାତି।
ତବ କଳଙ୍କର ଦାଗ
ଧୋଇଦିଅ
ମଘା ର ବୁନ୍ଦାରେ।
ମନ ମୟୂରୀ
ନାଚ ଉଠୁ ଗିରି କନ୍ଦରେ
ସୌନ୍ଦର୍ଯ୍ୟ ଭରା
ପୁଚ୍ଛକୁ ମେଳାଇ।

ନାଗ ନାଗୁଣୀର
ଜଳ କ୍ରିଡା
ଦର୍ଶକର ମନ ମୋହିନେଉ ।

ଜାଣିଛି ଅଛି ତୁମର
ସେଇ କ୍ଷମତା
କରନ କୃପଣତା
ଭରି ଦିଅ ପ୍ରେମର ନୀରରେ
ପଦ୍ମ ପୁଷ୍କରିଣୀ...
ସୂରୁଜର କଅଁଳ କରଣେ
ପ୍ରସ୍ଫୁଟିତ ହେଉ
ପଦ୍ମର ପାଖୁଡା
ଏତିକ ହିଁ ମାଗୁଣି......

ତବ ଜୀବନରେ
ଉଠିଥିବା ଝଡ
ବିଲୁପ୍ତ ହେଉ
ଦୂର ଦିଗବଳୟରେ ।।

ନବୀନ ସୂର୍ଯ୍ୟର
ହେଉ ଅଭ୍ୟୁଦୟ
ତମ ଅନ୍ଧକାର ହଉ
ଆଲୋକତ
ପୁଣିଥରେ ଖେଳ ଉଠୁ
ପାରିଜାତ ପୁଷ୍ପ
ତୁମରି ମନ ଅଗଣାରେ.......

ସଂପାଦକ ସମ୍ବାଦ ସାହିତ୍ୟ ଘର,
ଗୁଡଭେଲ୍, ତୁଷୁର୍, ବଲାଙ୍ଗିର

# ଆମେ ଅଗଷ୍ଟ ପନ୍ଦର ପାଳୁଛୁ



ପ୍ରଶାନ୍ତ କୁମାର ନାଥ

ଆମେ ଅଗଷ୍ଟ ପନ୍ଦର ପାଳୁଛୁ
ଅଗଷ୍ଟ ପନ୍ଦର ପାଳୁଛୁ
ଜନଗଣମନ ଗାଉଛୁ
ତ୍ରିରଙ୍ଗା ଉଡେଇ ଝୁଡ଼ି ବୁନ୍ଦି ଖାଇ
ଜୟହିନ୍ଦ ବୋଲି କହୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ସଂଗ୍ରାମୀଙ୍କୁ ମନେ ରଖୁଛୁ
ପ୍ରତିମୂର୍ତ୍ତି ତାଙ୍କ ଦେଖୁଛୁ
ସ୍ୱାଧୀନତା ଦିବସ ଆସିଯାଏ ଯେବେ
ତାଙ୍କୁ ଧୂଆଧୂଇ କରୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ପାଦତଳୁ ଘାସ ବାଛୁଛୁ
ଭାଙ୍ଗିଥିଲେ ତାକୁ ନେସୁଛୁ
ପୁରୁଣା ଦେହରେ ନୂଆ କରି ପୁଣି
ଆଉଥରେ ରଙ୍ଗ ବୋଳୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ଫୁଲରେ ସଜେଇ ଦେଉଛୁ
ବଡ଼ବଡ଼ ମାଳ କଣୁଛି
ଟେକ ନପାରିଲେ ଅଙ୍କୁରି ଲଗେଇ
ବେକରେ ଗଳେଇ ଦେଉଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ଭାଷଣ ମେଞ୍ଚାଏ ଦେଉଛୁ
ତାଙ୍କରି ଗୁଣକୁ ଗାଉଛୁ

ଏହିଦିନ ଆସି ଗ୍ଲିଗଲ୍ ପରେ
ସେଇଠି ଗଞ୍ଜେଇ ପିଉଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ସରକାରୀ ଛୁଟି ପାଉଛୁ
ତ୍ରିରଙ୍ଗା ଉଡେଇ ଦେଉଛି
କାମ ସରିଗଲେ ସେହି ତ୍ରିରଙ୍ଗାକୁ
ରାସ୍ତାରେ ବିଛେଇ ଦେଉଛି
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ଆମେଯେ ସ୍ୱାଧୀନ ହୋଇଛୁ
ସ୍ୱାଧୀନ ଭାବରେ ଜିଉଁଛୁ
ସ୍ୱାଧୀନତା ନାମେ ନିଜର ସ୍ୱାର୍ଥରେ
ନିଜେ ବଳୟାନ ରହୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ସ୍ୱାଧୀନ ସନ୍ତାନ ହୋଇଛୁ
ନିଜ ଅଧିକାର ପାଇଛୁ
ଛୁରୀ ବନ୍ଧୁକରେ ଖେଳଖେଳ ଆମେ
ଅହିଂସା ବୋଲିକି କହୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।
ଗାନ୍ଧିଜୀଙ୍କୁ ମନେ ରଖୁଛୁ
ବର୍ଷରେ ଥରୁଟେ ଦେଖୁଛୁ
ଅଗଷ୍ଟ ପନ୍ଦର ଆସିବା ଆଗରୁ
ଖୋଜିଖାଜି ତାଙ୍କୁ ରଖୁଛୁ
ଆମେ ଅଗଷ୍ଟ ପନ୍ଦର ପାଳୁଛୁ ।

ବାଙ୍ଗାଲୋର

# ଆହେ ! ଜଗନ୍ନାଥ

ନଳେଶ କୁମାର ଭୋଇ

ଏ କଳିଯୁଗରେ ନୀଳାଞ୍ଚଳ ଧାମେ' ସାଜି ଦାରୁବ୍ରହ୍ମ ଦେବତା, ।
ଭକ୍ତ ସାଲବେଗ ଗୁହାରି ଶୁଣି ଅଟିକ ଯାଇଥିଲ୍ ରଥ ଚକଟା ॥
ଭକ୍ତ ସାଲବେଗ ଜାତିରେ ଥିଲେ ସେ' ଯବନ ହେ! -ପ୍ରଭୁ ଚକା ନୟନ, ।
ଶ୍ରୀ କ୍ଷେତ୍ର ପୁରୀରେ ନୀଳଚକ୍ରେ' ଉଡ଼େ ତୁମର ବାନା ପତିତପାବନ ॥
କାଞ୍ଚିର ରାଜା ସହିତ ଯୁଦ୍ଧ କରିଥିଲ ତୁମେ ନିଜେ ପାଳି କ୍ଷେତ୍ରିୟ ଧର୍ମ, ।
ଏ କଳିଯୁଗରେ ରାଧାରାଣୀ ବିନା ନିଦ ହେଉନି କି'ଦେଖୁଅଛ ସପନ ॥
ବିଦୁର ହାତରୁ ସାଗ ପଖାଳ ଖାଇ ତୋଷାଇ ପାରିଥିଲ ନିଜର ମନ, ।
ସେହି' ଗୋପପୁରେ ଗୋପାଳୁଣୀ ହାତରୁ ଖାଇଥିଲ ଛଡେଇ ଲହୁଣୀ, ।
ମାଣିକ ହାତରୁ ଦହିପିଇ ହେ ! ଚକା ଆଖି ରତ୍ନମୁଦି ଦେଲ ତାକୁ ପୁଣି ॥
ଶବର ବିଶ୍ୱାବସୁ ଦେଇ ପାରିନଥିଲେ କି' ତୁମକୁ ଛପନ ଭୋଗ ଅର୍ଣ୍ଣ ॥
ନିଳାଞ୍ଚଳ ଧାମେ'ଲକ୍ଷ୍ମୀ ଠାକୁରାଣୀ ସହିତେ ବଳଭଦ୍ର, ସୁଭଦ୍ରା ,ଭଉଣୀ, ।
ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭକ୍ତଙ୍କୁ ଦର୍ଶନଦିଅ ପୁଣୀ ॥
ବାର ବରଷରେ ହୁଏ ତୁମର ନବ ଦାରୁବ୍ରହ୍ମ ପରିବର୍ତ୍ତନ କଳେବର, ।
ସେହି ବ୍ରହ୍ମ ପରିବର୍ତ୍ତନରେ ବିଭ୍ରାଟ ସାଜିଥିଲ୍ ନମିଳିଲେ ତାର' ଖବର ॥
ଯାହା ମୁଁ ଭାବଇ, ଯାହା ମୁଁ ରଚଇ, ଯାହା ମୁଁ ଲେଖଇ ଏହି କଲମେ, ।
ଜଗତର ନାଥ ଆହେ ଜଗନ୍ନାଥ ସହା ହୁଅ ମୋତେ ପ୍ରତି- କ୍ଷଣେ ॥

କଟ୍ ବିଶ୍ୱବିଦ୍ୟାଳୟ ଛାତ୍ର (ବିଜ୍ଞାନ ବିଭାଗ )

# ତୁମେ ଆସିଲ୍ ପରେ



ଡମ୍ବରୁଧର ବାଗ

ମୌସୁମୀ ଆସିଲେ ତନୁ ମନ ମୋର
ହୋଇଥାଏ ଶିହରଣ ।
ମନେ ପଡିଯାଏ ଅତୀତର ସ୍ମୃତି
ଉଜ୍ଜୀବିତ ହୁଏ ପ୍ରାଣ ।
ଆସିଲେ ମୌସୁମୀ ନଦାଘର ଦୁଃଖ
ସବୁ ଯାଏ ଅପସରି ।
ଟୁପୁରୁ ଟାପୁରୁ ବରଷାର ସୁରେ
ପାଦ ନାଚେ ଥିରି ଥିରି ।
ବରଷା ଆସିଲେ ଆକାଶରେ ମେଘ
ଦଳ ଦଳ ହୋଇ ଭାସେ ।
ବିଜୁଳି ଚମକେ ଘଡଘଡି ଶବ୍ଦେ
ମୟୁର ମୁରୁକ ହସେ ।
ସାରୁ ବୁଦା ମୂଳେ ରାଣୀ ବେଙ୍ଗୁଲୀଟା
କେଁ କଟକଟ କରେ ।
ଶାଗୁଆ କ୍ଷେତରେ କୃଷକ ଭାଇନା
ଗୀତ ଗାଏ ଆନନ୍ଦରେ ।

ଆସିଛି ଶ୍ରାବଣ ବରଷାର ଧାରେ
କହେ ମୋ ଅଳସୀ ପ୍ରିୟା ।
ବରଷାରେ ଭିଜି ସ୍ମୃତିକୁ ସାଉଁଟେ
କେଡେ ଆନନ୍ଦରେ ଆହା !
କୀଟ ତରୁଲତା ନଦାଘର ତାତି
ଯାଇତ ଥିବେଣୀ ଭୁଲି ।
ଶାଗୁଆ ପାଟରେ ଧରଣୀ ରାଣୀ ଯେ
ହସୁଥିବ ଖିଲି ଖିଲି ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି

# ଛୋଟ ମୋର ନାଆଟି



ପ୍ରଫେସର ଅନତା ପଣ୍ଡା

## (ଧାରାବାହିକ)

**୧୯୮୪ -:**

ଦୁଇବର୍ଷ ମଧ୍ୟରେ ବହୁକିଛି ବଦଳ ଯାଇଥିଲା । ଆମେରିକା ନ ଯାଇ ପାରିବାର ଦୁଃଖ ମଧ୍ୟ ମନ ଭିତରୁ ପ୍ରାୟ ଲିଭି ଯାଇଥିଲା । ସେଣ୍ଟର ମୁଖ୍ୟଙ୍କ ଠାରୁ ଡାକରା ଆସିଲା । କିଛି ଜରୁରୀ କାମ ଥାଇପାରେ! ପହଞ୍ଚି ଗଲି ।

ଆମେରିକା ନ ଯାଇ ପାରିବାର କ୍ଷତ ଲିଭି ଗଲାଣି ତ!

କ୍ଷତପୂର୍ଣ୍ଣ କରିବା ପାଇଁ ସମୟର ଅବଦାନ ବହୁତ ବେଶୀ ସାର୍ । ତେବେ ଅନ୍ୟ କିଛି ପ୍ରୋଗ୍ରାମ ବିଷୟରେ ଚିନ୍ତା କରିବା?

କିଛି ନ କହି ମୁଁ ଚୁପ୍ ରହିଲି ।

ଆସନ୍ତା ମାସ ଇଣ୍ଡୋରୁଷିଆ (ମସ୍କୋ) ଏକ୍ସଚେଞ୍ଜ ପ୍ରୋଗ୍ରାମ ପାଇଁ ସେଣ୍ଟର୍‌ରୁ ଛଅ ଜଣଙ୍କର ନାମ ମନୋନୀତ କରାଯାଇଛି । ତୁମେ ସେମାନଙ୍କ ମଧ୍ୟରୁ ଜଣେ । ତୁମକୁ ଜଣାଥିବ, ଫେଦେରଭ୍ ଇନ୍‌ଷ୍ଟିଚ୍ୟୁଟ୍ ରେଡ଼ିଆଲ କେରାଟୋ ଟୋମୀ ପାଇଁ ବିଶ୍ୱ ପ୍ରସିଦ୍ଧ । ସେଠାରୁ ଗୋଟିଏ ମାସ ଅଭିଜ୍ଞତା ଲାଭ କରି ଆସିବା ପରେ ଆମେ ଭାରତରେ ରିଫ୍ରାକ୍‌ଟିଭ ସର୍ଜରୀ (ଆର୍.କେ.) ଆରମ୍ଭ କରିବା, ମୋ'ର ତୁମ ଉପରେ ଅଗାଧ ବିଶ୍ୱାସ ଅଛି । ଯିବା ପାଇଁ ଘରେ ବ୍ୟବସ୍ଥା କର । ମାସଟାଏ କେମିତି ଗଡ଼ିଯିବ ଜଣା ପଡ଼ିବନି ।

ପ୍ରଫେସର ମଦନ ମୋହନଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିଲି । ପରିବାରରେ ଆମେ ମାତ୍ର ତିନିଜଣ । ପୁଅର ବୟସ ଖୁବ ଅଳ୍ପ । ତଥାପି ମାତ୍ର ମାସକର କଥା । ଆମେରିକା ଯାତ୍ରା ପାଇଁ ବହୁଜଣଙ୍କୁ ପୁଅର ଦାୟିତ୍ୱ ନେବାପାଇଁ ଅନୁରୋଧ କରି ହତୋତ୍ସାହ ହୋଇଥିଲୁ । ବର୍ତ୍ତମାନ ମାସକ ଭିତରୁ ଦୁର୍ଗା ପୂଜା ଏବଂ ଦୀପାବଳୀ ଛୁଟୀ, ରବିବାର ପ୍ରାୟ ପନ୍ଦରଦିନ । ତେଣୁ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା ନ କରି ସ୍ୱାମୀ ସ୍ୱୀକୃତି ପ୍ରଦାନ

କଲେ ଯୋସେଫ୍ ଏବଂ ବୀରର (ଦୁହେଁ ଘରର ସାହାଯ୍ୟ କାରୀ) ସାହାଯ୍ୟ ନେଇ ସେ ଚଳାଇ ନେବେ ବୋଲି ।

ମୋ'ର ପ୍ରଥମ ବିଦେଶ ଯାତ୍ରା, ତେଣୁ ଖୁବ୍ ସତର୍କତା ସହ ଯିବାପାଇଁ ଆୟୋଜନ କଲି । ସେଣ୍ଟର ତରଫରୁ ଟିକେଟ୍, ଭିସା ପ୍ରଭୃତି ଯୋଗାଡ଼ କରାଯାଇଥିଲା । ସର୍ବୋପରି ଆମେ ଛଅଜଣ ଯାଉଥିଲୁ । ତେଣୁ ମନକୁ ଟିକିଏ ବି ଭୟ ଆସୁ ନ ଥିଲା । ଏହା ପୂର୍ବରୁ କେତେଥର ଉଡ଼ାଜାହାଜରେ ଭ୍ରମଣ କରିଥିଲେ ମଧ୍ୟ ବହିର୍ଦେଶ ଯାତ୍ରା ଖୁବ ପ୍ରଲମ୍ବିତ । ତା'ଛଡ଼ା ଏୟାର ଇଣ୍ଡିଆରେ ପ୍ରଥମ ଯାତ୍ରା । ଆମେ ଛଅଜଣ ଗୋଟିଏ ଲାଇନ୍‌ରେ ବସିଥିଲୁ। ଏୟାର ଇଣ୍ଡିଆର ସମସ୍ତ କର୍ମଚାରୀ ଭାରତୀୟ । ତେଣୁ ବହିର୍ଦେଶକୁ ଯାଉଥିଲୁ ବୋଲି ମନେ ହେଉ ନଥିଲା । ଅଳ୍ପ ସମୟ ପରେ ଦେଖାଗଲା ଡାଃ ଘୋଷ ନିଜ ବସିବା ସ୍ଥାନ ଛାଡ଼ି ଏପଟ ସେପଟ ହେଉଛନ୍ତି । ଆମ ଟୀମ୍‌ରେ ଚାରିଜଣ ଜୁନିଅର ଏବଂ ଦୁଇଜଣ ପ୍ରଫେସର ଥିଲେ । ଡାଃ ଘୋଷଙ୍କ ଇତଃସ୍ତତଃ ଭାବ ଦେଖି ଡାଃ ସତପାଲ୍ ଏବଂ ଡାଃ ଆଜାଦ୍ (ମୋର ଦୁଇଜଣ ସହକର୍ମୀ) କିଛି କହିବା ଆରମ୍ଭ କରୁଥିଲେ । ପ୍ରଫେସର ସୁଦ୍ ଏବଂ ପ୍ରଫେସର୍ ପ୍ରେମ ପ୍ରକାଶ ସେ ଦୁହିଙ୍କୁ ବାରଣ କଲେ । ବହୁ ସମୟ ଅନ୍ୟ ସ୍ଥାନରେ ବସିବା ପରେ ଲଞ୍ଚ ଟାଇମ୍‌କୁ ଡାଃ ଘୋଷ ଆମମାନଙ୍କ ପାଖକୁ ଆସିଗଲେ ।

ଫ୍ରି ମିଳେ । ଆଉ ଦୁଇଟା ପେଗ୍... ଡାଃ ସୁଦ୍ ଆଜାଦକୁ ଆଗକୁ ନ କହିବା ପାଇଁ ବାରଣ କଲେ । ସମସ୍ତେ ଭେଜିଟେରିଆନ୍ ଥିଲୁ । ଭାରତୀୟ ଖାଦ୍ୟର ଉପଯୁକ୍ତ ବ୍ୟବହାର କଲୁ । ଯାତ୍ରା ଭିତରେ ପ୍ରଫେସର ସୁଦ୍ କର୍ମଚାରୀ ଏବଂ ପାଇଲଟ୍‌ଙ୍କ ସହ କ'ଣ ଆଲୋଚନା କରିଥିଲେ କେଜାଣି ଆମ ମାନଙ୍କର ନାମ ଜଣକ ପରେ ଜଣେ କକ୍‌ପିଟ୍ ଯିବାପାଇଁ ଘୋଷଣା କରାଯାଇଥିଲା । କକ୍‌ପିଟ୍‌ରୁ ବାହାରର ସେଇ ମନୋରମ ଦୃଶ୍ୟ । ଆଜି ମଧ୍ୟ ମନ ଭିତରେ ଲେସି ହୋଇ ରହିଛି ।

ଏତେଟା ମନୋରଞ୍ଜନ ମଧ୍ୟରେ ଯେମିତି ଏକ ଧକ୍‌କା । ପ୍ରଫେସର ପ୍ରେମ ପ୍ରକାଶ କହୁଥିଲେ "ଚଳି ଆସୁଥିବା ପ୍ରଥା ଅନୁସାରେ ବିଦେଶ ଯାତ୍ରାରୁ ଫେରିବା ପରେ କ୍ଲାସ୍‌ରେ ନିଜର ଅନୁଭୂତି ବ୍ୟକ୍ତ କରିବାକୁ ହୁଏ । ତେଣୁ ତୁମ ଚାରିଜଣଙ୍କ ମଧ୍ୟରୁ ଜଣେ ଏ ଦାୟିତ୍ୱ ବହନ କର । ମତେ ବାଦ୍ ଦେଇ ତିନିଜଣ ଯାକ କିଛି ନା କିଛି କହି ନିଜର ପ୍ରତିରକ୍ଷା କରିବାର ପ୍ରୟାସ କରୁଥିଲେ । ସମସ୍ତଙ୍କର ଦୃଷ୍ଟି ମୋ' ପ୍ରତି ଆକର୍ଷିତ ହେଲା ।

"ଇଏ ଚୁପ୍‌ଚାପ୍ ବସିଛି । ଏଇ କରିବ । କହିଲା ସତ୍‌ପାଲ୍ ।"

ମୁଁ କଥାର ମର୍ମ ନ ବୁଝି କହିଲି, "ଜାଣିଛି, ସମସ୍ତଙ୍କୁ କରିବାକୁ ହେବ । ପ୍ରଫେସର ମଦନ ମୋହନ କହୁଥିଲେ । ସେଇ ଦିନଠାରୁ ମୁଁ ବହୁ କଛି ତଥ୍ୟ ସଂଗ୍ରହ କରି ପଢ଼ିବା ଆରମ୍ଭ କରି ଦେଇଛି । ତା'ଛଡ଼ା ଯାହା ଶିଖିବା, ଯାହା ଦେଖିବା ତା'ର ମଧ୍ୟ ବିବରଣୀ ଦେବା ।"

"ଦେବା ନୁହେଁ ଦେବୁ । ତୁ ବିବରଣୀ ଦେବୁ । ଗ୍ରୁପ୍‌ର ଜଣକୁ ଦେବାକୁ ହୁଏ ।" ସପୋଲ୍‌ର ଦୃଢ଼ କଣ୍ଠସ୍ୱର ।

ତେବେ ଡାଃ ଘୋଷ ଦେବେ । ପ୍ରଥମତଃ ତାଙ୍କର ଇଂଲିଶ୍ ବହୁତ ଭଲ । ତା'ଛଡ଼ା ସେ ବହୁ ଦେଶ ବିଦେଶ ଭ୍ରମଣ କରିଛନ୍ତି ।

"ସୁପ୍ରିୟୋ... ନାଁ... ନାଁ... ତେବେ ସେଦିନ କ୍ଲାସ୍ ଆଠଟାରୁ ପାଞ୍ଚଟା ହୋଇଯିବ । ବିଚରା ରୋଗୀମାନେ", କହିଲେ ପ୍ରଫେସର ପ୍ରେମ୍ ପ୍ରକାଶ ।

"ଆଚ୍ଛା ଦେଖିବା । ପର କଥା ପରେ । ଏବେ ଶୁଣିବା ଅନୀତା କ'ଣ ସବୁ ପଢ଼ିବା ଆରମ୍ଭ କରିଛି ।" କଥା ବାଆଁରେଇବାର ପ୍ରୟାସ କଲେ ପ୍ରଫେସର ସୁଦ୍ ।

ସେମିତି ବେଶୀ କଛି ନୁହେଁ ସାର୍, କେବଳ ଡାଃ ଫେଦେରଭ୍‌ଙ୍କ ବିଷୟରେ କଛିଟା ପଢିଛି,

ଆଚ୍ଛା କହ, ସମସ୍ତେ ଶୁଣିବା ।

ଉଣେଇଶ ସତେଇଶ ମସିହାରେ ଡାଃ ଫେଦରଭଙ୍କର ଜନ୍ମ ଇଉକ୍ରେନ୍‌ର ପ୍ରସକୁରଭ ସହରରେ ହୋଇଥିଲା । ତାଙ୍କର ମାତା ପିତା ରୁଷ ଦେଶର । ଉଣେଇଶ ବାବନ ମସିହାରେ ଫେଦରଭ ରସ୍ତୋର ଅନ୍ ଡନ୍ ମେଡ଼ିକାଲ୍ ସ୍କୁଲରୁ ଏମ୍.ବି.ବି.ଏସ୍ ସଂପର୍ଣ୍ଣ କରିଥିଲେ । ତା'ପରେ ସେ ରସ୍ତୋଆବାସ୍ ନାମକ ଗୋଟିଏ ଛୋଟ ସହରରେ ନେତ୍ର ରୋଗୀ ମାନଙ୍କୁ ପରୀକ୍ଷା କରୁଥିଲେ । ଉଣେଇଶ ତେପନରୁ ପଞ୍ଚାବନ ମସିହା ପର୍ଯ୍ୟନ୍ତ ସେ ଲିସଭା ସିଟି ହସ୍‌ପିଟାଲ୍‌ରେ ମୁଖ୍ୟ ଭାବେ କାମ କରୁଥିଲେ । ତା'ପରେ ସେ ରସ୍ତୋ ମେଡ଼ିକାଲ୍ ସ୍କୁଲ୍‌ରେ ପୋଷ୍ଟ ଡକ୍‌ଟରାଲ୍ ଛାତ୍ରରୂପେ ଯୋଗ ଦେଇଥିଲେ । ଉଣେଇଶ ସତାବନ ମସିହାରୁ ସେ ହେଲ୍‌ମହୋଜ୍ ଅପ୍‌ଥାଲମିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେକୋସାରୀ ଶାଖାର ଦାୟିତ୍ୱ ବହନ କରିଥିଲେ । ଉଣେଇଶ ଛାଠିଏ ମସିହାରେ ସେ ରୁଷ୍‌ରେ ପ୍ରଥମ କୃତ୍ରିମ ଲେନ୍‌ସ ଆଖି ଭିତରେ ରୋପଣ କରିଥିଲେ । ଉଣେଇଶ ଛାଠିଏରୁ ସତଶଠି ମସିହା ପର୍ଯ୍ୟନ୍ତ ସେ ଆର୍ଖାଞ୍ଜେଲ ମେଡ଼ିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନେତ୍ର ବିଭାଗର ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ । ମସ୍କୋ ଆସିବା ପରେ ସେ କୃତ୍ରିମ ଲେନ୍‌ସ ଲାବୋରେଟୋରୀର ମୁଖ୍ୟ ରୂପେ ନଯୁକ୍ତ

ହେଲେ। ତାଙ୍କର ଗବେଷଣା କୃତ୍ରିମ କର୍ଣ୍ଣିଆ, ଗ୍ଲୁକୋମା ଏବଂ ମାୟୋପିଆ ଅପରେସନ ଉପରେ ଥିଲା । ୧୯୮୦ରେ ସେ ଆଇ ମାଇକ୍ରୋସର୍ଜରୀ ଫାଉଣ୍ଡେସନ ଗଢ଼ିଥିଲେ ଯାହାର ନାମ ଗତବର୍ଷ ଅର୍ଥାତ୍ ୧୯୮୩ରେ ଆଇ ମାଇକ୍ରୋସର୍ଜରୀ ସେଣ୍ଟର ରୂପେ ପ୍ରତିଷ୍ଠା ହୋଇଥିଲା । ସେ ରୁଷ ଏକାଡ଼େମୀ ସାଇନ୍ସର ମେମ୍ବର ଏବଂ ଅଲ୍ ରୁଷ ସାଇଣ୍ଟିଫିକ୍ ସୋସାଇଟିର ଚେୟାରମ୍ୟାନ୍ । ଏତଦ୍ ବ୍ୟତୀତ ସେ ସରକାରୀ ସ୍ତରରେ ବହୁ ସମ୍ମାନ ଲାଭ କରିଛନ୍ତି । ତନ୍ମଧ୍ୟରୁ ପାଲିଓଲଗ୍ ଏବଂ ପେରିକ୍ ଲେସ୍ ପୁରଷ୍କାର ପ୍ରମୁଖ ।
ଡାଃ ଫେଦେରଭ ପ୍ରଥମ କରି ବିଶ୍ୱରେ କନ୍‌ଭେୟର ବେଲ୍‌ଟି ସିଷ୍ଟମ ଅପରେସନ୍ ରୁମ୍‌ରେ ପ୍ରତିଷ୍ଠା କରିଥିଲେ । ମାୟୋପିଆ ସର୍ଜରୀର ସେ ପ୍ରଥମ ସୂତ୍ରଧାର । ତାଙ୍କରି ପାଖକୁ ମୁଁ ରେଡ଼ିଆଲ୍ କେରାଟୋଟୋମୀ ଶିଖିବାକୁ ଯାଉଛି ।

ବାସ୍... ବାସ୍... ବାସ୍... ଏତିକ କହିଦେଲେ ତ ସମସ୍ତେ ଖୁସି । ତା'ଛଡ଼ା ସେଠାରେ କ'ଣ ସବୁ ଶିଖିଲୁ ତାହା ମଧ୍ୟ ଯୋଡ଼ିବୁ ।

ବର୍ତ୍ତମାନ ପାଇଁ ଏସବୁ ବନ୍ଦ କରି ଭଲ ଭାବେ ମାସକ ପାଇଁ ଭାରତୀୟ ଖାଇବା ପେଟ ଭର୍ତ୍ତୀ କରି ଖାଇନଅ । ସେଠାରେ କେବଳ ବ୍ରେଡ୍, ବଟର୍ ଚଜ୍ ଖାଇବାକୁ ମିଳବ ।

ପ୍ରଫେସର ସୁଦ୍‌ଙ୍କ କଥା କାଟି କହିଲେ ପ୍ରଫେସର ପ୍ରେମ ପ୍ରକାଶ ।

"ରୁଟି, ଡାଲି ମିଳବନ? ଧେତ୍ କେମିତିକା ଦେଶଟାଏ ବ୍ରେଡ୍ ତ କେବଳ ଜଳଖିଆ ପାଇଁ ବ୍ୟବହାର ହୁଏ । ପୁଣି ମୋ' ଆଡ଼କୁ ଚାହିଁ କହିଲା ସପୋଲ୍, ତୁ କାହିଁକି ଖିଁ ଖିଁ ହେଉଛୁ! ତୁ ତ ପବନାହାରୀ । ମାସକରେ ଆମେ ସଢ଼ିଯିବୁ ଏଇତକ ଏତେ ଯୋଗ କରି କହିଲା ଯେ

ଅନ୍ୟ ଯାତ୍ରୀମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । କ'ଣ ହେଲା ବୋଲି ଏୟାର୍ ହୋଷ୍ଟେସ୍ ଦଉଡ଼ି ଆସିଲା । ପ୍ରଫେସର ସୁଦ୍ ସାଇଡ୍ ସିଟ୍‌ରେ ବସିଥିଲେ, ତାକୁ ବୁଝାଇ ଦେଲେ ଆଚ୍ଛା ଏବେ ଘୋଷ ବାବୁଙ୍କୁ ପଚାରିବା ସେ କ'ଣ ଖାଇବେ । କହିଲେ ଡାଃ ଆଜାଦ ।

ସୁପ୍ରିୟୋ ପାଇଁ ଚନ୍ତା କରନା ଭାଇ । ସେ କେବଳ ଚକେନ୍ ଖାଇବ । ମନ୍ତବ୍ୟ ଦେଲେ ପ୍ରଫେସର୍ ପ୍ରେମପ୍ରକାଶ ।

ଫ୍ଲାଇଟ୍‌ରୁ ଓହ୍ଲାଉ ଓହ୍ଲାଉ ଜଣେ ଭଦ୍ରମହିଳା ଆମ ମାନଙ୍କ ନକଟରେ ପହଞ୍ଚିଲେ । କଷ୍ଟମ୍ କ୍ଲିଅରାନ୍ସ ପାଇଁ କଛି ବି ସମୟ ନଷ୍ଟ ହୋଇ ନଥିଲା । ରାସ୍ତାରୁ କଛି ବ୍ରେଡ୍, ବଟର, ଚଜ୍ କଣାଇ ଆମମାନଙ୍କୁ ନେଇ ଏକ ସୁନ୍ଦର ହୋଟେଲ୍‌ରେ ରଖାଇ ଦେଇଥିଲେ । ବାହାରକୁ

ବାହାରିବା ପାଇଁ ବାରଣ କରି ବିଦାୟ ନେଲେ । ଅଳ୍ପ କିଛି କିଛି ଗ୍ରିନ୍ ଭୋଜନ ଶେଷ କରି ଆମେ ବିଶ୍ରାମ ନେଲୁ ।

ତହିଁ ଆରଦିନ ସକାଳ ସାତଟାରେ ଅନ୍ୟ ଜଣେ ଭଦ୍ରମହିଳା ଲିଧାଙ୍କ ସହ ମିଶା ରିସେପସନ୍‌ରେ ଆମମାନଙ୍କ ପାଇଁ ଅପେକ୍ଷା କରିଥିଲେ । ଲିଧା ଙ୍କର ଅନୁବାଦ, ଯେତେ ସମୟ ଆମେ ବାହାରେ ରହିବୁ ସେ ଆମ ସହ ରହିବ କହି ଗାଡ଼ି ଚଲାଇବା ପାଇଁ ମିଶା ଡ୍ରାଇଭରକୁ ନିର୍ଦ୍ଦେଶ କଲେ । ପ୍ରଫେସର ଫେଦେରଭଙ୍କୁ ବହୁଜଣ ଟାଇଗର୍ ନାମରେ ସମ୍ବୋଧନ କରନ୍ତି ବୋଲି ଶୁଣିଥିଲୁ । ତାଙ୍କୁ ଦେଖିବା ପରେ ଆମର ସନ୍ଦେହ ଦୂର ହୋଇଗଲା ।

ପ୍ରଫେସର ସୁଦ୍ ଏବଂ ପ୍ରଫେସର ପ୍ରେମ ପ୍ରକାଶ ତାଙ୍କ ସଂଗେ ଦୈନନ୍ଦିନ କାର୍ଯ୍ୟକଳାପ ବିଷୟରେ ବହୁ ସମୟ ଆଲୋଚନା କଲେ । ଆମେ ଗୃରିଜଣ କେବଳ ଶୁଣୁଥିଲୁ । କଫି ଆସର ସମୟରେ ପୁରା ମାସକର କାର୍ଯ୍ୟସୂଚୀ ବିଷୟରେ ଆମକୁ ବିବରଣୀ ଦେଲେ । ଡ଼ାଃ ଜ୍ଵେଭ ଆମକୁ ସଂପୂର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍ ବୁଲାଇ ଦେଖାଇଲେ । କହିଲେ ଫେଦେରଭଙ୍କର ଅଫିସ ସଂଗେ ସମସ୍ତ ଅପରେସନ ଥିଏଟର ସି.ସି.ଟିଭି ଦ୍ୱାରା ସଂପୃକ୍ତ ।

ଡ଼ାଃ ଫେଦେରଭଙ୍କୁ ସମସ୍ତେ ଟାଇଗର ଆଖ୍ୟା ଦେଇଥାନ୍ତି । କେଉଁ ଗୋଟିଏ ବି ଷ୍ଟେପ୍‌ରେ ଭୁଲ୍ ହେଲେ ଓଟିକୁ ତାଙ୍କର ଗମ୍ଭୀର ସ୍ୱର ଶୁଣା ଯାଇଥାଏ । ଖୁବ୍ ଚିତ୍ତାକର୍ଷକ ମନେ ହେଲା । ତହିଁ ଆରଦିନ ସକାଳେ ଆମେ ଓଟି ଗଲୁ । ଆମ ଓଟି ମାନଙ୍କ ଭଳି ସେଠାରେ ସର୍ଜନ ସ୍ଥାନ ପରିବର୍ତ୍ତନ କରନ୍ତିନି । ଗୋଟିଏ ଷ୍ଟେପ୍ ଶେଷ ହେଲା ପରେ ରୋଗୀର ଟେବୁଲ୍ ପରବର୍ତ୍ତୀ ଷ୍ଟେପ୍ ପାଇଁ ଡାହାଣକୁ ତା'ର ସ୍ଥାନାନ୍ତରଣ କରାଯାଇଥାଏ ଏବଂ ବାମ ପାର୍ଶ୍ୱରୁ ଅନ୍ୟ ଏକ ରୋଗୀର ଟେବୁଲ୍ ଆସି ଖାଲି ସ୍ଥାନ ଅଧିକାର କରିଥାଏ । ସତରେ ଚିତ୍ତକର୍ଷକ।

ଆମ ରହଣୀ ଭିତରେ ଆମେ ବହୁତ କିଛି ଶିଖିବାର ସୁଯୋଗ ପାଇଥିଲୁ । ଆଉ ଥରେ ଓଡ଼ିଶା ପାଇଁ ଆସିବାକୁ ସେ ମତପ୍ରଦାନ କରିଥିଲେ । ଲିଧା ସବୁଦିନ ଆମକୁ ହସ୍‌ପିଟାଲ୍‌ରୁ ହୋଟେଲ୍ ଆଣିବା ସମୟରେ ଗୋଟିଏ ଗୋଟିଏ ଦର୍ଶନୀୟ ସ୍ଥାନ ଦେଖାଇଥାଏ । ୟା' ଭିତରେ ଆମେ କ୍ରେମ୍‌ଲିନ୍, ରେଡ୍ ସ୍କୋୟାର୍, ପିଟର୍ ହଫ ପ୍ୟାଲେସ୍, ଉଇଣ୍ଟର ପ୍ୟାଲେସ୍, ହରମିଟେଜ୍ ମ୍ୟୁଜିଅମ୍, ବୈକଲ ଲେକ୍ ଇତ୍ୟାଦି ଇତ୍ୟାଦି ବୁଲି ଦେଖି ସାରିଥିଲୁ ସିନା ମାତ୍ର ଆମେମାନେ ବନ୍ଦୀ କହିଲେ ଭୁଲ୍ ହେବନି ।

ପ୍ରଫେସର ପ୍ରେମ ପ୍ରକାଶ ଚୁପ୍ ଚୁପ୍ କରି ଆମକୁ ବହୁବାର କହିଥାନ୍ତି, ବନ୍ଦୀ ଆଉ ଆମ ଭିତରେ କଛି ଫରକ୍ ନାହିଁ । ଦେଶଟା ସେମିତି, "ଯେ ଦେଶ ଯାଇ, ସେ ଫଳ ଖାଇ" ମନ୍ତବ୍ୟ ବାଢିଲେ ପ୍ରଫେସର ସୁଦ୍। କାରଣ ଗାଡ଼ିରୁ ଓହ୍ଲାଇ ପୁଣି ଭିତରେ ପଶିବା ପର୍ଯ୍ୟନ୍ତ ଲଧା ଆମ ସଂଗେ ସଂଗେ ଥାଏ ।

ଆଉ ଏକ ମଜାଦାର ଘଟଣା, ବ୍ରେଡ୍, ବଟର, ଚଜ୍ ଖାଇ ଖାଇ ଆମ ସମସ୍ତଙ୍କୁ ବିଡ଼ିବିଡ଼ା ଲାଗି ଯାଇଥିଲା । ସମସ୍ତେ ମତ ଦେଲେ ମିଶା ସଂଗେ ମୋ'ର ଘନିଷ୍ଠତା ଖୁବ୍ ବେଶୀ । ତେଣୁ ତାଙ୍କୁ କହି ଆମ ପାଇଁ କଛି ଗରମ ଖାଦ୍ୟର ବ୍ୟବସ୍ଥା କରାଯାଇ ପାରନ୍ତା । ସେଇଆ ହେଲା । ମିଶା ଆମ ପାଇଁ ଛଅଟି ସୁପ୍ ପ୍ୟାକେଟ୍ ଆଣିଦେଲେ । ଗରମ ପାଣିରେ ମିଶାଇ ପିଇବାକୁ ହେବ । ମସ୍କୋର ପ୍ରସିଦ୍ଧ ସୁପ୍ । ଖୁବ୍ ସୁସ୍ୱାଦୁ । ହୋଟେଲ୍‌ରେ ପହଞ୍ଚି ସନ୍ଧ୍ୟାରେ ମୋ'ର କାମ ଆରମ୍ଭ ହେଲା । ରଡ୍ ସାହାଯ୍ୟରେ ଗରମ ପାଣି କରି ଜଣ ଜଣ କରି ପିଇବାକୁ ଦେଲି । ଆଃ... କେତେଦିନ ପରେ ମଣିଷକୁ ଟିକଏ ଗରମ ଜିନଷ ମିଳଲା...

ଏମିତି ସବୁ ମତାମତ ସମୟରେ ସତ୍‌ପାଲ୍ ଖୁବ୍ ଜୋର୍‌ରେ କହିଲା "ବକ୍‌ବାସ୍! ତୁ ଯେମିତି ତୋ ସହେଲୀ ସେମିତି । ଏଗୁଡ଼ା ମଣିଷ ପିଅନ୍ତି!!!

ତହିଁ ଆରଦିନ ସକାଳେ ମିଶା ଲଧା ସଙ୍ଗେ ଆମକୁ ନେବାକୁ ଆସିଲେ । ପ୍ରଥମେ ଗୁଡ୍ ମର୍ଣ୍ଣିଙ୍ଗ୍ କହି ପରେ ପରେ କହିଲେ, ମୁଁ ବହୁ ଦୁଃଖୀତ। ଡାଃ ପଣ୍ଡା । ସୁପ୍ ୱାଜ୍ ନଟ୍ ଗୁଡ୍। ତେଣୁ ଆପଣଙ୍କୁ ବହୁ କଛି ଶୁଣିବାକୁ ମିଳଲା । ସେଦିନ ହୋଟେଲ୍ ଫେରିବା ପୂର୍ବରୁ ଆମକୁ ଲଧା ଗୋଟିଏ ରେଷ୍ଟରାଣ୍ଟ୍ ନେଇଯାଇଥିଲେ । ଡାଃ ସୁପ୍ରିୟୋ ଘୋଷ ତାଙ୍କର ନନ୍‌ଭେଜିଟେରିଆନ୍ ଡିସ୍‌ସ ଉପଭୋଗ କରୁଥିବା ସମୟରେ ଆମେ ସବୁ ପରମ ଆଳୁକୁ ଚକଟି ବଟର ଲୁଣ ମିଶାଇ ଖାଇବାରେ ଲାଗିଲୁ ।

ଭାରତ ଫେରିବା ଅଳ୍ପଦିନ ପୂର୍ବରୁ ଆମେ ଇଣ୍ଡିଆନ୍ ଆମ୍ବାସାଡ଼ରଙ୍କ ଅଫିସ୍‌କୁ ସାକ୍ଷାତ କରିବାକୁ ଯାଇଥିଲୁ । ତାଙ୍କ ସଂଗେ ମୋ'ର ପୂର୍ବର ପରିଚୟ । ଫେରିବା ସମୟରେ ମୁଁ ଭାଉଜଙ୍କ ବିଷୟରେ ପଚାରିଥିଲି । ଧୀର ଭାଇ (ଆମ ସାଡର) ଆମ ସମସ୍ତଙ୍କୁ ତାଙ୍କ ଘରକୁ ରାତ୍ରି ଭୋଜ ପାଇଁ ନମନ୍ତ୍ରଣ କରିଥିଲେ । ରାତ୍ରି ଭୋଜରୁ ହୋଟେଲ୍ ଫେରିବା ସମୟରେ ଡାଃ ପ୍ରେମ ପ୍ରକାଶ ମନ୍ତବ୍ୟ ଦେଇଥିଲେ, "ସୋମାଲୟରୁ ଫେରିଥିବା ମଣିଷ

ଭଳ ତୁମେମାନେ ଖାଦ୍ୟ ପଦାର୍ଥ ଉପରକୁ ଡ଼େଇଁ ପଡ଼ିଥିଲ ।” ଡାଃ ସୁଦ୍ ମଜା କରି କହିଲେ ଭୋଜନ ଶୟନରେ ଲଜ୍ଜ୍ୟା କରାଯାଏନା ।

ପ୍ରଫେସର ପ୍ରେମପ୍ରକାଶଙ୍କର ମସ୍କୋ ବିଷୟରେ ବହୁ ଜ୍ଞାନ ଥିଲା । ସେଠାର କଟ୍ ଗ୍ଲାସ୍ ଆଉ କଟ୍‌ଗ୍ଲାରୀର ବହୁ ପ୍ରଶଂସା କରିଥିଲେ । ମୋ'ର କଟ୍ ଗ୍ଲାସ୍ ବହୁ ପ୍ରିୟ ବୋଲି ସମସ୍ତଙ୍କୁ ଜଣାଥିଲା । ସତ୍‌ପାଲ୍ କହିଲା ଯା ପସନ୍ଦ ଦୋକାନକୁ ଆମେ ପ୍ରଥମେ ଯିବାନ । କଟ୍‌ଲାରୀ କଣି ସାରିବା ପରେ ଚନ୍ତା କରିବା । ସେଇଆ ହେଲା । ସମସ୍ତେ ମିଶି କଟଲାରୀ ପସନ୍ଦ କରୁଥିଲୁ । ସତପାଲ୍ ମୋ' ଉପରେ ମନ୍ତବ୍ୟ ଦେଇ ଗ୍ଲିଥିଲା । “ରନ୍ଧା ତ ଆସେ ନା, କଟଲାରୀ ଗ୍ରେଷେୟା ପାଇଁ କଣୁଛୁ! ହଠାତ୍ ଆମେ ଅନୁଭବ କଲୁ ପ୍ରଫେସର ପ୍ରେମପ୍ରକାଶ ବ୍ୟଗ୍ର, ବ୍ୟାକୁଳ ଅନୁଭବ କରୁଛନ୍ତି । ଗୋଟିଏ ଷ୍ଟୁଲ୍ ଉପରେ ବସି ପାଣି ମଗାଇ ପିଇଲେ । ପ୍ରଫେସର ସୁଦ୍ ତାଙ୍କ ପାଖକୁ ଯାଇ ଯଥା ଶୀଘ୍ର ତାଙ୍କୁ କାଡ଼ିଓଲୋଜିଷ୍ଟଙ୍କ ପାଖକୁ ନେଇଗଲେ । କଟ୍‌ଲାରୀ କଣିବା ସେଇଠି ବନ୍ଦ ହେଲା । ପରେ ପରେ ଆମେମାନେ ମଧ୍ୟ ତାଙ୍କ ପାଖରେ ପହଞ୍ଚିଲୁ । ପ୍ରଫେସର ପ୍ରେମପ୍ରକାଶ ଗୋଟିଏ ବେଡ୍‌ରେ ଶୋଇଥିଲେ । ହସ୍‌ପିଟାଲ୍ କର୍ମଗ୍ଲରୀଙ୍କ ଆଦେଶ କ୍ରମେ ଆମେ ଜଣେ ଜଣେ କରି ତାଙ୍କ ପାଖକୁ ଗଲୁ । ସମସ୍ତଙ୍କୁ ସେ ଗୋଟିଏ କଥା କହୁଥିଲେ, “ମୁଁ ଭଲ ଅଛି, ଡାଃ ସୁଦ୍ ପାଖରେ ଅଛନ୍ତି । ତୁମେମାନେ ହୋଟେଲ୍ ଫେରିଯାଅ ।” ବାହାରି ଆସିବା ପାଇଁ ମୋ' ମନ ଜମା ମାନୁ ନ ଥିଲା । ପର୍ସର ଗୋଟିଏ ରୁମାଲ୍‌ରେ ବନ୍ଧାଥିବା ଆମ ଇଷ୍ଟଦେବଙ୍କର ଫୁଲ ତୁଳସୀ ତାଙ୍କ ତକିଆ ତଳେ ରଖି ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ତାର କେତେଦିନ ପରେ ରୁମ୍‌ରୁ ବାହାରକୁ ଆସିଲି । ତା'ର କେତେଦିନ ପରେ ଲାଧା ଆମମାନଙ୍କୁ ସପିଙ୍ଗ୍ ବିଷୟରେ ପ୍ରଶ୍ନ କରିଥିଲେ । ସେଦିନ ପ୍ରଫେସର ପ୍ରେମପ୍ରକାଶଙ୍କ ଅସୁସ୍ଥତା ଯୋଗୁ ଆପଣମାନଙ୍କର ସପିଙ୍ଗରେ ବ୍ୟାଘାତ ଘଟିଥିଲା । ବର୍ତ୍ତମାନ ଆପଣମାନଙ୍କ ହାତରେ ସମୟ ଖୁବ୍ ଅଳ୍ପ ଅଛି । ଯିବାକୁ ଇଚ୍ଛା ଥିଲେ ଆସନ୍ତାକାଲି ଯାଇପାରିବା । ଆମେ ସମସ୍ତେ ରଷିୟାନ୍ ଓଭରକୋଟ ବିଷୟରେ ବହୁ ପ୍ରଶଂସା ଶୁଣିଥିଲୁ । ପ୍ରଫେସର ପ୍ରେମପ୍ରକାଶ ତାଙ୍କ କୋଟ ଦେଖାଇ କହିଲେ “ଏଇଟା ମୋ'ର ପୂର୍ବ ଥରର କୋଟ” । ହେଲେ ସେଥିପାଇଁ ସ୍ପେସିଆଲ୍ ଷ୍ଟୋର ଯିବାକୁ ହେବ । ଲାଧା ପାଳ ଧରିଲା, “ୟେସ୍ ଡକ୍ଟର, ସମସ୍ତ ଇଣ୍ଡିଆନ୍ ମାନେ ଚଲ୍‌ଡ୍ରେନ୍ ଷ୍ଟୋର୍‌ରୁ ଗାର୍ମେଣ୍ଟ କଣିଥାନ୍ତି । ତାହାହିଁ ସେମାନଙ୍କୁ ଫିଟ୍ କରେ ତାର କେତେଦିନ ପରେ” ।

ଆମ ମାନଙ୍କର ମସ୍କୋ ପ୍ରଥମ ଦର୍ଶନ ଥିଲେ ମଧ୍ଯ ଡାଃ ଘୋଷ (ସୁପ୍ରିୟୋ) ପୂର୍ବରୁ ତାଙ୍କ ବାପାଙ୍କ ସଂଗେ ବହୁ ଦେଶ ଭ୍ରମଣ ସହ ମସ୍କୋ ମଧ୍ଯ ଯାତ୍ରା କରିଥିଲେ । ତେଣୁ ସେ ଲ୍ଧାଙ୍କୁ ଆମମାନଙ୍କୁ ସେଣ୍ଟ ପିଟର୍ସବର୍ଗ ଏଫ୍ ମାନ୍ ବାଲେ ଦେଖାଇବା ପାଇଁ ଅନୁରୋଧ କରିଥିଲେ । ଟିକେଟ୍ ଅଭାବରୁ ଆମକୁ ଆସିବା ପୂର୍ବଦିନ ଦେଖିବାର ସୌଭାଗ୍ୟ ମିଳଲା । ସେଠାରେ ଆମେ ଜାଣିବାକୁ ପାଇଲୁ ଯେ ବାଲେ ଟିକେଟ୍ ଅଧିକ ଦାମ୍ । ଲ୍ଧାଙ୍କୁ ପ୍ରଶ୍ନକରିଥିଲୁ ସାଧାରଣ ଜନତା ଏହା କେମିତି ଦେଖିବାକୁ ସକ୍ଷମ ହୁଅନ୍ତି? ତାଙ୍କର ଉତ୍ତର ଥିଲା, ଊଣେଇଶ ଶତାବ୍ଦୀରେ ସାଧାରଣ ଜନତାଙ୍କ ପାଇଁ ଶସ୍ତା ଟିକେଟ୍ ମିଳୁଥିଲା । ସେଥିପାଇଁ ଅଲଗା କାଠ ବେଞ୍ଚରେ ବସିବାର ବ୍ୟବସ୍ଥା ଥିଲା ଯାହାକୁ ଗ୍ରାୟକ ବା ପାର୍ଡ଼ାଇଜ୍ ଗ୍ୟାଲେରୀ କୁହାଯାଇଥାଏ । ବର୍ତ୍ତମାନ ସେ ସୁବିଧା ଆଉ ନାହିଁ । ବର୍ତ୍ତମାନର ଲକ୍ଷ୍ୟ ହେଲା ତାଙ୍କ ସଂସ୍କୃତି ର ପ୍ରଗ୍ନର ।

 କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

**ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।**

# ..ମୋ ଗାଁ....



ଆଶାଲତା ନନ୍ଦୀ

ରବି ଉଇଁ ଆସେ ପୁରୁବ ଆକାଶେ
ସୁନେଲି ସ୍ୱର୍ଣ୍ଣ କୁ ନେଇ
ମୋ ଗାଁ ହସେ ସେ ସୁନେଲି ସ୍ୱର୍ଣ୍ଣ
ନତ୍ୟ ଚରନ୍ତନୀ ହୋଇ ।।

ମୋ ଗାଁ ମାଟିର ମହକ ଅଲଗା
ବକ୍ଷ ତାର ନଦୀ ବହେ
ଚାରିଦିଗ ଖାଲି ପ୍ରକୃତି ରାଣୀ ର
ସୌନ୍ଦର୍ଯ୍ୟର ଗାଥା ଗାଏ।।

ନୁଆ ଋତୁ ରେ ନୁଆ ରୁପ ତାର
ନୁଆ କାବ୍ୟ ର ସେ ଗୀତି
ମୋ ଗାଁ ମାଟିକୁ ଛୁଇଁ ଲେ ସୁରୁଜ
କାକର ହୁଅଇ ମୋତି ।।

ବରଷା ଆସିଲେ ବକ୍ଷ ତାର ଫୁଲେ
ଜଳେ ଖେଳେ ମୀନ ରାଶି
ଶରତ ଋତୁ ରେ ଦୃଶ୍ୟ ଲୋଭନୀୟ
ପବନେ ନାଚେ କାଶତଣ୍ଡୀ ।।

କିଆ କେତକୀ ମଧୁମାଳତୀ ବଣମଲ୍ଲୀ ଆଉ ଚମ୍ପା
ମୋ ଗାଁ ପବନେ ଭାସି ବୁଲୁଥାଏ
ନାନାଦି ଫୁଲର ବାସ୍ନା ।।

କୁମାରପୁନେଇଁ ଖୁଦୁରୁକୁଣୀ
ବାର ମାସେ ତେର ଯାତ
ଭାରି ଭଲ ଲାଗେ ମୋ ଗାଁ ମାଟିର
ସବୁଜ ବନମା ଖେତ ।।

ମୋ ଗାଁ ର ବନ ଭାରି ନିର୍ମଳ
ଶୀତଳ ପରସ ଛାଇ
ବାଇ ଚଢେଇର ସୁନ୍ଦର ବସାଟେ
ତାଳ ଗଛେ ଝୁଲୁଥାଇ ।।

ମୋ ଗାଁ ଚାନ୍ଦୀନୀ ରାଗର ରାଗୀଣୀ
ପୋଖରୀ ର ନୀଳ କଇଁ
ମାଟିରୁ ଗଗନ ରଙ୍ଗ ପସରାରେ ଭରା
ଅପୂର୍ବ ସୁନ୍ଦରୀ ସେଇ ।।

ଗୁଣ ଗାରିମାରେ ଭରିଛି ତା ଦେହ
ମଥା ମୋର ଯାଏ ନଇଁ
ମୋ ଗାଁ ମାଟିରେ ଜଳଛି ଏନ୍ତୁଡି
ଜଳୁ ମୋର ଚତା ଯୁଇ।।

# ସାଧବ ବୋହୂ



ବେବୀ ନାଏକ

ଅପରୂପ ଏ ଧରଣୀ ରାଣୀକୁ
ସୁନ୍ଦର ଅଭିନବ ସୃଷ୍ଟି,
ତହିଁ ପ୍ରତି ନୟନ ପ୍ରାଣ ସ୍ପନ୍ଦନର
ସାଧବବୋହୂ ନାଁ ଟି । [୧]

ପ୍ରକୃତିସ୍ଥ ହୁଏ କେତେ କବିପ୍ରେମୀ
ଭାବୁକ ଭାବ ବିହ୍ୱଳ,
ତା ରୂପ ଦର୍ଶନେ ସଭିଏଁ ମତ୍ତ
ସ୍ପର୍ଶ ପାଇଁ କଳକଳ । [୨]

ମୌସୁମୀ ଛୁଆଁର ପହିଲି ବର୍ଷା
ମାଟି ଟା ନରମ ବାସେ,
ନାଲି ରଙ୍ଗର ଚକଣିଆ ଦେହ
ବୁକୁ ଚରି ଧାଇଁ ଆସେ । [୩]

ଘାସ ଗାଲିଚାକୁ କୁନ କୁନ ପାଦ
ବସୁଧାକୁ ଭିନ୍ନ ଶୋଭା,
ମଖ ମଲି ସହ ଓଢ଼ଣା ତାର
ଅପସରା ପରି ଆଭା । [୪]

ଚାଷୀ ଭାଇର ଦେହଲଗା ବନ୍ଧୁ
ବର୍ଷାରାଣୀ ସହ ଭାବ,
ତା ଆଗମନେ ଶୁଭବାର୍ତ୍ତା ମିଳେ
ଚାଷଟା କପରି ହବ । [୫]

ମସୃଣ ଶରୀର ମନଲୋଭା କୀଟ
ସହଜେ କଣଇ ହୃଦ,
ଲାଜେଇ ଲାଜେଇ ପକାଏ ଯେବେ
ତା ଉଠା ବସା ଦି ପାଦ । [୬]

କବି କଳ୍ପନାରେ ମେଳା ଲଗାଏ
ତା ସରି ଆଉ କେ ନାହିଁ,
ଅଝଟ କରନ୍ତି ଶବ୍ଦ ଗୁଡ଼ାକ ଯେ
କବିତାର ରୂପ ପାଇଁ । [୭]

ସାଧବବୋହୂର ନଆରା ପସରା
ଆୟୁଷକୁ ତିନ ଦିନ,
ଦୁଇ ସେଣ୍ଟିମିଟର ଏ କ୍ଷୁଦ୍ର ଜୀବ
ମାଟିରୁ ଜନ୍ମ ଓ ଲୀନ । [୮]

ଏବେ ନାହିଁ ସେ ମିଠା ମୌସୁମୀ
ନା ଅଛି ଘାସ ଗାଆଁରେ,
ଆଧୁନକତାର ଚାଦର ତଳେ
ଆତ୍ମପ୍ରକାଶକୁ ଡରେ । [୯]

ଲାଜୁଆ ଚାହାଁଣୀକୁ ସମସ୍ତେ ବାୟା
ମନରେ ରୁଷିଛୁ କଆଁରେ,
ଆ.. ଭିଜେଇ ଦେ ରସେଇ ଦେ
ତୋ ଅମୃତ ମଧୁ ସ୍ପର୍ଶରେ । [୧୦]

ଅମ୍ବାଭୋନା,ବରଗଡ଼

# ଆମ ଗାଁ' ସୁନ୍ଦର ଦିଶେ

ନାଟ୍ୟମହର୍ଷି ଭରତ ଧରୁଆ

ନୀଳ ଆକାଶରେ ଜହ୍ନ ଉଇଁଲେ
ଆମ ଗାଁ' ସୁନ୍ଦର ଦିଶେ,
ମଲ୍ଲୀ କଢ ଫୁଟି ଧୋପ ଫରଫର
ଜହ୍ନିଫୁଲ ପୁଣି ହସେ ।।
ସନ୍ଧ୍ୟାରୁ ସକାଳ ହୁଏ ଯେତେବେଳେ
ଆମ ଗାଁ'ସୁନ୍ଦର ଦିଶେ,
ପକ୍ଷୀଙ୍କ କାକଳି ସଭିଙ୍କ ଗହଳ
କୃଷିପୁଅ ବିଲ ଚଷେ ।।
ପୋଖରୀ ତୁଠରେ ଗାଧୋଇବା ବେଳ
ଆମ ଗାଁ'ସୁନ୍ଦର ଦିଶେ,
କଇଁଫୁଲ ଶୋଭେ ନାଳ ନାଳ ରଙ୍ଗେ
ଭଅଁର ବସେ ଉଲ୍ଲାସେ ।।
ବିଦ୍ୟାଳୟ ଯା'ନ୍ତି ଦଶ ଘଣ୍ଟିକାରେ
ଆମ ଗାଁ'ସୁନ୍ଦର ଦିଶେ,
ପାଠ ପଢୁଥାନ୍ତି ପିଲ୍‌ମାନେ ଯେତେ
ମନକୁ ଦେଇ ହରଷେ ।।
ଗାଈଆଳ ପୁଅ ଗାଈ ନେଲ୍‌ବେଳେ
ଆମ ଗାଁ'ସୁନ୍ଦର ଦିଶେ,
ଗୋଚର ଭୂମିରୁ ଗୋଧୂଳି ସମୟେ
ଲେଉଟାଇ ଦିମିଶେଷେ ।।

ପୁଚଖେଳ ହୁଏ ଗ୍ରାମଦାଣ୍ଡ ମଝି
ଆମ ଗାଁ'ସୁନ୍ଦର ଦିଶେ,
ରୂପା ଜହ୍ନ ଉଇଁ ଜୋଛନା ବିଛାଇ
ଆମ ସରଗଶଶୀ ସେ ।।
ଭୂଗୋଳ ପୋଥିରେ ନାଆଁଟି ରହିଛି
ଆମ ଗାଁ'ସୁନ୍ଦର ଦିଶେ,
ସ୍ୱଇଜେ କେଉଁଠୁ ପାଇବା ନାହିଁଟି
ଖୋଜି ମଧ ଇତିହାସେ ।।

ସଂପାଦକ-କାଏଁଶଫୁଲ୍
ପୁଡାପଦର୍, ଆଗଲପୁର,
ବଲାଙ୍ଗିର୍

# ଫୁଲ ଓ ମାନବ



ଚୁଲେଶ୍ୱର ନାୟକ

ଚନ୍ଦନବନ ହେଉ ଅବା ପଙ୍କସାଗର
କୁସୁମ ପ୍ରସ୍ଫୁଟିତ ହୁଏ,
ପ୍ରତିକ୍ଷଣେ ଚଉ ଯା ପର୍‌ଉପକରେ
ସେ ସଭିଁଙ୍କ ମନକୁ ଛୁଏଁ ॥
ତା ହୃଦେ କେତେ ଯେ ଅନୁର୍‌ାଗ
ସୁଧାର୍‌ ବିଗ୍ଭର ଯାର,
ସମୀରଣ ମୃଦୁ ସଉରଭେ କହେ
ପୀରତି ଅସ୍ପଷ୍ଟ ଗିର ॥
ଲ୍‌ାବଣ୍ୟ -ଶବଳ ତନୁଟି ତା'ର
ଡାକେ କୋମଳ ରତେ,
ସେବା ନଅ ଲେ୍‌ ନାହିଁ ଭେଦଭ୍‌ାବ
ଅମାପ ନଅ ଗୋ ଯେତେ ॥
ମାନବଜୀବନ ପୁଷ୍ପଟେ ପରି
ଫୁଲଭଳ ତା' କାମ,
ଚୌଦିଗେ ସୌରଭ ମହକାଇ
ରଖିବା ଯଶନାମ ॥

ତାପିତ ଅନ୍ତରେ ଆଶ୍ୱାସେ ପଦ
ସତେ ହରିଚନ୍ଦନ ପରି,
ପୁଷ୍ପସମ ହେଲେ ମାନବସମାଜ
ଦୁଃଖକଷ୍ଟ ଯିବ ତରି ॥
ପୁଣ୍ୟ ସେବା ପରଶେ ପାଇବେ ଜନ
ଯଦି ଚଉ ହୁଏ ପରଶମଣି,
ଦୀନହୀନ ସବୁ ସ୍ୱର୍ଣ୍ଣ ହୋଇବେ
ବଡ଼ପଣ ଏହା ତ ପୁଣି ॥

ଯୁକ୍ତଦୁଇ ବିଜ୍ଞାନ ପୁରୁଣା ଛାତ୍ର
ଲମ୍ବୋଦର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଚ଼ଚେଇଗୁଡ଼ା, କଳାହାଣ୍ଡି

# ରାଣ୍ଡିପୁଅ ଅନନ୍ତା' ଗଳ୍ପରେ ସାମାଜିକ ଚିତ୍ର



ରଞ୍ଜନ କୁମାର ଖଣ୍ଡା

ଊନବିଂଶ ଶତକର ଶେଷ ଦଶନ୍ଧି ଓଡ଼ିଆ ଭାଷା ସାହିତ୍ୟ ପାଇଁ ସନ୍ଧିକ୍ଷଣ । ଏହି ସମୟରେ ଭାଷା ଓ ସାହିତ୍ୟକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଥିଲେ ଓଡ଼ିଶାର ସାହିତ୍ୟ ସାଧକମାନେ । ବଙ୍ଗାଳୀ ମାନଙ୍କର ଚକ୍ରାନ୍ତକୁ ପ୍ରତିରୋଧ କରି ଓଡ଼ିଆ ଭାଷା ସାହିତ୍ୟକୁ ପରିପୁଷ୍ଟ କରିଥିଲେ। ଏକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବ୍ୟାସକବି ଫକୀରମୋହନ ସେନାପତି । ଫକୀରମୋହନ ଏକାଧାରରେ ଜଣେ କବି, ଅନୁବାଦକ, ପ୍ରାବନ୍ଧିକ, ଔପନ୍ୟାସିକ, ଗାଳ୍ପିକ ଓ ଶିଶୁ ସାହିତ୍ୟିକ । ପ୍ରାଥମିକ ପର୍ଯ୍ୟାୟର ସୃଷ୍ଟି ରାମାୟଣ ଓ ମହାଭାରତ । ପରବର୍ତ୍ତୀ ସମୟରେ ନିଜସ୍ୱ ଚିନ୍ତାଧାରାକୁ ନେଇ ଅନେକ ଗଳ୍ପ, ଉପନ୍ୟାସ ଓ କାବ୍ୟ କବିତା ଲେଖିଛନ୍ତି । ତାଙ୍କ ଦ୍ୱାରା ରଚିତ "ରାଣ୍ଡିପୁଅ ଅନନ୍ତା' ଏକ ସୁନ୍ଦର ସାମାଜିକ ଚେତନାଧର୍ମୀ ଗପ ।

ଗଳ୍ପଟି ମୁକୁର ପତ୍ରିକାର ଅଷ୍ଟମ ବର୍ଷ ଚତୁର୍ଥ ସଂଖ୍ୟା ଜୁଲାଇ ୧୯୧୩ ମସିହାରେ ପ୍ରକାଶିତ ହୋଇଥିଲା । ଆଦି ପର୍ଯ୍ୟାୟ ସୃଷ୍ଟି ସଂପର୍କରେ ମତାମତ ଦେବାକୁ ଯାଇ ଫକୀରମୋହନ ସେନାପତି ନିଜେ କହନ୍ତି- "କଟକ ବାସ ସମୟରେ ମୋର ଉପନ୍ୟାସ ଲେଖା ଆରମ୍ଭ ହୁଏ। ମୁଁ ପ୍ରଥମେ ରେବତୀ ନାମକ ଗୋଟିଏ ଗଳ୍ପ ଲେଖିଲି । 'ଉତ୍କଳ ସାହିତ୍ୟ'ରେ ପ୍ରକାଶ କରିବା ପାଇଁ ତାହା ସଂପାଦକଙ୍କୁ ଦେଲି । ମୁଁ ଏହି ସମୟରେ ଯେଉଁ ଗଳ୍ପ, ଉପନ୍ୟାସ ଲେଖୁଥିଲି, ତାହା ମୋର ନାମରେ ପ୍ରକାଶ ନକରି 'ଧୂର୍ଜ୍ଜଟୀ' ନାମରେ ପ୍ରକାଶ କରୁଥିଲି । ଏହି ନାମଟି ବାଛିଥିଲେ ମୋର ପ୍ରିୟବନ୍ଧୁ ମଧୁସୂଦନ ରାଓ ।" (୧) 'ରାଣ୍ଡିପୁଅ ଅନନ୍ତା' ଗଳ୍ପ ତତ୍କାଳୀନ ସମୟର ସାମାଜିକ ଆବେଗକୁ ନେଇ ପର୍ଯ୍ୟବେସିତ । ଉତ୍ଥାନ ପତନ ମଧ୍ୟରେ ସମସ୍ୟା ଓ କାରୁଣ୍ୟଭରା ଘଟଣା ଗଳ୍ପର ପୃଷ୍ଠଭୂମି । ଜୀବନର ସଂଘର୍ଷ ଓ ସମସ୍ୟା ଯେପରି ଜୀବନ୍ତ ହୋଇଛି ସେପରି ଗାଉଁଲି ମଣିଷର ସ୍ୱଚ୍ଛମନ, ସ୍ପଷ୍ଟବାଦୀ ଚିନ୍ତାଧାରା ପ୍ରତିଫଳିତ ହୋଇଛି । ଜଙ୍ଗଲର ଶୋଭାଠାରୁ ଆରମ୍ଭ କରି ଗାଁର ଜୀବନ ଶୈଳୀ ଏଥିରେ ରହିଛି ।

ଜୀବନର ଖଣ୍ଡିତାଂଶକୁ ନେଇ ଗଳ୍ପ ରଚନା କରାଯାଏ । ଗାଳ୍ପିକ ଫକୀରମୋହନ ଖଣ୍ଡିତାଂଶ ପରିସର ଭିତରେ ଜୀବନର ପୂର୍ଣ୍ଣତା ଓ ପରିଣତିର ଚିତ୍ରକୁ ଦେଖାଇଛନ୍ତି । ତିନୋଟି ଚରିତ୍ର ସଂଘର୍ଷମୟ ପରିସ୍ଥିତିର ସାମ୍ନା କରୁଛନ୍ତି ଏବଂ ଶେଷରେ କାଳର କରାଳ ଗର୍ଭରେ ଜଣକ ପରେ ଜଣେ ଲୀନ ହୋଇଛନ୍ତି । ତାହା ଏଥିରେ ସୂଚିତ ହୋଇଛି । ଗଳ୍ପର ନାୟକ ଅନନ୍ତା । ଚପଳ ସ୍ୱଭାବର ଚରିତ୍ରଟି ଘଟଣାନୁଯାୟୀ ହୋଇଉଠିଛି ଆହୁରି କଠୋର ଓ ଜିଦ୍‌ଖୋର ପ୍ରକୃତିର । ଯାହାର କାରଣ ସାଜିଛି ତା'ର ମାଆ । ସ୍ୱାମୀର ମୃତ୍ୟୁ ପରେ ଅନ୍ତ ତାର ସାହାଭରସା । ପୁତ୍ର ପ୍ରେମରେ ଅନ୍ଧ ଦେବକୀ ନଜର ପୁତ୍ରକୁ ଆଖିରୁ ଅନ୍ତର କରିନି । ଅନନ୍ତା କାହା ବାଡିରୁ ଯଦି ଫଳ ଚୋରାଇ ଖାଇଲା ତେବେ ତାକୁ ମଧ୍ୟ ବିରୋଧ କରିନି । କିନ୍ତୁ ଅନନ୍ତାକୁ କେହି କିଛି କହିଲେ ଦେବକୀ ସେମାନଙ୍କୁ ଗାଳିଗୁଲଜ କରିଛି । ଅବଧାନ ମଧ୍ୟ ଦେବକୀର କ୍ରୋଧର ଶିକାର ହୋଇଛି । ପାଠ ନପଢ଼ିବାରୁ ଅବଧାନ ଅନନ୍ତାକୁ ପ୍ରବଳ ପିଟିଛନ୍ତି । ଏହାର ପ୍ରତିଶୋଧ ନେଇଛି ଅନନ୍ତା । ଅବଧାନ ତଲବ କରିବାରେ ବିଛୁଆତି ଗୁଣ୍ଡ ମିଶାଇଛି । ଯାହା ଫଳରେ ବିଚରା ଅବଧାନ ପ୍ରବଳ କଷ୍ଟ ପାଇଛନ୍ତି । ଏହି କାରଣରୁ ଅନନ୍ତା ଓ ତା ମାଆ ଦେବକୀ ଅବଧାନଙ୍କ ଠାରୁ ଗାଳି ଶୁଣନ୍ତି। ଏହା ଦେବକୀ ପକ୍ଷରେ ଅସହ୍ୟବୋଧ ହୋଇଛି । ଗଳ୍ପଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମୁଖ୍ୟତଃ ତିନୋଟି ଧାରା ଦେଇ ଗତି କରିଛି । ପ୍ରଥମେ ସୁବଳ ଓ ଦେବକୀର ସରଳ ଜୀବନଯାପନର ଚିତ୍ର । ଦ୍ୱିତୀୟାଂଶରେ ସୁବଳ ଓ ଦେବକୀର ଜୀବନର ପରିବର୍ତ୍ତନ ଓ ନୂତନ କରି ସ୍ୱଚ୍ଛନ୍ଦରେ ବଂଚିବାର ମାଧ୍ୟମ । ତୃତୀୟାଂଶରେ ଦେବକୀ ବୈଧବ୍ୟ, ଅନନ୍ତାର ପରିବର୍ତ୍ତନ । ଏହାହିଁ ହେଉଛି ଗଳ୍ପର ବିଷୟବସ୍ତୁ । ଗାଁ ପାଇଁ ଜୀବନଦାନ ବିଷୟବସ୍ତୁ ମଧ୍ୟରେ ନିହିତ ପ୍ରଚଣ୍ଡ ଜାତୀୟତାବୋଧ । ଗାଁ ବଂଚିବ । ଗାଁ ବଂଚିଲେ ଦେଶ ବଂଚିବ । ଜାତି ବଂଚିବ । ଅନନ୍ତାର ସଂକଳ୍ପବୋଧ ଭିତରେ ଫକୀର ମୋହନ ସେନାପତିଙ୍କ ତୀବ୍ର ଜାତୀୟତାବୋଧ ପ୍ରକାଶିତ ।

କଥାକାର ଫକୀରମୋହନ ସେନାପତି ଜୀବନର ପରିଣତ ବୟସରେ ଲେଖା ଆରମ୍ଭ କରିଥିଲେ । ତେଣୁ ସେ ଅଭିଜ୍ଞ । ଅନୁଭୂତି ସଂପର୍ଣ୍ଣ । ସେ ଅନେକ ଯାଗା ବୁଲିଛନ୍ତି ସେଠାରୁ ଯାହା ସେ ଦେଖିଛନ୍ତି ଓ ଯାହା ଅନୁଭବ କରିଛନ୍ତି ତାହାକୁ ସେ ଲେଖିଛନ୍ତି । ଚିରରୋଗୀ ଥିବାରୁ ସେ ଅନେକ ଦୁଃଖ ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି । ଯେତେବେଳେ ସେ ଲେଖାଲେଖିରେ ମନ ଦେଇଛନ୍ତି ସେତେବେଳେ ସେ ଏକାକୀ ଜୀବନ ଅତିବାହିତ କରିଛନ୍ତି । ତେଣୁ ସେ କହନ୍ତି- "......... ବନ୍ଧୁ ମାନଙ୍କଠାରୁ ବିଚ୍ଛିନ୍ନ ହୋଇ ମୁଁ ଏହି ଦୀର୍ଘ

୧୩ବର୍ଷ କାଳ ପ୍ରାୟ ଏକାକୀ ରହିଅଛି । ଚିରଦିନ ଏକାକୀ ରହିବା ମୋ ଭାଗ୍ୟରେ ଲେଖାଅଛି । ବାଲ୍ୟ କାଳରେ ପିତୃ ମାତୃହୀନ ଥିଲି, ଯୌବନରେ ପତ୍ନୀ ବିରହିତ ହୋଇ ଦୂରଦେଶରେ ଥିଲି । ଏବେ ବାର୍ଦ୍ଧକ୍ୟରେ ସୁଦ୍ଧା ସନ୍ତାନଠାରୁ ବିଚ୍ଛିନ୍ନ ହୋଇ ନିର୍ଜ୍ଜନବାସ କରୁଅଛି । ଏକାକୀ ଥିବାରୁ ଚିନ୍ତା କରିବାକୁ ଯଥେଷ୍ଟ ସମୟ ପାଏ । ମୁଁ ଚିରଦିନ ରୋଗୀ ଥିବାରୁ କର୍ମପଟୁ ନୁହେଁ । ମାତ୍ର ବ୍ୟାଧି, ବିପଦ ସମୟରେ ମୋହର ଲେଖା ଟିକିଏ ଭଲ ହୁଏ । ମୋହର ଉଦ୍ୟାନ ମଧ୍ୟସ୍ଥ କୃଷ୍ଣକୁମାରୀ ସମାଧି.... ଏବଂ ଗଅହ ନିକଟସ୍ଥ 'ଶାନ୍ତିକାନନ' ନାମକ ଉଦ୍ୟାନ । ମୋତେ ଏହି ଦୀର୍ଘ ନିର୍ଜନ ବାସ କାଳରେ ଶାନ୍ତିଦାନ କରିଅଛନ୍ତି । ଏହି ଶାନ୍ତି ଆଉ ନିର୍ଜନତାର କ୍ରୋଡ଼ରେ ବସି ମୁଁ ମୋର ଜୀବନର ଶେଷ ଗ୍ରନ୍ଥମାନ ରଚନା କରିଅଛି । 'ମାମୁଁ', 'ପ୍ରାୟଶ୍ଚିତ', 'ବୌଦ୍ଧାବତାର କାବ୍ୟ' ଏବଂ ମୋହର ଆତ୍ମଚରିତ' ଏହିଠାରେ ରଚିତ ହୋଇଅଛି ।" (୨) 'ଗ୍ରଣ୍ଡିପୁଅ ଅନନ୍ତା' ଏହି ସମୟର ରଚନା ।

ଗାଳ୍ପିକ ସମାଜର ଅଖଣ୍ଡ ଧାରାକୁ ନେଇ ଗଳ୍ପ ଲେଖି ସାଂପ୍ରତିକ ସମାଜର ଅମାନୁଷିକ ବ୍ୟକ୍ତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତେଣୁ ସମୀକ୍ଷକ ପ୍ରକାଶ କୁମାର ପରିଡ଼ା ପେଟେଂଟ୍ ମେଡ଼ିସିନ୍ ଗଳ୍ପର ଆଲୋଚନା କରିବା ସମୟରେ କହିଛନ୍ତି - " 'ଗଳ୍ପସ୍ୱଳ୍ପ' ର ଦୁଇଟି ଖଣ୍ଡରେ ସଂକଳିତ ତାଙ୍କର ଗଳ୍ପ ଗୁଡ଼ିକରେ ତତ୍କାଳୀନ ସମାଜର ଦୋଷ-ଗୁଣ, ପରଂପରା ଓ ପ୍ରଗତିର ଦ୍ୱନ୍ଦ୍ୱରେ ଅତୀତ ବର୍ତ୍ତମାନଟିର କାକୁସ୍ଥ ଓ ଦୟନୀୟ ଭାବ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ସର୍ବୋପରି ଏକ ସଂସ୍କାର ମନୋଭାବର ଯେଉଁ ଆଲେଖ୍ୟ ପରିବେଶିତ, ତାହା ତାଙ୍କୁ ଶ୍ରେଷ୍ଠ ଗାଳ୍ପୀକ ଆସନରେ ଅଧିରୁଢ଼ କରିଛନ୍ତି ।" ( ୨) ଗ୍ରଣ୍ଡିପୁଅ ଅନନ୍ତା ଗଳ୍ପଟି କ୍ଷୁଦ୍ର କଳେବରକୁ ନେଇ ରଚିତ ହୋଇଥିଲେ ହେଁ ଏଥିରେ ମହନୀୟତା ଉପଲବ୍ଧ । ସମୁଦ୍ରର ଜଳ ଲବଣାକ୍ତ ଓ କ୍ଷାର ହେଲେ ମଧ ଏହା ସମସ୍ତଙ୍କର ଉପଭୋଗ୍ୟ ଏବଂ ଏହା ପ୍ରତ୍ୟେକ ବସ୍ତୁକୁ ବା ପଦାର୍ଥକୁ ଗ୍ରହଣ କରି ସର୍ବସଂହା ହୋଇଯାଏ । ଠିକ୍ ସେହିପରି ଅନନ୍ତା ଗଳ୍ପଟିରେ ଦୁଷ୍ଟ, ନାଗୁର ଓ ଜିଦ୍‌ଖୋର ପ୍ରକୃତିର ଦୃଶ୍ୟ ହୋଇଛି । ହେଲେ ତାର ଆତ୍ମବଳୀଦାନ ତାକୁ ମହାନ କରିଦେଇଛି । ଯେଉଁ ଅନନ୍ତା ଦିନେ ଲୋକଙ୍କ ନଜରରେ ଘୃଣାର ପାତ୍ର ଥିଲା, ପୁଣି ସେ ପରେ ସେମାନଙ୍କ ହୃଦୟରେ ସ୍ଥାନ ପାଇ ଦେବତ୍ୱର ଅଧିକାରୀ ହୋଇପାରିଛି । ତାର ଆତ୍ମବଳୀଦାନ ସମସ୍ତ କୁକର୍ମ ଓ ଦୃଷ୍ଟତାକୁ ଦୂରେଇ ଦେଇଛି । ଏହି ଦେବତ୍ୱର ଦୀପ୍ତି ଓ ମହିମାର ଝଲକ ତାର କଦାକାର ବିଭତ୍ସ ମୂର୍ତ୍ତିକୁ କରିଛି ସତ୍ୟ-ଶିବ-ସୁନ୍ଦର । ଏଥିରେ ସମାଜର ପ୍ରତିଟି କଥାକୁ ଗୁରୁତ୍ୱ ଦେଇଛନ୍ତି

ଗାଳ୍ପୀକ। ଜୀବନ ଜୀଇଁବାର ଶୈଳୀଠାରୁ ଆରମ୍ଭ କରି ବ୍ୟବହୃତ ଉପକରଣ ଯାଏ ସବୁକୁ ବର୍ଣ୍ଣନା କରିଛନ୍ତି ଅତି ସୁନ୍ଦର ଭାବରେ ।

## ସାମାଜିକ ଚିତ୍ର :

ସମାଜ ବିଚରଣସ୍ଥଳୀ । ମନୁଷ୍ୟ ଠାରୁ ଆରମ୍ଭ କରି ଇତର ଜୀବଙ୍କ ପର୍ଯ୍ୟନ୍ତ । ଏଇ ବିଚରଣସ୍ଥଳୀ ଲେଖକର ସୃଷ୍ଟି ପ୍ରତିଭାର ଉପାଦାନ ସଂଗ୍ରହ କ୍ଷେତ୍ର । ସାରଳା ଦାସଙ୍କଠାରୁ ଆରମ୍ଭକରି ଏଯାବତ୍ ଯେତେ ସବୁ ଲେଖକ ଲେଖାଲେଖି କରୁଛନ୍ତି ସମସ୍ତେ ସମାଜର ଦୁଆରରେ ପ୍ରବେଶ କରିଛନ୍ତି । ଏଣୁ ସମାଜ ହେଉଛି ସାହିତ୍ୟ ରଚନାର ପ୍ରଥମ ଦ୍ୱାର । କେତେ ବିଦ୍ୱାନ ପଣ୍ଡିତ ସାହିତ୍ୟର ଆଦ୍ୟଭୂଇଁ ସମାଜକୁ ଗ୍ରହଣ କରିଛନ୍ତି । ମହାନ କଥା ଶିଳ୍ପୀ ଫକୀର ମୋହନ ସେନାପତି ଏହି ସମାଜକୁ ଗଳ୍ପ ଉପନ୍ୟାସାଦି ଗ୍ରନ୍ଥ ରଚନା କରିବାର ମୁଖ୍ୟ ସ୍ଥଳ ବାଛିଛନ୍ତି । ତେଣୁ ସେ ପ୍ରତ୍ୟେକ ରଚନା ସମାଜକୁ କେନ୍ଦ୍ରକରି କରିଛନ୍ତି । 'ଛମାଣ ଆଠଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ', ଲଛମା' ଓ 'ଗଳ୍ପସ୍ୱଳ୍ପରେ' ପ୍ରକାଶିତ ଗଳ୍ପଗୁଡ଼ିକ ପ୍ରତ୍ୟେକ ସାମାଜିକ ଭାବଭୂମିରେ ଗଢା । କେତେକ ସ୍ଥଳରେ ସେ ଇତିହାସର ଜୀବନକୁ ଖୋଜିଛନ୍ତି ତ କେତେବେଳେ ସମାଜ ଓ ସମାଜର ବାସ କରୁଥିବା ବ୍ୟକ୍ତି ଚରିତ୍ରକୁ ଖୋଜିଛନ୍ତି । ତାଙ୍କର ଏହି ଖୋଜା ଖୋଜିରେ ସେ ଯେଉଁ ଅମୂଲ୍ୟ ଗ୍ରନ୍ଥ ରଚନା କରିଛନ୍ତି; ତାହା ତାଙ୍କ ସମାଜବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ଦିଏ । 'ଗ୍ୱଣ୍ଡିପୁଅ ଅନନ୍ତା' ଗଳ୍ପରେ ପ୍ରତିଫଳୀତ ସମାଜର ବିବିଧ ଜନସଂପର୍କରେ ନମ୍ନରେ ସୂଚ୍ଚାଇ ଦିଆଗଲା ।

### (୧) ଜୀବନଚର୍ଯ୍ୟା:-

ମନୁଷ୍ୟ ମାତ୍ରକେ ଆଧାତ୍ମବାଦୀ । ନୀତିନିୟମ ପରଂପରାରେ ବନ୍ଧା । ପୁଣି ସୁଖ ଶାନ୍ତି ନମିତ୍ତ କର୍ତ୍ତବ୍ୟ ତାର ଏକାନ୍ତ ଆବଶ୍ୟକ । ଜଙ୍ଗଲର ନର୍ଜ୍ଜନତାରେ ବାପ ଅମଳରୁ ମଇଁଷ ପଳକୁ ସୁବଳ ନଜର ବୃତ୍ତି କରିଛି । ତେଣୁ ତାର ଜୀବନ ବଂଚବାର ମାଧମ କହିଲେ ମଇଁଷ ଗୋଠ ଓ କ୍ଷୀର, ଦହି । ନପଟ ଗାଉଁଲି ସୁବଳ ଯେତେବେଳେ ତାର ପରାକ୍ରମ ଦେଖାଇଛି, ସେତେବେଳେ ତାର ଭାଗ୍ୟ ବଦଳିଛି । ହେଲେ ଏଥିପ୍ରତି ସେ ଟିକଏ ସମୟ ମାଗିଛି । ସାହେବ କଥା ଶୁଣି କେଜାଣି କେଉଁ ଏକ ଅଜଣା ଶକ୍ତି ତାର ପାଦରେ ଶିକୁଳ ପିନ୍ଧାଇ ଦେଇଛି । ତେଣୁ ସେ ପାଦ ଉଠାଇବାରେ ସକ୍ଷମ ହୋଇପାରିନାହିଁ । ଏହି ଶିକୁଳ ହେଉଛି ପ୍ରଥା ଓ ପରଂପରା । ପୁଲିସ ସାହେବ ତାକୁ ଯେତେବେଳେ କନେଷ୍ଟବଳ ଚାକରୀ କରିବାକୁ କହିଛି ସେତେବେଳେ ସୁବଳ ତାର ସ୍ତ୍ରୀର ଆଶ୍ରୟ ନେଇ କହିଛି -

"ସାହେବ ! ତୁମ୍ କନେଷ୍ଟବଳ ନୌକର କରେଗା ?" ସେଠି ଟିକଏ ଗୁମମାରି ରହିଲେ । ଦଣ୍ଡକବାଦ କହିଲେ, "ମୁଁ ଘର ନ ବୁଝି କହିପାରୁ ନାହିଁ ।" (ପୃ- ୯୦)

ଦେବକୀ ସେହିପରି ସ୍ୱମୀର ମୃତ ଶବକୁ ଶ୍ମଶାନରେ ଦାହ କରି ନିଜ ବେଉସା ଦହି ବିକ୍ରୀରେ ବାହାରି ଯାଇଛି - "ଏଣେ ସିଂହାଣୀର ଦେହରେ ଯେମିତିକା ବଳ, ମନରେ ବି ସେହିପରି ସାହାସ; ଘୋର ବିପଦରେ ପଡ଼ି ହଟିବାର ନୁହଁନ୍ତି । ସ୍ୱାମୀର ଶୁଦ୍ଧିକାର୍ଯ୍ୟ ସାରି ଆପଣା ବେଉସାରେ ଲଗିଗଲେ । (ପୃ- ୯୪)

ଗଳ୍ପର ନାୟକ ଅନନ୍ତା ଜିଦ୍‌ଖୋର, ଅମାନିଆ ହେଲେ ମଧ୍ୟ ଆଦର୍ଶବାଦୀ, ସଚ୍ଚୋଟ, କର୍ତବ୍ୟ ନିଷ୍ଠା ଚନ୍ତାଧାର୍ ତା ମନରେ ଜାଗ୍ରତ ହୋଇଛି । ତେଣୁ ସେ ଯିବା ବାଟରେ ଯଦି କେହି କିଛି କାମ କରିବାକୁ କହେ ସେ ବିନା ଦ୍ୱିଧାରେ ସବୁକାମ କରିଛି ।

"ହେଲେ ସେ ଯେପରି ଉତ୍‌ପାତିଆ, ସେହିପରି ବି ଭଲ ଲୋକ ତାକୁ ରଗେଇଲେ ରକ୍ଷା ନାହିଁ । ଏଣେ ସାକୁଲ୍ ସୁକୁଲି ଟେକାଟେକ କରି ତାକୁ ଦି'କଥା କୁହ, ତୁମ ଗୁହ କାଢ଼ିବ।"(ପୃ-୯୯)

### ଖାଦ୍ୟ :

ଖାଦ୍ୟ ମଣିଷର ପ୍ରାଥମିକ ଆବଶ୍ୟକ । ଜୀବନ ପ୍ରଣାଳୀର ମାନଦଣ୍ଡ । ଖାଦ୍ୟ ନଥିଲେ ଜୀବନ ନାହିଁ । ଗାଁର ସରଳିଆ ଲୋକର ଦେଶି ଖାଦ୍ୟକୁ ଦେଖାଇଛନ୍ତି । କାଙ୍କଡ଼, ବିରିଡାଲି, ଡଙ୍କ, ମଟକା, ଫୁଟପୁଟୀ, ଦୁଧ, ବରଗଡ଼ା, ଗୁଉଳ, କାଣ୍ଡିଆ ଗୁଣ୍ଡା, ଶାଗ ଆଦି ।(ପୃ-୮୮)

### ବେଶଭୂଷା :

ଏହି ଗଳ୍ପରେ ସେ ମଧ୍ୟ ବେଶଭୂଷାକୁ ପ୍ରାଧାନ୍ୟ ଦେଇଛନ୍ତି । ଦେବକୀର ଛଅ ନଉତିଆପେଟ ସାଙ୍ଗକୁ ନାହି ତଳକୁ ଶାଢୀ ପିନ୍ଧାକୁ ଦେଖାଇଛନ୍ତି । ତତ୍‌ସହିତ ବିଭିନ୍ନ ଅଳଙ୍କାର ଯଥା- ପିତଳ, ବାହିବଳା, ସୁନାଗୁଣା, ମୁଦି । (ପୃ- ୯୨)

### ଗାଳି :

ଗାଁ ଗହଳରେ ଲୋକ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କଥାକୁ ନେଇ ମତଭେଦ ସୃଷ୍ଟି ହୋଇଥାଏ । ଯାହା ଫଳରେ ସେମାନେ କଥା କଥାକେ ବିଭିନ୍ନ ଅପଭ୍ରଷା କହିଥାଆନ୍ତି । ନାରୀ ମାନଙ୍କ କ୍ଷେତ୍ରରେ ଏହା ଆହୁରି ବେଶୀ ପରିମାଣରେ ଦେଖାଯାଇଥାଏ । ଗାଳ୍ପିକ

ସେହି ସବୁକୁ ଲକ୍ଷ୍ୟ କରିଛନ୍ତି । ଜୀବନର ଶୈଳୀ ସହିତ ଗାଳ ମଧ୍ୟ ଏକ ଅଙ୍ଗ ବୋଲି ଭାବିଛନ୍ତି । ସେହି ଦୃଷ୍ଟିରୁ ସେ ଗଳ୍ପ ରଚନା ସମୟରେ ଗାଉଁଲି ଗାଳକୁ ପ୍ରୟୋଗ କରିଛନ୍ତି।

- "କାଠ କଆ, ତୁ ତ ଟଙ୍କା ଏଇ ରକମ ଉଡେଇବୁ, ପରଘର ଗୋଲାମ କରୁଛୁ କଆଁ ।" (ପୃ-୯୧)

(ସୁବଳ ଟଙ୍କାର ଅପଖର୍ଚ୍ଚକୁ ଦେଖି ଦେବକୀ ଏପରି କହିଛି)

- "ରେ ଅଳୟେପାଇସିଆରେ ! ରେ ସର୍ବନାସିଆରେ !"(ପୃ- ୯୭)

(ଅବଧାନ ଅନନ୍ତାର ବିଛୁଆଡି ଗୁଣ୍ଡରେ ଛଟପଟ ହୋଇ କହିଛି)

-"ଆରେ ଅଳପାଇସିଆ ! ମାହାନ୍ତି ଗୋଲାମ ! ଡାକୁଣୀଖିଆ ନଇସୁଆ ! ମୋର ଗୋସ୍ତ ଥିଲା ସାଇବ ଘର ଜମିଦାର ମୁଁ ସିଂହାଣୀ ମୋତେ କହିବୁ ଗଉଡୁଣୀ ? ମୋ ପୁଅକୁ କହିବୁ ଅଳପାଇସିଆ । (ପୃ- ୯୮)

(ଅବଧାନକୁ ଦେବକୀ ଗାଳ ଦେଇକହିଛି)

**ଉପଗ୍ଧର :**

ଯନ୍ତ୍ରସଭ୍ୟତା ଉନ୍ନତି ହେବାପରେ ଭାରତରେ ବହୁ ସ୍କୁଲ କଲେଜ ଓ ମେଡ଼ିକାଲ ଖୋଲିଛି । ଯଦି କଛି ଖଣ୍ଡିଆ କ ଜ୍ୱର ହେଲେ ସଙ୍ଗେ ସଙ୍ଗେ ମେଡ଼ିକାଲକୁ ଗ୍ଧଲିଯାଉଛନ୍ତି । କନ୍ତୁ ଏହା ବାଦ୍ ମଧ୍ୟ ବୈଦିକ ଉପଗ୍ଧର ଓ ଘରୋଇ ଉପଗ୍ଧର ଦେଖିବାକୁ ମିଳେ । ଏବେବି ଗାଁ ଗଣ୍ଡାମାନଙ୍କରେ ଲୋକମାନେ ବିଭିନ୍ନ ଚେରମୂଳ, ଜଡ଼ିବୁଟି, ତେଲ, ଗଛର ରସ ଆଦିକୁ ବ୍ୟବହାର କରୁଛନ୍ତି । ଗାଳ୍ପିକ 'ଗ୍ରଣ୍ଡିପୁଅ ଅନନ୍ତା' ଗଳ୍ପରେ ଅବଧାନଙ୍କର ବିଛୁଆଡି ଗୁଣ୍ଡ ଲାଗି ମୁହଁ ପୁଲିଯାଇଛି । ପୀଡ଼ାକୁ ଲାଘବ କରିବାକୁ ଯାଇ ଗରମ ଦୁଧ ଓ ଖସା ତେଲର ପ୍ରୟୋଗ କରିଛନ୍ତି ।

**ଲୋକୋକ୍ତି:**

ଲୋକକ୍ତି ମଧ୍ୟ ଆମ ସାମାଜିକ ଜଳଣିର ଅଂଶବିଶେଷ । ଫକୀରମୋହନଙ୍କ ସୃଷ୍ଟିରେ (ଆଲୋଚ୍ୟ ଗଳ୍ପରେ ଲୋକକ୍ତିର ଯଥେଷ୍ଟ ଉଦାହରଣ ରହିଛି ।)

-"ମହାକୋଡ଼ ତାହାରି ଉପରେ ଚେଙ୍ଗମାଛ ପରି ଲଟପଟ ହେଉଥାଏ ।"

(ସୁବଳ ଜଙ୍ଗଳରେ ମଇଁଷ ପଲଙ୍କ ସଙ୍ଗରେ ରାତିରେ ଶୋଇଲା ବେଳେ ସେମାନର ମୂତ ଓ ମଇଳା ଧୋଇ ଆସି ପଲଶ ଭିତରକୁ ପଶିଯାଏ । ତେଣୁ ସୁବଳର ସେହି ପାଣି କାଦୁଅରେ ଛଟପଟ ହେବାକୁ ଚେଙ୍ଗମାଛ ସହିତ ତୁଳନା କରାଯାଇଛି ।)

-"ଏଣେ ମଇଁଷି ଗୁଡ଼ାକ ଦୁଇପହର ଯାଏ ଜଳଜନ୍ତୁ ପରି କାଦୁଅ ପାଣିରେ ବୁଡିବେ ।" (୮୮)

-"ମହାକୁଡ଼େ ବଡ଼ ଗୋଟାଏ ତାଳପତ୍ର ଛତା ପାଟକୂଳରେ ପୋତିଦେଇ ତାହାରି ଭିତରେ ରେଷେଇବାସ କରନ୍ତି ଓ ରାତିରେ କଠଉ ଯୋଡ଼ାକ ମୁଣ୍ଡରେ ଦେଇ ତେଲଗୁଣି ପୋକପରି ମୋଡ଼ିମାଡ଼ି ଶୁଅନ୍ତି ।" (ପୃ- ୮୯)

- "ନାହି ତଳକୁ ଲୁଗା ପିନ୍ଧିଥିଲେ ପେଟଟି ଛ ନଉତିଆ ଧାନ ଉଷୁଆଁ କଳାହାଣ୍ଡି ପରି ବାହାରି ପଡ଼ିଥାଏ ।"(ପୃ- ୯୨)

- "ଦୁଇ ହାତରେ ଦି'ପୁଞ୍ଜା ଗେଣ୍ଡାପରି ଛାଗ ମୁଦି ।" (ପୃ- ୯୨)
- "ହାତୁଣୀ କୋଳରେ ହାତୀ ପିଲାପରି ପିଲାଟି ଝୁଲିଲେ ବଡ଼ମାନେ ।" (ପୃ- ୯୩)
- "ମହାଦେବର ବେଲପତ୍ର ଊଣା, ଅନନ୍ତର ମାଡ଼ର ଊଣା ନାହିଁ ।"(ପୃ- ୯୫)
- "ମହଁଟା ଆଟିକା ପରି ପୁଲିଯାଇଛି ।" (ପୃ- ୯୭)
- "ସିଂହାଣୀ ମୁଣ୍ଡରେ ଲୁଗାନାହିଁ - ଡେମ୍ପେ ଡେମ୍ପେ କେରା କେରା କଂଗ୍ର ପାକଲା ବାଳ ଫରଫର ଉଡୁଛି ।" (ପୃ- ୯୮)
- "ତେବେ ସୁଦ୍ଧା ପାଟକୂଳରେ କାଳଆ କାଳଆ ଡେଙ୍ଗା ଗୋଡ଼ିଆ ବଡ଼ ବଡ଼ଟା ମାନେ।"(ପୃ- ୮୯)
- "ମଇଁଷି ମଣେ ନୁହା ଚଣାଖିଆ ଘୁଷୁରି ମଣେ ଧାଇ ।" (ପୃ- ୮୮)
- "ହସି ପଶେ - ଉଇଁ ନ ଦିଶେ ବାଗା ବୋଇଲେ ପୁଣ, ନଷ୍ଟେ ବରଷେ ।" (ପୃ- ୧୦୧)

  (ବିନୋଦରାୟପୁରରେ ଅଗ୍ନନକ ବର୍ଷା ଆସିବାକୁ ଏପରି କୁହାଯାଇଛି ।)

ଭାଷା :

ଗାଳ୍ପିକ ଫକୀରମୋହନ ସେନାପତି ଗାଁରୁ ସହର ଓ ସହରରୁ ଗାଁ ଏପରି ଅନେକ ଯାଗା ବୁଲିଛନ୍ତି ଓ ବିଭିନ୍ନ ଭାଷାକୁ ମଧ୍ୟ ଆୟତ୍ତ କରିଛନ୍ତି । ଏହି ଗଳ୍ପରେ ସେ ଶିଷ୍ଟବର୍ଗର ଭାଷା ସହିତ ଆଂଚଳିକ ଦେଶି ଭାଷା ଓ ମଝିରେ ମଝିରେ ପାର୍ସୀ ଶବ୍ଦର ପ୍ରୟୋଗ କରିଛନ୍ତି । ସେ ଚାହାଳୀ ପଢ଼ା ସାରି ପାର୍ସୀ ଅବୈତନିକ ସ୍କୁଲରେ ପଢ଼ିଥିବାର ସୂଚନା ସେ ଆତ୍ମଚରିତ ପୁସ୍ତକରେ ସୂଚେଇଛନ୍ତି । ସେହି ହେତୁ ସେ ତାଙ୍କ ରଚନା ମଧ୍ୟରେ ଅନେକ ପାର୍ସୀ ଶବ୍ଦ ପ୍ରୟୋଗ କରିଛନ୍ତି ।

ଚ଼ଦେଶି ଭାଷା : ଡେଙ୍ଗେ (ପୃ-୮୮), ତେତିକବେଳେ (ପୃ-୮୮), ଘେନ (ପୃ-୮୮), ଯେମିତି (ପୃ-୮୮), ସେମିତି, ମାଇକନିଆ (ପୃ-୮୯/୯୩), ମିଣିପ (ପୃ-୮୯), ବେଜାୟ, ଥୋମଣି, କତିରୁ ।

ଚ଼ପାର୍ସୀ ଭାଷା : ଅନ୍ଦାଜ (ପୃ-୯୪), ଚିଲା, ଅମଲା, ଇସ୍କୁଲ (ପୃ-୧୦୦) ।

(୨) ଜାତୀୟତା :

ଗଳ୍ପଟି ସମାଜର ବୈଚିତ୍ର୍ୟରେ ମଣ୍ଡିତ ହୋଇଥିଲେ ମଧ୍ୟ ଏଥିରେ ଜାତୀୟତା ଭାବନା ଭରି ରହିଛି । ଅବଧାନଚରିତ୍ର ପ୍ରତି କଠୋରତା ଗାଳ୍ପିକଙ୍କର ଜାତୀୟତା ଭାବ ସ୍ପଷ୍ଟ ଦେଖାଯାଏ । ଯେପରି ସେ ଅବଧାନଙ୍କ ପ୍ରତି ଥିବା ରାଗକୁ ଅନନ୍ତା ଦ୍ୱାରା ଦଣ୍ଡ ଦେଇଛନ୍ତି ଏବଂ ସମାଜ କୁତ୍ସିତ ଓ ଭ୍ରଷ୍ଟାଚାର ସୃଷ୍ଟି କରୁଥିବା ଅବଧାନ ମନକୁ ସେ ସଚେତନ କରାଇ ଦେଇଛନ୍ତି । ଏଇଠି ମନେହୋଏ ଗାଳ୍ପୀକ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ମଧ୍ୟ ଦେଖାଇଛନ୍ତି । ମା ଛେଉଣ୍ଡ ପକୀର ଯେତେବେଳେ ପାଠପଢ଼ା ଆରମ୍ଭ କରିଛନ୍ତି, ସେତେବେଳେ ତାର ବଡ଼ବାପା ବଡ଼ମା ତା ପ୍ରତି ଅସହିଷ୍ଣୁ ହୋଇଛନ୍ତି । ତେଣୁ ଅବଧାନ ତାଙ୍କ କଥାରେ ଫକୀରକୁ ପ୍ରବଳ ବାଡାନ୍ତି । ତେଣୁ ସେ ଆତ୍ମଚରିତରେ କହିଛନ୍ତି- "ମୋର ବଡ଼ବାପା ପୁରୁଷୋତମ ସେନାପତି ମୋ ପ୍ରତି ବଡ଼ ନିଷ୍ଠୁର ଥିଲେ । ମାସ ଶେଷରେ ଅବଧାନ ଦରମା ମାଗିବାକୁ ଗଲେ ବଡ଼ବାପା କହନ୍ତି, "ତୁମ୍ଭେ ତ ଫକୀରକୁ ପାଠ ପଢାଉ ନାହଁ, ଦରମା ମାଗୁଛ କ'ଣ?" ଅବଧାନ ଜବାବ ଦିଅନ୍ତି, "ମୁଁ ତ ଦିନ ରାତି ତାକୁ ପାଖରେ ବସାଇଛି, ଦଣ୍ଡେ ହେଲେ ଖେଳବାକୁ, ବୁଲିବାକୁ ଛାଡୁନାହିଁ ।" ବଡ଼ବାଗା କହନ୍ତି, "କାହିଁ ତା' ପିଠିରେ ତ ଚିହ୍ନ ନାହିଁ ।" ଅବଧାନ ବଡ଼ବାପାଙ୍କ ମନକଥା ଭଲକରି ବୁଝିଥିଲେ । ଚାହାଳୀରେ ମୁଁ ବସିଥିଲି । ଅକାରଣେ ବେତଟା ଧରି ମୋ ପିଠିରେ ଦଶବାର ପାହାର ବାଡେଇ ଗଲେ ।

ମାଡ଼ର ଶବ୍ଦ ଓ ମାଡ଼ର ଚତ୍କାର ଶୁଣି ବଡ଼ବାପା ଓ ବଡ଼ମା ଭାରି ଖୁସି । କନ୍ତୁ ଠାକୁର ମା ଦଉଡ଼ି ଆସି କହନ୍ତି- "ଅବଧାନେ ତୁମ୍ଭର କ ପୁଅ ଝିଅ କେହି ନାହିଁ ? ଅକାରଣେ ପିଲ୍‌ଟିକୁ ବାଡ଼େଇଛ !" ପ୍ରତ୍ୟେକ ଥର ଅବଧାନଙ୍କ ଦରମା ଦେବା ବେଳେ ଏହିପରି ଅଭିନୟ ହୋଇଥାଏ । (୩) (ପୃ- ୧୩)

ହୋଇପାରେ ପିଲ୍‌ବେଳର ମାଡ଼ ତାଙ୍କ ମନରେ ଏକ ପ୍ରକାର ଭାବନା ସୃଷ୍ଟି କରିଥିଲା । ସେତେବେଳେ ସେ ସିନା ଅବଧାନଙ୍କୁ କଛି କହି ପାରି ନଥିଲେ ହେଲେ ଅନନ୍ତା ଗଳ୍ପରେ ସେ ଅନନ୍ତା ପ୍ରତି ହୋଇଥିବା ଅତ୍ୟାଗ୍ଚରକୁ ସହି ପାରି ନାହାନ୍ତି । ତେଣୁ ହୀନ ମନୋଭାବପୂର୍ଣ୍ଣ ଅବଧାନ ମାନଙ୍କୁ ଦଣ୍ଡଦେବା ଯାଇ ବିଛୁଆତି ଗୁଣ୍ଡର ପ୍ରୟୋଗ ମାଧ୍ୟମରେ ପିଲ୍‌ଦିନର ଉଦ୍‌ବେଳତ ଭାବନାକୁ ପ୍ରଶମିତ କରିଛନ୍ତି ।

ସ୍ନାତକୋତର ଓଡିଆ ବରହମପୁର
ବିଶ୍ଵବିଦ୍ୟାଳୟ, ଗଞ୍ଜାମ

**ସହାୟକ ଗ୍ରନ୍ଥସୂଚୀ :**

**(୧)** ଫକୀରମୋହନ ଗ୍ରନ୍ଥବଳୀ: ଗଳ୍ପମାଳା - ୨୦୧୬ - ସଂ. କଇଳାଶେ ପଟ୍ଟନାୟକ - ଫ୍ରେଣ୍ଡସ୍ ପବ୍ଲିଶର୍ସ ।

**(୨)** କଥା - କଥାଗ୍ରନ୍ଥ- କଥାକାର, - ପ୍ରକାଶ କୁମାର ପରିଡ଼ା (ସଂସ୍କରଣ ଓ ମୁଦ୍ରଣର ପୃଷ୍ଠା ଏହି ବହିରେ ବିଲୁପ୍ତ) ।

**(୩)** ଫକୀରମୋହନ ସେନାପତିଙ୍କ ଆତ୍ମଚରିତ - ୨୦୧୦ - ସଂ. ଦେବେନ୍ଦ୍ର କୁମାର ଦାଶ - ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ।

# ଦୀପ ଶିଖା



ସତ୍ୟଶ୍ରୀ ଶ୍ରୀଚନ୍ଦନ

ନୂତନ ଜୀବନ ଆଶା ଆଶଙ୍କାରେ ବଢିଥାଏ ଏକ କଢି,
ଜାଣି ନଥାଏ ସେ ଫୁଟିବା ଆଗରୁ ଅଦିନରେ ଯିବ ଝଡି ।୧।
ଦେଖୁଥାଏ କଢି ଅପୂର୍ବ ସପନ ଯାହା ସତ ହେବ ନାହିଁ,
ସେ କ ଜାଣିବ ଅଦିନଆ ବର୍ଷା ଝଡରେ ସେ ଯିବ ବହି ।୨।
ମା ଗର୍ଭରେ ଅଙ୍କୁରିତ ଯେବେ ନେଇ କନ୍ୟା ସନ୍ତାନ ରୂପ,
ମାରିଦିଅ କାହିଁ ଜନ୍ମ ଆଗରୁ ଦେଇତାକୁ ଅଭିଶାପ ।୩।
ନାରୀ ଜନ୍ମ ହେବା ପାପ ଯଦି ହୁଏ ଏହାର ଉତ୍ତର ଦିଅ,
ନାରୀ ବିନା ଏଇ ଜଗତେ କପରି ପୁରୁଷ ଆସିବେ କୁହ ।୪।
କାହିଁ ନିଷ୍ଠୁର ହୋଇ ଫୁଟିବା ଆଗରୁ ଫୁଲକଢି ତୋଳିଦିଅ,
ଜଳିବା ପୂର୍ବରୁ ଆଶାର ଆଲୋକ ପ୍ରଦୀପ ଲିଭେଇଦିଅ ।୫॥
କୁନି ଆଖିରେ ଅସୁମାରୀ ସପନ ଉଙ୍କି ମାରିବାକୁ ଦିଅ ।
ଲିଭିବା ପୂର୍ବରୁ ଦୀପଶିଖାଟିକୁ ହାତରେ ଆଦରି ନିଅ ।୬।

ଗଁଦିଆ ପାଟଣା, ଢେଙ୍କାନାଳ

# ମଶାଣି ଛାତିରେ ଜଳୁଛି ଦେହ ମୋର



କରଣ ମନୀଷା ମହାନ୍ତି

ସାଜିପାରିଲିନ ଅର୍ଦ୍ଧାଙ୍ଗିନୀ ତୁମ
ରହିଗଲା ଅବଶୋଷ
ମଶାଣି ଛାତିରେ ଶୋଇଲା ପରେ ବି
ଝୁରୁଛି ଏ ଆତ୍ମା ମୋର
କେଉଁ ଅଜଣା ସମ୍ପର୍କ ଯୋଡିଥିଲା
ଦିନେ ତୁମ ସାଥେ ନାଁ ମୋର
ଶାଶୁଘର ନେବା ସପନ ଦେଖାଇ
ଆଜି ମଶାଣିକୁ କଲି ମୁଁ ନଜର
କୁହୁଳ କାନ୍ଦୁଛି ମୋ ପୋଡା ଦେହ
ଭାଗ୍ୟରେ ନଥିଲା ତୁମ ହାତ ସିନ୍ଦୁର
ଶୂନ୍ୟ ମଥା ହୋଇ ଅପବାଦ ନେଇ
ଗ୍ଲାଲି ମୁଁ ଆସିଛି ମଶାଣି ଘର
ତୁମ ପାଇଁ ଦିନେ ଗ୍ରଡି ଗ୍ରଡି ବସି
ପଣତ ପିଇଛି ଲୁହ

ମୋ ଭଲ ପାଇବାରେ କ କମ ଥିଲା
ଧରି ନେଲ ହାତ ଆଉ କାହାର
ଦୁନଆ ସାଥିରେ ତୁମେ ବଦଳଲ
ସ୍ୱପ୍ନ ଥିଲା ଫୁଲ ଶେଯ ଆମର
କୋକେଇ କୋଳରେ ଆଜି ମୁଁ
ଶୋଇଲି ମଶାଣି ହେଲା ମୋ ଘର
କେଉଁ ଭୁଲର ପ୍ରତିଶୋଧ ନେଲ
କହିଲନ ଓଠ ଖୋଲି
ଆୟୁଷ ଥାଇବି ମୃତ୍ୟୁକୁ ବାଛିଲି
ମଶାଣି ଛାତିରେ ଜଳୁଛି
ଏ ଦେହ ମୋର

ରେଞ୍ଜ , ଡେଲାଙ୍ଗ
ପୁରି

# ଜହ୍ନ ରାତି ଓ ସ୍ମୃତି



ଅଜିତ ମହାପାତ୍ର

ଦୀର୍ଘ ପ୍ରସାରିତ ସେଇ ସ୍ମୃତି ର ମରୀଚିକା
ଦେଖାଯାଏ ପାଖରୁ ସୁନ୍ଦର ତ ସମୀପେ ଫିକା
କରେ ଚନ୍ଦନ ରାତିର କୋଳେ ଜହ୍ନ କୁ ଦେଖି
ହସି ଦେଇ କହେ କଇଁ ସବୁ ଭାଗ୍ୟର ତ ଲେଖା
ତରଙ୍ଗାୟିତ ହୃଦୟେ ଖେଳେ ସ୍ୱପ୍ନ ର ଜୁଆର
ଲୁଟିନଏ ସବୁକଛି ବିଗତ ଦିନର
ସାଉଁଟି ବାକୁ ନଥାଏ ସମୟ ଆଉ ନା ଥାଏ ପ୍ରତିକାର ।
ନିର୍ଜନ ନଗରୀ ରେ ଉଦାସୀନ ମନ
ବାସନ୍ତୀ ସଂଜ ରେ ଶେଫାଳୀ ସଜନ
ଅନୁରାଗେ ବିରାଗେ ସ୍ମୃତି ର ଛଳନ
ସ୍ନିଗ୍ଧ ଯୋଛନାରେ କଇଁ ର ଜଳନ ।
କୁଆଁରୀ ମନରେ ଖେଳେ ପ୍ରେମ ଅନୁକମ୍ପା
ଲଜ୍ଜର ଅବୀର ବିଞ୍ଚେ ନିସଙ୍ଗୀ ନାୟିକା
ନିଃଶବ୍ଦ ଅଭ୍ରକୁ କଇଁ ର ଅପେକ୍ଷା
ସିକ୍ତ ଶେଫାଳୀ ର ମିଳନ ବିଭିକ୍ଷା ।
ଚିରସ୍ମୃତ ରାତିର ସେ ଅବ୍ୟକ୍ତ ବିରତି
ହୃଦୟେ ଅନଳ ଭରେ ମହମ ପୀରତି
ପ୍ରଣୟ ବାସରେ ସଜିଛି ଚଉଠି
ନିଦୁଆ ଆଖିରେ ସ୍ୱପ୍ନର ଆହୁତି ।
ସଜୁଛି ସଜନୀ ଗୁହିଁଛି ତ ସାଥୀ
ବିତୁଛି ସମୟ ବଦଳୁଛି ଗତି
ଦିଗହରା ହୁଏ ନିରାକାର ରାତି
କ୍ଷଣି କ୍ଷଣି ବଦଳେ ଜହ୍ନ ର ଆକୃତି ।

କାଶିପଲ୍ଲୀ, ବରଗଡ

# ବନ୍ଧୁତାର ବାଲିଘର



ଅନଲ୍ ପ୍ରଧାନ

ନୟନରେ ମୋର ସପନ ହଜାରେ,
ସପନରେ ବାଲିଘର ।।
ଜୁଆର ଆସଇ ନୟନ ନଦୀରେ,
ଭାଙ୍ଗିଯାଏ ବାଲିଘର ।।
ତୋଳଛି ମୁଁଏକ ହୃଦୟ କନ୍ଦରେ,
ବନ୍ଧୁତାର ବାଲିଘର ।।
ଧୋଇ ଯିବନ ସେ ଝଡ଼ ବତାସରେ,
ସମ୍ପର୍କ ଜନ୍ମଜନ୍ମର ।।
ବନ୍ଧୁ ଥାଉ ପଛେ ଅନେକ ଦୂରରେ,
ଠିକଣା ଟା ବାଲିଘର ।।
ଅନେକ ଶରୀରେ ଗୋଟିଏ ମନରେ,
ଗଢ଼ିତ ସେ ବାଲିଘର ।।
ବନ୍ଧା ହୋଇ ଅଛୁ ଗୋଟିଏ ଡୋରିରେ,
ବନ୍ଧୁତା ଯୁଗ ଯୁଗର ।।
ନରହୁ ପଛେ ଲେଖା ଇତିହାସରେ
ସାକ୍ଷୀ ଏଇ ବାଲିଘର ।।
ବନ୍ଧୁତାର ଗାଥା ଅଛି ପୁରାଣରେ,
କୃଷ୍ଣ ଆଉ ସୁଦାମାର ।।

ବାନ୍ଧି ହୁଅ ସର୍ବେ ବନ୍ଧୁତା ଡୋରିରେ,
ସମ୍ପର୍କ କ୍ଷୀର ନୀରର ।।
କର୍ଣ୍ଣ ପରି ବନ୍ଧୁ ନାହିଁ ଜଗତରେ,
ବନ୍ଧୁ ସେ ଦୂର୍ଯ୍ୟୋଧନର ।।
ଆସ ସର୍ବେ ମିଶି ଗଢ଼ିବା ମହୀରେ,
ବନ୍ଧୁତାର ବାଲିଘର ।।

# ସମାଜ ସଚେତନ

ପ୍ରିୟଦର୍ଶିନୀ ମହାପାତ୍ର

ବେଳେବେଳେ ସଚେତନତା ଏକ ବାର୍ତ୍ତା ଅବା ଦୁଇଟି ଶବ୍ଦ ଭିତରେ ସୀମିତ ରହିଯାଏ । ଖୁବ କମ ଲୋକ ଏ କଥା କୁ ଗୁରୁତ୍ୱ ଦିଅନ୍ତି । ଜୀବନ ଓ ସମାଜ ପରସ୍ପର ଜଡିତ | ଜୀବନ କୁ ନେଇ ସମାଜ, ନା ସମାଜ କୁ ନେଇ ଜୀବନ । ସତରେ ଏକ ଅବିରତ ପ୍ରକ୍ରିୟା । ମନୁଷ୍ୟ ବିନା ସମାଜ ନିଷ୍କ୍ରିୟ । ହେଲେ କେତେକ କ୍ଷେତ୍ରରେ ଆଧୁନିକ ମଣିଷ ସଚେତନତା ହରାଏ, ଯେଉଁଥିପାଇଁ ସେ ଆଜିର ସୁନ୍ଦର ସମାଜକୁ ଧ୍ୱଂସଭିମୁଖୀ ଆଡକୁ ଅଗ୍ରସର କରାଏ । ସମାଜ କୁ ସୁରକ୍ଷିତ ରଖିବାକୁ ହେଲେ ସଚେତନତା କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୁହେଁ ବରଂ ଶିକ୍ଷା, ସଂସ୍କୃ ତି କଳା, ଭାସ୍କର୍ଯ୍ୟ, ସାହିତ୍ୟ, ବିଜ୍ଞାନ, ନୃତ୍ୟ, ଓ ବୈଷୟିକ ତଥା ସମସ୍ତ କ୍ଷେତ୍ରରେ ଆବଶ୍ୟକ । ଆଧୁନିକ ସମାଜ ଯେତେ ଉନ୍ନତି ପଥରେ ଅଗ୍ରସର ହେଲେ ବି ଆମର ଗୌରବ ମଣ୍ଡିଥିବା କଳା, ସଂସ୍କୃ ତି ଯାହା ବିଶ୍ୱ ଦରବାର ରେ ପରିଚୟ ପ୍ରତିପାଦନ କରିପାରିଛି, ତାର ସୁରକ୍ଷା କରିବା ଓ ସମ୍ମାନ କୁ ବଜାୟ ରଖିବା କ୍ଷେତ୍ରରେ ତତ୍ପର ହେବା ଜରୁରୀ । ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦ୍ରୁତ ଜନ ସଂଖ୍ୟା ବୃଦ୍ଧି ସହ ବୈଷୟିକ, ମୋବାଇଲ ଓ କମ୍ପୁଟର ର ବ୍ୟବହାର, ମନୁଷ୍ୟ ପ୍ରତିମୁହୂର୍ତ୍ତରେ ବିଶ୍ୱର ପ୍ରତି କୋଣକୁ ସ୍ପର୍ଶ କରିପାରୁଛି, ଖୁବ ଶୀଘ୍ର ଆଧୁନିକୀ କରଣ ତାକୁ ଗ୍ରାସ କରିଛି । ଅନ୍ୟ କ୍ଷେତ୍ରକୁ ଯଦି ଆମେ ସୁକ୍ଷ୍ମ ଭାବେ ତର୍ଜମା କରିବା ଆମେ ଆମ ପାଖ ପଡୋଶୀ ସହ ସମ୍ପର୍କ ରେ ଦୂରତା ଓ ତିକ୍ତତା ରଖିବା ରେ ଆନନ୍ଦ ପାଉ । ଆଉ ଦରକାର ପଡିଲେ ସମାଜ ର ଆମ ଆବଶ୍ୟକ ଥିଲା ବେଳେ ନିଜକୁ ଲୁଚାଇବାକୁ ଚେଷ୍ଟା କରୁ । ତେଣୁ ଆମର କେତେକ ବ୍ୟବହାର ରେ ସାମୟିକ ପରିବର୍ତ୍ତନ, ସମାଜ ପ୍ରତି ସୁନ୍ଦର ମନୋଭାବ ଓ ସଚେତନତା ଆବଶ୍ୟକ । ସମାଜ ସୁରକ୍ଷା ଓ ଆଗାମୀ ବଂଶଜ ଙ୍କୁ ଏ ଦିଗରେ ସଚେତନତା ପାଇଁ ଆମର ପରିବର୍ତ୍ତନ ଅନିବାର୍ଯ୍ୟ । କେତେକ ଦିଗ କୁ ଗୁରୁତ୍ୱ ନ ଦେଲେ ହୁଏତ ଆମେ ଆମର ଆଗାମୀ ପୀଢ଼ିଙ୍କ ନିକଟରେ ନିଜକୁ ନିର୍ଦ୍ଦୋଷ କରିପାରିବା ନାହିଁ । ନଚେତ ଧୀରେ ଧୀରେ ଏକ କଳୁଷିତ ସମାଜ ଗଢି ବସିବା ଯାହାର ଭୟାବହ କଳନା କରିହେବ ନାହିଁ...

ଜୟଦେବ ବିହାର
ପୋଲିସ କଲୋନୀ, ଭୁବନେଶ୍ୱର

# ନିଜକୁ ନିଜେ ମୁଁ ବକେ



ତାରାପ୍ରସାଦ ଜେନା

ସୁଖ କାଗଜରେ ଦୁଃଖର କଲମ
ଚଲୁନି ଭଲରେ ଟିକେ
ଭାଗ୍ୟ ବିଧାତାକୁ ଦୋଷ ଦେଇ ଖାଲି
ଆଖିର ଲୁହକୁ ଡାକେ ! ୦ !

କେତେ ଆଶା ଥିଲା, ବାଲିଘର ପରି
ନିମିଷେ ଯାଉଛି ଭାଙ୍ଗି
ସପନର ଛବି ସପନେ ମିଳାଏ
ହେଉନି ଜୀବନ ସଙ୍ଗୀ
କଳପନା ମୋର କଳପଣା ଅବା
ଆଘାତ ଦେଉଛି ବୁକେ ! ୧ !

ଜୀବନର ମାନେ ବୁଝିବାକୁ ଆଉ
ଅଣ୍ଟୁନି ଏମିତି ବେଳ
ନିଜ ଲାଗି ନିଜେ ଦୟା ପାତ୍ର ହୋଇ
ବଞ୍ଚୁଛି ଯାହା ମୁଁ ଖେଳ
ହସ ଓଠ ମୋର କଳା ପଡ଼ିଯାଏ
ନିଜକୁ ନିଜେ ମୁଁ ବକେ ! ୨ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା

# ଶୁଷ୍କାଞ୍ଚଳ ଜମିର ଅବନତି ଓ ମରୁଡି ବିରୁଦ୍ଧରେ ସଂଗ୍ରାମ



ଦେବାଶିଷ ପଧାନ

ପାଏଶୋଭ୍ ନାରୀଥିଲେ ଭୂଷଣ !
ଧରଣି ସୁନ୍ଦର ସବୁଜ ବନ !!(1)
ଶୋଭେ ନଭେଘନ ଥିଲେ ବିଜୁଳ !
କରେ ଜଳଧାର ବିଲସୁନ୍ଦରି !! (2)
ବଣିକ ଅନଳ ଦେଖିଲେ ଧନ !
ସବୁଜ କ୍ଷେତ୍ରରେ ସବୁରି ପ୍ରାଣ !!(3)
ସୁବେଶରେ ଜେହେଁ ଚମକ ମୁଖ !
ସୁନ୍ଦରି ପ୍ରକୃତି ଧରଣି ଭେଦ !!(4)
ଅଟଇ ବରଷା ଉଦ୍ଭିଦଶଖା !
ଜଳ ଟୋପେବିନା ସର୍ବେ ନିରାଶା !!(5)
ପ୍ରକୃତି ରୁପ ଲାବଣ୍ୟମୟୀ !
କେବେ ହାହାକାର ପ୍ରକଟ ସେଇ !!(6)
ଦିଶଇ ବରଷା ସବୁଜ ଦୃଶ୍ୟ !
ତା ବାହୁନେ ଧରା ବିକଟ ରୂପ !!(7)
ବରଷା ର କନ୍ୟା ପ୍ରକୁତି ରାଣୀ !
ଫୁଲ ଫଳ ଭରା ତା ରାଜଧାନୀ !!(8)
ଏପ୍ରାଣୀ ଜଗତ ପରଜା ତାର !
ପତ୍ରେ ପୁଷ୍ପ ଫଳେ ଭରଷା ଯାର !!(9)
ଧରଣି ଜନନୀ ପ୍ରକୁତି ରାଣି !
ଅଟଇ ଜନକ ବରଷା ପାଣି !!(10)

ଗଲେ ପରିବେଶ ଯିବ ପ୍ରକୁତି !
ପ୍ରକୃତି ଗନ୍ତବ୍ୟ ପଥେ ଧରିତ୍ରୀ !!(11)
ହୃଦୟ ଫଟାଇ ଛାଡିବ ରଡି !
ପାରିବନି କେହି ତାକୁ ସମ୍ଭାଳ !!(12)
ତାହାର ଦୃଶ୍ୟରେ ଜିବ ଜଗତ !
ହାହାକାର ପ୍ରାଣ ଛାଡିବ ସେତ !!(13)
ଛାଡିବ ବରଷା ପ୍ରାଣ ହରାଇ !
ହୁତା ସନେ ଜଳଯିବ ଏ ଭୂଇଁ !!(14)
ହଜାଇବ ତାର ଚିହ୍ନ ବରନ !
ହେବ ଯିବ ସଙ୍ଗେ ଏ ଧରା ଶୂନ୍ୟ !!(15)
ଯିବ ଜଗତର ଉତ୍ପାତ ଦେଖି !
ପାରୁନ ସମ୍ଭାଳ ଏଇ ଧରିତ୍ରୀ !!(16)
ଗଲାଣି ବରଷା କେତେଯେ ଦୂର !
କରିବ କଏସେ ତା ଉପଚାର !!(17)
କାନ୍ଦି କାନ୍ଦି ମାଟି ଗଲାଣି ଫାଟି !
ବେଉସା ଆତୁରେ ଗଲେଣି ଲେଟି !!(18)
ହୋଇଣ ଆହାତ ମୃତ୍ତିକା କ୍ଷୟ !
ହଜିଲାଣି ବଳ ଶସ୍ୟ ବଳୟ !!(19)
ମଉସୁମି ବାଟ ହେଲାଣି ବଣା !
ନାହିଁ ଦେହେ ଆଉ ତା ଜଳକଣା !!(20)

ଯିବ ବୃକ୍ଷବଳ ହୋଇ ପତନ !
ପାରିବନ ହଲିସେ ଜୀର୍ଣ୍ଣ ଶୀର୍ଣ୍ଣ !!(21)
ଅର୍ଦ୍ଧ ନଶ୍ୱାସରେ ଯିବ ମଣିଷ !
ହୋଇଯିବ ଶୂନ୍ୟସୃଷ୍ଟି ଅବଶ୍ୟ !!(22)
ପାଣିଥାଇ ବନ୍ଧ ବାନ୍ଧିଲେ ସିନା !
ହୋଇବ ସମ୍ଭାଳ ମୀନ ବାସନା !!(23)
ପଶୁପକ୍ଷୀ ଏବେ ଗଲେଣି ହଜି !
ଜଇବିକ ସାର ନମିଳେ ଖୋଜି !!(24)
ମାଟି ବାପୁଡାର ସୁଖାଦ୍ୟ ଏଇ !
ଖାଇଲେ ଅଖାଦ୍ୟ ବଞ୍ଚିବ କାହିଁ!!(25)
ଗଲାଣି ଘୁଞ୍ଚିସେ ସବୁଜବନ !
ଆକ୍ରମଣ ଧସି ଧଳା ଅରଣ୍ୟ !!(26)
ଫଳୁନ ଗଛରେ ସୁସ୍ୱାଦୁ ଫଳ !
ଫଳ ବଳ ବିଷ ହୁଅଇ କାଳ !!(27)
ନାହିଁ ବଫୁ ଆଉ ମାଟିରେ ଟିକେ !
ଅମ୍ଳ ପରିପୂର୍ଣ୍ଣ ତାହାରି ଗାନ୍ଧେ !!(28)
ନାହିଁ ତରୁ ବୋଲି ତାହାରି କ୍ଷଜ !
ହୋଇଗଲା ସାର ଆମ୍ଭାର ମୟ !!(29)
ହେଲାଣି ଅରଣ୍ୟ ଅବଣ ମୟ !
ଯୁଆଡେ ଦେଖିଲେ ପଡିଆ ମୟ !!(30)
ପଡିଲେ ମରୁଡି ହେବ ଦୁର୍ଭାଗ୍ୟ !
ପେଟ ଜ୍ୱାଳା କଷ୍ଟେ ହେବେ ଉତ୍ପାତ !!(31)

ପ୍ରଶାସ ନେବାକୁ ନଥିବ ବାୟୁ !
ଜୀବଜଗତ ର ଛିଣ୍ଡିବ ଆୟୁ !!(32)
ନାଲି ଟହଟହ ହେଲାଣି ଆସି !
ଧରଣି ଉଛନ ହେଉଛି ବସି !!(33)
ଜଳପୋଡି ସବୁ ହେବ ପାଉଁଶ !
କରିଗଲେ ହେଲ ନଥିବ ଲେସ !!(34)
ଘରକୁ ବୁଡ଼ାଏ ଖେତକୁ ମୁଡା !
ହସୁଥାଏ ସବୁ ହୋଇ ବଢିଆ !!(35)
ଜଳାଶୟ ସବୁ ଗଲେଣି ଉଡି !
ନଳ କୂପ ଯେବେ ଆସିଲା ଭିଡି !!(36)
ପଦାବନ ଆଉ ଗୋଚର ଯେତେ !
ଜଳଚର ସଂଗେ ଏଜମି କେତେ !!(37)
ଛୋଟ ବଡ ଆନକଟ କରିବା !
ବିନ୍ଦୁଏ ଜଳକୁ ସାଇତି ଥିବା !!(38)
ଲଗାଇବା ଗଛ ପ୍ରତି ବରଷ !
ବଢାଇବା ତାକୁ ହୋଇ ହରଷ !!(39)

ରିନବଚନ, ଆଗଲପୁର,
ବଲାଙ୍ଗୀର

# ପ୍ରକୃତିର ପାର୍ବଣ
# ନୂଆଁଖାଇ



ସାଇପ୍ରସାଦ ସାହୁ

ସଂସ୍କୃତି ହେଉଛି ଗୋଟିଏ ଜାତି ପାଇଁ ଅସ୍ମିତାର ପରିଚାୟକ। ସଂସ୍କୃତିର ବିକାଶ ହିଁ ଗୋଟିଏ ଦେଶ ବା ଗୋଟିଏ ଜାତିର ପ୍ରଗତିର ମୂଳଧାର। ଏହାର କିଛି ବିକଳ୍ପ ନାହିଁ। ତେଣୁ ବଳିଷ୍ଠ ପରମ୍ପରା ଓ ଗରିଷ୍ଠ ସଂସ୍କୃତିର ପ୍ରତୀକ ହେଉଛି ନୂଆଁଖାଇ ପର୍ବ। ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ପର୍ବ ବା ନବାନ୍ନ ଭକ୍ଷଣ ବିଧି ବହୁ ପ୍ରାଚୀନ। ପଶ୍ଚିମ ଓଡିଶାର ଏହି ସ୍ୱାଭିମାନ ପର୍ବ “ନୂଆଁଖାଇ” ଏକ ମହାନ ପର୍ବ ଏବଂ “ଗଣପର୍ବ” ରୂପେ ଆଖ୍ୟାୟିତ। ଏହା ପଶ୍ଚିମ ଓଡିଶାର କଳା, ସଂସ୍କୃତି ଭାଷା, ପରମ୍ପରା, ଚାଲି-ଚଳଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃପ୍ରୋତଃ ଭାବେ ଜଡିତ। ଅନ୍ନର ମହିମାରେ ମହିମାନ୍ୱିତ ନବାନ୍ନ ବା ନୂଆଁଖାଇ ପର୍ବ ପାଳନର ଗରୀୟାନ ପରମ୍ପରା ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ମଣିଷ, ପ୍ରକୃତି ଓ ଈଶ୍ୱରଙ୍କୁ ଏକାଠି ସଂଯୁକ୍ତ କରି ରହିବାର ସଂଯୋଗ ସେତୁ ହେଉଛି ନୂଆଁଖାଇ। ନିଜସ୍ୱ ମହତ୍ୱରେ ମହୀୟାନ ଏହି କୃଷିଭିତ୍ତିକ ଗଣପର୍ବ ଜନସାଧାରଣଙ୍କ ହୃଦୟରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରି ଜୀବନର ପୂର୍ଣ୍ଣତା ଆଡକୁ ବାଟ କଢାଇ ନିଏ ଏବଂ ବସୁଧୈବ କୁଟୁମ୍ବକମ୍ ର ମନ୍ତ୍ର ଉଦଘୋଷଣା କରେ। ପ୍ରକୃତି ଓ ପରିବେଶକୁ ପୂଜା କରିବା, ଆଧାତ୍ମିକ ଭାବନାରେ ଉଦବୁଦ୍ଧ ହେବା, ଉପକାରୀ ପ୍ରତି କୃତଜ୍ଞତା ଜ୍ଞାପନ କରିବା, ପରସ୍ପର ବାଣ୍ଟି ଖାଇବା ଏବଂ ଗୁରୁଜନ ମାନଙ୍କୁ ସମ୍ମାନ ଜଣାଇବା ହେଉଛି ଏହି ପର୍ବର ବିଶେଷତ୍ୱ। ନିଜସ୍ୱ ଜ୍ଞାନକୌଶଳକୁ ପ୍ରୟୋଗ କରି ମନୁଷ୍ୟ ଧରଣୀ ମା ର ବକ୍ଷରେ ଆରମ୍ଭ କରିଥିଲା କୃଷି କାର୍ଯ୍ୟ। ପ୍ରକୃତିର ଉପାସକ ଏହି ଆଦିମାନବ ନିଜ ଉତ୍ପାଦିତ ପ୍ରଥମ ଶସ୍ୟକୁ ପୃଥିବୀ ମାତାଙ୍କୁ ସମର୍ପଣ କରିବାର ଧର୍ମୀୟ ଧାରଣାରୁ ହିଁ ଆରମ୍ଭ ହୋଇଛି ଏହି ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ନୂଆଁଖାଇ ବା ନବାନ୍ନ ପଶ୍ଚିମ ଓଡିଶାର ଜନଜୀବନ ଧାରାରେ ବହୁ ଆବହମାନ କାଳରୁ ପ୍ରଚଳିତ। ନୂଆଁଖାଇ ପ୍ରକୃତିର ପାର୍ବଣ। ପଶ୍ଚିମ ଓଡିଶାର ପ୍ରତ୍ୟେକଟି ପରିବାର ଏହି ପାର୍ବଣ ସହ ଅଙ୍ଗାଙ୍ଗୀ ଭାବେ ଜଡିତ। ସେଥିପାଇଁ

ଏହି ପର୍ବ ମୁଖ୍ୟ ପାରିବାରିକ ତଥା ସାମାଜିକ ପାର୍ବଣର ମାନ୍ୟତା ପାଇଛି । ପ୍ରତ୍ୟେକଟି ପରିବାରର ଅଧିଷ୍ଠାତ୍ରୀ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ମୁଖ୍ୟତଃ ଏହି ପର୍ବରେ ଉପାସନା କରିଥାନ୍ତି । ପରିବାରର ବୟୋଜେଷ୍ଠ ବ୍ୟକ୍ତି ହିଁ ଏହି ପର୍ବରେ ମୁଖ୍ୟ ଦାଇତ୍ୱ ନିର୍ବାହ କରିଥାଆନ୍ତି । ପର୍ବର ପ୍ରାରମ୍ଭିକ ପର୍ଯ୍ୟାୟ କୃଷିକ୍ଷେତ୍ରରୁ ଆରମ୍ଭ ହୁଏ ଏବଂ କୃଷିକ୍ଷେତ୍ରରେ ଉତ୍ପାଦିତ ନୂତନ ଶସ୍ୟରୁ ନୂଆ ଚାଉଳ ପ୍ରସ୍ତୁତ କରାଯାଏ । ସମଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ଭାଦ୍ରବ ମାସରେ ଅମଳ ହେଉଥିବା ଏକ ସ୍ୱତନ୍ତ୍ର; ଛୋଟ ସରିଆ ଧାନକୁ ପୂର୍ବରୁ ବୁଣାଯାଏ । ଏବଂ ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତ ମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠେ । ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ନବାନ୍ନ ଅର୍ପଣ କରିସାରିବା ପରେ ପରିବାରର ମୁଖ୍ୟ ଘରର ଦେବାଦେବୀ ଓ ପିତୃପୁରୁଷଙ୍କ ନିକଟରେ ନବାନ୍ନ ଅର୍ପଣ କରନ୍ତି । ଏହା ପରେ ପରିବାରର ସମସ୍ତେ ଏକାଠି ହୋଇ ନୂଆଁ ଖାଇଥାନ୍ତି । ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ଏହି ପଡିଥିଲା । ନୂଆଁଖାଇ ଏକ କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବା ବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଥାଏ । ପ୍ରକୃତିର ପାର୍ବଣ ମାନ୍ୟତା ପାଇଥିବା ନବାନ୍ନ ବା ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ଫଳପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବୋହୁମାନେ ସ୍ନାନାଦି ନିତ୍ୟକର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକରା, ଆରିଷା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଏହା ପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀ ମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧି ବ୍ୟବସ୍ଥା ରହିଛି । ନୂଆ ଚାଉଳରୁ

ପ୍ରସ୍ତୁତ ଖିରୀ, ପିଠା, ଏବଂ ବିଭିନ୍ନ ପନପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତଠାରୁ ଆରମ୍ଭ କରି ଭବିଷ୍ୟତ ଯାଏଁ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ ତାର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି, "ଜିଁ ଜାଗିଥିଲେ ବଛ୍ ରେ" । ଅର୍ଥାତ୍; ଏହି ବର୍ଷ ଆସ ନୂଆଁଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ "ଜୁହାର୍ ଭେଟ୍ ଘାଟ୍" ପ୍ରଥାରେ ପରିବାର ତଥା ଗ୍ରାମର ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ପ୍ରଣାମ ଜଣାଇ ଆଶୀର୍ବାଦ ନେବା, ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏକ ଅନନ୍ୟ ପରମ୍ପରା । କେବଳେ ଯେ ପାରିବାରିକ କ୍ଷେତ୍ରରେ ଏହା ସହଂତ ଓ ସମ୍ପର୍କ ସ୍ଥାପନା କରେ ତାହାନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢେର ଉପାଦେୟତା ରହିଛି । କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ । ଭାଇଚାରା ବାର୍ତ୍ତାବହନ କରୁଥିବା ଏହି ନବାନ୍ନ ବା ନୂଆଖାଇ ପର୍ବ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ଏବଂ ଏହି କୃଷିଭିତ୍ତିକ ଗଣପର୍ବ ଯଥାର୍ଥରେ ପ୍ରକୃତିର ପାର୍ବଣ ।

ସ୍ନାତକୋତ୍ତର ବାଣିଜ୍ୟ (ଜିଏମ୍ ୟୁ ଛାତ୍ର)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ଚନ୍ଦନ



ଭକ୍ତବନ୍ଧୁ ବିଶ୍ୱାଳ

ଜ୍ଞାତ ଅଜ୍ଞାତର ଅବୁଝା ଅବେଳା
ମନ୍ଦ ସଭ୍ୟତାର ସ୍ରୋତ,
କାଳ କୋଳାଗ୍ରତ ଜୀବନ୍ତ ଉତକ୍ଷିପ୍ତ
ଅଜ୍ଞାନ ତାକୁ ଜାଗ୍ରତ ॥
ସାନ୍ଧ୍ୟ ପରଂପର୍ ହସେ ସସାଗର୍
ମୂର୍ଖକୁ ଗୀତାର ଜ୍ଞାନ,
କପିକୁ ଶ୍ରୀଫଳ ଯେହ୍ନେ ଅମଙ୍ଗଳ
ମାୟା ଚନ୍ଦ୍ରିକା ସପନ ॥
ବେଳା ଅବେଳାରେ ଅମଡା ବାଟରେ
ମତବ୍ୟକ୍ତ ମହାଆଖ୍ୟା,
ଖରକୁ ଶୀତଳ ପ୍ରବଳ କନ୍ଦଳ
ଅଝଟ ପରମ ଦୀକ୍ଷା ॥
ଚନ୍ତା ଚେତନାରେ ଅପ୍ରିୟ ଦ୍ୱନ୍ଦରେ
ତେଲିଆ ମୁଣ୍ଡରେ ତେଲ,
ପାଷାଣ ହୃଦୟେ ଅଧୈର୍ଯ୍ୟ ପର୍ୟ୍ୟେ
ଛଦ୍ମଧାରୀ ହୃଦ ଗେଲ ॥

ଘସିଏନ, ପାଟଣାଗଡ, ବଲାଙ୍ଗୀର

# ଆଖିର ଆକାଶ.....!



ଡ. ତନ୍ମୟ କବି

ଫୁଲକୁ ପଚାରିଲି
ମୋ ସହ ସାଙ୍ଗ ହେବୁ.....?
ମନା କରିଲା; କହିଲା...!
ଜୀବନର ଶେଷରେ ସାଙ୍ଗେ ହେବା.....
"ମୁଁ ଥିବି, ତୁ ନଥିବୁ".....

ନଦୀକୁ ପଚାରିଲି
ମୋ ସହ ମିତ ବସିବୁ.....?
ସେ ବି ମନାକରି ଉତ୍ତର ଦେଲା.....!
ତୋ ଜୀବନ ଶେଷ ପ୍ରାନ୍ତରେ
ଉଛୁଳିବି ତୋ ବନ୍ଧୁବାନ୍ଧବ ସାଥିରେ
"ମୁଁ ରହୁଥିବି, ତୁ ଭସି ବୁଡିଯିବୁ".....

ପୁଣି ପଚାରିଲି ଆକାଶକୁ.....?
ସେ କହିଲା
ତୋ ହାତ ପାଇବିନ ମୋ ଦେହକୁ.....
"ମୁଁ ତୋତେ କୋଳେଇ ନେଇବି"
"ତୁ ଯେବେ ମରି ଲୀନ ହୋଇବୁ".....

ମାଟିକୁ ପଚାରିଲି
ତୁ ମୋର ବନ୍ଧୁ ହେବୁ.....?
ଜବାବ ଶୁଣି ଡାର ଲାଗିଲା
କଂସଠୁ ଭୟଙ୍କର.....
ଠୋ ଠୋ ହସି ଜବାବ ଦେଲା
ତୁ ତ ମୋରି ସନ୍ତାନ
"ମୋ ଦେହରେ ହିଁ ମିଶିବୁ".....

ଆଉ ତୁମକୁ ବି ପଚାରୁଛି
ତୁମେ ମୋ ସହ ଥିବ ତ.....?
ତୁମର ନରବତା, ନମ୍ରଗାମୀ ଆଖି
ନକବି ବି କହିଦେଲା.....!
"ତୁମେ ତ ଜଳ ପାଉଁଶ ହେବ"
ଶଙ୍ଖା ଭଙ୍ଗି ସିନ୍ଦୂର ପୋଛିଦେଲେ.....
ତୁମ ମୋ ଭିତରେ ସମ୍ପର୍କ କଣ କୁହ
ତ.....??

ପ୍ରାଧ୍ୟାପକ(ଓଡିଆ ବିଭାଗ)
ମହିମା ମହାବିଦ୍ୟାଳୟ
ଯୋରନ୍ଦା, ଢେଙ୍କାନାଳ

# ରହସ୍ୟମୟ ରାତି



ରାଜୁ କୁମାର ପାତ୍ର

2004 ମସିହାର ଏକ ହାଡ଼ଭଙ୍ଗା ଶୀତକାଳୀନ ରାତି ।

ନିଶା ଗରଜୁଥାଏ । ତେଣେ ଠିକ୍ ସେହି ସମୟରେ ତୁହାକୁ ତୁହା ଶୀତଳ ପବନ ସାଙ୍ଗକୁ ଝିପିଝିପି ବର୍ଷା ମଧ୍ୟ ହେଉଥାଏ । ଆଖପାଖର ବଣବୁଦା ଭିତରୁ ସାଇଁ ସାଇଁ ପବନ ଭାସି ଆସୁଥାଏ । ଘଡଘଡି ଓ ଶ୍ୱାନଶ୍ୱାପଦଙ୍କ ରଡି ସହିତ ମଝିରେ ମଝିରେ ଅଶରୀରୀ ମାନଙ୍କର ଅଟ୍ଟହାସ୍ୟବି ଶୁଭୁଥାଏ । ଭୟାଭହ ମୁହଁଟିମାନ ଘନଘନ ବିଜୁଳି ଆଲୁଅରେ ଦିଶିଯାଉଥାଏ ।

ବସ୍ ଷ୍ଟାଣ୍ଡ ର ଟିକଟ କାଉଣ୍ଟର ରେ ମାଧବ ବସି ରହିଥିଲା । କେତେବେଳେ ନିଦ ଲାଗିଯାଇଥିଲା ନିଜେ ମଧ୍ୟ ଜାଣିନି । ହଠାତ୍ ଏକ ଆର୍ତ୍ତ ଚିତ୍କାର ଶବ୍ଦ ଶୁଣି ନିଦ ଭାଙ୍ଗିଯାଇଥିଲା ତାର । ନିଜର ପାଞ୍ଚ ବର୍ଷର କର୍ମମୟ ଜୀବନ ଭିତରେ କେବେହେଲେ ଏମିତି ଶବ୍ଦ ଶୁଣି ନଥିଲା ସେ। ଭୟଭୀତ ନ ହୋଇ ପାଖରେ ଥିବା ଟର୍ଚ୍ଚ କୁ ହାତରେ ଧରି ଶବ୍ଦ ଆସୁଥିବା ଦିଗରେ ଅଗ୍ରସର ହେଲା। ବିପରୀତ ଦିଗର କଟିମିଟି ଅନ୍ଧକାର ମଧ୍ୟରୁ ସେଇ ଶବ୍ଦ ପାଖେଇଆସୁଥିଲା ତା ଆଡ଼କୁ ।

ହଠାତ୍ ଏକ ରକ୍ତ ଜୁଡୁବୁଡୁ କ୍ଷତାକ୍ତ ମହିଳା ଟିଏ ଅସହାୟ ଭାବରେ ତା ପାଖରେ ପହଞ୍ଚି ଯାଇଥିଲା ।ଶରୀରରୁ ବାହାରୁଥିବା ରକ୍ତସ୍ରାବ ଯୋଗୁଁ ପରିହିତ ଧଳା ବସ୍ତ୍ର ଲାଲ୍ ହୋଇ ଯାଇଥିଲା । ମହିଳାଙ୍କ ବ୍ୟସ୍ତବିବ୍ରତ ଚଉରେ କହୁଥିଲା -:"ମତେ ରକ୍ଷା କର, ସେ ମତେ ମାରିଦେବ" ମୁଁ ....... ମୋ ନାଁ ......ମୀରା କୁମାରୀ ......

ଆଶ୍ଚର୍ଯ୍ୟର ସହ ମାଧବ ଅତି ଶୀଘ୍ର ତାକୁ ଟିକେଟ୍ କାଉଣ୍ଟର ର ଏକ ଘରେ ରଖି କବାଟ ବନ୍ଦ କରି ତା ବୟୋଜ୍ୟେଷ୍ଠ ସହଯୋଗୀ ବିଶ୍ରାମ ନେଇଥିବା କୋଠରୀରେ ପହଞ୍ଚି ସମସ୍ତ ଘଟଣା ବର୍ଣ୍ଣନା କରିଥିଲା । ବୟୋଜ୍ୟେଷ୍ଠ ସହଯୋଗୀ ଆସିବା ବେଳେ ଶୀଘ୍ର ପାଦ

ପକାଇ ଆସୁଥିଲେ, ବାଟରେ ପଚାରିଲେ ମାଧବ ସେ ମହିଳା କଣ ନିଜର ନାମ କହିଲା? ମାଧବ ଉତ୍ତର ରେ କହିଥିଲା -"ହଁ ...ହଁ .... ସେ ମୀରା କୁମାରୀ କହୁଥିଲା।

ଏତିକରେ ହଠାତ୍ ସହଯୋଗୀ ଜଣକ ରହିଯାଇଥିଲେ। ଆଶ୍ଚର୍ଯ୍ୟ ହୋଇଗଲା ମାଧବ । ମାଧବ କିଛି ପଚାରିବା ପୂର୍ବରୁ ପୁଣି ଆଗେଇ ଯାଇଥିଲେ ସେ ଘର ଅଭିମୁଖେ ଯେଉଁଠି ସେ ମହିଳା କୁ ରଖିଥିଲା ମାଧବ। କିନ୍ତୁ ଏ କ'ଣ କେହି ବି ନଥିଲେ ସେ ଘରେ । ଆଶ୍ଚର୍ଯ୍ୟ ହୋଇଗଲା ମାଧବ । ବିଚଳିତ ହୋଇ ଗଲା ମାଧବ । କିନ୍ତୁ ସହଯୋଗୀ ଜଣକ ବ୍ୟସ୍ତ ନଥିଲେ । କିଛି ବୁଝି ପାରୁନଥିଲା ମାଧବ, କ'ଣ ସବୁ ଘଟିଯାଉଥିଲା। ନିଜର ଆଖି ଆଗରେ କବାଟ ବନ୍ଦ କରି ଥିବା ମହିଳା ଜଣକ କୁଆଡ଼େ ଗଲେ।

ସହଯୋଗୀ ଜଣକ ମାଧବ ଆଖିରୁ ଅନ୍ଧକାର ଦୂର କରି କହିଲେ :- ଦୀର୍ଘ ଦଶ ବର୍ଷ ତଳେ ଏଠାରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଜଙ୍ଗଲ ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ହୋଇଥିଲା । ବସରେ ଥିବା ସମସ୍ତ ଯାତ୍ରୀ ସେଦିନ ରାତିରେ ପ୍ରାଣ ହରାଇଥିବା ଅନୁମାନ କରାଯାଏ । କାରଣ ଘଟଣା ସ୍ଥଳରେ କୌଣସି ମୃତ ଦେହ ଉଦ୍ଧାର ହୋଇ ନ ଥିଲା । ସେହି ରାତିରେ ସେମାନଙ୍କ ସହ କ'ଣ ଘଟିଥିଲା ଆଜି ପର୍ଯ୍ୟନ୍ତ ରହସ୍ୟଜନକ । ମୃତ ଦେହ ମଧ୍ଯ କୁଆଡ଼େ ଗଲା ଏବେ ସୁଦ୍ଧା ଜଣା ପଡ଼ିନାହିଁ।

ଭଙ୍ଗା ବସ ପାଖରେ ରକ୍ତଛିଟା ପଡିଥିଲା କେବଳ । ଆଜି ପ୍ରଥମ ଥର ପାଇଁ ନୁହେଁ ମୋ କର୍ମମୟ ଜୀବନରେ ଆଜି ଘଟଣା କୁ ମିଶାଇ ଆଠ ଥର ହେଲାଣି ଏମିତି ଛାତିଥରା ଘଟଣାକୁ ।ସହଯୋଗୀ ଜଣକ ଶୁଭରାତ୍ରି ଜଣାଇ ନିଜ କୋଠରୀକୁ ଚାଲିଯାଇଥିଲେ, କିନ୍ତୁ ମାଧବ ନିର୍ବାକ ଭାବେ ଅନାଇ ରହିଥିଲା ମହିଳା ଆସିଥିବା ସେହି କଟିମିଟି ଅନ୍ଧକାର ଦିଗରେ .............

ଭରସୁଜା, ବଲାଙ୍ଗିର

# ଏଇ ବୋଧେ ଈଶ୍ୱର

ତପସ୍ୱିନୀ ବେହେରା

ମୁଁ ଜାଣେନା ଈଶ୍ୱର କଏ,
କେମିତିକା ତାର ରୂପ,
ରଙ୍ଗ, ଢଙ୍ଗ ଆଉ ଗୁହାଣୀ!!
କଣ ସେ ରତି ପରି କଳା ନା
ଐରାବତ ହାତୀ ଭଳଆ ଧଳା..?
ତାର ହାତ, ଗୋଡ଼, କାନ, ନାକ ଅଛି କ..?
ସେ ଆମ ପରି ଖାଏ, ଉଠେ,ବସେ,ଶୁଏ କ..?
ସେ ଆମ ପରି କାନ୍ଦେ, ହସେ କ..?

କଏ କହେ ଏଇ ଯୋଉ ନେତ ଉଡୁଛି,
ମନ୍ଦିର ଦିଶୁଛି ସେଇଠି ଅଛନ୍ତି ଈଶ୍ୱର,
କଏ କହେ ଦେଖ ସେପଟେ
ନମାଜର ସ୍ୱର ଶୁଭୁଛି ମସଜିଦ୍ ରୁ
ସେଇଠି ଅଛନ୍ତି ଈଶ୍ୱର,
ପୁଣି କଏ କହୁଛି
ସେ ଯୋଉ କ୍ରସ ଚହ୍ନ ଲାଗିଛି
ସେ ଗୀର୍ଜାରେ,
ସେଇଠି ଅଛନ୍ତି ଈଶ୍ୱର,
ବୌଦ୍ଧ ବିହାର ଆଡେ ଯାଅ,
ସେଇଠି ଅଛନ୍ତି ଈଶ୍ୱର,
ଏଇ ଯାଅ ସେ ଗୁରୁଦ୍ୱାର ଖୋଲିଲାଣି
ସେଇଠି ଅଛନ୍ତି ଈଶ୍ୱର।
ହେଲେ ମନ୍ଦିରର ପ୍ରାଙ୍ଗଣରେ
ଟଙ୍କାଟିଏ ଥାଳ ଛୁଇଁଲେ
ଲୋଗ୍ସକୋଗ୍ସ ହାତ ଦୁଇଟା
ମୁଣ୍ଡ ଉପରେ କେହି ଥୋଇ ଦିଏ,
ସେଇଟି ମୁଁ ଦେଖେ ଈଶ୍ୱରଙ୍କୁ।
ସ୍ୱାଭିମାନର ଜ୍ୱଳନ୍ତ ଅଙ୍ଗାରକୁ
ଦେହରେ ବୋଳ,
ଧୁ ଧୁ ଖରାଟାକୁ ପିଠିରେ ପକେଇ,
ଦଶ ବରଷ ପିଲାଟାର
ଗୋଟେ ବେଲୁନ ବିକ୍ରି ପରେ
ଟହ ଟହ ମଲ୍ଲି ଫୁଲିଆ ହସରେ
ମୁଁ ଦେଖେ ଈଶ୍ୱରଙ୍କୁ।
ଧଳା ପୋଷାକ ପିନ୍ଧା
କେହି ଜଣେ ଭିଡି ଆଣେ ଯେବେ
ଯମ ଠାରୁ କାହା ଶଙ୍ଖା ଆଉ ସିନ୍ଦୁର,
କେଉଁ ବୃଦ୍ଧାର ଶେଷ ଆଶ୍ରାବାଡ଼ି ଖଣ୍ଡକ,
ଅମୃତର ବୁନ୍ଦା ପାଇଁ ବିକଳରେ
ରହିଁଥିବା ଦୁଇଟି ସଜଳ ଆଖିର ଉପ୍ସଟିକୁ,
ସେଇଠି ମୁଁ ଦେଖେ ଈଶ୍ୱରଙ୍କୁ।
ପେଟରୁ ପିଠି ଯାଏ ମାଡିଥିବା
ଭୋକକୁ ମୁଠେ ଦାନାରେ
ମିଳେଇଲା ପରେ
ସେ କୁନ ଓଠର ଚେନାଏ ହସରେ
ମୁଁ ଦେଖେ ଈଶ୍ୱରଙ୍କୁ।
ହଁ, ଏଇ ବୋଧେ ଈଶ୍ୱର!!

ବ୍ରହ୍ମେଶ୍ୱର ପାଟଣା,ଭୁବନେଶ୍ୱର

# ମୁଁ ତୋର କଏ



ସୁଧାଂଶୁ ଶେଖର ମଣ୍ଡଳ

ମୁଁ ତୋର କେହି ନୁହଁ ନା
ଆଖି ବନ୍ଦ କରି ଯିଏ ଭଲପାଏ ସେ ହେଉଛି ପ୍ରେମିକା !
ଆଖି ଦେଖେଇ ଯିଏ ଭଲପାଏ ସେ ହେଉଛି ସ୍ତ୍ରୀ !

ମୁଁ ତୁମର କେହି ନୁହଁ ନା....
ପ୍ରେମ ଶବ୍ଦର ସଠିକ୍ ଅର୍ଥ ଯେତେବେଳେ ମୁଁ ଜାଣି ନଥିଲି
ସେତେବେଳେ ମୁଁ ତୁମ ପ୍ରେମରେ ପଡିଯାଇଥିଲି ॥

ଆଉ ସେତେବେଳେ ତୁମେ ମୋତେ କହିଥିଲ,
ଏ ସୁଧାଂଶୁ ମୁଁ ତୁମକୁ ମୋ ଜୀବନଠୁ ବି ଅଧିକ ଭଲପାଇବା ଦେବି,
ପ୍ରତି ମୁହୂର୍ତ୍ତ ରେ ଖୁସି ଦେବି ! ଆକାଶରୁ ଜହ୍ନ ଆଣିଦେବି
ଶରଗରୁ ଗନ୍ଧ ଆଣିଦେବି ତମକୁ ଛାଡି କୁଆଡେ ବି ଯିବିନି....

ହେଲେ ତମେ କଲ କ'ଣ ମୋ ଟିକ ମନର ବାଇ ଚଢେଇ
ବସାକୁ ଭାଙ୍ଗିଦେଇ ବହୁଦୂରକୁ ଗ୍ଲିଗଲ ନୁହଁ !!

ଆରେ ୩ ମାସ ଧରି ମୁଁ କେମିତି ବଞ୍ଚିଚ ଯେ,
ତୋ ଆକାଶର ଜହ୍ନକୁ ପଗ୍ଳରିବୁ ସେ ଜହ୍ନ କହିବ,,,
ଯା, ତୋ ସରଗର ତାରାକୁ ପଗ୍ଳରିବୁ ସେମାନେ କହିବେ ॥

ତମକୁ ପାଗିଳ କହିବି କ ମୁଁ ମୋ ନଜକୁ ପାଗଳ କହିବି
ସେ କଥା ମୁଁ ତୁମକୁ କହି ପାରିବିନି ॥

ହେଲେ ତୁମକୁ ଗୋଟେ କଥା କହିବି ,,,,

ଆଖି ସାଗର ନୁହେଁ ତଥାପି ଲୁହରେ ଭରିଯାଏ !!!
ପ୍ରେମ ରକ୍ତ ମାଂସର ଶରୀର ନୁହେଁ
ତଥାପି କ୍ଷତ ବିକ୍ଷତ ହୋଇଥାଏ !!!

ମଣିଷ ଋତୁ ନୁହେଁ ତଥାପି ସେ ବଦଳଯାଏ,,,
ଠିକ୍ ଯେମିତି ତମେ ବଦଳ ଯାଇଛ.....

ଯାଉଛି ପ୍ରିୟା ତୁମେ ଯଉଠି ବି ଥାଓ ଭଲରେ ଥାଅ ॥
ହେଲେ ଗଲାବେଳେ ତୁମକୁ ଗୋଟେ କଥା କହୁଛି !
ପ୍ରିୟା ତୁମ ଫେଂରିବା ବାଟକୁ ଗ୍ଚତକ ପରି
ମୁଁ ସାର୍ା ଜୀବନ ଅପେକ୍ଷା କରିଥିବି ॥

ପ୍ରାଥମିକ ଶିକ୍ଷକ,ବାଲେଶ୍ୱର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ପ୍ରକୃତି



ନବକିଶୋର ଦୀପ

ତୋତେ ଦେଖିଲାପରେ
ଭୁଲି ହୋଇଯାଏ
ମୋର ସୁନ୍ଦରତାର ଅହଂକାର,
ଦେହର ଢେ଼କ
ପୂର୍ଣ୍ଣତା ର ଭ୍ରମ
'ମୁଁ'ଶବ୍ଦ ର ଅର୍ଥବୋଧ..
ତୁ ନିଜେ ସ୍ଥିର ରହି
ଅନ୍ୟକୁ ଆକର୍ଷଣ
କରିବାରେ ସିଦ୍ଧହସ୍ତ
ବାସ୍ତବରେ ତୁ
ସର୍ବ ଶକ୍ତିମାନ, ମହୀୟାନ...
ତୋତେ କିଏ ବା କାହିଁକି
ଭଲ ନ ପାଇବ?
ତୁ ତ ପ୍ରେମ ର ଜୀବନ୍ତ ପ୍ରତୀକ
ଧର୍ଯ୍ୟ ର ସୀମାହୀନ ପଥିକ
ଯୁଆଡେ ଗଲେ ଖାଲି ତୁ ହିଁ ତୁ
ନିରହଂକାର, ନିରାଡ଼ମ୍ବର,
ନିର୍ଲୋଭ, ନିର୍ଭିକ,
ନିର୍ବିକାର, ନିରାମୟ
ନିଷ୍ପାପ, ନିରନ୍ତର,
ନିସ୍ୱାର୍ଥପର ବିଦ୍ୟମାନ....

ଭାବେ କେବେ କେବେ
ତୁମ ନିଅଣୀ ମନରେ
ଏତେ ନିବିଡ଼ତା, ନିବନ୍ଧତା,
ନିମିଷକେ, ନୀତିନୀତି
ନିସ୍ୱାର୍ଥପର ହୋଇ
ନିର୍ଲଜ ମଣିଷଙ୍କ ପାଇଁ
ଅହରହ ନିର୍ଯ୍ୟାତିତ ହେଲାପରେ
କେମିତି ନିର୍ବାକ ପ୍ରତୀୟମାନ?
ସତରେ ପ୍ରକୃତି
ତୁ ବଡ଼ ହୃଦୟବାନ...

ବୌଦ୍ଧ

# ମଣିଷ ଜୀବନ



ସଙ୍ଗୀତା ମହାନ୍ତି

ଜୀବନରେ ସବୁବେଳେ ଗୋଟିଏ କଥା ମନେ ରଖିବ । ଯିଏ ତୁମକୁ ସାହାଯ୍ୟ କରିଛି, ତାକୁ କେବେ ଭୁଲିବ ନାହିଁ କି କେବେ ବି ତା ମନରେ କଷ୍ଟ ଦେବ ନାହିଁ । ସେଇ କଷ୍ଟ ଦ୍ୱାରା ତା ଆଖିରୁ ଯେଉଁ ଲୁହ ବାହାରିଥାଏ ଆଉ ହୃଦୟରେ ଯେଉଁ କଷ୍ଟ ହୋଇଥାଏ, ସେଇଟା ତୁମ ପାଇଁ ଅଭିଶାପ ସଙ୍ଗେ ସମାନ ହୋଇଥାଏ । ସବୁବେଳେ ମନେ ରଖିଥିବ, କାହାକୁ କେବେବି ଖରାପ ବ୍ୟବହାର କରିବ ନାହିଁ । ଏହାଦ୍ୱାରା କେବଳ ସେ କଷ୍ଟ ଆଉ ଦୁଃଖ ପାଇଥାଏ ସତ, ତୁମେ ମଧ୍ୟ ଅନ୍ୟମାନଙ୍କ ଆଗରେ ଖରାପ ଲୋକ ବୋଲି ତୁମେ ତୁମର ପରିଚୟ ଦେଇଥାଅ । ମନେ ରଖ, ଜାଣିଶୁଣି ଗୋଇଠା ମାରି ବିଷ୍ଣୁ କରନ୍ତ ବରଂ ଅଜାଣତରେ ଯଦି ଗୋଇଠା ମାରିଛ ତେବେ ଭୁଲ ମାଇବା ଶିଖ । କେତେ ଦିନ ଆମେ ଏଇ ଦୁନିଆରେ ରହିବା? ମିଛ ଅହଂକାର, ହିଂସା କୁ ନେଇ ଏ ଦୁନିଆରେ ରହି ହେବନି । ତେଣୁ ଯେତିକି ଦିନ ଦୁନିଆରେ ଅଛ, ସମସ୍ତଙ୍କୁ ନେଇ ଖୁସିରେ ଜୀବନ ଯାପନ କର । ସମାଜରେ ଚଳିବାକୁ ହେଲେ ଲୋକଙ୍କୁ ନେଇ ରହିବାକୁ ପଡେ । ଏଇ ଦୁନିଆରେ କେହି ଧନୀ ନୁହେଁ କି କେହି ଗରିବ ନୁହେଁ । ଏଠାରେ ଆମେ ସମସ୍ତେ ସମାନ । ଖାଲି ପାଠ ପଢିଦେଲେ ତାକୁ ଶିକ୍ଷିତ କୁହାଯାଏନି କି ରୋଜଗାର କଲେ ତାକୁ ଧନୀ କୁହାଯାଏନି । କଥାବାର୍ତ୍ତା କରିବାର ଶାଳୀନତା ରହିବା ଦରକାର । ଯଦି ଆମେ ଦୁନିଆକୁ ଆସିଛେ, ଯେମିତି ଆମେ ଭଲ କାମ କରିବା, ସମସ୍ତଙ୍କ ହୃଦୟରେ ଆମକୁ ସ୍ଥାନ ମିଳିବ । କେହି କିଛି ନେଇକି ଆସିନେ କି କିଛି ନେଇକି ଯିବାନାହିଁ । ତେଣୁ କାହିଁକି ଏ ମିଛ ଅହଂକାର ଆଉ ହିଂସା କରିବା ।

ତୁଳସୀପୁର, ମଠସାହି

# ଛାୟା ନାମକ ଭୂତାଣୁ



ଅନଙ୍ଗ ମଞ୍ଜରୀ

ମୁଁ ଆଉ ମୋର ଗ୍ଭରି ପ୍ରାସେ
କଛି କହିବାର ପଦ କୁ ଅପେକ୍ଷା
ଶୂନ୍ୟତା ରେ ଆଜି ଘୁରିବୁଲୁଛି ଚତୃଦିଗେ
ଆଖିରେ ଆଖିଏ ସ୍ୱପ୍ନ  ଜଳାଞ୍ଜଳ କରିଛି
ପ୍ରକୃତିର ବିବିଧତା ଆଣି ଦେଇଛି ଦୂରତା
ଛୋଟ ବଡ଼ର ଉତ୍ତର କରିବସିନ
ସୂର୍ଯ୍ୟ, ଚନ୍ଦ୍ର ଆକାଶର ତଳେ ଆଶା ହିନ
ଗଡ଼ି ଗ୍ଭଲିଛି ସମୟ ପ୍ରକୃତିର ଦିନଗ୍ଭତିକୁ ଧରି
ସଜାଡି ଗ୍ଭଲିଛନ୍ତି ପରିବେଶକୁ
କନ୍ତୁ ଥମୁ ନାହିଁ ତାର କଗ୍ଭଳ ରୂପ
କାଳ ଭୈରବ ପରି କରୁଛି ସେ  ଗ୍ରାସ
ଦେଖୁନାହିଁ କାଳ ପାନ୍ଥ ଆଖି ପିଛୁଳାକେ
ଶ୍ରବଣ ସେ କରୁଛି ଆଘାତ
ଗ୍ଭଲିଛି ନୟମ ନୀତି ହୋଇ ଘାତ, ପ୍ରତିଘାତ
କାହାକୁ ନୋଉଛି ତ କାହାକୁ ଛାଡୁଛି
ହୃଦୟ ବେଦନା କେହି
କରିପାରୁନାହିଁ ବାଖ୍ୟା।
ସୃଷ୍ଟିର ସେ ବିଡମ୍ବନା ସଭ୍ୟତା ର ଉତ୍ତର
ଆଜି ପ୍ରଶ୍ନ ଉଠାଇଛନ୍ତି  ଦ୍ୱାରେ
କଏ ଦେବ ତାହାର ପରିଚୟର ଭୂମିକା
ବାନ୍ଧି ଦେଇଛି ମୁଖେ ବନ୍ଧନ ର ଡୋରି
କଏ ଫିଟାଇବ ଏ କାୟା ବିସ୍ତାର ରୂପକୁ
ଆଣି ଦବ ସତ୍ୟର ସେ ପାଲିଙ୍କି
ଯାହାର ଫଳ ସଦୃଶ୍ୟ ଫୁଲ ସଭିଙ୍କ ହୃଦେ
ମୁଁ ତ ଉଡୁଥିଲି ବୁଲୁଥିଲି ଦେଶର କୋଣେ
ଆଜି ସବୁ ସ୍ତବ୍ଧ ଏ ଧର୍‌ତ୍ତ ତଳେ
କୋଟି ପ୍ରାଣରେ ଏକ ଛାୟା ଘୁରି ବୁଲୁଛି
ଛାୟା ରୂପକ ସାଗରକୁ ପାରିହେବା କେବେ
ଅନୁଷ୍ଠାନ ଅନୁଶାସନ ତଳେ
ଆଜି ଦବି ବସିଛେ
ଗ୍ଭତକ ପକ୍ଷିଷି ପରି ହାତ ଉଠାଇ ଦେଇଛେ
କେବେ ସେ ବିଷ ନାମକ ଶବ୍ଦକୁ
ପ୍ରଭୁ ଦୁଗ୍ଭଇବେ

ହାଇଦଗ୍ଭବାଦ

# ପରଦେଶୀ ପକ୍ଷୀ ଫେରିଆ



ଆଶିଷ କୁମାର ବଣିଆଁ

ପରଗୁଡିକୁ ସାଉଁଟେଇ ତୁ ନିଜ ବସାରେ ରହିଯା
ପବନରେ କେହି ବିଷ ବୋଲି ଦେଇଛି,
ହେ ପକ୍ଷୀ ଏବେ ତ ତୁ ଫେରିଆ ..।।
ଦୂର ଦେଶକୁ ଉଡିବାକୁ ହେଲେ
କିଛି କ୍ଷଣ ଅଟକ ରହିଯା
ଖୁସିର ସଂସାର ତୋର ଗଢିବାକୁ ହେଲେ
ଆଜି ତୁ ବସାକୁ ଫେରିଆ ..।।
ଚାରିପାଖେ ଦୁଃଖ ଓ ଶୋକର ଛାୟା ଦେଖି
ଆଜି ତୁ ନ ଡରି ଆଗେଇ ଯା
ନିଜକୁ ସମ୍ଭାଳ ନେ ତୁ ଧୈର୍ଯ୍ୟ ରଖି
ଏବେ ତ ତୁ ବସାକୁ ଫେରିଆ ..।।
ବିଜୁଳି ଗତିରେ ଚାଲୁଥିବା ଜୀବନରୁ
ତୁ ବିଶ୍ରାମ ଟିକଏ ନେଇଯା
ଘର ପରିବାର ସହ କିଛି ସମୟ ରହିଯା
ଏବେ ତ ତୁ ବସାକୁ ଫେରିଆ..।।
ବିଶ୍ୱାସକୁ ସାଥିକରି ସାହସ ମନରେ ଭରି
ଜୀଇଁବାକୁ ହେଲେ,
କରୋନା ସାଥିରେ ଯୁଝିଯା..।।

ଆଶଙ୍କା ର ବ୍ୟୁହ ଭେଦି, ଜୀବନର ଭେଦ ଖୋଜି
ସମୟକୁ ନିଜ ଢାଳ ସାଜିବାକୁ
ପ୍ରସ୍ତୁତ ତୁ ହେଇଯା..।।
ଜୀବନ ଅମୃତ ପିଇବାକୁ ହେଲେ,
ପରାଣ ଶୀତଳ ହେବାକୁ ଚାହିଁଲେ
କରୋନା ସାଥିରେ ଲଢିଯା..।।
ଭୋଗବାଦ ନୁହେଁ, ତ୍ୟାଗର ମନ୍ତ୍ରର ପଢି
ଜୟର ମୁଖାକୁ ଖୋଲିଦେଇ
ଜୀବନର ଗୀତ ଗାଇଯା ..।।

ବିଲାଇସର୍ଡା, ବଲାଙ୍ଗୀର

# ବଖରେ ଘର



ସ୍ୱର୍ଣ୍ଣପ୍ରଭା ଖଟୁଆ

ବୋଉ ଯେବେ ବାପଘରର ଗୃରିଖଞ୍ଜା ଛାଡି ଶାଶୂଘରକୁ ଆସିଥିଲା ଶାଶୂଘରେ ବଖରେ ଘର । ସେ ପୁଣି ଏତେ ଛୋଟ ଯେ ଶୋଇପଡିଲେ ଏ କାନ୍ଥକୁ ସେ କାନ୍ଥ ମୁଣ୍ଡ ଗୋଡ ଛୁଇଁ ଯାଉଥିଲା । ବୋଉ କହେ ରାତିସାରା ନିଦକୁ ଭୁଲି ଅନ୍ଧାର ସହିତ ଲୁହକୁ ପିଇ ପିଇ ରାତି ପାହିଯାଏ ତାର ।

ମନର ଲୋଭକୁ ଦେହ ଉପରେ ଲଦି ଦେଇ ସେ ସକାଳକୁ ସ୍ୱାଗତ କରେ । ଘରର ବୋହୂ ହେତୁ ବାସିପାଇଟି କରିବାକୁ ଆରମ୍ଭ କରେ । ଚୁଲିରୁ ପାଉଁଶ କାଢୁ କାଢୁ ଗୁଳୁଗୁଳିଆ ନିଆଁର ସ୍ୱର୍ଶରେ ସେ ତାର ଜାଲୁଜାଲୁଆ ଆଖିର ଲୁହର ଧାରକୁ ଖୋଜିପାଏ । ଭାଗ୍ୟ ଓ ଭଗଷ୍ୟତକୁ ଝାସ୍ପା ଦେଖିବାର ପ୍ରୟାସ କରେ । ଅଇଁଠା ବାସନରୁ ଆମ୍ବୁଲ ଗୈପାକୁ ଫୋପାଡୁ ଫୋପାଡୁ ସେ ଭବିଷ୍ୟତର ଲେଗ ପିସର ସ୍ୱପ୍ନ ଦେଖେ ।

ମଥାରେ ସିନ୍ଦୂର ଲଗାଇ ଓଢଣା ଦେଇ ଇଷ୍ଟଦେବତାଙ୍କୁ ନୈବେଦ୍ୟ ବାଢିବସେ । ଶାଶୂଘରର ବଖରେ ଘର ସହିତ ଶାଶୂ ଶଶୁର ଦିଅର ନଣନ୍ଦଙ୍କର ପିଣ୍ଡାପହଣ୍ଡିରେ ରାତିଯାପନକୁ । ଚଉଁରା ମୂଳରେ ଦୀପାଳି ଜାଳି ତା ପରିବାରର ଦୁଃଖକୁ ଅନ୍ଧାରି ମୁଲକକୁ ଫୋପାଡି ଦେଇ ପରିବାରର ସୁଖ ଶାନ୍ତିକୁ ନିମନ୍ତ୍ରଣ କରିବସେ ।

ୟା ଭିତରେ ବୋଉର ତିରିଶତ୍ତମ ବିବାହ ବାର୍ଷିକର ଅଭିନନ୍ଦନ ଜଣାଇଥିଲେ ଆମ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନମାନେ । ଆମେମାନେ ଏବେ କାନ୍ଥଘଣ୍ଟାର ଟଙ୍ଗଟଙ୍ଗ ଆବର୍ତ୍ତମାନରେ ଖୁବ ବଡ ହୋଇଗଲୁଣି । ବୋଉବି ସମୟ ସୁଅରେ ଆଉ ସତେଜ ଦେଖାଯାଉନି । ତା ଅଣ୍ଟା ଆଉ ବୋଲ ନିମାନ ଭାଙ୍ଗିପଡିଲାଣି । ତା ସ୍ୱଷ୍ଟ କଥାଗୁଡିକ ଟିକେ କ୍ଷୀଣ ହୋଇଗଲାଣି । ବଡଭାଇ ଏଇ କିଛିବର୍ଷ ହେବ ପୁନେରେ ବିଦେଶୀ କମ୍ପାନୀରେ ମ୍ୟାନେଜର ଭାବେ ନିଯୁକ୍ତି ପାଇଛି । ସେ ତା ଜୀବନରେ ଖୁବ୍ ଆନନ୍ଦରେ

ବିଚରଣ କରୁଛି । ବଡଭଉଣୀ ଶିକ୍ଷୟିତ୍ରୀ ଭାବରେ କଳାହାଣ୍ଡି ଜିଲ୍ଲାରେ ନିଯୁକ୍ତି ପାଇଛି ଏଇ ଦୁଇବର୍ଷ ହେବ । ବୋଉର ବଖରେ ଘରର ଦୁଃଖକୁ ଲୋତ୍କୋଚ୍ଚ କରି କବର ଦେଇସାରିଲେଣି ଏଇ କିଛିଦିନ ହେବ ।

ନୂଆଘରର ପ୍ରତିଷ୍ଠା ଦିନ ମୁଁ ଦେଖିଛି ମୁଁ ଦେଖିଛି ବୋଉର ଖୋଳା ଖୋଳା ଆଖିର ଅଭାବିପଣର ଲୁହଧାରକୁ । ମୁଁ ଦୌଡିଗଲି ତା ନିକଟକୁ ମୋ ଛଳଛଳ ଆଖିରେ କୁଣ୍ଢାଇ ପକାଇ ପଚାରିଥିଲି ବୋଉ ତୁ କାନ୍ଦୁଛି । ସତରେ ମା ମାନେ କୌଣସି ମ୍ୟାଜିସିଆନଠାରୁ କେଉଁ ଗୁଣରେ କମ୍ ନୁହଁନ୍ତି । ବୋଉ ସାଙ୍ଗେସାଙ୍ଗେ ଠୋଠୋ ହୋଇ ହସିଉଠିଲା ନାଇଁଲୋ ଏତ ସ୍ୱପ୍ନ ପୂରଣ ହେବାର ସୁଖର ଲୁହ । ଯେଉଁ ବଖରେ ଘର ଦିନେ ମୋର ଓ ମୋ ପରିବାରର ସ୍ୱାଭିମାନକୁ ସମାଜ ନିକଟରେ ତାଚ୍ଛଲ୍ୟ କରୁଥିଲା ମୋ ସନ୍ତାନମାନଙ୍କ ଦ୍ୱାର ତାର ଆତ୍ମବଡିମା ଆଜି ଖିନଭିନ ହୋଇଯାଇଛି । ଆଉ ତା ଉପରେ ଛିଡା ହୋଇଛି ଆମ ବଡଲୋକିଆ ପରିଚୟ ଏ ଦୋମହଲା କୋଠା । ଯେଉଁ ସାହିପଡିଶା ଆମକୁ ଉପହାସ କରି ଆମ ସବୁ ପରିଚୟକୁ ଲୁଟି ନେଉଥିଲେ ସେମନଙ୍କୁ ଆମ ଘରଭିତରକୁ ପ୍ରବେଶ କରିବାକୁ ହେଲେ ପ୍ରଥମେ ସାମ୍ନା କରିବାକୁ ହେବ ଆମ କଲିଙ୍ଗବେଲକୁ ।

କିଛିଦିନ ଏମିତି ଅନୁଭବ ହେଉଥିଲା ବୋଉର ଖୁସି ସାଥୀରେ ଆମ ପରିବାରକୁ ଦୁନିଆର ସବୁ ଖୁସି ଝାମ୍ପମାରି ଚାଲିଆସିଛି । ସମୟସୂଅରେ ଆରମ୍ଭ ହୋଇଯାଇଛି ବାପାମାଙ୍କର ସବୁଠାରୁ ବଡ କର୍ତ୍ତବ୍ୟ । ଭାଇର ବିବାହକାର୍ଯ୍ୟ ସମାପ୍ତ ହୋଇଯାଇଛି ଏଇ କିଛିଦିନ ହେବ। ସେ ତାର ପରିବାରକୁ ନେଇ ପୁନେ ରେ ସେଟେଲେ । ତାକୁ କାଳେ ସମୟର ଘୋର ଅଭାବ ।ସେ ଆଠଦିନରେ ଥରେ କଲ୍ କରେ ସେ ପୁଣି ଦଶକ ପନ୍ଦରମିନଟ୍ ପାଇଁ। ବୋଉର ଅନେକ ଇଚ୍ଛା ଥିଲେବି ତାର ସବୁତକ ମୋହ ଓ କୋହକୁ ଅଜାଡିବାର ପ୍ରୟାସ କରିଚାଲେ । ସେହିଦିନରୁ ବୋଉ ଆଖିରୁ କେବେ ଲୁହ ଶୁଖିବାର ମୁଁ ଦେଖିନି ।ଆଜିକାଲି ବୋଉକୁ ବି ଆଉ ଭଲ ଦେଖାଯାଉନି ।

ବାପାମାଙ୍କ ବଡଝିଅ (ବଡଝିଅ) ତାର ବିବାହକୁ ଏଇ ବର୍ଷଟିଏ ପୁରିଲା । ଶାଶୂଘରର ଭଲମନ୍ଦ ବୁଝୁବୁଝୁ ବାପାମାଙ୍କ ସୁଖଦୁଃଖକୁ ତଦାରଖ କରିବାକୁ ସମୟ ନିଅଣ୍ଟ ପଡିଯାଏ ତାକୁ । ବାପାମାଙ୍କ ବୟସ ବଢିବା ସହିତ ସେ ପିଲାମାନଙ୍କର ଛତ୍ରଛାୟା ତଳେ ରହିବାକୁ ଚାହାନ୍ତି ବୁଲୁଥିବାବେଳେ ପିଲାମାନେ ସମୟ ସହିତ ତାଳଦେଇ ପରିଶ୍ରମର ସିଡି ପକାଇ ଉପରକୁ ଉଠିବାକୁ ପ୍ରୟାସ କରି ଚାଲିଥାଆନ୍ତି ।

ବୋଉର ବୟସ ୟାଭିତରେ ଗ୍ଯରିକୋଡିକୁ ଛୁଇଁଗଲାଣି । ସମୟର କରାଳ ଗର୍ଭରେ ବୋଉ ଏବେ ଜୀର୍ଣ୍ଣଶୀର୍ଣ୍ଣ । ନା ଅଛି ଦେହରେ ବଳ ନା ମନରେ ଦୋମହଲାରେ ରହିବାର ଆଗ୍ରହ । ବୋଉ ଏବେ ଏବେ ପ୍ରତିମୁହୂର୍ତ୍ତ ଖୋଜିବୁଲୁଛି ସେହି ବଖୁରାଏ ଘର .....

ଯାହା ତା ମୁଣ୍ଡ ଓ ଗୋଡକୁ ଅବସୋସର ନଆଁ ଝୁଲରେ ଜାଳ ଗ୍ଯଲିଛି ପ୍ରତିମୁହୂର୍ତ୍ତ ....... ।

ସାହାସପୁର (ତୁରଙ୍ଗ )
ବାଟିଘୋଡା, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ **10** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଉଦବୋଧନୀ ସଙ୍ଗୀତ



ସୁବାସ ଦାସ

Left right left right left right left (୨)
କଦମ୍ ବଢ଼ାଇ ଚାଲ୍ ଆରେ ଭାଇ କଦମ୍ ବଢ଼ାଇ ଚାଲ୍
ଶତ୍ରୁ ଶୋଣିତେ ରଞ୍ଜିତ କରି ଆମରି ମାଟିକୁ ଲାଲ୍
(ଜୟ ଜୱାନ୍ ଜୟ କଷାନ୍ ଜୟ ହିନ୍ଦ୍ ଆମ ଜାତୀୟ ସ୍ଲୋଗାନ)..୨
ତିରଙ୍ଗା ପତାକା ଆମରି ପ୍ରତୀକ (ଜୟ ଜୟ ହିନ୍ଦୁସ୍ଥାନ )..୨
ଜୟ ଜୱାନ୍ ଜୟ କଷାନ୍ ଜୟ ଜୟ ହିନ୍ଦୁସ୍ଥାନ Left right left right left right left (୨)

କଦମ୍ ବଢ଼ାଇ ଚାଲ୍ ଆରେ ଭାଇ କଦମ୍ ବଢ଼ାଇ ଚାଲ୍
କାର୍ଗିଲ୍ ଭୂଇଁ ଲାଲ୍ ହୋଇନ ହେବାକୁ ଚାହୁଁଛି ଲାଲ୍
(ବୀର ସହିଦ୍ ର ଚତାଟି ଜଳୁଛି ହାତ ଠାରି ସେ ଯେ ଆମକୁ କହୁଛି)..୨
ଭୀରୁ ନୁହେଁ ଆମେ ବୀରର ସନ୍ତାନ (ଗଉରବେ ଗରୀୟାନ୍)..୨
ଜୟ ଜୱାନ୍ ଜୟ କଷାନ୍ ଜୟ ଜୟ ହିନ୍ଦୁସ୍ଥାନ Left right left right left right left (୨)

କଦମ୍ ବଢ଼ାଇ ଚାଲ୍ ଆରେ ଭାଇ କଦମ୍ ବଢ଼ାଇ ଚାଲ୍
ଚର ଦିନ ଆମେ ଜଳାଇ ରଖିବୁ ଆମରି ମୁକ୍ତି ମଶାଲ
(ତୁଙ୍ଗ ଆକାଶେ ଉଡୁଥିବ ଆମ ଭାରତ ଭୂଇଁ ର ବିଜୟ ନଶାନ୍ତ)..୨
ଏହା ହେଲ୍ ଆମ ରକ୍ତ ଶପଥ (ଆମେ ରେ ବୀର ସନ୍ତାନ)..୨
ଜୟ ଜୱାନ୍ ଜୟ କଷାନ୍ ଜୟ ଜୟ ହିନ୍ଦୁସ୍ଥାନ Left right left right left right left (୨)

ଭୋଗରାଇ, ବାଲେଶ୍ୱର

# ତୁମକୁ.....



କେଶରୀ ପ୍ରସାଦ ମହାନ୍ତି

ତୁମକୁ ମୁ ଜାଣି ପାରେନା
ପୁଣି ବୁଝି ପାରେନା
ପଢିବା ତ ଦୂର କଥା ଖୋଜି ପାଏନା...

ତୁମକୁ ମୁ ପଢେ ମୋ ପାଠ ରେ
ଆଉ ମୋ ସାଠ ରେ
ଫୁଣି ତୁମ ନୀଳ ଆଖି ରେ..

ତୁମକୁ ଖୋଜେ ମନତଳେ..
ତୁମ ଗାଁ ନଦୀ କୂଳେ..
ମୋ ଅଶ୍ରୁ ଜଳେ..

ତୁମକୁ ବୁଝିବା କଷ୍ଟ..
ବୁଝିବା ପାଇଁ ସମୟ ବି ନଷ୍ଟ...
ତୁମେ ହୋଇଛ ମତ୍ତ ଭରଷ୍ଟ..
କାହିଁକି ମିଛ ରେ ଦଉଚ କଷ୍ଟ..

ଇଏ ନୁହେଁ ଶୋକ କବିତା
ନୁହେଁ ବି ଅଭିଶାପ ର ବାର୍ତା
ଇଏ ମୋ ଅନ୍ତର ଗାଥା..
ଈଛି ଗୋଟେ ତୁମେ କର ବ୍ୟବସ୍ଥା..

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ
ମହାବିଳୟ, ଯାଜପୁର

# ଏଇଟା ସମଲପୁର ସହର



ଆଶିଷ ଜ୍ୟୋତିଷ

ଏଇଟା ସମଲପୁର ସହର"
ସହର କୋଲ୍ ହଲ ଠୁ ଆମ ଗାଁ ବହୁତ ଦୂର
ମନେ ପଡିଯାଏ ଗାଁ ପାଣି ପବନ କୋଇଲି ର ମଧୁର ସ୍ୱର
କେଉଁଠି ପାଇବି ଆମ ଗାଁ ବାସ୍ନା ର କହର
ଏଠି ପନ ପରିବା ର ବହୁତ ଦର
"ଏଇଟା ସମଲପୁର ସହର"।

ପନ ପରିବା ରେ ମିଶୁଛି ଜହର
ଘୁଁ ଘାଁ କୁ ବଢୁଛି ଗାଡି ମଟର
ଏଇଠି ସହରର ଗ୍ଲକ ଚକ୍ୟ ଦେଖିବାକୁ ମନୋହର
ଫେସନ ଦୁନଆର ବିକ ବଜାର ଗୋଲ ବଜାର
"ଏଇଟା ସମଲପୁର ସହର"।

ଚତା, ଭାଲୁ, ହରିଣ ମୟୁର ସମ୍ବର
ଡିଅର ପାର୍କ ପଶୁ ପକ୍ଷୀ ଦେଖା ଯାଆନ୍ତି କେତେ ପ୍ରଜାତିର
ଆଉ ଦୁଇ ଗୋଟି ପାର୍କ ଅଛି ଭିମ ଭୋଇ ଓ୍ୱଟର ପାର୍କ ନାମ ତାହାର
ଏଇ ମାଟିରେ ଜନ୍ମ ନେଇଛନ୍ତି ବୀର ସୁରେନ୍ଦ୍ର ସାଏ ନାମ ତାଙ୍କର
ଯେଉଁଠି ବୁଢା ରଜା ପାହାଡ ଖୋଲ ଭିତରେ କରିଥିଲେ ଘର
"ଏଇଟା ସମଲପୁର ସହର"।

ଏବେବି ରହିଅଛି ଇଂରେଜ ଶାସନ ସମୟର ବେଲର
ବୀର ସୁରେନ୍ଦ୍ର ସେ ସବୁ ଦିନ ପାଇଁ ରହିଅଛନ୍ତି ଅମର
ଉଚ୍ଚ ଶିକ୍ଷା ପାଇଁ ବିଶ୍ୱ ବିଦ୍ୟାଳୟ ଅଛି ଏଠାରେ
ଦିଆ ହୋଇଛି ସ୍ୱଭାବ କବି ଗଙ୍ଗାଧର ନାମରେ
"ଏଇଟା ସମଲପୁର ସହର" ।

ମହାନଦୀରେ ବହୁଅଛି ପାଣିର ଧାର
ପାଖରେ ଅଛି ହିରାକୁଦ ଜଳ ଭଣ୍ଡାର
ମହାନଦୀ ଖଣିରେ ମା ସମଲେଶ୍ୱରୀ ମନ୍ଦିର
ତାଙ୍କ ପାଦ ତଳେ ଆଶ୍ରା ଥାଉ ଆମ୍ଭର
"ଏଇଟା ସମଲପୁର ସହର" ।

ଯୁବାଖୋଲ, କଟାବାହାଲ ଗାଇସିଲେଟ୍ ବରଗଡ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ପବିତ୍ର ମନର କଥା



ମନସା ରାଉତ

ବହୁ ବର୍ଷ ତଳେ ଜଣେ ମହାଜନ ଥିଲେ । ଅମାପ ଧନ ସମ୍ପତ୍ତିର ଅଧିକାରୀ ଥିବାରୁ ତାଙ୍କ ମନରେ ବହୁତ ଗର୍ବ ଥିଲା । ନିଜର ପ୍ରଶଂସା ପାଇବାକୁ ସେ ପ୍ରତିଦିନ ବହୁତ ଧନ ମଧ୍ୟ ଦାନ କରୁଥିଲେ । ଯିଏ ଧନ ପାଉଥିଲା, ସେ ତାଙ୍କର ଗୁଣଗାନ କରୁଥିଲା । ମହାଜନଙ୍କ ଘରଠାରୁ ଅନତି ଦୂରରେ ଜଣେ ସାଧୁ ବାବାଙ୍କ ଆଶ୍ରମ ଥିଲା । ତାଙ୍କର କେତେକ ଶିଷ୍ୟଙ୍କ ସହ ବାବା ସେଠାରେ ରହୁଥିଲେ । ଦିନେ ମହାଜନ କିଛି ଉପହାର ନେଇ ସାଧୁଙ୍କ ନିକଟକୁ ଗଲେ । ତାଙ୍କ ପାଦ ତଳେ ପ୍ରଣାମ କରି କହିଲେ, "ବାବା, ମୋତେ ଉପଯୁକ୍ତ ମନ୍ତ୍ର ଉପଦେଶ ଦେଇ ଭଗବାନଙ୍କ ନିକଟତମ ହେବାରେ ସାହାଯ୍ୟ କରନ୍ତୁ ।" ସାଧୁବାବା କହିଲେ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଆଉ କିଛିଦିନ ଅପେକ୍ଷା କରନ୍ତୁ । କାରଣ ସାଧୁ ମହାଜନଙ୍କ ଚରିତ୍ର ବିଷୟରେ ଭଲଭାବେ ଜାଣିଥିଲେ । ଏପରିଭାବେ ମହାଜନ ଯେତେଥର ତାଙ୍କ ନିକଟକୁ ଯାଉଥାନ୍ତି, ବାବା ଆଉ କିଛିଦିନ ଯାଉ କହି ମହାଜନଙ୍କୁ ଫେରାଇ ଦେଉଥାନ୍ତି ।

ବାବା ତୀର୍ଥ ଭ୍ରମଣରେ ବାହାରିଗଲେ । ୫/୬ ମାସ ପରେ ତୀର୍ଥ ଭ୍ରମଣରୁ ଫେରି ଭିକ୍ଷା ଥାଳ ଧରି ମହାଜନଙ୍କ ଦ୍ୱାର ନିକଟରେ ଉପସ୍ଥିତ ହେଲେ । ସାଧୁବାବା ଆସିଛନ୍ତି ଜାଣି ମହାଜନ ଖୁସି ହୋଇ ବିଭିନ୍ନ ପ୍ରକାରର ସୁସ୍ୱାଦୁ ମିଠା ମିଠା ଫଳ ଗୋଟିଏ ପାତ୍ରରେ ଧରି ବାବାଙ୍କ ନିକଟକୁ ଆସିଲେ । କିନ୍ତୁ ସେ ହଠାତ୍ ଦେଖିଲେ, ବାବାଙ୍କ ଭିକ୍ଷାଥାଳଟି ତାଙ୍କ କାଦୁଅରେ ପରିପୂର୍ଣ୍ଣ ହୋଇଛି । "ହେ ମହାଭାଗ, ଆପଣଙ୍କ ଭିକ୍ଷାଥାଳଟି ଅପରିଷ୍କାର ହୋଇଛି । ମୁଁ ଏତେ ସୁନ୍ଦର ସୁସ୍ୱାଦୁ ବ୍ୟଞ୍ଜନ ଆପଣଙ୍କୁ ଏଥିରେ ଦେବି କିପରି? ଦୟାକରି ଥାଳଟି ପରିଷ୍କାର କରିଦିଅନ୍ତୁ ।"

ମହାଜନଙ୍କ କଥା ଶୁଣି ସାଧୁବାବା ଟିକିଏ ହସିଦେଲେ । କହିଲେ, ଥାଳଟି ଅପରିଷ୍କାର ଥିବାରୁ ତୁମେ ମିଷ୍ଟାନ୍ନ ଯୁକ୍ତ ଖାଦ୍ୟ ଦେବାପାଇଁ ମନା କରୁଛ । ତୁମେ ତମ ହୃଦୟ ଭିତରକୁ

ଗୁହିଁ ଦେଖ । ତୁମ ହୃଦୟରେ ଗର୍ବ, ଅହଂକାର ପୂର୍ଣ୍ଣ ହୋଇ ରହିଛି । କାମନା, ବାସନା ତଥା ନିଜର ପ୍ରଶଂସା ଦ୍ୱାରା ଆନନ୍ଦିତ ହେବା ଆଦି ଆବିଳତା ଭରି ରହିଛି । ଯେଉଁ ବ୍ୟକ୍ତି କାମନା ବାସନାର ଦାସ, ସେ ବ୍ରହ୍ମଜ୍ଞାନ ପ୍ରାପ୍ତ କରିପାରିବ ନାହିଁ । ଯେ ନିଜ ଜୀବନରେ କାମ, କ୍ରୋଧ, ଲୋଭ, ମୋହକୁ ଆୟତ୍ତ କରିପାରେ ନାହିଁ, ତାର ମନ ଭଗବତ ଉନ୍ମୁଖୀ ହୋଇପାରେ ନାହିଁ । ମୁଁ ସାକ୍ଷାତ ଭଗବାନଙ୍କୁ ନେଇ ତୁମ ଅପବିତ୍ର ହୃଦୟରେ ରଖିବି କିପରି?

ମୋ ଭିକ୍ଷାଥାଳଟି ଯେପରି ଆବର୍ଜନାରେ ପୂର୍ଣ୍ଣ ହୋଇଛି, ତୁମ ମନ ଏବଂ ହୃଦୟ ମଧ୍ୟ ସେହିପରି ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଛି । ମନ ହେଉଛି ମଣିଷର ସର୍ବଶ୍ରେଷ୍ଠ ଶକ୍ତି ଓ ସମ୍ପତ୍ତି । ଯେଉଁ ବ୍ୟକ୍ତି ମନରେ ଏତେ ଅହଂକାର ମୁଁ ତାଙ୍କୁ ମନ୍ତ୍ର ଦେଇପାରିବି ନାହିଁ । ପ୍ରଚୁର ଧନ ଅଛି ବୋଲି ଦାନ ଦେଇ ତୁମେ ଯେଉଁ ଗର୍ବ କରୁଛ, ତାହା ପ୍ରକୃତ ଦାନ ନୁହେଁ । ପ୍ରତ୍ୟେକ ସତକାର୍ଯ୍ୟ କଲେ ତାହା ଏକ ଦାନ ସ୍ୱରୂପ । ତୃଷାର୍ତ୍ତକୁ ଜଳ ଦେବା, କ୍ଷୁଧାର୍ତ୍ତକୁ ଖାଦ୍ୟ ଦେବା, ଅସହାୟ ଓ ଦୁଃଖୀ ଲୋକଙ୍କୁ ସାହାଯ୍ୟ କରିବା, ଅସହାୟ ଓ ଦୁଃଖୀ ଲୋକଙ୍କୁ ପ୍ରେମପୂର୍ଣ୍ଣ କଥା କହି ତାର ଯନ୍ତ୍ରଣା ଦୂର କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା, ସତ୍ ମନରେ ସମସ୍ତଙ୍କୁ ଭକ୍ତି ଓ ଆଦର କରିବା । ମନରେ କେବେବି ଅହଂକାର ଭାବ ଆଣିବାନି । ଏହି ଅହଂକାର ଆମକୁ କୁକର୍ମରେ ଲିପ୍ତ କରାଇ ଥାଏ । ନିଜ ଭିତରେ ଥିବା ଏକ ସୁମନୁଷ୍ୟକୁ ଜାଗ୍ରତ କରାଇବା । ପରନିନ୍ଦା ନକରିବା, ଏସବୁ କଲେ ଈଶ୍ୱର ଏଥିରେ ସନ୍ତୁଷ୍ଟ ହୋଇଥାନ୍ତି । କାହାକୁ ସାହାଯ୍ୟ କରି ନିଜର ନାମ ଗୁପ୍ତ ରଖିଲେ, ସେଥିରୁ ଆନନ୍ଦ ମିଳିଥାଏ । ଏ ସୃଷ୍ଟି ଭଗବାନଙ୍କର । ଯାହା ନିକଟରେ ଏହି ଉତ୍ତମ ଗୁଣ ଥାଏ, ଈଶ୍ୱର ସେହି ବ୍ୟକ୍ତି ନିକଟକୁ ଗ୍ଲଲି ଆସନ୍ତି ।

ଏହା ଶୁଣିବା ପରେ ମହାଜନଙ୍କ ମୁଣ୍ଡ ଲଜ୍ଜ୍ୟାରେ ତଳକୁ ନଇଁଗଲା । ସେ ସାଧୁବାବାଙ୍କ ପାଦତଳେ ପଡି କ୍ଷମା ପ୍ରାର୍ଥନା କଲେ । ନିଜର ସ୍ୱାଭବ ପାଇଁ ନିଜେ ଲଜ୍ଜିତ ହେଲେ । ସେହିଦିନଠାରୁ ସେ ତାଙ୍କର ସ୍ୱଭାବ ସମ୍ପୂର୍ଣ୍ଣ ରୂପେ ବଦଳାଇଲେ । ମନରୁ ସମସ୍ତ ଅହଂଭାବ ଦୂର କରି ମନକୁ ନିର୍ମଳ ଓ ପବିତ୍ରକରି ନିଜକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କରିଦେଲେ । ସତ୍ କାର୍ଯ୍ୟ କଲେ । ମହାଜନଙ୍କ ପରିବର୍ତ୍ତନ ଦେଖି ସାଧୁବାବା ଖୁସି ହୋଇଗଲେ । ତାଙ୍କୁ ନିଜେ ଡକାଇ ଭଗବାନଙ୍କ ନିକଟରେ ହେବାପାଇଁ ମନ୍ତ୍ର ଶିଖାଇ ଦେଲେ । ଏହାର କିଛିଦିନ ପରେ ବାବା ମହାଜନଙ୍କୁ ଆଶ୍ରମର ଦାୟିତ୍ୱ ଦେଇ ତପସ୍ୟା କରିବାପାଇଁ ଗ୍ଲଲିଗଲେ ।

କେନ୍ଦୁଆକୁଳ, ମଙ୍ଗଳପୁର, ଯାଜପୁର

# ଚେତନା ର ଶଙ୍ଖ

ବିଶ୍ୱ ରଞ୍ଜନ ମହାନ୍ତି

ଦିବାନିଶି ଝରୁଥିଲି ଜୀବନ ନର୍ଝର
ଉଲ୍ଲାସ ରେ ହୋଇ ପ୍ରବାହିତ
ଧ୍ୱନି ସାଥେ ତାଳେ ତାଳେ ମିଶାଇଣ ଛନ୍ଦ
ରହିଥିଲି ସଦା ନୃତ୍ୟରତ ।     ॥
ଆବେଗରେ ମିଶିଥିଲି ସାଗର ବେଳରେ
ଆନନ୍ଦ ରେ ଲଭିବାକୁ ନିଦ୍ରା
ଲହରୀର ସମତାଳେ ଆଙ୍କି ଯାଉଥିଲି
ଜୀବ ଯା ଚରନ୍ତନ ମୁଦ୍ରା ।     ॥
ଥିଲି ଯେଉଁ ଆବରଣ ସ୍ନେହ ମମତାର
ଖୋଲିଦେଇ ସେ ଅବଗୁଣ୍ଠନ
ଅଜାଡି ତ ଦେଇଥିଲି ତୁମ ପାଦ ତଳେ
ସବୁକରି ଉପହାର ମାନ ।     ॥
ମାୟା ସିନା ରଖିଥିଲି ପ୍ରଲୋଭନେ ବାନ୍ଧି
ସେ କାୟରେ ସହସ୍ର ବନ୍ଧନେ
ଗୋଟି ଗୋଟି ସେ ବନ୍ଧନ ଦେଇଛି ଫିଟାଇ
ଖାଲି ଅଛି ମୁକ୍ତି ଆଲିଙ୍ଗନେ ।     ॥
ଆଉ ନ ଶୁଣାଅ ତୁମେ ବିରହର ବଂଶୀ
ହୃଦୟକୁ କରି ଆଲୋଡନ
ଏଥର ବଜାଅ ତୁମେ ଚେତନା ର ଶଙ୍ଖ
ବାଜୁଥାଇ ହୋଇ ପଞ୍ଚଜନ୍ୟ ।     ॥

# ଜନ୍ମଭୂମି ର ଦୁଃଖ



ଲଲାଟେନ୍ଦୁ ବାରିକ

ଗାଁ ଟି ମୋର ଗୁମୁରି କାନ୍ଦୁଛି
କିଏ ବା ଶୁଣିବ ଦୁଃଖ
ଶୁଣିବା ଲୋକ ହିଁ ସହରେ ରହୁଛି
ଭୁଲି ନିଜ ଜନ୍ମ ମାଟି
ତା ର ସନ୍ତକ ମାଟି ରାସ୍ତା ଟି
ହୋଇଛି ସିମେଣ୍ଟ ଆଜି
ଗାଁ ର ପୁଅ ଆଜି ଦାଦନ ଖଟୁଛି
ଦୂର ବିଦେଶ ରେ ରହି
ତା ର ବକ୍ଷ ଆଜି ଖାଁ ଖାଁ ଲାଗେ
ନାହାଁନ୍ତି ପାଖରେ  କେହି
ଚାକିରି ଆଶା ରେ ଗାଁ ର ପୁଅ
ହେଉଛି ସହର ମୁହାଁ
ମୁଣ୍ଡ ଗୁଞ୍ଜାଣିଆ ନଡ଼ାର ଛପର
ବିଲୟ ହେଲାଣି ଆଜି
କୋଠା ଭାଟି କରି ସପନ ଦେଖନ୍ତି
ବିଦେଶ ଫେରନ୍ତା ପୁଅ
ପର୍ବପର୍ବାଣୀ ଆଗ ଭଳି ନାହିଁ
ପିଠା ପଣା ହେଲା ସପନ
ଝୁଟି ମୁରୁଜ ର ସତ୍ତା ହଜିଲାଣି
ପାଶ୍ଚାତ୍ୟ ଶିକ୍ଷା ଯେବେ ଆସିଲା
ଭବିଷ୍ୟତ ପିଢ଼ି ଗାଁ ର ମମତା
ଲଭିତ ପାରିବେ ନାହିଁ
ସହରେ ଜନ୍ମି ଉପଭୋଗ କଲେ
ସହର କୁ କଲେ ନିଜ ଜନ୍ମଭୂଇ

ବାସୁଦେବପୁର, ଭଦ୍ରକ

# ଗର୍ଭସ୍ତୁତି



ପଣ୍ଡିତ ମଧୁସୂଦନ ମିଶ୍ର

ତୁମେ ସାକାର ହୁଅ କି ନିରାକାର
ଦ୍ୱୈତ କି ଅଦ୍ୱୈତ, ବ୍ୟକ୍ତ ବା ଅବ୍ୟକ୍ତର
କଳା ଗୋରା ନାରୀ ଅବା ନର
ତୁମେ ଯେ କେହି ହେଲେବି ଈଶ୍ୱର
ମୋର ଅତି ଆପଣାର ।
ମୋର ଅତି ଆପଣାର ବୋଲିତ କହୁଛି
ତୁମେ ମୋତେ ନିଜର ଅତି ଆପଣାର
ବୋଲି ଭାବି ପର କିମ୍ବା ପର କରିପାର
ମୋର କିନ୍ତୁ କିଛି ଭାବିବାର ନାହିଁ
କହିବାର ନାହିଁ କି କିଛି କରିବାର ଶକ୍ତି ନାହିଁ ॥

ହଁ ତୁମକୁ ଟିକିଏ କହିଦେଲେ
ସୁଖରେ ମରିପାରିବି ଜନ୍ମହେବା ଆଗରୁ,
ଏ ଅନ୍ଧାରୀ ଗୁହାରେ ରହି ମାଁ ପେଟରେ
ଯା ଶୁଣୁଛି କହିବି,
ମୁଁ ହୁଏତ ଝଡି ଯାଇଥିବି, ତୁମେ ଶୁଣିବା ଆଗରୁ ।
ବେଶ୍ ତେବେ ଶୁଣ, ଛାତିକୁ ପଥର କରି
ବାପା ମାଁ ଯାଇଥିଲେ ନର୍ସିଂ ହୋମକୁ
ମୁଁ କୁଆଡେ ଝିଅହେବି କି ପୁଅହେବି
ପରୀକ୍ଷା କରିବାକୁ
ମୋର ଭାଗ୍ୟ ବିଧାତା ମୋତେ
ଝିଅଟିଏ ବୋଲି ଚିହ୍ନଟ କଲାପରେ
ପିତାମାତା ଡରିଗଲେ ଯୌତୁକ ବୋଝକୁ
ବଧୂ ନିର୍ଯ୍ୟାତନାକୁ, ବଧୂ ହତ୍ୟା କଂସାଇଖାନାକୁ ॥

ପରଲୋକେ କାହିଁକି ଆସିବେ
ଏସବୁ ଭୂମିକାକୁ? ସେମାନେ ଠିକକଲେ
ନିଜେ ହିଁ ନିଜକୁ ।
ଆସନ୍ତା ଚବିଶ ତାରିଖରେ
ମୋତେନେଇ ଫିଙ୍ଗିଦେବେ ନର୍ଦ୍ଦମା କଡ଼କୁ
ସେତେବେଳେ ମୁଁ
ନା ଦେଖିବି ପୃଥିବୀକୁ ? ନା ସୂର୍ଯ୍ୟଙ୍କୁ!

ହେ କାଳିଆ ଠାକୁର !
ମୋର କଣ ଇଚ୍ଛାନାହିଁ ଜନ୍ମ ହେବାକୁ
ପାଠ ପଢିବାକୁ, ହସିବାକୁ, ଖେଳିବାକୁ,
ସଂସାର କରିବାକୁ, ବାପା ମାଁଙ୍କ ସେବା କରିବାକୁ,
ଦେଶ ଓ ଜାତିର ସମ୍ମାନ ରଖିବାକୁ
ତେବେ ମୋତେ କାହିଁକି ଆଣିଥିଲ ଗର୍ଭକୁ?
ମଳ, ମୂତ୍ର, କୃମି, ବିଷ୍ଠା ଭିତରକୁ
ତୁମେ ଭଲ କେମିତି ଦେଖୁଥିବ
ମୋତେ ଟିକିଟିକି କରି କାଟୁଥିବା ଡାକ୍ତରଙ୍କୁ ॥

ସାହିତ୍ୟାର୍ଘ୍ୟ, ବୈଦିକ କର୍ମକାଣ୍ଡ ଜ୍ୟୋତିଷ
ବିଶାରଦହିକୁଡି, ସୁବର୍ଣ୍ଣପୁର
ଅବସରପ୍ରାପ୍ତପ୍ରଧାନଶିକ୍ଷକ

# ଆମର ଧର୍ମପ୍ରବଣ ମାନସିକତା



ବାଲ୍ମୀକି ନାୟକ

ସମାଜର ପ୍ରଚଳିତ ଧାର୍ମିକ ବିଶ୍ୱାସର ବିଭିନ୍ନ ରୂପ ଦେଖି ଜଣେ ମୁକ୍ତ ଚିନ୍ତକ ମନରେ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ତା ମନରେ ଉଠୁଥିବା ଅନେକ ଅବୁଝା ପ୍ରଶ୍ନର ଉତ୍ତର ପାଇବାକୁ ସେ ବ୍ୟାକୁଳ ହୁଏ । ଧର୍ମ ସମ୍ପର୍କରେ ପାଣ୍ଡିତ୍ୟଲାଭ କରିଥିବା ତଥାକଥିତ ଧର୍ମଗୁରୁମାନେ ଧର୍ମ ସମ୍ପର୍କରେ କୌଣସି ପ୍ରଶ୍ନର ସିଧା ଉତ୍ତର ଦେଇନଥାନ୍ତି । ସମସ୍ତେ ନିଜ ନିଜର ମତ ଅନୁସାରେ ଗୋଲାମାଳିଆ ଉତ୍ତର ଦେଇ ପ୍ରଶ୍ନକୁ ଏଡାଇ ଯିବାକୁ ଚେଷ୍ଟା କରିଥାନ୍ତି । ପ୍ରଶ୍ନକର୍ତ୍ତାଙ୍କୁ ଚୁପ୍ କରିବାପାଇଁ ଶେଷରେ କହିଥାନ୍ତି – "ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର ।" ଅର୍ଥାତ୍ ତୁମେ ଯଦି ବିଶ୍ୱାସ କରି ପାରୁନାହଁ, ତେବେ ଚାଲିଯାଅ, ତୁମର କୌଣସି ପ୍ରଶ୍ନର ଉତ୍ତର ମୁଁ ଦେଇପାରିବି ନାହିଁ ।

ଏଇଠି ପ୍ରଶ୍ନ ଉଠୁଛି – ଶିଷ୍ୟର ମନର ଶଙ୍କା ଦୂର କରିବାପାଇଁ ଗୁରୁ ଯଦି ମନାକରନ୍ତି, ସେ ଗୁରୁ ପଦବାଚ୍ୟ କି? ଗୋଟିଏ ସତ୍ ଗୁରୁଙ୍କ ଗୁଣ ହେଉଛି ସତ୍ୟର ସମର୍ଥନ କରିବା । ତେଣୁ ଯଦି ଧର୍ମଗୁରୁ ଶିଷ୍ୟର ପ୍ରଶ୍ନର ଉତ୍ତର ଜାଣିନାହାଁନ୍ତି, ତେବେ ସେ ସ୍ପଷ୍ଟ ଭାବେ ତାହା ସ୍ୱୀକାର କରୁନାହାନ୍ତି କାହିଁକି? ଗୁରୁମାନଙ୍କର ଭୁଲ୍ ସ୍ୱୀକାର ନକରିବା ଏବଂ ଆମେ ଯାହା କହୁଛୁ, ତାକୁ ହିଁ ବିନା ତର୍କରେ ମାନିବାକୁ ମାନସିକସ୍ତରରେ ବାଧ କରିବା କାରଣରୁ ଆଜି ଯାଏଁ ସମାଜରେ ଧର୍ମକୁ ନେଇ ବିଭ୍ରାନ୍ତି ସୃଷ୍ଟି ହେଉଛି । ଧର୍ମର ପରିଭାଷାକୁ ନେଇ ବିଭିନ୍ନ ବିଦ୍ୱାନଙ୍କ ମତ ଅଲଗା ଅଲଗା । କେତେକ କୁହନ୍ତି -"ଏହି ଲୌକିକ ଜଗତର କର୍ତ୍ତବ୍ୟ ସମ୍ପାଦନ ହେଉଛି ମଣିଷର ଧର୍ମ ।" ଏହାର ବିପରୀତ ଆଉ କେତେକ କୁହନ୍ତି – "ପାରଲୌକିକ ଜଗତ ସମ୍ପର୍କୀୟ ଧର୍ମୀୟ କର୍ମକାଣ୍ଡ କରିବା ହେଉଛି ମଣିଷର ଅସଲ ଧର୍ମ । ଏହାଦ୍ୱାରା ମଣିଷର ଇହଲୋକ ଏବଂ ପରଲୋକ ସୁଧୁରିଯାଏ ।"

ସମାଜରେ ପୁରୁଷ ବା ସ୍ତ୍ରୀ ନିଜ ପରିବାର, ସମାଜ ଓ ଦେଶ ପାଇଁ ପ୍ରତିବଦ୍ଧତା ଅନୁଭବ କଲେ କିଛି କର୍ତ୍ତବ୍ୟ ସମ୍ପାଦନ କରିବା ଅନିବାର୍ଯ୍ୟ ହୋଇପଡେ । ସେହି ଅନିବାର୍ଯ୍ୟ କର୍ତ୍ତବ୍ୟ ହିଁ ମାନବ ଧର୍ମ ବୋଲି ସମସ୍ତେ ବିଶ୍ୱାସ କରନ୍ତି । ଏହା ହେଉଛି ତର୍କଶୀଳ । ଏହି ନିୟମକୁ ଯେଉଁ ସମାଜର ନାଗରିକମାନେ ମାନି ଚଳନ୍ତି ସେହି ସମାଜରେ କର୍ମଭୀରୁ ଲୋକମାନଙ୍କ ସଂଖ୍ୟା କମ ଏବଂ କର୍ମଠ ଲୋକମାନଙ୍କ ସଂଖ୍ୟା ଅଧିକ ହୋଇଥାଏ । ଏହାର ପ୍ରମାଣ ଦେଇଛନ୍ତି ଜାପାନୀ ସମାଜର ଲୋକମାନେ । ଏହାର ବିଶଦ ବିବରଣୀ ଅନାବଶ୍ୟକ ।

ଆମ ଦେଶରେ ଏହି ନିୟମର ଠିକ୍ ଓଲଟା ଲକ୍ଷଣ ଦେଖିବାକୁ ମିଳୁଛି । ଏଇଠି କର୍ମଭୀରୁ ଲୋକମାନଙ୍କ ସଂଖ୍ୟା ଅଧିକ । କମ ପରିଶ୍ରମରେ ଅଧିକ ପାଇବା ଲାଳସା କିମ୍ବା ବିନା ପରିଶ୍ରମରେ କୌଣସି ଚମତ୍କାରୀ ଶକ୍ତି ବଳରେ ସବୁକିଛି ପାଇଯିବାର ଦିବାସ୍ୱପ୍ନ ଦେଖି ଦେଖି ଅଧିକାଂଶ ଲୋକ ଜୀବନ ବିତେଇ ଦିଅନ୍ତି ।

ଧର୍ମଗୁରୁ ଏବଂ ସେମାନଙ୍କ ଅନ୍ଧ ଭକ୍ତ (ଆସ୍ତିକ) ମାନଙ୍କ ମନରେ ଧର୍ମକୁ ନେଇ ଯେଉଁ ପ୍ରକାର ବିଶ୍ୱାସ ଦୃଢୀଭୂତ ହୋଇଛି ତାହାର ଏକ ଲେଖା ଯୋଖା ଏଠାରେ ପ୍ରସ୍ତୁତ କରିବା ଉଚିତ ହେବ ।

୧. ଆସ୍ତିକମାନଙ୍କର ଧର୍ମ ବିଗ୍ରହ ଆଧାତ୍ମ ତଥା ପରଲୋକ ଉପରେ କେନ୍ଦ୍ରିତ ହୋଇଥାଏ ।

୨. ସେମାନେ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ପର୍କରେ ଯେଉଁ ଐଶ୍ୱରୀୟ ଶକ୍ତିକୁ ବିଶ୍ୱାସ କରୁଛନ୍ତି । ତା ପଛରେ ଆଜି ପର୍ଯ୍ୟନ୍ତ କୌଣସି ବୈଜ୍ଞାନିକ ଆଧାର ପ୍ରାପ୍ତ ହୋଇନାହିଁ ।

୩. ସେମାନେ ବିଶ୍ୱାସ କରନ୍ତି ଆମ ପାଇଁ ହିଁ ଏହି ସୃଷ୍ଟି ହୋଇଛି । ତେଣୁ ଆମେ ହିଁ ଈଶ୍ୱରଙ୍କ ବରପୁତ୍ର ।

୪. ସେମାନଙ୍କର ଧର୍ମୀୟ ବିଶ୍ୱାସର ଏକ ବିଶେଷତ୍ୱ ହେଉଛି – ଆମ ଧର୍ମ ଓ ଅନ୍ୟମାନଙ୍କ ଧର୍ମ । ଅର୍ଥାତ୍ ଧର୍ମ ଏକ ନୁହେଁ, ଅନେକ ।

୫. ସେମାନେ ଭାବନ୍ତି – ଆମ ଧର୍ମର ଲୋକମାନେ ହିଁ ସଚ୍ଚୋଟ, ଅନ୍ୟ ଧର୍ମର ଲୋକମାନେ ବେଇମାନ ଓ ଶୈତାନ ।

୬. ସେମାନେ ନିଜ ଧର୍ମାବଲମ୍ବୀ ମାନଙ୍କୁ ଶ୍ରଦ୍ଧା ଓ ସ୍ନେହ କରନ୍ତି କିନ୍ତୁ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଘୃଣା ଓ ତିରସ୍କାର କରନ୍ତି ।

୭. ସେମାନେ ସମାଜ ଓ ଦେଶର ଜ୍ୱଳନ୍ତ ସମସ୍ୟାର ସମାଧାନ ଦାୟିତ୍ୱ ଈଶ୍ୱରଙ୍କ ଇଚ୍ଛା ଉପରେ ଥୋଇ ଦେଇ ନିଜେ ଦାୟିତ୍ୱରୁ ଦୂରେଇ ରହିବାକୁ ଚାହାଁନ୍ତି ।

୮. ସେମାନଙ୍କ ଉପରେ ତଥ୍ୟ ଅପେକ୍ଷା ଶ୍ରଦ୍ଧା ଓ ବିଶ୍ୱାସ ବେଶୀ ପ୍ରଭାବ ପକେଇଥାଏ ।

୯. ସେମାନଙ୍କ ଶେଷ ଇଚ୍ଛା ହେଉଛି ନିଜର ମନୋବାଞ୍ଛା ପୂରଣ ହେଉ । ସେଥିପାଇଁ ସେମାନେ ବିଭିନ୍ନ ଦେବୀ, ଦେବତାଙ୍କ ନାମରେ ମାନସିକ କରିଥାନ୍ତି ।

୧୦. ସେମାନେ ସର୍ବଦା ଜିତିବାକୁ ହିଁ ଗୁରୁତ୍ୱ ଦିଅନ୍ତି । ହାରିଗଲେ ଜୀବନରେ ନିରାଶ ହୋଇପଡନ୍ତି ।

୧୧. ସେମାନେ ନିଜ ଧର୍ମର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ଆତ୍ମ ବଳିଦାନ ଦେବାକୁ ସଦା ତତ୍ପର ରହନ୍ତି ।

୧୨. ସେମାନେ ଜୀବନ ସଂଘର୍ଷରୁ ଯଥା ଶୀଘ୍ର ମୋକ୍ଷ ପ୍ରାପ୍ତ କରି ପଳାୟନର ମାର୍ଗ ଖୋଜିଥାନ୍ତି ।

୧୩. ସେମାନେ ମୋକ୍ଷ ପ୍ରାପ୍ତ କରି ସ୍ୱର୍ଗରେ ବାସ କରିବା ଆଶ୍ୱାସନା ପାଇ, ସଂସାରର ଦୁଃଖ ଓ କଷ୍ଟକୁ ଭୁଲି ଯାଆନ୍ତି ।

୧୪. ସେମାନେ ସର୍ବଦା ଅପରିବର୍ତ୍ତିତ ଅଥବା ଯଥାସ୍ଥିତିରେ ହିଁ ରହିବାକୁ ପସନ୍ଦ କରନ୍ତି ।

୧୫. ସେମାନେ ପ୍ରାୟ ନୂତନ ଚିନ୍ତାଧାରା ପ୍ରତି ଅସହିଷ୍ଣୁ ପ୍ରଦର୍ଶନ କରନ୍ତି ।

୧୬. ସେମାନଙ୍କ ଦୃଷ୍ଟିକୋଣ ଉଦାର ନହୋଇ ସଂକୀର୍ଣ୍ଣ ହୋଇଥାଏ ।

୧୭. ସେମାନେ ରୂଢ଼ିବାଦୀ, ପରମ୍ପରାବାଦୀ ଏବଂ ବିଭିନ୍ନ ରୀତି ରିବାଜରେ ବାନ୍ଧି ହୋଇ ରହିବାକୁ ପସନ୍ଦ କରନ୍ତି ।

୧୮. ସେମାନେ ଭୂତକାଳକୁ ହିଁ ସୁବର୍ଣ୍ଣକାଳ ବୋଲି ଭାବୁଥାନ୍ତି । ଆଗକୁ ପାଦ ବଢାଇବା ଅପେକ୍ଷା ବିପରୀତ ଗାମୀ ହେବାକୁ ପସନ୍ଦ କରନ୍ତି ।

୧୯. ସେମାନେ ବିଜ୍ଞାନ, ପ୍ରଗତି ଓ ଆଧୁନିକ ଜୀବନ ଶୈଳୀକୁ ଘୋର ବିରୋଧ କରନ୍ତି । ( ସବୁ କିଛି ଉପଭୋଗ କରନ୍ତି)

୨୦. ସେମାନଙ୍କ ପାଇଁ ବୈଜ୍ଞାନିକ ତଥ୍ୟ ସମ୍ବଳିତ ପୁସ୍ତକ ଅପେକ୍ଷା ପ୍ରାଚୀନ ଧର୍ମଗ୍ରନ୍ଥ ହିଁ ବେଶୀ ଜ୍ଞାନବର୍ଦ୍ଧକ ପୁସ୍ତକ । (କିନ୍ତୁ କିଛି ବୁଝନ୍ତି ନାହିଁ)

୨୧. ସେମାନେ ବୈଜ୍ଞାନିକ ଅନୁସନ୍ଧାନ, ଗବେଷଣା ଓ ଉଦ୍ଭାବନ ଅପେକ୍ଷା ଧାର୍ମିକ କର୍ମକାଣ୍ଡ ବେଶୀ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବନ୍ତି ।

୨୨. ଏହି ଦୁନିଆର ରୋଗ, ଶୋକ, ଦୁଃଖ ଓ କଷ୍ଟକୁ ସୁଧାରିବା ଅପେକ୍ଷା ପରଲୋକ ସୁଧାରିବାପାଇଁ ସେମାନେ ବେଶୀ ଚିନ୍ତିତ ରହନ୍ତି । (ସେଥିପାଇଁ ଶୋଷଣର ଶିକାର ହୋଇଥାନ୍ତି) ।

୨୩. ମୃତ୍ୟୁ ପୂର୍ବରୁ ଜୀବନ ଶୈଳୀ କିପରି ସୁଖମୟ ହେବ, ସେ କଥା ଚିନ୍ତା ନକରି, ମୃତ୍ୟୁ ପରେ କଣ ହେବ ସେ ବିଷୟରେ ଚିନ୍ତା କରନ୍ତି ।

୨୪. ସେମାନଙ୍କ ଚିନ୍ତନର ପ୍ରାରମ୍ଭିକ ବିନ୍ଦୁ ଈଶ୍ୱରଙ୍କଠାରୁ ଆରମ୍ଭ ହୋଇ ଈଶ୍ୱରଙ୍କଠାରେ ହିଁ ସମାପ୍ତ ହୋଇଯାଏ । କାରନ ସେମାନେ ବିଶ୍ୱାସ କରନ୍ତି – ଈଶ୍ୱର ହିଁ ଆମର ରକ୍ଷାକର୍ତ୍ତା । "ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ।"

ଏହିସବୁ ଦେଖି ଆମେ କହିପାରିବା – ଧର୍ମ ହେଉଛି ସାମୂହିକ ପାଗଳପଣ । ଜଣେ ବ୍ୟକ୍ତିର ପାଗଳପଣ ଅପେକ୍ଷା ସାମୁହିକ ପାଗଳପଣ ବେଶୀ କ୍ଷତିକାରକ । ଆମେ କଣ କେବେ ଏହି ପାଗଳପଣରୁ ମୁକ୍ତ ହୋଇପାରିବ?

କେ.ଆର. ପୁରମ, ବାଙ୍ଗାଲୋର

# ଦୋଷୀ



କାହ୍ନୁ ଚରଣ ସାହୁ

ଜାଣି ନ ଥିଲି
କାହାକୁ ନଜର ଭାବିବା ବି
ଗୋଟିଏ ବଡ ଅପରାଧ....!

ଅଭିମାନ କରିବା ବି
ଥିଲା ଆଉ ଗୋଟେ ଅପରାଧ
ଧିକ ଏ ଜୀବନ
ଧିକ ହୃଦୟରୁ କହିଛି ବନବାର ପାଗଳାମି !

ଜାଣି ଅବା ନଜାଣି
ଅପରାଧ ତ କରିସାରିଛି
ଦଣ୍ଡ ବି ଭୋଗିବାକୁ ପଡ଼ିବ
ସେ ଦଣ୍ଡ ଛୋଟ ହେଉ ଅବା ବଡ଼

ନାଥିଲା ଉପଭୋଗ କରିବାର ଆଶା
ଥିଲା କେବଳ ଅନୁଭବ କରିବା,
ଅନୁଭବ କରିବାଟା ଯଦି ଅପରାଧ
ତେବେ ମୁଁ ଦୋଷୀ
ଉଚତ ହେବ ମୋତେ ମିଳବା ଫାଶୀ
ଭୁଲ ତ କରିସାରିଛି
ଗ୍ରହଣ କରିବାକୁ ହେବ ଗଳାରେ ହସିହସି !!

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

# ବିଚିତ୍ର ସମ୍ଭାର



ମନୋରଞ୍ଜନ ସୁରୁଜାଲ

ମନ ମୁଗ୍ଧକର ବିଚିତ୍ର ସମ୍ଭାର
କ୍ଷଣକେ ଉତ୍ପତ୍ତି କ୍ଷଣକେ ଭଙ୍ଗୁର
ଶବ୍ଦ ତାଳ ଲୟ ଆଗାଧ ସାଗର
ଠାବେ ଚିତ୍ରଯୁକ୍ତ ସବୁଜ ଧୂସର ।

ବର୍ଣ୍ଣମୟ ଆଭ୍ ସୁନୀଳ ଆକାଶ
ରକ୍ତିମ କିରଣ ରୌପ୍ୟ ଜ୍ୟୋସ୍ନା ବେଶ
ତଡାଗ ଶିଖରେ କୁସୁମ ବିକାଶ
ବର୍ଣ୍ଣା ବର୍ଣ୍ଣ ଭେଦ ପ୍ରତ୍ୟୁଷ ପ୍ରଦୋଷ ।

ପବନର ତାନ ବୀଣା କ୍ୱଣା ଜିଣି
ମଧୁର ଗୁଞ୍ଜନ ମଧୁପ ରାଗିଣୀ
ଫଳ ପୁଷ୍ପରାଗେ ସୁରମ୍ୟ ଶାଳିନୀ
ରମ୍ୟ ଚିତ୍ରପଟ୍ଟ ଦିବସ ଯାମିନୀ ।

ଜଡ ଚେତନରେ ଶୋଭ୍ର ଭଣ୍ଡାର
ଶୋଭ୍ମୟ ଆଭ୍ ଜଗତେ ବିସ୍ତାର
ମଧୁମୟ ବିଶ୍ୱେ ତୁମେ ମଧୁକର
କଳ୍ପନା ଚିତ୍ରିତ ତୁମେ ଚିତ୍ରକର ।

ଅଇଁଲପାଲି, ଧମା, ସମ୍ବଲପୁର

# ଚଲାପଥେ



ଖଗେଶ୍ୱର ବାଗ

ଜୀବନ ଯାତକେ କଏ କେତେବେଳେ କେତେ ଦିନ ପାଇଁ ଆସେ,
କା'ର ପ୍ରୀତି ସୁଧା ସାତ ଦିନ ଲଗି ଆସେ କେଉଁ ଅଭିଳାଷେ ।।
ପୁଅ ଝିଅ ଖାଲି ବାହାଘର ଯାଏ ପରେ ପ୍ରୀତି ବିଷମୟ,
ତା' ପୂରୁବ ସ୍ନେହ କେତେ ମଧୁରତା ଥିଲା କେତେ ଛନ୍ଦମୟ ।।
ମରଣ ପର୍ଯ୍ୟନ୍ତ ଭାଇ ଥାଏ ସଦା ଜନମ ଯାତକ ଦିନୁ,
ସୁଖେ ଦୁଃଖେ ସାହା ଏକା ଜୀବନର ବନ୍ଧୁ ଭୁଲିବ କ ମନୁ ।।
ପ୍ରିୟତମା ସିନା ପ୍ରିୟ ହୋଇ ରହେ ପ୍ରିୟର ସାମର୍ଥ୍ୟ ଯାଏ,
ଅର୍ଥବଳ ଥିଲେ ସୁଖ ଟିକେ ମିଳେ ଅନର୍ଥେ ଆନକୁ ଧାଏଁ ।।
ବନ୍ଧୁ ପରିଜନ ମାତ୍ର ଦୁଇ ଦିନ ଖାଇବା ପର୍ଯ୍ୟନ୍ତ ଲୋକ,
ବିପଦରେ ଦେଖା ଦିଅନ୍ତିନ କେହି ରୀତି ବା ଜଗତଯାକ ।।
ହେଲେ ମାଆ ବାପା ଅତି ଆପଣାର ଜୀବନର ଚିରକାଳ,
ଇହଲୋକରେ ବା କଲେ ସ୍ୱର୍ଗବାସ ଆଶୀର୍ବାଦ ଯେ ଅତୁଳ ।।
ଅନ୍ୟର ଶରଧା ମିଳେ ଅଧା ଅଧା ଲାଗେ ମିଛମାୟା ଭଳ,
ପିତା ମାତା ସ୍ନେହ ନାହିଁ ପଟାନ୍ତର ନୀଳାକାଶ ସିନ୍ଧୁ ଗିରି ।।
ଜୀବନ୍ତ ପ୍ରତିମା ପରମ ଇଶ୍ୱର ମାତା ପିତା ଅବତାର,
ଜୀବନ ଯୌବନ ମଣିଷ ଗଢଣ କରିଦିଏ ହାତ ଯା'ର ।।
ସେ ଚଳ ଇଶ୍ୱର ପ୍ରତି ଆସ୍ଥା ମୋର ଥାଉ ଜୀବ ଯିବା ଯାଏ,
କେବେ ଆନମନା ନହେଉ ଏ ମନ ପରତେ ନଚଳି ଯାଏ ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# କର ହେ କଲ୍ୟାଣ



ଗୁପ୍ତେଶ୍ୱର ଗୁନ୍ଦ୍

ଆହେ ଗୁରୁଦେବ ଶ୍ରୀ ପୟରେ ତବ
କୋଟି ସାଷ୍ଟାଙ୍ଗ ପ୍ରଣାମ ।
ଜଣାଏ ଅଧମ ସମାଦରେ ଘେନ
କୋଟି କଇବଲ୍ୟ ଧାମ ।।୧

ଏ ପୂଣ୍ୟ ଦିବସେ ବନ୍ଦଇ ହରଷେ
ତବ ଯୁଗଳ ଚରଣ ।
କ୍ଷମି ଦୋଷ! ଦୋଷ ଆହେ ଜଗଦୀଶ
ତବ ଶ୍ରୀ ପଦେ ଶରଣ ।୨

ଭକତି ସୁମନ କରେ ଅରପଣ
ମହୁର୍ ଆକାଶ ଜହ୍ନ ।
ଦୟା କର ଦୀନ ଅଧମ ସନ୍ତାନ
ମାଗେ ଦିଅ ଦିବ୍ୟ ଜ୍ଞାନ ।୩

ତୁମରି ଭଜନ କୀର୍ତ୍ତନ କରିଣ
ହୃଦ ହେଉ ପୁଲକତ ।
ଲଭି ତୁମ ଦାନ ମନ ଉପବନ
ହେଉ ସଦା ସୁରଭିତ ।।୪

ସତସଙ୍ଗେ ବସି ତୁମ ପ୍ରେମେ ରସି
ହୋଇବି ସଦା ମଗନ ।
କରହେ କଲ୍ୟାଣ ଆହେ ନାରାୟଣ !
ଆନେ ନ ବଳୁ ମୋ' ମନ ।।୫

ସମସିଂହା, ଝାରସୁଗୁଡା

# ସରକାର ମୁଁ



ଦୁଷ୍ମନ୍ତ ବେହେରା

ଗାଁ-ରାମଗଡ
ବାପା-ମେହେନ୍ ମହାନ୍ତ
ମା-ପୁଲି ମହାନ୍ତ
ପୁଅ-ଜଲ୍ଦ୍ ମହାନ୍ତ
ଗାଁ ଲୋକ-୧-ଖରିଆ ବାଘ; ୨-ମୟିଆ ବାଘ

ରାମଗଡ ଗାଁରେ ଦୁଇଶହରୁ ଦୁଇଶହ ଦଶ ପରିବାର ବାସ କରନ୍ତି। ରାମଗଡ ଗାଁରେ ମହେନ୍ ମହାନ୍ତ ବାସ କରନ୍ତି। ଓ ତାଙ୍କ ସ୍ତ୍ରୀ ପୁଲି ମହାନ୍ତ ଏବଂ ତାଙ୍କ ପୁଅ ଜଲ୍ଦ୍ ମହାନ୍ତ କୁ ଚଉଦ ବର୍ଷ ହୋଇଥାଏ। ପାହାଡ଼ ଦୁର୍ଗମ ଅଞ୍ଚଳରେ ଦି ଓଳ ଖାଇବାର ଅଭାବ ପଡୁଥାଏ। ମେହେନ୍ ମହାନ୍ତ ଙ୍କ ପରିବାର ବଣ ଜଙ୍ଗଲ ରୁ ଜାହା ମିଳେ କଷ୍ଟେମଷ୍ଟେ ଚଳ ଯାଆନ୍ତି।

ଏଇ ଅସୁବିଧା ଭିତରେ ଖାଦ୍ୟର ଅଭାବ ପେଟର ଜ୍ୱାଳା ଓ ଭୋକ ସହିନପାରି ମେହେନ୍ ମହାନ୍ତ ରାମଗଡ ଗାଁ ଛାଡ଼ି ସହରକୁ ପଳେଇ ଆସିଲେ। ବ୍ୟସ୍ତ ସହର ଭିତରେ ନିଜକୁ ଖାପ ଖୁଆଇ ଭଲ ରୋଜଗାର ଏବଂ ଟଙ୍କା ବେ ରୋଜଗାର ହେଲା। ମେହେନ୍ ଙ୍କ ପାଖରେ ଅନେକ ଟଙ୍କା ଓ ସାତବର୍ଷ ଭିତରେ ମେହେନ୍ ମହାନ୍ତ ସହରରେ ଜଣେ ଧନୀଲୋକ ପାଲଟିଗଲେ।

ବେସ ହସ ଖୁସିରେ ସହରରେ ଦିନଗୁଡାକ ଯେମିତି ଚାଲି ଯାଉଥିଲା। ଦିନରୁ ରାତି ପର୍ଯ୍ୟନ୍ତ ବିତି ଯାଉଥିଲା। ଦିନେ ସହରରେ ଏପରି ଏକ ଅଜଣା ରୋଗ ବ୍ୟାପିଲା ଜଲ୍ଦ୍ ର ବାପା ମା ସେହି ରୋଗରେ ମୃତ୍ୟୁ ବରଣ କଲେ। ଜଲ୍ଦ୍ କୁ ଏକୋଇଶି ବର୍ଷ ହୋଇଥାଏ। ଜଲ୍ଦ୍

ଏକୁଟିଆ ହୋଇଗଲା। ତେବେ ଧନ ସଂମ୍ପତ୍ତି କପରି ଦେଖା ଶୁଣା କରିବ ଚନ୍ତା ହେଲା। କିଛି ଉପାୟ ନ ପାଇ ଗାଁ କୁ ଫେରିବ ବୋଲି ଭାବିଲା। ଗାଁ କଥା ତାର ମନେ ପଡିଲା। କାଳବିଳମ୍ବ ନକରି ଗ୍ରମଗଡ ଗାଁ କୁ ବାହାରିଲା।

ଗ୍ରମଗଡ ଗାଁ ରେ ସହରି ମଟର କାର୍ ଦେଖି ଡରିଗଲେ। ଲୋକେ ସାଇକେଲ୍ ଖଣ୍ଡିଏ ଦେଖିନଥିଲେ। ଗାଁ ଦାଣ୍ଡରେ ମଟର କାର୍ ଟିଏ ଯାଉଥିବା ରୁ କାର୍ ପଛରେ ଦୌଡ଼ିବାକୁ ଲାଗିଲେ। ମେହେନ୍ ମହାନ୍ତ ଙ୍କ ଭଙ୍ଗା କୁଡିଆ ଆଗରେ କାର୍ ଟି ଛିଡା ହେଲା। କାର୍ ଭିତରୁ ଜଲାଦ୍ ମହାନ୍ତ ଓହ୍ଲାଇଲେ। ଗ୍ରମଗଡ ଗାଁ ରେ ଲୋକେ ଓ ପିଲେ ଦେଖି ସରକାର ଜୁହାର, ଜୁହାର ସରକାର। କାର୍ ଟଙ୍କା ବେଶ ପୋଷାକ ଦେଖି ଗାଁ ଲୋକେ ସରକାର କହି ଆମ ସରକାର ଆମ ଦୁଃଖ ସୁଃଖର ସରକାର ଜୁହାର ସରକାର।

ମୁଣ୍ଡ ହଲାଇ ଜଲାଦ୍ କହିଲେ ହଁ ହଁ ମୁଁ ସରକାର। ସେହି ଦିନଠାରୁ ସରକାର ପାଲଟି ଗଲେ ଜଲାଦ୍। ସରକାର କହିଲେ ଗ୍ରମଗଡ ଗାଁ ରେ ନଅର ଟିଏ ତୁଳାଯିବ କିଛି ଜମି ଦରକାର। ସେଥିପାଇଁ ମୁଁ ଟଙ୍କା ଦେବି। ଗାଁ ଲୋକେ କହିଲେ ଆମର ଟଙ୍କା କଣ ହେବ ଆମକୁ ଖାଇବାକୁ ଦେବେ ସରକାର। ଆଜ୍ଞା ଆମେ ତା ବଦଳରେ ଜାଗା ଦେଇଦବୁ।

ଖରିଆ ବାଘ ଓ ମୟିଆ ବାଘ କହିଲେ ସରକାର ଆମକୁ ପେଟକୁ ଗଣ୍ଡିଏ ଖାଇବାକୁ ଦେଲେ ଜମି ଆମେ ଦେଇଦବୁ ସରକାର। ହସିକି କହିଲେ ସରକାର ହାଃ ହାଃ ହାଃ ହାଃ ଖାଇବା ଦେବି ନଈଁୟ ଦେବି।

ଗ୍ରହୁଁ ଗ୍ରହୁଁ ଜଙ୍ଗଲ ରୁ ଗଛ କଟା ହେଲା। ନଅଁରତୋଳାଗଲା। ଟଙ୍କା ରେ ଅନ୍ଧ ହୋଇଥିବା ସରକାର ଟି ଲୋକଙ୍କ ବିଶ୍ୱାସ ରେ ବିଶ ଭରିଦେଲା। ଖାଇବା ଦେଇ ଜମି ନିଜ ନାଁରେ କରିନେଲା। ସରକାର ନଅଁର କୁ ସମସ୍ତ ଙ୍କୁ ଡାକ କହିଲେ ତୁମ ଘରବାରି ରେ ଯେଉଁ ଗଛ ଅଛି ଯାହା ଫଳଫୁଲ ହେଉଛି ତିନଭାଗ ମୋର ତୁମର ଗୋଟିଏ ଭାଗ। ସଭା ମଧ୍ୟ ରୁ ଜଣେ ଲୋକ କହିଲା ଏ କ ପ୍ରକାର ଜୁଲୁମ୍ ସରକାର। ସରକାର - ତୁମେ ପାଟି ଚୁପ୍ କର ନହେଲେ ତୁମର ଖାଇବା ବନ୍ଦ କରିଦେବି।

ଏ ସରକାର ବେଠି ଉପରେ ବେଠି ଲଦି ଦେଲେ ଆମ ଉପରେ। ଭୋକ ଏପରି ଦାଉ ସାଜୁଥିଲା ଯେ କଛି କହିବାକୁ କଥା ଆସୁଥିଲେ ମଧ ଚୁପ୍ ରହିବାକୁ ପଡୁଥିଲା। କଏ ବୁଝିବ ଏ ଦୁଃଖ। ପେଟ ଗ୍ରଖଣ୍ଡ ପାଇଁ ମଣିଷ ଗୁଲାମ କରେ। ଟଙ୍କା ର ଅହଙ୍କାର ସରକାର କୁ ଘାରିଥିଲା ଯେ ଲୋକଙ୍କର ଦୁଃଖ ଦେଖା ଯାଉନଥିଲା।

ଦିନେ ରାମଗଡ ଗାଁ କୁ ହଇଜା ମହାମାରୀ ରୋଗ ବ୍ୟାପିଲା ଗୋଟିଏ ପରେ ଗୋଟିଏ ଲୋକ ମୃତ୍ୟୁ ରେ ପଡିଲେ। ଗୃହୁଁ ଗୃହୁଁ ଅନେକ ଲୋକଙ୍କର ମୃତ୍ୟୁ ହେଲା। ରାମଗଡ ଗାଁ ର ଲୋକେ ସରକାର ଙ୍କ ନଅଁର ପାଖକୁ ଦୌଡ଼ିଲେ। ଆମକୁ ବଞ୍ଚାଅ ସରକାର।

ରୋଗ ଏପରି ବ୍ୟାପି ଯାଇଥିଲା ଯେ ଗୃହୁଁ ଗୃହୁଁ ସମସ୍ତ ଲୋକଙ୍କରମୃତ୍ୟୁ ହୋଇଗଲା। ଗାଁ ଏବେ ଶୂନସାନ। ସରକାର ନଅଁର ଭିତରେ ଥାଇ ଏ ସବୁ ଦୃଶ୍ୟ ଦେଖି ଗାଁ ଲୋକ ଆଉ ନାହାଁନ୍ତି କଏ ମୋତେ ସରକାର ଡାକବ କାହା ଉପରେ ମୁଁ ଶାସନ କରିବି। ଧିକ୍ ଏ ଟଙ୍କା ଧିକ୍ ଏ ଗର୍ବ କୁ ଯେଉଁ ଗାଁ ମାଟି ରେ ଲୋକ ନାହାନ୍ତି। ଯେଉଁଠି ଭଲ ପାଇବା ନାହିଁ ସେଠି ଏ ଟଙ୍କା ର ମୂଲ୍ୟ କଣ।

ନଅଁର ଗ୍ରରିକାନ୍ଥ ଭିତରେ ଚତ୍କାର କରି ମୋ ଗାଁ ମୋ ମାଟି ମୋ ଲୋକ କୁଆଡେ ଗଲ ମୁଁ ସରକାର ଡାକୁଛି ଉଠ ମୋ ଗାଁ ର ଲୋକମାନେ। ଏ କଣ ହୋଇଗଲା ସରକାର ମୁଁ ଟଙ୍କା ଥାଇ ବଞ୍ଚେଇ ପାରିଲିନ। ମୁଁ ସରକାର ମୁଁ ସରକାର ଗ୍ରରିକାନ୍ଥ ଭିତରେ ଗୁଞ୍ଜରିତ ହେଉଥିଲା ସରକାର ମୁଁ ସରକାର ମୁଁ। କଛି ସମୟ ପରେ ଶବ୍ଦ ଶୁଭିଲା ନାହିଁ। ନଅଁର ଶୂନସାନ୍।।।।

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# କବିତା



ତପନ କୁମାର ଦାଶ

କବିତା ଏକ ହୃଦୟର ସ୍ପନ୍ଦନ
ବସନ୍ତରେ ମଳୟର ଆଗମନ
ଚାତକ ଓ ମୟୂର ର ନୃତ୍ୟାଙ୍ଗନା
ଆନନ୍ଦ ଓ ବିଷାଦ ପୂର୍ଣ୍ଣ ଭାବନା

କବିତା ନୟନୁ ଝରିବା ଲୋତକ
କଞ୍ଚା ଶରୀରୁ ଉଠିବା ମହକ
ବୈଶାଖ, ଜେଷ୍ଠ ର ଉତପ୍ତ ବାଲୁକା
ଆଷାଢ଼, ଶ୍ରାବଣ ର ଝଡି ପରିକା

କବିତା ଯେ ଭାବନାର ଶ୍ରଦ୍ଧାଞ୍ଜଳି
ଦୋଳପୂର୍ଣ୍ଣିମା ରେ ରଂଜିତ ରଙ୍ଗୋଲି
ପ୍ରକୃତି ରାଣୀର ଆନନ୍ଦ ପୁଟୁଳ
ସୁଖରେ ବଉଳ ଦୁଃଖରେ ଶେଫାଳ

କବିତା କାଳ ବୈଶାଖୀ ର ତାଣ୍ଡବ
ମୂଷଳ ବାରିର ଅସରନ୍ତି ଗର୍ବ
ଦୁଖୀ ଦରିଦ୍ର ର ଅଲୋଡ଼ା ପସରା
ଧାବିତ ଅଶ୍ୱର ଅମାନିଆ ଖୁରା

କବିତା ଝରଣା ସଂଗୀତ ମୂର୍ଚ୍ଛନା
କୁଳୁ କୁଳୁ ନାଦେ ତଟିନୀ ଅଗଣା
ପ୍ରେମ ଆତୁରେ ଭକ୍ତିପୂତ ନୈବେଦ୍ୟ
ଶ୍ରମିକ ଲହୁଲୁହାଣ ର ଦରଦ

କବିତା ଆକାଶକୁ ଛୁଇଁବା ସ୍ୱପ୍ନ
ଜୁଆର ଭଟାସଂଗେ ସୃଷ୍ଟିର ଭଗ୍ନ
ମହୋଦଧି ସୁକ୍ଷ୍ମ ବାଲୁକା ଉଷ୍ଣତା
ଗଙ୍ଗା ନୀର ସମୁଦ୍ରରେ ମିଶ୍ରଣତା

କବିତା ସବୁଜ ବର୍ଣ୍ଣାଳି ରଚନା
ସାୟଂ ଭାନୁ ସୁନେଲି ଜ୍ୟୋସ୍ନା ବର୍ଣ୍ଣନା
କଳାକାର ଅଦ୍ଭୁତ ଶୈଳୀ ଚନ୍ଦନ
ଜଳ, ଅଗ୍ନି, ମରୁତ, ଭୂ ର ମିଶ୍ରଣ

ଶିକ୍ଷକ, ଥୁ:ରାମପୁର, କଳାହାଣ୍ଡି

# ତୁମେ ଆସିବ ବୋଲି...



ଜ୍ୟୋସ୍ନାମୟୀ ପୋଲ୍ଇ

ତୁମେ ଆସିବ ବୋଲି
ଚାହିଁ ରହିଛି ମୁଁ ତୁମରି ବାଟକୁ
ମନ ଦରଜା ଖୋଲି ।
ଲକ୍ଷେ ଫଗୁଣର ଫୁଲର ତୋରଣ
ସାଇତିଛି ମୋ ଗଭିରେ
କେତେ ବସନ୍ତର ମଳୟ ପବନ
ବହୁଅଛି ଏ ମନରେ ।
ପ୍ରୀତିର ମହକ ସିଂଚ ଦେଇଛି ମୁଁ
ମୋ ମନର ଅଗଣାରେ ,
ମହାଙ୍କବ ତୁମେ ମହକୁଥିବି ମୁଁ
ଝୁଲି ପ୍ରେମ ଝୁଲଣାରେ ।
ତୁମ ସ୍ମୃତି ଯେବେ ସାଉଁଟୁଥାଏ ମୁଁ
ରାତି ଘନ ଅନ୍ଧାରରେ,
ନିର୍ଲଜ୍ଜ ଜହ୍ନଟା ଥଟ୍ଟାକରେ ବେଶୀ
ଚୁପିଚୁପି ମୋ କାନରେ ।

ଆସିବ ଯେବେହେ ମନର ମଣିଷ
କେବେ ନବାହୁଡ ପୁଣି,
ମନମନ୍ଦିରରେ ସାଇତିଛି କେତେ
ସୋହାଗ ଭେଳକଭେଳ
ତୁମେ ଆସିବ ବୋଲି ।
ଜଗି ବସିଛିସେ ପୁଲକ ପଲକୁ
ମନ ଝରକା ଖୋଲି,
ତୁମେ ଆସିବ ବୋଲି...
ହଁ ତୁମେ ଆସିବ ବୋଲି...

ବାଣତୁମ୍ବ, ବେଲଗୁଣ୍ଠା, ଗଞ୍ଜାମ

# "ତୁ" ଯେବେ ମନେପଡୁ



ରେଜାଲିନ ଗଣନାୟକ

"ତୁ" ଯେବେ ମନେପଡୁ
ହୃଦୟଟା ଭାଙ୍ଗିଯାଏ, ବରଫ ମଣିଷ ପରି,
ନା ହୁଏ ଶବ୍ଦ କେଉଁ ଆଉ
କେବଳ ଝରିଯାଏ, ନର୍ଝର ଜଳ ସରି.....
ସ୍ମୃତିରେ ଖେଳଯାଏ
ପୂର୍ବ ପୃଷ୍ଠାର ଚନ୍ଦ ସମୂହ,
ମନରେ କଳ ହୁଏ
ପ୍ରେରଣାର ସ୍ରୋତ ପ୍ରବାହ.....
ସବୁବେଳେ ମନେପଡେ
ବେଳେବେଳେ ଝୁରି ହେଇଯାଏ,
ଆଉ ସେହି ମୁହୂର୍ତ୍ତ ଏମିତି ରଡେ...!!
ପ୍ରତ୍ୟେକ କ୍ଷଣକଷ୍ଟ ଭରିଦିଏ.....
ତଥାପି ଆଶା "ତୁ" ଫେରିବୁ
ଯେଉଁଠି ତୋତେ ସାଉଁଟି ନେଇଥିଲି,
ପୁଣି ମୋ ପାଇଁ ପ୍ରେରକ ହେବୁ
ସେ କଥା ଭାବି ଖାଲି ହସିଲି ଯେ ହସିଲି.....

ତୋ ଅପେକ୍ଷାରେ "ଲିମନ"

# କଳିଯୁଗ ମଣିଷ



ସନ୍ତୋଷ ପଟ୍ଟନାୟକ

ବଞ୍ଚିବା ବଢ଼ିବା ପ୍ରୟାସ ଏ'କଳ
ମଣିଷ ହୁଅଇ ସ୍ୱାର୍ଥରେ ଅନ୍ଧ
ଅର୍ଥକୁ ଅନର୍ଥ କରିବା ଏ'ଯୁଗ
ଅନେଶ୍ୱତ ଭାବ ଏଠି କାମାନ୍ଧ ||

ମଦ ମାଂସ ହେଲ୍ ମୁଖ୍ୟ ଖାଦ୍ୟ ଏଠି
ହିଂସାରେ ମିଳଇ ପରମାନନ୍ଦ
ବିଭିନ୍ନତା ଯେତେ ଏକାକାର ହେବେ
ଶେଷରେ ଉଜାଣି ଜୀବନ ବନ୍ଧ ||

ଶାସ୍ତ୍ର ଲେଖା ଏଠି ବିପର୍ଯ୍ୟସ୍ତ ଆଜି
ସର୍ବେ ସ୍ୱଘୋଷିତ ବଡ଼ ପଣ୍ଡିତ
ଶାସକ ଏ'ଯୁଗେ ଶୋଷକ ଅଟନ୍ତି
ଶୁକରୀଟା ଯେହ୍ନେ ନର୍ଦ୍ଦମା ଯୁକ୍ତ ||

ଭାଇ ଅଟେ ଏଠି ଭାଇର ଭଗାରୀ
ସମ୍ପତ୍ତି ଭୋଗଟା ତା' ମୂଳଲକ୍ଷ୍ୟ
ପଡ଼ୋଶୀଙ୍କୁ ଲୋଡ଼ା ଦୁର୍ବଳତା ଟିକ
ନୀଚ କରେଇବେ ଦେଇକ ସାକ୍ଷ୍ୟ ||

ବିଶ୍ୱାସରେ ବିଷ ଭରେ ଏଠି ବନ୍ଧୁ
ପୁଅ ମାରେ ନଜ ବୋପା-ମାଆକୁ
ଜନ୍ମଦାତ୍ରୀ ବିକେ ଜନମ ସନ୍ତାନ
ଘେନ ପେଟ ଚନ୍ତା ବିବଶତାକୁ ||

ସମଗୋତ୍ରେ ପୁଣି ବିବାହ ବନ୍ଧନ
ନୁହେଁ ଏ' ଶାସ୍ତ୍ରୀୟ ଅନୁମୋଦିତ
ସମଲିଙ୍ଗି ସାଥି ଆଦରି ମଣିଷ
ସଂସ୍କୃତି ସଂସ୍କାର କରେ ବିନାଶ ||

ନାନା ଅପକର୍ମେ ଲିପ୍ତ କଳିଯୁଗ
ଭିତରେ କଳଙ୍କ ଉପରେ ଯଶ
ଭାବ ଭକ୍ତି ଏଠି ଲୋକ ଦେଖାଣିଆ
ହୃଦୟ ହୀନ ଏ'ଯୁଗ ମଣିଷ ||

ଗଞ୍ଜାମ

# ରିଚ୍ଚାର୍ଜ

ସତ୍ୟ ରଞ୍ଜନ ମିଶ୍ର

ୱ୍ହାଟସଆପ ରେ ତାର ଲଷ୍ଟ ସିନ ପଅରଦିନ ରାତି ଏଗାରଟା ଚଉବନ ଦେଖାଉଥିଲା ଏବଂ କାଲି ସକାଳେ ମୁଁ ପଠେଇଥିବା ଗୁଡ଼ ମର୍ଣ୍ଣିଙ୍ଗ ମେସେଜ ସନ୍ଧ୍ୟା ପର୍ଯ୍ୟନ୍ତ ଡବଲ ଟିକ ହେଇନଥିଲା । ମୁଁ ଜାଣିଗଲି ମାଡାମ ଙ୍କର ବାଲାନ୍ସ ସରିଯାଇଛି । ଏ ଅସମୟରେ ଝିଅ ପିଲା ରିଚ୍ଚାର୍ଜ ପାଇଁ କୁଆଡେ ହଇରାଣ ହେଇ କାଇଁ ଯିବ, ତେଣୁ କାଳ ବିଳମ୍ବ ନ କରି ମୋ ଗୁଗୁଲପେ ଆକାଉଣ୍ଟ ରୁ ତା ନମ୍ବର ରେ କରିଦେଲି ଶହେ ଅନେଶତ ଟଙ୍କାର ଅଠେଇଶ ଦିନଆ ଅନଲିମିଟେଡ଼ ରିଚ୍ଚାର୍ଜ ।

ରିଚ୍ଚାର୍ଜ ଡନ ଲେଖିବାର ପାଞ୍ଚ ମିନଟ ପରେ ତା ନମ୍ବର ରୁ ଆସିଗଲା କଲ । ମୁଁ ଖୁସି ହେଇଗଲି ଯାହା ହଉ ସନ୍ଧ୍ୟାବେଳେ ମାଡାମ ଙ୍କ ମୁହଁ ରୁ ଧନ୍ୟବାଦ ରୂପୀ ମିଠା କଥା ଦୁଇପଦ ଶୁଣିବାକୁ ମିଳବ । ଖୁସିରେ ସେ ଆଜି ତାଙ୍କ ଓଠ ଛୁଆଁ ର ମିଠା ଶବ୍ଦ ଫୋନ ବାଟେ ପଠେଇପାରନ୍ତି ବୋଧେ । ମୁଁ ଶିହରି ଉଠିଲି । ମନେମନେ ହସି ମୁଁ ତତକ୍ଷଣାତ ଫୋନ ରିସିଭ କରି କାନରେ ଦେଲି । କିନ୍ତୁ ଏ କଣ? ମିଠା ସ୍ୱର ବଦଳ ରେ ସେପଟୁ ସେ ଉତକ୍ଷିପ୍ତ ସ୍ୱର ରେ କହିଲା:

- କିଏ କହିଥିଲା ତୁମକୁ ମୋର ରିଚ୍ଚାର୍ଜ କରିବାକୁ?

ତାର ଏ ଗୋଟିଏ ବାକ୍ୟ ମୋ ମୁହଁ ରୁ ହସ ଛଡେଇନେବାକୁ ଯଥେଷ୍ଟ ଥିଲା । ମୁଁ ହସ ଲୁଚେଇ ସାଧାରଣ ସ୍ୱର ରେ ଉତ୍ତର ଦେଲି :

- ଆରେ ତୁମେ ଏତେ ସମୟ ହେଲା ଅଫଲାଇନ ଅଛ । ଭାବିଲି ତୁମର ବାଲାନ୍ସ ସରିଯାଇଛି। ସେଥିପାଇଁ ରିଚ୍ଚାର୍ଜ କରିଦେଲି । କାଇଁ କଣ ହେଲା କି?

- ହବ ଆଉ କଣ ? ରିଚ୍ଚାର୍ଜ କରି ବାହାଦୁରି ଦେଖେଇଦେଲ ଆଉ । ଭାବିଲ ମୁ ଖୁସିରେ ତୁମକୁ ପ୍ରଶଂସା କରିବି ଆଉ ମନେମନେ ପୁରା ହିରୋ ଭାବିବି ନାଇଁ ? ଆରେ ବାଲାନ୍ସ ସରିଗଲା ତ କଣ ହେଲା। ତୁମେ କଲ ତ କରିପାରିଥାନ୍ତ ମୋତେ? ନହେଲେ ଗୋଟେ ଦିନ

ଅପେକ୍ଷା ତ କରିପାରିଥାନ୍ତ ? ମୋ ପାଖରେ କଣ ପଇସା ନାହିଁ ରିଚ୍ଚାର୍ଜ କରିବାକୁ? ତୁମେ କଣ ପାଇଁ ରିଚ୍ଚାର୍ଜ କଲ ମୋର?

ତାଠୁ ପ୍ରଥମ ଥର ପାଇଁ ଏପ୍ରକାର କଥା ଶୁଣି ମୋତେ ବହୁତ ଆଶ୍ଚର୍ଯ୍ୟ ଆଉ ଦୁଃଖ ଲାଗିଲା। ତାସହିତ କେମିତି ଗୋଟେ ଅପମାନିତ ହେଲା ଭଳି ଭାବନା ଆସିଲା । ମୁ ମୁହଁ ଶୁଖେଇ ତାକୁ କହିଲି :

- ଏମିତି କଣ କହୁଛ ଧନ ? ମୁ କଣ ତୁମର କେହି ନୁହଁ? ମୁ କଣ ତୁମ ପାଇଁ ଏତିକି କରିପାରିବିନି ?

ସେ ସେମିତି ଚଲେଇକି କହିଲା :

- ହଁ କରିପାରିବ..... ନିଶ୍ଚୟ କରିପାରିବ.... କିନ୍ତୁ ତା ପୂର୍ବରୁ ମୋତେ ଆଗ ଗୋଟେ ପ୍ରଶ୍ନ ର ଉତ୍ତର ଦିଅ ଯେ ଦିନକୁ କେତେ ଟଙ୍କା ରୋଜଗାର କରୁଚ ତୁମେ?

ମୁଁ ନିରୁତ୍ତର ରହିଲି ।

ମୋର ଚୁପ ରହିବା ଦେଖି ସେ ତାର ସ୍ୱର ପରିବର୍ତ୍ତନ କଲା ? ମୋତେ ବୁଝେଇବା ଭଳି ନରମ ସ୍ୱର ରେ କହିଲା :

- ଆରେ ବାବୁ, ତୁମେ ବୁଝୁନ କାହିଁକି ? ତୁମେ ମୋର ରିଚ୍ଚାର୍ଜ କରିବାରେ ଅସୁବିଧା ନାହିଁ। କିନ୍ତୁ, ସେଇଟା ଯେତେବେଳେ ତୁମେ ନିଜେ ରୋଜଗାର କରିବ ସେତେବେଳେ କଲେ ମୋତେ ଖୁସି ଲାଗିବ । କିନ୍ତୁ ଏମିତି ବାପାଙ୍କ ଝାଳ ବୁହା ପଇସା ଯାହା ସେ ତୁମକୁ ତୁମ ଜରୁରୀ ଆବଶ୍ୟକତା ପୂରଣ ପାଇଁ ପକେଟ ମନି ହିସାବରେ ଦେଉଛନ୍ତି ତାକୁ ତୁମେ ମୋ ପଛରେ ଖର୍ଚ୍ଚ କରିବା ଜମା ସହିପାରିବିନି ମୁଁ । ଆରେ ତୁମେ ଥରେ ଚାକିରୀ କରିସାର ଦେଖିବ, ମୁଁ ନିଜେ ତୁମ ପକେଟ ରୁ ପଇସା କାଢି ନେଇ ଖର୍ଚ୍ଚ କରିବି । କିନ୍ତୁ ଏବେ ସେସବୁ ନୁହେଁ.......ପ୍ଲିଜ, ମୋତେ ଟିକେ ବୁଝ.........

ତା କଥା ଶୁଣିସାରିଲା ପରେ ମୁଁ ଗମ୍ଭୀର ହେଇଯାଇ କହିଲି :

- ହଉ ହଉ, ଆଉ କେବେ ରିଗ୍ରେଟ କରିବିନ ହେଲା ।

- ହଁ ଯେ କନ୍ତୁ ଆଜି ମୋର ଯୋଉ ରିଗ୍ରେଟ କଲ ସେ ବାବଦ ତୁମର ନେକ୍ସଟ ରିଗ୍ରେଟ ମୁଁ କରିବି, ହେଲା ତ?

- ହଉ....

- କଣ ଯେ ଖାଲି ହଉ ? ରାଗିଲ ନାଁ କଣ ? ପ୍ଲିଜ... ପ୍ଲିଜ....ବାବୁ...ରାଗନ ।ମୋର ଭୁଲ ହେଇଯାଇଛି । ମୁଁ ଚଲେଇଦେଲି ତୁମ ଉପରେ । ତୁମକୁ କଷ୍ଟ ହେଇଥିବ ନାଁ?? ସରି ରେ....ସରି....ଆଉ ସେମିତି କରିବିନ । କାନ ଧରୁଛି......

ମୁଁ ରାଗିଛି ବୋଲି ଭାବି ସେ ଏମିତି ସେପଟୁ ନନଷ୍ଟପ ଗପି ଚାଲିଥାଏ ।ହେଲେ ମୁଁ ଏପଟେ ମୁରୁକ ହସି ମନେମନେ ତାକୁ କହୁଥାଏ, ପ୍ରାଉଡ଼ ଅଫ ୟୁ ଡ଼ିଅର.......

ବିରିଡି, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କର୍ଣ୍ଣ ର ଅଭିମାନ



ମନୀଷା ପଣ୍ଡା

ଅଭିମାନ,
ଅଭିମାନ କରିବି ମୁଁ କର୍ଣ୍ଣ
କାହା ଉପରେ
କିଏ ବା ଦେବ ଏ ଅଭିମାନ ର ମୂଲ।
ମା କୁନ୍ତୀ!
ଯିଏ ଭସାଇ ଦେଇ ଥିଲେ
ଦିନେ ଜନ୍ମିତ ଶିଶୁ କୁ ଜଳ ରେ
ସେଇ ଠୁ ତ ଆରମ୍ଭ ମୋ ହୀନଭାଗ୍ୟ ସାରା ଜଗତ
ରେ।

ସୂତ ପୁତ୍ର! ସୂତ ପୁତ୍ର!
ହେଲି ମୁଁ ଲାଞ୍ଛିତ,
ଶେଷରେ ଦ୍ରୌପଦୀ ସ୍ୱୟଂ ବର ରେ
ହୋଇଲି ଲଜ୍ଜିତ
ହୀନ ସୂତ ପୁତ୍ର ମୁଁ ହେଲି
ଯାଜ୍ଞସେନୀ ଆଖିରେ ନନ୍ଦିତ।
ତଥାପି ଓହ୍ଲାଇ ନ ଥିଲା
ଦୁଃଖ ର ବୋଝ ଟା
ମସ୍ତକ ରୁ ମୋର
ନା ଛାଡ଼ିଲେ ମତେ ଦେବରାଜ
ନା ନିଜ ସ୍ୱାର୍ଥ ତ୍ୟାଗ କଲେ
ମଧ୍ୟମ ପାଣ୍ଡବ।

କିଏ ମାଗିନେଲେ କବଚ କୁଣ୍ଡଳ
ପୁଣି କିଏ ଭାଇ ହୋଇ
କରିଲେ ନିହତ।
କାହାର ଘୃଣା ମୋ ପାଇଁ
ପୁଣି ଅପମାନ
କେତେ କେତେ ତାଚ୍ଛଲ୍ୟ
ଅନଳ ରେ ଜଳଗଲି,
ନିଃଶେଷ ହୋଇଗଲି
ଭସ୍ମ ପାଲଟି ଗଲି
ମୁଁ କର୍ଣ୍ଣ,
ସବୁପରେ କେଉଁ ଜଣ ଙ୍କ
ଉପରେ କରିବି ଅଭିମାନ
ମୁଁ କର୍ଣ୍ଣ
ମୁଁ ସୂତ ପୁତ୍ର କର୍ଣ୍ଣ।।

(ଶିକ୍ଷୟିତ୍ରୀ)
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍ଗରାନ୍ତିପୁର ,ଢେଙ୍କାନାଳ

# ଗୁରୁଙ୍କ ଆଶିଷ ଭିକ୍ଷା



ଛବି ରାଣୀ ପତି

ଗୁରୁ ଦିବସରେ ଗୁରୁଙ୍କ ଆଶିଷ
କରେ ମୁଁ ଅଧମ ଭିକ୍ଷା
ଅଜ୍ଞାନ ତିମିର ନାଶ ଯାଉ ମୋର
ଦିଅନ୍ତୁ ଉଚତ ଶିକ୍ଷା ।

ତୁମେ ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ଗୁରୁ ତୁମେ ଆଦ୍ୟ - ପ୍ରାନ୍ତ
ଜୀବନର ପଥେ କେତେ ଗୁରୁ ସିନା
ମୃତ୍ୟୁ ଯାଏ ନାହିଁ ଅନ୍ତ ।

ଶିକ୍ଷ୍ୟା ଗୁରୁ ଠାରୁ ଦୀକ୍ଷା ଗୁରୁ ଯାଏଁ
ଗୁରୁ ଆଉ ଗୁରୁଜନ
ତୁମ ଅନୁକମ୍ପା ଶୁଭଦୃଷ୍ଟି ବଳେ
ସାର୍ଥକ ଲଭେ ଜୀବନ ।

ବିନ୍ଦୁରୁ ସିନ୍ଧୁର ପରିକଳ୍ପନାକୁ
ଦିଅ ତୁମେ ରୂପରେଖ
ସବୁ ଭାବନାରେ ବାସ୍ତବତା ଭର
ମୋ 'ସିଦ୍ଧ ଗୁରୁ ସାଧକ ।

ତୁମ କୃପାବଳେ କଣ୍ଟା ଫୁଲ ହେଉ
ପଥ ହେଉ ପରିଷ୍କାର
ଝୁଣ୍ଟି ପଡିଲେ ବି' ଶିଖାଅ ଚାଲିବା
ଏ' ଜିବନ ପରୀକ୍ଷାଗାର ।

ମଧୁଶାସନ
ବିରିଡ଼ି, ଜଗତସିଂହପୁର

# ଧନ୍ୟ ଆମ ସରକାର



ରଞ୍ଜନ କୁମାର ପ୍ରଧାନ

ଚଣ୍ଡ ସରକାର କରି ଲଣ୍ଡଭଣ୍ଡ
ଭିଆଉଛି ଯେତେ କାଣ୍ଡ,
ଚନ୍ତିଲ୍ ବେଳକୁ ଭବିଷ୍ୟତ କଥା
ଘୁରଇ ଛାତ୍ରଙ୍କ ମୁଣ୍ଡ ।
ଛାତ୍ରୀଙ୍କର ସୁଖ ଶାଶୁଘର ଯାଇ
ଦୁଲୁକେଇ ଦେବେ ଦାଣ୍ଡ,
ଛାତ୍ର ଭଗ୍ୟାକାଶ ଅମାବାସ୍ୟା କଲା
ଗ୍ରହଣା କୋରୋନା ଷଣ୍ଢ ।
ପରିସ୍ଥିତି ଆଗେ ବାନ୍ଧି ହୋଇଅଛି
ଶିକ୍ଷିତଗଣଙ୍କ ତୁଣ୍ଡ ।
ଗୋଟେବି ମୁଣ୍ଡରେ ଢାଳବନ ପାଣି
ରାଜାଙ୍କ ହାତୀର ଶୁଣ୍ଢ ।
ଭିଡିଓ କଅଲ କନଫରେନସିଙ୍ଗରେ
ଛାତ୍ରଗଣ ହୋଇରୁଣ୍ଡ,
ଭଙ୍ଗ ହେଉଛନ୍ତି ସୁନା ସ୍ୱପ୍ନଯାକ
ହୋଇଗଲା ସବୁ ପଣ୍ଡ ।

ପାଇକଆଁଗ୍, ତିଗିରିଆ ,କଟକ

# ବାଟ



ସୁବାସ ଚନ୍ଦ୍ର ମୁଦୁଲି

ବାଟରେ ପଡିଲା ମା' ବାଟ ମଙ୍ଗଳା
ମୁଣ୍ଡିଆ ମାରି ମୁଁ, କହିଲି ମାକୁ
ମା' ଲୋ !
ବାଟ ବତା ମୋତେ,
ଦେଖିଯିବି ମୁଁ ଜଗା କାଳିଆକୁ
ଭଉଣୀ ସୁଭଦ୍ରା ଆଉ ଚକରା
ଖଣ୍ଡେ ଦୂରେ ଦିଶେ ଅଠରନଳା
ସିଂହଦ୍ୱାରେ ଆସି ପହଞ୍ଚି ଗଲି ମୁଁ
ଉପରେ ବସିଛି ମା' ବାଟ କମଳା
ବାଇଶି ପାହାଚେ ବାଟ ବଣା ହେଲି
ଅବାଟୋଇ ମୁଁ ବାଟ କେଉଁଟା
ଡାକିଲି, ଗୋରା କଳା ଦୁହେଁ କେଉଁଠି ଅଛ ?
ବାଟ ଅବାଟ ମୁଁ ବାରି ପାରୁନାହିଁ
କେମିତି ବୁଝିବ ଏ ଅନ୍ଧ - ଛନ୍ଦ
ଅଙ୍କାବଙ୍କା କଥା ଅଙ୍କାବଙ୍କା ବାଟ ଛାଡ ଏଥର
ବଙ୍କା ଅଧରରେ ହସିଦିଅ ଥରେ
ସିଧା ହୋଇଯିବ ବାଟ ମୋହର

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକିତ୍ସାଳୟ , ସମ୍ବଲପୁର

# ନାରୀ



ଉଦୟ ଭାନୁ ରାଉତ

ଝିଅଟିଏ ଜନ୍ମ ନିଏ। ପ୍ରଥମତଃ ପରିବାରରେ ଅଶାନ୍ତି ର କାରଣ ହୋଇଯାଏ । ସମୟ କ୍ରମେ ବଡ ହେଲା ପରେ ତାକୁ ପଠାଇ ଦିଆଯାଏ ଶାଶୁଘର । ସେଠାରେ ମିଳେ ତାକୁ ଯମ ଯନ୍ତ୍ରଣା । କିନ୍ତୁ ବୋହୁ ହୋଇ ସେଇ ଝିଅଟି ଗଛଟିଏ ସାଜି ତାର ଶାଖା, ପ୍ରଶାଖା ମେଲି ପତ୍ର, ଫୁଲ, ଫଳରେ ନିଜକୁ ଛାଇଦେଇ ତାର ସ୍ନେହ ମମତା ଅଜାଡି ପରକୁ ଆପଣାର କରିଥାଏ। ନିଜର ସବୁ ଆଶା, ସ୍ୱପ୍ନକୁ ସେ ତାର ପରିବାର ପାଇଁ ନିଜ ଭିତରେ ହିଁ ମାରିଦେଇଥାଏ। କିନ୍ତୁ ତାର ସେ ପ୍ରତିଦାନରେ ତାକୁ ମିଳେ କଣ ? ଯେମିତି ଗଛର ମହତ୍ୱ ଜାଣି ନ ପାରି କାଠୁରିଆ ତା କଠୁରୀରେ ପ୍ରହାର କରିଚାଲେ ତାର ନିର୍ଯାତନା ମଧ୍ୟ ଠିକ୍ ତାରି ପରି । ତାର ବୃଦ୍ଧ ବୟସରେ ପୁଅ ବୋହୁଙ୍କ ସଂସାର, ସେଠି ତାକୁ ମିଳେ କଣ ? ଯୋଉ ପୁଅକୁ ଦଶ ମାସ ଦଶ ଦିନ ଧରି ଜନ୍ମ ଦେଲା, କୋଳେଇ କାଖେଇ ଛୋଟ ରୁ ବଡ଼ କଲା, ହାତ ଧରି ବାଟ ଚାଲିବା ଶିଖେଇଲା, ସେଇ ପୁଅ ଦିନେ ପରକରିଦିଏ । ଭୁଲିଯାଏ ମା କୁ ଭୁଲିଯାଏ, ମା କେମିତି ଅଛି ସେ କଥା ବି ବୁଝିବାକୁ ସମୟ ନଥାଏ।

ସତରେ, ନାରୀ ର ଛଳନାର ଘର ବୋଲି ଯାହାକୁ କହେ ସେଇଟା ହେଉଛି ତା ବାପଘର। ଯୌବନ ଅବସ୍ଥାରେ ଯାହାକୁ ଘର ବୋଲି କହେ ସେ ହେଉଛି ତ ସ୍ୱାମୀ ର ଘର। ବୃଦ୍ଧ ବୟସରେ ସେ ଯାହାକୁ ଘର ବୋଲି କହେ ସେ ହେଉଛି ପୁଅର। ତା'ର ନିଜର ଘର କେଉଁଠି ?

ତାକୁ କିନ୍ତୁ ପଚାରିଲେ ସେ କହେ..... ସବୁ ମୋର....🙏🙏

ବଡମଙ୍ଗ,କଳସପୁର,
ଆଳ, କେନ୍ଦ୍ରାପଡ଼ା

# ଜହ୍ନ ରାତି ଓ ସ୍ମୃତି



ଅଜିତ ମହାପାତ୍ର

ଦୀର୍ଘ ପ୍ରସାରିତ ସେଇ ସ୍ମୃତି ର ମରୀଚକା
ଦେଖାଯାଏ ପାଖରୁ ସୁନ୍ଦର ତ ସମୀପେ ଫିକା ।

କରେ ଚନ୍ଦନ ରାତିର କୋଳେ ଜହ୍ନ କୁ ଦେଖି
ହସି ଦେଇ କହେ କଇଁ ସବୁ ଭାଗ୍ୟର ତ ଲେଖା ।

ତରଙ୍ଗାୟିତ ହୃଦୟେ ଖେଳେ ସ୍ୱପ୍ନ ର ଜୁଆର
ଲୁଟିନଏ ସବୁକଛି ବିଗତ ଦିନର
ସାଉଁଟି ବାକୁ ନା ଥାଏ ସମୟ
ଆଉ ନା ଥାଏ ପ୍ରତିକାର ।

ନିର୍ଜନ ନଗରୀ ରେ ଉଦାସୀନ ମନ
ବାସନ୍ତୀ ସଂଜ ରେ ଶେଫାଳୀ ସଜନ
ଅନୁରାଗେ ବିରାଗେ ସ୍ମୃତି ର ଛଳନ
ସ୍ନିଗ୍ଧ ଯୋଛନାରେ କଇଁ ର ଜଳନ ।

କୁଆଁରୀ ମନରେ ଖେଳେ ପ୍ରେମ ଅନୁକମ୍ପା
ଲଜ୍ଜ୍ୟାର ଅବୀର ବିଞ୍ଚେ ନିସଙ୍ଗୀ ନାୟିକା
ନିଃଶବ୍ଦ ଅଧିକୁ କଇଁ ର ଅପେକ୍ଷା
ସିକ୍ତ ଶେଫାଳୀ ର ମିଳନ ବିଭିକ୍ଷା ।

ଚିରସ୍ମୃତ ରାତିର ସେ ଅବ୍ୟକ୍ତ ବିରତି
ହୃଦୟେ ଅନଳ ଭରେ ମହମ ପୀରତି
ପ୍ରଣୟ ବାସରେ ସଜିଛି ଚଉଠି
ନିଦୁଅା ଆଖିରେ ସ୍ୱପ୍ନର ଆହୁତି ।

ସଜୁଛି ସଜନୀ ଗୁହିଁଛି ତ ସାଥୀ
ବିତୁଛି ସମୟ ବଦଳୁଛି ଗତି
ଦିଗହରା ହୁଏ ନିରାକାର ରାତି
କ୍ଷଣି କ୍ଷଣି ବଦଳେ ଜହ୍ନ ର ଆକୃତି ।

କାଶୀପଲ୍ଲୀ, ବରଗଡ

# ଭାବ



କୁନ୍ତଳା କୁମାରୀ ଦେଇ

ମୋ ସହର ଆଜି ଗାଁ ଗାଁ ବାସୁଛି
ତାଙ୍କ ବାଡି ଶାଗ ଆଜି ଆମ ଘରେ ହସୁଛି ।
ଖାଇବାରେ ନାହିଁ ଲୋଭ ଲୋଭ ଅଛି ଭାବରେ
ତରକାରୀ ସ୍ୱାଦ ଲାଗେ ଭାବର ସେ ମଧୁରେ ।
ଜଗତ ପାଗଳ ଆଜି ଏହି ଭାବ ପାଇଁ କ
ସୁଭଦ୍ରା ତ ଭଲ ପାଏ ତାର ଜଗା ଭାଇକ ।
ଭାବ ବିନା ମୂଲ୍ୟ ନାହିଁ ସବୁ ହୁଏ ଅସାର
ଭାବ ବିନୋଦିଆ ପରା ଆମ ଜଗା ଠାକୁର ।
ଭାବ ବିନା ମଣିଷ ଯେ ହୁଏ ଆଜି ପାଗଳ
ସେ ଭାବକୁ ପାଇ ପୁଣି ଭାଗ୍ୟ ହୁଏ ଉଜ୍ଜ୍ୱଳ ।
ଭାବର ଅଭାବ କେବେ କରିବାନ କାହାରେ
ଟିକେ ଭାବ ଭରିଦିଏ କେତେ ହସ ଓଠରେ ।
ଆବାଳ ବୃଦ୍ଧ ବନତା ଗୃହାନ୍ତି ସେ ଭାବକୁ
ନ କାଟିବା କେବେ କାହା ବଞ୍ଚିବାର ରାହାକୁ ।
ଭାବ ଗଢେ ବ୍ୟକ୍ତିର ଯେ ସୁନ୍ଦର ବ୍ୟକ୍ତିତ୍ୱ
ସେ ଭାବରେ ମୋଦି କଲେ ପ୍ରଧାନ ମନ୍ତ୍ରୀତ୍ୱ ।
ସଂସ୍କାର ଶିକ୍ଷା ଦେଇଣ ବିଶ୍ୱ ଦରବାରେ
ଚହଳ ପକାଏ ଆଜି ଭାରତର ରାଜାରେ ।
ଭାବ ଗଢେ ଏ ଜୀବନ ଭାବ କରେ ଛାନଆ
ଭାବ ବିନା ଜୀବନ ଟା ବଡ ହିନ ମାନଆ ।
ଶୁଷ୍କ ମରୁଭୂମି ସମ ଏ ଜୀବନ ଲାଗେରେ
ଜୀବନର ପ୍ରତିକ୍ଷଣେ ଭାବ ଦରକାରେ ।

ବିଦେଶକୁ ଯାଏ ପୁଅ ଭୁଲିଯାଏ ବାପାଙ୍କୁ
ସେ ଭାବକୁ ଝୁରି ପିତା ହାରିଦିଏ ପ୍ରାଣକୁ ।
ଶିକ୍ଷିତ ହୋଇଣ ତୁହି ବୁଝିଲୁନ ଶିକ୍ଷାକୁ
ଜିଇବାର ଶୈଳୀ ଶିଖ ହାରିବାନ ଆଗକୁ ।
ଡାକ ମୁନ୍ସୀ ପ୍ରାୟ ତୁହି ଦେଲୁ ନର୍ଯ୍ୟାତନାରେ
ପୁତ୍ର ତ ଏମିତି କଲେ କରିବୁ କ ମନାରେ?
ମୋ ଠାରୁ ଶିକ୍ଷିତ ତୁହି ତୋ ଠାରୁ ତୋ ପୁଅ
ଅଶିକ୍ଷିତ ପିତା ଆଜି ଝରାଏ ତା ଲୁହ ।
ସର୍ବେ ଅଶିକ୍ଷିତ ଏଠି ବୁଝ ଏହି କ୍ରମରେ
ତେଣୁ, ପିତା ସଦା ସମ୍ମାନୀୟ ପୁତ୍ରର ପାଖରେ ।
ଯେଉଁ ଦାଣ୍ଡେ ଖେଳୁଥିଲୁ ତୁହି ଧୂଳ ଖେଳରେ
ସେହି ମାଟି ଗଢ଼ିଅଛି ତୋ ଜୀବନ ସୂର୍ଯ୍ୟରେ ।
ତେଣୁ ବାବୁ ଭୁଲ ନାହିଁ ତୋର ମାଟି ମାଆକୁ
ସ୍ୱର୍ଗଠାରୁ ବଡ ସିଏ ମନେ ରଖ ତାହାକୁ ।
କର୍ତ୍ତବ୍ୟ ପାଳନେ ଭାବ ଆସିଗଲେ ଥରେ
ସମସ୍ୟା କଛି ରହେନା ଜଗତ ମଧ୍ୟରେ ।
ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପ
ପିତରି ପ୍ରୀତିମା ପର୍ଣ୍ଣେ ପ୍ରିୟନ୍ତେ ସର୍ବ ଦେବତା ।

ଜୟଗୁରୁ
ବନ୍ଦେ ପୁରୁଷୋତ୍ତମମ୍
ଶାନ୍ତି ଶାନ୍ତି ଶାନ୍ତି

ନୟାଗଡ, ଓଡିଶା

# ଶ୍ରୀକୃଷ୍ଣ ଚରିତ ଚଉତିଶା



କୈଳାସ ମେହେର

କହୁଛି ଶ୍ରୀକୃଷ୍ଣ ଚରିତ ଶୁଣ ଭକତ ଜନ ।
କର୍ଣ୍ଣରେ ଶୁଣିଲେ ତା ନାମ ଯମ ନଛୁଏଁ ପ୍ରାଣ ॥
ଖଳ ଜନଙ୍କର ଉନ୍ମାଦ ବିଦାରିବା ନିମନ୍ତେ ।
ଖଣ୍ଡିଲୁ ଅବନୀ ଭାରକୁ ଅବତରି ଜଗତେ ॥
ଗର୍ବେ ଆକ୍ରୋଶିଲା ଜନଙ୍କୁ ଦୁର୍ମିଳାର ନନ୍ଦନ ।
ଗତି ପଥ ସବୁ ଭୁଲିଲେ ଜନେ କରି କ୍ରନ୍ଦନ ॥
ଘୋଷି ତବ ନାମ ସ୍ମରିଲେ ଆସ ପ୍ରଭୁ ସଅଳେ ।
ଘନ ଅନ୍ଧକାରେ ଜନ୍ମିଲୁ କଂସର ବନ୍ଦୀ ଶାଳେ ॥
ଉଇଁଲା କୋଟିଏ ଚନ୍ଦ୍ରମା ବହେ ମଳୟ ବିଣ ।
ଉତ୍ତରିଲେ ସର୍ବ ଦେବତା କଲେ ପୁଷ୍ପ ବର୍ଷଣ ॥
ଚତୁର୍ଭୁଜ ରୂପେ ଦର୍ଶନ ଦେଲୁ ତୋ ତାତ ମାଁଙ୍କୁ ।
ଚତ୍ତ ଭୁଲାଇଲୁ ତାଙ୍କର ନିଭେଦନ୍ତ ମାୟାକୁ ॥
ଛନକା ପଶିଲା ଦେବକୀ ବସୁଦେବ ମନରେ ।
ଛଡାଇ ନେଇ ଆମ୍ଭ କୋଳୁ ନାଶ କରିବ ଭଲେ ॥
ଜଗତ କର୍ତ୍ତାଙ୍କ ନିର୍ଦ୍ଦେଶେ ଫିଟେ ଗୃହ କବାଟ ।
ଜଗିଥିବା ପ୍ରହରୀଙ୍କୁ ସେ ନିଦ୍ରା କଲା ଯେ ଛାଟ ॥
ଝଟକ ରୂପକୁ ବହଇ ଶିରେ ମାରିଷା ବାଳ ।
ଝଡ ଝଞ୍ଜା ବର୍ଷା ସହିଣ ହେଲେ ଯମୁନା ପାର ॥
ନନ୍ଦର ସଦନେ ଥୋଇଲେ ଆପଣାର ଯେ ସୁତ ।
ନଗ୍ରରୁ ବାହୁଡି ଅଇଲେ ଘେନ ଜଗତ ମାତ ॥
ଟହକ ବାଳକୁ ଦେଖିଣ ଉଷା ଅଇଲା ପରେ ।
ଟଙ୍କିତ ହେଲା ନନ୍ଦ ଉଆସ ଆନନ୍ଦ ଶବ୍ଦରେ ॥

ଠୁଳ ହେଲେ ନନ୍ଦ ମନ୍ଦିରେ ସର୍ବ ଗୋପର ବୃନ୍ଦ ।
ଠନ ସୁନ୍ଦରଙ୍କୁ ଦେଖନ୍ତି କରି ଚତ୍ତ ଗଦ୍ଗଦ ॥
ଡାକଲେ ଦ୍ୱିଜ ପ୍ରବରଙ୍କୁ ନନ୍ଦ ନାମ କରେଣ ।
ଡଉଲ ବାଳକ ପାଇଲା କୃଷ୍ଣ ନାମ ଭୁବନେ ॥
ଢଳ ଢଳ ଦିଶେ ଯେସନେ ନଳିନୀରେ କମଳ ।
ଢଳିଲେ କୃଷ୍ଣଙ୍କ ଦର୍ଶନେ ସର୍ବ ଗୋପୀ ସକଳ ॥
ନଗ୍ରରୁ ଏମନ୍ତ ବାରତା ଗଲା ମଥୁରା ପୁରେ ।
ନନ୍ଦଜ କିପରି ମରିବ କଂସ ମନରେ ଭାଳେ ॥
ତେଣୁ ପଠାଇଲା ପତନା ଜନ୍ମ ସପ୍ତମ ଦିନେ ।
ତାରଣ କରତା ହରିଲେ ତାର ପ୍ରାଣ ବହନେ ॥
ଥଇଥାନ ଚତ୍ତ ନୋହିଲା ଇନ୍ଦୁମତୀ ସୁତର ।
ଥରକୁ ଥର ପଠାଇଲା କାଳ ବେଶେ କୃଷ୍ଣର ॥
ଦ୍ରପିଷ୍ଟ ଆସିଲେ ଯେତେକ ସର୍ବେ ମାରିବା ପାଇଁ ।
ଦୂର ରାଜ୍ୟକୁ ବାହୁଡାଇ ଦେଲେ ଜଗତ ସାଇଁ ॥
ଧରଣୀ ବାସିଙ୍କ ରକ୍ଷଣେ କଲୁ ନିଜକୁ ଜାତ ।
ଧରା ଦେଉ ଏକା ଜଗତେ ଯେ ତା ସଚ୍ଚା ଭକତ ॥
ନାଶ କଲୁ କାଗା ସୁରକୁ କରି କର ସ୍ପର୍ଶରେ ।
ନିକ୍ଷେପ ସମ ଯାଇ ପଡିଲା କଂସର ଛାମୁରେ ॥
ପ୍ରକାଶିବି କେତେ ତୋ ଗାଥା ଆହେ ନନ୍ଦନନ୍ଦନ ।
ପାରିଜାତ ପୁଷ୍ପ ସଦୃଶ ମୋହୁ ସଭିଙ୍କ ମନ ॥

ଫସର ଫାଟିଲା କଂସର ଯେତେ ଉପାୟ କଲା ।
ଫଳ ବୃଥା ସବୁ ହୋଇଲା କସ କରିବି ଭଲା ॥
ବକା ଅଘା ତୃଣା ଶକଟା ନେଲୁ ସଭିଙ୍କ ପ୍ରାଣ ।
ବସ୍ତ୍ର ଗୋପୀଙ୍କର ଲୁଗୃଇ ଦେଲୁ ମହତ ଜ୍ଞାନ ।
ଭକ୍ଷଣ କଲୁ ବୋଲି ମାଟି ଆତ ଆକଟି ଥିଲେ ।
ଭୁବନ କୋଟିଏ ଦେହିଲେ ମାଁ ତୋ ପାଟି ଭିତରେ ॥
ମନ୍ଦର ଟେକ ତୁ ରଖିଲୁ ଗୋପବାସୀଙ୍କ ପ୍ରାଣ ।
ମହେନ୍ଦ୍ର ଭୀତରେ ଗଲା ଯେ ପଡି ତୋର ଶରଣ ॥
ଯମୁନା ଜଳରେ କାଳୀୟ ନାଗ କଲୁ ଦଳନ ।
ଯଜ ସଂଯୋଗୀତ ବନକୁ ଗିଳଲୁ ଯେ ବହନ ॥
ରଙ୍ଗିଆ ଠାକୁର ରଙ୍ଗିଲ ରାସେ ଗୋପୀଙ୍କ ମେଳେ ।
ରାସ ଦେଖୁଥାନ୍ତି ସକଳ ଦେବ ସ୍ୱର୍ଗ ମଣ୍ଡଳେ ॥
ଲୀଳାମୟ କୃଷ୍ଣ ମଥୁରା ଗଲୁ ଅକ୍ରୁର ରଥେ ।
ଲାବନ୍ୟେ ସଜ୍ଜିତ ଧନୁ ଯାତ୍ରା ଦେଖିବାର ଅର୍ଥେ ॥
ବେଦ ଦେବ ଜାଣି ପାରିଲେ ନାହିଁ ତୋହରି ମାୟା ।
ବାସ ନାହିଁ ତୋର ଅକନ୍ଦେ ପ୍ରଭୁ ନାହିଁ ତୋ କାୟା ॥
ଶମ୍ଭୁ ଧନୁ କରେ ଭାଙ୍ଗିଲୁ ଭୀତ ହୋଇଲା କଂସ ।
ଶେଷେ ମଲ୍ଲ ଯୁଦ୍ଧେ ଉତ୍ତରି କଲୁ ସଭିଙ୍କୁ ନାଶ ॥
ଷଡମଲ୍ଲଙ୍କର ନାଶନେ ଆସେ ମଧୁ ନରେଶ ।
ଷଟ ପ୍ରାଜ୍ଞ ପ୍ରଭୁ ରଖିଲୁ ଅବତାର ଉଦ୍ଦେଶ୍ୟ ॥
ସକଳ ଦେବତା ସ୍ୱର୍ଗରୁ କଲେ ପୁଷ୍ପ ଯେ ବୃଷ୍ଟି ।
ସଂଜୀବନ ରୂପୀ ତୋ ନାମ ନାଶ କରେ ଅରିଷ୍ଟି ॥
ହନ୍ତସନ୍ତ ହୁଏ ମୋ ପ୍ରାଣ ତବ ପ୍ରୀତିରେ ଛନ୍ଦି ।
ହରି ହର ସମ କଷଣ ଦୁଃଖ କ୍ଲେଶକୁ ଆଦି ॥
କ୍ଷମିବୁ ଥିଲେ ଦୋଷାଦୋଷ ତବ ଗାଥା ବର୍ଣ୍ଣନେ ।
କ୍ଷୀଣ ବୁଦ୍ଧିଆ କୈଳାସ କଛି ନଜାଣେ ଜୀବନେ ॥

ମାତୃଭାଷା ଶିକ୍ଷକ
ଓଡିଶା ଆଦର୍ଶ ବିଧାଳୟ, ଜାମିରଡିହା,
ବିଶୋଇ, ମୟୁରଭଞ୍ଜ

# ଶ୍ରୀମଦ୍ ଭଗବତ୍ ଗୀତାର ଚତୁର୍ଦ୍ଦଶ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ପ୍ରକୃତି ନିଜେ ସୃଷ୍ଟି କରେ ନାହିଁ । ପରମାତ୍ମାଙ୍କ ସଂକଳ୍ପରେ ପ୍ରକୃତିରେ ସୃଷ୍ଟି କ୍ରିୟା ହୋଇଥାଏ । ସୃଷ୍ଟି କ୍ରିୟାରେ ପ୍ରକୃତି ମାତ ରୂପିଣୀ ଓ ପରମେଶ୍ୱର ପିତା ସଦୃଶ ଅଟନ୍ତି । ସତ୍ତ୍ୱ, ରଜଃ, ତମଃ-ଏହି ତିନଗୁଣ ପ୍ରକୃତିରୁ ଜାତ ଏବଂ ଜୀବାତ୍ମାକୁ -ସଂସାରରେ ବାନ୍ଧି ରଖେ । ସତ୍ତ୍ୱ ଗୁଣର ଧର୍ମ ପ୍ରକାଶ ବା ଜ୍ଞାନ । ଏଥିରେ ମନୁଷ୍ୟ ସୁଖ ଭୋଗକରେ । ରଜଃ ଗୁଣର ଧର୍ମ ରାଗାତ୍ମକ । ତାହା ତୃଷ୍ଣା ଓ ଆସକ୍ତି ବଢାଏ ଏବଂ ଜୀବାତ୍ମାକୁ କର୍ମବନ୍ଧନରେ ପକାଏ । ତମଃ ଗୁଣର ଧର୍ମ ଅଜ୍ଞାନ ଓ ମୋହ । ତାହା ନିଦ୍ରା, ଆଳସ୍ୟ ଓ ପ୍ରମାଦ ବଢାଏ । ପ୍ରତ୍ୟେକ ଜୀବଠାରେ ଏହି ତିନୋଟିଯାକ ଗୁଣ ଥାଆନ୍ତି । ମନୁଷ୍ୟ ସତ୍ତ୍ୱଗୁଣର ଆଧିକ୍ୟରେ ସାତ୍ତ୍ୱିକ, ରଜଃ ଗୁଣର ଆଧିକ୍ୟରେ ରାଜସିକ ଓ ତମଃ ଗୁଣର ଆଧିକ୍ୟରେ ତାମସିକ ବୋଲି କଥିତ ହୁଅନ୍ତି । ସତ୍ତ୍ୱ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ଜୀବାତ୍ମା ସ୍ୱର୍ଗାଦି ଉଚ୍ଚସ୍ଥାନ ଲାଭ କରେ । ରଜଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ମନୁଷ୍ୟ ଯୋନି ଏବଂ ତମଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ପଶୁପକ୍ଷୀ ପ୍ରଭୃତି ନୀଚ ଯୋନି ପ୍ରାପ୍ତ ହୁଏ।

ସତ୍ତ୍ୱଗୁଣର ବୃଦ୍ଧିରେ ସ୍ୱର୍ଗଲାଭ ହୁଏ ସତ ହେଲେ ମୁକ୍ତି ମିଳେ ନାହିଁ । ତ୍ରିଗୁଣାତୀତ ହୋଇପାରିଲେ ଜୀବାତ୍ମା ମୁକ୍ତି ଲାଭ କରେ । ଦେହ ଥିବାଯାଏ ପ୍ରକୃତିର କାର୍ଯ୍ୟ ଚାଲିଥାଏ । ଯେଉଁ ବ୍ୟକ୍ତି ପ୍ରକୃତିର କାର୍ଯ୍ୟରେ ଉଦାସୀନ ହୋଇ ସୁଖଦୁଃଖରେ ସମ, ମାଟି ପଥର ସୁନାରେ ସମଜ୍ଞାନ (ନିର୍ଲୋଭ), ନିନ୍ଦା ପ୍ରଶଂସାରେ ସମ, ପ୍ରିୟ ଅପ୍ରିୟରେ ସମ, ଶତ୍ରୁମିତ୍ରରେ ସମ ତଥା ମାନ ଅପମାନରେ ସମଚିତ୍ତ ରହନ୍ତି ତାଙ୍କୁ ଗୁଣାତୀତ କୁହାଯାଏ । ଅଚଳା ଭକ୍ତିରେ ପରମେଶ୍ୱରଙ୍କର ଶରଣାପନ୍ନ ହେଲେ ବ୍ୟକ୍ତି ସହଜରେ ତ୍ରିଗୁଣାତୀତ ହୋଇପାରେ । ବାସୁଦେବ ଶ୍ରୀକୃଷ୍ଣ ନିର୍ଗୁଣ ବ୍ରହ୍ମଙ୍କର, ଅବ୍ୟୟ ମୋକ୍ଷର ସନାତନ ଧର୍ମର

ଓ ସମସ୍ତ ସୁଖର ସାକାର ମୂର୍ତ୍ତି । ତାଙ୍କୁ ଅଚଳା ଭକ୍ତିରେ ପୂଜା ଅର୍ଚ୍ଚନା କଲେ ମନୁଷ୍ୟ ତ୍ରିଗୁଣାତୀତ ହୋଇ ମୁକ୍ତି ଲାଭ କରେ ।

ଏ ଅଧ୍ୟାୟରେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣ ତଥା ସେମାନଙ୍କର ପାର୍ଥକ୍ୟ ବିଷୟରେ ଆଲୋଚନା କରାଯାଇଥିବାରୁ ଏ ଅଧ୍ୟାୟର ନାମ ଗୁଣ-ତ୍ରୟ-ବିଭାଗ ରଖାଯାଇଅଛି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ବର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ରଭୁଙ୍କୁ ବିନତି



ଲକ୍ଷ୍ମୀ ଆଚାର୍ଯ୍ୟ

ତୁମଠାରେ ମନ ଲାଗିବା ପାଇଁକି
ଦିଅ ମୋତେ ସଦଜ୍ଞାନ
ଏ ଜୀବନ ତୁଚ୍ଛ ତୁମ ବିନା ପ୍ରଭୁ
କାହିଁରେ ନ ଲାଗେ ମନ ।
ଆସିଥିଲି ଏହି ଦୁନିଆକୁ ମୁଁ ଯେ
ଦେଖିଲି ଯାହା ନୟନେ
କେଡେ ମନୋହର ସୃଷ୍ଟି ଯେ ତୁମର
ମାୟା ଲାଗେ ଖାଲି ମନେ ।
ଗୁରିଆଡେ ଶୋହେ ଗିରି ଲତା ବନ
ପାହାଡ, ନଦୀ, ନିର୍ଝର
ମହାସିନ୍ଧୁ ସଙ୍ଗେ ମିଶନ୍ତି ଆନନ୍ଦେ
ହଜାଇ ସ୍ଥିତି ନିଜର ।
ପଶୁ ପକ୍ଷୀଙ୍କର ମଧୁର ଗାନରେ
ନାଚଉଠେ ବନ ଗିରି
ଭସା ବାଦଲରେ ସୂରୁଯ ଚଳନ
କଳା ବଉଦେ ବିଜୁଳି ।
କେତେବେଳେ ମେଘ କେତେବେଳେ ଖରା
କେତେବେଳେ ପୁଣି ଶୀତ
ଶିଶିର, କାକର ଶୋଭି ପରେ ପୁଣି
ମୃଦୁ ମଳୟ ବସନ୍ତ

ଏତେ ମନୋହର ସରଜନା ତବ
କଳି ନପାରଇ ମୁହିଁ
ସବୁରି ଭିତରେ ଅନୁଭବେ ଆସି
ଲୁଚଯାଅ ପୁଣି କାହିଁ?
ଥରେ ମାତ୍ର ଦେଖାଦିଅ ହେ ଈଶ୍ୱର
ଲଭି ତବ ଦରଶନ
ଜନମ ମୋହର ହୋଇବ ଧନ୍ୟ
ସୁଖ ଯିବ ଏ ପରାଣ ।

ପୁରୀ, ଓଡିଶା

# ସ୍ମୃତିର ସ୍ୱର



ଶରତ କୁମାର ନାଏକ

ପ୍ରେମର ପାର୍ବତ୍ୟାରଣ୍ୟରେ
ଗ୍ଭଲୁଥିଲ ତୁମେ
ମୋ ପାଦରେ ପାଦ ମେଳାଇ
କେଜାଣି କେଉଁ ଝଡ କଲା ଆଗମନ
ତୁମେ ହେଲ ବିଚ୍ଛେଦ
ଆଉ ମୁଁ ଅନ୍ଧ ଉପତ୍ୟକାରେ
ହେଲି ଦଣ୍ଡାୟମାନ

ତଥାପି ଅନାଇ ବସିଥିଲି
ଗ୍ଭତକ ପକ୍ଷୀ ପରି
ଭ୍ରବନା କରୁଥିଲା ନୟନସିକ୍ତ
ହୃଦୟର ଜ୍ୱାଳା ଦେଉଥିଲା
ମରଣାନ୍ତକ ଯନ୍ତ୍ରଣା

ହେଲେ ବି ତୁମେ
ଯମା ରୁ ବି କରି ନଥିଲ ପଶ୍ଚାତପଦ
କେଜାଣି ମୁଁ ନଥିଲି ବୋଧେ
ତୁମ ପ୍ରିତୀ ରଞ୍ଜନ
ଗ୍ଭଲିଗଲ ସେଥିପାଇଁ
କରିବାକୁ କଳଙ୍କ ଭଞ୍ଜନ

ଆଜି ବି ମନ ହୁଏ ତତ୍ପର
କଦ୍ରା ହୁଏ ଉଦବୁଦ୍ଧ
ଦେଖିବାକୁ ତୁମର ହିଁ ସ୍ୱପ୍ନ
ହୋଇପଡେ ମୁଁ ସାମୟିକ ରୋଗଗ୍ରସ୍ତ
ବ୍ୟାଖ୍ୟା କରି ବୁଝେଇବାକୁ
ମୋ ପ୍ରେମ କେତେ ଶୁଦ୍ଧ ଓ ମାର୍ଜିତ

ବାଷ୍ପରୁଦ୍ଧ ହୁଏ କଣ୍ଠ
ହସ୍ତ ଖୋଜେ କଲମମୂନ
କାଗଜପୃଷ୍ଠାରେ ବିଛେଇବାକୁ
ଝରୁଥିବା ମୋ ସ୍ମୃତିର ସ୍ୱର ।

ଥନଟ, ଧର୍ମଗଡ, କଳାହାଣ୍ଡି

# ସାଜିଲ ମନ ମୟୁରୀ



ପ୍ରଶାନ୍ତ କୁମାର ପଧାନ

ସତେକ ମିଳଲ୍ ଇନ୍ଦ୍ରର ଆସନ
ସ୍ୱର୍ଗସୁଖ ହେଲ୍ ପ୍ରାପ୍ତି
କେଉଁ ଜନମର ପୁଣ୍ୟଫଳ ବୋଧେ
ଅପେକ୍ଷାର ହେଲ୍ ଇତି ॥
ବିଦ୍ଧାଣିର ତୁମେ ନଆର୍ ସୃଷ୍ଟି ଗୋ
ସାଜିଲ ମନ ମୟୁରୀ
ଲ୍‌ଜିତ ବଦନେ ମୃଦୁହସ ତୁମ
ହୃଦୟ କରିଲ୍ ଗ୍ଲେରୀ ॥
ନବ ପଲ୍ଲବିତ ତରୁଟିଏ ତୁମେ
ଏ ଦେହ ମରୁଭୂମିରେ
ଜୀବନ ସଙ୍ଗିନୀ ରୂପେ ଆସି ପ୍ରିୟା
ବାନ୍ଧିଦେଲ ବନ୍ଧନରେ ॥
ତାର୍‌ଫୁଲ ଆଣି ଉପହାର ଦେବି
ଗଜର୍ କରିବ ତୁମେ
ସୁନେଲି ଆଭ୍‌କୁ ସିନ୍ଦୂର କରିବ
ଝଲସିବ ମିଠାପ୍ରେମେ ॥
ସବୁର୍‌ତି ହେବ ମଧୁଚନ୍ଦ୍ରିକା ଗୋ
ମହକବ ମଲ୍ଲୀବାସ
ନରେଖି ନରେଖି ଦେଖି ମୁଁ ତୁମକୁ
କାଟିଦେବି ଏ ଆୟୁଷ ॥

ବୁର୍ଲେମୁଣ୍ଡା, ଗାଇସିଲ୍ଟ, ବରଗଡ଼

# ସମ୍ପର୍କ



ଶିଶିର କୁମାର ସାମଲ

ସମ୍ପର୍କ ର ମୁଲ୍ୟ ସେ କାହୁଁ ବୁଝିବ
ପାଇନାହିଁ ଯିଏ ଭଲ,
ନିଜ ସ୍ୱାର୍ଥ ପଛେ ସଭିଏଁ ଗ୍ଭଲନ୍ତି
ଜଗତେ ବୋଲ୍‌ଇ ଭଲ ।।
ହୃଦୟର ଭ୍‌ଷା ବୁଝେନାହିଁ କେହି
ସୌନ୍ଦର୍ଯ୍ୟରେ ହୋଇ ଅନ୍ଧ,
କାମନା ର ନିଆଁ କରେ ଅମାନିଆ
ଯୌବନକୁ କରେ ମୁଗ୍ଧ ।।
ଧନ ଯୋଉବନ ମୋହିନିଏ ମନ
ମାନବତା ଯାଏ ମରି,
କ୍ଷଣିକ ସୁଖକୁ ଆଲିଙ୍ଗନ କରି
ବାନ୍ଧନ୍ତି ସମ୍ପର୍କ ଡ଼ୋରି ।।
ନିସ୍ୱାର୍ଥ ରେ ଯିଏ ଗଢୁଥାଏ ପ୍ରେମ
ବିଶ୍ୱାସ ର ସେତୁ ବାନ୍ଧି,
ସିଏ ହିଁ ବୁଝିଛି ସମ୍ପର୍କର ମୂଲ୍ୟ
ଭରସାରେ ହୁଏ ବାନ୍ଧି ।।
ଦୁଇ ଦିନିଆ ଏ ମଣିଷ ଜୀବନ
କର କାହିଁ ଅପଚୟ,
ସମ୍ପର୍କ ର ମୁଲ୍ୟ ବୁଝିଯାଅ ବନ୍ଧୁ
ପ୍ରେମର ହୋଇବ ଜୟ ।।
ସମ୍ପର୍କର ମାନେ ଶାରିରୀକ ନୁହେଁ
ଦୁଇ ମନର ମିଳନ,
ସମ୍ପର୍କର ଡ଼ୋରୀ ରେ ବାନ୍ଧି ହୋଇଗଲେ
ଜିତିବା ସବୁରି ମନ ।।

କଣ୍ଟିପୁର, ଯାଜପୁର

# ମୋହିନୀ କନ୍ୟା ମାଧବୀ



ଦେବବ୍ରତ ଦାଶ (ବାପି)

ଉପରକୁ ଦେଖିବାକୁ ଗଲେ ସରଳ ନିରୀହ ନିଷ୍କପଟ ଭଳି ଲାଗୁଥିଲା ପଡିଶା ଘରର ବଡବୋହୂ ମାଧବୀ କିନ୍ତୁ ପ୍ରକୃତରେ ସେ ସେଭଳି ସ୍ୱଭାବର ନଥିଲା ସେଥିଲା ଜଣେ ମୋହିନୀ କନ୍ୟା ।

କେଉଁ ଆବହମାନକାଳରୁ ଆମ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ଏଭଳି ଚରିତ୍ର, ଯିଏକି ନିଜର ସ୍ୱତନ୍ତ୍ର କଳାକୁ ପ୍ରୟୋଗ କରି ସମସ୍ତଙ୍କର ପ୍ରିୟଭାଜନ ହେବାରେ ସଫଳ ହୁଅନ୍ତି ଆମମାନଙ୍କ ଗହଣରେ ଆମରି ଭଳି ମଣିଷ। କିନ୍ତୁ ତାର ସୁକପୋଳକଳ୍ପିତ ଭାବଭଙ୍ଗୀ ଦେଖାଇ ନିଜର କଳାକୁ ଲୁକ୍କାୟିତ କରି ରଖିଥାଏ, ସେ ଆମମାନଙ୍କ ପରି ମଣିଷ ସତ କିନ୍ତୁ ଯେଉଁ କାମଟିକୁ ଆମକୁ କରିବାକୁ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇଥାଏ । ସେହି କାମ ତା ପାଇଁ ବାମହାତର ଖେଳ ସଦୃଶ ଲୋକମାନଙ୍କ ଆଗରେ ଏମିତି ଶୈଳୀରେ ପ୍ରସଙ୍ଗଟିକୁ ଉପସ୍ଥାପନ କରିବ ଯେ ଯାହାକି ସେଠାରୁ ଖସିଯିବାର କୌଣସି ଉପାୟ ହିଁ ନଥିବ । ସିଏ ପ୍ରତି ମୁହୂର୍ତ୍ତରେ ତାର କଥା ଲୋକ ଦେଖି ପରିବର୍ତ୍ତନ କରି ନିଜର କାମକୁ ହାସିଲ୍ କରିବାରେ ମାହିର୍ ସେଥିପାଇଁ ତ ଏ ସମାଜ ତାକୁ ମୋହିନୀ (ବହୁରୂପୀ )ର ଆଖ୍ୟା ଦେଇଛି। କେବଳ କଥା ଦ୍ୱାରା ଅନ୍ୟକୁ ମୋହି ନେଉଥିବାରୁ ଏପରି ନାମକରଣ ହୋଇଛି ଆଉ ଦେଖିବାକୁ ଗଲେ ମାଧବୀ ନିହାତି ସ୍ୱାର୍ଥବାଦୀ ଚରିତ୍ରର ନିଜର ସ୍ୱାର୍ଥ ସିଦ୍ଧି କରିବା ନିମିତ୍ତ ସେ ସର୍ବଦା ତତ୍ପର ହେବାଟା ତାର ଗୋଟିଏ ରୂପ ହେଲାବେଳେ ଅନ୍ୟ ରୂପଟି ସେ ନିଜ ଆତ୍ମୀୟଙ୍କ ଅପେକ୍ଷା ଅନ୍ୟ ଲୋକଙ୍କଠାରୁ କାମ ନେବାରେ ଚରମ ତୃପ୍ତି ଲାଭ କରେ । ତେଣୁ ସିଏ ଯୁବକ ହୁଅନ୍ତୁ ଅବା ବୃଦ୍ଧ ସେଥିରେ ତାକୁ କିଛି ଫରକ ପଡିନଥାଏ ନିଜ ଲୋକଙ୍କ ମୁହଁରେ ସର୍ବଦା ଖୁସି ଦେଖିବାକୁ ପସନ୍ଦ କରେ ମାଧବୀ ।ଅନ୍ୟ

ଲୋକପାଇଁ ଅନ୍ତରରୁ କେବେବି ହିତ ସାଧେନାହିଁ ।ସବୁବେଳେ ଅନ୍ୟର ଅନିଷ୍ଟ ଚନ୍ତା କରିବାରେ ବ୍ରତୀ ହୋଇଥାଏ ।

ଅନ୍ୟ ଆଗେ ଏମିତି ଭାବରେ କହିବ ସତେ ଲାଗିବ କ ତା ନିଜଠାରୁ ସିଏ ଆହୁରି ନିଜର । ସତେ ଯେମିତି ତାଲାଗି ଏକା ତାରି ହୃଦୟ କାନ୍ଦୁଛି ।ଏହା ତା ଉପର ଦେଖାଣିଆ କଥା ଭିତରେ କନ୍ତୁ ଚେର କାଟିବାରେ ଟିକିଏ ବି ଅବହେଳା କରେନାହିଁ ।

ଏମାନେ ଜୀବନରେ କାହାର ହୋଇ ପାରନ୍ତି ନାହିଁ ନା ଆତ୍ମୀୟଙ୍କର ନା ବାହାର ଲୋକଙ୍କର । ନିଜର ଏହି କଳା ଯୋଗୁଁ ସେମାନେ ବାହାର ଲୋକଙ୍କର ହୋଇ ପାରନ୍ତି ନାହିଁ। ଆଉ ଯାହାଙ୍କ ପାଇଁ ସେମାନେ ଏ ନୀତି ଆପଣେଇ ଥାଆନ୍ତି ଶେଷରେ ସେମାନଙ୍କ ପାଖରେ ସେହି ପ୍ରକୃତି ପାଇଁ ଘୃଣାର ପାତ୍ର ହୋଇ ହତଭାଗା ଜୀବନ ନିର୍ବାପିତ କରନ୍ତି...ମାଧବୀର ମଧ୍ୟ ଶେଷରେ ତାହା ହିଁ ଘଟିଛି...

ମୁଣ୍ଡହତା, ଉତ୍ତରକୂଳ, ପ୍ରୀତିପୁର, ଯାଜପୁର.

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସହିଦ୍



ଦେବାର୍ଚ୍ଚନ ମେହେର

ଗ୍ଲୁ ଅଛି ମୁଁ ଗ୍ଲୁ ଥିବି ମୋ ଦେଶ ସେବାରେ,
ଆସୁ ଯେତେ ଝଡ଼, ତୋଫାନ ମୋ ଆଗରେ ।
ଡରିବି ନାହିଁ କ ହାରିବି ନାହିଁ  ଜୀବ ଥିବା ଯାଏଁ,
ଶତ୍ରୁ ସଂହାର କରୁଥିବି ଶେଷ ରକ୍ତ ବିନ୍ଦୁ ଥିବା ଯାଏଁ ।
ସିଖ୍, ଖ୍ରୀଷ୍ଟିଆନ୍, ହିନ୍ଦୁ, ମୁସଲମାନ ସମସ୍ତେ ମୋର ନଜର,
ଏଠି କେହି ନୁହେଁ ମୋର ପର ।
ଏଇ ଦେଶ ପାଇଁ ଦେଇ ଗଲେ କେତେ ବୀର ଜୀବନ,
ତାଙ୍କ କର୍ମ ଆଜି ସ୍ମୃତି ହୋଇ ରହିଛି ମହାନ୍ ।
ନିଜ ଜୀବନକୁ ବାଜି ଲଗେଇ ଦେଶ ରକ୍ଷା କଲେ,
ଶତ୍ରୁର ଗୋଲି ଖାଇ ଶେଷରେ ନିଜେ ସହିଦ୍ ହେଲେ ।
ବର୍ଡରେ ସହିଦ୍ ହେବାର କଥା ଶୁଣି ମାଆ ବାପା ର ବୁକୁ ଫଟା କ୍ରନ୍ଦନ,
ସ୍ତ୍ରୀର ଧର୍ଯ୍ୟ ହର୍ ଚକ୍ାର, ପୁଅ ଝିଅଙ୍କ ଅସହ୍ୟ ମନ ।
ସହିଦ୍ ହେବା ପାଇଁ ଡ଼ର ନାହିଁ ମୋର ଭ୍ଇ,
ପ୍ରାଣ ଦେଇ ଟେକ ରଖିବି ଏଇ ମୋ ଜନ୍ମ ଭୂଇଁ ।
ଜନ୍ମ ଭୂମି ମୋ ଭ୍ରତ,
ଏଇ ମୋ ଜନ୍ମଭୂମି ଭ୍ରତ ।

ବାପୁଜୀନଗର, ବୌଦ୍ଧ

# ହସିବ ଆମରି ଧରା



ଧୀରେନ୍ଦ୍ର ମଲ୍ଲିକ

ସକାଳୁ ନଇତି ସଅଳ ଉଠିବି
ଅଳସୁଆ ହେବି ନାହିଁ,
କରିବି ବ୍ୟାୟାମ ଯୋଗ ପ୍ରାଣାୟାମ
ନିରୋଗ ରହିବା ପାଇଁ,,
ତନ ଶୁଦ୍ଧ ରଖି ବିଦ୍ୟାଳୟ ଯିବି
ହରିଙ୍କୁ ସ୍ମରଣ କରି,
ମନ ଲଗେଇକ ପାଠ ମୁଁ ପଢିବି
ସୁନା ପିଲାଟିଏ ପରି,,
ମଧୁର ବଚନ କହିବି ସର୍ବଦା
ସଭିଙ୍କର ପ୍ରିୟ ହେବି,
ଶାନ୍ତ ଧିର ନମ୍ର ସ୍ୱଭାବେ ବଢିବି
ପ୍ରଭୁଙ୍କ ଆଶିଷ ଲଭି,,
ବଡଙ୍କୁ କରିବି ଭକ୍ତି ସନମାନ
ସାନଙ୍କୁ ଆଦର ସ୍ନେହ,
ପଡିବିନି କେବେ ଫାନ୍ଦରେ କାହାର
ଗ୍ରାସିବନି ଲୋଭ ମୋହ,,
ସମାଜ ସେବାରେ ରଖିଥିବି ମନ
ଗୁହିଁବିନି କା'ର ମନ୍ଦ,
ସଭିଙ୍କୁ ଭାବିବି ଆପଣାର ଲୋକ
ନ କରି କପଟ ଛନ୍ଦ,,

ପରିବେଶ ଆମ ସୁରକ୍ଷା ପାଇଁକି
ଲଗେଇବି ନାନା ଗଛ,
ସବୁଜ ବନାନୀ ସ୍ୱଚ୍ଛତାକୁ ଦେଖି
ହସିବ ଆମରି ଧରା,,
ପ୍ରଦୂଷଣ ମୁକ୍ତ କରିବି ଭାରତ
ଏହା ମୋର ଅଭିଳାଷ,
ସଚେତନତାର ବାର୍ତ୍ତା ଦେଉଥିବି
କରି ଜନ ସମାବେଶ,,
ସଭିଙ୍କ ହୃଦୟେ ଭାଇଚାରା ସୃଷ୍ଟି
ଜାଗ୍ରତ କରିବା ପାଇଁ,
ସହଯୋଗ କର ପ୍ରିୟ ମିତ୍ରଗଣ
ସାହାହେବେ ପ୍ରଭୁ ସାଇଁ,,

ଯୁବ ସାମ୍ବାଦିକ
ନଳକଣ୍ଠପୁର ମଙ୍ଗଳପୁର ଯାଜପୁର

# ମୋ ମା ମୋ ଗାଁ



ଦିବ୍ୟରଞ୍ଜନ ପ୍ରଧାନ

ନୀଳ ଆକାଶ ତଳେ ଘୂରି ବୁଲିଲାବେଳେ
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ସବୁଜ ବନଲତା, ପାହାଡ ଶିଖର ଦେଖି
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ଗାଁ ପୋଖରୀ ତଟ, ଆମ୍ବ ତୋଟା ମୂଳ ଦେଖି
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ଗାଁ ମକର ମେଳା, ଅଷ୍ଟପ୍ରହରୀ, ପୂଜାବ୍ରତ କଥା ଭାବି
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ଗାଁ ଦାଣ୍ଡ ଧୁଳ, ମୋ ଦେହେ କେତେ ହୋଇଛି ବୋଳ
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ଗାଁ ଦେବାଦେବୀ ଗଣ, ତାଙ୍କରି ଆଶିର୍ବାଦ ରହିଛି ସବୁରି
ମନ ମୋର ନାଚ ନାଚ ଉଠେରେ ଆଜି ।
ଏଇ ମୋ ମା ଏଇ ମୋ ଗାଁ କଥା ଭାବି
ମନ ମୋର ନାଚ ନାଚ ଉଠେରେ ଆଜି ।

ପଳାଶପଙ୍ଗା, କେନ୍ଦୁଝର

# ଅସ୍ଥିର ସମୟ ଓ ପରିଶ୍ରମ



ଚନ୍ଦ୍ରହାସ୍ୟ ସତନାମି

ବିଶ୍ରାମ ନାହିଁ ତୋର ଆଦ୍ୟରୁ ପ୍ରାନ୍ତର
ଲକ୍ଷଣ ଗତି ଯାହାର
ନାମ ତହାର ସମୟ ବସୁରେ ସର୍ବକ୍ଷୟ
ସତର୍କ ମାନବ ବିଶ୍ୱର
କର୍ମ ଯାଆ କରି କରନାହିଁ ଡେରି
ନାହିଁ ବେଳ ଆଉ ତୋର
ଫଳ ପ୍ରତି ଆଶା ନରଖି ପିପାସା
ଯାଅ ସତ୍ୟ କର୍ମ କରି ଭ୍ରର
ସମସ୍ତେ କହନ୍ତି ସମସ୍ତେ ଜାଣନ୍ତି
କର୍ମକ୍ଷେତ୍ର ଏହା ଜାଣ
ବିଧି ନର୍ଦ୍ଦେଶକୁ କରିଣ ପାଳନ
ଜୀବନ କର ମହାନ
କର୍ମପାଇଁ ଆଜି କବିତା ଲିଖଇ
ଭ୍ବିଚନ୍ତି ଏହି ମନେ
ପରିଶ୍ରମ ଅର୍ଥ କଣ ଆଜି ଏଠି ଜାଣ
ଲିଖିତ କବିତା ମାଧମେ ଅ-ପର ଅବା ସ୍ୱର କାର୍ଯ୍ୟ
ଯେ କରଇ

ପରିଚତ ହୁଏ ନାମେ ପରିଶ୍ରମୀ, ଶ୍ୱେଦ ଝର୍ଇ
ରି-ରିପୁମାନଙ୍କୁ ଯେଉଁ ବ୍ୟକ୍ତି କରେ ନୟନ୍ତ୍ରଣ
ଅଳ୍ପ ଧନ ଥିଲେ ମଧ ଅଟେ ମହାଜନ
ଶ୍ର-ଶ୍ରଦ୍ଧେ ଯେଉଁବ୍ୟକ୍ତି କାର୍ଯ୍ୟକରି ହୁଏ ଯେ ସନ୍ତୋଷ
ଅସମ୍ଭବ କାର୍ଯ୍ୟ ହୁଏ ସମ୍ଭବ ପୁଣି ପୂର୍ଣ୍ଣହୁଏ ଅଭିଳାଷ
ମ-ମହାନ ବ୍ୟକ୍ତିର ମହାନ କର୍ମ ସେ,
ଜ୍ଞାନୀ ଜାଣେ ଦାନ କଥା
ସମୟ କହୁଛି ସମୟ ଯାଉଛି ଶୀଘ୍ରହୁଏ ସତର୍କତା
ମନ ଯା ଯେପରି ପାଇଁ ତା ସେପରି
ପୋତି ଅଛି ଫଳ ବିଶ୍ୱ
ଉଚ୍ଚମନା ଉଚ୍ଚ ଲ୍ଭ କରେ ଗତି
ପିଏ ନଚ୍ଚମନା ସଦା ବିଷ

ଟେମରୁ, କଳାହାଣ୍ଡି

# ଯୋଗ୍ୟ ଓ ଅଯୋଗ୍ୟ ଭିତରେ ଯୋଜନା ବାଟବଣା



ଡ଼ି ଶୁଭମ୍

ଗୃଷ କାମ ଯାହାର, କ ଆନନ୍ଦ ତାହାର-ପୁର୍‌ତନ ଯୁଗର ଏହି ଉକ୍ତିଟି ଦିନେ ସଭିଙ୍କୁ ଆତ୍ମୀୟତାର ଡ଼ୋରିରେ ବାନ୍ଧି ରଖିଥିଲ୍ । ଗ୍ରାମ ଜୀବନର ପ୍ରଧାନ ଏନ୍ତୁଡ଼ିଶାଳ ଏଇ ଗୃଷ ଜମି । ଯିଏ ଖାଲି ପେଟକୁ ଦାନା ନ ମୁଠାଏ ଯୋଗାଏନ ବରଂ ମନ ବୃନ୍ଦାବନକୁ ଏକ ନଆର୍ ସନ୍ତୋଷରେ ପରିତୃପ୍ତ କରେ । ଓଡ଼ିଶା ଏକ କୃଷିପ୍ରଧାନ ର୍‌ଜ୍ୟଭ୍‌ବେ ବେଶ୍ ଜଣାଶୁଣା । କୃଷି ଜାବନର ମାନଦଣ୍ଡ, ଅର୍ଥନାତିର ମାପକାଠି । କୃଷି ଯିଏ ଗୃଷୀର ମାନସପୁନ୍ର ଆଉ ସାଧାରଣ ମଣିଷର ଜାଇଁବାର ଗୃବିକାଠି । ଆଉ ଏଇ ଗୃଷ ଜମିରେ ଯିଏ ସୁନାର ଫସଲକୁ ସର୍ବସମ୍ମୁଖରେ ଉପସ୍ଥାପନ କରେ– ସେ ହିଁ ଗୃଷୀ । ଗୃଷ ଓ ଗୃଷୀ ଏକ ସ୍ୱତନ୍ତ୍ର ଅନୁଭବ ।

କୃଷି ଓ କୃଷକର ବିକାଶକୁ ଦୃଷ୍ଟିରେ ରଖି ସବୁବେଳେ ସରକାର ବିହିତ ପଦକ୍ଷେପ ନେଉଛନ୍ତି, ଏକଥା କାହାକୁ ଅଛପା ନାହିଁ । ର୍‌ଜ୍ୟ ବଜେଟର ସବୁବେଳେ ଫୋକସ୍‌ରେ କୃଷି ଥାଏ । ସରକାର କୃଷି ଓ କୃଷକର ସଶକ୍ତିକରଣ ଦିଗରେ ବେଶ ଯତ୍ନଶୀଳ । ସବୁ ସମୟରେ କୃଷିକୁ ଏକ ନୂତନ ମାର୍ଗଦର୍ଶନ ଦେବା ଦିଗରେ ଚେଷ୍ଟିତ ଥା'ନ୍ତି । ସେଥିପାଇଁ ସରକାର ଗୃଷୀଙ୍କ ପାଇଁ ଅନେକ ଯୋଜନାର ପରିକଳ୍ପନା କରିଥା'ନ୍ତି । କପରି ଗୃଷୀ ଏହାର ପ୍ରକୃତ ଲ୍‌ଭ ପାଇପାରିବ, ସେ ଦିଗରେ ବି ଚନ୍ତା କରନ୍ତି । କନ୍ତୁ ସମୟେ ସମୟେ ଏ ଯୋଜନା କେତେବେଳେ ବାଟବଣା ହୋଇଯାଏ, ସେକଥା କାହାକୁ ଜଣା ନଥାଏ । ୨୦୧୮ ମସିହାରେ କୃଷି କ୍ଷେନ୍ତ୍ରରେ ସରକାର ଆଣିଥିଲେ ଏକ ଯୁଗାନ୍ତକାରୀ ଯୋଜନା – କାଳଆ ।

ତଥ୍ୟାନୁସାରେ କାଳିଆ ଯୋଜନା ଯେ କେବଳ କୃଷି ତଥା କୃଷକର ସହାୟତା ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ଏହା କୃଷକର ନିଜସ୍ୱ ଆୟ ସହ ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ସହାୟକ । ସଚିବାଳୟ ଠାରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ ହେଉଛି ଏହି ଯୋଜନାର ପ୍ରଥମ ସୋପାନ । ଆସନ୍ତା ୩ ବର୍ଷ ଯାଏଁ ସମସ୍ତ ବ୍ୟବସ୍ଥାର ଆକଳନ କରାଯାଇଛି । ଜିଲ୍ଲା ଓ ବ୍ଲକ୍ ସ୍ତରରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି । ୨୦୧୮-୧୯ ରୁ ୨୦୨୧-୨୨ ପର୍ଯ୍ୟନ୍ତ ଏହି ଯୋଜନା ଲାଗୁ ହେବ । ଏହି ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ଏହି ଯୋଜନା ଦ୍ୱାରା ଭାଗ ଚାଷୀ (ଯେଉଁ ମାନଙ୍କର ବହୁତ କମ୍ ଜମି ଥିବ) ସେମାନେ ଉପକୃତ ହୋଇପାରିବେ ।

ତେବେ କେତେକ ଚାଷୀ ଏହି ଯୋଜନାର ଉପକୃତ ହୋଇଥିଲେ ହେଁ ଏଥିରେ ବିଭିନ୍ନ ଅଯୋଗ୍ୟ ହିତାଧିକାରୀ ଏହାର ଫାଇଦା ଉଠାଇଥିଲେ । ଯେଉଁମାନେ ଚାଷୀ କିମ୍ବା ଭାଗଚାଷୀ ନୁହଁନ୍ତି, ସେମାନେ ବି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ଲାଭ ନେଇଥିଲେ । ସେତେବେଳେ ପ୍ରକୃତ ଚାଷୀମାନେ ଏଥିରୁ ବାଦ ପଡ଼ିଯାଇଥିଲେ । ତଥାପି ଚାଷୀ କେବେ ଟଙ୍କା ପଇସାରେ ମୋହ ରଖେନି । ତା ପାଇଁ ବାବୁ ହାକିମ ସବୁ ସେଇ ଚାଷ। ସେ ଖଟିଲେ ଖାଇବ । ସେ ଚାଷ ଜମି ତା' ପାଇଁ ଜୀବନର ସବୁଠାରୁ ବଡ଼ ରାଇଜ। ତେବେ କେଇଟା ଟଙ୍କା ମୋହରେ ଅନ୍ଧ ହୋଇ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଏ ଯୋଜନାର ଲାଭାର୍ଥି ହୋଇଯାଇଛନ୍ତି । ତେବେ ଏ ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାରଙ୍କ ତରଫରୁ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରି ସେମାନଙ୍କ ଠାରୁ କାଳିଆ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ କିପରି ଏ ଯୋଜନାର ଫାଇଦା ଉଠାଇପାରିଲେ? ତେବେ ସରକାରଙ୍କର ପ୍ରତିଟି ଯୋଜନା ଚାଷୀଙ୍କ ପାଇଁ ସମର୍ପିତ ଥାଏ । ଚାଷୀ କ୍ଷେତରେ ନିରନ୍ତର ଭାବେ ନିଜ କର୍ମ ସମ୍ପାଦନ କରୁଥାଏ । ଆଜି ଯଦି ଆମେ ଖାଦ୍ୟ ଖାଇବାର ସ୍ୱପ୍ନ ଦେଖୁଛେ, ତେବେ ଏହା କେବଳ ଚାଷୀର ଶ୍ରମର ସାର୍ଥକତା ପାଇଁ । କିନ୍ତୁ ଯଦି ପ୍ରକୃତ ଚାଷୀ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନପାରିଲା, ତେବେ ଏହା ଠାରୁ ବଡ଼ ଦୁଃଖର ବିଷୟ ଆଉ କିଛି ହୋଇନପାରେ । ସଭ୍ୟତାର ମାପକାଠି ବୋଲାଉଥିବା ଚାଷୀ

ଯଦି ଅବହେଳିତ ହୁଏ, ତାହେଲେ ଦେଶର ଅର୍ଥନୀତିର ବିକାଶକୁ ଆଶା କରିବା ଏକ ଧୃଷ୍ଟତା ହେବ ।

ତେବେ ବର୍ତ୍ତମାନ ସରକାରଙ୍କ ତରଫରୁ ପୁଣି ବଳରାମ ଯୋଜନା ଚାଷୀଙ୍କ ପାଇଁ ଘୋଷଣା କରାଯାଇଛି । ପୁଣି ଥରେ କପରି ଏଥିରେ ପ୍ରକୃତ ଚାଷୀ ଲାଭ ପାଆନ୍ତୁ ଆଉ ଏ ଯୋଜନାର ଲାଭାର୍ଥି ହେବାର ସୌଭାଗ୍ୟ କେବଳ ଚାଷୀକୁ ମିଳୁ, ଏହାକୁ ଦୃଷ୍ଟି ଦେବା ଉଚିତ୍ । ଏ କ୍ଷେତ୍ରରେ ଉପଯୁକ୍ତ ଓ ସଠିକ ଟ୍ରାନ୍ସପରେନ୍ସି ଆବଶ୍ୟକ । ଯୋଜନାରେ ସ୍ୱଚ୍ଛତା ପରିପ୍ରକାଶ ହେଲେ ଏହା ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରିବ ।

ସମ୍ପାଦକ – ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କଏ କହିଲ୍ ମୁଁ ବୁଢ଼ା ହୋଇଛି?



ବିରେନ୍ଦ୍ର ରାଜହଂସ

ବୟସ ଟା ସିନା ପାକଲ୍ ମୋହର
ମନଟା ତ ମୋର ଚେଙ୍ଗା,
ଶରୀରଟା ମୋର ପ୍ରେମପଦ୍ମ ବନ
ମନ ମୋ' ଗାଡ଼ିଆ ଗଙ୍ଗା,
ଆଜି ବୟସ ମୋର ଗଡ଼ିତ ଯାଉଛି
କଏ କହିଲ୍ ମୁ ବୁଢ଼ା ହୋଇଛି?..(୧)

ଦୁଇ ମହଲ୍ ମୋ' ଭଡା ଘର ଶିଡି
ହାଲିଆ ହୋଇନ କେବେ,
ଘରଣୀ ମୋହର ଛାନଆ ହୁଅଇ
ଡ୍ରେସ ସଫା କରେ ଯେବେ,
ଆଜି ପିଜୁଳ ଗଛରେ ମୁ ଯେବେ ଚଢୁଛି
କଏ କହିଲ୍ ମୁଁ ବୁଢ଼ା ହୋଇଛି?..(୨)

ନଇତି ସକାଳେ ଯୋଗ ପ୍ରାଣାୟାମ
ଆଲ୍ରାମ ବାଜେ ମୋର,
ଶୀତ କାକର କୁ ଡରି ନାହିଁ କେବେ
କେବେ ଛୁଇଁ ନାହିଁ ଜ୍ୱର
ଆଜି ସାଙ୍ଗମେଳେ ଗୁଳ ଖଟି କରୁଛି
କଏ କହିଲ୍ ମୁଁ ବୁଢ଼ା ହୋଇଛି?..(୩)

ବିନା ଚଷମା ରେ ଖବର କାଗଜ
ପଢି ମୁଁ ପାରଇ ସତେ,
ରାଗିଗଲେ ମୁ ଘରଣୀ ଉପରେ
ଘରଣୀ ଡରଇ ମୋତେ
ଚୁଟି ଧଳା ନାହିଁ ମୁଣ୍ଡେ କଳା ଯେ ଅଛି
କଏ କହିଲା ମୁଁ ବୁଢ଼ା ହୋଇଛି?..(୪)

ପଡିଶା ଘରର ପୋଷା କୁକୁର ଟା
ଛାଡୁ ନାହିଁ ମୋତେ ଏବେ,
ନାତି ଟୋକା ସାଙ୍ଗେ କ୍ରିକେଟ ଖେଳେ ମୁଁ
ହାଲିଆ ହୁଏନ କେବେ
ହ୍ଵାଟ୍ସଆପ ଗ୍ରୁପିଙ୍ଗ ରେ ଦିନ ମୋ ବିତୁଛି
କଏ କହିଲା ମୁଁ ବୁଢ଼ା ହୋଇଛି?..(୫)

ଫେସବୁକ ସାଥେ ଘଣ୍ଟା ଘଣ୍ଟା ଧରି
ଲାଇକ କରେ ମୁଁ କେତେ,
କମେଣ୍ଟ ଦେଇ ମୁଁ ହାଲିଆ ହୁଏନ
ଫଟୋ ରେ ଯାହାକୁ ଯେତେ,
ଆଜି ସବୁ କ୍ଲାସ ମୁଁ ଯେ ଦେଇ ପାରୁଛି
କଏ କହିଲା ମୁଁ ବୁଢ଼ା ହୋଇଛି?..(୬)

ଦେହ ବୁଢ଼ା ହେଲେ କଏ ପଗ୍ଭରୁଛି
ମନଟା ତ ଯୁବକ ଅଛି,
ଯିଏ ଯାହା କହୁ ମନରେ ମୋ'ଭ୍ଵବ
ରସିକ ପଣିଆ ଅଛି
ଆଜି ଷାଠିଏ ବରଷ ମୋତେ ଛୁଇଁଛି,
କଏ କହିଲା ମୁଁ ବୁଢ଼ା ହୋଇଛି?..(୭)

ବୌଦ୍ଧ

# ଦୁର୍ଗା ପୂଜା



ଜିତେନ୍ଦ୍ରୀୟ ସାହୁ

ମହିଷାମର୍ଦ୍ଦିନୀ ଦୁର୍ଗତିନାଶିନୀ
ଜୟଜୟ ଦୁର୍ଗା ମାତା
ସର୍ବଦେବନର ପୂଜନ୍ତି ତୁମକୁ
ତୁମେ ହିଁ ଜଗତଜିତା।।
ବ୍ରହ୍ମ ଅନଳରୁ ସର୍ବଦେବ ତେଜୁ
ଜନମୀଥିଲ ମାଁ ତୁମେ
ଜଗତଜାଣୁଛି ଆଜି ମାଁ ତୁମକୁ
ମହିଷାମର୍ଦ୍ଦିନୀ ନାମେ।।
ଆଦିଶକ୍ତି ତୁମେ ଦୁଃଖବିନାଶିନୀ
ମୁକ୍ତକେଶୀ ଦଶଭୁଜା
ତୁମେ ମାଁ ପାର୍ବତୀ ମହାକାଳୀଦୁର୍ଗା
ସବୁ ରୂପେ ପାଅ ପୂଜା।।
ଶରଦ ଋତୁରେ ଶାରଦୀୟ ପୂଜା
ଦେବାକୁ ଗ୍ଭହେଁ ଜଗତ
ତୁମ ଆଗମନେ ହସିଉଠେ ଧର୍‌ଗ୍ଭ
ସବୁଜ ଦିଶଇ କ୍ଷେତ।।
ଶହେଆଠ ପଦ୍ମ ଚଢାଇ ତୁମକୁ
କରୁଛି ମାଁ ପୂଜାର୍ଚ୍ଚନ
ପୂଜାମଣ୍ଡପରେ ଦେଖିଣ ତୁମକୁ
ନାଚଉଠେ ଆଜି ମନ।।

ପୂଜିଲେ ତୁମକୁ ପ୍ରଭୁ ଗ୍ଭମଚନ୍ଦ୍ର
ଦେଲ ମାଁ ଅଭୟ ବର
ତୁମରି ଆଶିଷେ ଗ୍ଭମଙ୍କର ଜୟ
ଗ୍ଭବଣ ହେଲ୍ ସଂହାର।।
ତୁମ ହାତେ ମଲ୍ ମହିଷାଅଶୁର
ପୁଣି ଧୁମ୍ରଲୋଚନ
ଶଙ୍ଖଚକ୍ରଗଦା ପଦ୍ମଧାରୀ ତୁମେ
ସିଂହ ଯେ ତୁମ ବାହନ।।
ଜଗତଜନନୀ କଲ୍ୟାଣମୟୀ ମାଁ
ଆସଥରେ ଅବତରି
ବିନାଶ କରମାଁ ଦୁଃଖୀର ଦୁଃଖକୁ
ଶତ୍ରୁଯାଉ ଅପସରି।।
ବରଷକଥରେ ଆସିଛି ଦଶଗ୍ଭ
ସୁଖର ପସଗ୍ଭ ନେଇ
ମାଁର ମମତା ଖୋଜେ ସବୁପ୍ରାଣ
ହୃଦୟ ଦୁଆର ଖୋଲି।।
ବ୍ରହ୍ମବୈବର୍ତ୍ତ ଓ ଗରୁଡ ପୁଗ୍ଭଣେ
ବର୍ଣ୍ଣିତ ତୁମରି କଥା
ମୁଣ୍ଡିଆ ମାରୁଛି ମାତା ଜଗଦମ୍ବା
ତୁମ ପାଦେରଖି ମଥା।।

ତୁହାନ୍ ପାଲି , ଘେଁସ୍ ,ବର୍‌ଗଡ୍

# ତୁମେ କହିଦିଅ



ମହେଶ୍ୱର ପ୍ରଧାନ

ଆଜି ତୁମ ପ୍ରତୀକ୍ଷାରେ ଆଙ୍କିଛି ମୁଁ
ପ୍ରେମ ପ୍ରଣୟର ଚନ୍ଦର ସମ୍ଭାର ।
ତୁମ ଦେଖା ପାଇ ତରିଯିବ,
କ ତୁମ ଦେଖା ପାଇଁ ତରସିବ ।
ଜାଣି ହୁଏ ନା.....

ଆଜି ମନସ୍ମୃତିପଟୁଁ ଗଢ଼ିଛି ମୁଁ
ତୁମ ସୌନ୍ଦର୍ଯ୍ୟର ବାଲୁକାଚନ୍ଦ୍ର ।
ଦେଖିଦେଲେ ତୁମେ ହସିଦେବ,
କ ବାଆବତାସରେ ଉଭେଇବ ।
କହି ହୁଏ ନା.....

ଆଜି ହୃଦୟ ଅଗଣାରେ ଫୁଟାଇଛି
ଅପୂର୍ବ ସୁଗନ୍ଧ ଭରା ପୁଷ୍ପଗୁଚ୍ଛ ।
ତୁମ ପ୍ରାଣ ବଏ ଖୁସି ହେବ,
କ ଖାଲିଟାରେ ମଉଳ ଯିବ ।
ବୁଝି ହୁଏ ନା.....

ଆଜି ତୁମ ଅପେକ୍ଷାରେ ସାଇତିଛି
ଅନେକ ଅଧୁରା ଅଲିଭା ସ୍ୱପ୍ନ ।
ତୁମ ପରଶରେ ପୂର୍ଣ୍ଣ ହେବ
କ ଏମିତି ସ୍ୱସତ୍ତା ହରାଇବ ।
ଭାବି ହୁଏ ନା.....

ଆଜି ତୁମ ବର୍ଣ୍ଣନାରେ ଲେଖିଛି ମୁଁ
କ୍ଷୁଦ୍ର ଗଳ୍ପ, କଛି କବିତାବଳୀ ।
ତୁମେ ପଢ଼ିଦେଲେ ସାର୍ଥକ ହେବ,
କ ଉଁଆସର ଶଶୀ ପାଲଟିବ ।
ଜାଣି ହୁଏ ନା.....

ଆଜି ତୁମ ପାଇଁ ସାଜିଛି ମୁଁ
ଚକୋର, ଯେହ୍ନେ ଚନ୍ଦ୍ର ପ୍ରେମେ ମତ୍ତ ।
ତୁମ ପ୍ରେମ ମତେ ପରଶିବ,
କ ଲୁହ ଦରିଆରେ ଭସେଇବ ।
ତୁମେ କହିଦିଅ ..... ॥

ଧୂଳୁଣ୍ଡା, ଝାରସୁଗୁଡା

# ଆଞ୍ଚଳିକ

# କାହାର୍ ଦୋଷ୍ କହ (କଥାନ)

ସତ୍ୟନାରାୟଣ ମିଶ୍ର

ପଧାନ୍ ଘର ପିଢ଼ା ଥି ବସିଥାନ୍ ସୁବୁ ବୁଢା ଆରୁ କଏବଲ ବୁଢା । ଦୁହେଁ ଯାକ ସୁଖର୍ ଦୁଃଖର୍ ହେଲା ବେଲେ ସୁବୁ କହେଲା "ହଏ ଗା ଭାଇ କଏବଲ !

ତୋର୍ ଭାଗ୍ୟ ରେ ଭାଇ । ଇ 'ବଏସେ ପୁଅ ବହର୍ ସେବା ଯତନ୍ ପାଉଛୁ ହେଲେ ।ମୁଠେ ବାଢି ଦେଲେ ଖାଇ ପାରୁଛୁ । ବହ, ଗୋଡ଼ ହାତ୍ ରଗଡି ଦଉଛେ ।

ପୁଓ ତ ଗାଁ ଥି ଅଛେ, ଧନ୍ଦା ବାଡ଼ି କରି ଘର୍ କେ ଚଲଉଛେ ନ, ତୋର କେଁ ଚନ୍ତାରେ । ମୁଁଇ ଆରୁ ତୋର ବହୁ ସିନା ଇ ' ଅପାରବା ବଏସେ କେତେ କଲବଲ ହେଁଲୁ । ବୁଢ଼ୀ ତରସରେ ଥିର୍ ଟିକେ ଉଲହାଲେ ଯେନ୍ତା ସେନ୍ତ କରି ଦୁହେଁ ଖାଉଛୁଁ । ଆଜି ଗୋଡ଼ ଦୁଖା ତ କାଏଲ୍ ଆଁଟା ଦୁଖା । ଓସ ପତର ଟେ ଝଟ୍ କରି ଘିନ ଆଣି ଯିବାକେ ବଲ ନ ବଫୁ ନ। କାହାକେ ସବୁଦିନେ ଆଶ୍ରା କରବୁ ଭାଇ ।ନଜର ପୋ ତ ଇ' ବେଲେ ବିଦେଶେ ଘର୍ କରି ରହେଲା ।

ଖୁବ ବଡ୍ ସାହେବ୍ ହେଲା । ଆମକୁ କେନେ ଦେଖ ଗୁହଁ କରୁଛେ , ଇଟା ଆମର କପାଲ ରେ ଭାଇ! ପୋ ପାଇ କରି କେଁ ଲାଭ?

କଏବଲ କହେଲା "ତୁଇ ବାବୁ ର୍ ଦୋଷ୍ କେନ୍ତା ଦେସୁ ବୋ ଦଦା ! ଇଥି ତୋର ତସୁଲଅନା ଦୋଷ୍ ।ବାବୁ ବନେ ପଢୁ ବୋଲି ସହରେ ପଢାଲୁ ।ଟଙ୍କା ଯେ ହଜାର ହଜାର ଖର୍ଚ୍ଚ କରି ତାକେ କେଁ କେଁ ଟ୍ରେନଂ ମାନେ କରାଲୁ । ବଡ଼ ଅଫିସର ହଉ, ଉଡାଯାହାଯେ ଉଡୁ ବୋଲି ଆଶା ରଖଲୁ । ଇଛେନ ସେ ବଡ଼ ଲୋକ୍ ହେଲା । ବିଦେଶେ ରହେଲା । କାମ ଥି ବିଜି ରହେଲା । ଛୁଆପିଲା କେ ବଡ଼ ଇସ୍କୁଲ ମାନ କେ ପଢୁଉଛେ , ତୋର ତ ସବୁ ଆଶା ପୁରନ୍ ହେଲା, ପୁଅ ବଡ଼ ଲୋକ ହେଲା । ଇହାଦେ ସେ ତୋର ପାସେ ରହି ପା ର୍ବା କେଁ ? ଆମର ବହୁ ବି କହନ୍ "ମୋର୍ ପୋ ବଡ଼ ଲୋକ ହଉ ବୋଲି । ଇଛେନ ସେ ଉସତ୍ ରହେବା କଥା । ସୁବୁ ବୁଢା କହେଲା"

ତୁଇ ଇଟା କଟା ଘା ନେ ଚୁନ୍ ଲଗଉଛୁ କେଁ ରେ କଏବଲ । ମୁଁ ଇ ଜାଣା ଏକଲ୍ କେଁ । ଦୁନଆ ଥି ତ ସବୁ ମା ବୁଆ ଗୁହଁସନ୍ ପୁଅ ବଡ଼ଲୋକ୍ ହେବା ।

ସୁଖେ ରହେବା , ଆମେ କେଁ ଦୋଷ୍ କଲୁ ।

କଏବଲ କହେଲ୍ "ହଏ ଦଦା, ସତ କଥା ଯେ, ହେଲେ ଆମେ ବି ପିଲାର୍ ମଜବୁରୀ ଆଡେ ଟିକେ ଭିବମା । ପସତେଇ ହେଲେ ନଜର ଚଟକନ୍ ନଜର ଗାଲେ ପଡ଼ଲ୍ ବାଗିର୍ କଥା । ଆମେଭିଇ ମାନେ ତୋର ପୁତୁର୍ ମାନେ ନ ଅଛୁଁ କେଁ । ସୁବିଧା ଅସୁବିଧା କହେବୁ ଯେ ସାହେଜ୍ କର୍ମୁ । ଚନ୍ତା ନ କର୍ ।

ସିଂଧେକେଲ୍

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ନିଝୁମ୍ ର୍ଏତ୍

ଡ. ସୁଧାଂଶୁ ମେହେର

ଅନ୍ଧାରର୍ ଖୁଲ୍ପା ଭିତ୍‌ରେ ମୁଜିହେଲ୍ନ ଜନ୍
ବାଦଲର୍ କଲିଆ ଦିହିଁନେ ଲୁକଗଲେନ ତର୍
ଗ୍ରିଆଡେ ଅନ୍ଧାର୍ କୁହୁକୁହୁ
ନିଝୁମ୍ .. ନିଶୁନ୍ .. ଆର୍ ନିର୍ମାୟା ..

ଝିଁକାରିର୍ ରିମ୍‌ଝିମ୍ ସୁର୍ ଆର୍ ବେଂଗର୍ କେଁ କଟର୍ ଡାକ୍
ର୍ଏତ୍‌କେ ଆର୍ ଅନ୍ଧାର୍ କରିଛେ
ନିଶବଦ୍ .. ନିର୍ଜନ୍ .. ଆର୍ ନିର୍‌ବୋଧ୍ ..

ପବନର୍ ସାଏଁସାଏଁ ସୁର୍ ଆର୍ ପତରର୍ ସର୍ସର୍ ତାଲ୍
ରଏତେ୍କ ଯହ କଲ୍‌କଲ୍ କରିଛେ
ନିଃସୁର୍ .. ନିଉନ୍ .. ଆର୍ ନିମଗନ୍ ..

ଜୀବନର୍ ଖରଖର୍ ପବନ୍ ଆର୍ ମରନର୍ ପାହାଁଚହ୍ନା ଖାର୍
ଇ ର୍ଏତ୍‌କେ ଆର୍ ବେରଂଗ୍ କରିଦେଇଛେ
ନିର୍ବାଣ୍ .. ନିର୍ଗମ୍ .. ଆର୍ ନିଝରନ୍ ..

ଆକାଶବାଣି ଗୀତିକାର ତଥା କବି
ଅଧ୍ୟକ୍ଷ, ଶିକ୍ଷା ନିକେତନ
ଶିକ୍ଷକ ଶିକ୍ଷା ତାଲିମ ମହା ବିଦ୍ୟାଳୟ
ସାଲେପାଲି, ବଲାଂଗିର- ୭୬୭୦୬୭

# ହେ ଯବାନ୍!



ମନୋଜ ମହାନନ୍ଦ

ହେ ଯବାନ୍! ସଥେଁ ତୁମେ କେଡେ ମହାନ୍
ଆଘ୍'କେ ଭ୍ବି ନାଇଁ ପଛ୍'କେ ଠଁକେଇ ନାଇଁ
ନାଇଁ ବାରି ଭିଲ୍ ଠାନ୍,
ମାଟି ମା'ର୍ ଲ୍ଗି ଶତ୍ରୁ ହାତେ
ହରେଇ ଦେଲ ନଜର୍ ପର୍‌ାନ୍,
ଦିହଁର୍ ରକତ୍ ଝରେଇ ଭ୍ରତ୍ ମାତାକେ
କର୍‌ାଲ ରକତର୍ ସ୍ନାନ୍,
ହେ ଯବାନ୍! ସଥେ ତୁମେ କେଡେ ମହାନ୍ ।।
ଭୁଲିଗଲ ନଜର୍ ସୁନାର୍ ସଂସାର୍'କେ
ହୀର୍‌ାର୍ ସଂସାର୍ ପାଏନ ବୋଲି,
ଖର୍‌ା ବର୍'ଷା ଶୀତ୍ କାଁକରେ ରହି
ଛାତିନେ ଖାଏଲ ଗୁଲି,
ଦେବକୀ ମାଁଥୁଁ ଜନମ୍ ହଇ ତୁମେ
ରଖ୍'ଲ ଯଶୋଦାର୍ ମାନ୍,
ହେ ଯବାନ୍! ସଥେଁ ତୁମେ କେଡେ ମହାନ୍ ।।
ଗୁଟେ ଶୁଭଦ୍ରାକେ ଭୁଲିଗଲ ତୁମେ
କୁଟେ ଶୁଭଦ୍ରା ଲ୍ଗି,
ଗୁଟେ ଜନମ୍ ଦାନ୍ତ୍ରୀକେ ମୁର୍'ଛି ଦେଲ
କୁଟେ ଜନମ୍ ଦାନ୍ତ୍ରୀ ଲ୍ଗି,
ଗୁଟେ କଥା ଖାଲି ବର୍'ହମ୍ ଗଁଠ୍ କଲ
ମାଁ ମାଟିର ସନ୍'ମାନ୍,
ହେ ଯବାନ୍! ସଥେଁ ତୁମେ କେଡେ ମହାନ୍ ।।

ଗୁଟେ ବଲରମ୍ ସୁଦାମାକେ ଛାଡି
କୁଟେ କଥା ଚନ୍'ତା କଲ,
କୁଟେ ବୁଢା ବର୍'ଗଛର୍ ଲାଗି
ଗୁଟେକେ ଦୂରିଆ କଲ,
ଏଖେଇଁ ଝନେ କଲ କୁଟେକର୍ ଚନ୍'ତା
ମୁନୁଷ୍ ନୁହେଁ ତୁମେ ଭଗବାନ୍!
ହେ ଯବାନ୍! ସଥେଁ ତୁମେ କେଡେ ମହାନ୍
ସଥେଁ ତୁମେ କେଡେ ମହାନ୍ ।।

ବାଗଯୋର,ସଇଁତଲା,ବଲାଂଗିର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ବଢାମା ଝାର୍ ଜଙ୍ଗଲ୍

ନରେଶ କୁମାର ତ୍ରିପାଠୀ

ଏନ୍ତା ଆସୁଛେ ଦିନଟେ ଯେ ଆରୁ
ନାଇଁ ଦିଶନ୍ ପଶୁ ଜଁତୁ,
ନାଇଁ ଶୁଭେ ଆରୁ କଚରିମିଚ୍ରି
ସକାଲୁ ଉଟଲ୍ ଖଟୁ ॥
ଆଘୋର୍ କବିଟେ ଲେଖି ଦେଉଥିଲା
କଚ୍ରିମିଚ୍ରି ଚଁଟିଆ,
ଆରୁ ନାଇଁ ଦିଶନ୍ ଚେରେଚର୍ଗୁନ୍
ହଜବେ ଏକସର୍ପଟିଆ ॥
ଲାଁଡି ହେଇଗଲ୍ ପୁରଥିର୍ନୀତ
ଗାଡିମଟର୍ ଜହଜହ,
ଧାଡିଧାଡିକରି କାର୍ଖାନା କଲାଁ
ମାଡିଆସେ ବିପଦ୍ ଦହଦହ ॥
କୁହୁଲ୍ ଧୁଏଲ୍ ବିଷମଏ ଗେସ୍
ସବୁଫାଲେ ସରସାର୍
ନାଜେକାନେ ଗଲି ହେବୁ ଅଥୋଥାଲି
ଜିବନ୍ ଜାଁବୁ ତରସର୍ ॥
ଜଁଗଲକେ କାଟି ଗୃତର୍ କରଲାଁ
କାହିଁଯିବେ ଜଁତୁ କହକହ,
ଖଗ୍ମସିଆ ହାତୀ ମାଡିଦେଲେ
କାନ୍ଦିକୁଠିକରି ରହରହ ॥
ବଁଚଛେ ଯେନବି ପରିବେଶ୍ ଟିକେ
ପାଉଅଛୁଁ ଅମଲଜାନ୍,
କାଟିକୁଟିକରି ସଫା କରିଦେଲେଁ
କେନା ବଁଗୁବ ଜାନ ॥

କୁଆଗଗା ଆରୁ ଶୁଭୁଛେ କାଏଁରେ
ମାମୁଁ ଆଏବାର୍ କଥା
କୁଇଲିର୍ ସୋର୍ ଡହୁକର୍ ଜୋର୍
କେନ ଶୁଭୁଅଛେ ବତା ॥
ଶୀତମସିଆ ଧାନମଡା ବେଲେଁଇ
ଘୁଡଘୁଡୁ ଥିଲେ ଫାନ୍ଦି
ର୍ତି ଶୁଭୁଥିଲା ଝିଁକାରିର୍ ଗାନା
ପଣ୍ଡକା ପଁଡକେନ୍ କାନ୍ଦି ॥
କୁଲିହା ଗଗାକେ ଶୁନୁଥିଲେ ଲୋକ୍
ଅଦର୍ତି ଥିଲେ ଭଟେ,
ମସାନପଦାକେ ଅସୁଥିଲା ପରେ
ଜୁଏମୁହାଁ ହୁଁଡାର୍ ପଟେ ॥
ଆରୁ ନାଇଁନ ହୋ ସେଯୁଗର୍ କଥା
ନାଶ୍ ଯଉଛେ ଧରତି
ସିରମେଟ୍ ଗଛ୍ ଜୀବ ଜଁତୁକର୍
ମନୁଷ୍ ଗଢୁଛେ ମୁରତି ॥
ନନ୍ଦନକାନନ୍ ଯିବୁବେଲେ ମିଲେ
ସିର୍ମେଟ ଡାଏନୋସର୍
ସିର୍ମେଟ୍ ଗଛ୍ ଲହ ଗଢିକରି
ବନାଲେନ କେତେ ଘର ॥
ପର୍ବେଶାର୍ ଜୀବଜଁନ୍ତୁ ଥିଲେ
ମୁନୁଷର୍ ହେବାମଙ୍ଗଲ୍
ସଭେ ଏକ୍ ହେଇ ଶପଥ୍ ନେଉଁଯେ
ବଢାମା ଝାର୍ ଜଙ୍ଗଲ୍ ॥

ଇଚ୍ଛାପୁର

# ନାଇଁ ଯାଏଁ ମୁଇଁ ଦାଦନ



ନବୀନ କୁମାର ପଧାନ

ନାଇଁ ଯାଏଁ ମୁଇଁ ଦାଦନ
ଇଟା ଭଟିନ କାମ କରି କରି
ନାଇଁ ଯାଉ ମୋର ଜୀବନ ll
ବୁଆ ମରିଗଲ୍ ମଦ ପିଇ ପିଇ
ମାଆ ହୋଇଛେ ରାଆଁଡି
ଇନ୍ଦର୍ ରଜା କେ ଗୁହାରି କରୁଛେଁ
ନ ହେଉ ଆମର୍ ନ ମର ଡି ll
ଆମର ଗାଁ ଆମକୁ ସୁନ୍ଦର୍
କ୍ଷେତର୍ କାଦୋ ଚନ୍ଦନ୍
ସବୁଆଡ଼େ ଆମର ପାହାଡ଼ ଝରନା
ମାଟିର ଘର ଚକନ ll
ଇନ ରହେମୁଁ ଇନ ବଢ଼୍ ମୁଁ
ଗାଁ ନ ପଢ଼୍ ମୁଁ ପାଠ
ଆମର ଜଙ୍ଗଲ ଆମର ସମ୍ପତ୍ତି
ଅଛେ କମାବାର ବାଟ ll
ବିଦେଶ ଯାଇ ମହାଜନ ହେବାର
ନାଇଁନ ଆମର ସପନ
ଗାଆଁ ମାଆଁ ଛାଡି ଦାଦନ ଯାଇ
ନ ହେଉ ଆମର ମରନ ll

ସାନଫାସଡ଼, ବଲ୍ଙ୍ଗୀର

# ନୂଆଁଖାଇ ଜୁହାର୍



ଅନାଦି ସେଠ

ପାନ ତ ପାନରେ ବର୍ଷା ପାନ
କେତେ ହେସୁ ଗୃଖି ଗୃହାନ
ଗୃଲ୍ ଘାଏ ଯିମା କ୍ଷେତ୍ କେ ବୁଲି
ତୋର୍ ପେଟ୍ ପୁରିଯିବା ନନୀ
ମାଁ ସମଲେଇର୍ କୁର୍ପା ବଲେ
ଧାନ୍ ଯାଉଛେ ଗା ଲହରୀ
ଚଷାମନ୍ ଟା ନାଚ ଉଠୁଛେ
ମୁଇଁ ନାଇଁ ପାରୁଛେଁ ଦମ୍ ଧରି
ଶର୍ବନ୍ ଗଲା ଭୁଦୋ ଆସ୍ ଲା
ନଏଦ୍ ନାଲ୍ ଗଲାନ ପୁରି
ସରିଆଁ ଧାନର୍ ମହ ମହ ବାସ୍ନା
ତାର୍ ମଡ଼ା ସାଙ୍ଗେ ଖିରି ପୁରି
ପାଏନ୍ ଛଡାମା ଇଷ୍ଟଦେବୀ ଠାନେ
ଆମର୍ ଦୁଃଖକେ ନେବେ ହରି
ପଶ୍ଚିମ୍ ଓଡ଼ିଶାକେ ଆକ୍ କେ ନେବେ
ନଜର୍ ଗେଲ୍ହା ଛୁଆ ଭାବି କରି
ଉଁଲଗି ହେଲି ମାଁ ସମଲେଇ
ତୋର୍ ପାଦେ ମାରୁଛେଁ ମୁଡ଼ିଆ

ଭଲେ ଭଲେ ନେବୁ ନୂଆଁଖାଇକେ
ଯେନ୍ତା ସମ୍ କରର୍ ହେବା ବଢ଼ିଆ
କହେ ନାଇଁ ମରୁନ୍ ଭୁକେ ସୁଷେ ହୋ
ସମ୍ କୁରର୍ ଘରେ ଥାଉ ଅଢ଼ିଆ
ମିଲିମିଶି କରି ଆମେ ନୂଆଁ ଖାଏମା
କହେମା କୋଶଲି ଭାଷାର୍ ଓଡ଼ିଆ
ଛୋଟ୍ ବଡ୍ ନୁଁ ସିଆନ୍ ସୁଜନ୍ ତକ୍
ମୁଇଁ ସମ୍ କୁ କରୁଛେଁ ଗୁହାର୍
ହରସ୍ ମନେ ଆଗ ତରିଆ ନୁଁ
ମୋର୍ ନେବେ ନୂଆଁଖାଇ ଜୁହାର୍

ଡୁଡୁକା, ବଲାଙ୍ଗୀର

# କରମ୍



ସତ୍ୟନାରାୟଣ ପଧାନ

ଯୁଗ୍ ଯୁଗ୍ ଧରି କରମ୍ ଟା ବଡ୍ ଏକା
କରମ୍ ରୁ ବଢି ଆର୍ କଏ?
ସମ୍ କୁ ସମ୍ କର୍ କରମ୍ ଫଲ୍ ମିଲ୍ ସି
ଦେଖି ତା'ର୍ ନୟେ ଅନୟେ ।

ନୁକୋ କରମ୍ କଲେ ନୁକୋ ଫଲ୍ ଗୁଟେ
ଅନୟେ କେ ସଜା ଥୁଆ,
କରମ୍ ଆଗାଡେ କେହି ନୁହେଁ ବଡ୍
ରଜା ହେଉକ ମଦୁଆ ।

ମହାପୁରୁ ବି ନୁହନ୍ କରମ୍ ଠାନୁଁ ବଡ୍
କରମ୍ କଲେଯାଇ ଚଲେ,
କରମ୍ କରିଥିଲେ ପର୍ ଭୁ ରାମ୍ କୃଷ୍ଣ
ଜନମ୍ ହେଇ ପୁର୍ ଥିର୍ କୁଲେ ।

ତେର୍ ତୟା ଯୁଗେ ରାବଣ୍ କାଏଁ ଜି'ଲା
ଅମର୍ ବର୍ କେ ପାଇ,
ଛାର୍ ଖାର୍ ହେଲା ସୁନାଁର୍ ଲଙ୍କା ତା'ର୍
ଅନୟେ କେ ସାଥ୍ ଦେଇ ।

କରମ୍ ଲାଗିବୋଲି ନଳରାଜା ଦିନେଁ
କାଟିଥିଲେ ଘୁଡା ଘାଁଷ୍ ,
ଅପନାର୍ କରମ୍ କେ ସନମାନ୍ ଦେଇ
ରାମ୍ ଗଲେ ବନ୍ ବାସ୍ ।

କରମ୍ ନାଇଁକଲେ ନାଇଁମିଲେ ଦାନାଁ
ଖାଇବାର୍ କେ ମୁଠେ କାହିଁ,
ଶୂଇନ୍ କେ ଗୁହିଁଲେ ଭଁଡାର୍ ନାଇଁପୁରେ
ଠୁକା ହେଇ ବସିଥିଲେ ।

ଜାଁଗଲ୍ କେ ପକେଇ ବାଘ୍ ଯଦି ଶୁଏ
ପୁର୍ ବା କାଏଁ ତାର୍ ପେଟ ?
ପାନିଁ କାଏଁ ଆଏସି ଶୁଷର୍ ପାସ୍ କେ
ଦେଖୁଥିଲେ ଯେତେ ବାଟ ?

କରମ୍ ଟା ଆଏ ସବୁଠାନୁଁ ବଡ୍
ତାର୍ ନୁ ବଡ୍ କେ ନାଇଁ,
କରମ୍ ଭିତ୍ ରୁ ଫେର୍ ନୁକୋ କରମ୍ ବଡ୍
ଇକଥା ଥିବୁ ହେତେଇ ।

କରମ୍ କରିଗୁଲ୍ ଥକାନ୍ କେ ଭୁଲି
ଜରୁର୍ ମିଲ୍ ବା ଫଲ୍,
ଦିନ୍ ଆଏବା ତୋତେ ଦୁନିଁଆ ଚହ୍ନିବା
କହେବେ ସଭେ ଭଲ୍ ।

ଗଣ୍ଡପାଲି, ସୋନପୁର

# ସିଘାତିହାର ନୂଆଁ ଖାଇ

ହାଗ୍ରଧନ ଭଏନା

ଧରତୀ ପିନ୍ଧିଛେ ଶାଗୁଆ ଶାଢ଼ୀ
ଦିଶୁଛେ କେତନ ସୁନ୍ଦର୍
ଦୂରଦୂର ନୁ ଯେତେଦୂର୍ ଦେଖ
ଶାଗୁଆ ଶାଗୁଆ ପତର୍ ।।

ମୁଗ୍ ବିର୍ହି ସାଙ୍ଗେ ଆଁଟ୍ ଧାନ୍ ଆର୍
ଜଲଦି ହୁଆ ଫସଲ୍
ଲପ୍ ଲପେଇକରି ଲଦି ହୋଇଛେ
ନୂଆଁ ବରଷର୍ ଫଲ୍ ।।

ଆଁଟ୍ ଧାନ୍ ଫଲି ଝକ ଯଉଛେ
ଲାଗୁଛେ ସତେ ଗହଗହ
ଇ ସମିୟାଁଥି ନୂଆଁ ଖାଇ ତିହାର୍
ଏଇକରି ବାସେ ମହମହ ।।

ଟପୋଟାପୋ ସଭେ ଘରଦ୍ୱାର୍ କେ
ଲିପାପୁଛା କଲେ ଭଙ୍ଗ୍ ଭାଙ୍ଗ୍
ତିହାର ମନାବର ଲାଗି ସଭୁଘରେ
କାମକବାର୍ କଲେ ବଙ୍ଗ୍ ବାଙ୍ଗ୍ ।।

ନୂଆଁ ଧାନରଚୁଗ୍ର ବନେଇକରି ସଭେ
କୁରେ ପଥରେ ପର୍ସି
ଦେବାଦେବୀକେ ପର୍ସାଦ୍ ଚଢ଼ାବାର୍
ପୂଜାବିଧି ଯେନ୍ତା ସର୍ସି ।।

ଠୁଲ୍ ହୋଇ ସଭେ ଘରଟା ଜାକର୍
ଖାଏସନ୍ କେତନ ଖୁସେଁ
ଭାବ୍ ସରସର୍ ନୂଆଁ ଖାଇ ତିହାର୍
ମନାହେସି ବଡା ରସେଁ ।।

ନୂଆଁଖାଇ ଜୁହାର୍ ଭେଁଟଘାଟ୍ ହୋଇ
କନ୍ଦରୀ କନ୍ଦରୀ ଲୁକେ
ଭାବ ବନ୍ଧନେ ଆବରି ଧରସନ୍
ଇ' ପରମ୍ପ ଗ୍ରକେ ।।

ଏକତାର୍ ପରତୀକ୍ ଇ ନୂଆଁ ଖାଇ
ଗ୍ରଗ୍ ରିସିମି ହର୍ସି
ସଭୁ ଲୋକକୁ ମିଲେଇ ମିଶେଇ
ଭଙ୍ଗାନସା ସଭୁ ଯୁଡସି ।।

ରିସ ଦୁଃଖ୍ ଭୁଲି ଭାବ୍ ବନ୍ଧନେ
ମିଲିଜୁଲି ବାନ୍ଧି ହୋଇ
ମାନନେସନ୍ ସଭେ ଭାବ ସରସରେ
ସିଘା ତିହାର୍ ନୂଆଁ ଖାଇ ।।

ଉରେଇଦାଦର
ଝାରବନ୍ଧ

# ଧୋକା ଦେଇଗଲୁ ଭୁଲି



ନିର୍ମଲ ବନଛୋର

ମନ୍ ମନ୍ଦିରେ ଗୁରୀ ରଖିଥିଲି ତତେ
ଦେବୀଟେ ବନେଇ କରି
ପୂଜାକରୁଥିଲି ସବୁଦିନେ ତତେ
ହୃଦେ୍ ପ୍ରେମ୍ ଭରି ।।

ନଜର୍ ଠାନୁ ବେଶି ଭରସା କରଲି
ପାଏଲି କେତନ ଭଲ୍
ଆଖିର୍ ତର୍ କରି ରଖଲି ତତେ ଲୋ
ନାଇ ଜାନ ତୋର୍ ଛଲ୍ ।।

ଜାନୁ, ଧନ କରି କହେଲୁ କେତେ
ମିଠା ମିଠା କଥା ମତେ
ତୋର୍ କଥା ରସେ ରସିଆ ବନଲି
ଜୀବନ୍ ବନାଲି ତତେ ।।

ଭ୍‌ବିଥିଲି ତତେ ବନାବାର୍ ଲ୍‌ଗି
ଜୀବନର୍ ମୋର୍ ଜୁଲି
ଦେଖିଥିଲି କେତେ ସୁନ୍ଦର୍ ସପନ୍
ତୁଇ ଅଉ ମୋର୍ ବଲି ।।

କାଜେଁ ଧନରେ ଏନ୍ତା ତୁଇ କଲୁ
ଧୋକା ଦେଇଗଲୁ ଭୁଲି
ଅଧା ବାଟେ ଧନ ଏକଲା କରି
କାଜେଁ ଗଲୁ ତୁଇ ଗ୍ଲି ।।

ଶକ୍ତି, ଝାରଖଣ୍ଡ

# ପରକୁତିର୍ 'ପରକୁତି'

ସୁନୀଲ କୁମାର ଅଗସ୍ତି

ରାଗ୍ ହିଁସା ଅଁହକାର୍
ଗରବ୍ ..........
ପାଏଲେ ସକାଲ୍ ହାଟ୍ ଭିତରେ
ଗ୍ଯରି...........,
ଉପର୍ ଛରଲିଆ ହଁସି
ଛରଲିଆ ଛରଲେନ୍ ଭ୍ଯବ୍
ଇଫାଲେ ନକଲି କାନ୍ଦି,
ପାଏଲେ ସକାଲ୍
ସଁକଲ୍ ସଁକଲି ବଟା
ଗେରଫା ଗୁରଫି
ତାର୍ ତାର୍ ଉପରେ,
ଡେବରୀ ଗଲେ କହେବ
ଭୁଜନୀ ଗଲେ କହେବ
ଦିନ୍ ହେଲେ କହେବ
ରାଏତ୍ ହେଲେ କହେବ,
ଭଲ୍ କେ କହେବ
ଅସାର୍ କେ କହେବ
ଜୀଁ ଥୀଲେ କହେବ
ଖପି ଗଲେ କହେବ,

ଗଖା ହେବାର୍ ନଶା
ମହାନ୍ ହେଲା ସପନ୍,
ସବୁ ହେଲା ନକଲି
ପାଏଲ କାହିଁ ଧରମ୍ କରମ୍,,
ପରକୁତିର୍ ଗାଗରେ
ହରମିସା ବିଟାଲ୍ ନଜର୍,
ପାଏଲେ ସକାଲ୍ ଲୁଟ୍ ପାଟ୍
ହଏରେ ମୁନୁଷ୍ .......
ଇଟା କାଏଁ ତୋର୍ କରମ୍ ?
ପାଏନ୍ ବିଟାଲ୍ ପବନ୍ ବିଟାଲ୍
ଇଫାଲେ ଉକଆ କେଚ୍ କେଗ୍ଯ
ମାଁ ବିଟାଲ୍ ବୁଆ ବିଟାଲ୍
ଇଫାଲେ ମୁନୁଷ୍ ପନ୍ ସେଁରଗ୍,
ଇ' କସମେ କୋଟିର୍ ମାଡେ
ମୁନୁଷର୍ ପରକୁତି......,
ଆମକେ ମିଲବା କାଏଁ
ଅସଲ୍ ଗୁଟେ 'ଶିକ୍ଷା'
କେନତା ବଏଲେ
ପରକୁତିର୍ ଅବଗା ଗୁଟେ 'ପରକୁତି'
ଆ'ଦେ ତ' ଧାଁଇଁ ଆଇଛେ "କରୋନା"
ଅବଗା "ମୁନୁଷ୍ ମରଡି" ,,

ଟିଟିଲାଗଡ଼,ବଲାଙ୍ଗୀର

# ନୂଆଖାଇ



ଚୈତନ୍ୟ ବାଗ

ନୂଆ ଚଉ୍ ସଙ୍ଗେ ନୂଆ ଧାନ କୁରେ ପତରର ଦନା
ମିଲି ମିଶି ନୂଆ ଖାଏମା ଖୁସିରେ ବିତାମା ଦୁନଆ
ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥୀ
ପଡସି ନୂଆଖାଇ ତିଥୀ
କେତେ ଖୁସି କେତେ ମଜାନ ଆଏସନ
ବନ୍ଧୁବାନ୍ଧବ ଆଉ ଅତିଥୀ
ମା ସମଲେଇ ତୁଇ ସାହା, ଆମେ ଅଟୁ ତୋର ପିଲାଛୁଆ
ସଭକର ଦିନ ଖୁସି ତ ବିତୁ, ତୋର ପାଖେ ମାଁ ଗୋ ମାଗୁଛୁ ମୁଡିଆ ।
ବାର ମାସେ ତେର ପରବ, ଇଟା ପରେ ନୂଆଖାଇ ତିହାର,
ପଶ୍ଚିମ ଓଡିଶାର ଭାଇ ଭଏନ ମାନଙ୍କୁ
ମୋର ତରଫରୁ ନୂଆଖାଇ ଜୁହାର

ଚଚଆ, କଳାହାଣ୍ଡି (ଫଟୋ)

# ବିଦେଶ ଖବର

## Indians Celebrate Ganesh Chaturthi in Kingdom of Bahrain

Bahrain Odia Sama , Kingdom of Bahrain celebrated COVID-19 compliant GANESH Puja celebrations at the residence of the Founder Chairman Dr. Arun Kumar Praharaj. All the devotees were Covid-19 tested, sanitized and wearing masks before entering the premises. In view of the regulations and compliance , the number of devotees present were few as most of the devotees enjoyed the Puja through zoom webinar.

After Seven days of Ganesh Puja and thorough rituals this Friday 28th August 2020 Immersion Ceremony was carried out in the Persian Gulf with few executive members of Bahrain odia samaj and others viewed it via Zoom telecast.

Almighty Lord Ganesha was also wearing mask as a symbolic gesture to encourage the world at large scale to wear mask and protect each other which is the real need of the hour.

Dr. Praharaj said we used to celebrate all indian festivals with our traditional rituals before the outbreak of COVID-19 pandemic in Bahrain with the participation of Bahraini people too, Holi, Deepawali, Dashera etc. Last year we had celebrated Rathayatra of the Lord of the Universe - Lord Jagannath in Shree Nath Ji temple, Manama with the participation of more than 5000 devotees. During the prolonged COVID-19 pandemic also we have tried to preserve our cultural values without compromising the COVID-19 guidelines and strictly maintaining the safety regulations.

Dr Praharaj also said “I have lived in Bahrain for more than 23 years and I always feel Bahrain is a land of Love, Peace and Harmony. In the modern innovative and progressive Kingdom of Bahrain, religious freedom is enjoyed by all faiths which worship without hindrance and without fear.This freedom is very special to the outside world and we are very grateful to His Majesty’s The king of Bahrain and the ruling family for the inclusive and progressive leadership which is truly exemplary.

“The presence of religious leaders from around the world in Bahrain, Muslims, Christians, Hindus, Buddhists, Sikhs and Jews, is clear evidence that the Bahrain model of centuries old peaceful coexistence is the key to combating prejudices, discrimination, fear and ignorance and at the same time offering a simple, proven solution for harmony.

“We Indians love Bahrain and mutual respect between Bahraini and Indian people for each other is immense. Bahrainis accept this diversity as the correct

and normal way to live and this is why Bahrain is profusely respected worldwide. We sincerely pray to the Lord Ganesha to bless the Royal family and strengthen the "Indo-Bahrain - relationship" Dr Praharaj said.

Bahrain Odia Samaj Executive members Shri Subas Sahoo, Shri Ramesh Panigrahi, Shri Himanshu Taldi , Shri Amiya Swain , Mrs Snehanjali Panigrahi, Mrs Sunita Praharaj took special initiative to complete the formalities and arrange this program to keep our cultural values intact during these difficult times with the blessings of Lord Vigneshwara








संस्कृति

# ଶିଶୁ ବିଭାଗ



# ସପୁରୀର କଥା



ଡ଼ଃ ରଞ୍ଜିତ କୁମାର ସାହୁ

ତପୁ ବସି ଭାବୁଥାଏ ଉତ୍ତରଟିଏ । ସତରେ ସାନ କକା ଭାରି ସିଆଣିଆ । କଷ୍ଟ ପ୍ରଶ୍ନଟିଏ ପଚାରି ଦେଇ ଏକ ଏକା ଚାଲିଗଲେ ଯାତ୍ରା ଦେଖି । ବୋଉ କହିଲାରୁ ମଧ ଶୁଣିଲେ ନାହିଁ । ତପୁ ଗାଆଁରୁ ସହରକୁ ଯାଇଥାଏ ଦଶହରା ଛୁଟି ଲାଗି । କକାଙ୍କର ବାହାଘର ପ୍ରସ୍ତାବ ପଡିଛି ତେଣୁ ବୋଉ ଆସିଛି ବୁଝା ବୁଝି କରିବାକୁ । ତପୁ ଏକା ଘରେ ବସି ବୋର ହେଉଛି । ବୋଉ ଆଉ ଜେଜେମା କାମରେ ବ୍ୟସ୍ତ । କକାଙ୍କ ସହିତ ଯାହା ବୁଲାବୁଲି କରେ । ଆଜି କିନ୍ତୁ କକା କହିଲେ ତାଙ୍କ ସାଙ୍ଗ ମାନଙ୍କ ସହିତ କିଛି କାର୍ଯ୍ୟକ୍ରମ ଅଛି ତେଣୁ ତାକୁ ସାଥିରେ ନେଇ ପାରିବେ ନାହିଁ । କିନ୍ତୁ ତପୁ ଜିଦ ଧରିବାରୁ କକା ଗୋଟିଏ ସର୍ତ୍ତ ରଖିଲେ । ଯଦି ତପୁ ସିଏ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇଦେବ, ତାହା ହେଲେ କକା ତାକୁ ସାଥିରେ ନେବେ, ନ ହେଲେ ନାହିଁ । ତପୁ 'ହଁ' କହିବାରୁ କକା ସାଙ୍ଗେ ସାଙ୍ଗେ ପଚାରି ଦେଲେ, "ଆସିଛି ବିଦେଶରୁ ବୁଲୁଛି ଗାଆଁ ଗାଆଁ, ପତ୍ର ଉପରେ ଫଳ ଫଳୁଛି, ଫଳ ଉପରେ ପତ୍ର ସାଜୁଛି, କହିଦିଅ ତାହାର ନାଆଁ !"

ତପୁ କିଛି ଭାବି ପାରିଲାନି । କି ଅଜବ ପ୍ରଶ୍ନଟିଏ ସତରେ! ଆଉ କିଛି କହିବା ପୂର୍ବରୁ କକା ବାହାରି ଯାଇଥିଲେ, ତାଙ୍କ ସାଙ୍ଗ ମାନଙ୍କର କାର୍ଯ୍ୟକ୍ରମରେ ଯୋଗ ଦେବାକୁ । କିନ୍ତୁ ଯାଉ ଯାଉ କହିଥିଲେ, ଯଦି ତପୁ ଉତ୍ତର ପାଇ ଯାଏ, ମେସେଜ କଲେ ତାହା ପାଇଁ ରସଗୋଲା ନେଇ ଆସିବେ । ବୋଉକୁ ପଚାରିଲା ତପୁ ପ୍ରଶ୍ନଟି କିନ୍ତୁ ବୋଉ ବ୍ୟସ୍ତ ଥିଲା, ତେଣୁ ଏଡେଇ ଦେଲା । ରସଗୋଲା ତପୁର ପ୍ରିୟ, ତେଣୁ ତପୁ ଆରମ୍ଭ କଲା ନିଜର ଅନୁସନ୍ଧାନ ।

କଣ କରିବ ଭାବୁ ଭାବୁ, ତପୁ ଟାଇପ କରି ପକେଇଲା ଗୁଗୁଲରେ । ଗୁଗୁଲକୁ ସବୁ ଜଣା । ଉତ୍ତର ଦେଖିକ ଟିକଏ ଆଶ୍ଚର୍ଯ୍ୟ ହେଇଗଲା । ଫଳ ଉପରେ ପତ୍ର ଅଛି ଆଉ ପତ୍ର ଉପରେ ଫଳ ଅଛି, ସେଇଟା ତ ଠିକ, କନ୍ତୁ ଆସିଛୁ ବିଦେଶରୁ ବୁଲୁଛି ଗାଆଁ ଗାଆଁ ଭାଗଟିକୁ ବୁଝି ପାରିଲାନ । ମନ ହଉଥିଲା କକାଙ୍କୁ ମେସେଜ କରିଦେବ ସପୁରି ପଣସ ଉତ୍ତର ବୋଲି । କନ୍ତୁ ସ୍କୁଲରେ ଗୁରୁଜୀ କହିଛନ୍ତି, ଉତ୍ତର ଠିକ ଭାବରେ ଜାଣିଥିଲେ ମଧ୍ୟ, କହିଦେବା ପୂର୍ବରୁ ଥରେ ଭାବିବା ଉଚତ, କାରଣ ବେଳେ ବେଳେ ଆମକୁ ଲାଗେ ଆମେ ଠିକ ଉତ୍ତର ଜାଣିଛୁ କନ୍ତୁ ତାହା ଭୁଲ ହୋଇ ଥାଏ ।

ଏତିକ ବେଳକୁ ବାପା ଆସିଗଲେ ଆଉ ତପୁ ପଚରିଦେଲା ତାଙ୍କୁ ପ୍ରଶ୍ନଟି । ବାପା ହସିକ କହିଦେଲେ, 'ଆରେ ସପୁରି ପଣସ ଜାଣିନୁ**?**"

ତପୁ କହିଲା, "କନ୍ତୁ ଢଗର ଦ୍ୱିତୀୟ ଭାଗଟା ବୁଝି ହଉନ ।"

"ଆଜି ଆମର ଗାଆଁ ଆଉ ସହର ସବୁଠାରେ ସପୁରି ଏକ ଲୋକପ୍ରିୟ ଫଳ ରୂପରେ ପରିଚତ। କନ୍ତୁ ଏହା ପ୍ରଥମେ ଦକ୍ଷିଣ ଆମେରିକାରେ ଚାଷ କରା ଯାଇଥିଲା । ଇଉରୋପିୟ ମାନଙ୍କ ଦ୍ୱାରା ଏହାର ସବୁ ଆଡେ ପ୍ରସାର ହୋଇଥିଲା । ତେଣୁ ଏହା ବିଦେଶରୁ ଆସି ମଧ୍ୟ ଆଜି ଗାଆଁ ଗାଆଁରେ ଜଣା ଶୁଣା," ବାପା ଉତ୍ତର ଦେଲେ ।

"ଓଃ, କନ୍ତୁ ମୋତେ ଲାଗୁଥିଲା ଏହା ଭାରତୀୟ ମୂଳର ବୋଲି," ତପୁ ଉତ୍ତର ଦେଲା ।

"ସ୍ୱାଭାବିକ କଥା," ବାପ ଉତ୍ତର ଦେଲେ, "ଆଜି ପାଚଲା ସପୁରି ଫଳ ହେବା ବ୍ୟତୀତ ଅନେକ ପ୍ରକାର ସର୍ବତ, ଜାମ ଇତ୍ୟାଦିରେ ବ୍ୟବହାର ହୁଏ । ଏହା ସହ ଏଥିରୁ ଦୈନନ୍ଦିନ ବ୍ୟଞ୍ଜନ ପ୍ରସ୍ତୁତ ହୁଏ, ଯେମିତ କ ସପୁରି ଖଟା । ତେଣୁ ଏହା ଆଉ ବିଦେଶୀ ହୋଇ ରହି ନାହିଁ," ବାପା ଉତ୍ତର ଦେଲେ। "ଆମ୍ଭେମାନେ ଅନେକ ସମୟରେ କୌଣସି ବସ୍ତୁ ବିଷୟରେ ଯେତିକ ଜାଣି ଥାଉ ସେତିକ ଯଥେଷ୍ଟ ନୁହେଁ । ପ୍ରତ୍ୟେକ ଜିନଷ ବିଷୟରେ ଅନେକ ରୁଚକର ତଥ୍ୟ ଥାଏ। ଜ୍ଞାନର ସୀମା ନାହିଁ ଏବଂ ପ୍ରତିଦିନ କଛି କଥା ଶିଖିବା ଆବଶ୍ୟକ ।"

"ହଁ ଯେ ସପୁରି ତ ଏତେ ଜଣା ଶୁଣା । ଏହାର ପ୍ରଜନନ ମଞ୍ଜି ଦ୍ୱାର୍ ନୁହେଁ, ପୁଆ ଦ୍ୱାର୍ କମ୍ବା ଫଳ ଉପରେ ଥିବା ଅଂଶ ଦ୍ୱାର୍ ହୁଏ, ଏହି କଥା ମୁଁ ଜାଣିଛି । ସପୁରିଟିଏ ଅନେକ ଫଳର ଏକତ୍ରିକରଣର ସ୍ୱରୂପ । ଅନେକ ଛୋଟ ଛୋଟ ଫଳ ଯୋଡି ହୋଇ ସପୁରୀଟିଏ ହୁଏ ! ତେଣୁ ଏହାକୁ ଉଦ୍ଭିଦ ବିଜ୍ଞାନୀ "ମଲ୍ଟିପ୍ଲ ଫ୍ରୁଟ" କୁହନ୍ତି !ଏଥିରେ ଭିଟାମିନ "ସି" ଅଛି ତେଣୁ ଯେତେ ଦୂର ସମ୍ଭବ ଏହାକୁ ପାଚଲା ଖାଇଲେ ଭଲ," ତପୁ କହିଲା ।



"ସେଇଟା ତ ସମସ୍ତେ ଜାଣନ୍ତି କନ୍ତୁ ସପୁରି ଗଛର ପତ୍ରରୁ ଯେଉଁ ତନ୍ତୁ ବାହାରେ ସେଥିରୁ ବସ୍ତ୍ର ମଧ୍ୟ ତିଆରି ହେଉଥିଲା ଫିଲିପାଇନ୍ସ ଦେଶରେ ଏବଂ ଏହା ଏକ ବୃହତ ଶିଳ୍ପ ଥିଲା ସେହି ଅଞ୍ଚଳର । ତେଣୁ ଭାବି ଦେଖ, ଦକ୍ଷିଣ ଆମେରିକାର ଉଦ୍ଭିଦଟିଏ କପରି ଏସିଆରେ ଆସି ଏକ ମହତ୍ୱପୁର୍ଣ ଫସଲ ଭାବରେ ସ୍ଥାପିତ ହୋଇଗଲା," ବାପା କହିଲେ ।

"ହଉ ସପୁରି ବିଷୟରେ ଅନ୍ୟ ତଥ୍ୟ ପରେ ଖୋଜିବି ଆଗ କକାଙ୍କୁ ଉତ୍ତରଟା ମେସେଜ କରିଦେବି, ତୁମ ଫୋନ ଦିଅ," ତପୁ କହିଲା ।



ମେସେଜ ପାଇବାର ଦୁଇ ମିନଟରେ କକାଙ୍କ ମେସେଜ ଆସିଗଲା, "ଠିକ ଉତ୍ତର, କୋଉ ସ୍ୱାଦର ରସଗୋଲା ଦରକାର? ଏହି ଦୋକାନରେ ଏବେ ନୂଆରେ ତିଆରି ହେଉଛି, ମେଙ୍ଗୋ, ପାଇନଆପେଲ, ଆପେଲ ଆଉ ଓରେଞ୍ଜ ସ୍ୱାଦ ବାଲା ରସଗୋଲା ।"
କଛି ଭାବିବା ପୂର୍ବରୁ, ତପୁ ଲେଖି ସାରିଥିଲା ପାଇନ ଆପେଲ !

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଭରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ରମେଶର ଫୋଟୋଗ୍ରାଫି ନଶା



ନୀଳମାଧବ ସାହୁ

ରମେଶ ଛୁଟିଦିନ କଟାଇବା ପାଇଁ ଅଜାଘରକୁ ଯାଇଥାଏ | ତା'ର ବୟସ ୧୪ ବର୍ଷ ହେବ| ବାପା ଓ ମା'ଙ୍କ ପାଖରେ ସବୁବେଳେ କଛି ନା କଛି ଅଳ କରୁଥାଏ ଓ ବହୁତ ଚଗଲ୍ ପିଲ୍ବି | କେବେ ରିମୋଟ ବାଲ୍ ଖେଳନା ତ କେବେ ପୁଣି ସାଇକେଲ ଅଳ କରେ| କନ୍ତୁ ଆଜି ଜିଦ କରିଛି ଗୋଟେ କ୍ୟାମେର୍ ପାଇଁ | ସବୁବେଳେ ଟେଲିଭିଜନରେ ଜୀବଜନ୍ତୁ ଫୋଟୋ ଓ ଭିଡ଼ିଓ ଦେଖି ତା'ର ବି ଇଛାହେଲ୍ ଗୋଟେ କ୍ୟାମେର୍ ଆଣିବାକୁ |

ରମେଶର ବାପା ଶ୍ୟାମବାବୁ ଚକତ ହେଇଗଲେ ଓ ମନେମନେ ଭ୍ବିଲେ ରମେଶକୁ କ୍ୟାମେର୍ କଣିବା କଥା ମୁଣ୍ଡକୁ ଆସିଲ୍ କେମିତି | "ତୁ ଏବେ ଛୋଟ ପିଲ୍ଟା ତୋର କ୍ୟାମେର୍ କଣ ଦରକାର, ତୁ ବଡହେଲେ ଆଣିବୁ ଏବେ ଭଲସେ ପାଠପଢେ," ଶ୍ୟାମବାବୁ ତାଙ୍କ ପୁଅକୁ କହିଲେ | ରମେଶ ଟିକେ ମନଦୁଃଖ କରି ମା'ଙ୍କ ପାଖକୁ ଗ୍ଲିଗଲ୍ |



"ଆଜି ତତେ କ୍ୟାମେରାବାଲାଙ୍କ ପାଖକୁ ବୁଲେଇ ନେବି, ତୁବି ଦେଖିବୁ ସେମାନେ କପରି କ୍ୟାମେରା ବ୍ୟବହାର କରୁଛନ୍ତି," କଛି ସମୟପରେ ରମେଶର ଅଜା ରମେଶକୁ କହିଲେ | ତାପରେ ରମେଶ ଟିକେ ଖୁସିହେଲା ଓ ବାହାରି ପଡିଲା ଅଜାଙ୍କ ସହ |

ରମେଶଙ୍କ ଅଜାଙ୍କ ଘର ଭେଟ ନଇପାଖରେ ଅଟେ | "ବର୍ଷସାରା ଏଠି ଓ୍ଵାଇଲ୍ଡଲାଇଫ ଫୋଟୋଗ୍ରାଫରଙ୍କ ସମାଗମ ହୋଇଥାଏ, ତା'ର ମୁଖ୍ୟ କାରଣ କଣ ଜାଣିଛୁକ ରମେଶ" ଅଜା ରମେଶକୁ ପଚାରିଲେ | ରମେଶ କହିଲା," ଅଜା ଏଠି କୃଷ୍ଣସାର ମୃଗ ଦେଖାଯାନ୍ତି ନା|" "ହଁ ଠିକ କହିଲୁ" ଅଜା ରମେଶକୁ କହିଲେ | "ଆମ ଗାଁରେ ଲୋକମାନେ ଏହାକୁ ବାଲିହରିଣ ଓ କଳା ବାହୁଟିଆ ବୋଲି ମଧ କହନ୍ତି" ଅଜା ରାସ୍ତାରେ ଯିବା ସମୟରେ ଜଣାଉଥିଲେ | ଭେଟନଇ ଓଡ଼ିଶାର ଗଂଜାମ ଜିଲ୍ଲାରେ ଅବସ୍ଥିତ ଓ କୃଷ୍ଣସାର ମୃଗ ଗଞ୍ଜାମର ଗର୍ବ ଅଟେ |




ରମେଶ ସେହି ମୃଗମାନଙ୍କୁ ଭଲଭାବେ ଦେଖୁଥାଏ | "ଅଜା, ଏହି ମୃଗମାନେ ଦୁଇଟି ରଙ୍ଗର, କଳା ଓ ମାଟିଆ କଣପାଇଁ ଅଛନ୍ତି" ରମେଶ ଅଜାଙ୍କୁ ପଚାରିଲା | ଅଜା କହିଲେ ଯେ, ସେମାନଙ୍କ ଶରୀରର ଉପରଭାଗ ମାଟିଆରଙ୍ଗର ହୋଇଥିବା ବେଳେ ତଳଭାଗ ଧଳାରଙ୍ଗ ରହୋଇଥାଏ | ଅଣ୍ଡିରା ମୃଗ ଗୁଡିକ ୨ ବର୍ଷ ବଡ ହେବାପରେ ଉପରଭାଗ ଧୀରେଧୀରେ କଳାରଙ୍ଗକୁ ପରିବର୍ତ୍ତନ ହୋଇଥାଏ କନ୍ତୁ ତଳଭାଗ ଧଳାହିଁ ଥାଏ ଓ କଳା ରଙ୍ଗର କୁଣ୍ଡଳତ ତୀକ୍ଷ୍ଣ ସିଙ୍ଗ ବଢିଥାଏ |

କିଛି ସମୟପରେ କେତୋଟି ଗାଡି ଆସି ମୃଗ ବିଚରଣ କରୁଥିବା ସ୍ଥାନରେ ପହଁଚିଲା । ସେଥିରେ ଫୋଟୋଗ୍ରାଫରମାନେ ଆସିଥିଲେ ଓ ସନ୍ଧ୍ୟା ସମୟ ଯାଏଁ ରହି ଫୋଟୋ ଉଠାଉଥିଲେ । ରମେଶ ଅଜାଙ୍କସହ ସେମାନଙ୍କ ପାଖକୁ ଯାଇ କ୍ୟାମେରା ଗୁଡିକୁ ଭଲଭାବେ ଦେଖିଲା ଓ କେମିତି ଫୋଟୋ ଉଠାନ୍ତି ଆଉ କିଛିକିଛି ଶିଖିଲାବି । ରମେଶର ଖୁସି କହିଲେ ନ ସରେ । "କିଛିବର୍ଷ ପରେ ମୁଁବି କ୍ୟାମେରା ଆଣି ଏମିତି ଫୋଟୋ ଉଠେଇବି" ରମେଶ ଅଜାଙ୍କୁ କହୁଥାଏ ।



ରମେଶ ଫେରିବା ସମୟରେ କିଛି ଗବେଷକମାନଙ୍କୁ ବି ଦେଖିଲା । ସେମାନେ କୃଷ୍ଣସାର ମୃଗର ଆଚରଣକୁ ଅନୁଧ୍ୟାନ କରୁଥାନ୍ତି । ରମେଶର ଅଜା ରମେଶକୁ ଧରି ସେମାନଙ୍କ ପାଖକୁ ନେଲେ ଓ ସେମାନେ କୃଷ୍ଣସାର ମୃଗ ବିଷୟରେ ଆଲୋଚନା କଲେ । ଗବେଷକମାନେ ବହୁତକିଛି ତଥ୍ୟ ରମେଶ ଆଉ ତା' ଅଜାଙ୍କୁ କହିଲେ । ସେହି ମୃଗକୁ ଇଂରାଜୀରେ ବ୍ଲାକବକ ବୋଲି କୁହନ୍ତି ଓ ସେମାନେ ଅଣ୍ଟିଲୋପ ପ୍ରଜାତିର ଅଟନ୍ତି । ସେମାନେ ସାଧାରଣତଃ ଜଙ୍ଗଲ ପାଖ ଘାସଜମି, ପଡିଆ ଓ କୃଷିଜମି ଇତ୍ୟାଦି ସ୍ଥାନରେ ଦେଖାଯାନ୍ତି । ଶିକାରୀମାନଙ୍କ ଶିକାର ଯୋଗୁଁ ସେମାନଙ୍କ ସଂଖ୍ୟା ଧୀରେଧୀରେ କମିଯାଇଛି, କିନ୍ତୁ ଏବେ ସରକାରଙ୍କ ବିଭିନ୍ନ ନିୟମ ଓ ଯୋଜନାଦ୍ୱାରା ସେମାନଙ୍କ ସଂରକ୍ଷଣ ପ୍ରତି ଧ୍ୟାନ ଦିଆଯାଉଛି । ଚିତା ପରେ କୃଷ୍ଣସାର ମୃଗ ବିଶ୍ୱରେ ସବୁଠୁ କ୍ଷିପ୍ରବେଗରେ ଦୌଡି ପାରୁଥିବା ପ୍ରାଣୀ ଅଟେ ଓ ସେ ଘଣ୍ଟାକୁ ପ୍ରାୟ ୮୦ କିମି ବେଗରେ

ଦୌଡେ । ପାଣିର ଅଭାବରେ ବି ସେମାନେ ଦୁଇଦିନରୁ ସପ୍ତାହେ ପର୍ଯ୍ୟନ୍ତ ଚଳପାରନ୍ତି । ଏହି କୃଷ୍ଣସାର ମୃଗ ବିରଳ ପ୍ରଜାତିର ଅଟେ । ତେଣୁ ଏହାପ୍ରତି ବିଶେଷ ଧ୍ୟାନ ଦିଆଯାଏ।

ଭେଟ ନଇଠାରେ ପ୍ରଥମେ ନ'ଅଙ୍କ ଦୁର୍ଭିକ୍ଷ ପରେ କୃଷ୍ଣସାର ମୃଗମାନଙ୍କ ଆଗମନ ହୋଇଥିଲା ବୋଲି ଜଣାଯାଏ । ମୃଗମାନେ ଆସିବା ଫଳରେ ବର୍ଷା ହୋଇଥିଲା ଓ ଶସ୍ୟ ଅମଳ ହୋଇଥିଲା ବୋଲି ଲୋକମାନେ ତାକୁ ଶୁଭ ମାନନ୍ତି । ମୃଗମାନେ ମୁଖ୍ୟତଃ ଘାସ ଖାଆନ୍ତି ଓ ବେଳେବେଳେ ଶସ୍ୟ ଖାଇଗଲେବି ଲୋକେ ତାକୁ କ୍ଷତି ପହଞ୍ଚାନ୍ତି ନାହିଁ । ଜଙ୍ଗଲ ବିଭାଗ ଓ ସ୍ଥାନୀୟ ଲୋକମାନଙ୍କ ମିଳିତ ଅଭିଯାନରେ ଭେଟନଇରେ କୃଷ୍ଣସାର ମୃଗର ସଂରକ୍ଷଣ କରାଯାଉଛି । ସେମାନଙ୍କ ବଂଶ ବିସ୍ତାର କ୍ଷିପ୍ରବେଗରେ ବୃଦ୍ଧି ପାଇବାରେ ଲାଗିଛି ।

ମଣିଷମାନଙ୍କ ସହ ଜୀବଜନ୍ତୁମାନେ ମଧ୍ୟ ପୃଥିବୀରେ ରହିବାର ଅଧିକାର ଅଛି ତେଣୁ ସେମାନଙ୍କ ବାସସ୍ଥାନକୁ ଆମକୁ ନଷ୍ଟ କରିବାକୁ ହେବନି ଓ ସଂରକ୍ଷିତ ରଖିବାକୁ ହେବ ବୋଲି ଗବେଷକମାନେ କହିଲେ । ଶେଷରେ ବହୁତକଛି ବିଷୟ ଜାଣି ରମେଶ ଅଜାଙ୍କ ସହ ଘରକୁ ଫେରିଲା ।

ସମରଝୋଳ, ଗଂଜାମ, ଓଡିଶା

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଶରତ ଗୀତ



ସତ୍ୟବ୍ରତ ସାହୁ

ବରଷା ଯାଇଛି ଶରତ ଆସିଛି ଗ୍ଭଜୁତି କରୁଛି ଧଗ୍ଭପରେ,
ଧରଣୀ ମା ତାକୁ ସ୍ୱାଗତ କରିଛି ଖୋସି କାଶତଣ୍ଡି ତା ଗଭ୍ଭରେ ।୧।
ଫୁଟିଛି ପଦୁଅଁ, କଇଁ ଓ ଶେଫାଳୀ ଶରତର ପ୍ରୀତି ଛୁଆଁ ପାଇ,
ସବୁଜିଆ ଧାନ ହସଇ କ୍ଷେତରେ ଗ୍ଭଷୀ ଭାଇ ମୁଖେ ହସ ଦେଇ ।୨।
ନଈ ପାଣି ଆଉ ଗୋଳଆ ଦିଶୁନ ଆସୁନାହିଁ ଆଉ ନଈବଢ଼ି,
ଘମାଘୋଟ ଆଉ ମେଘ ଉଠାଉନ ଶୁଭୁନ ଶବଦ ଘଡଘଡି ।୩।
ସତେକ ଲ୍ଗୁଛି ଧଗ୍ଭ ଘୋଡାଇଛି ସବୁଜିଆ ଏକ ଗ୍ଭଦରଟି,
ଆହାକ ସୁନ୍ଦର ଦିଶେ କ୍ଷେତମାଳ ଧାନ ଗଛେ ବାୟୁ ହେଲେ ପିଟି ।୪।
କାଚକେନ୍ଦୁ ନଦୀ ଜଳରେ ଦିଶୁଛି ଉଡୁଥିବା ପକ୍ଷୀ ପ୍ରତିଛବି,
ଯିଏ ନଦେଖିଛି ଦେଖିନଅ ଥରେ ଶୋଭା ତା ଜାଣିଛି ଅନୁଭବୀ ।୫।
ଧରଣୀବାସୀଙ୍କୁ ଭେଟିଦେବ ବୋଲି କେତେ ପରବକୁ ସାଥୀକରି,
ଏ ଧଗ୍ଭଧାମରେ ଶରତ ଆସିଛି ଦେଖାଉଛି ତାର ବାହାଦୁରୀ ।୬।
ଗଣେଷ ଚତୁର୍ଥୀ, ବିଶ୍ୱକର୍ମା ପୂଜା, ଭଗବତ ଜନ୍ମ ପରି ଓଷା,
ସହାସ୍ୟ ବଦନେ ଶରତ ଆଣିଛି ପୂଣ୍ୟ ମହାଳୟା ଅମାବାସ୍ୟା ।୭।
ସିଂହଧ୍ୱଜ ରଥେ ମା ବିରଜା ମୋ ମନ୍ଦିର ବୁଲିବେ ନଅ ଘେଗ୍ଭ,
ଶେଷକୁ ଆସିବ ମା ଦୁର୍ଗାଙ୍କର ବିଜୟ ଦିବସ ଦଶହଗ୍ଭ ।୮।
ବରଷା ଯାଇହି ଶରତ ଆସିଛି ହେମନ୍ତ ଆସିବ ଏହାପରେ
ଏମିତି ଗ୍ଭଲିଛି ଗ୍ଭଲିଥାଉ ସଦା ଋତୁ ବଦଳବା ଧଗ୍ଭପରେ ।୯।

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ପିଲାଏ ତୁମେ



ଅଜୟ କୁମାର ବେହେରା

ପିଲାଏ ତୁମେ
କେତେ ସରଳ
ମନଟି ତୁମ
ଭାରି ନିର୍ମଳ ।୧।

ମନରେ ରଖି
ସଦା ସରାଗ
କର୍ମ କରିବ
ନରଖି ରାଗ ।୨।

ତୁମ ହସରେ
ଦୁନିଆ ହସେ
ଫୁଲଟି ଫୁଟି
ଆହା କି ବାସେ ।୩।

ତୁମେ ତାରକା
ନୀଳ ଆକାଶେ
ଲୁଚେ ଅନ୍ଧାର
ତୁମ ସକାଶେ ।୪।

ନାଶି ଅନ୍ଧାର
କର ଆଲୋକ
ବିଧୁର ପ୍ରାଣେ
ଭର ପୁଲକ ।୫।

ହୋଇଣ ଧ୍ରୁବ
ସତ୍ୟ କହିବ
ଜ୍ଞାନ ବଳରେ
ଜୟ ହୋଇବ ।୬।

ମୋରଡ଼ା, ମୟୂରଭଞ୍ଜ

# ରୁମୁକୁ ଝୁମା ଝାଇଁ



ଅଧ୍ୟାପକ ଅଶୋକ ମହାରଣା

ରୁମୁକୁ ଝୁମା ଝାଇଁ....
ଆଈ ଭାଙ୍ଗୁଥିଲେ ବିଡିଆପାନ ଲୋ
ଅଜା ଛାଡିଦେଲେ ଢାଇଁ..... ।
ପଡିଗଲା ପାନ ଆଈର ହାତରୁ
ଅଜା ହୋଇଗଲେ ଖପା....
ଆଈକୁ ପିଟିଲେ ବଙ୍କୁଲୀ ବାଡିରେ
ଆଈ ମୁହଁ ହେଲା ବଙ୍କା..... ।
ଚମ୍ପି ଆଈ ଏଠି ରହିବନ ଆଉ
ଚାଲିଯିବ ବାପ ଘର....
ସଜାଡିଲା ଲୁଗା, ବାନ୍ଧିଲା ପେଟରା
ସିନ୍ଧୁକଟି କଲା ଦ୍ୱାର.. ।
ଆଈ ଶୋଇଥିଲେ ନଖାଇ ନପିଇ
ଗମ୍ଭୀରରେ ମୁହଁ ମାଡି....
ଅଜା ପଶିଗଲେ ସିନ୍ଧୁକ ଭିତରେ
ତାଲାଚାବି ସବୁ ଖୋଲି ।
ସକାଳୁ ସକାଳୁ ସିନ୍ଧୁକ ମୁଣ୍ଡାଇ
ଆଈ ଚାଲେ ବାପ ଘର....
ଅଜା ମୁତିଦେଲେ ଅଧାବାଟରେ ଲୋ
ଆଈ ଦେହ ସରସର... । ।
ଷୋରିଷ ତେଲଟା ଢଳଗଲା ବୋଲି
ଆଈ ମନ ଗରଗର....

ଘରେ ପହଚଂଲେ ଖର୍‌ମୁଣ୍ଡକୁ ଲୋ
ବେଢି ଗଲେ ବାପ ଘର.... ।
କ'ଣ ଆଣିଛ ଅପାହେ ଆମର
ତାଲ୍ ଗୃବି ଟିକେ ଖୋଲ....
କଣ ରଖିଛ ସିନ୍ଦୁକ ଭିତରେ ଝଅଟ ଦେଖବି ଗୃଲ... ।
ସିନ୍ଦୁକ ଗୃବିଟା ଖୋଲି ଦେଲେ ଆଇ
ଦେଖି ହେଲେ ଆବା କାବା...
ଅଜା ହଗିମୁତି ସିନ୍ଦୁକ ଭିତରେ
ବସିଛନ୍ତି ଭିଡି ଠେକା... ।
ହସି ଦେଲେ ଆଇ ମୁରୁକ ହସାଲେ
ଅଜା ମାରିଦେଲେ ଆଖି...
ନାତିନାତୁଣୀଏ ତାଳ ମାରିଦେଲେ
ଅଜାଆଇ ପ୍ରେମ ଦେଖି ।

ସା/ପୋ:ସିମିନଈ
ଜିଲ୍ଲା:ଢେଙ୍କାନାଳ-୨୫

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଭୁଲ ଓ ଅନୁତାପ



ବିରେନ୍ଦ୍ର ରାଜହଂସ

ସହରରେ ଥୀଲେ ଜଣେ ନୀତିବାନ ଶିକ୍ଷକ। ତାଙ୍କ ଛାନ୍ର ମାନଙ୍କୁ ନୀତିନଷ୍ଠ କରି ଗଢ଼ି ତୋଳବା ଥିଲ୍ ତାଙ୍କ ଲକ୍ଷ୍ୟ। ଦିନେ ତାଙ୍କର ପ୍ରିୟତମ ଛାନ୍ର ମିଛ କହି କଛି ବନ୍ଧୁଙ୍କ ସହିତ ବଣଭୋଜି କରିବାକୁ ଗ୍ଲିଗଲ୍ । କନ୍ତୁ ପରେ ଛାନ୍ରଟି ଅନୁତାପ ଜର୍ଜରିତ ହୋଇ ଶିକ୍ଷକଙ୍କ ଆଗରେ ସବୁ କଥା କହିଦେଲ୍ ।ଶିକ୍ଷକ ଜଣକ ଏହା ଶୁଣି ଦୁଃଖିତ ଓ କ୍ରୁଧାନ୍ୱିତ ହେଲେ ଏବଂ ଛାନ୍ରକୁ ଆଉ ତାଙ୍କ ପାଖକୁ ନ ଆସିବକୁ ଚରମବାଣୀ ଶୁଣାଇଦେଲେ। ଛାନ୍ରଟିକୁ କ୍ଷମା କରିବାକୁ ଆଦୌ ପ୍ରସ୍ତୁତ ନ ଥିଲେ।

ଏହାର କଛି ଦିନ ପରେ ଶିକ୍ଷକଙ୍କ ବାପା ତାଙ୍କ ଘରକୁ ବୁଲି ଆସିଲେ। ତାଙ୍କ ବାପାଙ୍କ ସହିତ ଗପୁ ଗପୁ ଶିକ୍ଷକ ଏ କଥାଟି ଉଠାଇ କହିଲେ ଯେ ନତିନଷ୍ଠ ଜୀବନକୁ ଗୁରୁତ୍ୱ ଦେଇ ସେ ଭ୍ରି କଡା ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ସେଇ ଛାନ୍ରଟିର ଉଦାହରଣ ଦେଇ ସେ କହିଲେ, ସେ ଥିଲ୍ ମୋର ସବୁଠାରୁ ପ୍ରିୟ । କନ୍ତୁ ସେ ଯାହା କଲ୍ ସେଥିରେ କ୍ଷମାଲ୍ଭ କରିବାର ଯଗ୍ୟତା ହାର୍‌ଇଲ୍ ।

ଏ କଥା ଶୁଣି ବାପା କହିଲେ ,ତୁମେ କନ୍ତୁ ଏ ପ୍ରକାର ନଷ୍ପତ୍ତି ନେଇ ଭୂଲ କରିଛ। ଶିକ୍ଷକ ଏହା ଶୁଣି କହିଲେ-ବାପା, ନୈତିକ ଜୀବନ ଯାପନ କରିବାର ଶିକ୍ଷା ଯଦି ମୁଁ କାହା ଠାରୁ ପାଇଥାଏ, ସେ ହେଉଛନ୍ତି ଆପଣ । ଅଥଚ ଆପଣ ମୋ ଠାରେ ତ୍ରୁଟି ଦେଖୁଛନ୍ତି**?**

ଏ କଥା ଶୁଣି ବାପା କହିଲେ -ବାବୁ ତୁମେ ବି ପିଲ୍ ଦିନେ ଜଣେ ସାଧାରଣ ବାଳକ ଥିଲ। ତୁମେ ବି ଭୁଲ କରୁଥିଲ ଏବଂ ସେଥିପାଇଁ ଅନୁତାପ କରି ନଜକୁ ସଜାଡୁଥିଲ । ଅନୁତାପର ନଆଁ ରେ ନ ଜଳଲେ ଜଣେ ଖାଣ୍ଟି ହେବ ବା କେମିତି**?** କନ୍ତୁ ତୁମେ ନଜ

ଛାତ୍ରମାନଙ୍କ ଠାରୁ ଏକା ଥରକେ ଚରମ ନୈତିକତା ଆଶା କରୁଛ? ପିଲାରୁ ବଡ଼ ହେବା ଭିତରେ ତୁମେ ଯେଉଁ ବାଟ ଦେଇ ଯାଉଛ, ତାହା ଭୁଲି ଯାଅ ନାହିଁ। ସେଇ ବାଟରେ ନିଜ ପିଲାମାନଙ୍କୁ ମଣିଷ କର।

"ଭୁଲ ପ୍ରଶ୍ନର କୌଣସି ଠିକ ଉତ୍ତର ନଥାଏ"

ଗାଳ୍ପିକ - ବିରେନ୍ଦ୍ର ରାଜହଂସ
ସ୍ଥାନ - ବିରାମ ଚନ୍ଦ୍ର ପୁର, ବୌଦ୍ଧ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗୁଣ୍ଡୁଚ ମୂଷା



ରୋହିତ ସେଠୀ

ଗୁଣ୍ଡୁଚ ମୂଷାର ଗୁଣ୍ଡୁଚ ମୂଷା
ଡର ନାହିଁ ତୋର ଖରା ବରଷା ।।

ଲଙ୍କାକୁ ହଲାଇ ଯାଉତୁ ଧାଇଁ
ଅଙ୍କୁର ପିଜୁଳ ଦେଉତୁ ଖାଇ ।।

ଆଖି ପିଛୁଳାକେ କୁଆଡ଼େ ଯାଉ
ଏଇଠି ନହେଲେ ସେଇଠି ଥାଉ ।।

ନୟନ ତୋହର ଚଳ ଚଞ୍ଚଳ
ଡିଆଁ ମାରି ମାରି ଖେଳୁ ତୁ ଖେଳ ।।

ତ୍ରେତୟା ଯୁଗରେ ରାମଚନ୍ଦର
ଟାଣିଥିଲେ ତୋର ପିଠିରେ ଗାର ।।

ସେତୁ ବନ୍ଧ ବେଳେ ସାହାଯ୍ୟ କଲୁ
ପ୍ରଭୁ ଶ୍ରୀ ରାମଙ୍କ ମନ ଜିଣିଲୁ ।।

କେଡ଼େ ଭାଗ୍ୟ ତୋର ଗୁଣ୍ଡୁଚ ଭାଇ
ରଘୁବୀର ତୋତେ ନେଲେ କୋଳେଇ ।।

ଯୁଗେ ଯୁଗେ ଯଶ ରଖିଲୁ ତୁହି
ହୃଦୟରେ ବଡ଼ ପ୍ରମାଣ ଦେଇ ।।

ଖଜୁରୀ ଗଛରେ କରୁ ତୁ ବସା
ଗୁଣ୍ଡୁଚ ମୂଷାରେ ଗୁଣ୍ଡୁଚ ମୂଷା ।।

ଶିକ୍ଷକ
ଦୁତୀମେଣ୍ଡି, ମଲିକସାହି
ଖଜୁରୀପଡା, କନ୍ଧମାଳ

# ଚିତ୍ର



ରିୟାନ୍ସ ପଣ୍ଡା



CS Scanned with CamScanner

ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବାଙ୍ଗାଲୋର

# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୦/୨୦୨୦ | ଆଶ୍ୱିନ ମଳ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |
| ୦୨/୧୦/୨୦୨୦ | ଗାନ୍ଧୀଓ ଶାସ୍ତ୍ରୀଙ୍କ ଜୟନ୍ତୀ |
| ୧୩/୧୦/୨୦୨୦ | ପୁରୁଷୋତ୍ତମ ଏକାଦଶୀ |
| ୧୫/୧୦/୨୦୨୦ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୧୬/୧୦/୨୦୨୦ | ଅମାବାସ୍ୟା |
| ୧୭/୧୦/୨୦୨୦ | ତୁଳା(ଗର୍ଭଣା) ସଂକ୍ରାନ୍ତି, ଶ୍ରୀଦୁର୍ଗା ଦେୟାଃ ନବଦିନାତ୍ମକ ପୂଜାରମ୍ଭଃ |
| ୨୦/୧୦/୨୦୨୦ | ନତଃ ପଞ୍ଚମୀ ଓ ବିରଳା ଦେବୀଙ୍କ ପଞ୍ଚମୀ ହୋମ |
| ୨୩/୧୦/୨୦୨୦ | ପୀଠେ ମହାଷ୍ଟମୀ, ଦୁର୍ଗାବ୍ରତ, ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା |
| ୨୪/୧୦/୨୦୨୦ | ପୀଠେ ମହାନବମୀ ମୃଣୟୀ ଦେବୀନ ଅଷ୍ଟମୀ ପୂଜା ଓ ସନ୍ଧିପୂଜା |
| ୨୫/୧୦/୨୦୨୦ | ପୀଠେ ଦଶହର୍‌, ବିଜୟା ଦଶମୀ, ମୃଣୟୀ ଦେବୀଙ୍କ ନବମୀ ପୂଜା ଓ ସୋମନାଥ ବ୍ରତ ଉଦଯାପିତ |
| ୨୬/୧୦/୨୦୨୦ | ଶ୍ରୀମନ୍ଦିରେ ଓ ମୃଣୟୀ ଦେବୀଙ୍କ ଦଶବର୍‌ |
| ୨୭/୧୦/୨୦୨୦ | ଭଷାଣି ଯାତ୍ରା, ଗୋଷାଣୀ ଯାତ୍ରା, ପାପାଙ୍କୁଶା ଏକାଦଶୀ |
| ୨୩୦/୧୦/୨୦୨୦ | ଗଜଲକ୍ଷ୍ମୀ ପୂଜା |
| ୩୧/୧୦/୨୦୨୦ | କୁମାର ଉତ୍ସବ ଓ ଚନ୍ଦ୍ରପୂଜା |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ। ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ। ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



କଷି ଆମ୍ବ ନସି ବାସିପଖାଳ
ସଂଗେ ବଡିଚୂର୍ଣ୍ଣ କରେ ପାଗଳ
ବଡି ବାଇଗଣ ଆମ୍ବୁଲ ପାଣି,
ଆମ୍ବ ଖଟା, ସଢା, ଆମ୍ବ ଚଟଣୀ
ମନକୁ ସନ୍ତୋଷ ଦିଏ,
ଆମ୍ବ ରସ ସାଥେ ଗରମ ମୁଢିର
ସୁଆଦ କଳବ କଏ?

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

ସମୟର ଚକ୍ର ଗଡ଼ି ଗଡ଼ି ଯାଏ,
ଜୀବନ ର ଶୈଳୀ ରଂଗୀନ ଦିଶେ,
ଯନ୍ତ୍ର ଜଗତ ର ଯାନ୍ତ୍ରିକ ଜୀବନେ
ପୁରାତନ ଯାଇ ନୂତନ ଆସେ।
ରକ୍ତ ର ମଣିଷ ଯନ୍ତ୍ର ବନଯାଏ,
ଭାବର ଅଭାବ ଦାରୁଣ ଦିଶେ,
ଯନ୍ତ୍ର ହିଁ ଜୀବନ, ଯନ୍ତ୍ର ର ଶରଣ,
ଶିଳ-ଶିଳୁପୁଆ ଘର କୋଣରେ ରହେ।

**ବିଜେତା: ମୀନାକ୍ଷି ପାଢ଼ୀ, ଥାନେ, ମହାରାଷ୍ଟ୍ର**

ମାଆ ହାତ ଶିଳବଟା ବେସର ତିଅଣ
ଶିଳବଟା ବିରିପିଠା ଝୁରେ ସଦା ମନ।
ବୁଧେଇ ଓଷା ଅବା ହେଉ ଷଷ୍ଠୀ ପୂଜା
ବାହା ପରବରେ ଶିଳ ପୁଆ ଆଗେ ଖୋଜା।
ଯତନର ଯୋଗେ କାମ ସିନା ହୁଅଇ ସଅଳ
ପରମ୍ପରା ସାଥେ ଯୋଡି ହୋଇଅଛି ଶିଳ।

**ପୁଷ୍ପଲତା ବେହେରା, ରାଉରକେଲା, ଓଡିଶା**

ତିଅଣ ସୁଦ ବେସର ବଟା
ବ୍ୟଞ୍ଜନ ପ୍ରସ୍ତୁତି ଆଇଁଷ ଖଟା
ଭଜା ରସା କେତେ ମିଠା
ହାତ ଯାଦୁଗରୀ ଘାଣ୍ଟ ତରକାରୀ
ଶିଳପୁଆ ବିନେ ସିଠା।

**ମନୋରଞ୍ଜନ ସୁରୁଜାଲ, ଅଇଁଲାପାଲି, ଧମା, ସମ୍ବଲପୁର**

ପଥର ଦିଟା ନାଁ ତାର
ଶିଳ ଓ ଶିଳ ପୁଆ
ବାହା-ପୁଆଣି, ସାବିତ୍ରୀ, ଷଷ୍ଠୀ

ସବୁ ପୂଜାରେ ଲାଗେ ସେ
ସେଥିରେ ବାଟି ଖାଇଲେ ପିଠା
ପାଟିକୁ ଲାଗେ ମିଠା
ତାହିଁରେ ମସଲା ବାଟି ତରକାରୀ କଲେ
ବେସର, ମହୁର, ଘାଣ୍ଟ
ସୁଆଦ ଦିଗୁଣବଢେ
ଶ୍ରୀମନ୍ଦିର ରୋଷଶାଳେ
ତାର ଆଦର କାହିଁରେ କଣ !

କୀର୍ତ୍ତି ଦେବୀ, ସିଭିଲ୍ ଟାଉନ୍ ସିପ୍, ରାଉରକେଲା

ଗ୍ରାଇଣ୍ଡର ଆସିବା ପରଠୁ
ଏବେ ପ୍ରାୟ ଏ ଲୁପ୍ତକାୟ, ,
ଦିନଥିଲା କନ୍ତୁ
ପ୍ରତି ଓଡିଆଙ୍କ ଘରେ ଘରେ
ପେସିବାକୁ ସମସ୍ତ କାର୍ଯ୍ୟେ
ଥିଲା ଏ ବ୍ୟବହାରର ଅଙ୍ଗଟିଏ
ନହାତି ଅପରିହାର୍ଯ୍ୟ ।

ବାଙ୍କବିହାରୀ ମହାକୁଳ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ । ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**